# ବ୍ରତ ସାହିତ୍ୟ

odia.org

ଓଡ଼ିଶା ସାହିତ୍ୟ ଏକାଡେମୀ

# ବ୍ରତ ସାହିତ୍ୟ

ଓଡ଼ିଶା ସାହିତ୍ୟ ଏକାଡ଼େମୀ

ଭୁବନେଶ୍ୱର - ୧୪

# ବ୍ରତ ସାହିତ୍ୟ

ଲେଖକ - ଅଧ୍ୟାପକ ଅରବିନ୍ଦ ପଟ୍ଟନାୟକ

ପ୍ରକାଶକ - ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର - ୧୪

ପ୍ରଥମ ପ୍ରକାଶ - ୧୯୮୨

ମୁଦ୍ରଣ - ଶ୍ରୀ ଜଗନ୍ନାଥ ପ୍ରେସ୍, ଇଉନିଟ୍-୩, ଭୁବନେଶ୍ୱର-୧

ମୂଲ୍ୟ - ଟ ୨୫/— ( ପଚିଶି ଟଙ୍କା )

# BRATA SAHITYA

Writer — Shri Aurobindo Pattanaik

Published by — Orissa Sahitya Akademi
Bhubaneswar - 14

First Publication — 1982

Printed at — Shree Jagannath Press
Unit-III, Bhubaneswar-1

Price — Rs. 25/—
(Rupees Twenty five o

# ଭୂମିକା

"ବ୍ରତ ସାହିତ୍ୟ" ଏକ ଅଭିନନ୍ଦନୀୟ ସଙ୍କଳନ । ଏଥିରେ ଓଡ଼ିଶାର "ହିନ୍ଦୁ" ସମାଜରେ ଲୋକାଚାର ସ୍ତରରେ ପାଳିତ ହେଉଥିବା ବିଭିନ୍ନ ବ୍ରତ ଓ ଓଷାର ସାମାଜିକ ତଥା ପୌରାଣିକ ପୃଷ୍ଠଭୂମି ଆଲୋଚିତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ବ୍ରତ ଓ ଓଷାର ବିବରଣୀ ପ୍ରଦତ୍ତ ହୋଇଅଛି ।

ବ୍ରତ ଓ ଓଷା ମଧ୍ୟରେ ବସ୍ତୁତଃ କୌଣସି ପାର୍ଥକ୍ୟ ନାହିଁ । ବ୍ରତ ଓଷାର ସଂସ୍କୃତାୟିତ ନାମ ବ୍ୟତୀତ ଅନ୍ୟ କିଛି ନୁହେଁ । ଉଭୟ ବ୍ରତ ଓ ଓଷା ମୁଖ୍ୟତଃ କୁଳନାରୀମାନଙ୍କ ଦ୍ୱାରା ପ୍ରତି ପରିବାରରେ ପାଳିତ ହୋଇଥାଏ । ଏଥିରେ ରହିଥାଏ କିଛିଟା ଉତ୍ସବ ବା ପାର୍ବଣର ସୂଚନା କିନ୍ତୁ ଦୋଳୋତ୍ସବ ବା ଦଶହରା ଉତ୍ସବ ପରି ଏଥିରେ ସାର୍ବିକ ସାମାଜିକ ସମ୍ପୃକ୍ତି ନଥାଏ । ଏହା ଏକାନ୍ତ ଭାବରେ ପାରିବାରିକ ।

ବ୍ରତ ବା ଓଷାରେ ତତ୍ତ୍ୱଦର୍ଶୀ ଆଧ୍ୟାତ୍ମିକ ଚେତନାର କୌଣସି ଇଙ୍ଗିତ ଅଥବା ଜଟିଳ ପୂଜା ପଦ୍ଧତି ନଥାଏ । କ୍ୱଚିତ୍ ଏଥିପାଇଁ ପୂଜକମାନଙ୍କର ମଧ୍ୟ ପ୍ରୟୋଜନ ପଡ଼ିଥାଏ, ଯଦ୍ୟପି ସମ୍ପ୍ରତି କୌଣସି କୌଣସି ଓଷା ବ୍ରତରେ କ୍ରମେ ଏମାନଙ୍କର ସଂକ୍ରମଣ ଘଟିଲାଣି । ଓପେଇତି ବା ବ୍ରତଚାରିଣୀମାନେ ଏଥିରେ ପୂଜକର ଭୂମିକା ଗ୍ରହଣ

କରିଥାନ୍ତି । ମୋଟ କଥା — ଏ ବ୍ରତ ବା ଓଷା ସବୁ ଲୌକିକ, ପାରମ୍ପରିକ — ଯଦ୍ୟପି ପରବର୍ତ୍ତୀ କାଳରେ ପୁରୋହିତମାନେ ଏହାକୁ ପୁରାଣମାନଙ୍କରେ ପୌରାଣିକ ପୃଷ୍ଠଭୂମିରେ ସଂସ୍କୃତାର୍ପିତ କରିବାର ଉଦ୍ୟମ କରିଅଛନ୍ତି ।

ଏହି ଓଷା, ବ୍ରତ ମାନଙ୍କର ପଞ୍ଜର ସ୍ୱରୂପ—ଏକ ଆଖ୍ୟାୟିକା ରହିଥାଏ, ଯେଉଁଥିରେ ଆର୍ତ୍ତ, ପୀଡ଼ିତର ଆର୍ତ୍ତି ମୁକ୍ତି ହେଲା ପ୍ରଧାନ ଉପଜୀବ୍ୟ । ସାଧାରଣତଃ ଶିବ ପାର୍ବତୀ ଏହି ଆଖ୍ୟାୟିକା ମାନଙ୍କରେ ଆର୍ତ୍ତି ନିବାରକ ରୂପେ ଆବିର୍ଭୂତ ହୋଇଥାନ୍ତି । କ୍ୱଚିତ କୌଣସି ବୈଦିକ ଦେବଦେବୀଙ୍କର ଆବିର୍ଭାବ ଏଥିରେ ଲକ୍ଷ୍ୟ କରାଯାଇ-ଥାଏ । ଏଥିରେ ଅନୁମାନ କରିବା ଅସଙ୍ଗତ ହେବ ନାହିଁ ଯେ, ଆର୍ଯ୍ୟେତର ସମାଜରେ ପ୍ରଚଳିତ କେତେକ ଧାର୍ମିକ ବିଶ୍ୱାସ ଓ ବ୍ରତାଚାର ବା ଧର୍ମାଚାର, କାଳକ୍ରମେ ହିନ୍ଦୁ ସମାଜରେ ସଂକ୍ରମିତ ହୋଇଅଛି । ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତିର ଇତିହାସ ଅନୁଧ୍ୟାନ କଲେ ଦେଖାଯିବ ଏହା କୌଣସି ବୈଦିକ ଋଷି ବା ମନ୍ତ୍ରଦ୍ରଷ୍ଟାଙ୍କ ଆଶ୍ରମରେ ଜନ୍ମଲାଭ କରି ନାହିଁ । ନିବିଡ଼ ଅରଣ୍ୟ ଗହ୍ୱରରେ ଆର୍ଯ୍ୟେତର ସମାଜରେ ଜନ୍ମଲାଭ କରି ବୈଦିକ ବା ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତିକୁ ଏହା ପ୍ରଭାବିତ କରିଅଛି । ବୃକ୍ଷ ପୂଜା, ଶିଳା ପୂଜା, ସର୍ପ ପୂଜା ଠାରୁ ଆରମ୍ଭ କରି ଲିଙ୍ଗ ପୂଜା ଓ ମାତୃମୂର୍ତ୍ତି ପୂଜା ପର୍ଯ୍ୟନ୍ତ, ବିଭିନ୍ନ ହିନ୍ଦୁ ଆଧ୍ୟାତ୍ମିକ ଆଚାର ଓ ତାହାକୁ କେନ୍ଦ୍ର କରି ଗଢ଼ି ଉଠିଥିବା ତନ୍ତ୍ର-ମାନଙ୍କରେ ଏହି ଆଭିମୁଖ୍ୟ ପରିଲକ୍ଷିତ ହୋଇଥାଏ । ବସ୍ତୁତଃ ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତି ଆର୍ଯ୍ୟେତର ଆଧ୍ୟାତ୍ମିକ ସଂସ୍କୃତିର ଭିତ୍ତିଭୂମି ଉପରେ ଏକ ଆବରଣ ବା ଆଭରଣ (Super structure)

ମାନ । ଏହି ଓଷାମାନ ଏହାର ସାକ୍ଷ୍ୟ ବହନ କରିଥାଏ । ଉଦାହରଣ ସ୍ୱରୂପ କୁକ୍‌କୁଟୀ ବ୍ରତ । ଲେଖକ (ପୃ ୪୭)ରେଦର୍ଶାଇଛନ୍ତି — ଏହା କପର ଶ୍ରେଷ୍ଠନାଗପୁରର ଆରଣ୍ୟକ ଗୋଷ୍ଠୀରୁ ଆସି, କ୍ରମେ ହିନ୍ଦୁ ସମାଜରେ ଅନୁପ୍ରବେଶ କରିଅଛି । ଏହା କ୍ରମେ ସଂସ୍କୃତାୟିତ ହୋଇ "ସ୍କନ୍ଦପୁରାଣ" ଓ "ଭବିଷ୍ୟ ପୁରାଣ" ପରି ସଂସ୍କୃତ ପୁରାଣମାନଙ୍କରେ ମଧ୍ୟ ପ୍ରକ୍ଷିପ୍ତ ହୋଇଅଛି । ସାଂସ୍କୃତିକ ନୃତତ୍ତ୍ୱ ଦୃଷ୍ଟିରୁ ଏହି ବ୍ରତ ବା ଓଷାମାନଙ୍କର ଆଲୋଚନା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ । ଲେଖକ ସେଥିପାଇଁ ଏହି ପୁସ୍ତକରେ ବହୁ ମୂଲ୍ୟବାନ ଉପାଦାନ ଯୋଗାଇ ଦେଇଛନ୍ତି । ଆଲୋଚକ ଓ ଗବେଷକମାନେ ଏଥିରୁ ବହୁ ମୂଲ୍ୟବାନ ତଥ୍ୟ ପାଇବେ ।

ଓଷା, ବ୍ରତକୁ କେନ୍ଦ୍ର କରି ଗଢ଼ି ଉଠିଛି ପ୍ରାଥମିକ ଓଡ଼ିଆ ସାହିତ୍ୟ । ଓଷେଇତମାନଙ୍କ ପୂଜିତ ଦେବତା ବା ଦେବତାଙ୍କ ମହିମା କୀର୍ତ୍ତନ କରି, ଜଣେ ଓଷେଇତ ଏକ କାହାଣୀ ଗଦ୍ୟ ବା ପଦ୍ୟ ଆକାରରେ ବର୍ଣ୍ଣନା କରିଥାନ୍ତି । ଏସବୁ ଲୋକ କଥା ପରି ଆଦ୍ୟରେ ଥିଲା ମୌଖିକ । କ୍ରମେ ସେସବୁ ପୋଥି ଓ ମୁଦ୍ରିତ ପୁସ୍ତକମାନଙ୍କରେ ଲିପିବଦ୍ଧ ହୋଇଅଛି । ଏହି ଆଖ୍ୟାୟିକାମାନଙ୍କରୁ ଏକ ସମୟରେ ଓଡ଼ିଶାର ଜନଜୀବନର ଅଖଣ୍ଡ ଚିତ୍ର ମଧ୍ୟ ଆବିଷ୍କାର କରାଯାଇପାରେ । 'ସୋମନାଥ ବ୍ରତ କଥା" କୁ ଓଡ଼ିଆ ସାହିତ୍ୟରେ ଗଦ୍ୟ ରଚନାର ଆଦ୍ୟ ପ୍ରୟାସ ବୋଲି ବହୁ ଆଲୋଚକ ସ୍ୱୀକାର କରିଥାନ୍ତି ।

ଚିତା ଓ ମୁରୁଜ, ବ୍ରତ ବା ଓଷାମାନଙ୍କରେ ଏକ ଅପରିହାର୍ଯ୍ୟ ଅଙ୍ଗ । ଏହି ବ୍ରତ ବା ଓଷାମାନଙ୍କୁ ଆଶ୍ରୟ କରି, କାଳ ଓ ରୁଚିର ଶତ ପରିବର୍ତ୍ତନ ମଧ୍ୟରେ ସୁଦ୍ଧା ପ୍ରତି ଓଡ଼ିଆ ପରିବାରରେ ଏହି କଳା, ଆଜି ସୁଦ୍ଧା ଜୀବନ୍ତ ରହି ପାରିଅଛି ।

ଲେଖକ ବ୍ରତ ସାହିତ୍ୟ ପୁସ୍ତକ ପ୍ରଣୟନ କରି, ଓଡ଼ିଶାର ଜନ ସଂସ୍କୃତିର ଏକ ଅନାଲୋଚିତ ଦିଗ ଉପରେ ଆଲୋକପାତ କରି ଧନ୍ୟବାଦାର୍ହ ହୋଇଅଛନ୍ତି । ମୁଁ ଏହି ପୁସ୍ତକଟିର ବହୁଳ ପ୍ରଚାର ଓ ପ୍ରସାର କାମନା କରୁଅଛି ।

**ସୁରେନ୍ଦ୍ର ମହାନ୍ତି**
ସଭାପତି
ଓଡ଼ିଶା ସାହିତ୍ୟ ଏକାଦମୀ

# ପ୍ରାକ୍-କଥନ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ "ଓଡ଼ିଆ ବ୍ରତ ସାହିତ୍ୟ" ପୁସ୍ତକ ପ୍ରକାଶ ପାଉଛି । ଏ ଦିଗରେ ପ୍ରଥମ ପୁସ୍ତକ ନ ହେଲେହେଁ ବ୍ରତ ଗୁଡ଼ିକର ସଂକଳନ ଓ ବ୍ରତସାହିତ୍ୟ ସଂବନ୍ଧରେ ବିଧିବଦ୍ଧ ଆଲୋଚନା କ୍ଷେତ୍ରରେ ଏହା ଏକ ନୂତନ ଉଦ୍ୟମ ବୋଲି ସ୍ୱୀକାର କରିବାକୁ ହେବ ।

"ବ୍ରତ" ଶବ୍ଦ ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହାର ହେଉଥିବା ଦୃଷ୍ଟିଗୋଚର ହୁଏ । କେତେକ "ବ୍ରତ"ଓ"ବ୍ରାତ" ଏକାର୍ଥବୋଧକ ଶବ୍ଦ ବୋଲି କହିଥାନ୍ତି । ଡଃ ବୁଦ୍ଧ ପ୍ରକାଶଙ୍କ ମତରେ "ବ୍ରତ" ଓ "ବ୍ରାତ" ଶବ୍ଦର ଅର୍ଥ ଗୋଷ୍ଠୀ ବା ବସତି । "ବ୍ରାତ୍ୟ" ଏହି ଶବ୍ଦରୁ ଉତ୍ପତ୍ତି ॥୧॥ "ଗୋଷ୍ଠୀ" ଅର୍ଥରେ 'ବ୍ରାତ' ଶବ୍ଦର ବ୍ୟବହାର ମଧ୍ୟ ପ୍ରଚଳନ ଅଛି । ଉଦାହରଣ ସ୍ୱରୂପ— ଯଜୁର୍ବେଦ ସଂହିତାରେ "ରୁଦ୍ର"ଙ୍କୁ ବ୍ରାତପତି ବୋଲି କୁହାଯାଇଛି । ଋଗ୍ ବେଦରେ "ମରୁତ"ଙ୍କ ତିନି ବାହିନୀଙ୍କ ନାମ ହେଲା— ସର୍ଦ୍ଧା, ବ୍ରାତ ଓ ଗଣ । ଅଥର୍ବବେଦ, ବାଜସନେୟୀ ସଂହିତା ଓ ତୈତ୍ତିରୀୟ ସଂହିତାରେ ପଞ୍ଚଜନ (Five Tribes ଙ୍କୁ "ପଞ୍ଚବ୍ରାତ" ବୋଲି କୁହାଯାଇଛି । ॥୨॥ ହରପ୍ରସାଦ ଶାସ୍ତ୍ରୀଙ୍କ ମତରେ "ବ୍ରାତ"ର ଅର୍ଥ ଯେଉଁମାନେ ନିଜ ଜାତି ବା ଗୋଷ୍ଠୀର ପରିସର ବାହାରେ ଅଛନ୍ତି । ବ୍ରାତେ ସମବେତଃ ବ୍ରାତ୍ୟଃ ॥୩॥ ଋଗ୍ ବେଦ ଯୁଗ କାଳରେ "ବ୍ରାତ" ଅର୍ଥାତ୍ ଯେଉଁ ଗୋଷ୍ଠୀ ଯାଯାବର ଜୀବନ ଯାପନ କରୁଥିଲେ, ସେମାନେ "ପୁଷାନ"ଙ୍କୁ ପୂଜା କରୁଥିଲେ । ॥୪॥ ଅପରପକ୍ଷରେ "ବ୍ରତ" ଶବ୍ଦର ଅନ୍ୟ ଅର୍ଥ ମଧ୍ୟ କରାଯାଇଛି । କେତେକ "ବ୍ରତ"ର ଅର୍ଥ ଯାଯାବର ଗୋଷ୍ଠୀ ବୋଲି କହିଛନ୍ତି ଏବଂ "ବ୍ରାତ୍ୟ" ମାନେ ବ୍ରାହ୍ମଣ୍ୟଧର୍ମ ପରିସର ବାହାରେ, ଏହି ଯାଯାବର ଗୋଷ୍ଠୀର ବୋଲି ମତ ପ୍ରକାଶ କରିଛନ୍ତି । ॥୫॥ ଅନ୍ୟ କେତେକଙ୍କ ମତରେ, ଯେ ନିଷ୍ଠା ସହକାରେ ମାନସିକ ବା ବ୍ରତ ପାଳନକରେ ତାକୁ ବ୍ରାତ୍ୟ କହନ୍ତି । ॥୬॥ ଆପସ୍ତମ୍ବଙ୍କ ମତରେ ବ୍ରତ (ମାନସିକ) "ଧାତୁରୁ ବ୍ରାତ୍ୟ" ଶବ୍ଦର ଉତ୍ପତ୍ତି ॥୭॥

ସୁତରାଂ "ବ୍ରତ" ମାନସିକ (ବରଣ କରିବା, ପ୍ରାର୍ଥନା କରିବା) ଓ ଯାଯାବର ଗୋଷ୍ଠୀ—ଏହି ଉଭୟ ଅର୍ଥରେ ଦେଖିବାକୁ ମିଳୁଛି ଏବଂ "ବ୍ରାତ" ଶବ୍ଦକୁ ମଧ୍ୟ ଗୋଷ୍ଠୀ, ଯାଯାବର ଗୋଷ୍ଠୀ ଓ ଲୌକିକତା ବିରୋଧୀ ଗୋଷ୍ଠୀ ଅର୍ଥରେ ଦେଖିବାକୁ ମିଳୁଛି । ବ୍ରତ ଗୁଡ଼ିକରେ ବ୍ରାହ୍ମଣ୍ୟ ପୌରୋହିତ୍ୟ ନାହିଁ । ଶ୍ରୋତା ବକ୍ତା ଭିତରେ ପ୍ରଭେଦ ନାହିଁ । କର୍ମ କାଣ୍ଡର ବହୁଳତା ନାହିଁ । କିଂତୁ ସଂକଳ୍ପ, ଇଷ୍ଟପୂଜା ଓ କଥାଶ୍ରବଣ ଅଛି । ଜାତି ଭେଦକୁ ଗ୍ରହଣ କରାଯାଇ ନାହିଁ । ଦେବଦେବୀ ମାନଙ୍କୁ ମନ୍ଦିରରୁ ଓ ପୀଠମାନଙ୍କରୁ ପୂଜାସ୍ଥଳୀକୁ ଆହ୍ୱାନ କରାଯାଉଛି [ପୃ ୨୮୬-୮୭] । ଏଥିରେ ଦେବତା ମନ୍ତ୍ରର ଅଧୀନ ନୁହନ୍ତି କି ମନ୍ତ୍ର ବ୍ରାହ୍ମଣର ଅଧୀନ ନୁହେଁ । ଅଥବା ମନ୍ତ୍ର ବ୍ରାହ୍ମଣର ଅଧୀନ ହୋଇଥିଲେ, ତାହାଉପରେ ଦେବତାଙ୍କୁ ବାନ୍ଧି ରଖିବାର ମନ୍ତ୍ର ନୁହେଁ । ରାମାୟଣରେ " ଲୋକ ବୃତ୍ତ ମନୁପ୍ରେପ୍ସୁଂ" । ଗୀତାରେ "ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମ" । 'ବ୍ରତ' ଲୋକ ବୃତ୍ତ, ବା ଲୋକ ସଂସ୍କୃତିର ଅନ୍ତର୍ଭୁକ୍ତ । ଲୋକ ଜୀବନରେ ସମ୍ପୃକ୍ତ [ପୃ ୨୯୬] ।

ଅନେକ ବ୍ରତର ପୌରାଣିକ ଭିତ୍ତି ଅଛି ବୋଲି ଜଣାପଡ଼େ । ମହାଭାରତ । ବିଷ୍ଣୁ ପୁରାଣ ( ଖ୍ରୀ.ଅ ୧୦୦-୪୦୦ ) । ବ୍ରହ୍ମାଣ୍ଡ ପୁରାଣ (ଖ୍ରୀ. ଅ ୨୦୦-୫୦୦) । ସାମ୍ବ ପୁରାଣ ( ଖ୍ରୀ: ଅ ୫୦୦-୮୦୦ ) । ଭବିଷ୍ୟ ପୁରାଣ ( ଖ୍ରୀ: ଅ ୫୦୦ - ୧୨୦୦ ) । ଲିଙ୍ଗ ପୁରାଣ (ଖ୍ରୀ: ଅ ୬୦୦ - ୧୦୦୦ ) । ସ୍କନ୍ଦ ପୁରାଣ (ଖ୍ରୀ. ଅ ୭୦୦-୧୩୦୦) । ଶ୍ରୀମଦ୍ ଭାଗବତ ( ଖ୍ରୀ ଅ ୬୦୦-୧୨୦୦ ) । ବ୍ରହ୍ମ ପୁରାଣ ( ଖ୍ରୀ: ଅ ୯୦୦-୧୫୦୦ ) । ଶତାନନ୍ଦ ସଂଗ୍ରହ ( ଏକାଦଶ ଶତାବ୍ଦୀ ) । ସୂର୍ଯ୍ୟ ପୁରାଣ । ଶିବ ପୁରାଣ । ପଦ୍ମ ପୁରାଣ ( ଖ୍ରୀ: ଅ ୯୫୦-୧୪୦୦ ) କପିଳ ସଂହିତା । ଗଦାଧର ପଦ୍ଧତି ( ଅଷ୍ଟାଦଶ ଶତାବ୍ଦୀ ) । ଇତ୍ୟାଦି ଇତ୍ୟାଦି । ମୋଟା ମୋଟି ଭାବରେ କହିବାକୁ ଗଲେ 'ଲୋକ'ର ପ୍ରତିଷ୍ଠା ପରେ ଏ ଗୁଡ଼ିକ 'ପୁରାଣ'କୁ ଆସିଛି । 'ଦେଶୀ'ରୁ 'ମାର୍ଗ' ।

ବୌଦ୍ଧ ଗ୍ରନ୍ଥ ସୁତ୍ତନିପାତ ଓ ମିଲିନ୍ଦପନ୍ହା ( ଖ୍ରୀ· ପୂ· ପ୍ରଥମ ଶତାବ୍ଦୀ ) ରେ କୋଡ଼ିଏରୁ ଅଧିକ ଗଣ-ଦେବଦେବୀଙ୍କର ଉଲ୍ଲେଖ ରହିଛି । ଏହି ଗଣ ଦେବଦେବୀଙ୍କୁ ପୂଜା କରୁଥିବା ଲୋକଙ୍କୁ ବତିକ (Vatika) ( ବା ସଂସ୍କୃତରେ ବ୍ରତିକ ) କୁହାଯାଉଥିଲା । ମଝ୍‌ଝିମ ନିକାୟରେ ଗୋବ୍ରତ ଓ କୁକୁର ବ୍ରତର ଉଲ୍ଲେଖ ଅଛି । ଏହି ଗଣ ଦେବତାମାନଙ୍କ ଠାରେ ବିଶ୍ୱାସକୁ ବ୍ରତ ବା ଭକ୍ତି କୁହାଯାଉଥିଲା । ॥୮॥ ଭଗବତ ଗୀତାରେ ମଧ୍ୟ ଗଣଦେବତା ମାନଙ୍କଠାରେ ବିଶ୍ୱାସକୁ "ବ୍ରତ" ବୋଲି କୁହାଯାଇଛି । [୯.୨୩] ଏବଂ ଏହି ବିଶ୍ୱାସ କରୁଥିବା ଲୋକମାନଙ୍କୁ ବ୍ରତିକ, ଭକ୍ତ ବା ଯାଜାପାଲନକାରୀ ବୋଲି କୁହାଯାଇଛି । ଏହି ଗଣ ଦେବତାଙ୍କୁ ସାଧାରଣ ଭାବେ "ବିଭୂତି" ନାମରେ ନାମିତ କରାଯାଇଛି ଏବଂ ଗୀତାରେ ଏହିପରି ତିରିଶ ଗୋଟି ବିଭୂତିଙ୍କ ନାମ ଦେଖିବାକୁ ମିଳେ । ॥୯॥ ସେହିପରି ବିଷ୍ଣୁଧର୍ମୋତ୍ତର ପୁରାଣ ( ଖ୍ରୀ · ଅ ପଞ୍ଚମ ଶତାବ୍ଦୀ ) ରେ ଶତାଧିକ ଗଣଦେବଦେବୀଙ୍କ ନାମ ଦେଖିବାକୁ ମିଳେ । ଏହି ଗଣଦେବତାଙ୍କୁ "ରୋଚନ' କୁହାଯାଇଛି ଏବଂ ସେମାନଙ୍କ ପାଇଁ ବ୍ରତ ( ମାନସିକ ) କରି ଏକବର୍ଷ ପାଇଁ ପୂଜା କରାଯିବାର ନିର୍ଦ୍ଦେଶ ମଧ୍ୟ ରହିଛି । ॥୧୦॥

"ଶତାନନ୍ଦ ସଂଗ୍ରହ" [ ଖ୍ରୀ : ଅ ଏକାଦଶ ଶତାବ୍ଦୀ ] ରେ ବହୁ ଓଷା, ବ୍ରତ, ଯାତ୍ରାର ଉଲ୍ଲେଖ ଅଛି ॥୧୧॥ ଯଥା ଅଶୋକାଷ୍ଟମୀ, କାମଦେବ ତ୍ରୟୋଦଶୀ ବା ମଦନ ତ୍ରୟୋଦଶୀ, ଚୈତ୍ରଶୁକ୍ଳ ଚତୁର୍ଦ୍ଦଶୀ, ଚୈତ୍ରକୃଷ୍ଣ ଚତୁର୍ଦ୍ଦଶୀ, ଚୈତ୍ର ପୂର୍ଣ୍ଣିମୀ, ମହା ବୈଶାଖୀ, ମହା କାର୍ତ୍ତିକୀ, ସଙ୍ଗମ ସ୍ନାନ, ସାବିତ୍ରୀ ବ୍ରତ, ଆଷାଢ଼ ଏକାଦଶୀ ବା ହରିଶୟନ ଏକାଦଶୀ, ବଳଭଦ୍ର ପୂର୍ଣ୍ଣିମା ବା ଶ୍ରାବଣ ପୂର୍ଣ୍ଣିମା, ଭାଦ୍ରଶୁକ୍ଳ ତୃତୀୟା ବା ଗୌରୀବ୍ରତ, ଭାଦ୍ରଶୁକ୍ଳ ଚତୁର୍ଥୀ ବା ଶିବ ଚତୁର୍ଥୀ, ଭାଦ୍ରଶିବ ପଞ୍ଚମୀ ବା କୃଷିକ ପଞ୍ଚମୀ, ସପ୍ତପୁରିକା ଅମାବାସ୍ୟା, ଇନ୍ଦ୍ର ପୂର୍ଣ୍ଣିମା, ଅପରାଜିତା ଦଶମୀ, ଆଶ୍ୱିନ ଶୁକ୍ଳ ଦଶମୀ, କୌମୁଦୀ ପୌର୍ଣ୍ଣମାସୀ ବା କୁମାର ପୂର୍ଣ୍ଣିମା, ପ୍ରଦୀପ

ଅମାବାସ୍ୟା. ଆକାଶ ଦୀପ ଦାନ, କାର୍ତ୍ତିକ କୃଷ୍ଣତ୍ରୟୋଦଶୀ, ଭଦ୍ରାଷ୍ଟମୀ ପୌଷ ଶୁକ୍ଳାଷ୍ଟମୀ, ମାଘକୃଷ୍ଣ ଚତୁର୍ଦ୍ଦଶୀ, ବରଦା ଚତୁର୍ଥୀ ବା ମାଘଶୁକ୍ଳ ଚତୁର୍ଥୀ, ଶ୍ରୀପଞ୍ଚମୀ ବା ମାଘଶୁକ୍ଳ ପଞ୍ଚମୀ, ଦୋଳଯାତ୍ରା ବା ଫାଲ୍‌ଗୁନ ପୂର୍ଣ୍ଣିମା ଇତ୍ୟାଦି । ଏହାଛଡ଼ା ଚତୁର୍ଦ୍ଦଶ ଶତାବ୍ଦୀର "ବୃହସ୍ପତି"ଙ୍କ ରଚିତ 'କୃତ୍ୟକୌମୁଦୀ' ଗ୍ରନ୍ଥରେ ବହୁବ୍ରତ, ଓଷାବାର, ପର୍ବପର୍ବାଣୀ, ଉତ୍ସବଯାତ୍ରା ବିଷୟ ଉଲ୍ଲେଖ ଅଛି । ॥୧୨॥ ସେହିପରି ସପ୍ତଦଶ ଶତାବ୍ଦୀର ଦିବ୍ୟସିଂହ ମହାପାତ୍ରଙ୍କ "କାଳଦୀପ" ଗ୍ରନ୍ଥରେ ଏବଂ ରଘୁନାଥ ଦାସଙ୍କ "କାଳନିର୍ଣ୍ଣୟ" ଗ୍ରନ୍ଥରେ ବହୁ ବ୍ରତ ପର୍ବ ଉତ୍ସବ ଯାତ୍ରା ବିଷୟ ଉଲ୍ଲେଖ ଅଛି । ॥୧୩॥ ଅଷ୍ଟାଦଶ ଶତାବ୍ଦୀର ଲକ୍ଷ୍ମୀ ମିଶ୍ରଙ୍କ "କାଳ ନିର୍ଣ୍ଣୟ" ଗ୍ରନ୍ଥରେ ମଧ୍ୟ ସେହିପରି ସୂଚନା ଦେଖିବାକୁ ମିଳେ ॥୧୪॥ ସେହିପରି "ପଞ୍ଚପୂଜା ବିଧି" (ଲେଖକ-ଉପମନ୍ୟୁ) ଗ୍ରନ୍ଥ ସୂତ୍ରମ୍, ବ୍ରତକଥା, ବିଭିନ୍ନ ବ୍ରତକଥା, ବିଭିନ୍ନ ବ୍ରତ ପ୍ରକରଣମ୍. ପ୍ରଭୃତି ଗ୍ରନ୍ଥରେ ବହୁ ବ୍ରତ ଓଷା ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ । ॥୧୫॥ ଏଗୁଡିକ ମଧ୍ୟରେ ବିଷ୍ଣୁ ପୁରାଣ (ସାବିତ୍ରୀବ୍ରତ, ଜନ୍ମାଷ୍ଟମୀ ବ୍ରତ) ଭବିଷ୍ୟୋତ୍ତର ପୁରାଣ, (ରାଧାଜନ୍ମାଷ୍ଟମୀ ବ୍ରତ, ବଟଲକ୍ଷ୍ମୀ ବ୍ରତ. ଅନନ୍ତ ବ୍ରତ ମତ୍ସ୍ୟନାରାୟଣ ବ୍ରତ. ସୋମନାଥ ବ୍ରତ ) ସ୍କନ୍ଦ ପୁରାଣ ( ସୁଦଶା ବ୍ରତ ସୋମନାଥ ବ୍ରତ, ଗଣେଶ ବ୍ରତ, ), ପଦ୍ମ ପୁରାଣ ( ସୁଦଶାବ୍ରତ ଓ ଗୁରୁପଞ୍ଚମୀ) ଲିଙ୍ଗପୁରାଣ (ହରିତାଳିକା; କାଳିକା ପୁରାଣ, (ଶୁକ୍ଳାନବମୀ ବ୍ରତ) , ଦେବୀ ପୁରାଣ (ଦୁର୍ଗାଷ୍ଟମୀ ବ୍ରତ) ପ୍ରଭୃତିରେ ବର୍ଣ୍ଣିତ ବହୁ ବ୍ରତ କଥାର ବର୍ଣ୍ଣନା ରହିଛି ।

ବ୍ରତ ଗୁଡ଼ିକରେ ବିଭିନ୍ନ ଦେବ ଦେବୀଙ୍କୁ ପୂଜା କରା ଯାଏ । ବୃକ୍ଷ ଦେବତା. ଖରଖରୀ, ତୁଳସୀ, ମଧୁସୂଦନ, ଲକ୍ଷ୍ମୀ ନାରାୟଣ, ଉମା ମହେଶ୍ୱର, ଶିବପାର୍ବତୀ, ହରିନାଥ. ଧବଳେଶ୍ୱର, ରାଧା, ଦୁର୍ଗା, ମହାଲକ୍ଷ୍ମୀ ମହେଶ୍ୱରୀ, ବାଟମଙ୍ଗଳା, ମଙ୍ଗଳା, ଚନ୍ଦ୍ରଦେବ, ସୂର୍ଯ୍ୟଦେବ, ସୋମନାଥ, । ଷଠୀ, କୁକ୍‌କୁଟୀ, ବଜ୍ରକାଳୀ ମହାଦେଇ

ଭୂତବାହନ, କେଦାର ମାଆ, କେଦାର ଗୋସେଇଁ, ଟୈଷ୍ଣୁ, ହରିହର କୁମର, ଶିଶୁସୂଦନାଥ । ଯମ, ସତ୍ୟନାରାୟଣ, ଅଲେଖ ପରଂବ୍ରହ୍ମ । ଇତ୍ୟାଦି ଇତ୍ୟାଦି । ଇଆଭିତରେ ଆଦିବାସୀଙ୍କ ଦେବତା ଅଛନ୍ତି । କର୍ମିକ୍ଷତ୍ରିୟଙ୍କ ଦେବତା ଅଛନ୍ତି । କୁମ୍ଭକାରଙ୍କ ଦେବତା ଅଛନ୍ତି । କୈବର୍ତ୍ତଙ୍କ ଦେବତା ଅଛନ୍ତି । ଆର୍ଯ୍ୟଙ୍କ ଦେବତା ଅଛନ୍ତି । ଗଣେଶଙ୍କ ଭଉଣୀ, ସୂର୍ଯ୍ୟଙ୍କ ପୁଅ ଅଛନ୍ତି । ଲୋକରେ ପ୍ରତିଷ୍ଠିତ ଦେବଦେବୀ ଅଛନ୍ତି । ପୁରାଣ ଓ ଧର୍ମଶାସ୍ତ୍ରରେ ସମ୍ବର୍ଦ୍ଧିତ ଦେବଦେବୀ ଅଛନ୍ତି ।

ବହୁ ଦେବ ଦେବୀ ଯାଙ୍କୁ ବହୁ ଦେଶ ଓ ନଗରର ବର୍ଣ୍ଣନା ଦେଖିବାକୁ ମିଳେ ବ୍ରତ କାହାଣୀ ଭିତରେ । ଅବନ୍ତୀ ନଗର, କାଶୀ ନଗର, ବିଦେହ ନଗର, କଳିଙ୍ଗ ନଗର, ବିରଞ୍ଚି ନଗର, ଚମ୍ପାବତୀ ନଗର, ବିଦର୍ଭ ନଗରୀ, । ଜମ୍ବୁଦ୍ୱୀପ, ସିଂହଳ ଦେଶ, ମାଳବ ଦେଶ, ଗୌଡଦେଶ, ମହ୍ଲାର ଦେଶ ଉଡଙ୍ଗ ଦେଶ, ସୋମାଳୀ ଦେଶ, ଉତ୍କଳ ଦେଶ ମରହଟ୍ଟା ଦେଶ, କନକ ଦେଶ, ଉତ୍ତର ଦେଶ । କୁମାରୀ ପାଟଣା ରାଜ୍ୟ, ନାଗରାଜ୍ୟ, ଦନ୍ତାହୁଲି ରାଜ୍ୟ । ମହାରାଷ୍ଟ୍ର, କୋଶଳ, କର୍ଣ୍ଣାଟ, ବିରାଟ, ସୌରାଷ୍ଟ୍ର, ଉଡ୍ରରାଷ୍ଟ୍ର, ମଧ୍ୟପ୍ରଦେଶ, କାଶ୍ମୀର, ଅର୍କକ୍ଷେତ୍ର, ମୈନେସୂ ବନ, ଇତ୍ୟାଦି ଇତ୍ୟାଦି ।

ବହୁ ଦେବଦେବୀ ବହୁ ରାଇଜ ଭିତରେ ଚରିତ୍ରର ସଂଖ୍ୟା ସୀମିତ । ଧଜାରାଣୀ । ସାଧବ । ଚକୁଳିଆ ପଣ୍ଡା । ଏହିପରି କେତୋଟି ବେଳେବେଳେ ନଟେଇ ଧୋବଣୀ ବି ଅଛି । ଏହି ଅଳ୍ପ କେତୋଟି ଚରିତ୍ର ମାଧ୍ୟମରେ ମଝିରେ ମଝିରେ କଚ୍ଛୁଠା ସମାଜ ସଂସ୍କାରର ପ୍ରଚେଷ୍ଟାର ଇଙ୍ଗିତ, ଜାତିଭେଦ ଓ ଅସ୍ପୃଶ୍ୟତା ବିରୋଧରେ ବିଦ୍ରୋହ, [୧୨୭] ପୌରହିତ୍ୟ ଅନୁଷ୍ଠାନ ବିରୋଧରେ କଟାକ୍ଷ, ଏଇମିତି କଚ୍ଛୁଠା ଉଦ୍ୟମ ଦେଖିବାକୁ ମିଳେ । [ପୃ ୩୪-୩୫]

କଳିଙ୍ଗ ନଗର ବିଷୟ ଦେଖିବାକୁ ମିଳେ ଗୁଉଳ ଭଜା ଓଷା, ( ପୃ ୫୬ ) ଓ ଚଣ୍ଡି ଓଷା ( ପୃ ୧୩୪ - ୧୩୫ ) ରେ ।

ଓଡ୍ରଦେଶ ବିଷୟ ଦେଖିବାକୁ ମିଳେ କାର୍ତ୍ତିକ ଓଷା [ପୃ ୬୫] ରେ ଉତ୍କଳ ଦେଶ କଥା ମିଳେ ବଡ଼ ଓଷା [ପୃ ୧୪୪] ରେ । କୋଶଳ ଦେଶର ସୂଚନା ଦେଖିବାକୁ ମିଳେ ବାଟଓଷା [ପୃ ୧୫୯] ରେ । ହରିତାଳିକା ବା ଗୌରୀ ତୃତୀୟା [ପୃ ୩୫], ଧାନମାଣିକ ଓଷା [ପୃ ୧୨୨], ଷଷ୍ଠୀ ଓଷା [ପୃ ୧୩୪ - ୧୩୫] ପ୍ରଭୃତିକୁ ଓଡ଼ିଶାର ସ୍ୱତନ୍ତ୍ର ପର୍ବ ବୋଲି ଦାବୀ କରାଯାଇଛି ।

କାବ୍ୟ-ପ୍ରୟୋଜନ ପରି ବ୍ରତ-ପ୍ରୟୋଜନ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ମଧ୍ୟରେ ସୀମାବଦ୍ଧ । ପୁତ୍ରସନ୍ତାନ ଲାଭ । ମୃତବତ୍ସା ଦୋଷରୁ ମୁକ୍ତି । କୁଷ୍ଠ ରୋଗରୁ ମୁକ୍ତି । ପିଲାଙ୍କ କଲ୍ୟାଣ । ଧନାଗମ । ଉତ୍ତମ ବର ପ୍ରାପ୍ତି । ସ୍ୱାମୀ ଉଦ୍ଧାର । ଉତ୍ତମ ବୃଷ୍ଟି ଲାଭ । ପାପ-କ୍ଷୟ । ଇତ୍ୟାଦି ଇତ୍ୟାଦି ।

ସୁତରାଂ ମୋଟାମୋଟି ଭାବରେ ବ୍ରତ ଗୁଡ଼ିକର ଦିଗନ୍ତ କେତେକ ଦେବ ଦେବୀ, କେତେକ ଦେଶର କାହାଣୀ, ଅନ୍ୟ କେତେକ ଚରିତ୍ର ଓ ଅନ୍ୟ କେତୋଟି ଉଦ୍ଦେଶ୍ୟ ମଧ୍ୟରେ ସୀମାବଦ୍ଧ । ଦେବ ଦେବୀ ଗୁଡ଼ିକର ବିବର୍ତ୍ତନ କାହାଣୀ ମଧ୍ୟରେ ଐତିହାସିକ ପଟ୍ଟଭୂମିରେ ବର୍ଣ୍ଣିତ ଦେଶ ଗୁଡ଼ିକର ଆପେକ୍ଷିକ ଗୁରୁତ୍ୱ ମଧ୍ୟରେ, ସମାଜର ବିକାଶ ଧାରାର ପରିପ୍ରେକ୍ଷୀରେ ବର୍ଣ୍ଣିତ ଚରିତ୍ର ଗୁଡ଼ିକର ତାତ୍ପର୍ଯ୍ୟ ଓ ବ୍ରତ-ପ୍ରୟୋଜନର ଆବଶ୍ୟକତା ମଧ୍ୟରେ ବ୍ରତ-ଗୁଡ଼ିକର ଅନୁବର୍ତ୍ତନ କାହାଣୀ ଅନୁଶୀଳନ କରିବାକୁ ହେବ ।

କେତେକ ବ୍ରତରେ "ମଙ୍ଗଶ୍ରୀ" ଗାନ କଥା କୁହାଯାଇଛି । ଚର୍ଯ୍ୟାପଦ ଗୁଡ଼ିକରେ "ମାଳସୀ" ରାଗ ଦେଖାଯାଏ । ଏହାର ଅନ୍ୟ ନାମ ମାଳଶ୍ରୀ । ବିଶେଷ କରି 'ସରହପାଦ'ଙ୍କ ଦୋହାରେ ଏହି 'ରାଗ' ର ଉଲ୍ଲେଖ ଅଛି । ସରହପାଦଙ୍କ ଜନ୍ମସ୍ଥାନ ଓଡ଼ିଶା ବୋଲି କୁହାଯାଏ । ॥୧୬॥ ଏହାଛଡ଼ା ଗଜପତି ପୁରୁଷୋତ୍ତମ ଦେବ [ ଖ୍ରୀ : ଅ ୧୪୬୬-୧୪୯୭ ] ଙ୍କ ଅଭିନବ ଗୀତଗୋବିନ୍ଦ କାବ୍ୟରେ,

ଓ ସାରଳାମହାଭାରତରେ ( ଭୀଷ୍ମ ପର୍ବ, ଗଣେଶ ବନ୍ଦନା ) ମାଳଶ୍ରୀ ରାଗର ଉଲ୍ଲେଖ ଦେଖାଯାଏ । ଏହିରାଗ କର୍ଣ୍ଣାଟକୀ ବା ହିନ୍ଦୁସ୍ଥାନୀ ସଙ୍ଗୀତ ପଦ୍ଧତିରେ ଦେଖାଯାଏ ନାହିଁ, କେବଳ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଦେଖାଯାଏ । ପୁଣି ଏହି ରାଗର କୌଣସି ଶାସ୍ତ୍ରୀୟ ଭିତ୍ତି ନାହିଁ ବୋଲି ମଧ୍ୟ ଜଣାଯାଏ । ଏହି ମାଳଶ୍ରୀର ଉଦ୍ଭବ ସଂବନ୍ଧରେ ଭିନ୍ନ ଭିନ୍ନ ମତ ଦେଖାଯାଏ । ଗୋପାଳ ଚନ୍ଦ୍ର ପ୍ରହରାଜ [ଭାଷାକୋଷ] ପଣ୍ଡିତ ନୀଳମଣି ମିଶ୍ର [ ଓଡ଼ିଆ କାବ୍ୟ ଧାର ], ଡଃ ଜାନକୀ ବଲ୍ଲଭ ମହାନ୍ତି [ଓଡ଼ିଆ ଗୀତିକାବ୍ୟ, ଶ୍ରୀ ବଳଭଦ୍ର ବହିଦାର [ଯତିପାତ] ପ୍ରଭୃତି ଏ ପ୍ରବନ୍ଧରେ କିଞ୍ଚିତ୍ ଆଲୋକ ପାତ କରିଛନ୍ତି ଓ ଭିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି । ଏ ଦିଗରେ ମଧ୍ୟ ଅନୁଶୀଳନ ଓ ଗବେଷଣାର ଆବଶ୍ୟକତା ରହିଛି । [ପୃ ୨୮]

ଶ୍ରୀ ଚିତ୍ତରଞ୍ଜନ ଦାସ ବ୍ରତ ଗୁଡିକ ସଂବନ୍ଧରେ ଏକ ସ୍ୱତନ୍ତ୍ର ମତ ପୋଷଣ କରିଛନ୍ତି ଯାହା ଗଭୀର ଭାବରେ ପ୍ରଣିଧାନ ଯୋଗ୍ୟ । ତାଙ୍କ ମତରେ ବ୍ରତକଥା ସଂପୃକ୍ତିତଃ ଅବବାହୀ ସଂସ୍କୃତିର କଥା, ପ୍ରଧାନତଃ ଭୟଦ୍ୱାରା ପ୍ରେରିତ ଏକ ଦୁର୍ବଳାତ୍ମ ବୋଧୀ ସଂସ୍କୃତିର କଥା । ସଂପ୍ରତି ତହିଁରେ ପାଠକ ବେଶୀର ପଶିଗଲାଣି, ଆଜି କୌଣସି ସାର୍ବଜନୀନତା ନାହିଁ । ସ୍ଥଳବିଶେଷରେ ବ୍ରାହ୍ମଣ ପୂଜକ ଓ ସଂସ୍କୃତ ମନ୍ତ୍ରର ଦରକାର ବି ପଡିଲାଣି । ଆମ ଆଚରିତ ବ୍ରତ ଓ ଓଷା ଗୁଡାକ ଆମ ଭିତରେ ବଦ୍ଧମୂଳ ହୋଇ ରହିଥିବା ଅସହାୟ ଓ ଅନିଶ୍ଚୟତା-ବୋଧଗୁଡାକ ଦେଖାଇ ଦେଉଛି : ଜୀବନର ଅସଲ ବର୍ଣ୍ଣକ ଗୁଡାକ ଯେ ଏକ ନିକୃଷ୍ଟ ହାଟ ସଉଦାର ସ୍ତରକୁ ସ୍ଖଳିତ ହୋଇଯାଉଛି ତାହା ସୂଚାଇ ଦେଉଛି । ସମାଜର ଅସହାୟ ମଣିଷକୁ ସହଜ ପ୍ରବଞ୍ଚନା ଓ ପ୍ରବୋଧନାରେ ସାନ୍ତ୍ୱନା ଦେବାପାଇଁ ଏ ଗୁଡିକର ଭିଆଣ । ସମାଜକୁ ଆୟତ୍ତର ସ୍ୱାର୍ଥ ଅନୁକୂଳ କରିବାକୁ ବା ଲୋଟ ଶାସ୍ତ୍ରାଧିକାରୀ ଶ୍ରୀମନ୍ତ ମାନେ ସାଧାରଣ ମଣିଷ ଗୁଡାକଙ୍କ ପାଇଁ ବିଧି ଓ ନିୟମର ଏକ ଘୋର ଅରଣ୍ୟ ସୃଷ୍ଟି କରିଥିଲେ । ଓଷାବ୍ରତର ପାଳନ ହେଉଛି ସେହି ପରିଧିପୂର ଏକ ସାମଗ୍ରୀ । ଏ ମୁଠାକ

ଆଗରୁ ହୁଏତ ସଂସ୍କାର ରୂପେ ରହିଥିଲା । ପୁରାଣ ଯୁଗରେ ଏଗୁଡ଼ିକର ଆନୁଷ୍ଠାନିକ ଜୀବନ୍ୟାସ ହେଲା । ନିୟମ ଓ ନିଷେଧ ଦ୍ୱାରା ଲୋକଜୀବନ ଆଧ୍ୟାତ୍ମ ସିଦ୍ଧ ହୋଇ ରହିଲା ।।୧୭।।

"ଉତ୍ସବ" ଗୁଡ଼ିକର ଏକ ପ୍ରାଚୀନ ଐତିହ୍ୟ ଅଛି । ଏକ ଦିଗରେ ଏହାର ପରମ୍ପରା ଲମ୍ବିଛି ଋକ୍‌ବେଦ ପର୍ଯ୍ୟନ୍ତ – ଗାନ ପ୍ରସାଧନ, ଭୋଜନ, ମିଳନ, ଦାନ, ପୁଣ୍ୟକୁ ମିଶାଇ [ପୃ ୬] ଅଥବା ବେଦର "ପାପମୋଚନ ସୂକ୍ତରେ" ଦୁଃଖ ଓ ଯାତନାର ନିରାକରଣ ନିମନ୍ତେ ପ୍ରାୟ ଏକ ଶତ ଦେବଦେବୀଙ୍କ ଆବାହନ ମନ୍ତ୍ରପାଠର ଉଲ୍ଲେଖ ଅଛି । ଅପର ପକ୍ଷରେ ଓଡ଼ିଶା [କଳିଙ୍ଗ] ରେ ମଧ୍ୟ ଏହି 'ଉତ୍ସବ' ଗୁଡିକର ଅତି ଦୀର୍ଘ, ପୁରାତନ ପରମ୍ପରା ପ୍ରଚଳିତ ଅଛି । ଗୀତାର ଭାଷାରେ ଏହା ଆରାଧନାର "ପତ୍ରଂ ପୁଷ୍ପଂ ଫଳଂ ତୋୟଂ' ପ୍ରଦାନ ପ୍ରଣାଳୀ ପଦ୍ମ ପୁରାଣରେ ବ୍ରତ ଗୁଡ଼ିକୁ ଯଜ୍ଞର ବିକଳ୍ପ ବୋଲି କୁହାଯାଇଛି । ବୈଦିକ ଯୁଗରେ ସମାଜର ଉଚ୍ଚଶ୍ରେଣୀର ଲୋକମାନଙ୍କ ଜୀବନରେ 'ଯଜ୍ଞ' ର ସ୍ଥାନ ଯାହାଥିଲା, ଜନସାଧାରଣ ବା ଲୋକ - ଜୀବନରେ ଉତ୍ସବ ଗୁଡ଼ିକର ସ୍ଥାନ ସେଇଆ ଥିଲା । ଗଣ-ଦେବତାଙ୍କ ଆରାଧନା ପାଇଁ ପ୍ରଣାଳୀଗତ ବାଧତା ନଥିଲା । ପରେ ତହିଁରେ ପଶିଗଲା ବିଧି ଓ ନିୟମର ବନ୍ଧ ଗୁଳାବାଠି, ଗାର ଆଉ ଅଲ୍ଲୁଆ ସୂତା, ଶାସ୍ତ୍ରାଧିକାରୀ ମାନଙ୍କର ଇଚ୍ଛାକୃତ ଭିଆଣ । ଏଇ ସବୁ ଆନୁଷ୍ଠାନ ଗୁଡ଼ିକ ଭିତରେ ଆମେ ଦେଖିବାକୁ ପାଇବୁ କେଉଁଠି କାରୁଣ୍ୟ, କେଉଁଠି ବିଦ୍ରୋହ, କେଉଁଠି ଦୈନ୍ୟ । ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ପରି କେଉଁଠି ହାସ୍ୟ ବିନୋଦ, କେଉଁଠି ରସ ବିନୋଦ କେଉଁଠି ନୀତି ବିନୋଦ, ଆଉ କେଉଁଠି ପ୍ରୀତି ବିନୋଦ, ଏକ କରୁଣ ଓ ଦୟନୀୟ ପରିସ୍ଥିତି ସହ ଭାରସାମ୍ୟ ରକ୍ଷାକରି ତାକୁ ଉପେକ୍ଷା କରି ତାର ଊର୍ଦ୍ଧ୍ୱକୁ ଉଠିଯିବାର ପ୍ରଚେଷ୍ଟା । ଅଛି ଏକ ଅଭିଜାତ ସଂସ୍କୃତି ପ୍ରତି କଟାକ୍ଷ ।

ବେସନ୍ଧ ଦୃଷ୍ଟିରୁ ଓ ଆମ ସମାଜର ବିକାଶଧାରା ଦୃଷ୍ଟିରୁ ସ୍ମୃତିଶାସ୍ତ୍ର ଓ ବ୍ରତ ଗୁଡ଼ିକର ଉଦ୍ଭବ କଥା ଅନୁଧ୍ୟାନ କରିବାକୁ ହେବ । ଏ ଦିଗରେ "ଓଡ଼ିଆ ବ୍ରତ ସାହିତ୍ୟ" ପ୍ରଥମ ଗବେଷଣାତ୍ମକ ଗ୍ରନ୍ଥ ।

ଉକ୍ତ ପୁସ୍ତକଟି ବ୍ରତଗୁଡ଼ିକର ସଂକଳନ ଓ ଆଲୋଚନା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ ।

ବାହୁଡ଼ା ଦଶମୀ
୧-୭-୮୨

**ରାଇଚରଣ ଦାସ**
ସମ୍ପାଦକ
**ଓଡ଼ିଶା ସାହିତ୍ୟ ଏକାଡେମୀ**

# ନିଜକଥା

ଓଡ଼ିଆ ବ୍ରତ ସାହିତ୍ୟ ଉପରେ ଖଣ୍ଡିଏ ଗ୍ରନ୍ଥ ଲେଖିବା ଲାଗି କେତେ ଦିନରୁ ଇଚ୍ଛା ଥିଲା । ସେଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏବଂ ନାନା ସୂତ୍ରରୁ ତଥ୍ୟ ସଂଗ୍ରହ କରିବା ଏବଂ ସେଗୁଡ଼ିକ ଅନୁଶୀଳନ କରିବାରେ ମନ ଦେଇଥିଲି । ମୁଁ ନିଜର ସଂଗ୍ରହ ବ୍ୟତୀତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଥିବା ଓଷାବ୍ରତ ପୋଥି ଏବଂ ଡକ୍ଟର କୁଞ୍ଜବିହାରୀ ଦାଶ ଠିକାଣୀରୁ ସଂଗ୍ରହ କରିଥିବା ପୋଥିଗୁଡ଼ିକ, ଖରସୁଆଁ ଗଡ଼ରୁ ସଂଗ୍ରହ କରିଥିବା ଶିଶୁ ସୁବନାଥୀ କଥା ଓ ଗୀତକୁ ଉପଯୋଗ କରିଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପ୍ରକାଶ ପାଉଥିବା ଏହି ଗ୍ରନ୍ଥଟି ମୋର ସଂଗ୍ରହ ଓ ଅଧ୍ୟୟନର ଏକ ଅଂଶ । ମୋତେ ଏହି କାର୍ଯ୍ୟରେ ମୂଳରୁ ଡକ୍ଟର ଦାଶ, ଡକ୍ଟର ନଟବର ସାମନ୍ତରାୟ ଓ ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତି ଉତ୍ସାହିତ କରି ଆସିଛନ୍ତି । ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ଗ୍ରନ୍ଥର ପରିଶିଷ୍ଟରେ ନିର୍ବାନ ମହାଲକ୍ଷ୍ମୀ ଓଷା କଥା ସଂଯୋଜିତ ହୋଇଛି । ରାଜ୍ୟ ସଂଗ୍ରହାଳୟର ପୋଥି ସହିତ ଆଉ ଗୃରେଟି ପୋଥିକୁ ମିଳାଇ ପାଠୋଦ୍ଧାର, ଶୁଦ୍ଧପାଠ, ଭିନ୍ନ ପାଠ ପ୍ରସ୍ତୁତ କରାଯାଇଛି । କେତେକ ଶବ୍ଦର ଟୀକା ଦିଆ ଯାଇଛି । ଏଥିରେ ପଣ୍ଡିତ ନୀଳମଣି ମିଶ୍ରଙ୍କ ଅକୁଣ୍ଠିତ ସାହାଯ୍ୟ ପାଶୋରି ହେବ ନାହିଁ । ଗ୍ରନ୍ଥ ସୂଚୀ ଓ ନାମ ସୂଚୀ ପ୍ରସ୍ତୁତ କରିବାରେ ଅଧ୍ୟାପକ ବ୍ରଜେନ୍ଦ୍ର ପ୍ରସାଦ ଦାସ ମଧ୍ୟ ସହଯୋଗ କରିଛନ୍ତି । ମୁଁ ସେମାନଙ୍କ ପାଖରେ କୃତଜ୍ଞ ।

ବିଭିନ୍ନ ଅଞ୍ଚଳରୁ ଓଷାବ୍ରତ ସଂଗ୍ରହକାର୍ଯ୍ୟରେ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଶ୍ରୀ ସତ୍ୟନାରାୟଣ ବହିଦାର, ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା, ଶ୍ରୀ ସରୋଜ କୁମାର ଦାସ, ଶ୍ରୀ ରଘୁନାଥ ସାହୁ ଶ୍ରୀ ସୁବ୍ରତ କୁମାର ସାମଲ, ଶ୍ରୀ କୈଳାସ ଚନ୍ଦ୍ର ଦାସ, ଶ୍ରୀମତୀ କନକ ମାଳୀ ଦେବୀ, ଶ୍ରୀମତୀ ଶଶିବାଳା କାନୁନଗୋ, ମିସ ମଞ୍ଜୁଶ୍ରୀ ଦାସ୍, ଶ୍ରୀମତୀ ପ୍ରତିଭା ମଞ୍ଜରୀ ପଟ୍ଟନାୟକ, ଶ୍ରୀ ନିର୍ମଳ କୁମାର ସେନାପତି ପ୍ରମୁଖ ମୋତେ ବହୁଭାବରେ ସାହାଯ୍ୟ କରିଛନ୍ତି । ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ଏହି ଗ୍ରନ୍ଥ ଲେଖିବା ବେଳେ ଜ୍ଞାନ ମଣ୍ଡଳର ପ୍ରଣେତା ଶ୍ରୀଯୁକ୍ତ ବିନୋଦ କାନୁନ୍‌ଗୋ, ପ୍ରଖ୍ୟାତ ଭାଷାତତ୍ତ୍ୱବିତ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଓ ଡକ୍ଟର ଅପନ୍ନା ପ୍ରଧାନ କେତେକ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି । ସେଥିପାଇଁ ମୁଁ ସେମାନଙ୍କୁ ଗଭୀର କୃତଜ୍ଞତା ଜଣାଉଛି ।

ସାହିତ୍ୟ ଏକାଡେମୀର କର୍ତ୍ତୃପକ୍ଷ ବିଶେଷତଃ ଏହାର ସମ୍ପାଦକ ଶ୍ରୀଯୁକ୍ତ ବଇଚରଣ ଦାସଙ୍କର ଉତ୍ସାହ ବିନା ଏହି ଗ୍ରନ୍ଥଟିର ପ୍ରକାଶ ସମ୍ଭବ ହୋଇ ନ ଥାନ୍ତା । ସେଥିପାଇଁ ମୁଁ ସେମାନଙ୍କ ନିକଟରେ ଋଣୀ ।

ଶ୍ରୀଜଗନ୍ନାଥ ପ୍ରେସର କର୍ମୀବୃନ୍ଦମାନେ ମଧ୍ୟ ମୋର ଧନ୍ୟବାଦାର୍ହ । ସେମାନଙ୍କର ସମସ୍ତ ଯତ୍ନ ସତ୍ତ୍ୱେ କେତେକ ମୁଦ୍ରଣଗତ ତ୍ରୁଟି ରହିଯାଇଛି । ପାଠକମାନେ ଶୁଦ୍ଧିପତ୍ର (ସଂଶୋଧନ - ସଂଯୋଜନ) ଦେଖି ସେଗୁଡ଼ିକୁ ସୁଧାରି ନେବାକୁ ଅନୁରୋଧ ।

'ଓଡ଼ିଆ ବ୍ରତସାହିତ୍ୟ' ବିଧିବଦ୍ଧ ସଂଗ୍ରହ ଓ ଅଧ୍ୟୟନ ଉପରେ ଆଧାରିତ ଏକ ଗବେଷଣାମୂଳକ ଗ୍ରନ୍ଥ । ଏହା ଭବିଷ୍ୟତ ଗବେଷଣାରେ ସାହାଯ୍ୟ କରିପାରିଲେ ଏବଂ ପାଠକମାନଙ୍କର ଆଦର ଲାଭକଲେ ଶ୍ରମ ସାର୍ଥକ ହେବ ।

ବସୁଧାରା,

ଏମ୍ : ପି : ୨୭ — ଅରବିନ୍ଦ ପଟ୍ଟନାୟକ

ଲକ୍ଷ୍ମୀସାଗର, ଭୁବନେଶ୍ୱର

# ସୂଚୀ


ପୃଷ୍ଠା

**ପ୍ରଥମ ଅଧ୍ୟାୟ** ୧

ଉପକ୍ରମ
ବ୍ରତ ୨
ବ୍ରତର ପୌରାଣିକତା ୨
ବ୍ରତର ପ୍ରାଧାନ୍ୟ ୪
ବ୍ରତର ଲୋକପ୍ରିୟତା ୫
ବ୍ରତ, ଓଷା, ଉତ୍ସବ ଓ ବ୍ରତସାହିତ୍ୟ ୬
ବ୍ରତସାହିତ୍ୟର ଆଲୋଚନା ୮
ବ୍ରତସାହିତ୍ୟର ପ୍ରାଚୀନତା ୯

**ଦ୍ୱିତୀୟ ଅଧ୍ୟାୟ** ୧୧

ଶନିଓଷା ୧୨
ସତ୍ୟନାରାୟଣ ବ୍ରତ ୧୪
ମୋହିନୀ ଏକାଦଶୀ ୧୫
ବରୁଥିନୀ ଏକାଦଶୀ ୧୯
ସାବିତ୍ରୀ ବ୍ରତ ୨୦
ଭାଉଣୀ ବ୍ରତ ୨୨
ଚତୁର୍ମାସ୍ୟା ଗୁରୁବାର ୨୩
ଖୁଦୁରୁକୁଣୀ ୨୫
ବୁଧେଇ ଓଷା ୨୯
ହରିତାଳିକା ୩୫
ବିନାୟକ ବ୍ରତ ୩୬
ଋଷି ପଞ୍ଚମୀ ୩୯
ଷଠୀ ଓଷା ୪୨

| | ପୃଷ୍ଠା |
|---|---|
| ସୋମନାଥ ବ୍ରତ | ୪୪ |
| କୁକ୍କୁଟୀ ବ୍ରତ | ୪୬ |
| ମଘା ଓଷା | ୪୭ |
| ରାଧାଷ୍ଟମୀ ବ୍ରତ | ୫୧ |
| ଅନନ୍ତ ବ୍ରତ | ୫୨ |
| କୃଷ୍ଣ ଜନ୍ମାଷ୍ଟମୀ | ୫୫ |
| ଗୃଉଳଭଜା ଓଷା | ୫୬ |
| ଭୋଦୁଆଭୋଦେଇ | ୬୨ |
| ଜହ୍ନି ଓଷା | ୬୪ |
| ନେତ ଓଷା | ୬୭ |
| ଆଶ୍ୱିନ ଗୁରୁବାର | ୬୮ |
| ଦୁତିଆଓଷା | ୭୦ |
| ଷୀରାଷ୍ଟମୀ | ୭୪ |
| ଦୁର୍ଗାଷ୍ଟମୀ | ୭୬ |
| ଡାଲଖାଇ | ୭୭ |
| ଭାଇଜିଉନ୍ତିଆ | ୭୮ |
| ଫୁଲେଇ ଓଷା | ୮୧ |
| ନଶାମଙ୍ଗଳବାର | ୮୫ |
| ଷୋଳପାଳି ମଙ୍ଗଳବାର | ୮୯ |
| କାର୍ତ୍ତିକ ଗୁରୁବାର | ୯୧ |
| ରାଇଦାମୋଦର | ୯୩ |
| ନାଗଲ ଚଉଠୀ | ୯୬ |
| କେଦାର ବ୍ରତ | ୧୦୧ |
| ପଞ୍ଚକ ବ୍ରତ | ୧୦୪ |
| ବଡ଼ଓଷା | ୧୧୨ |

| | ପୃଷ୍ଠା |
|---|---|
| କାଞ୍ଜିଅଁଳା ଓଷା | ୧୧୫ |
| ବୁଧ ମଙ୍ଗଳବାର ଓଷା | ୧୧୭ |
| ଉତ୍ତରାପୂଣୀ ମଙ୍ଗଳବାର | ୧୧୯ |
| ଧାନମାଣିକା ଓଷା | ୧୨୨ |
| ପୂର୍ଣ୍ଣିମା ଓଷା | ୧୩୩ |
| ପଣ୍ଡୁ ଓଷା | ୧୩୪ |
| ଦାଣ୍ଡପହଁରା ଓଷା | ୧୩୭ |
| ପୌଷ ରବିବାର ଓଷା | ୧୪୨ |
| ଅଲଣା ଓଷା | ୧୪୫ |
| ଶାମ୍ବଦଶମୀ ବ୍ରତ | ୧୪୭ |
| ଝୁଣ୍ଟି | ୧୫୨ |
| କଉଡ଼ିଆ ବିନାୟକ ବ୍ରତ | ୧୫୪ |
| ବାଟ ଓଷା | ୧୫୮ |
| ସଙ୍କଟ ଚଉଠି ବ୍ରତ | ୧୬୧ |
| ଅର୍ଦ୍ଧ ଉଦଆ ରବିବାର | ୧୬୪ |
| କାମାକ୍ଷୀ ବ୍ରତ | ୧୬୬ |
| ଶିବ ଚତୁର୍ଦ୍ଦଶୀ | ୧୬୮ |
| ଖରଖଣ୍ଣ ଓଷା | ୧୭୧ |
| ଚୈତ୍ର ମଙ୍ଗଳବାର ଓଷା | ୧୭୩ |
| ଚନ୍ଦ୍ରେଇ ମଙ୍ଗଳବାର | ୧୭୭ |
| କାମଦା ଏକାଦଶୀ | ୧୮୦ |
| ରବିନାରାୟଣ ବ୍ରତ | ୧୮୨ |
| ମଙ୍ଗଳସଂକ୍ରାନ୍ତି ବ୍ରତ | ୧୮୫ |
| ଗୁରୁ ପଞ୍ଚମୀ ବ୍ରତ | ୧୮୮ |
| ସୁଦଶା ବ୍ରତ | ୧୯୩ |

| | ପୃଷ୍ଠା |
|---|---|
| ଲକ୍ଷ୍ମୀନାରାୟଣ ବ୍ରତ | ୧୯୯ |
| ଚନ୍ଦ୍ର ଓଷା | ୨୦୦ |
| ପୁନେଇଁ ଉପବାସ | ୨୦୨ |
| ଶୁକ୍ରବାର ବ୍ରତ | ୨୦୫ |
| ନତ୍ୟାକ ମହାଲକ୍ଷ୍ମୀ ଓଷା | ୨୦୮ |
| ସୁକୁଭୁମା ଓଷା | ୨୧୩ |
| ନବକୁଳୀ ବ୍ରତ | ୨୧୬ |
| ସ୍ୱାମୀ ଉଦ୍ଧାର ବ୍ରତ | ୨୨୦ |
| ବାଲକୁମାରୀ ଓଷା | ୨୨୧ |
| ଶିଶୁସୁବନାଥୀ ବ୍ରତ | ୨୨୩ |
| କୁଶଲପଞ୍ଚମୀ | ୨୩୦ |
| ଚୈତ୍ର ପୂର୍ଣ୍ଣିମା | ୨୪୦ |
| ଓଷାକୋଠି | ୨୪୭ |
| ପୁଂସବନ ବ୍ରତ | ୨୪୯ |
| ସତ୍ୟନାରାୟଣ ବ୍ରତ | ୨୫୮ |
| ସିନାଥ ମେଲା | ୨୬୧ |
| ପଞ୍ଚାନନ ମେଲା | ୨୬୭ |


## ତୃତୀୟ ଅଧ୍ୟାୟ


| | |
|---|---|
| ମାଲଶ୍ରୀ | ୨୮୨ |


## ଚତୁର୍ଥ ଅଧ୍ୟାୟ


| | |
|---|---|
| ଉପସଂହାର | ୨୯୫ |
| ପରିଶିଷ୍ଟ | ୩୦୭ |
| ଗ୍ରନ୍ଥସୂଚୀ | ୩୧୭ |
| ନାମସୂଚୀ | ୩୧୯ |
| ସଂଶୋଧନ ଓ ସଂଯୋଜନ | ୩୨୭ |

# ପ୍ରଥମ ଅଧ୍ୟାୟ

ଉପବାସ ଓ ଉତ୍ସବର ଇତିହାସ ପ୍ରାଚୀନ । ଏହାର କ୍ଷେତ୍ର ବ୍ୟାପକ । ପୃଥିବୀର ବିଭିନ୍ନ ଅଞ୍ଚଳରେ ମାନବ ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଏଗୁଡ଼ିକର ବିକାଶ ଘଟିଛି । ଭାରତରେ ଏହାର ସଂଖ୍ୟା ଅଧିକ ଓ ବହୁବିଧ । ସଂସ୍କୃତ ଓ କେତେକ ଭାରତୀୟ ଭାଷାରେ ବ୍ରତ-ଉପବାସ ବା ଉପବାସ-ବ୍ରତ ସହଚର ଶବ୍ଦ ଭାବରେ ପ୍ରଚଳିତ । 'ବଙ୍ଗଲାର ବ୍ରତ' ପୁସ୍ତକରେ ଅବନୀନ୍ଦ୍ରନାଥ ବ୍ରତକୁ ଦୁଇ ଭାଗରେ ବିଭାଜିତ କରିଛନ୍ତି ଯଥା— (୧) ଯୋଷିତ୍ ପ୍ରଚଳିତ-ବ୍ରତ । ଏହା ନାରୀ ଓ କୁମାରୀ ମାନଙ୍କ ଦ୍ୱାରା ପାଳିତ ହୁଏ ଏବଂ (୨ ବ୍ରତ । ଏହା ନାରୀ ଓ ପୁରୁଷ ଉଭୟଙ୍କ ଦ୍ୱାରା ପାଳିତ ହୋଇପାରେ । କିନ୍ତୁ ଓଡ଼ିଶାରେ ନାରୀ ଓ କୁମାରୀ ମାନଙ୍କ ଦ୍ୱାରା ପାଳିତ ଉପବାସକୁ ଓଷା ବୋଲି କୁହାଯାଏ । ଏହା ସଂସ୍କୃତ ଉପବାସ ବା ପାଲି ଉପବସଥ ଶବ୍ଦରୁ ନିଷ୍ପନ୍ନ ହୋଇଥାଇପାରେ । ଏହା ଧର୍ମକୃତ୍ୟ ଭାବରେ ପ୍ରତିଷ୍ଠିତ । ଆଚରଣ ବିଧି ଓ ପରମ୍ପରା ଦୃଷ୍ଟିରୁ ବ୍ରତ ଓଷାଠାରୁ ଭିନ୍ନ । ବଙ୍ଗଳା ପରି ଓଡ଼ିଶାରେ ମଧ୍ୟ ବ୍ରତ ନାରୀ ଓ ପୁରୁଷ ଉଭୟଙ୍କ ଦ୍ୱାରା ପାଳନ କରାଯାଇପାରେ । ଏହି ଓଷା ଏବଂ ବ୍ରତ ସହିତ କଥା ଓ ମାଳଶ୍ରୀ ପ୍ରଚଳିତ । ଏଗୁଡ଼ିକୁ ବ୍ରତ ସାହିତ୍ୟ ବୋଲି କୁହାଯିବ ।

ଭାରତରେ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ହିନ୍ଦୁ ସମାଜରେ ବହୁବିଧ ଓ ବହୁ ସଂଖ୍ୟକ ବ୍ରତ ପାଳିତ ହୁଏ । ଏଗୁଡ଼ିକ ସହିତ ସେହି ସେହି ଭାଷାରେ ବ୍ରତ କଥାମାନ ପ୍ରଚଳିତ । ତେଣୁ ବ୍ରତ କଥା ଗୁଡ଼ିକ କେବଳ ଓଡ଼ିଶାରେ ସୀମିତ ନୁହେଁ । ପୁଣି ଏଗୁଡ଼ିକୁ ନିଜସ୍ୱ କୁହାଯିବା ମଧ୍ୟ ସବୁ କ୍ଷେତ୍ରରେ ଯଥାର୍ଥ ନୁହେଁ । କିନ୍ତୁ ଓଡ଼ିଆ ସମାଜରେ ଧର୍ମକୃତ୍ୟ ଭାବରେ ଆଚରିତ ଓଷାବ୍ରତ ଗୁଡ଼ିକର କଥା ବା କାହାଣୀରେ ଓଡ଼ିଆ ସଂସ୍କୃତିର ପ୍ରଭାବ ଏବଂ ତା'ର ଭାଷାରେ ଓଡ଼ିଆ ଭାଷା ଓ କଥନ ପରମ୍ପରାର ପ୍ରକାଶ ପରିପାଟୀ ସୁସ୍ପଷ୍ଟ । ଏଥିରୁ କେତେକ ବିଷୟ ବସ୍ତୁ ଓ ପରମ୍ପରା ଦୃଷ୍ଟିରୁ ମଧ୍ୟ ଉଲ୍ଲେଖନୀୟ । ଏହା ଲୌକିକ ଓ ମୌଖିକ ପରମ୍ପରାରୁ ଲିଖିତ

ଓ ଶାସ୍ତ୍ରୀୟ ପରମ୍ପରା ଆଡ଼କୁ ଗତି କରିଥିବା ସମ୍ଭବ । ଏହି ପ୍ରୟାସ ଏବେ ମଧ୍ୟ ପରିଲକ୍ଷିତ ହୁଏ । ବର୍ତ୍ତମାନ ବ୍ରତ ଏବଂ ଓଷା ସଂପର୍କରେ କିଞ୍ଚିତ୍ ଆଲୋଚନା କରିବା ।

## ବ୍ରତ

ବ୍ରତ ଶବ୍ଦ ସଂସ୍କୃତ 'ବୃ' ଧାତୁରୁ ନିଷ୍ପନ୍ନ । ଏହାର ଅର୍ଥ ବରଣ କରିବା, ପ୍ରାର୍ଥନା କରିବା । ସ୍ୱର୍ଗ ସୁଖ, ଧନାଦି କାମନାରେ ନିୟମିତ ବା ସଂକଳ୍ପିତ ଧର୍ମାନୁଷ୍ଠାନ ବା ଉପବାସାଦିକୁ ବ୍ରତ ବୋଲି ଅଭିଧାନ ମାନଙ୍କରେ ଉଲ୍ଲେଖ କରାଯାଇଛି । କାମନା ପୂରଣ ଉଦ୍ଦେଶ୍ୟରେ ଆଚରଣ ଏବଂ ଖାଦ୍ୟ ପେୟରେ ଶୁଦ୍ଧ ଏବଂ ସଂଯତ ରହି ନିର୍ଦ୍ଦିଷ୍ଟ ତିଥି, ବାର, ଯୋଗ, ସପ୍ତାହ, ମାସ ବା ସମୟରେ କୌଣସି ଦେବ ଦେବୀଙ୍କର ସନ୍ତୋଷ ବିଧାନ ବା ଆନୁକୂଲ୍ୟ ଲଭ ପାଇଁ ସଂକଳ୍ପବଦ୍ଧ ହୋଇ ନିର୍ଦ୍ଧାରିତ ନିୟମ ଅନୁସାରେ ସମ୍ପାଦିତ ଏକ ପ୍ରକାର ଧର୍ମକୃତ୍ୟକୁ ବ୍ରତ କୁହାଯାଏ । ବ୍ରତ ପାଳନରେ ନିରାହାର ରହିବା ଅପରିହାର୍ଯ୍ୟ ନୁହେଁ । କେତେକ ବ୍ରତରେ ଲଘୁ ଏବଂ ଯଜ୍ଞ ଉପଯୋଗୀ ଖାଦ୍ୟ ଗ୍ରହଣର ବିଧି ଉଲ୍ଲେଖ ଅଛି । ବ୍ରତ ଗୁଡ଼ିକ ସାଧାରଣତଃ ସ୍ମୃତି ବା ଧର୍ମଶାସ୍ତ୍ର ଅନୁମୋଦିତ ପ୍ରଣାଳୀରେ ପାଳିତ ହୁଏ । ଏଥିରେ ସଂକଳ୍ପ, ଇଷ୍ଟପୂଜା ଓ କଥା ଶ୍ରବଣ ଅନିବାର୍ଯ୍ୟ ଅଙ୍ଗ ଭାବରେ ଥାଏ । ଏହା ପୁରୁଷ ଓ ସ୍ତ୍ରୀ ଉଭୟେ ପାଳନ କରନ୍ତି ବୋଲି ଉପରେ କୁହାଯାଇଛି ।

## ବ୍ରତର ପୌରାଣିକତା

କେତେକ ବ୍ରତକଥା ସଂସ୍କୃତ ପୁରାଣରୁ ଗୃହୀତ । ଭବିଷ୍ୟୋତ୍ତର ପୁରାଣରୁ ଅନନ୍ତ ବ୍ରତ, ଋଷି ପଞ୍ଚମୀ ବ୍ରତ, କୁକ୍‌କୁଟୀ ବ୍ରତ, ଲକ୍ଷ୍ମୀନାରାୟଣ ବ୍ରତ, ପୌଷ ରବିବାର ବ୍ରତ, ଅସିତାଷ୍ଟମୀ ବ୍ରତ; ପଦ୍ମପୁରାଣରୁ ସୁଦଶା ବ୍ରତ, ଗୁରୁ ପଞ୍ଚମୀ ବ୍ରତ; ଶିବ ପୁରାଣରୁ ସୋମନାଥ ବ୍ରତ, ଶାମ୍ବ ପୁରାଣରୁ ମଙ୍ଗଳ ସଂକ୍ରାନ୍ତି ବ୍ରତ, ସ୍କନ୍ଦ ପୁରାଣରୁ ବିନାୟକ ବ୍ରତ, ଦେବୀ ପୁରାଣରୁ ଦୁର୍ଗାଷ୍ଟମୀ ବ୍ରତ, କାଳିକା ପୁରାଣରୁ ମହାକାଳୀ ବ୍ରତ, ମହାଭାରତରୁ

ସାବିତ୍ରୀ ବ୍ରତ ପ୍ରଭୃତି ଆସିଥିବାର ଉଲ୍ଲେଖ କରାଯାଇଛି । ଏଗୁଡ଼ିକ ସଂସ୍କୃତ ଭାଷାରେ ରଚିତ । ଏହାଛଡ଼ା ବହୁ ବ୍ରତ କଥାରେ ତାହା ବିଭିନ୍ନ ପୁରାଣରୁ ଆସିଥିବାର ଦାବୀ କରାଯାଏ । ମାତ୍ର ଉକ୍ତ ପୁରାଣରେ ସେହି ବ୍ରତର ଉଲ୍ଲେଖ ଦେଖାଯାଏ ନାହିଁ । ପଣ୍ଡିତମାନଙ୍କ ମତରେ, ପୌରାଣିକତା ଦାବୀ କରୁଥିବା କେତେକ ବ୍ରତ ଲୌକିକ ଧର୍ମରୁ ଗୃହୀତ ହୋଇ କ୍ରମେ ପୁରାଣମାନଙ୍କରେ ସ୍ଥାନ ପାଇଛନ୍ତି । କେତେକ ବିଦ୍ୱାନ ବ୍ରତାଚରଣକୁ ବ୍ରାତ୍ୟ ସଂସ୍କୃତିର ଅବଦାନ ବୋଲି ଯୁକ୍ତି କରନ୍ତି । କିନ୍ତୁ ଏହି ମତ ପ୍ରତିଷ୍ଠିତ ହୋଇ ନାହିଁ । ସେ ଯାହା ହେଉନା କାହିଁକି ପୁରାଣରେ ବ୍ରତର ଉଲ୍ଲେଖ ଏବଂ ବ୍ରତମାନଙ୍କରେ ପୌରାଣିକ ବା ଶାସ୍ତ୍ରୀୟ ପ୍ରାମାଣିକତାର ଦାବୀ ଲକ୍ଷ୍ୟ କରାଯାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଓଷା, ବ୍ରତ ଗୁଡ଼ିକରୁ ମିଳୁଥିବା ସୂଚନା ବିଚାର କରାଯାଇ ପାରେ ।

ଲୋକମୁଖରେ ପ୍ରଚଳିତ ଓ ପରବର୍ତ୍ତୀ କାଳରେ ପୋଥିରେ ସଂଗୃହୀତ ଗଦ୍ୟ ଅଥବା ପଦ୍ୟ-ବଦ୍ଧ ଓଷା କଥା ଗୁଡ଼ିକରେ ଅଲୌକିକ ଓ ଲୌକିକ ସୂତ୍ରର ପ୍ରମାଣ ମିଳେ । କେଦାର ବ୍ରତରେ ଅଛି – 'ଚକୁରିଆ ପଣ୍ଡାର ଦୁଇ ଝିଅ ସ୍ୱର୍ଗରୁ କେଦାର ମା' ବ୍ରତ ମର୍ତ୍ତ୍ୟେ ଆଣିଲେ । ସେହି ଦିନରୁ ଏହି ବ୍ରତ ମନୁଷ୍ୟମାନେ ପାଳିଲେ ।" "ନଣ୍ଡା ମଙ୍ଗଳବାର" କଥାରେ ରାଜାଙ୍କର ପ୍ରଶ୍ନର ଉତ୍ତର ଦେଇ ସାଧବାଣୀ କହୁଛି— "ମୁଁ ଆଶ୍ୱିନ ମଙ୍ଗଳବାର ଟଙ୍କଶାଳ ଲିପା ପୋଛା କରି ଶ୍ରୀ ସର୍ବ ମଙ୍ଗଳାଙ୍କ ଓଷା କରଇ । ଫୁଲ ପ୍ରସାଦ ଏମାନଙ୍କ ଉପରେ ଛୁଇଁଲରୁ ଏମାନେ ବଞ୍ଚିଲେ । ଏହାଶୁଣି ରାଜା ଅନେକେ ତ ପାଟରାଣୀଙ୍କୁ ଏହି ବ୍ରତ କରାଇଲେ । ଯେ ଯାହାର ମନ-କାମନା ଥିଲା ତାହା ପୂର୍ଣ୍ଣ ହେଲା ।" "ଚଇତ ମଙ୍ଗଳବାର" ଓଷା କଥାରେ ଅଛି— 'ଚଇତ ମଙ୍ଗଳବାର' କେହି ନ କରନ୍ତି । ସ୍ୱର୍ଗର ନତେଇ ଧୋବଣୀ କରେ । ମର୍ତ୍ତ୍ୟ ପୁରେ ଚଇତି ହାଡ଼ିଆଣୀ କରଇ ।" ରାଜା ଚଇତି ହାଡ଼ିଆଣୀ ଠାରୁ ଓଷା ବିଧି ଶୁଣି ରାଣୀମାନଙ୍କୁ ଓଷା କରାଇଲେ ଏବଂ ଫଳ ସ୍ୱରୂପ ପୁତ୍ରଲାଭ କଲେ ।

ବିଭିନ୍ନ ଓଷାକଥା ଏବଂ ବ୍ରତକଥା ଅଧ୍ୟୟନରୁ ଜଣାପଡ଼େ ଏଗୁଡ଼ିକ ମୂଳତଃ ଲୌକିକ ହିନ୍ଦୁ ଧର୍ମର ଅନ୍ତର୍ଭୁକ୍ତ । ଆର୍ଯ୍ୟମାନଙ୍କର ବସତି ବିସ୍ତାର ପୂର୍ବରୁ ଓଡ଼ିଶାର ଆଦିମ ଜନଗୋଷ୍ଠୀରେ ଏଗୁଡ଼ିକ ପ୍ରଚଳିତ ଥିଲା । ପରବର୍ତ୍ତୀ ସମୟରେ ଏଥି ମଧ୍ୟରୁ କେତେକ ଆର୍ଯ୍ୟ ଗୋଷ୍ଠୀଙ୍କର ସ୍ୱୀକୃତି ପାଇଛି । ପୁରାଣ ଓ ସ୍ମୃତି ଗ୍ରନ୍ଥରେ ସ୍ଥାନ ପାଇଥିବା ବହୁ ବ୍ରତକଥା ଲୌକିକ ଧର୍ମରୁ ଗୃହୀତ ବୋଲି ମନେ ହୁଏ । ଏବେ ମଧ୍ୟ ଓଡ଼ିଶାର ପ୍ରଚଳିତ ବହୁ ଓଷା-ବ୍ରତରେ ପୌରୋହିତ୍ୟ ପାଇଁ ବ୍ରାହ୍ମଣ ବରଣ ଆବଶ୍ୟକ ହୁଏନାହିଁ । ଏଗୁଡ଼ିକ ପାଳନ କରୁଥିବା କନ୍ୟା ଓ ନାରୀମାନେ ନିଜେ ନିଜର ପୂଜା ଓ ଅର୍ଘ୍ୟ ନିବେଦନ କରିଥାନ୍ତି । କଥାପାଠ ବା କଥନ ମଧ୍ୟ ସେହି ମାନଙ୍କ ମଧ୍ୟରୁ ଜଣକ ଦ୍ୱାରା ହୋଇଥାଏ । ବ୍ରତ ସାହିତ୍ୟର ଅଧ୍ୟୟନ ଦୃଷ୍ଟିରୁ ଏହି ତଥ୍ୟ ଗୁରୁତ୍ୱ ପୂର୍ଣ୍ଣ ।

## ବ୍ରତର ପ୍ରାଧାନ୍ୟ

ହିନ୍ଦୁ ଧର୍ମରେ ବ୍ରତର ପ୍ରାଧାନ୍ୟ ବିଷୟରେ ଡକ୍ଟର ବଳଦେବ ଉପାଧ୍ୟାୟ କହିଛନ୍ତି- "ଧର୍ମ ଏବଂ ବ୍ରତର ସମ୍ବନ୍ଧ ବଡ଼ ଗଭୀର । ବୋଧହୁଏ ଏପରି କୌଣସି ଧର୍ମ ନାହିଁ ଯେଉଁଥିରେ ବ୍ରତର ଆଚରଣ ଉପରେ ଗୁରୁତ୍ୱ ଦିଆ-ଯାଇନାହିଁ । ବ୍ରତକୁ ଠିକ୍ ଠିକ୍ ନିର୍ଣ୍ଣୟ କରିବା ଲାଗି ତଥା ଉଚିତ ଭାବରେ ତାକୁ ଅନୁଷ୍ଠିତ କରିବା ପାଇଁ ଆମ ଧର୍ମରେ ଯେତେ ଆଗ୍ରହ ଦେଖାଯାଏ ଅନ୍ୟ କୌଣସି ଧର୍ମରେ ସେତେ ଆଗ୍ରହ ଦେଖାଯାଏନାହିଁ । ଏଥିପାଇଁ ଆମ ଧର୍ମ ଶାସ୍ତ୍ରର ଏକ ବିଶେଷ ଅଙ୍ଗ ବ୍ରତଗୁଡ଼ିକର ନିର୍ଣ୍ଣୟ ଏବଂ ଅନୁଷ୍ଠାନ ପ୍ରବର୍ତ୍ତିତ ହୋଇଛି" ।

ଉପରେ ଯେଉଁ ଧର୍ମଶାସ୍ତ୍ର କଥା କୁହା ଯାଇଛି ତାହା ସ୍ମୃତି ନାମରେ ପରିଚିତ । ଏଗୁଡ଼ିକ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ପ୍ରଣୀତ । ଇତିହାସରୁ ଜଣାଯାଏ ଯେ ଆର୍ଯ୍ୟମାନେ କ୍ରମେ ଭାରତର ଦୂର ଦୂରାନ୍ତକୁ ଯାଇ ସେଠାରେ ସୁବିଧା ଦେଖି ବସତି ସ୍ଥାପନ କରୁଥିଲେ । ସେତେବେଳେ ଯୋଗାଯୋଗର ସେତେ ସୁବିଧା ନଥିଲା । ଏହିପରି ବିଭିନ୍ନ ସ୍ଥାନରେ ବସବାସ କରିବାରୁ ସେମାନଙ୍କର ଲୋକ ଯାତ୍ରାରେ ନାନା ଦିଗରୁ ପାର୍ଥକ୍ୟ ସୃଷ୍ଟି ହେଲା । ସେହି ସମୟରେ ଅନୁଭବ କରାଗଲା ଯେ ସମସ୍ତଙ୍କ ପାଇଁ ଏକ ପ୍ରକାର ଆଚାର ଓ

ଧର୍ମ ସମାନଭାବେ ପ୍ରଯୁଜ୍ୟ ହେବା ସମ୍ଭବ ନୁହେଁ । ସମାଜରେ ଏହି ଅବସ୍ଥାରେ ବିଭିନ୍ନ ଅଞ୍ଚଳରେ ଅବସ୍ଥାନ କରୁଥିବା ଭାରତୀୟ ଆର୍ଯ୍ୟମାନଙ୍କର ଲୋକ-ଯାତ୍ରାର ଉପଯୋଗୀ ବହୁବିଧ ସ୍ମୃତି ଗ୍ରନ୍ଥର ଉଦ୍ଭାବ ହେଲା । ଓଡ଼ିଶାରେ ସଦାନନ୍ଦ ଜଣେ ପ୍ରସିଦ୍ଧ ସ୍ମୃତିକାର ଥିଲେ । ସେ ଏକାଦଶ ଶତାବ୍ଦୀର ପ୍ରସିଦ୍ଧ ସ୍ମୃତିକାର । ତାଙ୍କପରେ ଓଡ଼ିଶାରେ ବହୁ ସ୍ମୃତି ପ୍ରଣେତା ସ୍ମୃତି ଶାସ୍ତ୍ରମାନ ପ୍ରଣୟନ କରି ଯାଇଛନ୍ତି । ଅଷ୍ଟାଦଶ ଶତାବ୍ଦୀର ସ୍ମୃତିକାର ଗଦାଧର ରାଜଗୁରୁଙ୍କର "କାଳସାର" ବା "ଗଦାଧର ପଦ୍ଧତି" ଅନୁସାରେ ସମ୍ପ୍ରତି ଓଡ଼ିଶାରେ ବ୍ରତାଦି ଧର୍ମକୃତ୍ୟ ନିରୂପିତ ହେଉଛି ।

## ବ୍ରତର ଲୋକପ୍ରିୟତା

କୌଣସି ଧାର୍ମିକ କୃତ୍ୟ ସମ୍ପନ୍ନ କଲାବେଳେ ସଂକଳ୍ପ, ବାହ୍ୟ ଶୁଚି ଏବଂ ଆଚରଣରେ ସଂଯମ ଅବଲମ୍ବନ ଏବଂ ସେଥିପାଇଁ ଖାଦ୍ୟର ନିୟମ ଏବଂ ନିରୂପଣ କଥା ଆସୁଛି । ବୈଦିକ ଯୁଗରେ କେତେକ ଧର୍ମକୃତ୍ୟ ଅନୁଷ୍ଠିତ ହେଉଥିଲା, ତାହା ପରମ୍ପରା କ୍ରମେ ଗଢ଼ିଆସିଛି । ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଏହା ଆଚରିତ ହେଉଥିଲା । ବୈଦିକ ଯୁଗରେ ଯଜ୍ଞ ଏବଂ ବଳୀ ପ୍ରଥା ପ୍ରଚଳିତ ଥିଲା । ମାତ୍ର ଏହା ଅଧିକ ଖର୍ଚ୍ଚ ସାପେକ୍ଷ ଥିଲା । ବୌଦ୍ଧ ଓ ଜୈନ ଧର୍ମର ପ୍ରସାର କାଳରେ ଏହି ଧର୍ମାବଲମ୍ବୀମାନେ ବୈଦିକ ଯଜ୍ଞ ଓ ବଳୀ ପ୍ରଥାର ବିରୋଧ କରୁଥିଲେ । ତେଣୁ ବୈଦିକ ଧର୍ମର ଅନୁଗାମୀମାନେ ବ୍ରତକୁ ଗୁରୁତ୍ୱ ଦେଲେ । ବ୍ରତ ଦ୍ୱାରା ସ୍ୱର୍ଗ ଏବଂ ଅନ୍ୟାନ୍ୟ ସାଂସାରିକ ସମୃଦ୍ଧି ମିଳିବ ବୋଲି ଗୋଟିଏ ଧାରଣା ପ୍ରଚଳିତ ହେଲା । ବ୍ରତଗୁଡ଼ିକ ସରଳ, ଅଳ୍ପ ଖର୍ଚ୍ଚସାପେକ୍ଷ ଏବଂ ପାଳନ ପାଇଁ ଅପେକ୍ଷାକୃତ ସହଜତର ଥିଲା । ହିନ୍ଦୁ ଧର୍ମରେ ଏହିପରି ବ୍ରତ ବିଧି ସୃଷ୍ଟି ହୋଇଯିବାରୁ ସାଧାରଣ ଲୋକେ ସେଥିପ୍ରତି ଆକୃଷ୍ଟ ହୋଇ ପଡ଼ିଲେ । ପୁରାଣ ମାନଙ୍କରେ ଏହାର ପ୍ରଶସ୍ତି କରାଗଲା । ଶହେଟି ବୈଦିକ ଯଜ୍ଞରେ ମଧ୍ୟ ମିଳୁ ନଥିବା ଫଳ ନିର୍ଦ୍ଦିଷ୍ଟ ବ୍ରତ ଦିନରେ ସୂର୍ଯ୍ୟଙ୍କ ପୂଜା ଦ୍ୱାରା ମିଳିଥାଏ ବୋଲି 'ପଦ୍ମ ପୁରାଣ' ରେ କୁହାଯାଇଛି । କଳିଯୁଗରେ ମନୁଙ୍କ ଦ୍ୱାରା ପ୍ରବର୍ତ୍ତିତ ବୈଦିକ ଯଜ୍ଞମାନ ଖର୍ଚ୍ଚ ବାହୁଲ୍ୟ ହେତୁ ଅନୁଷ୍ଠାନ କରିବା ସମ୍ଭବ ନୁହେଁ । ସେଥିପାଇଁ ତାହା ବଦଳରେ ବ୍ରତପାଳନ କରିବା ଉଚିତ ବୋଲି ପଦ୍ମପୁରାଣରେ

କୁହାଯାଇଛି । କ୍ରମେ ବ୍ରତାନୁଷ୍ଠାନକୁ ସାଧାରଣ ଲୋକଙ୍କ ପାଇଁ ସହଜ ଓ ଆକର୍ଷଣୀୟ କରାଯାଇଥିଲା । ଯେତେବେଳେ ବିଭିନ୍ନ ଧର୍ମ ସଂପ୍ରଦାୟର ବିକାଶ ଘଟିଲା, ସେତେବେଳେ ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟ ନିଜ ନିଜର ସମ୍ପ୍ରଦାୟର ଅନୁଗାମୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ରତର ବିଧି ବିଧାନ ଖଞ୍ଜିଲେ । ଶୈବ ବ୍ରତ, ବୈଷ୍ଣବ ବ୍ରତ, ଗାଣପତ୍ୟ ବ୍ରତ ଓ ଶାକ୍ତ ବ୍ରତ ପ୍ରଭୃତିର ସୃଷ୍ଟି ହେଲା ।

## ବ୍ରତ, ଓଷା, ଉତ୍ସବ ଓ ବ୍ରତ ସାହିତ୍ୟ

ପ୍ରସିଦ୍ଧ ଓଡ଼ିଆ କୋଷକାର ଗୋପାଳ ଚନ୍ଦ୍ର ପ୍ରହରାଜ ଲକ୍ଷ୍ୟ କରିଛନ୍ତି- "ବ୍ରତ, ଉପବାସ, ଓଷା, ପର୍ବ, ଯାତ୍ରାଦି ଶବ୍ଦ ମାନଙ୍କର ବ୍ୟବହାରରେ ଗୋଳମାଳ ଦେଖାଯାଏ ।" ଏହି ପରି ଗୋଳମାଳରେ ପଡି ପଣ୍ଡିତ ଜଗନ୍ନାଥ ଶାସ୍ତ୍ରୀ ହୋସିଙ୍ଗ୍ "ବ୍ରତକୋଷଃ" ସଂକଳନ ସମୟରେ ବ୍ରତ ସହିତ ଅନେକ ଉତ୍ସବ ଓ ପର୍ବକୁ ତାଙ୍କ ବିବରଣୀର ଅନ୍ତର୍ଭୁକ୍ତ କରିଛନ୍ତି । ସେଥିପାଇଁ ମୂଳରୁ ସଂଜ୍ଞା ନିରୂପଣ କରାଯାଇଛି । ଓଷାଠାରୁ ବ୍ରତର ପାର୍ଥକ୍ୟ ସଂପର୍କରେ ମଧ୍ୟ ସୂଚନା ଦିଆଯାଇଛି । ବର୍ତ୍ତମାନ ବ୍ରତ ଓ ଓଷାମାନଙ୍କ ମଧ୍ୟରେ ପାର୍ଥକ୍ୟ ଓ ସାମଞ୍ଜସ୍ୟ ସଂପର୍କରେ ଆଲୋଚନା କରାଯାଇ ପାରେ ।

ଉତ୍ସବ ସଂପର୍କରେ ଡ଼କ୍ଟର ରାଜବଳୀ ପାଣ୍ଡେୟ ହିନ୍ଦୁ ଧର୍ମକୋଷରେ ଉଲ୍ଲେଖ କରିଛନ୍ତି— "ବ୍ରତ ଗ୍ରନ୍ଥ ମାନଙ୍କରେ ତଥା ପୁରାଣ ମାନଙ୍କରେ ଅସଂଖ୍ୟ ଉତ୍ସବର ଉଲ୍ଲେଖ ଅଛି । × × ଋଗ୍‌ବେଦ ( ୧.୧୦୦,୮ ତଥା ୧. ୧୦୧.୭ ) ରେ ମଧ୍ୟ ଉତ୍ସବ ଶବ୍ଦର ଉଲ୍ଲେଖ ମିଳେ । ଉତ୍ସବ ଦିନ ପ୍ରସାଧନ, ଗାନ, ଭୋଜନ, ମିଳନ, ଦାନ ପୂଜା ଆଦିର ବିଧାନ ଅଛି ।" ସେ ପୁଣି କହିଛନ୍ତି ଯେ ଉପବାସ ଏକ ଧାର୍ମିକ ବ୍ରତ । ବ୍ରତ ଦିନ ଭୋଜନ ନକରିବା ବିଧି । ଏହାର ପର୍ଯ୍ୟାୟ ହେଉଛି- ଉପବସ୍ତ, ଉପୋଷିତ, ଉପୋଷଣ, ଔପବସ୍ତ ଆଦି । ଏହାର ପରିଭାଷାରେ କୁହାଯାଇଛି ପାପରୁ ନିବୃତ୍ତ ହୋଇ ପୁଣ୍ୟସହିତ ରହିବାକୁ ଉପବାସ କୁହାଯାଏ । ଯେଉଁଥିରେ ସବୁ ବିଷୟରେ ଉପଭୋଗ ବର୍ଜିତ ହୋଇଥାଏ । ଏହାର ଶାବ୍ଦିକ ଅର୍ଥ ହେଉଛି— ( ଉପ + ବାସ ) ଆପଣାର ଅରାଧ୍ୟଙ୍କ ନିକଟରେ ବାସ କରିବା । ଭୋଜନ

ଘରଦ୍ୱାର ଏଥିପାଇଁ ସହାୟକ ହୋଇଥାଏ । ଏଥିପାଇଁ ଏହାକୁ ଉପବାସ କୁହାଯାଏ । ଏହି ଉପବାସକୁ ଓଡ଼ିଆରେ ଓଷା ବୋଲି ମଧ୍ୟ କୁହାଯାଏ ।

ଏହି ପରିଚ୍ଛେଦର ଆରମ୍ଭରେ କୁହାଯାଇଛି ଯେ ଅବନୀନ୍ଦ୍ର ନାଥ ଠାକୁର ବଙ୍ଗଳାର ବ୍ରତ ପୁସ୍ତକରେ ବ୍ରତକୁ ଦୁଇ ଭାଗରେ ବିଭକ୍ତ କରି ନାରୀ ଓ କୁମାରୀ ମାନଙ୍କ ଦ୍ୱାରା ପାଳନ କରା ଯାଉଥିବା ବ୍ରତକୁ 'ନାରୀ ବ୍ରତ' ଓ ଅବଶିଷ୍ଟ ଗୁଡ଼ିକୁ ପୁରୁଷ ବ୍ରତ ବା ବ୍ରତ ବୋଲି ଚିହ୍ନିତ କରିଛନ୍ତି । ମାତ୍ର ଓଡ଼ିଶାରେ ନାରୀ ଓ କୁମାରୀ ମାନେ ପାଳନ କରୁଥିବା ବ୍ରତକୁ ଓଷା ବୋଲି କୁହାଯାଏ । ବ୍ରତ ଉଭୟ ପୁରୁଷ ଏବଂ ନାରୀଙ୍କ ଦ୍ୱାରା ପାଳିତ ହୋଇପାରେ । କିନ୍ତୁ ବାସ୍ତବ କ୍ଷେତ୍ରରେ କୁମାରୀ ଓ ନାରୀମାନେ ହିଁ ଓଷାବ୍ରତ ପାଳନ କରି ଥାଆନ୍ତି । ଏଥିରେ ପୁରୁଷ ମାନଙ୍କର ଅଂଶ ଗ୍ରହଣ କ୍ୱଚିତ୍ ପରିଲକ୍ଷିତ ହୁଏ । ବ୍ରତପରି ଓଷା ଶାସ୍ତ୍ରାନୁମୋଦିତ ହେବା ଅପରିହାର୍ଯ୍ୟ ନୁହେଁ । ଏଥିରେ ବ୍ରାହ୍ମଣ ପୌରୋହିତ୍ୟ ଓ କର୍ମ କାଣ୍ଡର ପ୍ରାଧାନ୍ୟ ନାହିଁ । ଏହା ନାରୀର ପୌରୋହିତ୍ୟରେ ଅନୁଷ୍ଠିତ ହୁଏ । ବ୍ରତକଥା ପରି ଓଷା କଥା ଗୁଡ଼ିକରେ ପୌରାଣିକତାର ଦାବୀ ନାହିଁ । ଓଷାର କଥା ଓ ଆଚାର ଅନୁଷ୍ଠାନ ସଂପୂର୍ଣ୍ଣ ରୂପେ ଲୌକିକ ।

ଓଷା ଏବଂ ବ୍ରତ, ଉଭୟରେ କଥା ଶ୍ରବଣ ଏକ ଅନିବାର୍ଯ୍ୟ ଅଙ୍ଗ । ତେଣୁ ଏହା ମୌଖିକ କଥିତ ଓ ଲିଖିତ ରୂପରେ ଓଷାକଥା ଓ ବ୍ରତ କଥାର ବିକାଶ ଘଟିଛି । ଲିପିକାର ଓ ପୂଜକଗୋଷ୍ଠୀ ଲୋକ ମୁଖରୁ ବହୁ ଓଷାବ୍ରତ କଥା ସଂଗ୍ରହ କରି ତାଳପତ୍ର ପୋଥିରେ ଲିପିବଦ୍ଧ କରି ଯାଇଛନ୍ତି । ଏଥିରେ କୌଣସି ଲେଖକଙ୍କର ନାମ ନାହିଁ । କେତେକ ଓଷା ବ୍ରତର କାହାଣୀକୁ କବିମାନେ ପଦ୍ୟବଦ୍ଧ କରିଛନ୍ତି । ଏହିପରି ଓଷାବ୍ରତ କଥାର ଭଣିତା ମାନଙ୍କରେ, ଲେଖକ ମାନଙ୍କର ନାମଥାଏ । ଓଷା ଏବଂ ବ୍ରତର ବ୍ୟୁତ୍ପତ୍ତି, ସଂଜ୍ଞା ଭିନ୍ନ ହେଲେ ମଧ୍ୟ ଧର୍ମକୃତ୍ୟ ଭାବରେ ଉଭୟରେ କଥା ଶ୍ରବଣ ସାଧାରଣ ଅଙ୍ଗ ହୋଇଥିବାରୁ ଏଥିସହ ସମ୍ପୃକ୍ତ କଥା ଗୁଡ଼ିକୁ ବ୍ରତ ସାହିତ୍ୟ କୁହାଯାଇ ପାରେ । ଏହି କଥା ବ୍ୟତୀତ କେତେକ ଓଷା ବ୍ରତ ସହିତ ମାଳଶ୍ରୀ ଗାନ କରାଯାଏ । ଏ ଗୁଡ଼ିକ ମଧ୍ୟରୁ କେତୋଟି ନିର୍ଦ୍ଦିଷ୍ଟ ଲେଖକଙ୍କ ଦ୍ୱାରା

ରଚିତ ଏବଂ ଅନେକ ଲୋକ ସାହିତ୍ୟର ଅନ୍ତର୍ଭୁକ୍ତ । ଉଭୟ ପ୍ରକାର ମୌଖିକ ଓ ଲିଖିତ ସାହିତ୍ୟ ବ୍ରତ ସାହିତ୍ୟର ପରିସର ଭୁକ୍ତ । କିନ୍ତୁ ସାମାଜିକ ମର୍ଯ୍ୟାଦା ବୃଦ୍ଧି ପର୍ବର ଅନ୍ତର୍ଭୁକ୍ତ ହୋଇ ଥିବାରୁ ରଜ, କୁମାର ପୂର୍ଣ୍ଣିମା ଇତ୍ୟାଦିରେ ଗାନ କରା ଯାଉଥିବା ଗୀତ ଗୁଡ଼ିକୁ ବ୍ରତ ସାହିତ୍ୟର ପରିସର ମଧ୍ୟରେ ଆଲୋଚନା କରାଯାଉ ନାହିଁ ।

ବିଭିନ୍ନ ଭାରତୀୟ ଭାଷାରେ ବ୍ରତୋପବାସ କାହାଣି ବା ବ୍ରତକଥା ଅଛି । ଅନେକେ ଆଶୁତୋଷ ଭଟ୍ଟାଚାର୍ଯ୍ୟ ବଙ୍ଗଳା ବ୍ରତକଥା ଗୁଡ଼ିକୁ ଲୋକ ସାହିତ୍ୟର ପରିସରଭୁକ୍ତ କରିଛନ୍ତି ଏବଂ ଏହା ମିଥ୍ ପର୍ଯ୍ୟାୟଭୁକ୍ତ ବୋଲି କହିଛନ୍ତି । ଏକ କ୍ଷେତ୍ରରେ ନଗେନ୍ଦ୍ର ସ୍ୱାମୀ ବ୍ରତକଥା ଗୁଡ଼ିକୁ ଅଭିପ୍ରାୟ ଗର୍ଭିତ ଆନୁଷ୍ଠାନିକ ଲୋକ କାହାଣୀର ପର୍ଯ୍ୟାୟଭୁକ୍ତ କରିଛନ୍ତି । ସାମାଜିକ ଜନତତ୍ତ୍ୱ ଦୃଷ୍ଟିରୁ ଓ ବ୍ରତର ବିଧି ବିଧାନ ସମ୍ପର୍କରେ ଆଲୋଚନା କରି କେହି କେହି ଏ ଗୁଡ଼ିକୁ ଅଶାସ୍ତ୍ରୀୟ, ଅପୌରାଣିକ, ଅବୈଦିକ, ଅସ୍ମାର୍ତ୍ତ ଏବଂ ଏଥିରେ ପ୍ରାକ୍ ଐତିହାସିକ ସମାଜର ଉର୍ବରତା ବାଦ, ଗୁହ୍ୟ ଯାଦୁବିଦ୍ୟାର ଟୋଟେମ ପ୍ରକ୍ରିୟା ଟାବୁ ବିଦ୍ୟମାନ ବୋଲି ଦର୍ଶାଇଛନ୍ତି ।

## ବ୍ରତ ସାହିତ୍ୟର ଆଲୋଚନା

ଉପରେ କୁହାଯାଇଛି ଯେ ବଙ୍ଗଳାରେ ବ୍ରତ ଗୁଡ଼ିକ ଲୋକ-ସାହିତ୍ୟର ପରିସର ଭୁକ୍ତ । ଓଡ଼ିଆ ଲୋକସାହିତ୍ୟ ବିଶାରଦ ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ର ଓ ଡ଼ଃ କୁଞ୍ଜବିହାରୀ ଦାଶ ମଧ୍ୟ କେତେକ ଓଷା ବ୍ରତର କଥା ଓ ଗୀତ ସଂଗ୍ରହ କରି ନିଜ ନିଜ ସଂକଳନରେ ସଂକଳିତ ଓ ସନ୍ନିବେଶିତ ଓ ସମୀକ୍ଷା କରିଛନ୍ତି । କିନ୍ତୁ ଏଥିରେ କୃଷ୍ଣ ଚରଣ ବେହେରା ସମସ୍ତ ବ୍ରତ କଥାକୁ ଅବିଚାରିତ ଭାବରେ ଲୋକ ସାହିତ୍ୟର ପରିସରଭୁକ୍ତ କରିବା ବୋଲି ଅଯଥାର୍ଥ ଦର୍ଶାଇଛନ୍ତି । ତାଙ୍କ ମତରେ, ଯେଉଁ ବ୍ରତ ବା ଓଷାଗୁଡ଼ିକ ଶ୍ରୁତିରୁ ଶ୍ରୁତିକୁ ଚଳି ନକରି ନିର୍ଦ୍ଦିଷ୍ଟ କବିଙ୍କ ଦ୍ୱାରା ପଦ୍ୟରେ ରଚିତ ହୋଇଛି ସେ ଗୁଡ଼ିକୁ ଲୋକ ସାହିତ୍ୟର ପରିଧିରୁ ବାଦ ଦେବା ଉଚିତ । ସେ ନିର୍ଦ୍ଦିଷ୍ଟ ଲେଖକଙ୍କ ଦ୍ୱାରା ଲିଖିତ, ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ କେତେକ

ଓଷା କଥା ଓ ବ୍ରତ କଥାର ନାମୋଲ୍ଲେଖ କରି ଏହା ସ୍ପଷ୍ଟ ଭାବେ ବ୍ୟକ୍ତ କରିଛନ୍ତି ।

ପୂର୍ବରୁ ଓଷା ବ୍ରତର ଲୌକିକ ସୂତ୍ର ସଂପର୍କରେ ସୂଚନା ଦିଆଯାଇଛି । ଓଷାବ୍ରତ ସହିତ କଥିତ ହେଉଥିବା କେତେକ କଥାକୁ ଲିପିକାର ବା ପୂଜକ ଗୋଷ୍ଠୀ ନିଜର ବୃତ୍ତି ଓ ଆବଶ୍ୟକତା ଦୃଷ୍ଟିରୁ ଲୋକମୁଖରୁ ସଂଗ୍ରହ କରି ଲିପିବଦ୍ଧ କରିଛନ୍ତି । ଏଥିରେ କୌଣସି ଲେଖକଙ୍କର ନାମୋଲ୍ଲେଖ ନାହିଁ । ସେହିପରି ଅଳ୍ପ କେତୋଟି ମାଳଶ୍ରୀରେ ମଧ୍ୟ ଲେଖକଙ୍କର ନାମ ଉଲ୍ଲେଖ କରାଯାଇ ନାହିଁ । ଏଗୁଡ଼ିକ ଲୋକ ସାହିତ୍ୟ ପର୍ଯ୍ୟାୟଭୁକ୍ତ । କିନ୍ତୁ ସାରଳା ଦାସ, ବଳରାମ ଦାସ, ଗୋପୀନାଥ ଦାସ, ଘନକୃଷ୍ଣ ଦାସ, ପୁରୁଷୋତ୍ତମ ଦାସ, ଗୌର ଚରଣ ଦାସ ପ୍ରଭୃତିଙ୍କ ରଚିତ ଓଷା ବା ବ୍ରତକଥା ଗୁଡ଼ିକ ଲୋକସାହିତ୍ୟ ନୁହେଁ । ଏହାଛଡ଼ା କେତେକ ବ୍ରତକଥା ପୁରାଣରୁ ଗୃହୀତ ଏବଂ ବିଶେଷତଃ ସେଗୁଡ଼ିକ ମଧ୍ୟରୁ କେତେକ ମୂଳ ସଂସ୍କୃତ କଥାର ରୂପାନ୍ତର । ଏହାକୁ ଲୋକ ସାହିତ୍ୟର ପର୍ଯ୍ୟାୟଭୁକ୍ତ କଲାବେଳେ ଆପତ୍ତି ଉଠିପାରେ । ମାତ୍ର ଏହା ମଧ୍ୟ ଲୌକିକ ଧର୍ମ ବିଶ୍ୱାସ ଉପରେ ଆଧାରିତ । ତେବେ ଯାହାହେଉ ଓଡ଼ିଆ ଲୋକ-ସାହିତ୍ୟ ଓ ଶିଷ୍ଟ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଓଷାବ୍ରତ କଥା ଓ ମାଳଶ୍ରୀ ସମ୍ପର୍କରେ କିଛି କିଛି ଆଲୋଚନା କରାଯାଇଛି ।

## ବ୍ରତ ସାହିତ୍ୟର ପ୍ରାଚୀନତା

ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ନିଜ ସମ୍ପାଦିତ ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶରେ ସୋମନାଥ ବ୍ରତ କଥାର କିୟଦଂଶକୁ ସପ୍ତଦଶ ଶତାବ୍ଦୀ ପୂର୍ବର ଗଦ୍ୟଭାବରେ ସଂକଳିତ କରିଛନ୍ତି । କିନ୍ତୁ ଏହି ପୁସ୍ତକର ଭୂମିକାରେ ଓଡ଼ିଆ ଗଦ୍ୟରେ ରଚିତ ବ୍ରତକଥାମାନଙ୍କ ମଧ୍ୟରେ ସୋମନାଥ ବ୍ରତକଥା ପ୍ରାଚୀନତମ ବୋଲି ଉଲ୍ଲେଖ ଅଛି । କିନ୍ତୁ ଏହାର ରଚନାକାଳ ପଞ୍ଚଦଶ ବା ଷୋଡ଼ଶ ଶତାବ୍ଦୀ ବୋଲି ଅନୁମାନ କରିଛନ୍ତି ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଓଡ଼ିଆ ସାହିତ୍ୟର ପରିଚୟ ( ୧୯୫୧ ) ରେ ଉଲ୍ଲେଖ କରିଛନ୍ତି "ଭାଷା ଦିଗରୁ ଓ ଭାବ ଦିଗରୁ ଆଲୋଚନା କଲେ ସୋମନାଥ ବ୍ରତକଥା, ନାଗୁଲ ଚଉଠି ବ୍ରତକଥା,

ଦାମୋଦର ଓଷା ପ୍ରଭୃତି ସପ୍ତଦଶ କି ଚତୁର୍ଦ୍ଦଶ ଶତାବ୍ଦୀର ଅନୁମାନ ହୁଏ । ଏ କଥା ଗୁଡ଼ିକର ଭାଷା ବଡ଼ ସରଳ ଓ ସହଜ । ଲେଖନ ଭଙ୍ଗି ମଧ୍ୟ ସୁନ୍ଦର । ”

ପଣ୍ଡିତ ବିନାୟକ ମିଶ୍ର ଓଡ଼ିଆ ସାହିତ୍ୟର ଇତିହାସ [୧୯୬୨]ରେ ଓଷା ବା ବ୍ରତ ସାହିତ୍ୟ ସଂପର୍କରେ ଆଲୋଚନା କରି ଏଗୁଡ଼ିକ ପ୍ରାଥମିକ ଅବସ୍ଥାର ସାହିତ୍ୟ ବୋଲି ସୂଚନା ଦେଇଛନ୍ତି । ତାଙ୍କ ମତରେ, ସଂସ୍କୃତ ଭାଷାରେ ଲିପିବଦ୍ଧ ହୋଇଥିବା ବାଲତ୍ରିଷୟା ସାବିତ୍ରୀ ବ୍ରତ ପ୍ରଭୃତି ଜନମୁଖରେ ପ୍ରଚଳିତ ହୋଇ ପରବର୍ତ୍ତୀ କାଳରେ ସେକାଳର ପ୍ରାକୃତ ଭାଷାରେ ରଚିତ ହୋଇଥିବା ସମ୍ଭବ । ଡକ୍ଟର ବଂଶୀଧର ମହାନ୍ତି ଓଡ଼ିଆ ସାହିତ୍ୟର ଇତିହାସ ପ୍ରଥମ ଭାଗ [୧୯୭୦]ରେ ତାଙ୍କ ର କେତେକ ପୂର୍ବସୂରୀଙ୍କ ପରି ଅନେକ ଓଷା କଥାରେ ପ୍ରାଚୀନ ଗଦ୍ୟ ସାହିତ୍ୟର ନମୁନା ମିଳେ ବୋଲି ଉଲ୍ଲେଖ କରିଛନ୍ତି । ଏଗୁଡ଼ିକର ସମୟ ନିରୂପଣ ହୋଇନାହିଁ ବୋଲି ପ୍ରକାଶ କରି ଭାଷା ଓ ଧର୍ମ ତତ୍ତ୍ୱ ଦୃଷ୍ଟିରୁ ସମୟନିରୂପଣ କରିବାର ଆବଶ୍ୟକତା ସଂପର୍କରେ ସୂଚନା ଦେଇଛନ୍ତି ।

ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି ଓଡ଼ିଆ ଗୀତି କାବ୍ୟ (୧୯୬୭)ରେ 'ମାଳଶ୍ରୀ' ଦେବୀଙ୍କର ବନ୍ଦନା ମୂଳକ ଗୀତିକାବ୍ୟ ବୋଲି ଉଲ୍ଲେଖ କରି ଓଡ଼ିଆଭାଷାରେ ଏହି ପରି କେତେକ ମାଳଶ୍ରୀ ମିଳିଥିବାର କହିଛନ୍ତି । ତାଙ୍କ ମତରେ ଏଗୁଡ଼ିକ ଖୁବ୍ ପ୍ରାଚୀନ ନୁହେଁ ।

ଉପରୋକ୍ତ ଆଲୋଚନାରୁ ବ୍ରତ ଓଷାକଥା ସମ୍ପର୍କରେ ଗୋଟିଏ ସାଧାରଣ ମତ ପ୍ରକାଶ ପାଉଛି ଯେ, ଏଗୁଡ଼ିକ ପ୍ରାଚୀନ ଏବଂ ଏଥିମଧ୍ୟରୁ କେତେକ ଚତୁର୍ଦ୍ଦଶରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ରଚିତ । ଏହି କଥା ବା କାହାଣୀ ଗୁଡ଼ିକରେ ଓଡ଼ିଆ ସାମାଜିକ ଜୀବନର ଚିତ୍ର ବର୍ଣ୍ଣିତ ହୋଇଛି । ମାଳଶ୍ରୀ ଗୁଡ଼ିକ ଖୁବ୍ ପ୍ରାଚୀନ ନୁହେଁ ।

ଓଡ଼ିଆ ବ୍ରତ ସାହିତ୍ୟର ଐତିହାସିକ ଆଲୋଚନା ପରି ବର୍ଣ୍ଣନାତ୍ମକ ଆଲୋଚନା ମଧ୍ୟ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ । ବିଶେଷତଃ ଓଷା ବ୍ରତ କଥା ଗୁଡ଼ିକର ଗଢ଼ଣ ଓ ପ୍ରକାଶ ଭଙ୍ଗୀ ମଧ୍ୟ ଲକ୍ଷ କରିବାର କଥା । ପରବର୍ତ୍ତୀ ଅଧ୍ୟାୟରେ ଓଷାବ୍ରତ କଥାଗୁଡ଼ିକର ସଂକ୍ଷିପ୍ତ ସମୀକ୍ଷା କରାଯାଉଛି । ●

# ଦ୍ୱିତୀୟ ଅଧ୍ୟାୟ

ଓଷା ବ୍ରତର କଥାଗୁଡ଼ିକ ଆନୁଷ୍ଠାନିକ କାହାଣୀ । କାରଣ ବ୍ରତ ବା ଓଷାର ପୂଜାନୁଷ୍ଠାନର ଅଙ୍ଗଭାବରେ ତାହାର ପଠନ ବା କଥନ ସମାହିତ ହୁଏ । ଏହାର ପାଠକ ବା କଥକ ବ୍ରତ ଓଷେଇତି ଅଥବା ପୂଜକ । ପୂଜା ସ୍ଥାନରେ ବସି ଶ୍ରୋତାମାନେ ଭକ୍ତି ଓ ବିଶ୍ୱାସର ସହିତ ଏହା ଶୁଣି ଥାଆନ୍ତି । ଏଥିରେ ବର୍ଣ୍ଣିତ ବିଷୟକୁ ଅବିଶ୍ୱାସ କରିବା ଲୋକର କ୍ଷତି ହୁଏ ବୋଲି କୁହାଯାଏ । ଭକ୍ତି ଓ ବିଶ୍ୱାସର ସହିତ ଶୁଣିଲେ ପୁଣ୍ୟ ଅର୍ଜନ ହୁଏ ଓ ଭଲ ଫଳ ମିଳେ ବୋଲି ବିଶ୍ୱାସ କରାଯାଏ । ଏଥିରେ ଓଷା ବ୍ରତର ମାହାତ୍ମ୍ୟ ସହିତ ପାଳନ ବିଧି ଥାଏ । ତେଣୁ ଏହାକୁ ଓଷା ବ୍ରତ ବିଧି ଶାସ୍ତ୍ର ଓ ମାହାତ୍ମ୍ୟ ପୋଥି ଭାବରେ ଗ୍ରହଣ କରାଯାଇ ପାରେ । ସାହିତ୍ୟିକ କାହାଣୀ ଏବଂ ଅନ୍ୟ ଧରଣର ଲୋକ କାହାଣୀ ଠାରୁ ଓଷା ବ୍ରତ କଥାର ଏହାହିଁ ମୌଳିକ ବୈଶିଷ୍ଟ୍ୟ । ଏହି କଥା ଗୁଡ଼ିକର ଗଠନରେ ଗୋଟିଏ ସ୍ୱତନ୍ତ୍ର ଶୈଳୀ ଓ କ୍ରମ ପରିଲକ୍ଷିତ ହୁଏ । କେତେକ ଚରିତ୍ର ଏବଂ ସେମାନଙ୍କର କାର୍ଯ୍ୟ ତଥା ତତ୍ ସମ୍ପର୍କୀୟ ଘଟଣାର ବିନ୍ୟାସରେ ଏହି କଥା ଗୁଡ଼ିକ ଗଠିତ ହୋଇଥାଏ । ଗଠନରେ କେତେକ ନିୟମ ଓ ଅନ୍ତର୍ନିହିତ ସୂତ୍ର ଅନୁସୃତ ହୁଏ । ଏହାର ଗଦ୍ୟ ଶୈଳୀରେ ମଧ୍ୟ ଏକ ପ୍ରକାର ସ୍ୱକୀୟତା ଫିଟିଥାଏ । ଏଗୁଡ଼ିକ ଦୃଷ୍ଟି ଗ୍ରାହ୍ୟ ନହୋଇ ଶ୍ରବଣ ଗ୍ରାହ୍ୟ ହୋଇ ଥିବାରୁ ଏହାର ବାକ୍ୟ ଗୁଡ଼ିକ ଶ୍ଳିଷ୍ଟ ଓ ଏଥିରେ ଶବ୍ଦ ଗୁମ୍ଫନର ଚାତୁରୀ ଫିଟିଥାଏ । ପୁଣି ଏହି ଗଦ୍ୟ ଗୁଡ଼ିକ ପୋଥିକୁ ଆସିଲା ବେଳକୁ ବହୁ ଢଙ୍ଗରେ ମାର୍ଜିତ ହୋଇ ଆସିଥିବାରୁ ଏଥିରେ ଗୋଟିଏ ସହଜ ସ୍ୱଚ୍ଛନ୍ଦ ପ୍ରକାଶ ପରିପାଟୀ ଉପଲବ୍ଧ ହୁଏ ମୂଳକଥା ବସ୍ତୁକୁ ନେଇ ପଦ୍ୟ-ବଦ୍ଧ ହୋଇଥିବା କଥାମାନଙ୍କରେ ଏହି ସଜୀବତା ଓ ସରସତା ଦୁଷ୍ପ୍ରାପ୍ୟ । କିନ୍ତୁ ତାହା ମଧ୍ୟରୁ କେତେକର ବର୍ଣ୍ଣନା ଓ କାହାଣୀ-ବିନ୍ୟାସ-ଶିଳ୍ପ ଉପଭୋଗ୍ୟ । ଏହି ସମସ୍ତ କଥା ବା କାହାଣୀ ଶ୍ରୋତାମାନଙ୍କ ମନରେ ବିଶ୍ୱାସ ସଞ୍ଚାର କରାଇବାରେ ଉତ୍ତୀର୍ଣ୍ଣ ହୋଇ ଗୋଟାଏ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗତି କରିବାର ଦେଖାଯାଏ । ଓଡ଼ିଶାରେ ଏକଦା ପାଳିତ ହେଉଥିବାର ବହୁ ଓଷାବ୍ରତ ସମ୍ପ୍ରତି ପାଳିତ ହେଉନାହିଁ । ଏହାର କାରଣ ଯାହା ହେଉନା କାହିଁକି ଏଥିରୁ ବହୁ ଦେବ ଦେବୀ ଚରିତ୍ର

ଓ ସାମାଜିକ ଜୀବନ ଯାତ୍ରାର ପରିଚୟ ମିଳେ । ନିମ୍ନରେ ଗ୍ରନ୍ଥମାନ ମାସକ୍ରମରେ ଓଡ଼ିଆ ଭାଷାରେ ମିଳିଥିବା କେତେକ ଓଷାବ୍ରତ କଥାର ସଂକ୍ଷିପ୍ତ ବର୍ଣ୍ଣନା ଓ ଆଲୋଚନା ଦିଆଯାଉଛି ।

## ଶନି ଓଷା ବା ତୋଟା ଓଷା

ବୈଶାଖ ମାସ ଶୁକ୍ଳପକ୍ଷ ଶନିବାର ଦିନ ଏହି ଓଷା ପାଳିତ ହୁଏ । ଶନିଶ୍ଚର ଏହି ଓଷାର ଦେବତା । ଏଥିରେ ତାଙ୍କର ଅନିଷ୍ଟ ଓ କଷ୍ଟକାରିଣୀ ଶକ୍ତିର ବର୍ଣ୍ଣନା କରାଯାଇଛି । ବଳିକୃଷ୍ଣଙ୍କ ଦ୍ୱାରା ରଚିତ ଶନିଓଷା କଥାରେ ଅଛି—କାଶୀ ନଗରରେ ଚମ୍ପକ ସାହୁ ନାମରେ ଜଣେ ସୌଦାଗର ଥିଲା । ସେ ଧନୀ, ଦାନୀ ଓ ମାନୀ । ତାର ପତ୍ନୀର ନାମ କୁମୁଦ । ସେ ମଧ୍ୟ ଅତ୍ୟନ୍ତ ସୁନ୍ଦରୀ । ସେମାନଙ୍କର ସାତ ପୁଅ ସାତବୋହୂ । ସାନ ପୁଅ ହୀନ କପାଳିଆ । ବିବାହର ବାରବର୍ଷ ପରେ ତା'ର ପୁଅଟିଏ ହେଲା । ସେ ପୁଣି ପଙ୍ଗୁ । ପୁଣି ପାଞ୍ଚବର୍ଷରେ ପାଞ୍ଚପୁଅ ହେଲେ । ସମସ୍ତେ ଖଣ୍ଡିଆ, ମାଂଦଳ । ଜନ୍ମ ପରେ ପରେ ମୃତ୍ୟୁ ବରଣ କଲେ । ଯାଆମାନେ ତାକୁ ଖଣ୍ଡିଆ ମାଆ ବୋଲି ଡାକନ୍ତି । ଶାଶୁ ଶ୍ୱଶୁର ଦେଢ଼ଶୁର ମାନେ ନାନା କଟୁକଥା କହନ୍ତି । ସ୍ୱାମୀକୁ ଏହା ଭଲ ଲାଗେ ନାହିଁ । ସେ ଭଗବାନଙ୍କ ନିକଟରେ ଦୁଃଖରୁ ନିସ୍ତାର ପାଇବା ପାଇଁ ପ୍ରାର୍ଥନା କରେ । ଦିନେ ଏ ଦୁହେଁ ରତ୍ନ ପଲଙ୍କରେ ଶୋଇଥିବା ବେଳେ ଶନିଶ୍ଚର ସାନ ବୋହୂକୁ ସ୍ୱପ୍ନାଦେଶ ଦେଲେ । ବୈଶାଖ ଶୁକ୍ଳପକ୍ଷ ଶନିବାର ଦିନ କୌଣସି ତୋଟାକୁ ଯାଇ ସେଠାରେ ଆମ୍ବଗଛ ମୂଳେ ଓଷା ପାଳିବାର ବିଧାନ ବତାଇଲେ । ପ୍ରଥମେ ଆମ୍ବଗଛ ମୂଳେ କଳସୀଏ ବା ଗରାଏ ପାଣି ଢାଳି ଜଳାଭିଷେକ କରି ବୃକ୍ଷ ଦେବତାଙ୍କୁ କଳା ସିନ୍ଦୂର ଲଗାଇ ନୂଆଲୁଗା ପିନ୍ଧାଇବାକୁ ହେବ । ସେହି ଗଛ ମୂଳରେ ପିଢ଼ାଟିଏ ରଖି ତା ଉପରେ ଗୁଆ ଥାପିବ । ନୂଆ ହାଣ୍ଡିରେ ନଡ଼ିଆ, କାକୁଡ଼ି, କଦଳୀ ପ୍ରତ୍ୟେକରୁ ପାଞ୍ଚଗଣ୍ଡା ଏବଂ ଯବ, ଗହମ, ନଡ଼ିଆ ରଖିବ । ଦୁଧ, ଘିଅ, ମହୁ, ଶର୍କରା, ଅଦା, କର୍ପୂର ରଖିବ । ହୁଳହୁଳୀ ପକାଇ ଧୂପ ଦୀପ ଦେଇ ଶନିଙ୍କ ଉଦ୍ଦେଶ୍ୟରେ ପୂଜା କରିବ । ମନକାମନା ଜଣାଇବ । ଏହିପରି କଲେ ପୁତ୍ର ସନ୍ତାନ ହେବ । ଶନିଶ୍ଚର ଏହିପରି ସ୍ୱପ୍ନରେ ନିଜ ପୂଜା ବିଧାନ ବତାଇଲେ । ସାଧବ ସାନବୋହୂ ନିଦରୁ ଉଠି ସ୍ୱାମୀଙ୍କୁ ସମସ୍ତ ଜଣାଇଲା ବିଧିମତେ ପୂଜା ବିଧାନକରି ଫଳ ଲଭିକଲା । ସଂସାରରେ ଓଷା ବିଖ୍ୟାତ ହେଲା ।

ଦ୍ୱିଜ ଘନଶ୍ୟାମଙ୍କ ରଚିତ ଅନ୍ୟ ଏକ ଶନିଓଷାରେ ବକ୍ତା ଶିବ, ଶ୍ରୋତା ପାର୍ବତୀ । ପାର୍ବତୀଙ୍କୁ ମହାଦେବ ଶନିଙ୍କର ଜନ୍ମ, ଗୁରୁଗୃହ ଯାତ୍ରା ଓ ଦକ୍ଷିଣା ପ୍ରଦାନ, ବୃହସ୍ପତିଙ୍କ ଉପରେ ଶନିଙ୍କ କୋପଦୃଷ୍ଟି, ବୀରସେନଙ୍କ ଶନିଗ୍ରହ ପୂଜା ବୃତ୍ତାନ୍ତ ଆଦି କହିଛନ୍ତି ।

ସଞ୍ଜ୍ଞା ନିଜର ସ୍ୱାମୀ ସୂର୍ଯ୍ୟଙ୍କର ତେଜ ସହି ପାରିଲେ ନାହିଁ । ତେଣୁ ନିଜପରି ଏକ ନାରୀ ସୃଷ୍ଟି କରି କୁରୁଦେଶକୁ ଚାଲିଗଲେ ଏବଂ ସେଠାରେ ଘୋଟକୀ ରୂପ ଧାରଣ କରି ଅଜ୍ଞାତରେ ରହିଲେ । ଛାୟା ଦେଖିବାକୁ ସଂଜ୍ଞାଙ୍କ ଭଳି । ସୂର୍ଯ୍ୟ ଏବଂ ସଞ୍ଜ୍ଞାଙ୍କ ପୁତ୍ର ଯମ ପ୍ରଥମେ ଏହା ଜାଣି ପାରିଲେ ନାହିଁ । ଛାୟାଙ୍କୁ ସଞ୍ଜ୍ଞା ମନେକଲେ । କାଳକ୍ରମେ ଛାୟାଙ୍କ ଗର୍ଭରୁ ସାବର୍ଣ୍ଣୀ ମନୁ, ଶନୈଶ୍ଚର ନାମରେ ଦୁଇ ପୁଅ ଏବଂ ଜଗନ୍ଧ୍ୟିତା ନାମରେ ଏକ କନ୍ୟା ଜନ୍ମହେଲେ । ଶନି ଅଶୁଭ ମୁହୂର୍ତ୍ତରେ ଜନ୍ମ ହୋଇ-ଥିଲେ । ତାଙ୍କ ଗତି ଧୀର ଓ କଳେବର ସୁନ୍ଦର । କିନ୍ତୁ ଦୃଷ୍ଟି ଅଶୁଭ । ସେ ପିତାଙ୍କର ଅନୁମତି ନେଇ ବୃହସ୍ପତିଙ୍କ ନିକଟରେ ବିଦ୍ୟାଧ୍ୟୟନ କଲେ । ବୃହସ୍ପତି ତାଙ୍କୁ ଶ୍ରଦ୍ଧା ଓ ଯତ୍ନର ସହିତ ପଢ଼ାଇଲେ । ପଢ଼ା ସରିଲା । ଦକ୍ଷିଣା ଦେବା ସମୟ ହେଲା । ଶନି କହିଲେ- ' ଆପଣ ଦିନେ ମୋ ଦୃଷ୍ଟିରେ ପଡ଼ି ବହୁ କଷ୍ଟ ପାଇବେ । ମୁଁ ଆପଣଙ୍କୁ ସେଥିରୁ ଉଦ୍ଧାର କରିବି, ଏହା ହେବ ମୋର ଦକ୍ଷିଣା । " ଗୁରୁ ନିଜର ଶିଷ୍ୟ ଶନୈଶ୍ଚରଙ୍କ ପ୍ରତି ଅତ୍ୟାହିତ ତୋଷଣ କଲେ । ନିଜ ଭାଗ୍ୟ ଗଣନା କରି ପୂଜା ପୂଜି କଲେ ।

ଦିନେ ସେ ଶୃଙ୍ଗାଟରେ କଣ୍ଟାଫୁଲ ନେଇ ଉଦ୍ୟାନରୁ ଫେରୁଥିଲେ । ଶୃଙ୍ଗାଟରେ ଥିବାଫୁଲ ଉପରେ ଶନି ଦୋଡାଇଥାନ୍ତି । ଏହି ସମୟରେ ରାଜା ବୀରସେନଙ୍କର ପୁଅ ଚୋରି ହୋଇଗଲା । ରାଜାଙ୍କଗୁରମାନେ ଖୋଜି ଖୋଜି ବୃହସ୍ପତିଙ୍କୁ ଧରିଲେ । ସେତେବେଳେ ତାଙ୍କ ଉପରେ ଶନି ଦୃଷ୍ଟି ପଡ଼ିଥିଲା । ଶୃଙ୍ଗାଟରୁ ଫୁଲ ପରିବର୍ତ୍ତେ ରାଜପୁତ୍ରଙ୍କ କଟାମୁଣ୍ଡ ମିଳିଲା । ରାଜା ବୀରସେନ ଭାବିଲେ , ରତ୍ନମାଳା ଲୋଭରେ ବ୍ରାହ୍ମଣ ତାଙ୍କ ପୁତ୍ରକୁ ହତ୍ୟା କରିଛନ୍ତି । ତାଙ୍କୁ କଠୋର ଦଣ୍ଡ ଦେବାକୁ ସ୍ଥିରକଲେ । ଏହି ସମୟରେ ଶନୈଶ୍ଚର ଶୂନ୍ୟ ବାଣୀ ଶୁଣାଇ କହିଲେ ଯେ ସେ ଗୁରୁ ଦକ୍ଷିଣା ଦେବାପାଇଁ ଏପରି କରାଇ-

ଛନ୍ତି । ରାଜଦଣ୍ଡ ଭଣ୍ଡାର ଘରେ ଅକ୍ଷର୍ଣ୍ଣ ଅବସ୍ଥାରେ ଶୋଇଛନ୍ତି । ବୀରସେନଙ୍କୁ ମଧ୍ୟ ସେତେବେଳେ ଶନିଦଶା ପଡ଼ିଥିଲା । ସେ ନିଜ ରାଜ୍ୟରେ ରହି ନପାରି ମୃଗୟା କରି ସପରିବାର ପାତ୍ରମନ୍ତ୍ରୀ, ସୈନ୍ୟ ସାମନ୍ତ ଘେନି ରହୁଥିଲେ । ତାଙ୍କର ପତ୍ନୀ ବଣରେ ବାଟବଣା ହୋଇ ବୁଲୁଥିଲେ । ସେ ନିଜେ ପଞ୍ଚାଳ ରାଜାଙ୍କ ଶରଣାପନ୍ନ ହୋଇ ଚଳୁଥିଲେ । ଶନିଷ୍ଣର ରାଜାଙ୍କ ଉପରେ ଶୁଭଦୃଷ୍ଟି ପକାଇଲେ । ତାଙ୍କର ସମସ୍ତ ଦୁଃଖ ଦୂର ହେଲା । କରାନ୍ତ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କ କେମାଙ୍କୁ ବିବାହ କଲେ । ବୀରସେନଙ୍କ ରାଣୀ କରାନ୍ତ ରାଜା ପାଖରେ ଆଶ୍ରୟ ନେଇଥିଲେ । ଏଠାରେ ସ୍ୱାମୀ ସ୍ତ୍ରୀଙ୍କର ଭେଟ ହେଲା । ରାଣୀ ଜଣେ ବ୍ରାହ୍ମଣ ପଣ୍ଡିତଙ୍କ ଠାରୁ ରାଜା ବୀରସେନଙ୍କର ଶନିଦଶା ପଡ଼ିଥିବା ଏବଂ ଶନିପୂଜା କଲେ ସେହି ଦଶା ଖଣ୍ଡନ ହେବାର ଶୁଣିଥିବା କଥା କହିଲେ । ରାଜାରାଣୀ ଶନିପୂଜା କଲେ । ରାଜ୍ୟ ପ୍ରାପ୍ତି, ଶତ୍ରୁନାଶ ଆଦି ଶୁଭଫଳ ଲାଭ କଲେ ।

## ବରଞ୍ଜି ନାରାୟଣ ବ୍ରତ

ଏହା ଗୋଟିଏ ଯୋଗଜ ବ୍ରତ । ବୈଶାଖ ମାସ ରବିବାର ଦିନ ଶୁକ୍ଳପକ୍ଷ ଏକାଦଶୀ ପଡ଼ିଲେ ଏହି ବ୍ରତ ହୁଏ । ସୂର୍ଯ୍ୟଦେବ ଏହାର ଦେବତା । ତ୍ରେତା ଯୁଗରେ ସୁବ୍ରତ ନାମରେ ଜଣେ ବ୍ରାହ୍ମଣ ଥିଲେ । ତାଙ୍କ ସ୍ତ୍ରୀଙ୍କର ନାମ ସୁତପା । ସେମାନେ ଯାବତୀୟ ବ୍ରତ କରନ୍ତି । କିନ୍ତୁ ସୂର୍ଯ୍ୟଙ୍କର ବ୍ରତ କରନ୍ତି ନାହିଁ । ତାଙ୍କ ଉପରେ ସୂର୍ଯ୍ୟଙ୍କର କୋପ ପଡ଼ିଲା । ସୁବ୍ରତ ଦାରିଦ୍ର୍ୟ ଓ ଅପୁତ୍ରିକ ଅବସ୍ଥା ଭୋଗକଲେ । ଯେତେ ଉଦ୍ୟମ କଲେ ମଧ୍ୟ ସେରେ ଧାନ ଓ ସେରେ ଗୁଡ଼ଲରୁ ଅଧିକ ପାଆନ୍ତି ନାହିଁ । ବହୁ କାଷ୍ଟ ପୂଜାପରେ ମଧ୍ୟ ପୁତ୍ର ନହୋଇ ଝିଅ ଦୁଇଟି ପାଇଲେ । ଗୃହଶ୍ରାଣୀ ଚଳିବାକୁ ଅର୍ଜନ ନଅଣ୍ଟ ହେଲା । ଏହିପରି ବଡ଼ କଷ୍ଟରେ ସମୟ କଟେ । ଦିନେ ଝିଅ ଦୁହେଁ କଷ୍ଟ ସହି ନପାରି ବୈଶାଖ ମାସରେ ଘର ଛାଡ଼ି ବଣକୁ ପଳାଇ ଗଲେ । ଯୋଗକୁ ସେଦିନ ରବିବାର ଶୁକ୍ଳ ଏକାଦଶୀ । ଦୁଇ ଭଉଣୀ କାନ୍ଦି କାନ୍ଦି ବୁଲୁଥାନ୍ତି । ସେହି ବଣର କୌଣସି ଅଂଶରେ ତୁଳସୀ, ଅଁଳା ବନ ଥିଲା । ସେଠାରେ ସ୍ୱର୍ଗର ନାରୀମାନେ ତୋରଣ କରି, ଗୁନ୍ଦୁଆ ଟାଣି, କଦଳୀ ଗଛ ପୋତି ହୋଳରେ ସୂର୍ଯ୍ୟନାରାୟଣଙ୍କୁ ପୂଜା କରୁଥିଲେ । ସେମାନେ ବ୍ରାହ୍ମଣ କନ୍ୟା

ଦୁହିଁଙ୍କର କାନ୍ଦଣା ଶୁଣିଲେ । ସେମାନଙ୍କୁ ଖୋଜି ଓଷା ସ୍ଥାନକୁ ନେଇଗଲେ । ଭୋଗ ଦେବା ବେଳେ ସୂର୍ଯ୍ୟନାରାୟଣ ଉଭାହୋଇ ବାରଣ କଲେ । ସ୍ୱର୍ଗ ନାରୀମାନେ ଦୁର୍ଦ୍ଦଶା ଗ୍ରସ୍ତ କନ୍ୟା ଦୁହିଁଙ୍କ ପାଇଁ ବହୁସ୍ତୁତି କରି ସୂର୍ଯ୍ୟଙ୍କୁ ପ୍ରସନ୍ନ କଲେ । ସେ ସନ୍ତୁଷ୍ଟ ହେଲେ । କନ୍ୟା ଦୁହେଁ ରାଜପୁତ୍ର, ମନ୍ତ୍ରୀ ପୁତ୍ରଙ୍କୁ ବିବାହ କରିବେ ବୋଲି ବରପାଇଲେ । ସେ ଦୁହେଁ ପିତା ମାତାଙ୍କର ଶାପ ମୁକ୍ତିର ଉପାୟ ପଚାରିବାରୁ ସୂର୍ଯ୍ୟ କହିଲେ– "ତୁମ୍ଭ ବାପାଙ୍କୁ ଶାପ ଦେଇ ଅଛୁ ଆମ୍ଭେ ତାହାର ଭଲ କମି ନାହିଁ । ତୋ ମା ଆମ୍ଭର ରବିନାରାୟଣ ବ୍ରତ କରିବ । ତାହା କମିରୁ ବାପ ମାଆ ଦୁହିଁଙ୍କର ଭଲହେବ । ମା ପୁତ୍ରବନ୍ତୀ ହେବ । ଦାରିଦ୍ର ଦୋଷ ଯିବ । ତୁମ୍ଭେ ରାଜାପୁଅଙ୍କୁ ବର କରି ପାଇବ ।" ସେ ଏହା କହି ନିଜ ସ୍ଥାନକୁ ଗଲେ । ସ୍ୱର୍ଗ ନାରୀ ମାନଙ୍କ ଠାରୁ ପ୍ରସାଦ ଖାଇ ଏବଂ ବ୍ରତ ବିଧି ଶୁଣି କନ୍ୟା ଦୁହେଁ ନିଜ ଘରକୁ ବାହୁଡିଲେ । ବାଟରେ ରାଜପୁତ୍ର ଓ ମନ୍ତ୍ରୀ ପୁତ୍ରଙ୍କୁ ଭେଟିଲେ । ସେମାନଙ୍କ ସହ ବିବାହ ପ୍ରସ୍ତାବ ଉଠିଲା ବାପା ମାଆଙ୍କ ଅନୁମତି ବିନା ଏହା ସମ୍ଭବ ନୁହେଁ ବୋଲି କନ୍ୟା ଦୁହେଁ କହିବାରୁ ସୁବ୍ରତ ଓ ସୁତପାଙ୍କ ନିକଟକୁ ଏହି ପ୍ରସ୍ତାବ ପଠାଗଲା । କନ୍ୟା ଦୁହେଁ ଘରେ ପହଞ୍ଚି ବନସ୍ତର ସମସ୍ତ ଘଟଣା କହିଲେ । ସେମାନଙ୍କର ବିବାହ ହେଲା । ସୁତପା ସୂର୍ଯ୍ୟଙ୍କ ବ୍ରତକରି ପୁତ୍ରଲାଭ କଲେ । ଓ ପତି ପୁତ୍ରଙ୍କ ସହ ସୁଖରେ ରହିଲେ ।

## ମୋହିନୀ ଏକାଦଶୀ

ବୈଶାଖ ମାସରେ ବରୁଥିନୀ ଏକାଦଶୀ ଓ ମୋହିନୀ ଏକାଦଶୀ ପଡେ । ଜନୈକ ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଏକାଦଶୀ ମାହାତ୍ମ୍ୟରେ ଚବିଶ ଏକାଦଶୀର ଉଲ୍ଲେଖ ଅଛି । ଏଥିରେ ମୋହିନୀ ଏକାଦଶୀର କାହାଣୀ ବିସ୍ତୃତ ଭାବରେ ଲେଖା ଯାଇଛି । ଅବନ୍ତୀ ନଗରରେ ଜଣେ ଚଣ୍ଡାଳ ରାଜା ଥିଲେ । ସେ ବୈଶାଖ ଶୁକ୍ଳପକ୍ଷ ଦଶମୀ ଦିନ ଅଧିବାସ, ଏକାଦଶୀ ଦିନ ନିରାହାର ରହି ବ୍ରତ ପାଳନ କରୁଥିଲେ । ଦ୍ୱାଦଶୀ ଦିନ ପାରଣା କରିବାର କଥା । କିନ୍ତୁ ସେହି ଦିନ ତାଙ୍କର ମୃତ୍ୟୁ ହେଲା । ତାଙ୍କ ଦେହରେ ଶଙ୍ଖ ଚକ୍ର ଛାପ ଓ କଣ୍ଠରେ ତୁଳସୀ ମାଳ ଥିଲା । ସେ ଅଜ୍ଞାତରେ

ଅନେକ ପାପ କରିଥିଲେ । ଯମଦୂତମାନେ ତାଙ୍କୁ ଯମପୁରକୁ ନେବାକୁ ଆସିଲେ । ସେ ଏକାଦଶୀ ପାଳନ କରି ଦ୍ୱାଦଶୀ ଦିନ ମୃତ୍ୟୁ ବରଣ କରିଥିବାରୁ ଏବଂ ବିଷ୍ଣୁଭକ୍ତ ହୋଇ ଥିବାରୁ ବିଷ୍ଣୁ ଦୂତମାନେ ମଧ୍ୟ ବିଷ୍ଣୁଲୋକକୁ ନେବାକୁ ଆସିଲେ । ଯୁଦ୍ଧ ହେଲା । ଯମ ଦୂତମାନେ କ୍ଷତ ବିକ୍ଷତ ଓ ପରାଜିତ ହେଲେ । ବିଷ୍ଣୁ ଦୂତମାନେ ସେହି ଚଣ୍ଡାଳ ରାଜାଙ୍କ ଆତ୍ମାକୁ ବିଷ୍ଣୁଲୋକକୁ ନେଇଗଲେ । ଏଥିରେ ଯମ ଅପମାନିତ ବୋଧ କଲେ । ନିଜ ପଦ ତ୍ୟାଗ କରିବେ ବୋଲି ସ୍ଥିର କଲେ । ଏହି ସମୟରେ ନାରଦ ଆସି ପହଞ୍ଚିଲେ । ଯମ ତାଙ୍କ ମନକଥା ଜଣାଇ କହିଲେ ' ତାଙ୍କ ମତରେ ଦାୟିତ୍ୱ ସମ୍ପନ୍ନ ଲୋକମାନେ କାହା ଉପରେ ଉପରୋଧ ନରଖି ନିଜର ଦାୟିତ୍ୱ ତୁଲାଇ ଯିବାର କଥା । କିନ୍ତୁ ନିଜେ ବିଷ୍ଣୁ ବଡ଼ଲୋକ ହୋଇ ଯମଙ୍କ କାମରେ ବାଧା ସୃଷ୍ଟି କରୁଛନ୍ତି । ବହୁ ପାପୀ ଲୋକଙ୍କୁ ମଧ୍ୟ ତାଙ୍କ ଭକ୍ତ ବୋଲି ବିଷ୍ଣୁ ଦୂତମାନେ ବିଷ୍ଣୁ ଲୋକକୁ ନେଇ ଯାଉଛନ୍ତି ଏବଂ ଯମଦୂତ ମାନଙ୍କୁ ଅପମାନିତ କରୁଛନ୍ତି । ନାରଦ ଏହା ଶୁଣି ଯମଙ୍କୁ ନେଇ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ଯମ ବ୍ରହ୍ମାଙ୍କ ନିକଟରେ ଉଦ୍‌ଗତ କ୍ରୋଧ ପ୍ରକାଶ କରି, ତାଙ୍କୁ ଅଧିକାର ନାମରେ ଏପରି ଶାସ୍ତି ଦିଆଯାଉଛି ବୋଲି କହି ଆତ୍ମ ଧିକ୍କାର କଲେ । ପ୍ରସଙ୍ଗ କ୍ରମେ ରୁକ୍‌ମାଙ୍ଗଦ ରାଜାର ଶିଶୁଟିଏ ମରିବା ଓ ତାକୁ ଯମଦୂତ ମାନଙ୍କଠାରୁ ବିଷ୍ଣୁଦୂତମାନେ ଛଡ଼ାଇ ନେବାକଥା ମଧ୍ୟ କହିଥିଲେ । ବ୍ରହ୍ମା ଠିକଏ ଚିନ୍ତାକରି ଏକାଦଶୀ ବ୍ରତର ମାହାତ୍ମ୍ୟ ବିସ୍ତୃତରେ ଯମଙ୍କୁ ବୁଝାଇଲେ । ଏହି ସମୟରେ ନାରଦ ଗୋଟିଏ ପ୍ରସ୍ତାବ ଉତ୍ଥାନ କଲେ । ମର୍ତ୍ତ୍ୟ ଲୋକରେ ରୁକ୍‌ମାଙ୍ଗଦ ରାଜା ଅତ୍ୟନ୍ତ ନିଷ୍ଠାର ସହିତ ଏକାଦଶୀ ବ୍ରତ କରୁଛନ୍ତି । ତାଙ୍କର ବ୍ରତ ଭଗ୍ନ ନହେଲେ ସେ ସ୍ୱଦେହରେ ବୈକୁଣ୍ଠକୁ ଆସିଯିବେ । ଏଥିପାଇଁ ବ୍ରହ୍ମା ଯଜ୍ଞ କରି ଏକ ମୋହିନୀ କନ୍ୟା ଜାତ କଲେ । ତା' ଶରୀରରେ କାମ ପଞ୍ଚଶର ରହିଲା । ସେ ସ୍ତମ୍ଭନ, ମୋହନ, ବଶ, ଉଚ୍ଚାଟନ ଆଦି ଶିଖିଲା ଏବଂ ଚଉଷଠି ବନ୍ଧ ଓ ଶୃଙ୍ଗାର କଳାରେ ନିପୁଣା ହେଲା । ତାକୁ ରୁକ୍‌ମାଙ୍ଗଦ ରାଜାଙ୍କ ସହିତ ବିବାହ କରାଇ ତାରି ମାଧ୍ୟମରେ ତାଙ୍କର ବ୍ରତ ଭଗ୍ନ କରାଯିବାର ଉଦ୍ୟମ ହେଲା । ନାରଦଙ୍କ ମଧ୍ୟସ୍ଥତାରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ଏହି ବିବାହର ଗୋଟିଏ ସର୍ତ୍ତ ହେଲା— ମୋହିନୀ ଯେତେବେଳେ ଯାହା ମାଗିବ ରାଜା ତାହା

ଦେବେ । ନାରଦଙ୍କ ଉପସ୍ଥିତିରେ ରାଜା ସତ୍ୟବଦ୍ଧ ହେଲେ । ଏହି ମୋହିନୀ କନ୍ୟାର ଅନ୍ୟ ଏକ ନାମ ସ୍ୱପ୍ନସେନା । ବିବାହ ପରେ ରାଜା ତା' ସହିତ ସର୍ବଦା ରତିରସରେ ମଗ୍ନ ରହିଲେ ।

ବୈଶାଖ ଶୁକ୍ଳ ଦଶମୀ ଦିନ ରାଜା ସ୍ନାନ ସାରି ବ୍ରତ ଆରମ୍ଭ କଲେ । ଏହି ସମୟରେ ମୋହିନୀ କନ୍ୟା ଆସି ରତି ଭିକ୍ଷା କଲା । ରାଜା ବୁଝାଇ କରି କହିଲେ ଯେ ଆଜି ଦିବସ, କାଲି ଏକାଦଶୀ ଏବଂ ତା' ପରଦିନ ଦ୍ୱାଦଶୀ ପାଳନ । ଏହି ତିନି ଦିନ ଅଙ୍ଗ ସଙ୍ଗ ନିଷେଧ । ସେ ପୁଣି ମୋହିନୀ କନ୍ୟାକୁ ଏକାଦଶୀ ପାଳନ କରିବାକୁ କହିଲେ । ମାତ୍ର ସ୍ୱାମୀ ଥିବା ସ୍ତ୍ରୀର ବ୍ରତ ଅନାବଶ୍ୟକ ବୋଲି କହି ସେ ରାଜାଙ୍କୁ ଆଲିଙ୍ଗନ କଲା । ରାଜା ଭୟରେ ହୃଦୟରେ ହରି କବଚ ଜପ କଲେ । ବିଷ୍ଣୁଙ୍କ ପାଦରେ ଚିତ୍ତ ଦେଇ ନିଜକୁ ଟାଳିଲେ । ତାଙ୍କ ମନ ଆଉ ଉଚାଟ ହେଲା ନାହିଁ । ମୋହିନୀ ଅନନ୍ୟୋପାୟ ହୋଇ ବିଷପାନ କରିବାକୁ ଧମକାଇଲା । ରାଜା ଯଦି ଦଶମୀ ବ୍ରତ ପାଳନ ଲାଗି ଦୃଢ଼ତାର ସହିତ ଗୃହାନ୍ତି ତେବେ ନିଜର ରାଣୀ ସନ୍ଧ୍ୟାବଳୀଙ୍କର ସ୍ତନ କାଟିଆଣି ମୋହିନୀକୁ ଦେବାକୁ ପଡ଼ିବ । ତା' ନହେଲେ ମୋହିନୀ ବ୍ରତ କରାଇ ଦେବ ନାହିଁ । ସନ୍ଧ୍ୟାବଳୀ ରାଣୀ ମୃଦୁସୁଲୀ ମାନଙ୍କଠାରୁ ଏହା ଶୁଣିଲେ । ପତିଙ୍କର ଧର୍ମ ରକ୍ଷା ଲାଗି ସେ ନିଜ ଆଡୁ ଏହି କାର୍ଯ୍ୟ କରାଇଲେ । ପୁଣି ଏକାଦଶୀ ଦିନ ମୋହିନୀ ଆଉ ଗୋଟିଏ ସର୍ତ୍ତ ରଖିଲା । ଏକମାତ୍ର ପୁତ୍ର ଧର୍ମାଙ୍ଗଦର ମୁଣ୍ଡ କାଟି ଉପହାର ଦେବାକୁ ହେବ । ଏପରି ନକଲେ ସେ ରାଜାଙ୍କୁ ବ୍ରତ କରାଇ ଦେବ ନାହିଁ ଏବଂ ରାଜା ଏଥିରେ ଅସମ୍ମତ ହେଲେ ତାଙ୍କଠାରେ ସ୍ତ୍ରୀ ହତ୍ୟା ଦୋଷ ଆରୋପ କରାଇ ବିଷପାନ କରିବ । ରାଜା ବଡ ବ୍ୟଥିତ ହେଲେ । ଧର୍ମାଙ୍ଗଦ ଏକଥା ଜାଣି ପାରିଲା । ସେ ନିଜେ ବ୍ରତ ପାଳନ କରିସାରି ଆସି ପିତାଙ୍କ ନିକଟରେ ପହଞ୍ଚିଲା । କର୍ଣ୍ଣ ପ୍ରମୁଖଙ୍କର ଦୃଷ୍ଟାନ୍ତ ଦେଇ ସନ୍ତାନର ମୁଣ୍ଡ ବିନିମୟରେ ବ୍ରତ ପାଳନ କରିବାକୁ ବାରମ୍ବାର ଅନୁରୋଧ କଲା । ମୋହିନୀର ଜିଦ ରାଜା ଯଦି ଦଶମୀ ଓ ଏକାଦଶୀ କରିବାକୁ ନିତାନ୍ତ ବଦ୍ଧପରିକର, ତେବେ ସନ୍ଧ୍ୟାବଳୀର

ପୁତ୍ର ଓ ଧର୍ମାଙ୍ଗଦର ମୁଣ୍ଡ କାଟି ଦେବାରେ କୁଣ୍ଠା ପ୍ରକାଶ କରିବା ଅନୁଚିତ । ଏପରି ନୃଶଂସ ମନୋଭାବ ଦେଖି ରାଜା ମୋହିନୀଙ୍କୁ ବହୁତ ଗାଳିଦେଲେ ଏବଂ ଏକାଦଶୀ ମାହାତ୍ମ୍ୟ ବିଷୟରେ ଦୁଇଟି କାହାଣୀ କହିଲେ । ସେ କୌଣସିଥିରେ ଟଳିବା ନାରୀ ନୁହେଁ । ନିଜ ସର୍ତ୍ତରେ ଦୃଢ଼ । ଏଣେ ପୁତ୍ର ବାରମ୍ବାର ପିତାଙ୍କୁ ଅନୁରୋଧ କରୁଛି ତା'ର ଶିର ପରିବର୍ତ୍ତେ ବ୍ରତ ନିର୍ବିଘ୍ନ ଭାବରେ ପାଳନ କରିବା ଲାଗି । ପୂର୍ବରୁ ସେ ସନ୍ଧ୍ୟାବଳି ରାଣୀଙ୍କ ଅନୁରୋଧ କ୍ରମେ ମୋହିନୀର ସର୍ତ୍ତରକ୍ଷା କରି ନିର୍ବିଘ୍ନରେ ଦଶମୀ ଦିବସ ଓ ନିୟମ ପାଳନ କରିଛନ୍ତି । ଏଥର ପୁଣି ନିଜ ହାତରେ ନିଜର ପ୍ରିୟତମ ପୁତ୍ରର ଶିରଚ୍ଛେଦ ଅନ୍ୟ ଏକ ମର୍ମନ୍ତୁଦ ଘଟଣା । ଏକାଦଶୀ ବ୍ରତ ଭଗ୍ନ, ସତ୍ୟଭ୍ରଷ୍ଟ ଓ ମୋହିନୀ ଠାରେ ସର୍ତ୍ତ ଭଙ୍ଗ ଲାଗି ଆତ୍ମହତ୍ୟା କରେ ତେବେ ନାରୀ ହତ୍ୟା ଦୋଷରୁ ରକ୍ଷା ପାଇବା ପାଇଁ ପୁଅର ପରାମର୍ଶ ରକ୍ଷାକରିବାକୁ ଉଦ୍ୟତ ହେଲେ । ସ୍ନାନ କରି ଖଣ୍ଡା ଧରିଲେ । ବିଷ୍ଣୁଙ୍କୁ ଚିନ୍ତାକଲେ । ଅଷ୍ଟଦିଗ ପାଳଙ୍କୁ ସାକ୍ଷୀ ରଖିଲେ । ଇଷ୍ଟ ପ୍ରାର୍ଥନା କଲେ । ହାତରେ ଖଡ୍ଗ । ଶରୀର କମ୍ପୁଛି । ହୃଦୟ ଥରି ଉଠୁଛି । ରୁକ୍ମାଙ୍ଗଦ ପୁତ୍ରକୁ ହତ୍ୟା କରିବେ ପଛେ ଏକାଦଶୀ ବ୍ରତ ଭଗ୍ନ କରିବେ ନାହିଁ । ମୋହିନୀଙ୍କୁ ଦେଇଥିବା ସତ୍ୟରୁ ମଧ୍ୟ ବିଚ୍ୟୁତ ହେବେ ନାହିଁ । ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ଗଲାବେଳେ ବୈକୁଣ୍ଠ ପ୍ରକମ୍ପିତ ହେଲା । ବିଷ୍ଣୁଙ୍କ ଆସନ ଟଳିଲା । ସେ ରୁକ୍ମାଙ୍ଗଦ ଓ ତାଙ୍କ ପରିବାରର ସତ୍ୟନିଷ୍ଠା, ଏକାଦଶୀ ପାଳନରେ ନିଷ୍ଠା ଓ ସେଥିପାଇଁ ଭୋଗୁଥିବା ବିପତ୍ତି କଥା ଜାଣିଲେ । ତାଙ୍କୁ ସ୍ୱଦେହରେ ବୈକୁଣ୍ଠକୁ ଆଣିବା ଲାଗି ବିଷ୍ଣୁ ଦୂତମାନଙ୍କୁ ପଠାଇଲେ । କିନ୍ତୁ ରାଜା ନିଜର ପରିବାର ଓ ପ୍ରଜାମାନଙ୍କ ସହ ମିଶି ଏକାଦଶୀ ବ୍ରତ କରନ୍ତି । ତେଣୁ ସେ ସପରିବାର, ଏପରିକି ପ୍ରଜାମାନଙ୍କ ସହିତ ମିଶିକରି ଯିବାକୁ ଚାହିଁଲେ । ବିଷ୍ଣୁ ଏଥିରେ ସମ୍ମତ ହେଲେ । ମୋହିନୀ କନ୍ୟା ମଧ୍ୟ ଯିବାକୁ ଚାହିଁଲା । ରାଣୀ ସନ୍ଧ୍ୟାବଳି ଓ ରାଜପୁତ୍ର ଧର୍ମାଙ୍ଗଦଙ୍କର ନିବେଦନ ହେଲା, ଯେହେତୁ ମୋହିନୀ ରୁକ୍ମାଙ୍ଗଦଙ୍କ ପବିତ୍ର ଶରୀର ସ୍ପର୍ଶ କରିଛି, ସେହି ଦୃଷ୍ଟିରୁ ସେ ମଧ୍ୟ ପବିତ୍ର ହୋଇଛି, ଓ ସେଥିପାଇଁ ସେ ବୈକୁଣ୍ଠକୁ ଯିବା

ଉଠୀର । ପ୍ରଜାମାନେ କହିଲେ ଆମେ ମୋହିନୀଙ୍କୁ ଆମ ଦଶମୀର ପୁଣ୍ୟ ଫଳ ଦେବୁ, ତାଙ୍କୁ ଆମ ସଙ୍ଗେ ବୈକୁଣ୍ଠକୁ ଯିବାର ଅନୁମତି ମିଳୁ । ଏପରି ଏକାଦଶୀ ମାହାତ୍ମ୍ୟରୁ ସେମାନେ ସମସ୍ତେ ବୈକୁଣ୍ଠକୁ ଗଲେ ।

## ବରୁଥିନୀ ଏକାଦଶୀ

ପ୍ରାଚୀନ କାଳରେ କାଶୀ ନଗରୀରେ ଜଣେ ବ୍ରାହ୍ମଣ ରହୁଥିଲେ । ତାଙ୍କର ତିନିପୁଅ । ବଡପୁଅ ମୂର୍ଖ ଓ ଖଳ ସ୍ୱଭାବ ବିଶିଷ୍ଟ ଥିଲା । ସେହି ପରିବାରଟି ଭିକ୍ଷାଟନ କରି ଜୀବିକା ନିର୍ବାହ କରନ୍ତି । ପିତା ପ୍ରତିଦିନ ସକାଳେ ଯାଇ ସନ୍ଧ୍ୟାରେ ଭିକ୍ଷା ସଂଗ୍ରହ କରି ଫେରେ । ଦିନେ ତାଙ୍କୁ ଜ୍ୱର ହେଲା । ପୁଅ ତିନିଙ୍କୁ ଭିକ୍ଷାଟନରେ ପଠାଇଲା । ଏପରି ପିଲାମାନେ ମଧ୍ୟ ଭିକ୍ଷାଟନ କଲେ । ଦିନେ ବ୍ରାହ୍ମଣ ପୁଅମାନଙ୍କୁ ତାଙ୍କ ବେଦଶାସ୍ତ୍ର ପଢ଼ିବାକୁ ଉପଦେଶ ଦେଲା । ସାନ ଦୁଇପୁଅ ପଢିଲେ । ବଡ ପୁଅ ପଢ଼ିଲା ନାହିଁ । ସର୍ବ କନିଷ୍ଠ ସନ୍ତାନଟି ବେଦାଦି ଶାସ୍ତ୍ରରେ ଅତ୍ୟନ୍ତ ପଣ୍ଡିତ ହୋଇଗଲା । ବଡ ପୁଅ ଭିକ୍ଷାଟନ କରି ବୁଲିଲା । ସେ ଦିନେ ଗୋଟିଏ ଗ୍ରାମରେ ଭିକ୍ଷାଦାନ କରୁଥିବା ଜଣେ ସୁନ୍ଦରୀ ଯୁବତୀକୁ ଭୁଲାଇ ନିଜଘରକୁ ନେଇ ଆସିଲା । ସେମାନଙ୍କର ପିତା ବଡପୁଅର ଏପ୍ରକାର ଆଚରଣ ଦେଖି କ୍ଷୁବ୍ଧ ହେଲେ । ତାକୁ ଘରୁ ବାହାର କରିଦେଲେ । ସେ ନିଜ ଗୃହରୁ ବିତାଡ଼ିତ ହୋଇ ଅନ୍ୟ ଏକ ଗ୍ରାମରେ ବସବାସ କଲା । କିଛି ଦିନ ପରେ ସାନଭାଇ ବେଦଗାନ କରି ଭିକ୍ଷାଟନ କରୁ କରୁ ବଡଭାଇ ଘରେ ପହଞ୍ଚିଲା । ସେ ସାନ ଭାଇକୁ ଦେଖି ବଡ ଆଦର କଲା । ନିଜ ପାପରୁ ମୁକ୍ତି ପାଇବାର ଉପାୟ ପଚାରିଲା । ସେ ବଡ ଭାଇକୁ ବୈଶାଖ କୃଷ୍ଣପକ୍ଷ ଏକାଦଶୀ ତିଥିରେ ବରୁଥିନୀ ଏକାଦଶୀ ବ୍ରତ ପାଳନ କରିବାକୁ ପରାମର୍ଶ ଦେଲା । ବଡଭାଇ ସେହି ବ୍ରତ ପାଳନ କଲା । ଭଗବାନ ମଧୁସୂଦନଙ୍କୁ ପୂଜା କଲା । ବିଧି ପୂର୍ବକ ପୂଜା, ଉପବାସ, ଜାଗର, ହରି କୀର୍ତ୍ତନ କଲା । ବ୍ରାହ୍ମଣଙ୍କୁ ଭୋଜନ, ଦକ୍ଷିଣା ଦାନକଲା । ରାତିରେ ମଧୁସୂଦନ ସ୍ୱପ୍ନରେ ଦେଖାଦେଲେ । କହିଲେ-"ବରୁଥିନୀ ଏକାଦଶୀ ପାଳନ ଫଳରେ ତୋର

ସମସ୍ତ ପାପ ଦୂର ହୋଇଛି । ମୁଁ ତୋର ପିତାକୁ ବୁଝାଇ ଦେବି । ସେ ତୋର ସମସ୍ତ ଦୋଷ ଦୂର କରିବେ । ତୁ ଘରକୁ ଫେରିଯା ।" ସେ ନଦରୁ ଉଠି ସ୍ତ୍ରୀକୁ ସବୁକଥା କହିଲା । ଦୁହେଁ କାଶୀ ନଗରୀରେ ଥିବା ନିଜ ଘରକୁ ଫେରି ଗଲେ । ବୃଦ୍ଧ ବ୍ରାହ୍ମଣ ଜ୍ୟେଷ୍ଠ ପୁଅ ଓ ପୁତ୍ର ବଧୂଙ୍କୁ ପାଖେଇଁ ନେଲେ । ସେମାନଙ୍କର ସମସ୍ତ ଦୋଷ କ୍ଷମା କଲେ । ବଡପୁଅ ପିତାଙ୍କ ଆଦେଶ ପାଳନ କରି ବେଦଶାସ୍ତ୍ର ଅଧ୍ୟୟନ କଲା । ବ୍ରାହ୍ମଣୋଚିତ କର୍ମରେ ମନଦେଲା । ସେ ଜଣେ ପଣ୍ଡିତ ଓ ସୁବ୍ରାହ୍ମଣ ହେଲା ।

## ସାବିତ୍ରୀ ବ୍ରତ

ଏହା ଗୋଟିଏ ସର୍ବଶ୍ରେଷ୍ଠ ବ୍ରତ । ଜ୍ୟେଷ୍ଠ ଅମାବାସ୍ୟା ଦିନ ପାଳିତ ହୁଏ । ମହାଭାରତର ବନ ପର୍ବରେ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ଅଛି । ସ୍କନ୍ଦ ପୁରାଣ, ଭବିଷ୍ୟ ପୁରାଣରେ ଏହି ବ୍ରତର ମହିମା ବର୍ଣ୍ଣିତ । ଏକାଦଶ ଶତାବ୍ଦୀର ସ୍ମୃତିକାର ଶତାନନ୍ଦ ଓ ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ ସ୍ମୃତିକାର ଗଦାଧର ରାଜଗୁରୁଙ୍କ ଗ୍ରନ୍ଥରେ ଏହାର ଉଲ୍ଲେଖ ମିଳେ । ଜ୍ୟେଷ୍ଠ ଅମାବାସ୍ୟା ଦିନ ଏହି ବ୍ରତ ପାଳିତ ହୁଏ । ସାବିତ୍ରୀ ଏହିଦିନ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରୁଥିଲେ । ଏହିଦିନ ସଧବା ନାରୀମାନେ ବ୍ରତ ପୂଜା ଗୋଟିଏ ବ୍ରତ ପଢ଼ନ୍ତି । ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ ଏହି ବ୍ରତ କଥାଟି କହିଥିଲେ ବୋଲି ବ୍ରତ କଥାରେ ଉଲ୍ଲେଖ ଅଛି ।

ଅଶ୍ୱପତି ନାମରେ ଜଣେ ରାଜାଥିଲେ । ତାଙ୍କ ପରି ଧର୍ମୀ, ପ୍ରଜାବତ୍ସଳ, ଧାର୍ମିକ ଓ ଯଶସ୍ୱୀ ରାଜା ବିରଳ । କିନ୍ତୁ ଗୋଟିଏ କଥାରେ ତାଙ୍କର ଅଭାବ ଥାଏ । ଦିନେ ଜଣେ ଋଷି ତାଙ୍କର ଆତିଥ୍ୟ ଗ୍ରହଣ କରି ପରମ ତୃପ୍ତି ଲାଭକଲେ । ସେ ଧ୍ୟାନ ବଳରେ ରାଜାଙ୍କର ଦୁଃଖ ଜାଣି ପାରିଲେ । ସେ ତାଙ୍କୁ ସାବିତ୍ରୀ ମନ୍ତ୍ର ଜପ କରିବାକୁ ବତାଇ ଦେଇଗଲେ । ଏହି ମନ୍ତ୍ର ସିଦ୍ଧି ଫଳରେ ରାଜାଙ୍କର ଗୋଟିଏ

ପରମ ରୂପସୀ, ଗୁଣବତୀ ଓ ପ୍ରତିଭାଶାଳିନୀ କନ୍ୟା ଜନ୍ମହେଲା । ତା'ର ନାମ ରଖାଗଲା ସାବିତ୍ରୀ । ସେ ଆଠବର୍ଷ ବୟସ ପର୍ଯ୍ୟନ୍ତ ପୁରୁଷ ମୁହଁ ଦେଖି ନଥିଲା । ସେ ଏହି ବୟସରେ ତପୋବନକୁ ମୁନି ଋଷିମାନଙ୍କର ସେବା କରିବାକୁ ଯାଉଥିଲା ।

ସେତେବେଳେ ଅନ୍ଧନ୍ତୀର ଅନ୍ଧରାଜା ଦ୍ୟୁମତସେନ ନିଜ ରାଜ୍ୟରୁ ବିତାଡ଼ିତ ହୋଇ ସପରିବାର ଅରଣ୍ୟରେ ବାସ କରୁଥିଲେ । ତାଙ୍କର ପୁତ୍ର ଚିତ୍ରସେନ । ସେ ସୁନ୍ଦର, ବଳିଷ୍ଠ, ପିତୃଭକ୍ତ ଓ କର୍ତ୍ତବ୍ୟପରାୟଣ । ତାଙ୍କର ଅନ୍ୟ ନାମ ସତ୍ୟବାନ । ସାବିତ୍ରୀ ତାଙ୍କୁ ବିବାହ କରିବାକୁ ମନେ ମନେ ସ୍ଥିର କରି ପିତାମାତାଙ୍କୁ ତାଙ୍କ ମନକଥା ଜଣାଇ ଦେଲେ । ନାରଦ ସେତିକିବେଳେ ସେଠାରେ ପହଞ୍ଚି ଜଣାଇଲେ ଯେ ସତ୍ୟବାନଙ୍କର ଆୟୁଷ ଆଉ ମାତ୍ର ଏକବର୍ଷ ଅଛି । ତେଣୁ ଏହି ପ୍ରସ୍ତାବ ଗ୍ରହଣ ଯୋଗ୍ୟ ନୁହେଁ । କିନ୍ତୁ ଥରେ ମନ ଅନ୍ୟ ଜଣଙ୍କ ପ୍ରତି ଆକୃଷ୍ଟ ହୋଇଗଲା ପରେ ପୁଣି ମନ ବଦଳାଇବା ସତୀତ୍ୱ ବିରୁଦ୍ଧ ବୋଲି ସାବିତ୍ରୀ ବିଚାରିଲେ । ତେଣୁ ଏହି ବିବାହ ଶୁଭ ଲଗ୍ନରେ ସମ୍ପନ୍ନ ହେଲା । ସାବିତ୍ରୀ ଅରଣ୍ୟରେ ଶାଶୁ ଶ୍ୱଶୁରଙ୍କ ସେବାକରି ରହିଲେ । ନିର୍ଦ୍ଧାରିତ ଦିନ ଉପଗତ ହେଲା । ସେଦିନ ଜ୍ୟେଷ୍ଠ ଅମାବାସ୍ୟା । ସାବିତ୍ରୀ ଉପବାସ କଲେ । ଶାଶୁ ଶ୍ୱଶୁରଙ୍କ ଅନୁମତି ନେଇ ସ୍ୱାମୀଙ୍କ ସହ ବନକୁ ଗଲେ । କାଠ ହାଣୁଥିବା ସମୟରେ ସତ୍ୟବାନଙ୍କର ମୁଣ୍ଡ ବୁଲାଇଲା । ସେ ସାବିତ୍ରୀଙ୍କ କୋଳରେ ଶୋଇ ଆଖି ବୁଜିଲେ ।

ଯମଦୂତମାନେ ଆସି ପହଞ୍ଚିଲେ । କିନ୍ତୁ ସତୀଙ୍କ ତେଜରେ ସେମାନେ ପଶିପାରିଲେ ନାହିଁ । ଯମ ନିଜେ ଆସି ସତ୍ୟବାନଙ୍କ ଆତ୍ମାକୁ ନେଇଗଲେ । ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମ ଏପରି ଅନୁଗମନକୁ ବାରଣ କଲେ । ସାବିତ୍ରୀ ଅନୁନୟ କରି ସ୍ୱାମୀଙ୍କ ସହ ଯମଭୁବନକୁ ଯିବାକୁ ଇଚ୍ଛାକଲେ । ଯମ ତାଙ୍କୁ ତିନିଥର ତିନୋଟି ବର ଦେଲେ । ସାବିତ୍ରୀ ନିଜର ଚତୁରତା ଓ ବାକ୍ୟବିଦଗ୍ଧତାରେ

ଏହି ବର ତିନୋଟି ଆଦାୟ କରିଥିଲେ । ପ୍ରଥମ ବର ଶ୍ୱଶୁରଙ୍କର ଚକ୍ଷୁଲାଭ ଓ ରାଜ୍ୟପ୍ରାପ୍ତି, ଦ୍ୱିତୀୟ ବର ପିତାଙ୍କର ପୁତ୍ରଲାଭ ଓ ତୃତୀୟଟି ହେଲା ସାବିତ୍ରୀଙ୍କର ଶତପୁତ୍ର ଲାଭ । ଏହି ତିନୋଟି ବର ଦେଇ ସତ୍ୟବାନଙ୍କ ଆତ୍ମା ସହିତ ଯମ ଚାଲିଯିବାକୁ ବସିଲେ ଏବଂ ସାବିତ୍ରୀଙ୍କୁ ବାହୁଡ଼ି ଯିବାକୁ ପରାମର୍ଶ ଦେଲେ । ସାବିତ୍ରୀ କହିଲେ ମୋର ସ୍ୱାମୀ ଆପଣଙ୍କ ସଙ୍ଗରେ ଯାଉଛନ୍ତି । ମୋର ପୁତ୍ର ହେବ କିପରି ? ଯମ ନିରୁପାୟ ହେଲେ । ସାବିତ୍ରୀଙ୍କ ବୁଦ୍ଧିମତ୍ତା ଓ ନିଷ୍ଠା ଫଳରେ ସତ୍ୟବାନ ମଧ୍ୟ ଜୀବନ ଫେରି ପାଇଲେ । ଏହିପରି ଗୁଣବତୀ କନ୍ୟା ପିତୃକୁଳ ଶ୍ୱଶୁର, ଶାଶୁ ଓ ସ୍ୱାମୀଙ୍କର କଲ୍ୟାଣ କରିଥିଲେ । ସତୀତ୍ୱର ମହିମା ଏଥିରେ କୀର୍ତ୍ତିତ । ଭାରତୀୟ ପୁରାଣରେ ତିନୋଟି ଚରିତ୍ର ମୃତ୍ୟୁକୁ ଜୟ କରିଥିବାର ବର୍ଣ୍ଣିତ ହୋଇଛି । ସେହି ତିନିଜଣ ହେଲେ ନଚିକେତା, ମାର୍କଣ୍ଡେୟ ଓ ସାବିତ୍ରୀ । ସାବିତ୍ରୀଙ୍କର ବ୍ରତ ଓଡ଼ିଶାର ନାରୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରନ୍ତି ।

## ତାରଣୀ ବ୍ରତ

ଆଷାଢ଼ ଶୁକ୍ଳନବମୀ ଦିନ ମଙ୍ଗଳବାର ପଡ଼ିଲେ ଏହି ବ୍ରତ ହୁଏ । ତେଣୁ ଏହା ଯୋଗଜ ବ୍ରତ । ଏହାର ଦେବତା ଦୁର୍ଗା । କାହାଣୀଟି ଶ୍ରେଷ୍ଠ ଓ ସରଳ । ଦିନେ କୈଳାସ ପର୍ବତରେ ପାର୍ବତୀ ଶିବଙ୍କୁ ଗୋଟିଏ ଅନୁରୋଧ କଲେ । ତାଙ୍କ ଅନୁରୋଧ କ୍ରମେ ଶିବ ପାର୍ବତୀ ଓ ଅନ୍ୟାନ୍ୟ ଶିବଗଣ ରଥଯାତ୍ରା ଦେଖିବାକୁ ପୁରୁଷୋତ୍ତମ ପୁରୀକୁ ଆସିଲେ । ସେଠାରେ ଗୋଟିଏ ଗରିବ ବ୍ରାହ୍ମଣ ଜଗନ୍ନାଥଙ୍କ ନିକଟରେ ନିଜର ଦୁର୍ଦ୍ଦଶା ଜଣାଉଥିଲା । ପାର୍ବତୀଙ୍କ ମନରେ ଦୟା ହେଲା । ସେ ଦିନ ମଙ୍ଗଳବାର । ସେ ସଙ୍କଟରୁ ଭକ୍ତକୁ ତ୍ରାଣକରିବା ଲାଗି ବ୍ରାହ୍ମଣଙ୍କ ନିକଟରେ ଉକ୍ତ ବ୍ରତ ବିଧାନ ବତାଇ ଦେଲେ ଏବଂ ସେହି ବ୍ରତ କଲେ ପୁତ୍ର ସନ୍ତାନ ପାଇବ ଓ ସମସ୍ତ ଦୁଃଖ ଦୂରହେବ ବୋଲି କହିଲେ । ବ୍ରାହ୍ମଣ ସପତ୍ନୀକ ବଡ଼ ଦେଉଳର ଦକ୍ଷିଣ ଦ୍ୱାର ପଟକୁ ଯାଇ ଏହି ବ୍ରତ ପାଳନ କଲା । ପାର୍ବତୀ ସେଠାରେ ବ୍ରାହ୍ମଣର ପୂଜା ଗ୍ରହଣ କରି ସ୍ୱସ୍ଥାନକୁ ବାହୁଡ଼ି ଗଲେ । ବ୍ରାହ୍ମଣ ଧନ ଓ

ସୌଭାଗ୍ୟ ଲାଭକଲା । ଲକ୍ଷ୍ମୀ ମଧ୍ୟ ବ୍ରାହ୍ମଣ ଠାରୁ ଏହି ବ୍ରତ ଶୁଣି ବ୍ରତ ପାଳନ କଲେ । ଏହିପରି ବ୍ରତ ମହିମା ପ୍ରଚାରିତ ହେଲା ।

## ଚତୁର୍ମାସ୍ୟା ଗୁରୁବାର

ଶ୍ରାବଣ, ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ ଏହି ଚାରି ମାସର ପ୍ରତି ଗୁରୁବାର ଦିନ ଚତୁର୍ମାସ୍ୟା ଗୁରୁବାର ପାଳନ କରାଯିବା ବିଧି । ଲକ୍ଷ୍ମୀନାରାୟଣ ଏହି ଓଷାର ଦେବତା । ଗଞ୍ଜାମ ଅଞ୍ଚଳରୁ ସଂଗୃହୀତ ଏକ ପୋଥିରେ ଅଛି—"ଆଷାଢ଼ ଯାଇ ଶ୍ରାବଣ ପ୍ରବେଶିଲା, ଚେଣ୍ଡି ମାଲୁଣୀ ପ୍ରଭାତୁ ଉଠିଲା । ଗୋବର ମେଞ୍ଚାଏ ନେଇ ଘର ଲିପା ପୋଛା କଲା । ବୃନ୍ଦାବନରେ ପଶି ଶୁକଳ ଫୁଲ, ଶୁକଳ ଦୂବ ତୋଳିଲା । ଅଁଳା ମେଞ୍ଚା ନେଇ ଅଁଳା ଦାନ୍ତକାଠି ନେଇଲା । ପଦ୍ମ ପୋଖରୀରେ ଗାଧୋଇ ପାଧୋଇ ଅଇଲେ । ଶୁକଳ ଲୁଗା ପିନ୍ଧିଲା । ଅଷ୍ଟନାମ ଧରି ପଦ୍ମ ଆଠଗୋଟି କାଟିଲା । ଉଆ ଚାଉଳ ଧୋଇ ଥୋଇଲା । ଲକ୍ଷ୍ମୀ ନାରାୟଣଙ୍କୁ ଥାପିଲା । ଗନ୍ଧ ଚନ୍ଦନ ଦେଲା । ଧୂପ ନୈବେଦ୍ୟ ଦେଇ କଥାଟି କହିଲା ।" ଅନ୍ୟ ଏକ ଓଷା କଥାରେ, ଚେଣ୍ଡି ମାଲୁଣୀ ସ୍ଥାନରେ ଶ୍ରୀୟା ମାଲୁଣୀ ବୋଲି ଉଲ୍ଲେଖ ଅଛି । ଏଥିରେ ଅଛି-'ଶ୍ରୀୟା ପୂଜାପରେ ରାଜା, ମନ୍ତ୍ରୀ କୋଟଆଳ ଘରେ ଫୁଲ ପ୍ରସାଦ ବାଣ୍ଟି ସାରି ସାଧବ ଘରକୁ ଗଲାବେଳକୁ ଦେଖିଲା, ତା' ସଙ୍ଗାତ ସାଧବାଣୀ କେଉଁ ଗୁରୁବାର ପାଳିଦିନ ଶୁଖୁଆ ପୋଡ଼ି ପଖାଳ ଖାଉଛି ତ କେଉଁ ପାଳି ଦିନ ମାଛ କାଟୁଛି । ପୁଣି କେଉଁ ଗୁରୁବାର ପାଳିଦିନ ବାଳ ମୁକୁଳା କରି ଗୁଞ୍ଜୁଣୀ ଉପରେ ବସିଛି । ସେ ତା'ର ଏହି ଅନାଚାର ଦେଖି ପ୍ରତିଥର ବିସ୍ମିତ ହୁଏ । ପ୍ରତିଥର ସାଧବାଣୀ ଆପେ ଫୁଲ ପ୍ରସାଦ ନନେଇ ମରାଇରେ ପକାଇ ଦେଇ ଯିବାକୁ କହେ । ଚେଣ୍ଡି ମାଲୁଣୀ ମରାଇରେ ପକାଇଲା ବେଳେ ନିଜେ ମହାଲକ୍ଷ୍ମୀ ତାହା ଗ୍ରହଣ କରୁଥିବା ଭଳି ଲାଗେ । ଥରେ ମରାଇରେ ଦୂବ ପକାଇବା ବେଳକୁ ସେ ଠାକୁରାଣୀଙ୍କର ସୁବର୍ଣ୍ଣ ଚୂଡ଼ି ଦେଖିଲା । ଠାକୁରାଣୀ ହାତ ପତାଇ ନେଉଛନ୍ତି । ସାଧବାଣୀର ଏତେ ଅନାଚାର ସତ୍ତ୍ୱେ ତା' ଘରେ ଲକ୍ଷ୍ମୀ ଅଚଳ ହୋଇ ଥିବାର ଦେଖି ବିସ୍ମିତ ହେଲା । ଭାବିଲା, ସେ ନିଜେ

ଏଡ଼ଡ ନିଷ୍ଠା କାଖାରେ ପୂଜାକର ଲଭ ନାହିଁ । ତା ଘରେ ଏପରି ଧ୍ରସନ୍ନ ହୋଇ ବଜେ କରିବାର ନ ଦେଖିଲେ ଠାକୁରାଣୀଙ୍କ ଠାରେ ହାତ । ଦୋଷ ଦେବ ବୋଲି ମନାସିଲା । ଉପବାସ କରି ଶୋଇଲା । ଲକ୍ଷ୍ମୀ ତା' ମନକଥା ଜାଣିଲେ । ଓ.ଜମ୍ମା ନେତ ପିନ୍ଧି, ଗଉର ବେତ ଧରି, ସ୍ୱପ୍ନରେ ଦେଖାଦେଲେ । ଚେଉ ମ.ଲୁଣୀର ଅଭିମାନ ଭରା କଥା ଶୁଣିଲେ । ସାଧବାଣୀ ପୂର୍ବ ଜନ୍ମର ପୁଣ୍ୟଫଳ ଏ ଜନ୍ମରେ ଭୋଗ କରୁଛି ବୋଲି କହିଲେ । ଏ ଜନ୍ମରେ ସେ ଯେଉଁ ଅନାଗ୍ରହ କରୁଛି ପର ଜନ୍ମରେ ତା'ର ପରିଣାମ ସ୍ୱରୂପ ଶବର ଘରେ ଜନ୍ମ ହେବ । କିନ୍ତୁ ଚେଉ ମାଲୁ ! ଏ ଜନ୍ମର ନିଷ୍ଠା ଫଳରେ ପର ଜନ୍ମରେ ସିଂହଳ ଦ୍ୱୀପର ଲକ୍ଷ୍ମୀ ଶ୍ରୀ ସାଧବ ଘରେ ଜନ୍ମ ହୋଇ ସିଂହଳ ରାଜାର ରାଣୀ ହେବ । ଅଧିକାର ପୁଣ୍ୟ ବଳରେ ଏ ଜନ୍ମ କଥା ମନେ ପକାଇ ପାରିବ । ତା'ର ଏ ଜନ୍ମର ସାଙ୍ଗ ସାଧବାଣୀକୁ ଦୁଃଖରୁ ଉଦ୍ଧାର କରିବ । ଠାକୁରାଣୀ ପୁଣି କହିଲେ-"ସାଧବାଣୀ ଶବର ପେଟରେ ଜନ୍ମ-ହେବ । ସାତପୁଅ ଓ ଗୁରସ୍ତ ସହିତ କାଳ କଟାଉ ଥିବ । ତା' ମୁଣ୍ଡରେ ଚୁଲଟାଏ ଥିବ । ତୁ ମହାବାରୁଣୀ ତୀର୍ଥ ଲେଉଟାଣୀ ବେଳକୁ ସେମାନଙ୍କୁ ଦେଖିବୁ । ସାତପୁଅ ସାତଭାଇ ଓ ସ୍ୱାମୀ ଘରେ କାଠ ଧରିଥିବେ । ଶବରୁଣୀ ପେଜ ହାଣ୍ଡି ଟାଏ ମୁଣ୍ଡାଇ ଥିବ । ତା' ପରେ ଟୋକେଇଟାଏ କାଖରେ ଧରିଥିବ । ତା' ମୁଣ୍ଡରେ ଗୃନ୍ଦଟାଏ ଥିବ । ତୁ ସେମାନଙ୍କୁ ପଗୃରି ଚହ୍ନିବୁ । ପୂର୍ବ ଜନ୍ମକଥା କୁହା କୁହି ହେବ । ସେ ଓଧା ଭୁଲି ଯାଇଥିବ । ତୁ ତାକୁ ଉଦ୍ଧା କରାଇବୁ ।" ଠାକୁରାଣୀ ଏହିପରି ସୂଚନା ଦେଇ ବଡ ବେଉଳକୁ ଗୃଲଗଲେ । ସାଧବାଣୀ ଶ୍ରାବଣ ମାସରେ ଓ ଏକାଦଶୀ ଦିନ ମାଲୁଣୀ ଆଗମଚ୍ଛ ହୋଇ ଅକ୍ଷି ବୁଜିଲେ । ମହା ଲକ୍ଷ୍ମୀଙ୍କ କହିବା ଅନୁସାରେ ଜନ୍ମ ଦେନଲେ ।

ସିଂହଳ ଦ୍ୱୀପରେ ରାଜା ରାଣୀ ସଦଳ ବଳେ ମହାବାରୁଣୀ ସ୍ନାନ କରି ଫେରିଲା ବେଳକୁ ଶବର ଶବରୁଣୀ ଓ ସେମାନଙ୍କ ସାତ ପୁଅଙ୍କୁ ଦେଖିଲେ । ରାଣୀଙ୍କର ପୂର୍ବ ଜନ୍ମକଥା ମନେ ପଡ଼ିଗଲା । ଶବରୁଣୀକୁ ମଇତ କୋଳି ଡାକି ବଡ଼ ଆଦର କଲେ । ପୂର୍ବଜନ୍ମ କଥା କହିଲେ । ସ୍ନାନ କରାଇ ନୂଆ ଲୁଗା ପିନ୍ଧାଇଲେ । ଗୁଣା,

ଝୁଣ୍ଟିଆ, କାଚ ଆଦି ଅଳଙ୍କାର ପିନ୍ଧାଇଲେ । ଗଟିଏ ଠିଙ୍କା ନଦେଇ ସେଥିରେ ପିଲାମାନଙ୍କୁ ପ୍ରତିପାଳନ କରିବାକୁ କହି ଶବରୁଣୀକୁ ସବାଘରେ ବସାଇ ଦେନଗଲେ । ଘରେ ରଖାଇଲେ । ଓଷା ବ୍ରତ କରାଇଲେ । ତା'ର ଚତୁର୍ଥ କାଳ ହେବାରୁ କହିଲେ — "ମୈନ, ତୁମ୍ଭର ଚତୁର୍ଥ କାଳ ହେଲା । ପଞ୍ଚରତ୍ନ ପାଞ୍ଚ ଗରା ନିଅ, ପଞ୍ଚ ମୁକ୍ତାର ପାଞ୍ଚପୁଡ଼ା ନିଅ ପଞ୍ଚ ତୀର୍ଥରେ ଦାନ ଦିଅ, ତିନି ଜନ୍ମର ପାପମାନ କହି ସାଗରରେ ଝାସ ଦିଅ । ଶବରୁଣୀ ସେହିପରି କଲା । ମଗର ତାକୁ ଦୁଇଖଣ୍ଡ କରି ପକାଇଲା । ସେ ପୁଣି ତା'ର ପର ଜନ୍ମରେ ଚକୋରିଆ ପଣ୍ଡାର ରାଣୀ କନ୍ୟା ହୋଇ ଜନ୍ମ ହେଲା ।"

ଅନ୍ୟ ଏକ କଥାରେ ଚେତି ମାଲୁଣୀର ରାଜ୍ୟର ନାମ ଉଲ୍ଲେଖ ନାହିଁ । କିନ୍ତୁ ସେ ଶ୍ରୀଗୁଣ୍ଡିଚା ଦେଖି ଆସିବା ଓ ସେଠାରେ ସଙ୍ଗମ ସ୍ଥଳଠାରେ ପୂର୍ବ ଜନ୍ମର ସଙ୍ଗାତକୁ ଶବରୁଣୀ ଭାବରେ ଦେଖିବାର ବର୍ଣ୍ଣନା ଅଛି । ଏହି ବ୍ରତର କଥା ଅନ୍ୟ ମାସ ମାନଙ୍କର ଗୁରୁବାର କଥା ଠାରୁ ଭିନ୍ନ ।

## ଖୁଦୁରୁକୁଣୀ

ଏହା ଭାଦ୍ରମାସର ପ୍ରତ୍ୟେକ ରବିବାର ଦିନ ଅନୁଷ୍ଠିତ ହୁଏ । ଝିଅମାନେ ଏହି ଓଷା ପାଳନ କରନ୍ତି । ମଙ୍ଗଳା ଏହି ଓଷାର ଦେବୀ । ଗୋପୀନାଥ ଦାସଙ୍କର ବୃହତ୍ ତଅପୋଇ ବା ଖୁଦୁରୁକୁଣୀ ଓଷା ଖୁବ୍ ପ୍ରାଚୀନ ନୁହେଁ । ପୂର୍ବରୁ ଲୋକମୁଖରେ ଏହି ଓଷାକଥା ପ୍ରଚଳିତ ଥିଲା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ କାଠ ଦ୍ରଂଷ୍ଟ୍ର ଅବସ୍ଥାରେ ଗଦ୍ୟରେ ଲିଖିତ ତଅପୋଇ ଓଷାକଥା ସଂଗୃହୀତ ହୋଇଅଛି । ଗୋପୀନାଥ ଦାସ ମୂଳକଥାରେ କିଛି ପ୍ରାର୍ଥନା ଓ ବର୍ଣ୍ଣନା ଯୋଗ କରି ଏହାକୁ "ବୃହତ୍" କରିବାକୁ ଚେଷ୍ଟା କରିଛନ୍ତି ।

ଜମ୍ବୁଦ୍ୱୀପରେ ଧନପତିବନ୍ତ ବୋଲି ଏକ ସାଧବ ନିଜର ସ୍ତ୍ରୀ ଶକୁନ୍ତଳା ଏବଂ ସାତପୁଅ ଓ ଏକମାତ୍ର ଝିଅ ସହିତ ଆନନ୍ଦରେ କାଳ

କଟାଉଥିଲେ । ସାଧବର ସାତଖଣ୍ଡ ବୋଇତ ଥିଲା । ସାତବୋହୂ ସୁନା ରୂପାରେ ଗୁଣ୍ଠୁଥିଲେ । ଏକମାତ୍ର ଅଲଅଲ ଝିଅ ତଅପୋଇ ବାପ ମାଆ ଓ ଭାଇ-ଭାଉଜଙ୍କର ବଡ ପ୍ରିୟ ଥିଲା । ଦିନେ ତଅପୋଇ ମନ୍ତ୍ରୀଙ୍କ ଝିଅ ଓ ଅନ୍ୟ ଝିଅଙ୍କ ସଙ୍ଗରେ ଖେଳୁଥିଲା । ଧୂଳିରେ ଭାତ ତରକାରି ଆଦି କରି ଝିଅମାନେ ଆନନ୍ଦରେ ଖେଳୁଥିଲେ । ଏହି ସମୟରେ ଜଣେ ବିଧବା ବ୍ରାହ୍ମଣୀ ପହଞ୍ଚିଲେ । ତଅପୋଇ ବାଉଁଶ କୁଲାଇ ଧରି ଧୂଳି ଖେଳରେ ମାତି ଥିବାର ଦେଖି ତାକୁ ଚିଡ଼ାଇବା ପାଇଁ କହିଲା— "ତୁ ଏଡେ ଧନବନ୍ତ ସାଧବର ଝିଅ ହୋଇ ଏପରି ବାଉଁଶ କୁଲାଇ ଧରି ଧୂଳିରେ ଖେଳିବା ଲାଜର କଥା । ମୁଁ ତୋ ଭଳି ହୋଇଥିଲେ ବାପ ମାଆଙ୍କଠାରୁ ସୁନାଗୁନ୍ଦ ଆଣିଥାନ୍ତି । "

କଥାଟା ତଅପୋଇର ମର୍ମକୁ ଭେଦିଲା । ସେ ରୁଷିଲା । କବାଟ କିଳି ଗର୍ଣ୍ଣିଶା ଘରେ ଶୋଇଲା । ସାଧବର ସାନବୋହୂର ନାଁ ମାଳେନ୍ଦ୍ର । ସେ ତଅପୋଇର ବଡ଼ପ୍ରିୟ । ମାଳେନ୍ଦ୍ର ତଅପୋଇଠୁ ସମସ୍ତ କଥା ବୁଝି ଶାଶୁଙ୍କୁ ଜଣାଇଲା । ତା' କଥା ଅନୁସାରେ ସୁନାର ଗୁନ୍ଦ ଗଢ଼ା ହେଲା । ଦୁର୍ଭାଗ କୁ ଗୁନ୍ଦଟି ଅଧାହେଲା ବେଳକୁ ସାଧବ ତନୟବନ୍ତ ସ୍ୱର୍ଗବାସ କଲେ । ପୂରା ହେଲାବେଳକୁ ସାଧବାଣୀ ଆଖି ବୁଜିଲେ । ଏହାପରେ କିଛିଦିନ ଗଲା । ତଅପୋଇକୁ ଭାଇ ଭାଉଜମାନେ ବଡ ଯତ୍ନରେ ରଖିଥାନ୍ତି । ବଣିକ ଜାତି । କେତେ ଦିନ ବସିବେ ? ଭାଇମାନେ ଭାଉଜମାନଙ୍କ ପାଖରେ ତଅପୋଇକୁ ଛାଡ଼ିଦେଇ ବୋଇତ ନେଇ ବଣିଜ କରିଗଲେ ।

ସମସ୍ତ ଦେଖି ସେହି ବିଧବା ବ୍ରାହ୍ମଣୀଟି ପୁଣି ଆସିଲା । ତଅପୋଇକୁ ଭାଉଜମାନେ ଆଦର ଯତ୍ନରେ ବଢ଼ାଉଥିବାର ଦେଖି ଈର୍ଷାରେ ଜଳିଗଲା । ତା' ସମ୍ପର୍କରେ ନାନାଦି କାଳ୍ପନିକ ଆଶଙ୍କା ପ୍ରକାଶ କରି ତା' ପ୍ରତି ଭାଉଜମାନଙ୍କର ବିଦ୍ୱେଷ ଭାବ ସୃଷ୍ଟି କଲା । ମାଳେନ୍ଦ୍ର ଛଡା ଅନ୍ୟମାନେ ତା' କଥାରେ ଭୁଲିଗଲେ । ନଣନ୍ଦଟାକୁ ମୁହଁ ବଢିଆ କଲେ ସେ ପରେ ଭାଇମାନଙ୍କୁ ମତାଇ ତାଙ୍କର ଅନିଷ୍ଟ କରିବ ବୋଲି ଭାବିଲେ । ତେଣୁ ତାକୁ ଅନ୍ୟାନ୍ୟ କାମ କରାଇଲେ ଓ

ଛେଳି ଚରାଇବାକୁ ବଣକୁ ପଠାଇଲେ । ତଅପୋଈର ପିନ୍ଧିବା, ରହିବା ଓ ଖାଇବାରେ କଷ୍ଟର ଅନ୍ତ ରହିଲା ନାହିଁ । ବଡ ବୋହୂର ନର୍ଯ୍ୟାତନା ସବୁଠାରୁ ବେଶି । ଘରମଣି ବୋଲି ଓଲେଇ ଛେଳିଟିଏ ଥାଏ । କୁଆଡେ ବୋଇଲେ କୁଆଡେ ପଶେ । ବଡ ବୋହୂର ତାଗିଦା ଘରମଣି ଯେଭଳି କୁଆଡେ ନ ହଜେ । ହଜିଲେ ତଅପୋଈର ନାକ କଟା ହେବ । ଦିନେ ଘୋର ବର୍ଷା ହେଲା । ଛେଳି ଗୁଡ଼ିକ ଛିନ୍ନଛତ୍ର ହୋଇଗଲେ । ଘରମଣି ମିଳିଲା ନାହିଁ । ବଡ଼ ବୋହୂର ନିର୍ଦ୍ଦେଶ, ସେ ଛେଳି ନଫେରିବା ପର୍ଯ୍ୟନ୍ତ ଘରେ ତଅପୋଈର ସ୍ଥାନ ନାହିଁ । ତଅପୋଈ ସେହି ଅନ୍ଧାର ରାତିରେ ଜଙ୍ଗଲକୁ ଫେରିଲା ।

ଫୁରୁ ଫୁରୁ ନୁଖୁରା ବାଳ । ଦେହରେ ଖଣ୍ଡେ ସାତ ଗଣ୍ଠିଆ ଛିଣ୍ଡା କନା । ପେଟରେ କ୍ଷୁଧାର ଜ୍ୱାଳା । ଆଖିରେ ଧାର ଧାର ଲୁହ । ତଅପୋଈ ଘରମଣିକୁ ଖୋଜୁଛି । ଗଛଲତା, ଅନ୍ଧ କନ୍ଧ ସବୁ ଖୋଜିଲା । ପାଇଲା ନାହିଁ । ସେଦିନ ଭାଦ୍ରବ ରବିବାର । ଝିଅମାନେ ମଙ୍ଗଳା ପୂଜା କରୁଥିଲେ । ହୁଳି ହୁଳି ଶୁଣି ତଅପୋଈ ଓଷା ସ୍ଥାନରେ ପହଞ୍ଚିଲା । ଘରମଣିକୁ ପାଇଲେ ଓଷା ପୂଜିବ ବୋଲି ମାନସିକ କଲା । ଖୁଦ ଗୁଡ଼ିଳ, କୁଣ୍ଡା ଭୋଗ ଦେଇ ଠାକୁରାଣୀଙ୍କ ପାଖରେ ଦୁଃଖ ଜଣାଇଲା । ଶରଣ ପଶିଲା । ଘରମଣି ଫେରିଲା । ସେ ବଡଭାଉଜର କଠୋର ଦଣ୍ଡରୁ ରକ୍ଷା ପାଇଲା ।

ଆଜି ଥରେ ଭାଇମାନଙ୍କ କଥା ମନେ ପଡ଼ିଗଲା । ସେମାନଙ୍କର ଶୁଭ ମନାସି ଗୋଟିଏ ଡାଲିରେ ଠାକୁରାଣୀଙ୍କ ପାଖରେ ଭୋଗ ବାଢ଼ିଲା । ଏମିତି ଥରକୁ ଥର ତା' ଦୁର୍ଦ୍ଦିନ ଭିତରେ ଭାଦ୍ରବ ରବିବାର ଡାଲିମାନଙ୍କରେ ସେ ଅନ୍ୟ ଝିଅମାନଙ୍କ ସାଙ୍ଗରେ ମିଶି ଓଷା ପୂଜେ । ଦିନେ ବଣରେ ଛେଳିମାନଙ୍କୁ ଛାଡ଼ିଦେଇ ଖାଇ ବସିଲା । ସାନବୋହୂର ଡାଲି ହୋଇଥିଲେ ଅନ୍ୟକଥା । କିନ୍ତୁ ବଡ଼ ମାନେ ଖାଦ୍ୟ ନାଁରେ ଅଖାଦ୍ୟ ଦିଅନ୍ତି । ତଅପୋଈ ଟୋକେଇ ଉପରୁ ପତର ଉଠାଇଲା । ଦେଖିଲା, ମୁଷା ମାଟି ଓ ପାଉଁଶ ଉପରେ କିଛି ଭାତ ଛୁଆଁ ହୋଇଛି । ବାପା ବୋଉ ମନେ ପଡ଼ିଲେ । ଭାଇମାନେ

ମନେ ପଡ଼ିଗଲେ । ହଜିଲା ଧନର ସ୍ମୃତି ଗୁଡ଼ିକ ତା ମନକୁ ମନ୍ଥି ପକାଇଲା । ସେ ଉଚ୍ଚ ସ୍ୱରରେ କାନ୍ଦିଲା ।

ସୋଗକୁ କିଛି ଦୂରରେ ତା' ଭାଇମାନଙ୍କର ବୋଇତ ଲାଗିଥିଲା କାହାର କାନ୍ଦଣା ଶୁଣି ସେମାନେ ସାନଭାଇକୁ ଦେଖି ବୁଝିବାକୁ ପଠାଇଲେ । ସାନଭାଇ ଶିଆଳୀ ଲଟା ପାଖରେ ତଅପୋଇ କାନ୍ଦୁଥିବାର ଦେଖିଲା । ପ୍ରଥମେ ଚିହ୍ନି ପାରିଲା ନାହିଁ । ତଅପୋଇ ଗୋଟି ଗୋଟି କରି ସବୁକଥା କହିଗଲା । ଦୁହେଁ କାନ୍ଦିଲେ । କିଛି ସମୟ ଧରି କାନ୍ଦଣାର ଐକତାନରେ ବନଭୂମି ବିଦୀର୍ଣ୍ଣ ହେଲା । ଦୁହେଁ ବୋଇତ ପାଖକୁ ଫେରିଲେ । ଅନ୍ୟ ଭାଇମାନେ ମଧ୍ୟ ଦେଖି ତାହା ଜାଣିଲେ । ସେମାନଙ୍କ ମନରେ ଦୁଃଖ ଓ ପ୍ରତିହିଂସା ଜାଗିଲା ।

ଘରକୁ ଖବର ଗଲା । ଦୂର ଦେଶରୁ ସାଧବ ଘରର ବୋଇତ ଫେରୁଛି । ବୋହୂମାନେ ତଅପୋଇ ସହ ବନ୍ଦାଇବାକୁ ଆସନ୍ତୁ । ସାତବୋହୂ ଥାଳି ଆଣିଲେ କିନ୍ତୁ ତଅପୋଇ ସେମାନଙ୍କ ସଙ୍ଗରେ ନଥିଲା । ଭାଇମାନେ କିଛି ନଜାଣିଲା ପରି ତଅପୋଇ କଥା ପଚାରିଲେ । ଉତ୍ତର ଆସିଲା ତଅପୋଇକି ଜ୍ୱର । ସେମାନଙ୍କୁ କହିଲେ ବୋଇତର ମଙ୍ଗ କୋଣରେ ଥିବା ଦେବତାଙ୍କୁ ବନ୍ଦାପନା କରି ଆସିବା ଲାଗି । କିନ୍ତୁ ମଙ୍ଗ କୋଣରେ ଠିକ୍ ଦେବତା ନଥିଲେ । ଥିଲା ତଅପୋଇ । ତା' ହାତରେ ଥିଲା ଶାଣିତ ଛୁରୀ । ମନରେ ପ୍ରତିହିଂସା ଓ ଭାଇମାନଙ୍କ ଇଙ୍ଗିତ । ଛଅ ବୋହୂଙ୍କ ନାକ କଟାହେଲା । ମାଳେନ୍ଦ୍ର ଆଦର ସମ୍ମାନ ପାଇଲା । ମାଳେନ୍ଦ୍ର ଛଡ଼ା ଅନ୍ୟ ବୋହୂମାନେ ଲାଜ ଭୟରେ ପଳାଇ ଗଲେ । ଘୋର ଜଙ୍ଗଲ । ପାଖରେ ମହାଦେବ ମନ୍ଦିର । ସେଇଠି ସେମାନେ ବେହୋସ ହୋଇ ପଡ଼ିଗଲେ । ବିରୂପାକ୍ଷ ଶବର ସେଠାକୁ ପୂଜା କରିବାକୁ ଆସୁଥିଲା । ଏମାନଙ୍କୁ ଦେଖିଲା । ତା' ମନ ତରଳିଲା । ମହାଦେବଙ୍କୁ ଡାକିଲା । ବିରୂପାକ୍ଷର ଡାକରାରେ ମହାଦେବଙ୍କ ପ୍ରସାଦରୁ ସେମାନଙ୍କର ଚେତନା ଫେରିଲା । ନାକ କଅଁଳିଲା । ବୋହୂମାନେ ନିଜ ନିଜର ବାପ ଘରକୁ ଫେରିଗଲେ ।

ତଅପୋଇର ବିବାହ ସ୍ଥିର ହେଲା । ବାସ୍ତବରେ ସେ ସ୍ୱର୍ଗର କନ୍ୟା । ଅଭିଶାପ ପାଇ ଷୋଳବର୍ଷ ଲାଗି ମର୍ତ୍ତ୍ୟରେ ଜନ୍ମ ହୋଇଥିଲା । ଅଭିଶାପର ଦିନ ଯେତେବେଳକୁ ସରିଯାଇଥାଏ । ତା'ର ସ୍ୱାମୀ ଚନ୍ଦ୍ରସେନ ସେତେ ଦିନ ଗଣୁଥାଏ । ଚନ୍ଦ୍ରଙ୍କ ଆଦେଶରେ ସ୍ୱର୍ଗରୁ ବିମାନ ଆଣି ତଅପୋଇର ଅଷ୍ଟମଙ୍ଗଳା ଦିନ ପହଞ୍ଚିଗଲା । ବରକନ୍ୟା ବିଦା ହେବା ସମୟରେ ହଠାତ୍ ଗୋଳ କରି ତଅପୋଇକୁ ବିମାନରେ ବସାଇ ସ୍ୱର୍ଗପୁରକୁ ନେଇଗଲା ।

ଅନୁତାପ ଦଗ୍ଧ ହୃଦୟରେ ଧନସୁବନ୍ତର ପୁଅ ମାନେ ନିଜ ନିଜର ପାରିବାରିକ ଜୀବନକଥା ମନେ ପକାଇ ସ୍ଥିର ହେଲେ । ଶ୍ୱଶୁର ଘରକୁ ଯାଇ ସ୍ତ୍ରୀମାନଙ୍କୁ ଆଣି ସୁଖରେ ରହିଲେ ।

## ବୁଧେଇ ଓଷା

ଭାଦ୍ରପଦ ପ୍ରତି ବୁଧବାର ସନ୍ଧ୍ୟାରେ ନାରୀମାନେ ଏହି ଓଷା ପାଳନ କରନ୍ତି । କଥା ଶୁଣନ୍ତି ।

ସାଧବ ସାଧବାଣୀଙ୍କର ସାତପୁଅ ସାତ ବୋହୂ । କୋଉ କଥାରେ ଊଣା ନାହିଁ । ଖଟୁଆମାନେ ରାଜାଙ୍କ ଆଗରେ ସାଧବ ନାଆଁରେ ଚୁଗୁଲି କଲେ । ଖଣ୍ଡେ କଥାକୁ ଦଶଖଣ୍ଡ କହିଲେ । ସାଧବ ଉପରେ ରାଜରୋଷ ପଡ଼ିଲା । ସେ ସାତ ପୁଅଙ୍କ ସହିତ ବନ୍ଦୀ ହେଲା । ତା'ର ଧନସମ୍ପଦ ଜବତ କରାଗଲା । ସାଧବାଣୀର ଦୁଃଖ କହିଲେ ନସରେ । ସେ ଦିନ ରାତିରେ ଶିଳପୁଆ କହୁଛି—"ମାଆଗୋ ମତେ ନିଅ । ଶିଳ କହୁଛି ବାବୁରେ, ସାଧବଘରେ ବଡ଼ ବିପତ୍ତି ପଡ଼ିଛି ରାଜା ନେଇ ଦଣ୍ଡୁଛି ।" ତା' ପରେ ଭାଦ୍ରମାସ ବୁଧବାର ଦିନ କେଉଁ ବିଧିରେ ପୂଜାକଲେ ସେମାନଙ୍କର ଦଶା ସୁଧୁରିଯିବ ସେ କଥା ପଡ଼ିଲା । ସାଧବାଣୀ ଉଠିଥିଲା । ଶିଳ ଶିଳପୁଆଙ୍କ କଥା ଭାଷା ଶୁଣିଲା । ଶିଳପୁଆକୁ ଝାଡ଼ି ଝୁଡ଼ି ଅଗଣାରେ ଥୋଇ ଶୋଇବାକୁ ଗଲା । ପୁଅ କହିଲା— "ମାଆଲୋ । ମତେ ଯିଏ ତୋ କୋଡେ ଦେଲା ତା'ର ସକଳ କାର୍ଯ୍ୟ ସିଦ୍ଧି ହେଉ ।"

ମଙ୍ଗଳ ଯାଇ ବୁଧ ଆସିଲା । ସାଧବାଣୀ ସେଦିନ ସ୍ୱପ୍ନରେ ଶୁଣିଥିବା ବିଧି ବିଧାନ ଅନୁସାରେ ଶିଳ ଶିଳପୁଆଙ୍କୁ ସ୍ନାନ କରାଇ, ଚିତା କଜ୍ଜ୍ୱଳ ଲଗାଇ, ଫୁଲରେ ମଣ୍ଡି, ଘିଅ ଦୀପ ଜାଳି ନୈବେଦ୍ୟ ଦେଲା । ସ୍ତୁତି କଲା । ଏପରି ଦୁଇପାଳି ପୂଜିଲା । ତୃତୀୟ ପାଳି ବେଳକୁ ଠାକୁରାଣୀ ରାଜାଙ୍କୁ ସ୍ୱପ୍ନାଦେଶ ଦେଲେ । ସେହି ଅନୁସାରେ ରାଜା ସାଧବକୁ ମୁକ୍ତ କରି ଶାଢ଼ୀ ଶିରପା ଦେଲେ । ସାଧବାଣୀ ପାଖକୁ ରାଜନବରରୁ ଡାକରା ଆସିଲା । ନଅରରେ ଅନେକ ଶୋଭା ମହାଦେଈ ସାଧବାଣୀ ଠାରୁ ବୁଧେଇ ଓଷାର ବିଧି ବିଧାନ ବୁଝି ପୂଜାକଲେ । ସେମାନଙ୍କର ପୁଅ ହେଲା । ରାଜାଙ୍କର ଆଣ୍ଟୁକୁଡ଼ା ଦୋଷ କଟିଲା । ସେ ସାଧବ ସାଧବାଣୀଙ୍କୁ ଅନୁଗ୍ରହ କଲେ । ଏହାହିଁ ମୂଳ ଓଷାକଥା । ଲୋକ ମୁଖରୁ ସଂଗୃହୀତ ହୋଇ ପରବର୍ତ୍ତୀ ସମୟରେ ଗୀତରେ ଓଷା କଥା ଲେଖା ଯାଇଛି । ଗୋପୀନାଥ ଦାସ, ଗୌର ଚରଣ ପ୍ରମୁଖଙ୍କ ଦ୍ୱାରା ରଚିତ ବୁଧେଇ ଓଷା ଏହି ମୂଳକଥାକୁ ଭିତ୍ତି କରି ରଚିତ ହୋଇଛି । ଲୋକମୁଖ ପ୍ରଚଳିତ ଓଷା ବ୍ରତ କଥା ଠାରୁ କବିଙ୍କ ଦ୍ୱାରା ରଚିତ ବ୍ରତ ବା ଓଷା କଥାର ପାର୍ଥକ୍ୟ ଜାଣିବା ପାଇଁ ସେଥିରୁ ଗୋଟିକର ଆଲୋଚନା କରାଯାଇ ପାରେ ।

ଦ୍ୱିଜ ଗୌରଚରଣଙ୍କ ବୁଧେଇ ଓଷା ୧୩୪ ପଦ ବିଶିଷ୍ଟ ପଦ୍ୟ-ବଦ୍ଧ ରଚନା । କାବ୍ୟର ନମସ୍କ୍ରିୟା ଭଳି ଓଷାକଥାର ମଙ୍ଗଳାଚରଣ ବା ବନ୍ଦନାରେ ବିମଳାଙ୍କ କୃପାଭିକ୍ଷା କରାଯାଇଛି । 'ଏକଇ ମୂର୍ତ୍ତିରୁ ଅନେକ ନାମ' ବୋଲି ଉଲ୍ଲେଖ କରି ବିଷୟବସ୍ତୁ ଭିତରେ ସିଦ୍ଧ ବିମଳାଙ୍କ ମହିମା ବର୍ଣ୍ଣିତ ହୋଇଛି ।

ଦିନେ କୋଶଳ ଦେଶର ରାଜା ପ୍ରଭାକର ପାରିଧି କରିବାକୁ ଯାଉଥିଲେ । ଗଲାବେଳେ ବାଦ୍ୟ ବାଜଣାରେ ଦାଣ୍ଡ କମ୍ପି ଉଠୁଥିଲା । ରତ୍ନାକର ସାହୁର ସ୍ତ୍ରୀ ଶରଧା ଦାଣ୍ଡ କବାଟ ପାଖେ ଛିଡ଼ା ହୋଇଥିଲା । ରାଜାଙ୍କ ମୁହଁ ଦେଖିବାରୁ ମନ ଦୁଃଖକଲା । କାରଣ ରାଜା ପ୍ରଭାକର ଅପୁତ୍ରିକ ଥିଲେ । ସାମାଜିକ ପରମ୍ପରା ଅନୁସାରେ ଅପୁତ୍ରିକର ମୁହଁ

ଗୁହଁବା ପାପ । ଶରଧାର ମନକଥା ଭୁଣ୍ଡାରେ ଫୁଟିଆସି ହୋଇଗଲା । ରାଜାଙ୍କର ଖଟଣି ଲୋକେ କଥାଟାକୁ ରାଜାଙ୍କ କାନକୁ ନେଇଗଲେ । ରାଜା-ଗୋଜା । ସଙ୍ଗେ ସଙ୍ଗେ ରତ୍ନାକର ଓ ତା' ପୁଅମାନଙ୍କର ମୁଣ୍ଡକାଟ ହୁକୁମ ହେଲା । ସେଦିନ ଭାଦ୍ରବ ମଙ୍ଗଳବାର । ଶରଧା ମଙ୍ଗଳାଙ୍କୁ ପ୍ରାର୍ଥନା କଲା—

" ଜୟ ଜୟ ମାଗୋ ଦେବୀ ମଙ୍ଗଳା ।
ଉଦ୍ଧରି ଧର ମୋ ବୁଡ଼ିବା ଭେଳା ॥

କମ୍ବୁ କଣ୍ଠକେ କ୍ଷେତ୍ର ଅଧିପତି ।
ନମସ୍ତେ କାଳରାଣୀ ଆଦିଶକ୍ତି ॥
ତୋର ଚରଣେ ଯେ କରେ ଭକତି ।
ଦେଉ ଧନ ଜନ କୋଟି ସମ୍ପତ୍ତି ॥

ରାଜଭୟ ଚୋରଭୟ ଦୁର୍ଗତି ।
ତୋତେ ସୁମରିଲେ ଅପସରନ୍ତି ॥

ମାଗୋ ନୃପତି କୋପ କଲା ମୋତେ ।
ମାଇଲା ମୋ ସାତ ପୁଅ ସହିତେ ॥

ସବୁ ବେଳେରେ ରଖ ମୋର ବଂଶ ।
ସୁଦୟା କର ଦେଗା ତୋ ପଦେ ଆଶ ॥

ଶୁଣି ବିମଳା ପରସନ୍ନ ହେଲେ ।
ଶୁଣି ଆଣି ବୁଢ଼ୀ ପାଶେ ମିଳିଲେ ॥

ସପନେ କହିଲ ଜଗତ ମାତା ।
ଆଲୋ ଶରଧା ତୁ ନକର ଚିନ୍ତା ॥ "

ବିମଳାଙ୍କର ସ୍ୱପ୍ନାଦେଶ ହେଲା । ସେ ବୁଢ଼ୀକୁ ଶିଳ ସିଳୁପୁଆ ପୂଜା-ବିଧାନ ବତାଇଲେ । ଏହି ପୂଜା ବିଧାନ ଉପରେ କୁହାଯାଇଥିବା ବୁଧେଇ ଓଷାକଥାର ପୂଜାବିଧାନ ଠାରୁ ସାମାନ୍ୟ ପୃଥକ୍ । ଶିଳ ଶିଳୁପୁଆ ପାଖରେ କଳସ ବସା ହୋଇଛି । ଗୁଆ ସ୍ଥାପନା କରା

ହୋଇଛି । କଳସ ପାଣିରେ ମନ୍ତ୍ରଶକ୍ତି ଆରୋପ କରାଯାଇଛି । ବିମଳା ତାଙ୍କୁ ସ୍ୱପ୍ନରେ କହୁଛନ୍ତି—

"ଶିଳ ଶିଳପୁଆ ସ୍ନାନ କରାଇ ।
ଅଏଁଳା ସାବଣୀ କୁଙ୍କୁମ ଦେଇ ।।

ଅଷ୍ଟ ପ୍ରକାରେ ସୁଗନ୍ଧ ଲେପିବୁ ।
ସିନ୍ଦୂର କଜ୍ୱଳ ଦେଇ ପୂଜିବୁ ।।

ଅଷ୍ଟ ଗୋଟି ଗୁଆ ଦେଇ ତହିଁରେ ।
ଅଷ୍ଟ ବର୍ଣ୍ଣ ଫଳ ଯଥା ବିଧିରେ ।।

ପୂର୍ଣ୍ଣ କୁମ୍ଭ ଦେଇ ଦୂତ ଶ୍ରୀଫଳ ।
ଗୁଆ ଘୃତରେ ଜାଳିବୁ ଜାଗର ।।
ରଜ କଣ୍ଠରେ ଜାଳି ଦୀପାବଳୀ ।
ମୋ ନାମ ଧରି ନେବୁ ହୁଳହୁଳି ।।

ଅପ୍ରିବ ମାସ ବୁଧବାର ଦିନ ।
କରିବୁ ବୁଧେଇ ଓଷା ବିଧାନ ।।

ବିବିଧ ଉପହାର ଧୂପ ବାତି ।
ଲାଗି କରାଇବୁ ମୋ ନାମ ପଢ଼ି ।।

ପଣ୍ଡିତ ଟସାର ପ୍ରଣାମ କରି ।
ଅତି ଆନନ୍ଦେ ଦେବୁ ହୁଳହୁଳି ।।

ମୋତେ ଧ୍ୟାନ କରି ମୋ ନାମ ଗୁଣି ।
ନେଇ ପିବୁ ସେହି କଳସ ପାଣି ।।

ଶ୍ମଶାନକୁ ବୋଲି ଚଳି ଯିବୁ ।
ସବୁ ଗଣ୍ଡି ମୁଣ୍ଡ ଏକ କରିବୁ ।।

ତାଙ୍କ ଠାରେ ଜଳ ଛିଞ୍ଚିବୁ ନେଇ ।
ସମସ୍ତେ ଜିଇଁବେ ସନ୍ଦେହ ନାହିଁ ।।"

ଏହା ହେଉଛି ସତ୍ରବ ମଙ୍ଗଳବାର ଦିନର କଥା । ବୁଢ଼ୀ ରାତିରେ ସ୍ୱପ୍ନ ଦେଖିଲା । ତା' ପର ଦିନ ବୁଧବାର । ବୁଢ଼ୀ ପୂଜା ଧ୍ୟାନ କଲା । କଳସରୁ ପାଣି ଧରି ଶ୍ମଶାନରେ ପହଞ୍ଚିଲା ।ସ୍ୱାମୀ ଓ ପୁତ୍ର ମାନଙ୍କର ମଡ଼ା ପଡ଼ିଥିଲା । ବୁଢ଼ୀ ସ୍ୱପ୍ନାଦେଶ ଅନୁସାରେ ସବୁ କଥା କଲା । ସିଦ୍ଧ ବିମଳାଙ୍କ ନାମ ସ୍ମରଣ କରି ମଡ଼ାମାନଙ୍କ ଉପରେ କଳସ ପାଣି ଛିଞ୍ଚିଲା । ସେମାନେ ବଞ୍ଚି ଉଠିଲେ । ବୁଢ଼ୀ ଆନନ୍ଦରେ ନାଚିଲା ।

"ନସ୍ତରିଲି ନସ୍ତରିଲି ମଙ୍ଗଳା ।
ମରଣୁ ଜିଆଇ ଦେଲୁ ମୋ ବଳା ॥
ସିଦ୍ଧ ବିମଳାଙ୍କ ନାମକୁ ପଢ଼ି ।
ହେଣ୍ଡି ମାରି ନାଚେ ଶରଧା ବୁଢ଼ୀ ॥"

ଦେବତାର ନାମ ସ୍ମରଣ ସଙ୍ଗେ ସଙ୍ଗେ ମନରେ ଶକ୍ତି ସଞ୍ଚାର ହୁଏ । ସାଫଲ୍ୟର ଆନନ୍ଦରେ ମନ ଉଦ୍‌ବେଳିତ ହୁଏ । ନାଚି ଉଠେ । ଏହା ଦେବଦାସୀର କଳାକୁଶଳ ନୃତ୍ୟ ନୁହେଁ । କଳସୀ ପାଣି ଛିଞ୍ଚି ଜୀବନ୍ୟାସ ଦେଇ ପାରୁଥିବା ସିଦ୍ଧ-ସାଧିକା ଶରଧାର ଜାଲଗି ନୃତ୍ୟ ।

ସାଧବ ଓ ତା'ର ପୁଅମାନେ ବଞ୍ଚିବା ଖବର ପ୍ରଚାରିତହେଲା । ରଜା ଜାଣିଲେ । ଏଠି ସମ ସାମ୍ପ୍ରତିକ ସମାଜର ଚିତ୍ରଟିଏ ଯୋଡ଼ି ଦିଆଯାଇଛି । ରାଜ କର୍ମଚାରୀଙ୍କର ଲାଞ୍ଚ ମିଛ କାରବାର ଓ ସେମାନଙ୍କ ଉପରେ ବ୍ୟବସାୟୀ ଗୋଷ୍ଠୀଙ୍କ ପ୍ରଭାବ କଥା ଖଟଣୀ ସେବକ ଓ ଖଟୁଆ ମାନଙ୍କ ମୁହଁରେ ପ୍ରକାଶ ପାଇଛି ।

"ସେତ ଧନବନ୍ତ ସାଧୁ ତନୟେ ।
ତାଙ୍କୁ ଯେ ସମସ୍ତେ କରନ୍ତି ଭୟେ ॥
ତାହା ଠାରୁ ଧନ ନିଅନ୍ତି ଲାଞ୍ଚ ।
ମାଇଲୁ ବୋଲିଣ କହନ୍ତି ମିଛ ॥"

ଏ ଘଟଣା ଶୁଣି ରାଜା କୋପକଲେ । ବାପ ଓ ପୁଅମାନଙ୍କୁ ଧରାଇ ଆଣିଲେ । ଖଣ୍ଡାରେ ହଣାଇ, ଢିଙ୍କିରେ କୁଟାଇ, ଶିଳରେ ବଟାଇ, ସମୁଦ୍ରରେ ଭସାଇ ଦେଲେ । କିନ୍ତୁ ଯେଉଁମାନଙ୍କୁ ଏତେ କଥା କରାଗଲା ସେମାନେ ମାୟା ମନୁଷ୍ୟ । ବିମଳା ଶୂନ୍ୟରେ ସାଧବ ଓ ତା ସାତ ପୁଅଙ୍କୁ ହରଣ କରି ନେଇଥିଲେ ଏବଂ ତାଙ୍କ ବଦଳରେ ମାୟା ମନୁଷ୍ୟଙ୍କୁ ରାଜଦୂତ ମାନେ ଧରି ନେଇଥିଲେ । ରାଜା ଏତେ କାଣ୍ଡ କରିବା ପରେ ବିମଳା ସେମାନଙ୍କୁ ଘରକୁ ପଠାଇ ଦେଲେ । ରାଜା ପ୍ରଭାକର ପୁନର୍ବାର ଖବର ପାଇଲେ । ଶୁଣ୍ଢି ବଂଶ ବଞ୍ଚିଛନ୍ତି ଜାଣି ଆଶ୍ଚର୍ଯ୍ୟ ହେଲେ । ଶରଧା ବୁଢ଼ୀର ଐଶୀ ଅନୁକମ୍ପା କଥା ଶୁଣିଲେ । ରାଣୀମାନଙ୍କ ପାଇଁ ଭଦ୍ରବ ବୁଧବାର ଦିନ ଶିଳ ଶିଳପୁଆ ପୂଜା କରାଇବାର ବ୍ୟବସ୍ଥା ହେଲା । ରାଜା ପ୍ରଭାକରଙ୍କର ଚାରି ରାଣୀ । ବଉଳ ବେଣୀ, ବିଦ୍ୟୁଆଭା, ଇନ୍ଦ୍ରମୁଖୀ, ଶଶିରେଖା ପ୍ରମୁଖଙ୍କର ଟଛ ଫଳ ନଥିଲା । ଶରଧା ବୁଢ଼ୀର ପୌରୋହିତ୍ୟରେ ପୂଜା ବିଧାନ ହେଲା । ରାଜ ନବରରେ ପୂଜା ବିଧାନର ବର୍ଣ୍ଣନା ନିମ୍ନମତେ କରାଯାଇଛି ।

ଏମାନେ ସମସ୍ତେ କଲେ ସ୍ନାହାନ । ପିନ୍ଧିଲେ ରଙ୍ଗ ପାଟ ଶାଢ଼ୀ ମାନ ॥
ଶୁଚିମନ୍ତ ହୋଇ ମିଳିଲେ ବାଳୀ । ଶରଧା ବୁଢ଼ୀ ସନ୍ନିଧିରେ ମିଳି ॥
ହର୍ମ୍ୟ ମଣ୍ଡରେ ଲିପା ପୋଛା କରି । ଶିଳ ଶିଳପୁଆ ଆଣିଲେ ବରି ॥
କୁଙ୍କୁମ ସାବନ୍ତୀ ଅଇଁଲା ଦେଇ । ନାନା ପୁଷ୍ପମାନ ଖଞ୍ଜିଲେ ନେଇ ॥
ମାଳ ମାଳ ମଣ୍ଡି ସୁନା କଉଡ଼ି । ଆଗେ ବସିଲା ସେ ଶରଧା ବୁଢ଼ୀ ॥
ଧୂପ ଦୀପ ଜାଳି ଗୁଆ ଘୃତରେ । ଉପହାର ଦ୍ରବ୍ୟ ରଖି ଥୁଳରେ ॥
ଲେମ୍ବୁ ନାରଙ୍ଗକୁ ବାଢ଼ିଣ ତହିଁ । ବସିଲେ ସମସ୍ତେ ଆନନ୍ଦ ହୋଇ ॥
ଖଣ୍ଡ ନଡ଼ିଆ ଆଦ୍ରି ଗଜାମୁଗ । ଛେନା ଦୁଧସର ବାଢ଼ିଲେ ଆଗ ॥
କୋରା ମରିଚ ଖଣ୍ଡ ସର ପୁଳି । ପଣ ପଣ କରି ବାଢ଼ିଲେ ବାଳୀ ॥
ଓଷାବିଧି ମତେ ପୂଜା କରାଇ । ଆନନ୍ଦରେ ହୁଳ ହୁଳି ସେ ଦେଇ ॥
ନଉଗ୍ରୁଳି କରି ପ୍ରସାଦ ଘେନି । ତୋଷ ହେଲେ ମହାମାୟୀ ଜନନୀ ॥

ଏହା ପୁତ୍ର କାମନାରେ ବୈଦିକ ପୁତ୍ରେଷ୍ଟି ଯଜ୍ଞ ନୁହେଁ । ଶୁଣ୍ଢି ଆଣୀ ଶରଧା ବୁଢ଼ୀର ପୌରୋହିତ୍ୟରେ ଅନୁଷ୍ଠିତ ଲୌକିକ ପୂଜା-

ବିଧାନ । ଗୋପିନାଥ ଦାସଙ୍କ ବୁଧିବାମନ ବା ବୁଧେଇ ଓଷା ବନ୍ଧରେ "ସୁନା ଗୁଙ୍ଗୁଡ଼ାରେ ଦରବ ଭରି, ଆଣି ଥୋଇଲେ ସମସ୍ତ କୁମାରୀ" ବୋଲି ଉଲ୍ଲେଖ ଅଛି । ବୋଧହୁଏ ରାଜ ନବରରେ ସୁନା ଗୁଙ୍ଗୁଡ଼ିହିଁ ଉପଯୁକ୍ତ ପାତ୍ର ବୋଲି ମନେ କରି କବି ଏପରି ଲେଖିଛନ୍ତି, ପୁଣି ସେ ଓଷାକଥା ପାଠ ସମ୍ପର୍କରେ ଲେଖିଛନ୍ତି—'ଜାଣିଲା ଲୋକ ଯେ ଗୀତ ଗାଇବ' । ଏଥିରେ ଆଉପଦେ ଆଗେଇ ଯାଇ ଶ୍ରୀଧର ହୋତାଶର୍ମା ନାମକ ଆଉ ଜଣେ 'ବୁଧେଇ ଓଷା'ର ଲେଖକ ଲେଖିଛନ୍ତି—'ବ୍ରାହ୍ମଣ ମୁଖରୁ କଥା ଶୁଣିବ ସର୍ଧାରେ ।' ଏଥିରେ ଲୌକିକ ଓଷାକୁ ଶାସ୍ତ୍ରୀୟ ଗ୍ରଣ୍ଡରେ ପକାଇବାର ଧାରାବାହିକ ଉଦ୍ୟମ ଲକ୍ଷ୍ୟ କରାଯାଏ । ପ୍ରଥମ ଅଧ୍ୟାୟରେ ଉଲ୍ଲେଖ କରାଯାଇଥିବା ଡକ୍‌ଟର କୃଷ୍ଣ ଚରଣ ବେହେରାଙ୍କ ମତର ପରିପ୍ରେକ୍ଷୀରେ ଏହା ଲକ୍ଷ୍ୟ କରାଯାଇ ପାରେ ।

## ହରିତାଳିକା ବା ଗୌରୀ ତୃତୀୟା

ଭାଦ୍ରବ ଶୁକ୍ଳ ତୃତୀୟା ଦିନ ଏହିବ୍ରତ ପାଳିତ ହୁଏ । ଏହା ଗୋଟିଏ ସର୍ବଭାରତୀୟ ବ୍ରତ । ଓଡ଼ିଶାର ପ୍ରସିଦ୍ଧ ସ୍ମୃତିକାର ଶତାନନ୍ଦ ଏହାର ଉଲ୍ଲେଖ କରିଛନ୍ତି । ବ୍ରଜନାଥଙ୍କ ଚତୁର ବିନୋଦରେ ରାଜଜେମା ଗୌରୀବ୍ରତ କରିଥିବାର ଉଲ୍ଲେଖ ଅଛି । ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧି ଏହାକୁ ଓଡ଼ିଶାର ସ୍ୱତନ୍ତ୍ର ପର୍ବବୋଲି ଚର୍ଚ୍ଚିତ କରିଛନ୍ତି ଓଡ଼ିଶାର ଅନ୍ୟାନ୍ୟ ସ୍ମୃତି ଗ୍ରନ୍ଥ, ପଞ୍ଜିକା ମାନଙ୍କରେ ଏହି ବ୍ରତର ଉଲ୍ଲେଖ ମିଳେ । କିନ୍ତୁ ଏକଦା ଏହା ଓଡ଼ିଶାରେ ଖୁବ ପ୍ରସିଦ୍ଧ ଥିଲେ ମଧ୍ୟ ଏବଂ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଏହାର ପ୍ରଚଳନ ଥିଲେ ହେଁ ଏହା ଓଡ଼ିଶାର ସ୍ୱତନ୍ତ୍ର ବ୍ରତ ନୁହେଁ । ଗୌରୀବ୍ରତ ବା ହରିତାଳିକା ବ୍ରତର ଓଡ଼ିଆ ଅନୁବାଦଥିବା ସଂସ୍କୃତ ବହି ଏବଂ ପୋଥି ଓଡ଼ିଶାର ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇଛି । ଏଥି ମଧ୍ୟରୁ କେତେକ ପୋଥିରେ ଏହି ବ୍ରତଟି "ଲିଙ୍ଗପୁରାଣୋକ୍ତ" କେତେକରେ "ପଦ୍ମପୁରାଣୋକ୍ତ" କେତେକରେ "ଭବିଷ୍ୟ ପୁରାଣୋକ୍ତ" ବୋଲି ଉଲ୍ଲେଖ ଅଛି । ମାତ୍ର ସବୁଥିରେ ବିଷୟବସ୍ତୁ ପ୍ରାୟ ସମାନ ।

ହିମାଳୟର ମନୋରମ ଗୌରୀ ଶଙ୍କର ଶୃଙ୍ଗରେ ବସି ପାର୍ବତୀ ତପସ୍ୟା କରୁଥିଲେ । ସେ ଶିବଙ୍କୁ ପତିରୂପେ ପାଇବା ଲାଗି ବାର-ବର୍ଷକାଳ କଠୋର ତପସ୍ୟା କଲେ । ଏହି ସମୟରେ ହିମାଳୟ ତାଙ୍କ ପାଇଁ ଗୋଟିଏ ଉତ୍ତମ ପାତ୍ର ଖୋଜୁଥିଲେ । ହିମାଦ୍ରି ତନୟାଙ୍କର ରୂପ ଗୁଣ ବିଷୟ ସର୍ବତ୍ର ପ୍ରଚାରିତ ହୋଇଥିଲା । ବିଷ୍ଣୁ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ପଠାଇଲେ । ହିମାଳୟ ପାର୍ବତୀଙ୍କ ମନକଥା ଜାଣି ନଥିବାରୁ ପ୍ରସ୍ତାବରେ ସମ୍ମତ ହେଲେ । ଏଥିରେ ନାରଦ ମଧ୍ୟସ୍ଥତା କରିଥିଲେ । ସେ ହିମାଳୟଙ୍କ ସମ୍ମତି ବିଷ୍ଣୁଙ୍କୁ ଜଣାଇ ଦେଲେ । କିନ୍ତୁ ପାର୍ବତୀ ଏ ସମ୍ବାଦ ପାଇ ଅତ୍ୟନ୍ତ ବେଦନା ଅନୁଭବ କଲେ । ସଖୀଙ୍କୁ ନିଜ ମନକଥା କହିଲେ । ସଖୀ ସମାଧାନର ବାଟ ବତାଇ ଦେଲେ । ତାଙ୍କ ସହିତ ହୈମବତୀ ପାର୍ବତୀ ବଣକୁ ପଳାଇଗଲେ । ସେମାନଙ୍କୁ ଖୋଜି ଖୋଜି କେହି ପାଇଲେ ନାହିଁ ସେହି ଘଞ୍ଚ ଅରଣ୍ୟ ସିଂହ, ବ୍ୟାଘ୍ର, ବରାହ, ହସ୍ତୀ, ହରିଣ ଆଦି ବଣ୍ୟ ପଶୁ ସଙ୍କୁଳ ଥିଲା । ନାନା ଦ୍ରୁମଲତା-ମଣ୍ଡିତ ନାନା ପକ୍ଷୀଙ୍କର କାକଳିରେ ମୁଖରିତ ଥିଲା । କିନ୍ତୁ ଜନଶୂନ୍ୟଥିଲା । ସେଠାରେ ଗୋଟିଏ ନଦୀ ପ୍ରବାହିତ ହେଉଥିଲା । ପାର୍ବତୀ ଦିନସାରା କିଛି ଖାଇ ନଥିଲେ । ସେହି ନଦୀକୂଳରେ ବସି ବାଲିରେ ଶିବ ପାର୍ବତୀଙ୍କର ମୂର୍ତ୍ତି ଗଢ଼ିଲେ । ରାତିସାରା ଉଜାଗର ରହି ସ୍ତୁତି ଗୀତାଦି ଗାଇ ଗାଇ ଅତିବାହିତ କଲେ । ସେହି ଦିନଟି ଥିଲା ଭାଦ୍ରବ ଶୁକ୍ଳପକ୍ଷ ହସ୍ତାନକ୍ଷତ୍ର ଯୁକ୍ତ ତୃତୀୟା ତିଥି । ଭଗବାନ ଶଙ୍କର ହୈମବତୀ ପାର୍ବତୀଙ୍କର ତପସ୍ୟାରେ ତୁଷ୍ଟ ହୋଇ ଅବତୀର୍ଣ୍ଣ ହେଲେ । ବର ମାଗିବା ଲାଗି ଆଦେଶ ଦେଲେ । ସଂସ୍କୃତରେ ଲିଖିତ ବ୍ରତକଥାରେ ଅଛି, ହୈମବତୀ ଗିରିଜା କହିଲେ—"ଯଦି ଦେବ ପ୍ରସନ୍ନୋଽସି ଭର୍ତ୍ତା ଭବତୁ ମେ ହରଃ ।" ଓଡ଼ିଆ ବ୍ରତକଥାରେ ମଧ୍ୟ ଏହାର ଠିକ୍ ଅନୁବାଦ ଅଛି । ଶିବ ଏହି ବର ଦେଇ କୈଳାସକୁ ଚାଲିଗଲେ । ହୈମବତୀ ପାର୍ବତୀ ତହିଁ ଆରଦିନ ସକାଳେ ନଦୀରେ ସ୍ନାନକଲେ । ବ୍ରତର ଉପକରଣ ମାନ ନଦୀରେ ଭସାଇ ଦେଲେ । ବନର ଫଳ ମୂଳ ଖାଇ ସେହି ଦିନଟି ସେଠାରେ ସଖୀ ବା ଆଳୀ

ମାନଙ୍କ ସହିତ ଅନ୍ତର୍ବାହିତ କଲେ । ସେଥିପାଇଁ ଏହି ବ୍ରତର ଅନ୍ୟନାମ ହରିତାଳିକା ।

ଏଣେ ହିମାଦ୍ରୀ ଖୋଜି ଖୋଜି ସେଠାରେ ପହଞ୍ଚିଲେ । ପାର୍ବତୀଙ୍କୁ ସେଠାରେ ଶୋଇଥିବାର ଦେଖି ଶୋକବିହ୍ୱଳ ହୋଇ ଉଠିଲେ । ହୈମବତୀ ପିତାଙ୍କ ନିକଟରେ ନିଜର ମନକଥା ପ୍ରକାଶକଲେ । ହିମବନ୍ତ ହୈମବତୀ ଗୌରୀଙ୍କ କଥାରେ ସମ୍ମତ ହେଲେ । ଶିବଙ୍କ ସହିତ ଗୌରୀଙ୍କର ବିବାହ ସମ୍ପନ୍ନ ହେଲା । ଓଡ଼ିଶାର କନ୍ୟାମାନେ ଉତ୍ତମ ପତି ଏବଂ ନାରୀମାନେ ସୌଭାଗ୍ୟପ୍ରାପ୍ତି ପାଇଁ ଏହି ବ୍ରତ ପାଳନ କରିଥାନ୍ତି । ବଳରାମ ଦାସଙ୍କ କଳସା ଚଉତିସାରେ ଶିବ ପାର୍ବତୀଙ୍କର ବିବାହ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ।

## ବିନାୟକ ବ୍ରତ

ଭାଦ୍ରପଦ ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ଏହାର ଦେବତା ଗଣପତି । ଏହା ସ୍କନ୍ଦ ପୁରାଣରୁ ଆସିଛି ବୋଲି ବିନାୟକ ବ୍ରତକଥାରେ ଉଲ୍ଲେଖ ଅଛି ।

ବିନାୟକ ବ୍ରତ କଥାଟି ପୂଜାର ବିଧି ବିଧାନ, ସଙ୍କଳ୍ପ ବାକ୍ୟ, ଷୋଡଶ ଉପଚାରରେ ପୂଜାବିଧିର ବିସ୍ତୃତ ବର୍ଣ୍ଣନ ଓ ସ୍ତୋତ୍ରରେ ପରିପୂର୍ଣ୍ଣ । ଏହାର କଥାଭାଗ ଅତି ନ୍ତ ସଂକ୍ଷିପ୍ତ ।

ଗୋମତୀ ନଦୀ କୂଳରେ ଋଷିମାନେ ଆଲୋଚନା କରୁଥିଲେ । ଥରେ ସେମାନେ ସୂତଙ୍କୁ ପଚାରିଲେ— "ହେ ମୁନିଶ୍ରେଷ୍ଠ ସୂତ ! ମନୁଷ୍ୟମାନଙ୍କର କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ, ସୌଭାଗ୍ୟ, ସମ୍ପଦଲାଭ କିପରି ହେବ ତାହା କହିବା ହୁଅନ୍ତୁ । କେଉଁ ଦେବତାଙ୍କର କେଉଁ ବ୍ରତକଲେ ବିଦ୍ୟା, ବିବାଦ ବାଣିଜ୍ୟ, କୃଷିକାର୍ଯ୍ୟରେ ସିଦ୍ଧି ଲାଭ ହେବ ? ଧାମ୍ପତ୍ୟ କଳହ, ବନ୍ଧୁଭେଦ ଆଦି ହେବନାହିଁ । ନୃପତିର ପରିଜନଙ୍କର ଜୟଲାଭ ହେବ । ତାହା ବିସ୍ତୃତ ଭାବରେ କହିବା ହୁଅନ୍ତୁ ।" ସୂତ ଏହି ପ୍ରଶ୍ନର ଉତ୍ତର ଦେଇ ଗଣପତି ପୂଜାର

ମହିମା ବୁଝାଇଥିଲେ । ପୂର୍ବେ କୁରୁପାଣ୍ଡବଙ୍କ ଯୁଦ୍ଧ ସମୟରେ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ଏହିପରି ପ୍ରଶ୍ନ ପଚାରିଥିଲେ । ଋଷିମାନଙ୍କୁ ଏହା ସ୍ମରଣ କରାଇ ଦେଇ ସେ କହିଲେ ଯେ, ସେ ସମୟରେ ଶ୍ରୀକୃଷ୍ଣ ମଧ୍ୟ ପାଣ୍ଡବ ମାନଙ୍କୁ ଗଣପତି ପୂଜା ଲାଗି ପରାମର୍ଶ ଦେଲେ । ଏହି ପୂଜା କରିବା ଫଳରେ ପାର୍ବତୀଙ୍କ ହଳଦୀ ମଳୁକୁଟୀରୁ ଗଣେଶଙ୍କର ଜନ୍ମ । ଜନ୍ମପରେ ପାର୍ବତୀଙ୍କର ଦ୍ୱାରପାଳ ହେବା ଏବଂ ଶିବଙ୍କ ସହିତ ଯୁଦ୍ଧରେ ଛିନ୍ନ-ଶିର ହେବା, ଗଜ ମସ୍ତକ ଧାରଣ କରିବା, ଅମର ଲଡ଼ୁ ଭକ୍ଷଣ, ଚନ୍ଦ୍ରଙ୍କୁ ଗଣେଶଙ୍କର ଅଭିଶାପ ଆଦି ବୃତ୍ତାନ୍ତ-କଥନ ଦ୍ୱାରା ଗଣପତିଙ୍କର ମହିମା ପ୍ରକାଶ କରାଯାଇଛି । ଏହି ବ୍ରତର ବିଧି ବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଥିବାର ଉଲ୍ଲେଖ କରାଯାଇଛି ।

ପୂର୍ବକାଳରେ ମହାଦେବ ଗଣେଶଙ୍କୁ ପୂଜାକରି ତ୍ରିପୁରାସୁରକୁ ବଧ କରିଥିଲେ । ଇନ୍ଦ୍ର ଏହି ପୂଜା ବଳରେ ବୃତ୍ରାସୁରକୁ ବଧ କରିଥିଲେ । ଅହଲ୍ୟା ନିଜର ସ୍ୱାମୀଙ୍କୁ ପାଇଥିଲେ, ଦମୟନ୍ତୀ ନଳଙ୍କୁ ପାଇଥିଲେ, ରାମଚନ୍ଦ୍ର ସୀତାଙ୍କୁ ପାଇଥିଲେ, ହନୁମାନ ସୀତାଙ୍କୁ ଠାବ କରି ପାରିଥିଲେ, ଭଗୀରଥ ଗଙ୍ଗାଙ୍କୁ ଆଣିଥିଲେ, ଗରୁଡ଼ ଅମୃତ ହରଣ କରିଥିଲେ, ଶ୍ରୀକୃଷ୍ଣ ରୁକ୍ମଣୀଙ୍କି ପାଇଥିଲେ ଏବଂ ଶାମ୍ବ କୁଷ୍ଠ-ରୋଗରୁ ମୁକ୍ତ ହୋଇଥିଲେ ବୋଲି କୁହା ଯାଇଛି । ଏହିଭଳି କିଏ କିପରି ଗଣନାଥଙ୍କର ପୂଜାକରି, କେଉଁଫଳ ପାଇଥିଲେ ତାହା ବର୍ଣ୍ଣନା କରି ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ବିନାୟକ ବ୍ରତ କରିବା ପାଇଁ ପରାମର୍ଶ ଦେଇଥିଲେ । ସୂତ ଋଷିମାନଙ୍କ ପ୍ରଶ୍ନର ଉତ୍ତର ଦେଇ ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କହିଥିଲେ—'ହେ ଋଷିମାନେ ! ଯୁଧିଷ୍ଠିର ଏହି ବିଧିରେ ଗଣନାଥଙ୍କୁ ପୂଜାକରି ରାଜ୍ୟ ପାଇଥିଲେ । ଗଣନାଥଙ୍କୁ ପୂଜା କଲେ ସମସ୍ତ କାର୍ଯ୍ୟ-ସିଦ୍ଧି ହୁଏ । ଏଥି ସକାଶେ ସଂସାରରେ ତାଙ୍କୁ ସିଦ୍ଧି-ବିନାୟକ କହନ୍ତି ।' ଏହି ପ୍ରସଙ୍ଗରେ ସଂସ୍କୃତ ବ୍ରତ କଥାରେ ମଧ୍ୟ ଅଛି—ତେନ ଖ୍ୟାତିଂ ଗତୋ ଲୋକେ ନାମ୍ନା ସିଦ୍ଧି ବିନାୟକଃ ।

ଓଡ଼ିଶାରେ ପୂର୍ବେ ଗୃହଶାଳୀ ମାନଙ୍କରେ ଗଣେଶ ପୂଜାରେ ଗୃହବୋଲି ଏବଂ ସ୍ତୁତିମାନ ଗାନ କରି ଯାଉଥିଲା । କିନ୍ତୁ ଏହାକୁ "ଓଝା ଗୃହଙ୍କର ଉତ୍ସବ ଲୀଳା" ଭାବରେ ପାଳନ କରା ଯାଉଥିଲା । ଏବେ ଗୃହଶାଳୀ ନାହିଁ । କିନ୍ତୁ ବିଦ୍ୟାଳୟ ମାନଙ୍କରେ ଆଡମ୍ବର ସହକାରେ ଗଣେଶ ପୂଜା ଉତ୍ସବ ଭାବରେ ପାଳିତ ହେଉଛି । ମାତ୍ର ବ୍ରତ ଭାବରେ ବିନାୟକ ବ୍ରତର ବିଶେଷ ପ୍ରଚଳନ ନାହିଁ ।

ଇତି ପୂର୍ବରୁ ହରିତାଳିକା ବା ଗୌରୀ ବ୍ରତର ବର୍ଣ୍ଣନା କରି ଯାଇଛି । ଏଥିରେ ଗୌରୀ ଆଳିକାଙ୍କ ଦ୍ୱାରା ହରିତ ବା ଅପହୃତା ହୋଇଥିଲେ ବୋଲି ତା'ର ନାମ ହରିତାଳିକା ହୋଇ ଥିବାର କୁହା ଯାଇଛି । କେହି କେହି ଗଣେଶ ଚତୁର୍ଥୀକୁ ମଧ୍ୟ ହରିତାଳିକା ବୋଲି କହିବାର ଶୁଣାଯାଏ । ବିଶେଷତଃ ଗୃହଶାଳୀ ଯୁଗରେ ଏହି ନାମଟି ପ୍ରଚଳିତ ଥିଲା । ଭାଦ୍ର ଶୁକ୍ଳପକ୍ଷ ଚତୁର୍ଥୀ ଠାରୁ ରାତିରେ ଆକାଶରେ ଛାୟାପଥ ବା ହରିତାଳି ଦେଖାଯାଏ । ବୋଧହୁଏ ସେଥିପାଇଁ ଏହି ବ୍ରତର ଏପରି ନାମକରଣ ହୋଇଅଛି ।

## ଋଷି ପଞ୍ଚମୀ

ଭାଦ୍ରପଦ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ବ୍ରତ ପାଳନ କରାଯାଏ । ଶ୍ରୀ ଗୋବିନ୍ଦ ରଥଙ୍କ ଦ୍ୱାରା ସଂଗୃହୀତ ଓ ସଂଶୋଧିତ ହୋଇ ୧୯୧୦ ରେ ଯୁନିୟନ ପ୍ରେସରୁ ପ୍ରଥମବାର ପ୍ରକାଶିତ ଋଷି-ପଞ୍ଚମୀ ବ୍ରତ କଥାରେ ଅଛି -- "ଭାଦ୍ରମାସ ଶୁକ୍ଳପକ୍ଷ ପଞ୍ଚମୀରେ ନାରୀମାନେ ଏହି ବ୍ରତ କରିବେ । ପ୍ରାତଃକାଳରୁ ସ୍ନାନକରି ସୁନା ବା ରୂପାରେ ସପ୍ତଋଷିଙ୍କ ପ୍ରତିମା କରି ତାମ୍ରପାତ୍ରରେ ରଖିବେ । ତତ୍‌ପରେ ଆଚାର୍ଯ୍ୟଙ୍କୁ ବସ୍ତ୍ର ଅଳଙ୍କାର ଦେଇ ବରଣ କରିବେ ।" ଆରମ୍ଭରେ ଏହିପରି ନିର୍ଦ୍ଦେଶ ଦେଇ ପୁଣି ବ୍ରତ କଥାର ଶେଷ ଭାଗରେ କୁହା ଯାଇଛି—"ହେ ରାଜନ୍, ବ୍ରତ ମାନଙ୍କର ଏହି ଉତ୍ତମ ବ୍ରତ ତୁମ୍ଭଙ୍କୁ କହିଲି । ତୁମ୍ଭେ ଅନୁଜ ସହିତ ଏହି ବ୍ରତକଲେ ଯୁଦ୍ଧରେ ଶତ୍ରୁ ଜୟ

କଣ ଦୁର୍ଯ୍ୟୋଧନ ଆଦିଙ୍କର ରାଜ୍ୟ ନଷ୍ଟପ୍ରାୟ ପାଇବ । ହେ ଧର୍ମାତ୍ମା! ଦ୍ରୌପଦୀଙ୍କ ସହିତ ସୁଖୀହୁଅ । ଏହି ଆଖ୍ୟାନ ଯେ ପଢ଼ିବ ବା ଶୁଣିବ ଅଥବା ଏହା ଶ୍ରଦ୍ଧାରେ କହିବ ସେମାନେ କଷ୍ଟମୁକ୍ତ ହେବେ । ଏଠାରେ ଯୁଧିଷ୍ଠିର ଦ୍ରୌପଦୀଙ୍କ ସହିତ ବ୍ରତ କରିବାର ନିର୍ଦ୍ଦେଶ ଉଲ୍ଲେଖ ନାହିଁ । ଅନୁଜଙ୍କ ସହିତ ବ୍ରତ କରିବା କଥା କୁହାଯାଇଛି । ଏହା ଭବିଷ୍ୟୋତ୍ତର ପୁରାଣରୁ ଗୃହୀତ । ଏହି ବ୍ରତକଥାଟି ଶାସ୍ତ୍ରୀୟ । ନାମ, ଚରିତ, ବିଷୟ ବସ୍ତୁ ଓ ଘଟଣା-ବିନ୍ୟାସ ଦୃଷ୍ଟିରୁ ଏହିଭଳି ଶାସ୍ତ୍ରୀୟ ବ୍ରତକଥା ଗୁଡ଼ିକ ଲୌକିକ ବ୍ରତକଥା ଓ ଓଷାକଥା ମାନଙ୍କ ଠାରୁ ସ୍ୱତନ୍ତ୍ର ।

ସତ୍ୟ ଯୁଗର କଥା । ବିଦର୍ଭ ନଗରରେ ସୁମିତ୍ର ବୋଲି ଜଣେ ବ୍ରାହ୍ମଣ ଥିଲେ । ସେ ବେଦ ବେଦାଙ୍ଗରେ ଅତ୍ୟନ୍ତ ପଣ୍ଡିତ । ଯଜ୍ଞ ଓ ତପସ୍ୟା କରନ୍ତି । ତାଙ୍କ ପତ୍ନୀଙ୍କ ନାମ ଜୟଶ୍ରୀ । ସେ ସାଧ୍ୱୀ, ସତୀ, ପତିବ୍ରତା । କ୍ଷେତ କର୍ମରେ ସର୍ବଦା ବ୍ୟସ୍ତ ଥାଆନ୍ତି । ସେ ଥରେ ରଜସ୍ୱଳା ହେଲେ । କୌଣସି କାରଣ ନମାନି ଘରର ସବୁକାମମ କଲେ । ସବୁ ଛୁଆଁ ଛୁଇଁ କଲେ । ସେ ଏହି ଦୋଷରୁ ପରଜନ୍ମରେ କୁକୁରୀ ହୋଇ ଜନ୍ମହେଲେ । ସୁମିତ୍ର ମଧ୍ୟ ବଳଦ ହୋଇ ଜନ୍ମହେଲେ । କିନ୍ତୁ ପୂର୍ବଜନ୍ମର କିଛି ପୁଣ୍ୟ ଥିବାରୁ ସେମାନେ ଜାତିସ୍ମର ହୋଇଥିଲେ । ସେମାନଙ୍କର ପୁଅ ସୁମତି ଏକଥା ଜାଣେନା । ସେ ଅତ୍ୟନ୍ତ ଧର୍ମପରାୟଣ । ପିତାମାତାଙ୍କ ମୃତ୍ୟୁପରେ ଗାର୍ହସ୍ଥ୍ୟ ଧର୍ମର ସମସ୍ତ ନିୟମ ମାନି ଚଳେ ।

କିଛିଦିନ ପରେ ଶ୍ରାଦ୍ଧ ସମୟ ପଡ଼ିଲା । ସୁମତି ତା ସ୍ତ୍ରୀକୁ କହିଲା—ବାପା ଓ ମାଆଙ୍କର ଶ୍ରାଦ୍ଧ କରିବା । ବ୍ରାହ୍ମଣ ମାନେ ଖାଇବେ, ଶୁଦ୍ଧ ପୂତ ଭାବରେ ରନ୍ଧନ କର । ସୁମତିର ସ୍ତ୍ରୀ ଚନ୍ଦ୍ରାବତୀ କ୍ଷୀରି କରି ରଖିଥିଲେ । ସେଥିରେ ଗୋଟିଏ ସାପ ବିଷ ଛାଡ଼ି ଦେଇଥିଲା । ଏହା କେବଳ କୁକ୍କୁରୀ ରୂପରେ ଜନ୍ମ ଗ୍ରହଣ କରିଥିବା ଜୟଶ୍ରୀ ଦେଖିଥିଲା । ସେ ହାଣ୍ଡିକୁ ଛୁଇଁଦେଲା । ଏହି କଥା ଦେଖି ଚନ୍ଦ୍ରାବତୀ ତାକୁ ନିଆଁ ଖୁଣ୍ଟାରେ ପିଟିଲା । କ୍ଷୀରିତକ ଢ଼ାଳିଦେଲା । କୁକ୍କୁରୀ କିନ୍ତୁ ଖାଇଲାନାହିଁ ବ୍ରାହ୍ମଣ ମାନେ ତୃପ୍ତ ହୋଇ ଫେରିଗଲେ । ସମସ୍ତେ ଖିଆ ପିଆ କଲେ ।

କୁକ୍କୁରୀ ରାତ୍ରରେ ବଳଦକୁ ଯାଇ କହିଲା—"ଆଜି ମତେ ଖାଇବାକୁ ଦେଲେ ନାହିଁ । ମୁଁ ଉପାସ ଅଛି ।" ବଳଦ ରୂପରେ ଜନ୍ମ ଗ୍ରହଣ କରିଥିବା ଏବଂ ପୂର୍ବଘରେ ସେହିଠାରେ ଥିବା ସୁମିତ୍ର କହିଲେ '—ତୁମ ପାପ ପାଇଁ ତ ମୁଁ ଭାର ବୋହୁଛି । ତୁମ କଥା ଆଉ କିଏ ବୁଝିବ ?" ବାପ-ମାଆଙ୍କର ଏହି କଥା ସୁମନ୍ତ ରାତ୍ରରେ ଶୁଣି ପାରିଲେ । ଦୁଃଖିତ ହେଲେ । ସଙ୍ଗେ ସଙ୍ଗେ ଖାଇବାକୁ ଆଣିଦେଲେ । ସ୍ତ୍ରୀଙ୍କୁ ସବୁ କଥା ଜଣାଇଲେ । ତହିଁ ଆରଦିନ ଋଷିମାନଙ୍କ ପାଖକୁ ଗଲେ ।

ଋଷିମାନଙ୍କ ପାଖରେ ଯାଇ ପିତା ମାତାଙ୍କର ମୋକ୍ଷ ବିଧାନର ଉପାୟ ପଚାରିଲେ । ଋଷିମାନେ କେଉଁ ଦୋଷରୁ ତାଙ୍କ ପିତା ମାତା ବଳଦ ଓ କୁକୁରୀ ଜନ୍ମ ପାଇଲେ ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଋଷିପଞ୍ଚମୀ ବ୍ରତ ପାଳନ ଦ୍ୱାରା ଏହା କ୍ଷାଳିତ ହେବ ଏବଂ ସେମାନେ ମୋକ୍ଷ ପ୍ରାପ୍ତ ହେବେ ବୋଲି କହିଲେ । ସେମାନଙ୍କୁ ବ୍ରତର ବିଧି ବିଧାନ ମଧ୍ୟ ବତାଇ ଦେଲେ ।

ଏହି ବ୍ରତର ଫଳ କେତେ ଦିନରେ ମିଳିବ ଏବଂ ଏହି ବ୍ରତକରି କିଏ କେବେ କେଉଁ ଫଳ ପାଇଛନ୍ତି ବୋଲି ସୁମନ୍ତ ଜାଣିବାକୁ ଆଗ୍ରହ ପ୍ରକାଶ କଲେ । ଋଷିମାନେ ତାଙ୍କୁ କେତୋଟି ଉପାଖ୍ୟାନ ଶୁଣାଇ ଥିଲେ ।

ବିଦେହ ନଗରରେ ଗୋଟିଏ ବ୍ରାହ୍ମଣ ପରିବାର ଥିଲେ । ସ୍ୱାମୀଙ୍କର ନାମ ଉତ୍ତଙ୍କ ଓ ପତ୍ନୀଙ୍କ ନାମ ସୁଶୀଳା । ତାଙ୍କର ପୁତ୍ର ଶ୍ରୁତଭୂଷଣ ବେଦ ବେଦାଙ୍ଗ ଓ ସମସ୍ତ ଧର୍ମ ଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସମାନ କୁଳର ଗୋଟିଏ ବିପ୍ରସୁତା ସହିତ ତାଙ୍କର ବିବାହ କାର୍ଯ୍ୟ ସଂପନ୍ନ ହେଲା । କିନ୍ତୁ ବିବାହ ପରେ ପରେ ଶ୍ରୁତଭୂଷଣ ସ୍ୱର୍ଗବାସ କଲେ । ବଧୂ ବୈଧବ୍ୟ ପରେ ପରେ ପିତାଙ୍କ ଗୃହରେ ଥାଇ ସତୀତ୍ୱ ପାଳନ କଲେ । କିନ୍ତୁ କନ୍ୟା ପିତା କନ୍ୟା ସହିତ ଗଙ୍ଗାତୀରରେ ଥିବା ଗୋଟିଏ ବନ ପ୍ରଦେଶରେ ରହି ସେଠାରେ

ଶିଷ୍ୟମାନଙ୍କୁ ବେଦ ପଢ଼ାଇଲେ । ବିଧବା କନ୍ୟାଟି ପିତୃସେବାରେ ସମୟ କଟାଉଥାଏ । ଦିନେ ପିତୃସେବା ପରେ କାନ୍ଥକୋଣ ନଶାଢିରେ ଶୋଇ ପଡ଼ିଲା । ସେ ସେଠାରେ ଗୋଟିଏ କୃମିଘାଟ ହୋଇଗଲା । ଶିଷ୍ୟମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ କାହିଁ କାହିଁ ଏପରି ସାଧ୍ୱୀ ପତିବ୍ରତା କନ୍ୟାର କାହିଁକି ଏପରି ଦଶା ହେଲା ବୋଲି ଜାଣିବାକୁ ଚାହିଁଲେ । ଋଷି ଧ୍ୟାନବଳରେ ଜାଣିପାରିଲେ ଯେ ଏହି କନ୍ୟାଟି ସାତଜନ୍ମ ପୂର୍ବେ ବ୍ରାହ୍ମଣୀ ଜନ୍ମ ପାଇଥିଲା । କିନ୍ତୁ ରଜସ୍ୱଳା ସମୟରେ ହାଣ୍ଡି ଛୁଇଁବା ଦୋଷରୁ କୃମି ପାଲଟି ଗଲା । ଧାଈମାନଙ୍କ ସଙ୍ଗରେ ମିଶି ବ୍ରତ କରିବାରୁ ତାଙ୍କର ଝିଅ ଭାବରେ ଜନ୍ମ ହୋଇ-ଥିଲା । ବ୍ରତ ଅବମାନନା କରିବାରୁ ପୁଣି କୃମି ପାଲଟି ଗଲା ।

ସୁଶୀଳା ଏହା ଶୁଣି ସେ ବ୍ରତ ବିଷୟ ଶୁଣିବାକୁ ଚାହିଁଲେ । ଋଷିମାନେ ବ୍ରତ ବିଧାନ ବତାଇ ଦେଇ କହିଲେ ଯେ ଏଥିରେ କଶ୍ୟପ, ଅତ୍ରି, ଭରଦ୍ୱାଜ, ବିଶ୍ୱାମିତ୍ର, ଗୌତମ, ଯମଦଗ୍ନି ଓ ବଶିଷ୍ଠ---ଏହି ସାତ ଋଷିଙ୍କୁ ସ୍ମରଣ କରାଯାଏ ଏବଂ ଅର୍ଘ୍ୟ ଦିଆଯାଏ ।

## ଷଠୀଓଷା

ଭାଦ୍ରପଦ ଶୁକ୍ଳ ଷଷ୍ଠୀ ଦିନ ଷଠୀଦେବୀଙ୍କ ପୂଜା । ମାଆମାନେ ପିଲାମାନଙ୍କର କଲ୍ୟାଣ କାମନା କରି ଏହି ଓଷା ପୂଜନ୍ତି ।

ଲକ୍ଷଶ୍ରୀ ସାଧବର ସାତପୁଅ ସାତବୋହୂ । ସାନବୋହୂ ଓ ନଣନ୍ଦ ମାଟି ଖୋଳିବାକୁ ଯାଇଥିଲେ । ପୋଖରୀ ପାଖ ମାଟି ଗଡ଼ିଆରୁ ମାଟି ଖୋଳୁଥିଲେ । ବଡ ମାଟି ଢେଲାଟାଏ ନଣନ୍ଦ ଉପରେ ଭୁଷୁଡ଼ି ପଡ଼ିଲା । ସେ ମରିଗଲା । ସାନବୋହୂ ବସି ବିକଳ ହୋଇ କାନ୍ଦିଲା । ଷଠୀ ବୁଢେଇ ସେହିବାଟେ ଯାଉଥିଲେ । ବୁଢ଼ୀ ରୂପଧରି ତା' ପାଖକୁ ଆସିଲେ । ତାକୁ ସାନ୍ତ୍ୱନା ଦେଲେ । ଗୋଟିଏ ସର୍ତ୍ତରେ ନଣନ୍ଦକୁ ଜିଆଇ ଦେବାର ପ୍ରତିଶ୍ରୁତି ଦେଲେ । ସର୍ତ୍ତଟି ହେଲା—

ସାନବୋହୂ ଯେତୋଟି ସନ୍ତାନ ଜନ୍ମକରିବ ସେତୋଟିଙ୍କୁ ସମସ୍ତଙ୍କ ଅଜ୍ଞାତରେ ବୁଢ଼ୀଙ୍କୁ ଦେଇ ଦେବ । ସାନବୋହୂ ସମ୍ମତ ହେଲା । ବୁଢ଼ୀ ତାକୁ ଦକ୍ଷିଣ ଦିଗକୁ ମୁହଁକରି ଛିଡ଼ା ହେବାକୁ କହିଲେ । ସେ ସେହିପରି କଲା । ବୁଢ଼ୀ ନଣନ୍ଦ ଉପରେ ଫୁଲ ପାଣି ଛିଞ୍ଚି ଦେଲେ । ନଣନ୍ଦର ଜୀବନ ଫେରିଲା । ବୁଢ଼ୀ ରୂପରେ ଆସିଥିବା ଷଠୀବୁଢ଼େଇ ଉଭେଇ ଗଲେ । ନଣନ୍ଦ ଭାଉଜ ଦୁହେଁ ଘରକୁ ଫେରିଲେ । ସେହିଦିନ ଠାରୁ ସାଧବ ବୋହୂର ଦୁର୍ଦ୍ଦିନ ଆରମ୍ଭ ହେଲା ।

ସାଧବ ସାନ ବୋହୂର ପୁଅ ହେଲା । ବିଧିବଦ୍ଧ ଭାବରେ ଜାତକର୍ମ ହେଲା । ଜନ୍ମର ଷଷ୍ଠ ଦିନ ଷଠୀବୁଢ଼େଇ ପୂର୍ବପରି ବୁଢ଼ୀ ରୂପରେ ଆସିଲେ । ସାଧବ ସାନ ବୋହୂକୁ ସର୍ତ୍ତକଥା ସ୍ମରଣ କରାଇ ଦେଲେ । ସେ ଜଳାକବାଟି ବାଟେ ପୁଅଟିକୁ ବଢ଼ାଇ ଦେଲା । କେହି ଏକଥା ଜାଣି ପାରିଲେ ନାହିଁ । ସମସ୍ତେ ବ୍ୟସ୍ତ ହେଲେ । ଏପରି ଛଅଟି ପିଲା ଜନ୍ମ ହେଲେ ଓ ଗଲେ । ଏପରି ଷଷ୍ଠ ପିଲା ଯିବାପରେ ଶାଶୁ ସମ୍ଭାଳି ପାରିଲେ ନାହିଁ । ସେ ବୋହୂକୁ ଗାଲକେ ଚୂନ, ଗାଲକେ କାଳି ଲଗାଇ କଳାକନା ପିନ୍ଧାଇ ଘରୁ ବିଦା କରିଦେଲେ । ବୋହୂ କାନ୍ଦି କାନ୍ଦି ସେହି ବଣକୁ ଚାଲିଗଲା । ସେହି ମାଟି ଗାଡ଼ିଆ ନିକଟରେ ପହଞ୍ଚିଲା । ଅସହାୟ ଅବସ୍ଥା । କ'ଣ କରିବ, କୁଆଡ଼େ ଯିବ ଠିକଣା କରି ପାରୁନଥାଏ । ବଡ଼ ବିକଳ ହୋଇ କାନ୍ଦିଲା । ସେହିଦିନ ଭାଦ୍ରପଦ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି । ସାଧବ ସାନ ବୋହୂର କାନ୍ଦଣା ଷଠୀବୁଢ଼େଇଙ୍କ କାନରେ ବାଜିଲା । ସେ ପୂର୍ବପରି ବୁଢ଼ୀ ରୂପରେ ଆସିଲେ । ବୋହୂର ସକଳ ଦୁଃଖ ଶୁଣିଲେ । ଆତ୍ମପରିଚୟ ଦେଇ ଛଅପୁଅଙ୍କୁ ବାହୁଡ଼ାଇ ଦେଲେ । କହିଲେ—"ମୋତେ ଦେଲୁ । ଆଉ କେହି ମାଗିଲେ ଦେବୁ ନାହିଁଟି ।" ବୋହୂ ଷଠୀବୁଢ଼େଇଙ୍କୁ ଦେଖି କୃତାର୍ଥ କୃତାର୍ଥ ହେଲା । ଛଅ ପୁଅଙ୍କୁ ଧରି ଷଠୀଙ୍କ ଆଶୀର୍ବାଦ ନେଇ ସାଧବ ନଅରକୁ ବାହୁଡ଼ିଲା । ସାଧବ ସାଧବାଣୀ ସବୁକଥା ଜାଣି ସନ୍ତୋଷ ଲାଭ କଲେ ।

## ସୋମନାଥ ବ୍ରତ

ଭାଦ୍ରପଦ ଶୁକ୍ଳ ଷଷ୍ଠୀ ଦିନ ସୋମନାଥ ବ୍ରତ ଅନୁଷ୍ଠିତ ହୁଏ । ପଶ୍ଚିମ ସୋମନାଥ ଏହି ବ୍ରତର ଦେବତା । ସ୍ୱୟଂ ଶିବ ଏହି ବ୍ରତର ବକ୍ତା ଓ ପାର୍ବତୀ ଶ୍ରୋତା ।

ମାଳବ ଦେଶରେ ପାଟଳୀ ନଗର । ରାଜାଙ୍କ ନାଁ ବୀର ବିକ୍ରମ । ସେ ବଡ ପ୍ରତାପୀ ଓ ଧନଶାଳୀ ଥିଲେ । ଘରେ ଘରେ ସୁବର୍ଣ୍ଣ କଳସ ସ୍ଥାପିତ ଏବଂ ନେତ ପତାକା ଦ୍ୱାରା ନଗରମାନ ସୁଶୋଭିତ । ହସ୍ତୀଙ୍କର ଘଣ୍ଟାଧ୍ୱନି, ଅଶ୍ୱଙ୍କର ହ୍ରେଷାଧ୍ୱନି, ପଦାତିକ ଚତୁରଙ୍ଗ ବଳଙ୍କର ମୁଖରବ ଧ୍ୱନିତ ହେଉଥାଏ । ରଜାଙ୍କର ବାଉନକୋଠି ଭଣ୍ଡାର ଥାଏ । ସେ ସେହି ନଗରରେ ଚଉରାଅଶୀ ହାଟ ବସାଇ ଥାନ୍ତି । ଥରେ କାପୁଡ଼ିଆମାନେ ସୋମନାଥ ଦର୍ଶନକୁ ଆସିଥିଲେ । ବାହୁଡା ବାଟରେ ରାଜାଙ୍କୁ ଭେଟି, ତାଙ୍କର ଆତିଥ୍ୟ ଗ୍ରହଣକଲେ । ଖାଦ୍ୟପେୟ ପରେ ରାଜା ପାନ ଦେଲେ । ସେ ଦିନ ସୋମନାଥ ବ୍ରତ । କାପୁଡ଼ିଆମାନେ ପାନ ପରିବର୍ତ୍ତେ କଷାଫଳ ମାଗିଲେ । ରାଜା ତାହା ବରାଦ କଲେ । ସେମାନେ ରାଜାଙ୍କ ବ୍ୟବହାରରେ ତୃପ୍ତିଲାଭ କଲେ ।

କାପୁଡ଼ିଆମାନେ ରାଜା ବିକ୍ରମଙ୍କର କଲ୍ୟାଣ ଲାଗି ସୋମନାଥ ବ୍ରତ କରିବାକୁ କହିଲେ । ବ୍ରତ ବିଧି ବର୍ଣ୍ଣନାକଲେ । ଏହା ରାଜାଙ୍କ ମନକୁ ପାଇଲା ନାହିଁ । ସେ କହିଲେ—"ମୁଁ ଯଦି ଏହି ବ୍ରତ କରେ ମୋତେ ନିନ୍ଦା ହେବ ଓ ଲୋକେ କହିବେ କି ରାଜା ବିକ୍ରମ ଗୁଉଳ ମାଠିକରେ ଓଷା କରୁଛନ୍ତି ।" ଏଥିରେ କାପୁଡ଼ିଆମାନଂକର ମୁଖ ମଳିନ ହୋଇଗଲା । ବ୍ରତ ନିନ୍ଦା ହେବାରୁ ମହାଦେବଙ୍କର ଆସନ ଟଳିଲା ଓ କୋପହେଲା । ଫଳରେ ରାଜାଙ୍କୁ କୁଷ୍ଠରୋଗ ହୋଇଗଲା । ନିଜର ମନ୍ତ୍ରୀ ସମୀରହାଙ୍କୁ କହିଲେ – "ରାଜ୍ୟ ତୁମ୍ଭେ ସମ୍ଭାଳ ରାଣୀମାନଙ୍କୁ ରକ୍ଷା କରିବ । ମୋ ଶରୀର କ୍ଷମା ହେଲେ ମୁଁ ରାଜ୍ୟକୁ ଆସିବି ।" ଏହାପରେ ସେ ପୁଅ ବୀରଭଦ୍ରଙ୍କ ସହ ଦେଶାନ୍ତର ହେଲେ । ବାଟରେ ଧନ ରତ୍ନ ତକାଯୁତରେ ଗଲା । ସେ ଖାଇବାକୁ ପାଇଲେ ନାହିଁ ।

କ୍ରମେ ରୋଗ ବଢିଲା । ହାତଗୋଡ଼ ଛୁଡ଼ି ପଡ଼ିଲା । ପୁଅ ଭିକ ମାଗି ପୋଷୁଥାଏ । ସମୀଗ୍ରହାଙ୍କ ଉପରୁ ବୀର ବିକ୍ରମଙ୍କର ଏହି ଦୁର୍ଦ୍ଦଶା ଦେଖିଲା । ମନ୍ତ୍ରୀସମୀଗ୍ରହାଙ୍କୁ ସେ ଜଣାଇଲା । ସେ ଏଥିରେ ଖୁସି ହେଲେ । ରାଣୀ ଓ ରାଜକୁମାରୀଙ୍କୁ କୁଡ଼ିଆକରି ରଖାଇ ଦେଲେ । ନିଜେ ରାଜନବରରେ ରହିଲେ । ରାଣୀ ଓ ରାଜଜେମା ସୂତାକାଟି, ଧାନ କୁଟି ଚଳିଲେ ।

ପରବର୍ଷ ପୁଣି ସୋମନାଥ ବ୍ରତ ଦିନ କାପୁଡ଼ିଆମାନେ ଆସିଲେ । ରାଜାଙ୍କ କଷ୍ଟକଥା ଶୁଣି ମନ ଦୁଃଖ କଲେ । ସେମାନେ ହାଟରେ ସଉଦା କିଣିବା ସମୟରେ ବ୍ରାହ୍ମଣୀମାନେ ତାଙ୍କଠାରୁ ବ୍ରତ ବିଷୟ ପଚାରି ବୁଝିଲେ । ସାମଗ୍ରୀ ସଂଗ୍ରହ କରି ବ୍ରତ କଲେ । ରାଜା ବୀର ବିକ୍ରମଙ୍କ ଝିଅ ମଧୁମନ୍ତି ଏକଥା ଶୁଣି ରାଣୀଙ୍କୁ କହିଲା । ରାଣୀ ସମୀଗ୍ରହାଙ୍କଠାରୁ ବ୍ରତ ସାମଗ୍ରୀ ମଗାଇଲେ କିନ୍ତୁ ବ୍ୟର୍ଥ ହେଲେ ଓ ବ୍ୟଥା ପାଇଲେ । ପରିଶେଷରେ ବ୍ରାହ୍ମଣୀମାନଙ୍କ ଠାରୁ ସଂଗ୍ରହ କରି ବ୍ରତ ପୂଜିଲେ । ସୋମନାଥଙ୍କର କୃପା ହେଲା । ସେ ଦର୍ଶନ ଦେଇ କହିଲେ— "ଅପରାଜିତା ଦିନ ତୁ ମୋର ବ୍ରତକଲୁ ତେଣେ ରାଜାର ଗୋଡହାତ କଅଁଳିଲାଣି । ଏବେ ତୁମର ସମସ୍ତ ଦୋଷ କ୍ଷମା ହେଲା ।" ବୀର ବିକ୍ରମଙ୍କର ସ୍ୱାସ୍ଥ୍ୟ ଓ ପରାକ୍ରମ ଫେରିଆସିଲା । ସେ ପୁତ୍ର ସହ ରାଜ୍ୟକୁ ଫେରିଲେ । ତାଙ୍କୁ ଦେଖି ନବରବାସୀ ଓ ପରିଗୃହମାନେ ପାଛୋଟି ଆଣିଲେ ।

ରାଜା ବୀର ବିକ୍ରମ ନବରକୁ ଫେରି କବୁକଥା ଜାଣିଲେ । ମନ୍ତ୍ରୀ ସମୀଗ୍ରହା ଉପଯୁକ୍ତ ଦଣ୍ଡପାଇଲେ । ରାଣୀ, ଜେମା ଏବଂ ସେମାନଙ୍କୁ ସାହାଯ୍ୟ କରିଥିବା ବ୍ରାହ୍ମଣୀମାନଙ୍କର ସୁଦିନ ଆସିଲା । ରାଜା ବ୍ରତର ମହିମା ବୁଝିଲେ । ଏହି ବ୍ରତ 'ସାମ ବେଦରୁ ଉଦ୍ଧୃତ' ବୋଲି କୁହାଯାଇଛି । ମାତ୍ର ଏହା ଲୌକିକ ବ୍ରତ । ଓଡ଼ିଶାରେ ଅନ୍ୟତ୍ର ମିଳୁଥିବା ସଂସ୍କୃତ ଭାଷାରେ ରଚିତ ସୋମନାଥ ବ୍ରତକଥାର ବିଷୟ ବସ୍ତୁ ଏହାଠାରୁ ଭିନ୍ନ । କିନ୍ତୁ ତାହା ବହୁଳ ପ୍ରଚଳିତ ନୁହେଁ । ସୋମନାଥ ବ୍ରତ ଦିନ ଏହି ଉପରି ବର୍ଣ୍ଣିତ କଥା ହିଁ ସାଧାରଣତଃ ପଠିତ ହୁଏ ।

## କୁକ୍‌କୁଠୀ ବ୍ରତ

ଭାଦ୍ର ଶୁକ୍ଳ ସପ୍ତମୀଦିନ ଏହି ବ୍ରତ ପାଳିତ ହୁଏ । ବଙ୍ଗ ଏବଂ ଓଡ଼ିଶାରେ ଏହା ବିଶେଷ ଭାବେ ପ୍ରଚଳିତ । ଅରୁଣୋଦୟ ପ୍ରେସ୍‌ରୁ ପ୍ରକାଶିତ କୁକ୍‌କୁଠୀ ବ୍ରତ କଥା [୧୯୨୭],ରେ ଉଲ୍ଲେଖ ଅଛି—"ଶ୍ରୀ ସ୍କନ୍ଦ ପୁରାଣୋକ୍ତ କୁକ୍‌ଠୀ ବ୍ରତ କଥା" । କିନ୍ତୁ ପଣ୍ଡିତ ଗଣେଶ୍ୱର ରଥ ବାଚସ୍ପତିଙ୍କ ଦ୍ୱାରା ସଂକଳିତ ବ୍ରତ ବିଧାନ ପଦ୍ଧତିରେ 'ଭବିଷ୍ୟ ପୁରାଣୋକ୍ତ' ବୋଲି ଉଲ୍ଲେଖ ଅଛି । ମୂଳତଃ ଏହି ବ୍ରତ ଛୋଟନାଗପୁର ଅଞ୍ଚଳର ପାର୍ବତ୍ୟ ଗୋଷ୍ଠୀଙ୍କ ନିକଟରୁ ଆସି ସନେ ହିନ୍ଦୁ ଧର୍ମରେ ପ୍ରବେଶ କରିଛି । କୁକ୍‌କୁଠୀ ସେହିମାନଙ୍କର ଦେବୀ । ପରବର୍ତ୍ତୀ କାଳର ବହୁ ଅହିନ୍ଦୁ ଦେବୀଙ୍କ ପରି, ସେ ମଧ୍ୟ ଆର୍ଯ୍ୟ ହିନ୍ଦୁମାନଙ୍କ ଦ୍ୱାରା ପୂଜିତା ହୋଇଛନ୍ତି । ବ୍ରତଟି ହିନ୍ଦୁଧର୍ମର ଗ୍ରନ୍ଥରେ ଉଠୁରୁଛି ।

ଯୁଧିଷ୍ଠିର-ଶ୍ରୀକୃଷ୍ଣ ଆଳାପରୁ ବ୍ରତକଥା ଆରମ୍ଭ । ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀକୃଷ୍ଣ ଲୋମଶ ମୁନିଙ୍କ ପ୍ରସଙ୍ଗ ଉଠାଇଛନ୍ତି । ଥରେ ସେହି ମୁନି ମଥୁରାରେ ଦେଖା ଦେଇଥିଲେ । ଦେବକୀ ଓ ବସୁଦେବ ତାଙ୍କର ଅଭ୍ୟର୍ଥନା କଲେ । ଦେବକୀଙ୍କର ବିଷାଦମଳିନ ମୁଖଦେଖି ଲୋମଶ ତାଙ୍କୁ କୁକ୍‌କୁଠୀ ବ୍ରତ କଥା କହିଥିଲେ । ଏହି ବ୍ରତ ପୂର୍ବେ ଅଯୋଧ୍ୟାର ରାଜା ନହୁଷଙ୍କ ପତ୍ନୀ ଚନ୍ଦ୍ରମୁଖୀ ଓ ତାଙ୍କ ପୁରୋହିତଙ୍କ ପତ୍ନୀ ମେନା [ଅନ୍ୟ ଏକ ପାଠରେ ମାଳିନୀ] ସରଯୂ ନଦୀ କୂଳରେ ଦେଖିଥିଲେ ।

ଚନ୍ଦ୍ରମୁଖୀ ଓ ମେନା ସରଯୂ କୂଳକୁ ସ୍ନାନ ପାଇଁ ଯାଇଥିଲେ । ସେଠାରେ କେତେକ ରମଣୀ ସ୍ନାନପରେ ମଣ୍ଡଳ କାଟି ସେଥିରେ ଉମା ମହେଶ୍ୱରଙ୍କ ପ୍ରତିମା ଆଙ୍କି ପୂଜା କରୁଥିଲେ । ପୂଜା ସାରି ହାତରେ ରକ୍ତବର୍ଣ୍ଣର ଡୋରକ ବାନ୍ଧୁଥିଲେ । ଚନ୍ଦ୍ରମୁଖୀ ମେନା ସେମାନଙ୍କଠାରୁ ବ୍ରତ, ଫଳ ଓ ପାଳନ ବିଧି ବୁଝିଲେ । ସେଦିନ ସେମାନଙ୍କ ସହିତ ବ୍ରତ କରି ହାତରେ ଡୋରକ ବାନ୍ଧି ବାହୁଡ଼ିଲେ । ତା'ପରେ ଚନ୍ଦ୍ରମୁଖୀ ଗର୍ବରେ ଡୋରକ ପିନ୍ଧିଲେ ନାହିଁ । ମେନା

ମଧ୍ୟ ବ୍ରତ ଭୁଲିଗଲେ । ଫଳରେ ଚନ୍ଦ୍ରମୁଖୀ ମର୍କଟୀ ଓ ମେନା କୁକ୍କୁଟୀ ହୋଇ ଜନ୍ମ ହେଲେ । କିନ୍ତୁ ମେନା ଏହି କୁକ୍କୁଟୀ ଜନ୍ମରେ ପୂର୍ବଜନ୍ମ କଥା ହେଜି ପାରୁଥିଲେ । ତେଣୁ ସେ ମନେ ମନେ ଟାବଙ୍କୁ ସ୍ତୁତିକଲେ । କିଛି କାଳ ପରେ ଚନ୍ଦ୍ରମୁଖୀ ଗୋଟିଏ ରାଜ୍ୟରେ ରାଣୀ ହୋଇ ଜନ୍ମହେଲେ । ତାଙ୍କ ନାଁ ହେଲା— ଈଶ୍ୱରୀ । ମେନା ସେହି ରାଜ୍ୟର ରାଜପୁରୋହିତ ଅଗ୍ନିମଧଙ୍କ ପତ୍ନୀ ହୋଇ ଜନ୍ମହେଲେ । ଏ ଜନ୍ମରେ ତା'ର ନାଁ ହେଲା ଭୂଷଣା । ସେ ପୂର୍ବଜନ୍ମ ପରି ଏହି ଜନ୍ମରେ ମଧ୍ୟ ଜାତିସ୍ମର ହେଲେ ।

ଭୂଷଣା ବ୍ରତ ପାଳୁଥିଲେ । ତାଙ୍କର ଆଠଟି ପୁଅ ହୋଇଥିଲେ । ପାରିବାରିକ ଜୀବନ ଆନନ୍ଦମୟ ଥିଲା । ଈଶ୍ୱରୀଙ୍କର ଗୋଟିଏ ପୁଅ । ସେ ସବୁବେଳେ ରୁଗ୍ଣ । ନଅବର୍ଷ ବୟସରେ ତା'ର ମୃତ୍ୟୁ ହେଲା । ଈଶ୍ୱରୀ ଦୁଃଖରେ ଭାଙ୍ଗି ପଡ଼ିଲେ । ଭୂଷଣା ତାଙ୍କ ପ୍ରତି ସମବେଦନା-ଶୀଳା ଥିଲେ । ମାତ୍ର ଈଶ୍ୱରୀ ଈର୍ଷା ପରାୟଣା ଥିଲେ । ସେ ଛଳନାପୂର୍ଣ୍ଣ ବ୍ୟବହାର ଦେଖାଇ ଭୂଷଣାଙ୍କ ପୁଅମାନଙ୍କୁ ମାରିବାକୁ ବହୁ ଉଦ୍ୟମ କରିଥିଲେ । ମାତ୍ର ଭୂଷଣାଙ୍କ ବ୍ରତ ପ୍ରଭାବରୁ ସେମାନଙ୍କର କିଛି କ୍ଷତି ହେଲାନାହିଁ । ଦିନେ ଈଶ୍ୱରୀ ଭୂଷଣାଙ୍କ ଠାରୁ ପୂର୍ବଜନ୍ମ ପ୍ରସଙ୍ଗ ଓ ବ୍ରତ ପାଳନ ଲାଗି ପରାମର୍ଶମାନ ଶୁଣିଲେ । ବିଧି ଅନୁସାରେ ବ୍ରତ ପାଳିଲେ । ତାଙ୍କ ଜୀବନରେ ପୁଣି ସୁଖ-ସମ୍ପଦ ଫେରିଲା । ମୃତ ବତ୍ସା ଦୋଷ ଦୂର ଉଦ୍ଦେଶ୍ୟରେ ଏହି ବ୍ରତ ପାଳନ କରାଯାଏ । ଲୋମଶ ମୁନି ଦେବକୀଙ୍କୁ ଏହି ବ୍ରତ ପାଳନ ଲାଗି କହିଥିଲେ ।

କୁକ୍କୁଟୀ ବ୍ରତ ଅନ୍ୟାନ୍ୟ ବ୍ରତ ଏବଂ ଓଷାପରି ସକାମ ଧର୍ମ-କୃତ୍ୟ । ଏଥିରେ ଉମା ମହେଶ୍ୱରଙ୍କୁ ପୂଜାକରାଯାଏ । କୁକ୍କୁଟୀ ବ୍ରତ ପୋଥିରେ ଅଛି— "ସେଠାରେ ବହୁତ ଦେବସ୍ତ୍ରୀମାନଙ୍କୁ ଦେଖିଲେ । ସେ ଦେବସ୍ତ୍ରୀମାନେ ଗନ୍ଧ ପୁଷ୍ପାଦି କରି ପୂଜାକଲେ । ପିବା ବେଳକୁ କାମନା କରି ନମସ୍କାର କଲେ ।

## ମଘା ଓଷା

ଭାଦ୍ରପଦ ଶୁକ୍ଳ ଷଷ୍ଠୀଠାରୁ ଏକୋଇଶ ଦିନ ଯାଏ ଏହି ଓଷା ପାଳନ କରାଯାଏ । ଲକ୍ଷ୍ମୀ ନାରାୟଣ ଏହି ଓଷାର ଦେବତା । ଏହା ଗୋଟିଏ ଲୌକିକ ଓଷା । ସଂପ୍ରତି ଏହାର ପ୍ରଚଳନ ନାହିଁ ।

## ( ଗ )

ଗୋଟିଏ ଗାଁରେ ଜଣେ ଚକୁଳିଆ ପଣ୍ଡା ଥିଲା । ସେ ବଡ଼ ଅଭାବଗ୍ରସ୍ତ । ଦିନେ ଦାଣ୍ଡରେ ସାଧବ ଘର ଧାନ ଢେଁସ ଶୁଖୁଥିଲା । ଚକୁଳିଆ ପଣ୍ଡାର ସ୍ତ୍ରୀ ତା' ମଝିରେ ଧାନ ଶୁଖାଇଲା । ବିଧାତାର ବିଚାର ଭିଆଣ । ଷଣ୍ଢଟିଏ କାହୁଁ ଆସି ସାଧବ ଘର ଧାନ ନଖାଇ ମଝିରେ ଶୁଖାଥିବା ପଣ୍ଡାଘର ଧାନ ଖାଇଗଲା । ସେଦିନ ବିଚରା ପଣ୍ଡାଘରେ ରୋଷେଇ ବନ୍ଦ । ପଣ୍ଡା ଆସି ସବୁ ଶୁଣିଲା । ସେ ବିଧାତାଙ୍କ ଉପରେ କ୍ରୋଧ ଓ ଅଭିମାନ କଲା । ଛିଣ୍ଡା ଲୁଗା, ଛିଣ୍ଡା ପାଂଣ୍ଡୋଇ ପିନ୍ଧି ବେଧ କରଣ୍ଡି ଧରି ଦଇବ ବିଧାତାଙ୍କ ପାଖକୁ ଗଲା

ଯାତ୍ରାପଥ ଦୀର୍ଘ ଓ ବିଚିତ୍ର ଅଭିଜ୍ଞତା ପୂର୍ଣ୍ଣ । ସେ ଯାଉ ଯାଉ ପ୍ରଥମେ କପିଳା ଗାଈକୁ ଦେଖିଲା । କପିଳା ପଣ୍ଡା ହାତରେ ବିଧାତାଙ୍କ ପାଖକୁ ଖବର ପଠାଇଲା । ତା'ର ହୋଇ ବିଧାତାଙ୍କ ଆଗରେ କହିବା ଲାଗି ଅନୁରୋଧ କଲା । "କପିଳା ପରା ଗାଈ ଏ ସଂସାରରେ ପୂଜା ନପାଇଲା ।" ତା'ପରେ ଆମ୍ବ ଗଛଟିଏ ଦେଖିଲା । ସେ ପଣ୍ଡାଙ୍କ ଯାତ୍ରା ବିଷୟ ଜାଣି ତା' ଦୁଃଖ ବିଧାତାଙ୍କର ଗୋଚରକୁ ନେବା ଲାଗି ଅନୁରୋଧ କଲା । ତା'ର ଜଣାଣ—"ମୋ ସୁସ୍ୱାଦୁ ଆମ୍ବ କେହି ଖାଆନ୍ତି ନାହିଁ ।" ପଣ୍ଡା ପୁଣି କିଛି ଦୂର ଗଲାପରେ ପୋଖରୀଟିଏ ଦେଖିଲା । ଖୁବ୍ ତୃଷାର୍ତ୍ତ ଲୋକ ଏଇ ପୋଖରୀ କୂଳକୁ ଆସି ମଧ୍ୟ ଫେରି ଯାଆନ୍ତି । ତା'ର ଦୁଃଖ— "ମୋର ଗଙ୍ଗା ପରା ପାଣି ଲୋକେ ନପିଅନ୍ତି ।" ପଣ୍ଡା ଶୁଣିଲେ ଓ ଚାଲିଲେ । ଏଥର ଯେଉଁ ଲୋକଟିକୁ ଭେଟିଲେ, ତା'ର ଅବସ୍ଥା ବଡ଼ ବିଚିତ୍ର । ସେ ନଆଁ ଉହ୍ମେଇଟିଏ ମୁଣ୍ଡାଇ ବସିଛି । ତା' ଦୁଃଖ, ସେ ଏଥିରୁ କିପରି ତରିବ । ଏହାପରେ ଯାଉ ଯାଉ ପଞ୍ଚମ ଦୃଶ୍ୟ ଆଖିରେ ପଡ଼ିଲା । ଜଣେ ପଥୁରୀଟିଏ ମୁଣ୍ଡାଇ ବସିଛି । ସେ ପଣ୍ଡାଙ୍କ ଯାତ୍ରା ଅଭିପ୍ରାୟ ଜାଣି, ଜଣାଇଲା – "କେତେକାଳୁ ପଥରଟିଏ ମୁଣ୍ଡାଇ ବସିଛି । ମୋ ତାଳୁ ଗୁଳୁଗୁଳାଇ ଗଲାଣି । ମୁଁ ଏଥିରୁ କେମନ୍ତେ ତରିବ ?" ବିଧାତାଙ୍କୁ ଏହା ଜଣାଇବାକୁ କହିଲା । ପଣ୍ଡା ଶୁଣିଲେ ଓ ଆଗେଇଲେ । ଷଷ୍ଠରେ ଦେଖିଲେ ଜଣେ 'କୁଠା-ମାଣ୍ଡିଆଏ' ମୁଣ୍ଡାଇ ବସିଛି । ସେ ତା' ଦୁଃଖ

ବିଧାତାଙ୍କୁ ଜଣାଇବାକୁ କହିଲା । ପଣ୍ଡା ସପ୍ତମରେ ଦେଖିଲେ ମଧୁ
ସାହୁକୁ ।

ସେ ପଣ୍ଡାଙ୍କୁ ଜୁହାର କରି ଯାତ୍ରାର ଲକ୍ଷ୍ୟ ଜାଣିଲାରୁ କହିଲା—
"ମୋର ଅହରହ ଶୋକ କରିବାକୁ ମନହୁଏ । ଏଥିରୁ କେମିତି ନିସ୍ତାର
ମିଳିବ ।" ଏକଥା ବିଧାତାଙ୍କୁ ପଚାରି ଆସିବ । ପଣ୍ଡା ଏହିପରି ଗୁହାରି
ଶୁଣି ଶୁଣି ବିଧାତାଙ୍କ ପାଖକୁ ଚାଲିଛନ୍ତି । ଅଷ୍ଟମରେ ଭେଟିଲେ
ମନ୍ତ୍ରୀଙ୍କୁ । ତାଙ୍କଘରର ମଝି ଖୁଣ୍ଟ ସବୁବେଳେ ଜଳୁଛି । ବିଧାତାଙ୍କ
ପାଖରେ ତାଙ୍କର ଏଇ ଦୁଃଖ ଜଣାଇବା ଲାଗି ସେ ଅନୁରୋଧ କଲେ ।
ଏହିପରି ନିଜ ଦୁଃଖ ସହିତ ଆଉ ଆଠୋଟି ଦୁଃଖ ଜଣାଇବାର
ଦାୟିତ୍ୱ ନେଇ ଚକୁଳିଆ ପଣ୍ଡା ବିଧାତାଙ୍କ ପୁରରେ ପ୍ରବେଶ କଲେ ।

ଦଇବ ବିଧାତା ସବୁ ଜାଣି ପାରନ୍ତି । ସେ ଠାକୁରାଣୀଙ୍କୁ
କହିଲେ— "ଚକୁଳିଆ ପଣ୍ଡା ଆସୁଛି । ମୋତେ ଦେଖିଲେ ମୋହ
ଉପରେ ବ୍ରାହ୍ମଣ ହତ୍ୟା ଦେବ । ତୁମ୍ଭେ ତାକୁ ପାଦାର୍ଘ୍ୟ ଆସନ
ଦେଇ ସ୍ନାନ କରାଇ ମିଷ୍ଟାନ୍ନ ଭୁଞ୍ଜାଇବ । ଆମ୍ଭେ ପଛେ ଆସିବୁ ।"
ଚକୁଳିଆ ପଣ୍ଡା ପ୍ରଥମେ ଠାକୁରାଣୀଙ୍କୁ ଦେଖି ପ୍ରଣାମ କଲା । ତାଙ୍କଠାରୁ
ଚଇ । ଧେନ ଦବା ଭୋଜନ ପାଇ ବସିଲା । ବିଧାତା ଆସି ପହଞ୍ଚିଲେ ।
ଚକୁଳିଆ ପଣ୍ଡା ନିଜର କ୍ଷୋଭ ପ୍ରକାଶ କଲା । ଦଇବ ବିଧାତା ତାକୁ
ଆଶ୍ୱାସନା ଦେଲେ । ପଚାରିଲେ— "ସଂସାର କଥା କ'ଣ କହ ।"
ସେ ବାଟରେ ଆସୁ ଆସୁ ଯାହାର ଯାହା ଦୁଃଖ ଶୁଣିଥିଲା ଜଣାଇଲା ।

ପ୍ରଥମେ କପିଳା ଗାଈ ବିଷୟରେ ଦଇବ ବିଧାତା କହିଲେ—
"ଦୁର୍ବାସା ଋଷି ଭୋକିଲା ଥିଲାବେଳେ ସେ ତାଙ୍କୁ କ୍ଷୀର ଦେଇନଥିଲା ।
ସେ ଶାପ ଦେଲେ । ସେଥିପାଇଁ ସେ ଏପରି ହୋଇଛି । ଏବେ ସେ
ଭଲ ବିପ୍ରଙ୍କୁ ଦାନ ଦେଲେ ଶାପମୁକ୍ତ ହେବ । ତା' ଗୁହାଳ ଖୁରାରେ
ଧନ ପୂରା ଗରା ଅଛି । ସେ ତାହା ଦାନ ଦେଉ ।" ଆମ୍ବଗଛ
ବିଷୟରେ କହିଲେ— "ଜଣେ ବୈଷ୍ଣବ ଭୋକିଲାବେଳେ ଗଛମୂଳେ
ଥିଲେ । ଏ ଫଳ ନଦେଲା । ସେଥିପାଇଁ ଏ ଦଶା ! ସେ' ଗଛ ମୂଳେ

ଧନ ଗରଆଏ ଅଛି । ଭଲ ବିପ୍ର ବରଣ କରି ଦାନ ଦେଉ । ମୁକ୍ତ ହେବ ।" ପୁଷ୍କରିଣୀ ସମ୍ପର୍କରେ କହିଲେ— "ପୁଷ୍କରିଣୀ ଟୋହିତ ମ. ବ୍ରହ୍ମହତ୍ୟା କଲି । ତା'ର ଗୃହକୋଣରେ ଗୃହ ଗରଆ ଧନ ଅଛି । ସେ ବ୍ରାହ୍ମଣ ବରଣ କରି ଦାନ ଦେଲେ ଏଥିରୁ ମୁକ୍ତ ହେବ ।" ଚତୁର୍ଥରେ ଭେଟିଥିବା ଲୋକଟି ଯିଏ ନିଆଁ ଉହ୍ଲାଇ ମୁଣ୍ଡାଉଛି ସେ ପୂର୍ବେ ପୁଅ ସେବା ମୂଲ ଦେଇନାହିଁ । ଏବେ ସେବାମୂଲ ପାଇଁ ଉତ୍ତମ ବିପ୍ର ବରଣ କରି ଦାନ ଦେଲେ ମୁକ୍ତ ହେବ । ପଞ୍ଚମ ଲୋକଟି ଶିଳ ଉପରେ ଶିଳପୁଆ ରଖେ । ସେଥିପାଇଁ ପଥର ମୁଣ୍ଡାଉଛି । ସେ ଯଦି ଆଉ ସେପରି କରିବ ନାହିଁ ଏବଂ ଉତ୍ତମ ବିପ୍ର ବରଣକରି ଦାନ ଦେବ, ତେବେ ନିସ୍ତାର ପାଇବ । ଷଷ୍ଠରେ ଦେଖିଥିବା ଲୋକଟି କାହା ମୁଣ୍ଡରେ କୁଠା ପଡିଥିବାର ଦେଖିଲେ କହେ ନାହିଁ । ସେଥିପାଇଁ କୁଠା ମୁଣ୍ଡାଉଛି । ଏବେ ଭଲ ବିପ୍ରଙ୍କୁ ଦାନ ଦେବ । ସେ କଷ୍ଟରୁ ତରିଯିବ । ମଧୁ ସାହୁର ଶୋକ ବିଷୟରେ ଦଇବ ବିଧାତା କହିଲେ— "ସେ ପୂର୍ବରେ ଏକୋଇଶି ଉପାସିଆ ବଡମଣ୍ଡା ଓଷା କରିଛି । ଘିଅ ଗୁଡଲ ଧରି କାନ୍ଥରେ ପକାଇଛି ସେ ଘିଅ କାନ୍ଥରୁ ଶୁଖିନାହିଁ । ତାହାର କେମନ୍ତେ ଶୋକ ନହେବ ? ସେ ଯଦି ଭାଦ୍ର ଶୁକ୍ଳ ଷଷ୍ଠୀଠାରୁ ଏକୋଇଶି ଦିନଯାଏ ଉପାସ କରିବ, ବଡମଣ୍ଡା ଓଷା କରିବ, ଷଷ୍ଠୀ ହଳଦୀ ପିଠୁଳା, ଅଇଁଳା ପିଠୁଳା କରି ଉକୁଟିବ, ନିତ୍ୟ ଏକୋଇଶିଟି ଗୁଡ଼ଳ, ଏକୋଇଶି କେରା ଦୁବ ତାକୁ ଦେଉଥିବ; ଦୀପଜାଳି କଥା କହିବ, ଭୋଗଦେବ ଏବଂ ମଘା ନକ୍ଷତ୍ର ତଳ ଦିନରୁ ଉଆଗୁଡଳ ଏକୋଇଶ ଅଣ୍ଡା ମାଗିବ, ମଘାଦିନ ଏକୋଇଶ ବର୍ଣ୍ଣର ପୁରରେ ଏକୋଇଶ ମଣ୍ଡା କରିବ, ନାନା ପୁର ମିଶାଇ ବଡ ମଣ୍ଡାଟିଏ କରି ଠା କରି ପୂର୍ଣ୍ଣକୁମ୍ଭ ଥାପି, ଦୀପଜାଳି, ମାଘଦୋଳି କାଟି, ଚନ୍ଦ୍ରଲେଖି, ତା ଉପରେ ପାଟ ପାରି ତା ଉପରେ ଦୋଳି ଥୋଇବ, ତା' ଉପରେ ମୂରୁଜ ଟିତା ଉପରେ କଦଳୀ ପତ୍ରରେ ଅମଣିଆ ଥୋଇ ଯଥାବିଧି ପୂଜାକରିବ ଏବଂ ଦୁବ ଗୁଡଳ ଏକୋଇଶିଟି ଧେନୁ ବିପ୍ରଙ୍କୁ ଦାନ ଦେବ, ତେବେ ତା'ର ଆଉ ଶୋକ ହେବନାହିଁ ।" ଏହା ପରେ ଅଷ୍ଟମ ଜଣଣଟି ମନ୍ତ୍ରୀଙ୍କର । ତାଙ୍କ ବିଷୟରେ ଦଇବ

ବିଧାତା କହିଲେ— "ମନ୍ତ୍ରୀ ଆଗ ଭାତ ତରଣ ପିତୃଲୋକଙ୍କୁ ଦିଏ ନାହିଁ । ଗୋଡ ନଧୋଇ ରନ୍ଧଣା ଶାଳେ ପଶେ । ସେଥିପାଇଁ ତା' ପଚ୍ଛି ଖମ୍ବରେ ଦୋହର ଅଗ୍ନି ଜଳୁଛି । ଏବେ ସେ ଆଗ ଭାତ, ଆଗ ତରଣୀ ପିତୃ ଲୋକଙ୍କୁ ଦେଉ, ବୈଷ୍ଣବ ଅଭ୍ୟାଗତଙ୍କୁ ଦେଇ ପଛେ ଖାଉ, ଭଲ ବିପ୍ରଙ୍କୁ ଦାନ ଦେଉ ତା'ର ଦଶା ଦୂର ହେବ ।"

ଦଇବ ବିଧାତା ଗୋଟି ଗୋଟି କରି ଆଠୋଟି ଯାକ କଥା କହି ଗଲେ । ଶେଷରେ ଚକୁଳିଆ ପଣ୍ଡା ନିଜକଥା ପଚାରିଲା । ଦଇବ ବିଧାତା କହିଲେ— "ତୁ ଘରକୁ ଗଲାବେଳକୁ ଲକ୍ଷ୍ମୀ ତୋ ଘରକୁ ଅନୁଗ୍ରହ କରିଥିବେ ।" ଚକୁଳିଆ ପଣ୍ଡା ଦଇବ ବିଧାତାଙ୍କୁ ନମସ୍କାର କରି ବାହୁଡ଼ିଲା । ବାଟରେ ସମସ୍ତେ ଅପେକ୍ଷା କରିଥିଲେ ।

ସେ ଯାହାର ଯାହାକଥା ତାକୁ ତାହା କହିଲା । ସେମାନେ ଆଠଜଣ ଯାକ 'ଭଲବିପ୍ର' ବୋଲି ଚକୁଳିଆ ପଣ୍ଡାକୁ ଯାହା ଯାହା ଦାନ କରିବାର କଥା କଲେ । ସେ ଏହିପରି ବହୁ ଦାନ ଧନ ଧରି ଘରେ ପହଞ୍ଚିଲା । ପହଞ୍ଚି ଦେଖିଲା ତା' କୁଡ଼ିଆ ଉଆସ ପାଲଟି ଯାଇଛି । ଦାସ ଦାସୀ ପରିବାର ଖଟୁଛନ୍ତି ! ଅଚଳାଚଳ ସମ୍ପତ୍ତି ହୋଇ ଯାଇଛି । ସେ ସୁଖରେ କାଳ କଟାଇଲା ।

## ରାଧାଷ୍ଟମୀ ବ୍ରତ

ଭାଦ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀରେ ଏହି ବ୍ରତ ପଡ଼େ । ପୂର୍ବେ ଏହି ତିଥିରେ ଦୁର୍ବାଷ୍ଟମୀ ପାଳିତ ହେଉଥିଲା । କ୍ରମେ ଦୁର୍ବାଷ୍ଟମୀ ଅପ୍ରଚଳିତ ହୋଇଗଲାଣି । ରାଧାଷ୍ଟମୀ ବୈଷ୍ଣବ ମାନଙ୍କ ମଧ୍ୟରେ ବିଶେଷ ପ୍ରଚଳିତ । ରାଧାଙ୍କ ଜନ୍ମବୃତ୍ତାନ୍ତ ବ୍ୟତୀତ ଏକ ବ୍ରତକଥା ପଠିତ ହୁଏ । କାହାଣୀଟି ସରଳ ।

ସତ୍ୟଯୁଗରେ ଗୋଟିଏ ବାରାଙ୍ଗନାଥିଲା । ତା' ନାମ ଲୀଳାବତୀ । ସେ ଥରେ ନିଜ ନଗରରୁ ଅନ୍ୟ ଏକ ନଗରକୁ ଯାଉଥିଲା । ବାଟରେ

ଗୋଟିଏ ମନ୍ଦିର ଦେଖିଲା । ସେଠାରେ କେତେଜଣ ବୈଷ୍ଣବ ସନ୍ୟାସୀ ରାଧାଷ୍ଟମୀ ବ୍ରତ କରୁଥିଲେ । ଧୂପ, ଦୀପ, ନୈବେଦ୍ୟ ଦେଇ-ଦ୍ରବ୍ୟ ବସ୍ତ୍ର ଅଳଙ୍କାର ପିନ୍ଧାଇ ଶ୍ରୀ ରାଧାଙ୍କ ମୂର୍ତ୍ତିକୁ ପୂଜା କରୁଥିଲେ । ତା'ର ମନରେ ପରିବର୍ତ୍ତନ ଆସିଲା । ସେ ଏହି ବ୍ରତ କରିବ ବୋଲି ସଂକଳ୍ପ କଲା । ସଂକଳ୍ପ କରିବାକ୍ଷଣି ତାର ସମସ୍ତ ପାପ ଦୂର ହୋଇଗଲା । ସେ ମୃତ୍ୟୁପରେ ବୈକୁଣ୍ଠକୁ ଗଲା ।

## ଅନନ୍ତ ବ୍ରତ

ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀକୁ ଅନନ୍ତ ଚତୁର୍ଦ୍ଦଶୀ କୁହାଯାଏ । ଏହା ଗୋଟିଏ ସର୍ବଭାରତୀୟ ପର୍ବ । ବ୍ରହ୍ମପୁରାଣ, ସ୍କନ୍ଦ ପୁରାଣ, ଭବିଷ୍ୟ ପୁରାଣରୁ ଏହା ଆସିଥିବାର ଉଲ୍ଲେଖ ଅଛି । ମଙ୍ଗଳ ଓଷା କଥା ସହିତ ଅନନ୍ତ-ବ୍ରତ କାହାଣୀର କିଛିଟା ସାମଞ୍ଜସ୍ୟ ଅଛି ।

ସତ୍ୟ ଯୁଗରେ ସୁମନ୍ତ ନାମରେ ଜଣେ ବ୍ରାହ୍ମଣ ଥିଲେ । ତାଙ୍କ ସ୍ତ୍ରୀଙ୍କର ନାମ ଦୀକ୍ଷା ଓ କନ୍ୟାର ନାମ ଶୀଳା । ଦୀକ୍ଷାଙ୍କର ଦେହାନ୍ତ ପରେ ସୁମନ୍ତ ଦ୍ୱିତୀୟ ବିବାହ କଲେ । ସମୟ ଓ ସୁବିଧା ଦେଖି କୌଣ୍ଡିନ୍ୟଙ୍କ ସହିତ ଶୀଳାର ମଧ୍ୟ ବିବାହ କରାଇ ଦେଲେ । କୌଣ୍ଡିନ୍ୟ ଶୀଳାକୁ ଗୋ-ରଥରେ ବସାଇ ନିଜ ଗୃହକୁ ବାହୁଡ଼ିଲେ । ବାଟରେ ଫଲ୍‌ଗୁନଦୀ ନିକଟରେ ମଧ୍ୟାହ୍ନ ହେଲା । କୌଣ୍ଡିନ୍ୟ ରଥ ଅଟକାଇ ମଧ୍ୟାହ୍ନ କୃତ୍ୟ କରିବାକୁ ଗଲେ । ଶୀଳା ନଦୀ କୂଳକୁ ଆସିଲେ । ସେଠାରେ କେତେକ ସ୍ତ୍ରୀ ଲୋକ ରକ୍ତ ବର୍ଣ୍ଣର ବସ୍ତ୍ର ପରିଧାନ କରି ବ୍ରତ ପୂଜା କରୁଥିଲେ । ସେଦିନ ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀ । ଶୀଳା ସେମାନଙ୍କ ଠାରୁ ବ୍ରତ ବିଧାନ ବୁଝିଲେ । ନିଜେ ସେଠାରେ ବିଧି ଅନୁରୂପ ବ୍ରତ ପୂଜାକଲେ । ବାମ ବାହୁରେ ଡୋରକ ବାନ୍ଧିଲେ । ତା' ପରେ ଯଥା ସମୟରେ ପତି ଗୃହରେ ପହଞ୍ଚିଲେ । ବ୍ରତ ପ୍ରଭାବରୁ ସେମାନଙ୍କର ଧନ ଧାନ୍ୟ ବୃଦ୍ଧି ହେଲା ।

ଦିନେ କୌଣ୍ଡିନ୍ୟ ଶୀଳାଙ୍କ ହସ୍ତରେ ବ୍ରତ ଡୋରକ ଦେଖି ସନ୍ଦେହ କଲେ । ଭାବିଲେ ତାଙ୍କୁ ବଶୀଭୂତ କରିବା ପାଇଁ ଶୀଳା ଏହା ପରିଧାନ କରିଛନ୍ତି । ତେଣୁ ତାହା ଛିଣ୍ଡାଇ ନିଆଁରେ ପକାଇ ଦେଲେ । ଶୀଳା ବ୍ରତକୁ ଅଗ୍ନିରୁ ଉଦ୍ଧାର କରି କ୍ଷୀରରେ ପକାଇ ରଖିଲେ । ସେହିଦିନଠାରୁ ସେମାନଙ୍କର ସମ୍ପଦ ହାନି ଓ ଦୁଃଖମୟ ଜୀବନ ଆରମ୍ଭ ହେଲା । କୌଣ୍ଡିନ୍ୟ ନିଜର ଅପରାଧ ବୁଝି ପାରିଲେ । ପ୍ରାୟଶ୍ଚିତ୍ତ ପାଇଁ ନିରସନ ବ୍ରତ କଲେ । କିଛି ଖାଇଲେ ନାହିଁ । ଭଗବାନଙ୍କ ନିକଟରେ ଆତ୍ମ ସମର୍ପଣ କଲେ । ଶେଷରେ ଅନନ୍ତଙ୍କ ଦର୍ଶନ ପାଇଁ ନିର୍ଜନ ଅରଣ୍ୟକୁ ଗଲେ ।

ସେ ନିର୍ଜନ ଅରଣ୍ୟରେ ପ୍ରଥମେ ଗୋଟିଏ ଆମ୍ବଗଛ ଦେଖିଲେ । ସେଥିରେ ଆମ୍ବ ଭର୍ତ୍ତି ହୋଇଛି । କିନ୍ତୁ କେହି ସେ ଫଳ ସ୍ପର୍ଶ କରୁ-ନାହାନ୍ତି । ପକ୍ଷୀମାନେ ମଧ୍ୟ ସେଠାକୁ ଯାଉ ନାହାନ୍ତି । ବ୍ରାହ୍ମଣ ସେହି ବୃକ୍ଷଠାରୁ ଅନନ୍ତଙ୍କର ସନ୍ଧାନ ନେବାକୁ ଚାହିଁଲେ । ବୃକ୍ଷ କହିଲା— "ମୁଁ ଅନନ୍ତଙ୍କୁ ନଜାଣେ । ମୁଁ ଯଦି ଅନନ୍ତଙ୍କୁ ଦେଖି ଥାଆନ୍ତି, ମୋର ଏହି ଉତ୍ତମ ଫଳ କାହିଁକି ଅଭକ୍ଷ୍ୟ ହୁଅନ୍ତା ? ବ୍ରାହ୍ମଣ ପୁଣି ଅଗ୍ରସର ହୋଇ ଦେଖିଲେ ଗାଈଟିଏ ବାଛୁରୀ ସହିତ ଘାସ ମଝିରେ ପଡ଼ିଆରେ ଏଣେ ତେଣେ ଧାଉଁଛି । ଘାସ ଖାଇ ପାରୁନାହିଁ । ବ୍ରାହ୍ମଣ ସେ ଧେନୁକୁ ପଚାରିଲେ— " ତୁମ୍ଭେ ଅନନ୍ତଙ୍କୁ ଦେଖି ଅଛକି ? " ସେ କହିଲା— ମୁଁ ଯଦି ଅନନ୍ତଙ୍କୁ ଦେଖିଥାନ୍ତି; ତେବେ ମୋର ଏ ଅମୃତ ପରି ଦୁଗ୍ଧ କାହିଁକି ଜୀବମାନଙ୍କର ଅଭୋଜ୍ୟ ହୋଇ ଥାନ୍ତା ? " କୌଣ୍ଡିନ୍ୟ ଅନନ୍ତ-ଙ୍କୁ ଦେଖିବାର ଦୃଢ଼ ସଂକଳ୍ପ ନେଇ ଚାଲି ଥାନ୍ତି । ପୁଣି କିଛି ବାଟ ଗଲାପରେ ଗୋଟିଏ ବୃଷଭକୁ ଦେଖିଲେ ସେ ମଧ୍ୟ ଅନ୍ୟମାନଙ୍କ ପରି ଉତ୍ତର ଦେଲା । ତତ୍‌ପରେ ଆଉ କିଛି ବାଟ ଅଗ୍ରସର ହୋଇ ଦୁଇଟି ପୁଷ୍କରଣୀ ଦେଖିଲେ । ସେ ପୁଷ୍କରଣୀର ଜଳ ନିର୍ମଳ ଓ ଶୀତଳ । ତହିଁରେ ବହୁତ ପଦ୍ମ ଓ କଇଁଫୁଲ ଫୁଟିଛି । ହଂସ ଚକ୍ରବାକ କ୍ରୀଡ଼ା କରୁଛନ୍ତି । କିନ୍ତୁ ତୃଷାତୁର ପ୍ରାଣୀମାନେ ତହିଁରୁ ଜଳପାନ କରୁ ନାହାନ୍ତି । ସେ ଦୁଇ ପୁଷ୍କରଣୀ ମଧ୍ୟରୁ ଗୋଟିକରେ ପକ୍ଷୀଗଣ ନାହାନ୍ତି ।

ସେଥିରେ ପଦ୍ମଫୁଲ ଫୁଟିଛି । କିନ୍ତୁ ସେ ଫୁଲରେ ସୁଗନ୍ଧ ନାହିଁ । ବ୍ରାହ୍ମଣ ପୁଷ୍କରିଣୀ ଦ୍ୱୟଙ୍କୁ ପଚାରିଲେ—"ତୁମ୍ଭେ ଅନନ୍ତଙ୍କୁ ଦେଖିଅଛକି ?" ସେ ଦୁହେଁ କହିଲେ—ଆମ୍ଭେ ଯେବେ ଅନନ୍ତଙ୍କୁ ଦେଖିଥାନ୍ତୁ, ଆମ୍ଭର ଏ ଜଳ କାହିଁକି ଅପେୟ ହୁଅନ୍ତା ? । ସେ କିଛି ବାଟ ଯାଇ ହାତୀ ଓ ଗର୍ଦ୍ଦଭଙ୍କୁ ଦେଖିଲେ । ସେ ଦୁହେଁ ମଧ୍ୟ ଅନନ୍ତଙ୍କୁ ଦେଖି ନଥିବା କଥା ଜଣାଇଲେ । ସବୁଠାରେ 'ନାହିଁ' 'ନାହିଁ' । ଇତି ମଧ୍ୟରେ ବ୍ରାହ୍ମଣ ଅନେକ ଦୂର ଆସିଗଲେଣି । କ୍ଷୁଧା ତୃଷାରେ ଶରୀର ଅବଶ ହୋଇଗଲାଣି । ସେ ଆଉ ଆଗକୁ ଯାଇ ପାରିଲେ ନାହିଁ । ଅଚେତ ହୋଇ ପଡ଼ିଗଲେ ଅନନ୍ତଙ୍କର ଦୟା ହେଲା ।

ସେ ଗୋଟିଏ ବୃଦ୍ଧ ବ୍ରାହ୍ମଣ ରୂପରେ ଆସି କୌଣ୍ଡିନ୍ୟଙ୍କୁ ସାନ୍ତ୍ୱନା ଦେଲେ । ଅନନ୍ତଙ୍କୁ ସାକ୍ଷାତ କରାଇ ଦେବାର ପ୍ରତିଶ୍ରୁତି ଦେଇ ଗୋଟିଏ ନିର୍ଜନ ଗୁମ୍ଫା ଆଡ଼କୁ ନେଇଗଲେ । ବ୍ରାହ୍ମଣ କୌଣ୍ଡିନ୍ୟ ସେଠାରେ ଅନନ୍ତଙ୍କର ଦର୍ଶନ ପାଇଲେ । ସେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଚତୁର୍ଭୁଜ ଭଗବାନଙ୍କୁ ଦେଖି ବିହ୍ୱଳ ହୋଇ ସ୍ତବପାଠ କଲେ । ଅନନ୍ତ ତାଙ୍କ ଦୋଷ କ୍ଷମାକରି ଦାରିଦ୍ର୍ୟ ବିନାଶ ଏବଂ ମୃତ୍ୟୁପରେ ସ୍ୱର୍ଗପ୍ରାପ୍ତି ଲାଗି ବରଦାନ କଲେ । ଏହି ସମୟରେ ବ୍ରାହ୍ମଣଙ୍କର ବନପଥର ଦୃଶ୍ୟଗୁଡ଼ିକ ମନେ ପଡ଼ିଗଲା । ସେ ବାଟରେ ଭେଟିଥିବା ଆମ୍ବଗଛ, ଧେନୁ, ପୁଷ୍କରିଣୀ ଦ୍ୱୟ ଏବଂ ଗଧ, ହସ୍ତୀଙ୍କ ବିଷୟରେ ପଚାରି ବୁଝିଲେ । ଅନନ୍ତ ସେମାନଙ୍କ ସମ୍ପର୍କରେ ମଧ୍ୟ କହିଲେ ।

ପୂର୍ବେ ଗୋଦାବରୀ ନଦୀ ତୀରରେ ଜଣେ ବିଦ୍ୱାନ ବ୍ରାହ୍ମଣ ରହୁଥିଲେ । ତାଙ୍କର ନାମଥିଲା-ବିଦ୍ୟାପତି । ତାଙ୍କ ନିକଟକୁ ବିଦ୍ୟା ଶିଖାପାଇଁ ବହୁ ଶିଷ୍ୟ ଆସୁଥିଲେ । କିନ୍ତୁ ବିଦ୍ୟାପତି ସେମାନଙ୍କୁ ବିଦ୍ୟା ଦାନ ନକରି ଫେରାଇ ଦେଉଥିଲେ । କେହି ତାଙ୍କର ଅଧୀତ ଜ୍ଞାନର ଫଳ ପାଇଲେ ନାହିଁ । ସେଥିପାଇଁ ସେ ଏହି ଜନ୍ମରେ ଆମ୍ବଗଛ ହୋଇଛନ୍ତି ଏବଂ କେହି ତା'ର ଫଳ ଖାଉ ନାହାନ୍ତି । ଧେନୁ କଥା ମଧ୍ୟ ସେହିପରି । ସେ ପୂର୍ବ ଜନ୍ମରେ ଜମିଦାନ ଦେବାକୁ କହି

ନ ଦେବାରୁ ଏ ଜନ୍ମରେ ଧେନୁ ହୋଇଛି ଓ ତା'ର କ୍ଷୀର ଅପେୟ ହୋଇଛି । ବୃଷଭଟି ପୂର୍ବଜନ୍ମରେ ଭୃତ୍ୟ ଥିଲା । ତା'ର ନାମଥିଲା କର୍ମ ଚୋର । ସେ ଆପଣାର ପ୍ରଭୁଙ୍କୁ ଠକିବାର ଅପରାଧରେ ବୃଷଭ ଜନ୍ମ ହୋଇ ଅରଣ୍ୟରେ ପଡ଼ିଛି । ପୁଷ୍କରଣୀ ଦ୍ୱୟ ପୂର୍ବ ଜନ୍ମରେ ଦୁଇ ସହୋଦରୀ ଥିଲେ । ପରସ୍ପର ମଧ୍ୟରେ ବିବାଦ କରି ନିଜର ସ୍ୱାମୀଙ୍କୁ ମାରି ପକାଇ ଥିଲେ । ସେହି ଅପରାଧରୁ ପୁଷ୍କରିଣୀ ଜନ୍ମପାଇଛନ୍ତି ଏବଂ ତା'ର ଜଳ ଅପେୟ ହୋଇଛି । ହାତୀଟି ପୂର୍ବ ଜନ୍ମରେ ଅତ୍ୟନ୍ତ ଗର୍ବୀ ଥିଲା ଏବଂ ଗଧ କ୍ରୋଧୀ ଥିଲା । ସେହି ଅପରାଧରେ ସେ ଦୁହେଁ ଏ ଜନ୍ମରେ ହାତୀ ଓ ଗଧ ହୋଇ ଅରଣ୍ୟରେ ରହିଛନ୍ତି । ଏମାନଙ୍କର ପୁତ୍ର ପୌତ୍ର ଯଦି ଅନନ୍ତବ୍ରତ କରିବେ ତେବେ ଏମାନେ ବୃକ୍ଷ, ଧେନୁ, ବୃଷଭ, ପୁଷ୍କରଣୀ ହସ୍ତୀ, ଗର୍ଦ୍ଦଭ ଜନ୍ମରୁ ମୁକ୍ତ ପାଇବେ । ସେମାନଙ୍କର ପାପ ପ୍ରକ୍ଷାଳନ ହେବ ।" ଶେଷରେ ଅନନ୍ତ କହିଲେ— "ତୁମକୁ ଯେଉଁ ବୃଦ୍ଧ ବ୍ରାହ୍ମଣ ଏଠାରେ ପହଞ୍ଚାଇ ଥିଲା, ସେ ମୁଁ ନିଜେ । ବର୍ତ୍ତମାନ ତୁମେ ଘରକୁ ଫେରିଯାଅ । ଶୀଳାସହ ଅନନ୍ତବ୍ରତ ପାଳନ କରି ସୁଖରେ ରହ ।" ଏତିକି କହି ଅନନ୍ତ ଅନ୍ତର୍ଦ୍ଧାନ ହେଲେ । କୌଣ୍ଡିନ୍ୟ ଲେଉଟାଣି ବାଟରେ ହସ୍ତୀ, ଗର୍ଦ୍ଦଭ, ପୁଷ୍କରଣୀ ଦ୍ୱୟ ବୃଷଭ ଧେନୁ ଚୂତବୃକ୍ଷଙ୍କୁ ଭେଟି ସବୁକଥା ଜଣାଇଲେ । ପରିଶେଷରେ ଘରେ ପହଞ୍ଚି ସସ୍ତ୍ରୀକ ବ୍ରତାଚରଣ କରି ସୁଖରେ ରହିଲେ ।

## କୃଷ୍ଣ ଜନ୍ମାଷ୍ଟମୀ

ଭାଦ୍ରପଦ କୃଷ୍ଣପକ୍ଷ ଅଷ୍ଟମୀ ତିଥି ନିଶାର୍ଦ୍ଧରେ ଶ୍ରୀକୃଷ୍ଣ ମଥୁରାରେ କଂସର ବନ୍ଦୀଶାଳାରେ ଜନ୍ମ ଗ୍ରହଣ କରିଥିଲେ । ଜନ୍ମର ପରେ ପରେ ପିତା ବସୁଦେବ ତାଙ୍କୁ ନନ୍ଦ ନିଳୟକୁ ନେଇଯାଇଥିଲେ । ନନ୍ଦଙ୍କର ଯଶୋଦା ଗର୍ଭଜାତ କନ୍ୟାକୁ ଆଣି ତାଙ୍କ ସ୍ଥାନରେ କୃଷ୍ଣଙ୍କୁ ଶୁଆଇ ଆସିଥିଲେ । ଆପାତତଃ କୃଷ୍ଣ ନନ୍ଦ ଓ ଯଶୋଦାଙ୍କର ପୁତ୍ର ବୋଲି ପ୍ରଚାରିତ ହେଲା । ଜନ୍ମାଷ୍ଟମୀ ପରଦିନ ନନ୍ଦ ଉତ୍ସବ ପାଳିତ ହୁଏ । ଏହା ଜନ୍ମାଷ୍ଟମୀର ଅନ୍ତର୍ଗତ ପର୍ବ । ଶାସ୍ତ୍ର ବାକ୍ୟ ଅଛି-ଭାଦ୍ରମାସୀ ସୀତାଷ୍ଟମ୍ୟାଂ କୃଷ୍ଣ ଜନ୍ମାଷ୍ଟମୀ ବ୍ରତଂ, ନ କରୋତି

ନରେ ଯସ୍ତୁ ସ ଭବେତ୍ ବ୍ରହ୍ମ ରାକ୍ଷସଃ" । ପୁଣି ନାରୀମାନଙ୍କର ବ୍ରତ ପାଳନ ସମ୍ପର୍କରେ କୁହାଯାଇଛି- 'ବର୍ଷେ ବର୍ଷେ ତ ଯାନାରୀ କୃଷ୍ଣ ଜନ୍ମାଷ୍ଟମୀ ବ୍ରତଂ, ନ କରୋତି ମହାକ୍ରୂରା ବ୍ୟାଳ ଭବତି କାନନେ" ତେଣୁ ପୁରୁଷ ନାରୀ ଉଭୟେ ଏହି ବ୍ରତ ପାଳନ କରନ୍ତି ।

ଅନିରୁଦ୍ଧ ଛୋଟରାୟ ବିଷ୍ଣୁ ପୁରାଣ ଅନ୍ତର୍ଗତ କୃଷ୍ଣ ଜନ୍ମାଷ୍ଟମୀ ବ୍ରତ ପଦ୍ଧତିରେ ଲେଖିଥିଲେ । କିନ୍ତୁ ଏହି ବ୍ରତ ଦିନ ଓଡ଼ିଶାରେ ଶ୍ରୀ ଜଗନ୍ନାଥ ଦାସକୃତ ଶ୍ରୀ ମଦ୍ ଭାଗବତ୍ ଦଶମ ସ୍କନ୍ଧର ପ୍ରଥମ ପାଞ୍ଚ ଅଧ୍ୟାୟ ପଠିତ ହୁଏ । କଂସ ଓ ଅନ୍ୟାନ୍ୟ ଦୁଷ୍ଟ ରାକ୍ଷସଙ୍କ ଦୌରାତ୍ମ୍ୟରେ ଧରଣୀଙ୍କର ଅସହାୟତା, ବ୍ରହ୍ମାଙ୍କ ନିକଟରେ ଦେବତା ମାନଙ୍କର ଏହି ଯନ୍ତ୍ରଣା ପାଇଁ ନିବେଦନ, ବିଷ୍ଣୁଙ୍କର ଅବତାର ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦାନ, ବସୁଦେବଙ୍କର ନିଷ୍ଠା, ଦେବକୀ ଓ ବସୁଦେବଙ୍କର ବିବାହ, ଭଗିନୀ ଓ ଭଗିନୀପତିଙ୍କୁ କଂସ ଆଗ୍ରହରେ ରଥରେ ବସାଇ ନେଉଥିବା ବେଳେ ଶୂନ୍ୟବାଣୀ, ତଦନୁଯାୟୀ ଦେବକୀଙ୍କର ଅଷ୍ଟମ ଗର୍ଭରେ ସନ୍ତାନ ଦ୍ୱାରା ନିଜର ମୃତ୍ୟୁଭେଦ ଜାଣିବା ପରେ କଂସର କ୍ରୋଧ ଓ ବସୁଦେବ ଏବଂ ଦେବକୀଙ୍କ ପ୍ରତି ନୃଶଂସ ଆଚରଣ ଓ ଯାଦବମାନଙ୍କୁ ଓ ବସୁଦେବ ଦେବକୀଙ୍କୁ ବନ୍ଦୀ କରିବା, ପିତା ଉଗ୍ରସେନ ଓ ତାଙ୍କ ଅନୁଚରଗଣଙ୍କୁ ନିର୍ଯ୍ୟାତନା, ଦେବକୀଙ୍କ ଗର୍ଭରୁ ଜାତ ସନ୍ତାନମାନଙ୍କୁ ହତ୍ୟା, ବୈଷ୍ଣବୀ ମାୟାବଳରେ ସପ୍ତମ ଗର୍ଭ ହରଣ, ଅଷ୍ଟମ ଗର୍ଭରେ କୃଷ୍ଣଙ୍କ ଜନ୍ମ, ଜନ୍ମକାଳରେ ଅଲୌକିକତା ଦର୍ଶନ, ବସୁଦେବ ଦେବକୀଙ୍କର ଶୃଙ୍ଖଳ ମୋଚନ, ନବଜାତକ ଠାରେ ଦେବତ୍ୱ ଦର୍ଶନ, ତାଙ୍କର ନିର୍ଦ୍ଦେଶରେ ବସୁଦେବ ଗୋପପୁରରେ ତାଙ୍କୁ ଛାଡ଼ି ବିକଳ କନ୍ୟାଙ୍କୁ ପାଲଟାଇ ଆଣିବା ବର୍ଣ୍ଣନ କଥିତ ହୁଏ । ଏହା ଶ୍ରୀମଦ୍‌ଭାଗବତର ଏକ ଅଂଶ । ତେଣୁ ଏଠାରେ ଏହା ଆଲୋଚିତ ହେଉନାହିଁ ।

## ଗହିଆଳ ଭଜା ଓଷା

ଭାଦ୍ରମାସ ଶେଷ ବୁଧବାର ଦିନ ରାତ୍ର ଅର୍ଦ୍ଧରେ ଏହି ଓଷା

ପାଳନ କରଯାଏ । ଶିବ ପାର୍ବତୀ ଏହି ଓଷାର ଦେବତା । ଓଷା କଥାଟି ଛନ୍ଦରେ ରଚିତ । ଜନୈକ ବୈଷ୍ଣବ ଏହାର ଲେଖକ ।

ସୁବୁଧି ସାହୁ କଳିଙ୍ଗ ନଗରର ଜଣେ ଧନବନ୍ତ ସାଧବ । ତା'ର ସାତପୁଅ ସାତବୋହୂ । ସାନବୋହୂ ବଡ଼ ଦୁଃଖ କଷ୍ଟରେ ଚଳୁଥିଲା । ଅନ୍ୟ ଯାଆମାନେ ତାକୁ ହୀନ ଅବସ୍ଥାରେ ରଖିଥିଲେ । ଦିନେ ଶାଶୁ ତାକୁ ମାଟି ଆଣିବାକୁ ପଠାଇଲେ । ସେ ସାନ ନଣନ୍ଦକୁ ସାଙ୍ଗରେ ଧରି ବଣକୁ ମାଟି ପାଇଁ ଗଲା । ସେ ଦୁହେଁ ବଣରେ କିଛି ସମୟ ଖେଳା ଖେଳି କଲେ । ତାହା ପରେ ମାଟି ଖୋଳିଲେ । ଖୋଳିବା ସମୟରେ ଅଡଡା ଖସି ସାନନଣନ୍ଦ ଉପରେ ପଡ଼ିଲା । ସେ ମଲା । ନଣନ୍ଦର ନିଧନ ଜନିତ ବେଦନା ସହିତ ଶାଶୁ ଓ ଯାଆମାନଙ୍କ ଠାରୁ ନିର୍ଯ୍ୟାତନା ପାଇବାର ଆଶଙ୍କାରେ ତା' ହୃଦୟ ବିଦୀର୍ଣ୍ଣ ହୋଇଗଲା । ସେ ଅଥୟ ହୋଇ ବ୍ୟାକୁଳ ବିଳାପ କଲା । ସେତିକିବେଳେ ଶିବ ପାର୍ବତୀ ବନ ବିହାର କରୁଥିଲେ । ପାର୍ବତୀ ବଡ଼ ଦୟାବତୀ । ସେ ଏହି ବିକଳ କାନ୍ଦଣା ଶୁଣି ସେଠାରେ ଶିବଙ୍କ ସହିତ ପହଞ୍ଚିଲେ । ସାଧବ ସାନବୋହୂର ସମସ୍ତ ଦୁଃଖ କଷ୍ଟ କଥା ଶୁଣିଲେ । ଈଶ୍ୱର ତାକୁ ଆଖିବୁଜିବାକୁ କହିଲେ । ତାହାପରେ ନଣନ୍ଦ ଉପରେ ଫୁଲପାଣି ଛିଞ୍ଚି ଦେଲେ । ସେ ଉଠି ବସିଲା ।

ଈଶ୍ୱରଙ୍କ ଆଜ୍ଞା ପାଇ ସାନବୋହୂ ଆଖି ଖୋଲିଲା । ଆନନ୍ଦ-କୃତଜ୍ଞତାରେ ତା' ହୃଦୟ ପୂରି ଉଠିଲା । ଈଶ୍ୱର ତାକୁ ଗୁଉଳଭଜା ଓଷା କରିବାକୁ ପରାମର୍ଶ ଦେଲେ ଏବଂ ବିଧି ବିଧାନ ବତାଇ ଦେଲେ । ଏହି ଓଷା କଲେ ସ୍ୱର୍ଗରୁ ନେତେଇ ଧୋବଣୀ ଆସି କଥାବାର୍ତ୍ତା କରିବ ବୋଲି କହି ଅନ୍ତର୍ଦ୍ଧାନ ହୋଇଗଲେ ।

ଦିନେ ସାଧବ ଘର ସାତବୋହୂ ନଈକୁ ଗାଧୋଇ ଯାଇଥିଲେ । ନଈ କୂଳରେ ଯିଏ ଯାହା ବାପଘରକୁ ବଡ଼ବୋଲି ବହୁମାନ କରି କହିଲେ । ସାନ ବୋହୂ ନିଜ ଶାଶୁଘରକୁ ବଡ଼ବୋଲି କହିଲା । ସେ କହିଲା— ମୋ ଦେଢ଼ଶୁର ଛଅଜଣ ଛଅ ପ୍ରଧାନ । ଯାଆମାନେ

ପଧାନୁଣୀ । ଶ୍ୱଶୁର ସାମନ୍ତ ଓ ଶାଶୁ ସାଆଁନ୍ତାଣୀ । ଏହି ଶାଶୁ ଶ୍ୱଶୁର ଓ ଯାଆ ଦେଢଶୁରଙ୍କ ପରିବାରରେ ସେ ତା'ର ସ୍ୱାମୀଙ୍କ ସହିତ ସୁଖରେ ଅଛି । ତା'ର ପୁଅ ହେବ । ସେ ତାକୁ କୋଳରେ ଧରି ବସିବ । ସେ ପୁଅ ପାଠ ପଢିବ । ଗୀତ ଗାଇବ । ଏହି ହେଉଛି ତା'ର ଜୀବନର ବାସ୍ତବତା ଓ ସ୍ୱପ୍ନ ।

ସେ ଏହିପରି କହିଲାବେଳେ ତା' ସ୍ୱାମୀ ସେଠାରେ ଲୁଚିରହି ସବୁ ଶୁଣିଥିଲା । ସେ କଥା କେହି ଜାଣି ନଥିଲେ । ତାକୁ ସାଙ୍ଗରେ ଧରି ଛଅ ଯାଆ ଯାକ ଘରକୁ ଫେରିଲେ । ଶାଶୁ ଆଗରେ ଓଲଟ ପାଲଟ କରି ଲଗାଇ ଯୋଡାଇ ଅଲଗା କଥା ଅଭିଯୋଗ କରି କହିଲେ । ଏକେ ତ ଶାଶୁ ସାନ ବୋହୂକୁ ଦେଖି ପାରନ୍ତି ନାହିଁ । ସେଥିରେ ପୁଣି ଯାଆମାନଙ୍କର ଅଭିଯୋଗ ।

ଶାଶୁ ଛଅବୋହୂଙ୍କ ଠାରୁ ଶୁଣିଲେ ସାନବୋହୂ ତା'ର ଦେଢଶୁର ଓ ଯାଆମାନଙ୍କୁ ପାଣି ପାଲୁଣୀ ଓ ଶାଶୁ ଶ୍ୱଶୁରଙ୍କୁ ଠମକା ଠମକଆଣୀ କହି ତାଚ୍ଛଲ୍ୟ କରୁଛି । ସେ ସାନ ବୋହୂ ଉପରେ ରାଗିଗଲେ । ତା' ଚୁଟି ଧରି ଘୋଷାରି ଘୋଷାରି ମାରିଲେ । ସାନପୁଅ ଏହି ଘଟଣା ଦେଖି ସହିପାରିଲା ନାହିଁ । ମାଆକୁ ସବୁକଥା କହିଲା । ଅଭିମାନ କରି ସାନବୋହୂକୁ ଧରି ଡିଙ୍କ ଗାଳରେ ରହିଲା । ମାଆ ତା' କଥା ଶୁଣିଲା ନାହିଁ କି ବୁଝିଲା ନାହିଁ । କେହି ତାକୁ ଡାକିଲେ ନାହିଁ ।

ଭାଦ୍ରପଧ ଶେଷ ବୁଧବାର ଦିନ ଈଶ୍ୱର ପାର୍ବତୀଙ୍କ କଥା ସାନବୋହୂର ମନେ ପଡ଼ିଗଲା । ଓଷା କରିବା ପାଇଁ । ତାଙ୍କ କହିବା ଅନୁସାରେ ସମସ୍ତ ପ୍ରକାର ଓଷାଦ୍ରବ୍ୟ ସଜାଡ଼ି ରଖିଲା । ନିଶାର୍ଦ୍ଧରେ କୋଠି ଲେଖିଲା । ଖୋଟି ଦେଲା । ଓଷା ପାଇଁ ରନ୍ଧଣା ସାରିଲା । ନଡେଇ ଧୋବଣୀକୁ ସ୍ମରଣ କଲା । ଘିଅ ଦୀପ ଦେଲା । ହୁଳହୁଳୀ ପକାଇଲା ।

ଯାଆମାନେ ହୁଳହୁଳି ଶୁଣିଲେ । ସାନବୋହୂ ସେମାନଙ୍କର କ୍ଷତି କରିବାକୁ ଅଧରାତିରେ ବାନ୍ଧବାଡ଼ି କ'ଣ ସବୁ ପୂଜାକରୁଛି ବୋଲି ଶାଶୁକୁ

ବୁଝାଇ ଦେଲେ । ଶାଶୁ ଏକଥା ଶୁଣି ରାଗରେ ଯାଇଗଲେ । ସାନ ବୋହୂର ପୂଜା ଭାଙ୍ଗି ଦେଇ ତାକୁ ଘରୁ ବାହାର କରିଦେବାକୁ କହିଲେ । ଯାଆମାନେ ଏକାଠି ମିଶି ଶାଶୁଙ୍କ ଆଦେଶ ପାଳନ କଲେ । ଗୋଇଠା ମାରି ପୂଜା ଦ୍ରବ୍ୟ ଗୁଡ଼ିକ ଫୋପାଡ଼ି ଦେଲେ ଓ ଫୁଲଗୁଡ଼ିକ ପାଦରେ ଦଳିଦେଲେ । ଗୃଞ୍ଜଳ ମାଣକ ବୁଣିଗଲା । ସେମାନଙ୍କର ରାଗ ଶାନ୍ତ ହେଲା । ନିଜ ନିଜ ବଖରାକୁ ଫେରିଗଲେ । ସାନ ବୋହୂ ପୁଣି ଓଷାଦ୍ରବ୍ୟ ସଜାଇଲା । ଓଷା ପୂଜିଲା । ତା' ପୂଜାରେ ସନ୍ତୁଷ୍ଟ ହୋଇ ସ୍ୱର୍ଗରୁ ନିତେଇ ଧୋବଣୀ ଆସିଲା ।

ନିତେଇ ଧୋବଣୀର ଆତ୍ମକାହାଣୀ ବଡ଼ କୌତୁହଳ ପ୍ରଦ । ତା'ର ଶଶୁର ଦେବତା ମାନଙ୍କର ଧୋବା । ଶଶୁର ଯାହାକୁ ବିବାହ କରିଥିଲେ ସେ ତାର ପ୍ରଥମ ଶାଶୁ । ତାଙ୍କ ଗର୍ଭରୁ ଗୃହପୁଅ ଜନ୍ମ ହୋଇଥିଲେ । ଗୃହ ପୁଅଙ୍କର ବିବାହ ହୋଇଗଲା । ପରେ ଶଶୁର ମେନକା ଅପ୍ସରାଙ୍କ ପ୍ରେମରେ ପଡ଼ିଲେ । ମେନକାଙ୍କ ଗର୍ଭରୁ ଗୋଟିଏ ପୁଅ ହେଲା । ମେନକା କହିବାରୁ ଶଶୁର ସେ ପୁଅକୁ ନିଜ ଘରକୁ ନେଇ ଆସିଲେ । ସେହି ପୁଅ ନିତେଇ ଧୋବଣୀର ସ୍ୱାମୀ । ସାବତ ଶାଶୁ ସହିତ ନିତେଇଙ୍କର ପଡ଼େନାହିଁ । ସବୁଦିନେ କଳି ଲାଗେ । ସେ ଦିନେ ସ୍ୱର୍ଗକୁ ଲୁଗା ନେଇ ଯାଇଥିଲା । ଦେବତାମାନେ ତା' ଶୁଖିଲା ମୁହଁ ଦେଖି କାରଣ ପଚାରିଲେ । ସବୁ ଶୁଣିସାରି ତାକୁ ଈଶ୍ୱର ପାର୍ବତୀଙ୍କ ଏହି ଓଷା ପୂଜିବାକୁ କହିଲେ । ସେ ସେହି ଦିନରୁ ଈଶ୍ୱର ପାର୍ବତୀଙ୍କର ଏହି ଗୃଞ୍ଜଳ ଭଜା ଓଷା ପାଳି ଆସୁଛି । ସେ ଏହି ଓଷା ବଳରେ କୁବେର ପରି ସମ୍ପତ୍ତି ଓ ସାତପୁଅ ପାଇଛି । ଏହି ଓଷାଟି ସ୍ୱର୍ଗର ଦେବତାମାନେ ପାଳନ କରନ୍ତି ।

ସୁବୁଧି ସାହୁର ଅନ୍ୟ ବୋହୂମାନେ ସାନବୋହୂ ପାଳୁଥିବା ଓଷା କରୁଥିବାର ଅନୁମତି ମାଗିଲେ । ଶାଶୁ ସମ୍ମତ ହେଲେ । ସେମାନଙ୍କ ମନରେ ଗର୍ବ ଥାଏ । ମନରେ ଦମ୍ଭ ଥାଏ ଯେ ସାନବୋହୂ ଅପେକ୍ଷା ଭଲଭାବରେ ଓଷା ପୂଜିବେ । କାରଣ ଶାଶୁ ଶ୍ୱଶୁର ସେମାନଙ୍କ ପକ୍ଷରେ । ଓଷା ଦ୍ରବ୍ୟ ଦୁର୍ଲଭ ହେବନାହିଁ । ବିଧି

ଅନୁସାରେ ପାଞ୍ଚପାଳ ଓଷା ପୂଜଲେ । ସନ୍ତୋପାଳ ପାଇଁ ଆଡ଼ମ୍ବର ସହକାରେ ଆୟୋଜନ କଲେ । ପାଞ୍ଚଗଉଣୀ ଗୁଉଳ ଚୂନା କୁଟିଲେ । ଛେନା ପାଞ୍ଚବଶା, ନଡ଼ିଆ ପାଞ୍ଚଟା, ଗୁଡ଼ ପାଞ୍ଚବଶା, ଅଦା ଛେଚୁ ପାଞ୍ଚପଳ ଯୋଗାଡ଼ କଲେ । ସାନବୋହୁଟି ତ ନିରମାଖି । ସେ ଭିକ୍ଷଶାଳ ଓଳାଇ ଗୁଉଳଚୂନା ସଂଗ୍ରହ କଲା । ଖପରା ରାନ୍ଧି ଗୁଡ଼ ସଂଗ୍ରହ କଲା । ଏଗୁଡ଼ିକ ନୂଆ ହାଣ୍ଡିରେ ରଖି ପୂଜାକଲା । ପୂଜା ଶେଷରେ ସ୍ୱାମୀଙ୍କ ହାତରେ ଶାଶୁ,ଶ୍ୱଶୁର, ଦେଢ଼ଶୁର ମାନଙ୍କୁ ଭୋଗ ଖାଇବା ପାଇଁ ନିମନ୍ତ୍ରଣ କଲା । ସେମାନେ ଆସିଲେ । କଦଳୀ ପତ୍ରରେ ଭୋଗ ବଢାହେଲା । ଆଶ୍ଚର୍ଯ୍ୟର କଥା ! ପତ୍ରଗୁଡ଼ିକ ସୁନାଥାଳ ପାଲଟିଗଲା । ମଣ୍ଡାପିଠା କର୍ପୂର ପରି ମହ ମହ ବାସିଲା । ସମସ୍ତେ ଖୁସିରେ ଖାଇଲେ । କିନ୍ତୁ ଅନ୍ୟ ଛଅ ଯାଆମାନଙ୍କର ସେମିତି ହେଲାନାହିଁ । ଶାଶୁ ଶ୍ୱଶୁର, ଦେଢ଼ଶୁରମାନେ ଖାଇବା ପାଇଁରେ ବସିଲେ । ଦେଖିଲେ ମଣ୍ଡାପିଠା ଭିତରେ ଛେନାପୁର ବଦଳରେ ଖପରା ଭର୍ତ୍ତି ହୋଇଛି । ସେମାନେ ଛଅ ଯାଆଙ୍କୁ ଭର୍ତ୍ସନା କରି ମାରି ଗୋଡ଼ାଇଲେ । ଛଅ ଯାଆ ଯାକ ଭୟରେ ଯିଏ ଯୁଆଡ଼େ ପଳାଇ ଲୁଚିଲେ ।

ଏଣେ ଧୋବା ସମସ୍ତଙ୍କ ଲୁଗା କାଚିବାକୁ ନେଇ ଥିଲା । ସାନବୋହୁର ଚିରିକନା ଯାକ ପାଟ ପାଲଟି ଗଲା । ବଡଯାଆମାନଙ୍କର ପାଟଯାକ ଚିରିକନା ପାଲଟିଗଲା । ସେମାନେ ଏଥିପାଇଁ ସାନବୋହୁକୁ ଦୋଷ ଦେଲେ । କଳି କରି ତା' ଲୁଗାପଟା ଛଡାଇ ଆଣିଲେ । ସାନପୁଅ ସ୍ତ୍ରୀ ଉପରେ ଅତ୍ୟାଚାର ଦେଖି ସହି ପାରିଲା ନାହିଁ । ସେ ସ୍ତ୍ରୀ ସହିତ ଘରୁ ବିଦାୟ ନେଇଗଲା । ତାକୁ କେହି ଅଟକାଇଲେ ନାହିଁ ।

ଏହି ସମୟରେ କନକ ଦେଶରେ ରାଜା ଅପୁତ୍ରିକ ଅବସ୍ଥାରେ ମୃତ୍ୟୁ ବରଣ କରିଥାନ୍ତି । ତାଙ୍କର ପାଟ ହାତୀ ସୁନାକଳସ ଧରି ବୁଲୁଥାଏ । ରାଜଗାଦି ପାଇଁ ଉପଯୁକ୍ତ ଦାୟାଦ ବାଛିବାର ଦାୟିତ୍ୱ

ତା'ର । ତା' ସାଙ୍ଗରେ ପାତ୍ରମନ୍ତ୍ରୀ ପାରିଷଦ ବର୍ଗ ଚାଲିଥାନ୍ତି । ଏତିକି ବେଳେ ସାଧବ ସାନପୁଅ ସାନବୋହୂ ସେହି ବାଟେ ଯାଉଥିଲେ । ହାତୀ ସାଧବ ସାନପୁଅ ମୁଣ୍ଡରେ ସୁନା କଳସ ଢ଼ାଳିଦେଲା । ସଙ୍ଗେ ସଙ୍ଗେ ଦାଣ୍ଡ ମଣିମା ମଣିମା ଡାକରେ ଉଚ୍ଛୁଳି ପଡ଼ିଲା । ସେମାନେ ତାଙ୍କୁ ନେଇ କନକ ଦେଶର ରାଜା କରି ଦେଲେ । ସାନବୋହୂ ରାଣୀ ହେଲା । ସେମାନେ ସୁଖରେ ଦିନ କଟାଇଲେ ।

ଏଣେ ସୁବୁଦ୍ଧି ସାହୁ ସାଧବଘର ସ୍ୱାଭାବିକ ଭାବରେ ଚାଲୁଥାଏ । ସାନପୁଅ ସାନବୋହୂ ବିଦାୟ ନେଇ ଯାଇଥାନ୍ତି । ସେଥିକି କାହାରି ଶୋଚନା ନଥାଏ । କିଛି ଦିନ କଟିଗଲା । ଦେଶରେ ଦୁର୍ଭିକ୍ଷ ପଡ଼ିଲା । ଖାଇବା ପିଇବାକୁ ନ ପାଇ ବହୁଲୋକ ମଲେ । ସାଧବ ଘର ବି ଉଚ୍ଛନ୍ନ ହୋଇଗଲା । ଲୋକେ କହିଲେ, ଆସ କନକ ଦେଶକୁ ଯିବା । ସେଠାରେ ନୂଆ ରଜା ଧର୍ମ ପୁଷ୍କରିଣୀ ଖୋଳାଉଛନ୍ତି । ମାଟି ଗାଣ୍ଡୁଆଏ ପକାଇ ଦେଲେ କୋଡ଼ିଏ ଟଙ୍କା । ସେଠି କାମ କରି ପେଟ ପୋଷିବା । ସୁବୁଦ୍ଧି ସାହୁ ସାଧବ ଭାବିଲା ଠିକ୍ କଥା । କୌଣସି ମତେ ବଞ୍ଚିବାକୁ ହେବ । ସେ ପରିବାର ବର୍ଗଙ୍କ ସହ କନକ ଦେଶକୁ ବାହାରିଲା ।

କନକ ଦେଶରେ କାମ ଲାଗିଥାଏ । ସାଧବ ପରିବାର ରାଜାଙ୍କ ସିଂହଦ୍ୱାରରେ ପହଞ୍ଚିଲେ । ସେତେବେଳେ ରାଣୀ ପୁଅକୁ ଧରି ଦୋଳରେ ଝୁଲୁଥିଲେ । ଏମାନଙ୍କୁ ଦେଖି ଚହ୍ନିଲେ । ମୁଣ୍ଡରେ ଓଢ଼ଣା ଦେଇ ଦୋଳରୁ ଓହ୍ଲାଇଲେ । ସେମାନଙ୍କୁ ପ୍ରଣାମ କଲେ । ଆଦରରେ ଅନ୍ତଃପୁରକୁ ଡାକିଲେ । ରାଜାଙ୍କୁ କହିଲେ ତୁମ ବାପ-ମାଆ ଆସିଛନ୍ତି । ରାଜା ବାପା ମାଆଙ୍କ ଅବସ୍ଥା ଦେଖି କାନ୍ଦି କାନ୍ଦି ହୋଇଗଲେ । ସେମାନଙ୍କୁ ନୂଆ ଆବାସରେ ରଖାଇଲେ । ଅନ୍ୟ-ମାନଙ୍କୁ କାମକୁ ପଠାଇ ଦେଲେ ।

ସୁବୁଦ୍ଧି ସାହୁ ସାଧବ ଓ ତା' ସ୍ତ୍ରୀ ମନରେ ଆଶଙ୍କା ହେଲା । ଅତୀତର ଦୁଷ୍କୃତି ପାଇଁ ରାଜଗାଦିରେ ବସିଥିବା ସାନପୁଅ ଠାରୁ

ଦଣ୍ଡ ପାଇବାର ଆଶଙ୍କାରେ ଆତଙ୍କିତ ହୋଇ ରହିଲେ । ସାନପୁଅ ସବୁ ଶୁଣି ହସିଲା । ତା'ର ଓ ସାନବୋହୂର ଉଦାରତା ଦେଖି ସେମାନେ ଦୁଃଖ ଅନୁତାପରେ ବିଚଳିତ ହୋଇ ଗଲେ । ସାନ-ପୁଅ ବାପ ମାଆ, ଭାଇ ଭାଉଜଙ୍କୁ କ୍ଷମା କରିଦେଲା । ସେମାନଙ୍କ ପାଇଁ ରାଜ୍ୟରେ ଘର ତୋଳାଇ ଦେଲା । ସୁଖରେ ରଖାଇଲା । ଗୁରୁଉଳଭଙ୍ଗା ଓଷା କରିଥିବାରୁ ସେମାନେ ସୁଖ ଶାନ୍ତିରେ ରହିଲେ ।

## ଭୋଦୁଆ ଭୋଦେଇ

ଭାଦ୍ରପଦ ପୂର୍ଣ୍ଣିମା ଦିନ ସ୍ତ୍ରୀମାନେ ପତି ସୋହାଗିନୀ ହେବାପାଇଁ ଏହି ଓଷା ପାଳନ କରନ୍ତି । ଏହା ଗୋଟିଏ ଅବୈଦିକ, ଅପୌରାଣିକ, ଅଶାସ୍ତ୍ରୀୟ ଓଷା । ପ୍ରାଚୀନ-ଗୁହ୍ୟ-ଯାଦୁ-ବିଦ୍ୟା ସହିତ ଏହା ସଂପୃକ୍ତ । ସଂପ୍ରତି ଏହା ଲୋପ ପାଇଗଲାଣି ।

ଲକ୍ଷ୍ମୀଶ୍ରୀ ସାଧବର ଧନ ଦ୍ରବ୍ୟ ସରିଗଲା । ରଜାଘର ଗନ୍ତାଘରେ ଯାହା ଧନ ଥିଲା ମାଣିକ୍ୟ, ପାଟ ପଟନୀ ଥିଲା ସରିଗଲା । ରାଜା ମନ୍ତ୍ରୀ ଓ ସାଧବକୁ ଡକାଇଲେ । ସାଧବକୁ କହିଲେ—"ଗନ୍ତାଘର ଦରବ ସରିଲା । ବୋଇତ ବଣିଜେ ଯିବୁ ।" ଆଜ୍ଞା ଅନୁସାରେ ଆୟୋଜନ । ସାଧବ ଦରିଆ ଭିତରେ ବୋଇତ ମେଲିଦେଲା । ଦୂର ଦେଶରେ ଯାଇ ପହଞ୍ଚିଲା । ହେଙ୍ଗୁ, ଜିରା, ମରିଚ ଠାରୁ ପାଟ, ପଟନ ରତ୍ନମାନ ସବୁ କିଣିଲା । ନାହା-ନଙ୍ଗଳ କାଟି ବୋଇତ ସମୁଦ୍ରେ ମେଲିଲା । ତା' ଲେଉଟାଣି ବୋଇତ ପାଣିରେ ଦୋହଲି ଦୋହଲି ଆପଣା ରାଜ୍ୟକୁ ବାହୁଡ଼ି ଆଇଲା ।

ଲକ୍ଷ୍ମୀଶ୍ରୀ ସାଧବର ସ୍ତ୍ରୀ ଭୋଦୁଆ ଭୋଦେଇ ଓଷାକଲେ । ଭାଦ୍ରବ ଶୁକ୍ଳ ଷଷ୍ଠୀ ଦିନ ଷଠୀ ଓଷା ପୂଜା ସୂତା ସାତଖିଅ ଅଙ୍ଗୁଳିରେ ବାନ୍ଧି ରଖିଥିଲା । ଭାଦ୍ରବ ପୂର୍ଣ୍ଣିମା ଦିନ ସକାଳୁ ଶୀଘ୍ର ଉଠି ବୁଡ଼ ପକାଇବାକୁ ଗଲା । ବିଧିମତେ ଓଷା ପୂଜାର ଆୟୋଜନ କଲା ।

ତା' ର ନଳୀ ବୋଲି ପୋଇଲଟିଏ ଥିଲା । ସେ ତା' ପାଖେ ପାଖେ ଥାଏ । ସାଧବାଣୀ ମହୁଲ ଦାନ୍ତକାଠିରେ ଦାନ୍ତଘସି ଦନ୍ତକାଠ ପୋତି ଦେଇଥିଲା । ନଳୀ ତାକୁ ନେଇ ସେଥିରେ ଦାନ୍ତଘସି ବୁଡ ପକାଇଲା । ଘରକୁ ବାହୁଡ଼ି ସାଧବାଣୀର ସମସ୍ତ ପୂଜା ଆୟୋଜନ ଦେଖିଲା । ସାଧବାଣୀ ସବୁ ସଜକରି ପୂଜା କୋଠିରେ ଧୂପନୈବେଦ୍ୟ ଦେଲା । କଖାରୁ ପତରେ ସୂତା ଥୋଇଲା । ଏତିକି ବେଳେ ସାଧବର ବୋଇତ କୂଳରେ ଲଗିଲା ବୋଲି ଖବର ପହଞ୍ଚିଲା । ବାର ବର୍ଷର ବିଚ୍ଛେଦ ପରେ ସାଧବ ଘରକୁ ବାହୁଡ଼ିଛି । ବୋଇତରେ କେତେ ଦରବ ଆଣିଥିବ । ସାଧବାଣୀ ପୂଜା ଯାଗାରେ ନଳୀ ପୋଇଲିକି ବସାଇ ଦେଇ ବୋଇତ ବନ୍ଦାଇବାକୁ ଉଠିଲା । 'ପାଟେ ପିନ୍ଧି ପାଟେ ଉପୁରାଣ ଦେଲା । ନେତ ପିନ୍ଧିଲା । ଅର୍ଘ୍ୟଥାଳୀ ଧରି ଗଲା ।''

ନଳୀ ଘରେ ପଶି ଓଷା ଭୋଗତକ ଖାଇଦେଲା । ସେ ଭୋଗ ଖାଇବା ସଙ୍ଗେ ସଙ୍ଗେ ସାଧବର ମନ ସାଧବାଣୀ ଠାରୁ ତୁଟି ଗଲା । ଆଉ ସାଧବାଣୀକୁ ପଚ଼ରିଲା ନାହିଁ । ନଳୀକୁ ଖୋଜିଲା । ସାଧବାଣୀ ପାଇଁ ଯାହା ଆଣିଥିଲା ନଳୀକୁ ଦେଲା । ତାକୁ ଯେମିତି ଘର ଦ୍ୱାର କଲା । ସାଧବାଣୀକୁ ପାଖ ପୂରାଇଲାନାହିଁ ।

ଏମିତି କିଛି ଦିନ ପରେ ନଳୀ ମରିଗଲା । ସାଧବଟି ନଳୀର ହାଡ ବେକରେ ପକାଇ ପାଗଳ ପରି ହୋଇ ବୁଲିଲା । ଘର ଦ୍ୱାର ଛାଡ଼ି କୁଆଡେ କୁଆଡେ ଗଲା । ସାଧବାଣୀ ପତିବ୍ରତା । ସେ ସ୍ୱାମୀ ପିଛା ଛାଡୁ ନଥାଏ । ସାଧବ ଦେଶାନ୍ତର କରିବାର ଦେଖି ସେ ମଧ୍ୟ ଘରଦ୍ୱାର ଛାଡ଼ି ତା' ପଛେ ପଛେ ଗଲା ।

ବାଟରେ ଗୋଟିଏ ମହୁଲ ଗଛ । ସେଇଠି ଭେଦୁଆ ଭେଦେଇ ପିଲା ସାତଟିଙ୍କ ଧରି ରହିଥାନ୍ତି । ସେଠି ସାଧବ ପହଞ୍ଚିଲା । ନଳୀର ହାଡ କଳସୀକୁ ଗଛରେ ଟାଙ୍ଗିଦେଇ ପୋଖରୀକୁ ପାଣି ପିଇବାକୁ ଗଲା । ସାଧବାଣୀକୁ ସେଠା ଆସି ସାଧବକୁ ନଦେଖି କାନ୍ଦି ବୋବେଇ

ହୋଇ ଗଛ ଉପରେ ଆଉଜି ଗଲା । ସେ ଆଉଜିବା ମାତ୍ରେ ଭେଦୁଆ ଭେଦେଇକୁ ଗୁଞ୍ଜିରୁ ଉଡ଼ାଇ ନେଲା । ଭେଦେଇ କହିଲା—"କେତେ ଯୁଗ ହେଲାଣି ପିଲା ସାତଟିଙ୍କି ଧରି ତୋ ବୃକ୍ଷରେ ପଡ଼ିଛୁ । ଆଜି ଉଠିବାକୁ କହୁଛୁ ?" ସେ ଭାବିଲା କେଉଁ ଅଲକ୍ଷଣୀ ମୋ ଗଛ ମୂଳକୁ ଆସିଛି । ଭେଦୁଆ ସାଧବାଣୀର ଦୁର୍ଦ୍ଦଶା ବର୍ଣ୍ଣନା କରି କହିଲା—'ଏହି ଯଦି ଏହି ଗଛରେ ଝୁଙ୍ଗା ହୋଇଥିବା ହାଡ଼-କଳସୀଟି ଫିଟାଇ ନେବ । ପାଣି ପୋଖରୀରେ ପୋତି ସାତଖଣ୍ଡି ହାଡ଼ ପାଣି ପଦ୍ମକର ହାତରେ ଧରିବ, ନଳୀ ହାଡ଼ ଗୋଳି ପିଇବ, "ନଳୀ ସୋହାଗ ମତେ ଆସୁ ମୋ ଦୋଷ ନଳୀରେ ପଶୁ" କହି ସେ ପାଣି ପଦ୍ମକୁ ପିଇବ ତା'ର ଭାଗ୍ୟ ଲେଉଟିବ ।"

ସାଧବାଣୀ ଦୁର୍ଗାମାଧବଙ୍କୁ ସ୍ମରଣ କରି ଯେପରି ଶୁଣିଥିଲା ସେପରି କଲା । ସାଧବ ଯେତେ ପୋଖରୀ କୂଳକୁ ପାଣି ପିଇବାକୁ ଆସି ଗୋଟିଏ କୂଳରେ ପାଣି ପିଉଥିଲା । ସାଧବାଣୀ ଅନ୍ୟ କୂଳରେ ପାଣି ମନ୍ତ୍ର ପଢ଼ିଲା । ତାହାପରେ ସାଧବ ସାଧବାଣୀକୁ ଦେଖିବା ମାତ୍ରେ ସୋହାଗରେ ଗଦ ଗଦ ହୋଇ ପଡ଼ିଲା । ସାଙ୍ଗ ହୋଇ ଘରକୁ ଫେରିଲେ । ସେମାନଙ୍କର ସୁଖର ଦିନ ବାହୁଡ଼ି ଆସିଲା ।

## ଜହ୍ନି ଓଷା

ଭାଦ୍ର ପୂର୍ଣ୍ଣିମା ଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ ତୁଳସୀ ଦେବୀଙ୍କ ନିକଟରେ ଏହି ଓଷା ପାଳନ କରନ୍ତି । ଗୀତ, ଖେଳ, ହୁଳ ହୁଳିରେ ଶାରଦୀୟ ସନ୍ଧ୍ୟା ଉଜ୍ଜ୍ୱଳ ଉଠେ । ଧନକୃଷ୍ଣ ଦାସଙ୍କର ରଚିତ ଜହ୍ନି ଓଷା କଥା ସାଧାରଣତଃ ପଠିତ ହୋଇଥାଏ । ଏକାଦଶ ଅକ୍ଷରୀ ପଦ ରେ ପାଞ୍ଚ ଛାନ୍ଦରେ ବିଭକ୍ତ ଏହି ଓଷା କଥାଟି ବେଶ୍ ଉପଭୋଗ୍ୟ । ଏଥିରେ ମହାରାଷ୍ଟ୍ର, ଉତ୍ତରାଷ୍ଟ୍ର, କର୍ଣ୍ଣାଟ, ବିରାଟ ଦେଶ ସୌରାଷ୍ଟ୍ର ଦେଶ ଇତ୍ୟାଦି ପାଞ୍ଚ ରାଜ୍ୟରେ ଓଷାର ମହିମା ପାଳନର ବିଧି ଓ ସୁଫଳର କାହାଣୀ ବର୍ଣ୍ଣିତ ହୋଇଛି ।

ଓଷା ନନ୍ଦାର ପରିଣତି ବର୍ଣ୍ଣନାରୁ ପ୍ରଥମ ଛନ୍ଦ ଆରମ୍ଭ । ଆଶ୍ୱିନମାସ ଗୁରୁବାର ଦିନ ଯାଏ ବାଳୁତ ଝିଅମାନେ, ଏକମେଳ ହୋଇ ତୁଳସୀ ଚଉରା ମୂଳରେ ଜହ୍ନି ଫୁଲରେ କୋଠି କାଟି ଓଷା କରନ୍ତି । ଲିଆ ଉଖୁଡ଼ା ଆଦି ଭୋଗ ଲଗାନ୍ତି । ଚଉରା ଉପରେ ଜହ୍ନି ଫୁଲରେ ଅଞ୍ଜୁଳି ଦିଅନ୍ତି । ଦିନେ ମହାରାଷ୍ଟ୍ର ଦେଶରେ ଜମ୍ବୁବତୀ ବୋଲି ଜଣେ ନାରୀ ଏହି ଓଷାକୁ ଥଟ୍ଟାକଲା । ଝିଅମାନେ ମୁଢ଼ି ଖାଇବାକୁ ଏହି ଓଷା କରୁଛନ୍ତି ବୋଲି କହିଲା । ଫଳରେ ବୃନ୍ଦାବତୀ ରାଗିଲେ । ସର୍ପ ଜମ୍ବୁବତୀର ସୁପ୍ତ ପୁତ୍ରକୁ ଦଂଶନ କଲା । ମୃତ ପୁତ୍ରକୁ ଧରି ବାହୁନୁଥିବା ସମୟରେ ତା'ର ସ୍ୱାମୀ ମହେଶ୍ୱର ଆସି ପହଞ୍ଚିଲା । ଓଷା ନନ୍ଦାର ପରିଣତି ସ୍ୱରୂପ ଏପରି ଘଟିଥିବାର ଜାଣି ସେମାନେ ବୃନ୍ଦାବତୀଙ୍କୁ ଯାଇ ପ୍ରାର୍ଥନା କଲେ । ନାନା କାକୁତି ମିନତି ହେବା ପରେ ବୃନ୍ଦାବତୀ ସନ୍ତୁଷ୍ଟ ହେଲେ ଏବଂ ତା'ର ମୃତ ପୁତ୍ରକୁ ଜୀବନ୍ୟାସ ଦେଲେ ।

ଦ୍ୱିତୀୟ ଗ୍ରନ୍ଥରେ କବିଙ୍କର ଆଉ ଗୋଟିଏ ଘଟଣା ମନେ ପଡ଼ୁଛି । ଉତ୍ତର ରାଷ୍ଟ୍ରପୁରରେ ଭଗୀରଥୀ ନାମକ ସାଧବର କଥା । ତା'ର ପାଞ୍ଚପୁଅ ଓ ଗୋଟିଏ ଝିଅ । ଝିଅଟିର ନାଁ ରାଧୀ । ରାଧୀକୁ କୁଷ୍ଠରୋଗ ହେଲା । ତା' ମାଆ ସୁକାନ୍ତି ଦିନେ ପିଲାଏ ଚଉରା ମୂଳେ ଜହ୍ନି ଓଷା ପୂଜୁଥିବାର ଦେଖିଲା । ଏହି ଓଷା କଲେ ବ୍ୟାଧି ନାଶହୁଏ ବୋଲି ଶୁଣିଲା । ତା' ଝିଅର ବ୍ୟାଧି ନାଶ ହେଲେ ପାଞ୍ଚବର୍ଷ ଯାଏ ଜହ୍ନି ଓଷା ପୂଜିବ ବୋଲି ମାନସିକ କଲା । ଓଷେଇଣି ଝିଅମାନେ ତା' ନାଁରେ ହୁଳହୁଳି ଦେଲେ । ପରବର୍ତ୍ତୀ ଜହ୍ନି ଓଷା ବେଳେ ରାଧୀ ତା' ମାଆକୁ ଓଷା ପାଇଁ 'ଭୁଜା' ମାଗିଲା । ମାଆ ବିରକ୍ତ ହୋଇ ଓଷା ପୂଜିବାକୁ ମନା କରିଦେଲା । ଫଳରେ ବୃନ୍ଦାବତୀ କ୍ରୋଧକଲେ । ତା'ର ପାଞ୍ଚ ପୁଅକୁ ନେଇ କୋରଡ଼ ଭିତରେ ଲୁଚାଇ ଦେଲେ । ସୁକାନ୍ତି ବାହୁନି କାନ୍ଦିଲା । ପୁଅକୁ ପାଇଲେ ପାଞ୍ଚଟି କାକରା ଭୋଗ କରିବ ବୋଲି ବୃନ୍ଦାବତୀଙ୍କ ପାଖରେ ମାନସିକ କଲା । ଝିଅ ଓଷା କରୁ ବୋଲି ସ୍ୱପ୍ନରେ କହିଲେ । ରାଧୀ ପାଞ୍ଚଟି କାକରା ଦେଇ ଓଷା ପୂଜିଲା । ପାଞ୍ଚପୁଅ ଫେରି ଆସିଲେ ।

ତୃତୀୟ ଗୁରୁବାରରେ କର୍ଣ୍ଣାଟ ଦେଶର ପୀତାମ୍ବର ତାଂର ପତ୍ନୀ ପ୍ରିୟବତୀ କଥା କୁହା ହୋଇଛି । ସେମାନଙ୍କର ସାତପୁଅରେ ଗୋଟିଏ ଝିଅ । ଘର ଗେହ୍ଲା । ସେ ମାଆକୁ ପୂଜା କରିବାକୁ କହିଲା । ପ୍ରିୟବତୀ ଘର ଖୁସି ହୋଇ ତା' ପାଇଁ ଭୁଜା ଉଖୁଡ଼ା ଆଦି ପୂଜା ଜିନିଷ ଯୋଗାଡ଼ କରିଦେଲେ । ସେ ପୂଜା କଲା ।

ଚତୁର୍ଥ ଗୁରୁବାରରେ ବିରାଟ ଦେଶର କଥା । ଧନେଶ୍ୱର ଓ ତାଂର ସ୍ତ୍ରୀ ପଦ୍ମାବତୀଙ୍କର ଗୋଟିଏ ପୁଅ, ତିନିଝିଅ । ଝିଅମାନେ ଓଷା ପୂଜିବାକୁ ମନ କଲେ । ମା' କହିଲେ ତୁମର ଏ ଓଷା କରିବା ବିହିତ ନୁହେଁ । ବୃନ୍ଦାବତୀ ସ୍ୱପ୍ନରେ ପଦ୍ମାବତୀଙ୍କୁ କହିଲେ ତୋ ଝିଅମାନଙ୍କୁ କାହିଁକି ଓଷା ପୂଜିବାକୁ ମନା କଲୁ ? ସେମାନେ ଯଦି ଏ ଓଷା ନ କରିବେ ତେବେ ସାତଦିନ ଭିତରେ ତୋ ପୁଅ ମରିବ । ସେ ନିଦରୁ ଉଠି ଝିଅମାନଙ୍କୁ ଏ ଓଷା ପୂଜା କରିବାକୁ କହିଲେ ।

ପଞ୍ଚମ ଗୁରୁବାରରେ ସୌରାଷ୍ଟ୍ର ଦେଶର କଥା । ଏଥିରେ ଜହ୍ନି ଫୁଲ ଛୁଆଁଇବା ମନା । କିନ୍ତୁ ସେ ଦେଶର ରାଜାଙ୍କ ଝିଅ ଜହ୍ନିଫୁଲ ଛୁଆଁଇବାରୁ ତା' ହାତ ଖଣ୍ଡ ଖଣ୍ଡ ହୋଇଗଲା । ମାଆକୁ କାନ୍ଦି କାନ୍ଦି କହିଲା । ମାଆ କାନ୍ଦି କାନ୍ଦି କେଉଁ ବିଧାତା ଏହା କଲେ ବୋଲି ବିକଳ ହେଲା । ବୃନ୍ଦାବତୀ ତା' ମନକଥା ଜାଣିଲେ । ବୃଦ୍ଧା ବ୍ରାହ୍ମଣୀ ରୂପରେ ତା' ପୁରକୁ ଆସିଲେ । ସେ ଜହ୍ନି ଛୁଆଁଇବା କଥାଶୁଣି ଔଷଧ ଦେଇଗଲେ ଓ ଝିଅ ଜହ୍ନି ଓଷା କରୁବୋଲି ପରାମର୍ଶ ଦେଲେ । ସେ ଓଷଦ ବାଟି ବୋଳି ଦେବାରୁ ହାତ କଅଁଳିଲା । ଆଶ୍ୱିନମାସ ହେଲାରୁ ଝିଅ ଓଷା କରିବାକୁ କହିଲା । ମା' ସବୁ ଦରବ ସଜାଡ଼ିଲେ । ସେ ବାଳଝିଅ ମାନଙ୍କ ସହିତ ମିଶି ପୂଜାକଲା ।

ଏଥିରେ ୧ମ ଓ ୫ମ ଗୁରୁବାରରେ ପୂଜାବିଧିର ବର୍ଣ୍ଣନା ଅଛି । ସବୁ ଝିଅମାନେ ମିଳିତ ହୋଇ ଗୀତ ବୋଲି ପୂଜା କରନ୍ତି ।

## ନେତ ଓଷା

ଆଶ୍ୱିନ ଅଷ୍ଟମୀ ଠାରୁ ଦଶମୀ ପର୍ଯ୍ୟନ୍ତ ଏହି ଓଷା ପାଳନ କରାଯାଏ । ଏହା ବାଳୁଅ ଝିଅ ଓ ନବବଧୂ ମାନଙ୍କର ଓଷା । ଅଷ୍ଟମୀ ଦିନ ଗୋଟିଏ ନୂଆ ଘଡ଼ି ଭିତରେ ଗୁଆ ଦୁଇଟି, ପଦ୍ମଫୁଲ, ବେଲ-କୋଳି, କଣ୍ଟେଇ କୋଳି ଇତ୍ୟାଦି ରଖି ମୁହଁରେ ନଡ଼ିଆଟିଏ ଥୋଇଦେଇ ଦିଅନ୍ତି । କୁମ୍ଭଟିରେ ଛୁଟକନା ବେଢ଼ଣ ଦେଇ ଚଉରା ମୂଳେ ରଖନ୍ତି । ଉପବାସ ପାଳନ୍ତି । ସେହି କୁମ୍ଭଟିକୁ ଧରି ନଈ ବା ପୋଖରୀ କୂଳକୁ ଯାଇ ବୁଡ଼ ପକାନ୍ତି । କୂଳରେ ବାଲୁଙ୍କା ଥାପନ୍ତି । ଗୀତ ବୋଲନ୍ତି । ସେହି ଘଡ଼ି ବା କୁମ୍ଭ ଭିତରେ ଗୁଆ ଇତ୍ୟାଦି ଥାଏ । ତା' ମୁହଁରେ ନଡ଼ିଆ ରଖା ହୋଇଥାଏ । ଛୁଟକନା ବେଢ଼ଣ ହୋଇଥାଏ । ତାକୁ ବେତ ସହିତ ମୁଣ୍ଡରେ ଧରି ଗୀତ ଗାଇ ଗାଇ ଗାଁ ଦାଣ୍ଡରେ ଝିଅମାନେ ଆସନ୍ତି, ଗୋଟିଏ ଚଉରା ମୂଳେ ସମବେତ ଭାବରେ କୁମ୍ଭ ସ୍ଥାପନା ହୁଏ । ମଝିରେ ବେତ ଗୁଡ଼ିକ ରଖାଯାଏ । ଭୋଗ ବଢ଼ା ହୁଏ । ନେତ ଓଷା ଗୀତ ବୋଲାହୁଏ । ଧୂଆମୁଗ, କଦଳୀ, ନଡ଼ିଆ, ଉଖୁଡ଼ା ଆଦି ଭୋଗ ଦିଆଯାଏ । ବ୍ରାହ୍ମଣ ଲୋଡ଼ା ହୁଏନାହିଁ । ଓଷେଇତିମାନେ ଓଷା ପୂଜନ୍ତି । ଏହି ଓଷା ତିନିଦିନ ଧରିହୁଏ । ଦଶମୀ ବା ଦଶହରା ଦିନ ଉଜୁଆଁ ହୁଏ । ପୂଜା ସମୟରେ ଚଉରା ଚାରିପଟେ ବୁଲି ହର-ପାର୍ବତୀଙ୍କର ବିବାହ ଗୀତ ଗାଆନ୍ତି । ସାଇରେ ବୁଲିବା ବେଳେ ମାଗୁଣି ଗୀତ ଗାଆନ୍ତି । ଭୋଗ ଦେବା ବେଳେ ମାଳଶ୍ରୀ ଗାଆନ୍ତି । ଏହା ଲୋକ ଗୀତ । ମାଳଶ୍ରୀ ଓ ମାଗଣ ଗୀତରୁ ଓଷାର ଗଢ଼ଣ ଓ ଅଭିପ୍ରାୟ ଜଣାପଡ଼େ ।

"ଏବଣ ମାସ କି ସେବଣ ମାସ,
ଅଶିଣ ମାସରେ କୁମ୍ଭ ଉପାସ ।
ନେତ ପୂଜିବା କି ଛେତ ପୂଜିବା,
ମାଗି ଯାଚକରି ଓଷା ପୂଜିବା ।

ଏହା ସରସ୍ୱତୀ ପୂଜାର ଗୃହ ବୋଲରେ ଅବଧାନଙ୍କ ପାଇଁ ଠାକୁରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ମାଗିବା ନୁହେଁ । ଏହାର ଭାଷା ଓ ଆବେଦନ ଭିନ୍ନ । ପୁଣି ମାଳଶ୍ରୀରେ ଦେବୀଙ୍କୁ ମନ୍ଦିରରୁ ଗାଁ ଦାଣ୍ଡକୁ ଡାକି ଆଣିବାର ଧ୍ୱନି ସ୍ପଷ୍ଟ—

"ଏବଣ ମାସ କି ସେବଣ ମାସ,
ଅଶିଣ ମାସରେ ନେତ ଉପାସ ।
ଆସ ଆସ ପାରବତୀ ଦେଉଳୁ ଓହ୍ଲାଇ
ସୁବର୍ଣ୍ଣର କୁମ୍ଭ ଗୋଟି ଥାପିଛୁ ଏଠାଇ
ସୁବର୍ଣ୍ଣର କୁମ୍ଭ ଗୋଟି ନୁହେ ଘରଜନ
କଣ୍ଢିଆଳ କାକୁଡ଼ରେ ପଶିଲ ଶରଣ"

ଆଶ୍ୱିନର ଜହ୍ନି ଓଷା ସହିତ ନେତ ଓଷା ବା କୁମ୍ଭ ଓଷାର ଆୟୋଜନ ଅନୁଷ୍ଠାନ ଓ ଗୀତରେ ଗାଁ ଦାଣ୍ଡ ଉଚ୍ଛୁଳି ଉଠେ ।

## ଆଶ୍ୱିନ ଗୁରୁବାର

ଚତୁର୍ମାସ୍ୟା ଗୁରୁବାର କଥାରେ କୁହାଯାଇଛି—ଶ୍ରାବଣ, ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ ଏହି ଚାରିମାସର ପ୍ରତି ଗୁରୁବାର ଧନ ଲକ୍ଷ୍ମୀ-ନାରାୟଣଙ୍କୁ ପୂଜାକରି ଓଷାକଥା କୁହାଯାଏ । ଶ୍ରାବଣ ଗୁରୁବାର କଥାରେ ଚେଉମାଳୁଣୀ ଓ ତା' ସଙ୍ଗାତ ସାଧବାଣୀର ଦୁଇଜନ୍ମର କଥା ବର୍ଣ୍ଣିତ ହୋଇଛି । ଚେଉମାଳୁଣୀ ଗୋଟିଏ ଜନ୍ମର ସୁକୃତ ଫଳରେ ପର ଜନ୍ମରେ ସିଂହଳ ଦ୍ୱୀପରେ ରାଣୀ ହୋଇଛି । କିନ୍ତୁ ଆଶ୍ୱିନ ମାସର କଥା ଏହାଠାରୁ ଭିନ୍ନ । ଏଥିରେ ଲକ୍ଷ୍ମୀ 'କଲାମଞ୍ଜାରୀ' [ମାର୍ଜାର] ରୂପରେ ଆସିବା ଏବଂ ରାଣ୍ଡୀବ୍ରାହ୍ମଣୀ ଆଶ୍ୱିନ ଗୁରୁବାର ଓଷାକରି ସିଂହଳ ଦ୍ୱୀପରେ ମାଇପି ରଜା ହେବାର ବର୍ଣ୍ଣନା ଅଛି । ଏଠାରେ ସିଂହଳ ଦ୍ୱୀପର ରାଣୀ ଏବଂ ସିଂହଳ ଦ୍ୱୀପର ମାଇପି ରଜା'ର ଅର୍ଥଗତ ଓ ବିଷୟଗତ ପାର୍ଥକ୍ୟ

ଏବଂ ଗୁରୁତ୍ୱ ପ୍ରଣିଧାନ ଯୋଗ୍ୟ । ଏହାର କାହାଣୀଟି ସଂକ୍ଷିପ୍ତ ଓ ସୁନ୍ଦର ।

ବଣ୍ଡୀ ବ୍ରାହ୍ମଣୀଟି ଥାଏ । ସେ ଲକ୍ଷ୍ମୀନାରାୟଣଙ୍କର ଭକ୍ତ । ଆଶ୍ୱିନ ମାସ ପ୍ରଥମ ଗୁରୁବାର ଦିନ ଲକ୍ଷ୍ମୀ ଠାକୁରାଣୀଙ୍କର ପୂଜା । ସେ ସକାଳୁ ଉଠିଲା । ଘର ଦ୍ୱାର ଖରକା ଗୋବରରେ ଲିପା ପୋଛା କଲା । ଫୁଲ ତୁଳସୀ, ଦୁବ ଇତ୍ୟାଦି ପୂଜା ସାମଗ୍ରୀ ସଜାଡ଼ିଲା । ଅଁଳା ଧେନ ଗାଧୋଇ ଗଲା । ସ୍ନାନସାରି ପୂଜାରେ ବସିଲା । ଲକ୍ଷ୍ମୀ-ନାରାୟଣଙ୍କ ପ୍ରତୀକ ରୂପେ ଗୁଆ ଥାପିଲା । ଘିଅ-ଦୀପ ଜାଳିଲା । ଧୂପ ଦୀପ ନୈବେଦ୍ୟ ଦେଇ ପୂଜାକଲା । ଓଷାକଥା କହିଲା । ଷିଣି ପ୍ରସାଦ ବାଣ୍ଟିଲା । ଲକ୍ଷ୍ମୀ କଳା ମାର୍ଜାରୀ ରୂପରେ ଆସି ପ୍ରସାଦ ଖାଇ-ଦେଇ ଗଲେ । ସେ ବାହୁଡ଼ି ଦେଖିଲା ପ୍ରସାଦ ନାହିଁ । କିଏ ଖାଇ ଗୁଟି ଚୁଟି ଖାଇ ଦେଇଛି । ବିରକ୍ତ ହେଲା ନାହିଁକି ଅସୁଖ ପାଇଲା ନାହିଁ । କହିଲା—"ମୋ ସାଆନ୍ତାଣୀ କାହାକୁ ଦେଲେ । ଆଜ୍ଞାକଲେ ।" ଆପେ ଚଣା ମନ୍ଦାଏ ପିଇ ଶୋଇଲା । ଏହିପରି କେତେ ପାଳିଗଲା । ସରନ୍ତା ପାଳି ଆସିଲା ।

ସରନ୍ତା ପାଳିଦିନ ବ୍ରାହ୍ମଣୀ ସବୁଥର ପରି ତର ବର ହୋଇ କାଳି ଅନ୍ଧାରରୁ ଉଠିଲା । ଘରଦ୍ୱାର ଖରକଲା । ଗୋବରରେ ଲିପା-ପୋଛା କଲା । ସ୍ନାନସାରି ଧୋବ ଲୁଗା ପିନ୍ଧିଲା । ଅଷ୍ଟନାମ ଧରି ଆଠଟି ପଦ୍ମ କାଟିଲା , ଧୂପ ଦୀପ ନୈବେଦ୍ୟ ଦେଲା । ଓଷାକଥା ପଢ଼ିଲା । ଏକବର୍ଣ୍ଣ ଗାଈର କ୍ଷୀରରେ ଏକବର୍ଣ୍ଣ ଚାଉଳ ପକାଇ କ୍ଷୀରିକଲା । ଘର ସଂସ୍କାର କରି ପ୍ରସାଦ ବାଢ଼ି ହାଣ୍ଡି ଧୋଇବାକୁ ଗଲା । ଠାକୁରାଣୀ କଳାମଞ୍ଜାରୀ ରୂପରେ ଆସିଲେ ।

ସେଦିନ ବ୍ରାହ୍ମଣୀ ଜଗିଥାଏ ଦେଖିବ ବୋଲି । କବାଟ କଣରେ ଲୁଚି ରହିଲା । ଦେଖିଲା କଳାମଞ୍ଜାରୀଟିଏ କ୍ଷୀରି ଗୁଟି ଯାଉଛି । ସେ ମାୟା ମଞ୍ଜାରୀକୁ ଦେଖି ପକାଇ କହିଲା — "ଠାକୁରାଣୀ, ମାଆ-

ଯାଆନ୍ତାଣି, ଭକ୍ତି ନ କରି ଖାଅ ।" ଅନାଇଲା ବେଳକୁ ଠାକୁରାଣୀ ଚତୁର୍ଭୁଜା ମୂର୍ତ୍ତି ହୋଇ ଉଭା ହୋଇଛନ୍ତି । ସେ ବ୍ରାହ୍ମଣୀକୁ କହିଲେ — "ଆଲୋ ମୁଁ ତୋର ଭକ୍ତି ଖାଇଲି । ଏବେ ତତେ ସିଂହଳ ଦ୍ୱୀପରେ ମାଇପି ରଜା କରାଇବି ।" ବ୍ରାହ୍ମଣୀ ପ୍ରଣିପାତ କରି କହିଲା — "କ୍ଷମା ପରା ଅପରାଧୀ କି ଯାହା ଇଚ୍ଛା ତାହା କର ।"

ଲକ୍ଷ୍ମୀ ଠାକୁରାଣୀ ବ୍ରାହ୍ମଣୀକୁ ସିଂହଳଦ୍ୱୀପକୁ ନେଇଗଲେ । ସେଠାରେ ଗୋଟିଏ ପଦ୍ମ ପୋଖରୀ ପାଖରେ ବସିବାକୁ କହିଲେ । ଆପେ ନଗରରେ ବିଜେ କଲେ । ସେତେବେଳେ ସେଠାରେ ଅରାଜକତା । ହାତୀ ସୁନା କଳସ ଧରି ବୁଲୁଥାଏ । ଲକ୍ଷ୍ମୀଙ୍କ କୃପାରୁ ସେ ଆସି ବ୍ରାହ୍ମଣୀ ମୁଣ୍ଡରେ କଳସ ଢାଳିଲା । ପିଠିରେ ବସାଇ ଘେନିଗଲା । ସେ ସିଂହଳ ଦ୍ୱୀପରେ 'ମାଇପି ରଜା' ହେଲା । ଠାକୁରାଣୀ ତା' ସହିତ ରହିଲେ । ସେ ସୁଖରେ ରାଜ୍ୟ ଚଳାଇଲା ।

ଦିନେ ଠାକୁରାଣୀ କହିଲେ—"ଆଲୋ ମୁଁ କେତେ କାଳ ଥିବି ତୋ ଘରେ । ନବଜାତ ବ୍ରାହ୍ମଣ ପିଲାଟିଏ ଆଣି ପୁଅ କର ।" ବ୍ରାହ୍ମଣୀ ନବଜାତ ଶିଶୁ ପୁଅଟିଏ ପାଇଲା । ତା'ର ଷଠୀ ଇତ୍ୟାଦି ଜାତକର୍ମ କଲା । ତାକୁ ପୁଅପରି ପାଳିଲା । ରାଜକୀୟ ବିଧିରେ ବଢାଇଲା । ବିବାହ କରାଇଲା । ରାଜପଣ ଦେଲା । ଚତୁର୍ଥ କାଳ ହେବାରୁ ପଞ୍ଚଦାନ କରିବାକୁ ପ୍ରସ୍ତୁତ ହେଲା । ପୁଅ ବୋହୂ, ନାତି ନାତୁଣୀଙ୍କୁ ବସାଇ ମନକଥା କହିଲା । ବୋହୂକୁ ଉପଦେଶ ଦେଇ କହିଲା— 'ମାଆଲୋ, ଗୁରୁବାର ଛାଡ଼ିବୁ ନାହିଁ । ବ୍ରତ ଆଚରି ସୁଖବନ୍ତ ହେବ । ମୋର ଚତୁର୍ଥ କାଳ ହେଲା ମୁଁ ପଞ୍ଚଦାନ କରିବି ।" ତା' ପରେ ସେ ପଞ୍ଚଦାନ କରି ସମୁଦ୍ରରେ ଝାସଦେଲା । ଚିତ୍ରଗୁପ୍ତ ତା' ପାପ ପୁଣ୍ୟ ବିଚାର କରି ଉତ୍ତମ କୁଳରେ ଜନ୍ମ ଦେଲେ ।

## ଦୁତିଆ ଓଷା

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀକୁ ମୂଳାଷ୍ଟମୀ କୁହାଯାଏ । ମୂଳାଷ୍ଟମୀର କାର୍ଯ୍ୟ ବିଧାନ ବାଞ୍ଛିତ ଏହି ଦିନ ଓଡ଼ିଶାର ବିଭିନ୍ନ

ଅଞ୍ଚଳରେ ଦୁତିଆ ଓଷା ପାଳିତ ହୁଏ । ଦୁତି ବାହନ ଏହି ଓଷାର ଦେବତା । ପ୍ରଚଳିତ ଓଷା କଥା ଅନୁସାରେ ସେ ସୂର୍ଯ୍ୟଙ୍କର ପୁତ୍ର ଏବଂ ଜଣେ ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମ ହୋଇଥିଲେ । ଏହି ପ୍ରସଙ୍ଗରେ ଦୁଇଟି ଓଷାକଥା ପ୍ରଚଳିତ ।

ଗରିବ ବ୍ରାହ୍ମଣୀଟିଏ ଥାଏ । ବହୁତ କାଳରୁ ବିଧବା । ସାହା ଭରସା ହେବାକୁ ଦାସୀ ଟିଏ ରଖିଥାଏ । ସେମାନେ ଧାନକୁଟି ଚଳନ୍ତି । ଆଶ୍ୱିନ ମାସ ପିତୃପକ୍ଷ ପଡିଲା । ରଜା କୁଟୁଣୀ ମାନଙ୍କୁ ଡକାଇ ଧାନ ଦେଲେ ଏବଂ କୋଠ ଖଦା କରି ଗୃର ଦିନରେ ଚାଉଳ ଦେବାକୁ ବରାଦ ଦେଲେ । ମେଘ ଉଠାଇଲା । ଧାନ ଶୁଖାଇ ଚାଉଳ କରିଦେବା କଷ୍ଟ । ବ୍ରାହ୍ମଣଟି ସୂର୍ଯ୍ୟଦେବତାଙ୍କ ପାଖେ ଖରାକଲେ ଅଙ୍ଗଦାନ କରିବାକୁ ମାନସିକ କଲା । ସୂର୍ଯ୍ୟ ଦେବତା ତା' ଦାଣ୍ଡରେ ଖରା-କଲେ । ନିର୍ଦ୍ଦିଷ୍ଟ ସମୟରେ ସେ ରଜାଘରେ ଚାଉଳ ଦେଲା । କିନ୍ତୁ ସୂର୍ଯ୍ୟ ଦେବତା ନିର୍ଦ୍ଧାରିତ ରାତିରେ ଅଙ୍ଗ ଦାନ ପାଇଲେ ନାହିଁ । ବ୍ରାହ୍ମଣୀଟି ତା' ଦାସୀକୁ ତା' ସ୍ଥାନରେ ଶୁଆଇ ଦେଇ ଆତ୍ମଗୋପନ କଲା । ଦେବତା ଦାସୀ ଅଙ୍ଗ ସ୍ପର୍ଶ ନ କରି ନିରାଶ ହୋଇ ବାହୁଡ଼ିବା ବେଳେ ଲେଉଟିଆ ପଟାଳିରେ ପରଶ୍ରା କରି ଦେଇଗଲେ । ସେ ସେତେବେଳେ କାମାର୍ତ୍ତ ଅବସ୍ଥାରେ ଥିଲେ । ହେଠ ଇଚ୍ଛା ଜାଗ ଉଠିଲା ମନକୁ ମନ ଗହଳିଆ ହୋଇ ଉଠିଥିବା ଲେଉଟିଆ ଶାଗ ଖାଇ ବ୍ରାହ୍ମଣୀ ଗର୍ଭବତୀ ହେଲା । ବିଧବାର ଗର୍ଭବାସ ଏକ ଗର୍ହିତ ଅପରାଧ । ସେ ସେଥିପାଇଁ ରାଜରୋଷ ଏବଂ ସାମାଜିକ ବାସନ୍ଦର ସମ୍ମୁଖୀନ ହେଲା । ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ତାହାର ପୁଅଟିଏ ହେଲା । ମିଥୁନ ଲଗ୍ନରେ ହୋଇଥିଲା । ତା'ର ନାମ ଦୁତିବାହାନ ରଖାଗଲା । ପୁଅ କ୍ରମେ ବଡ ହୋଇ ଚାଟଶାଳୀରେ ପଢିଲା । ଦିନେ ତା'ର ଖଡ଼ି ଗୋଟାଳ ଗଡ଼ି ଯିବାରୁ ଜଣେ ସାଙ୍ଗକୁ ବଢ଼ାଇ ଦେବାକୁ ଅନୁରୋଧ କଲା । ସେ ପିଲାଟି ଦୋସାଧୁର ପୁଅ । ତାକୁ ଖଡ଼ି ଗୋଟାଳ ବଢ଼ାଇ ଦେବାକୁ କହୁଥିବା ରାଣ୍ଡୀ ବ୍ରାହ୍ମଣୀ ପୁଅକୁ ସେ ଅଣବାପୁଆ ବୋଲି କହି ଅପମାନିତ କଲା । ପୁଅ ଘରକୁ ଫେରି

ତାର ଜନକ କିଏ ବୋଲି ଜାଣିବାକୁ ମାଆ ପାଖରେ ଦାବୀ କଲା ।
ମାଆ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଲେ ।

ରାତି ପାହିଲା । ଅରୁଣ ରଥରେ ବସି ସପ୍ତାଶ୍ୱ ବାହନ ସୂର୍ଯ୍ୟ ଆକାଶରେ ଦେଖାଦେଲେ । ମାଆ ଦେଖାଇ ଦେଇ କହିଲେ—"ଇଏ ତୋର ବାପା ।" ପୁଅ ଦୂତବାହନ ସୂର୍ଯ୍ୟଙ୍କୁ ଦେଖି ନମସ୍କାର କଲା । ସୂର୍ଯ୍ୟ ହାତ ବଢ଼ାଇ ତାକୁ କୋଳକୁ ଟେକି ନେଲେ । କୋଳରେ ବସାଇ ନାନା ଅଳଙ୍କାର, ପିନ୍ଧାଇ ଦେଲେ । ଆକାଶରୁ ନାନା ଅଳଙ୍କାର ପାଟଶାଢ଼ୀ ଖସିଲା । ଏହି ଘଟଣ ଦୃଶ୍ୟଦେଖି ବହୁ ସଂଖ୍ୟାରେ ଲୋକ ଜମିଗଲେ । ଉପସ୍ଥିତ ନରନାରୀ ବିସ୍ମିତ ହେଲେ । ପୁଅ ସୂର୍ଯ୍ୟଦେବଙ୍କୁ ପଚାରିଲା— "ବାପା ! ମୋର ମାଆ କାହିଁକି ଅସତୀ ବୋଲି ନିନ୍ଦା ପାଉଛନ୍ତି ? ଆପଣ ଯଦି ମୋର ବାପା ତେବେ ମୁଁ କାହିଁକି ଅଣବାପୁଆ ବୋଲି ଅପମାନିତ ହେଉଛି" ? ସୂର୍ଯ୍ୟଦେବ ଆଶ୍ୱାସନା ଦେଇ କହିଲେ— "ତୋ ମାଆ ସତୀ । କିଛି ଦିନ ପରେ ତୁ ଓ ତୋ ମାଆ ପୃଥିବୀରେ ପୂଜା ପାଇବ ।"

ଏହି ପ୍ରସଙ୍ଗରେ ପଦ୍ୟରେ ରଚିତ ଦୁତିଆ ଓଷା ବହିର ଚତୁର୍ଥ ଛାନ୍ଦରେ ପୁରୁଷୋତ୍ତମ ଦାସ ଲେଖିଛନ୍ତି—

"ଏଥୁ ଅନନ୍ତରେ ଶୁଣ ହେ ନର । ମାତାଙ୍କୁ ଆସି ଭେଟିଲା କୁମର ॥
ଯେତେ ବଚନ ପିତା ଥିଲେ ଭଣି । ଜନନୀ ଆଗରେ କହିଲା ଆସି ॥
ଚନ୍ଦ୍ରମେଘି ପାଟ ସୁବର୍ଣ୍ଣ ବାଘି । ପଦକ ନୂପୁର ମେଖଳା ତହିଁ ॥
ପିତାଙ୍କଠାରୁ ଯେତେ ଆଣିଥିଲେ । ମାତା ସମସ୍ତ ଭୂଷିତ ହୋଇଲେ ॥
ଦେବସ୍ତ୍ରୀ ବୋଲି ସକଳ ଜନ । ଦୁତିଆ ଓଷା କଲେକ ବହନ ॥

କିନ୍ତୁ ଗଦ୍ୟ ରୂପରେ ମିଳୁ ଥିବା ଦୁତିଆ ଓଷା କଥାରେ ଏହି ପ୍ରସଙ୍ଗରେ ଅଛି, ବ୍ରାହ୍ମଣୀ କହୁଛନ୍ତି— " ତୋ ପିତାଙ୍କ ନାମ କହିବ । ତୁ ତାଙ୍କ ଠାକୁ ଯାଇ ପାରିବୁଟିକି ? ପୁଅ ବୋଇଲା ମୁଁ ଯିବି ତୁ କହ ।" ତାହା ପରେ ପୁଅମାଆଙ୍କ କହିବା ଅନୁସାରେ ରଥଯାତ୍ରା

ସମସ୍ତରେ ଜଗନ୍ନାଥଙ୍କ ରଥରେ ପହଞ୍ଚ ତାଙ୍କଠାରୁ ନିଜ ପିତାଙ୍କ ବିଷୟରେ ଜାଣିବାକୁ ଚାହିଁଥିଲା । ଜଗନ୍ନାଥ ସଂଶୟ ମୋଚନ କରି ସେ କିପରି ସୂର୍ଯ୍ୟଙ୍କ ଠାରୁ ବ୍ରାହ୍ମଣୀ ଗର୍ଭରେ ଜନ୍ମ ଗ୍ରହଣ କଲେ ତାହା ବୁଝାଇ ଦେଲେ । ସେ ପୁଣି କହିଲେ ଯେ—"ତୋହର ମାଆ ଯେ ଈଶ୍ୱରଙ୍କୁ ଜାଣି ପଡ଼ଶା ଘରେ ଶୋଇଲା । ତୋହର ନାମରେ ଆଜିଠାରୁ ଦୁତିବାହନ ହୋଇଲା ।" ଏହି ପ୍ରସଙ୍ଗରେ ପୁଣି ଉଲ୍ଲେଖ ଅଛି --"ମହାପ୍ରଭୁ ଆଜ୍ଞା ଦେଲେ । ତୋହର ନାମରେ ଦୁତିବାହନ ଓଷା ହୋଇବ । ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଯେ ଦୁତିବାହନ ଓଷା କରିବ ସେ ଅପୁତ୍ରିକ ହୋଇଥିଲେ ପୁତ୍ର ପାଇବ । ବାଂଝ ମଣିଷଙ୍କ ଗର୍ଭ ଫଳିବ । ମନବାଞ୍ଛା ପ୍ରାପତି ହୋଇବ । ପ୍ରମେଶ୍ୱରଙ୍କ ଠାରୁ ଏ ବଚନ ଶୁଣି ବ୍ରାହ୍ମଣୀ ପୁତ୍ର ଘରକୁ ଆଇଲା । ସେ ରାଜ୍ୟରେ ସମସ୍ତେ ଦୁତିବାହନ ଓଷା କଲେ ।"

ଗୋଟିଏ ଚିଲ ଏବଂ ଗୋଟିଏ ଶୃଗାଳ ଏହି ଓଷା ପାଳନ କରିଥିଲେ । କେତେକ ସ୍ତ୍ରୀ ଲୋକ ଓଷାକୋଠି ପାଖରେ ବସି ଓଷା ପୂଜୁଥିବାର ଦେଖି ସେମାନେ ଏଥିପ୍ରତି ମନ ବଳାଇ ଥିଲେ । ଓପେଇତି ଓଷା ଶେଷରେ ଯେଉଁ ପୂଜା ଜିନିଷ ଫୋପାଡ଼ି ଦେଇଥିଲେ ତାହା ସଂଗ୍ରହ କଲେ । ସେମାନେ ବୁଡ଼ି ଯାଇଥିବା ହଳଦୀ ଲଗାଇ ସ୍ନାନକଲେ । ଚିଲଟି ନିଷ୍ଠା କାଷ୍ଠାରେ ଓଷାକଲା । କିନ୍ତୁ ଶୃଗାଳ ଭୋକ ସମ୍ଭାଳି ପାରିଲା ନାହିଁ । ରାତି ଭିତରେ କୋରଡ଼ ଭିତରେ ଲୁଚି ମାଂସ ଖାଇଦେଲା । ଚିଲ କିଛି ଜାଣି ନପାରି ଶିଆଳକୁ ପଚାରିଲା – "ଭଉଣୀ ତୁ ଏତେବେଳେ କଅଣ କଡ଼ ମଡ଼ ଚୋବାଉଛୁ ? ଶିଆଳ କହିଲା ନାଇଁଲୋ ନାନୀ, କଅଣ ଅଛି ଯେ ଚୋବାଇବି ? ଶୀତରେ ମୋ ଦାନ୍ତରେ ଦାନ୍ତବାଜି କଡ଼ ମଡ଼ ଶବ୍ଦ ହେଉଛି । ପରଜନ୍ମରେ ଏହି ଚିଲ ଓ ଶିଆଳ ଦୁହେଁ ଓଷା ପ୍ରଭାବରୁ ମନୁଷ୍ୟ ଜନ୍ମ ପାଇଲେ । ଉତ୍ତମ କୁଳରେ ଦୁଇ ଭଉଣୀ ହୋଇ ଜନ୍ମ ହେଲେ । ଶିଆଳୀ ବଡ଼ ଭଉଣୀ ହେଲା । ଚିଲ ସାନ ଭଉଣୀ ହେଲା । ବଡ଼ ଭଉଣୀ ମନ୍ତ୍ରୀ ଓ ସାନ ଭଉଣୀ ସାଧବକୁ ବାହାହେଲା । ପୂର୍ବ ଜନ୍ମରେ ବ୍ରତ ଖଣ୍ଡିତ କରିଥିବା

ଦୋଷରୁ ମନ୍ତ୍ରୀ ପତ୍ନୀ ମଡ଼ନ୍ତି ଭାବରେ କଷ୍ଟ ଓ ଦୁଃଖ ଅନୁଭବ କଲା । କିନ୍ତୁ ସାଧବାଣୀ ପୁତ୍ରବତୀ ହୋଇ ସୁଖରେ କାଳ କଟାଇଲା । ଫଳରେ ବଡ଼ ଭଉଣୀ ସାନ ଭଉଣୀକୁ ଈର୍ଷା କଲା । ଏଇ ଦୁଇ ଭଉଣୀଙ୍କର ଈର୍ଷା ଓ ଦୂତିବାହନଙ୍କର ମହିମା ଓଷା କଥାରେ ବର୍ଣ୍ଣିତ ହୋଇଛି ।

ସାନ ଭଉଣୀ ସାଧବ ପତ୍ନୀର ସନ୍ତାନ ମାନେ ମାଉସୀ ଘରକୁ ଖେଳିବାକୁ ଯାଆନ୍ତି । ବଡ଼ ଭଉଣୀ ମନ୍ତ୍ରୀର ସ୍ତ୍ରୀ ଶୀଳାବତୀ ସେମାନଙ୍କୁ ବିଭିନ୍ନ ଭାବରେ ହତ୍ୟାକରି ସାଧବ ସ୍ତ୍ରୀ ପାଖକୁ ହାଣ୍ଡି, ଗୁଙ୍ଗୁଡ଼ା ଇତ୍ୟାଦିରେ ପ୍ରତିଥର ପଠାଏ ଏବଂ ଦୂତିବାହନଙ୍କ ମହିମାରୁ ପୁଅମାନେ ଭଲରେ ଥା'ନ୍ତି ଓ କଥା ହୋଇଥିବା ମାସ୍ତା ପୁତ୍ର ମାନଙ୍କର ଶରୀର ନଡ଼ିଆ, ଆଖୁ, ଅଦା, ଚଣା ଇତ୍ୟାଦି ଖାଦ୍ୟ ପଦାର୍ଥ ପାଲଟନ୍ତି । ସରଳ ସାଧବ ସ୍ତ୍ରୀ ଏକଥା ଜାଣି ପାରେନାହିଁ । ପୁଅମାନେ ଠିକ୍ ସମୟରେ ବାହୁଡ଼ନ୍ତି ଓ ମାଉସୀ ପଠାଇଥିବା ଖାଦ୍ୟ ଖାଇ ଖୁସି ହୁଅନ୍ତି ।

ବାରମ୍ବାର ମାରିବା ପରେ ପୁଅମାନେ ନ ମରିବାରୁ ଶୀଳାବତୀ ଆତଙ୍କିତ ହେଲା । ଏହି ଅବସରରେ ମନ୍ତ୍ରୀ ଏକଥା ଜାଣି ତାଙ୍କୁ ଭର୍ତ୍ସନା କଲେ । ଶୀଳାବତୀକୁ ନେଇ ସାଧବାଣୀ ପାଖରେ କ୍ଷମା ମାଗିଲେ । କିନ୍ତୁ ଦୂତିବାହନ ସାଧବାଣୀକୁ ପୂର୍ବରୁ ସ୍ୱପ୍ନରେ ସବୁକଥା କହି ଦେଇଥିଲେ । ସେ ଭଉଣୀ ଉପରେ କ୍ଷୁବ୍ଧ ହେଲ ଯତି ଦୂତିବାହନଙ୍କ ଓଷା କରିବା ପାଇଁ ସବୁମନ୍ତେ ସାହାଯ୍ୟ କଲା । ସେମାନେ ଓଷା ପୂଜିବା ସମୟରେ ଦୂତିବାହନ ସାନବର୍ଣ୍ଣର ପିଲା-ବେଶରେ ଧନୁରେ ଯୁକ୍ତିର କାଠିଶର ଯୋଖି ଶୀଳାବତୀକୁ କାଣ୍ଡ ବିନ୍ଧିଲେ ଓ ତା'ର ମଡ଼ନ୍ତି ଦୋଷ ଭଗ୍ନହୋଇ ସେ ପୁତ୍ରବତୀ ହେଲା । "ସାଧବେ ବରି ସାଧବାଣୀ" ହୋଇଥିବା ସାନ ଭଉଣୀ କୁଳବତୀର ସରଳତା ଓ ଉଦାରତା ଓଷେଇତ ଚରିତ୍ରର ସୂଚନା ଦିଏ ।

## ବୀରାଷ୍ଟମୀ

ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ଦିନ ଏହି ବ୍ରତ ପାଳିତ ହୁଏ । ପୁରୁଷ ଓ ସ୍ତ୍ରୀ ଉଭୟେ ଏହା ପାଳନ କରି ପାରନ୍ତି । ଏହି ବ୍ରତର ଦେବୀ

ଦୁର୍ଗା । ଏହା ଦେବୀ ପୁରାଣୋକ୍ତ ଏବଂ ମୂଳ ବ୍ରତକଥା ସଂସ୍କୃତରୁ ଲିଖିତ । ସଂସ୍କୃତ ଶ୍ଳୋକ ଓ ଓଡ଼ିଆ ଭାଷାରେ ଗଦ୍ୟାନୁବାଦ ସହ ବ୍ରତ କଥା ମିଳୁଛି । ଏହାର କାହାଣୀ ଅତ୍ୟନ୍ତ ସଂକ୍ଷିପ୍ତ ଓ ସାଧାରଣ ।

ସତ୍ୟଯୁଗର କଥା । ସୁବୁଦ୍ଧି ଧର୍ମଦେବ ନାମରେ ଜଣେ ବିପ୍ର ଥିଲେ । ତାଙ୍କର ପତ୍ନୀଙ୍କ ନାମ ରମ୍ଭା । ସେ ଅତ୍ୟନ୍ତ ଧର୍ମ ପରାୟଣା ଓ ଗୁଣବତୀ ଥିଲେ । ସେମାନେ ଅପୁତ୍ରିକ ଥିଲେ । ସେଥିପାଇଁ ମନରେ ସୁଖ ନଥିଲା । ପୁତ୍ରପ୍ରାପ୍ତି ପାଇଁ ପାର୍ବତୀଙ୍କର ଏହି ପ୍ରିୟବ୍ରତ ସେମାନେ କରିଥିଲେ । ପାର୍ବତୀ ସେମାନଙ୍କୁ ବର ପ୍ରଦାନ କରିଥିଲେ ଏବଂ ଖିରାଷ୍ଟମୀ ବ୍ରତର ବିଧି ବିଧାନ କହିଥିଲେ । ଆଠଗୋଟି କୁମ୍ଭରେ ଆଠଗୋଟି ପାଣି କଖାରୁ ସ୍ଥାପନ କରି ତାହାକୁ ଫୁଲମାଳ ଏବଂ ଯଜ୍ଞୋପବୀତ ପିନ୍ଧାଇ ଦିଆଯାଏ । ଏହି ବ୍ରତରେ ଆଠ ପ୍ରକାର ଫୁଲ, ଆଠ ପ୍ରକାର ଫଳ ଆବଶ୍ୟକ ହୁଏ । ଆଠ ପ୍ରକାର ବ୍ୟଞ୍ଜନ କରି ଭୋଗ ନୈବେଦ୍ୟ ଦିଆଯାଏ । ସୁନା ବା ରୁପାରେ ପାର୍ବତୀଙ୍କର ପ୍ରତିମା ଗଢାଇ ଦିବ୍ୟ ଆସନରେ ବସାଇ ପୂଜା କରାଯାଏ । ଏହା ଶାସ୍ତ୍ରୀୟ ବ୍ରତ । ଏଥିରେ ବ୍ରାହ୍ମଣ ବା ଆଚାର୍ଯ୍ୟ ବରଣ, ଦକ୍ଷିଣା ଦାନର ବିଧି ଅଛି । ଆଠଗୋଟି ଲଡୁ, ନବବସ୍ତ୍ର, ସୁବର୍ଣ୍ଣ ଦକ୍ଷିଣା ଦେବାର ବିଧି ବ୍ରତ କଥାରେ ଉଲ୍ଲେଖ ଅଛି । ସୁବୁଦ୍ଧି ଧର୍ମଦେବ ଏହି ବ୍ରତ କରି ପୁତ୍ର, ପୌତ୍ର ଲାଭ କରିଥିଲେ ଏବଂ ଦେହାବସାନ ପରେ ଦେବୀଲୋକ ପ୍ରାପ୍ତ ହେଲେ । ଆଠବର୍ଷ ପାଳନ ପରେ ଏହି ବ୍ରତ ଉଦ୍‌ଯାପନ କରାଯାଏ ।

ବ୍ରତ କଥାର ଅନୁବାଦର ଦୃଷ୍ଟାନ୍ତ ଦିଆଗଲା । ଏଥିରୁ ଭାଷା ଓ ଅନୁବାଦ ଢଙ୍ଗ ଲକ୍ଷ୍ୟ କରାଯାଇ ପାରେ ।

ସଂସ୍କୃତ—ଖିରାଷ୍ଟମୀ ବ୍ରତଂ ଦିବ୍ୟଂ ଚତୁର୍ବର୍ଗ ଫଳଂ ପ୍ରଦଂ
ଅପୁତ୍ରାୟ ପୁତ୍ର ପ୍ରଦ ସର୍ବପାପ ହରଂ ଶୁଭଂ

ଅନୁବାଦ—ଚତୁର୍ବର୍ଗ ଫଳକୁ ଦିଅନ୍ତା ଅଟେ ଉତ୍ତମ ଯେ ଖିରାଷ୍ଟମୀ
ନାମକ ବ୍ରତ । ତାହାକଲେ ସମସ୍ତ ପାପରୁ ମୁକ୍ତ ହୁଅଇ ।
ଅପୁତ୍ରିକ ପୁତ୍ରକୁ ଲଭଇ ।

## ଦୁର୍ଗାଷ୍ଟମୀ

ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଦିନ ଏହି ବ୍ରତ ପାଳିତ ହୁଏ । କଥାଟି ଗଦ୍ୟରେ ରଚିତ । ଓଷା କଥାରେ କୌଣସି ଲେଖକଙ୍କର ନାମ ନାହିଁ । ଦେବତା ମାନଙ୍କ ଅନୁରୋଧରେ ନାରଦ ଏହି ଓଷା ବିଷୟରେ କହିଛନ୍ତି ବୋଲି ଉଲ୍ଲେଖ ଅଛି ।

ସତ୍ୟଯୁଗରେ ସୋମଶାସନପତ୍ତନ ବୋଲି ନଗ୍ରଟିଏ ଥିଲି । ତା'ର ରାଜା ଅନନ୍ତ ସିଦ୍ଧି । ରାଜ୍ୟ ଧନ ଧାନ୍ୟରେ ପରିପୂର୍ଣ୍ଣ । ମନ୍ତ୍ରୀଙ୍କ ନାମ ତ୍ରିକୂଟେଶ୍ୱର । ସେ ବୁଦ୍ଧିମାନ । ରାଜାଙ୍କ ଆଜ୍ଞାରେ ସୁନ୍ଦର ଭାବରେ ଶାସନ ଚଳାଉ ଥାନ୍ତି । ଦିନେ ରାଜା ପଚାରିଲେ "କେଉଁ ବ୍ରତ ପାଳିଲେ ଲୋକେ ପାପରୁ ମୁକ୍ତ ହେବେ ?" ମନ୍ତ୍ରୀ କହିଲେ—"ଶିବଙ୍କୁ ସେବାକର ।" ରାଜା ଶିବଙ୍କୁ ସେବା କଲେ । ଶିବ ପାର୍ବତୀଙ୍କ ସହିତ ଉପସ୍ଥିତ ହୋଇ ବର ଯାଚିଲେ । ରାଜା ପଚାରିଲେ—"କେଉଁ ବ୍ରତ କଲେ ମୋର ପାପ କ୍ଷୟ ହେବ ? ଯମ ଦର୍ଶନ ହେବ ନାହିଁ ?" ଶିବ ଦୁର୍ଗାଷ୍ଟମୀ ବ୍ରତ କରିବାକୁ କହିଲେ । ରାଜା ବ୍ରତର ମହିମା ପଚାରିଲେ । ସେ ବ୍ରତ କିଏ କେଉଁଠି କରିଥିଲା ଓ କି ଫଳ ପାଇଲା ସେ ବିଷୟରେ ସେ ରାଜାଙ୍କୁ ଗୋଟିଏ ଆଖ୍ୟାନ ଶୁଣାଇ ଥିଲେ ।

ସତ୍ୟ ଯୁଗରେ ଶେଖର ସେନ ବୋଲି ବ୍ରାହ୍ମଣଟିଏ ଥିଲା । ବାର୍ଦ୍ଧକ୍ୟ ଉପସ୍ଥିତ ହେବାରୁ ମୃତ୍ୟୁପରେ କିପରି ମୁକ୍ତି ପାଇବ ସେ ବିଷୟ ଚିନ୍ତାକଲା । ଯମଦଣ୍ଡରୁ ନିସ୍ତାର ପାଇବା କଥା ଭାବି ହେଲା । ସସ୍ତ୍ରୀକ ବଣକୁ ତପସ୍ୟା କରିବାକୁ ଗଲା । ସେଠି ଋଷିମାନେ ଦୁର୍ଗାବ୍ରତ କରୁଥିଲେ । ସେ ତାଙ୍କଠାରୁ ବ୍ରତର ପାଳନ ଓ ମହିମା ବୁଝିଲା । ମୃତ୍ୟୁପରେ ଦେବୀ ଦୂତମାନେ ଆସି ତାକୁ ଶିବ ଲୋକକୁ ନେଇଗଲେ । ଏକ ସଙ୍ଗରେ ବ୍ରତର ଶେଷ ଭାଗରେ ଦେବୀଦୂତ ଓ ଯମଦୂତ ମାନଙ୍କ ମଧ୍ୟରେ ସଂଗ୍ରାମର ସଂକ୍ଷିପ୍ତ ବର୍ଣ୍ଣନା ଅଛି ଏବଂ ବ୍ରତର ମଧ୍ୟ ଭାଗରେ ବ୍ରତ ପାଳନର ବିଧି ବିଧାନ କଥିତ ଅଛି ।

## ଡାଲ୍ ଖାଇ

ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଦିନ ଓଡ଼ିଶାର କେତେକ ଅଞ୍ଚଳରେ ଦୁର୍ଗାଷ୍ଟମୀ ବ୍ରତ ପାଳିତ ହୁଏ । ଦୁର୍ଗା କଳସ ବସାଇ କଳସ ପାଖରେ ବ୍ରତକଥା କଥିତ ହୁଏ । ଉପରେ ଏହି ଦୁର୍ଗାଷ୍ଟମୀ କଥା ବର୍ଣ୍ଣିତ ହୋଇଛି । ପଶ୍ଚିମ ଓଡ଼ିଶାର ଆଦିବାସୀ ସଂପ୍ରଦାୟ ମଧ୍ୟରେ ଏହି ଦିନ ଆଉ ଗୋଟିଏ ବ୍ରତ ପାଳନ କରାଯାଏ । ବ୍ରତଟି ଗୀତ ଏବଂ ନୃତ୍ୟ ପ୍ରଧାନ । ବ୍ରତଧାରିଣୀମାନେ ବଣ ଭିତରେ ଗଛ ଡାଳରେ ମଙ୍ଗଳା ଦୁର୍ଗାଦେବୀ ବାସ କରନ୍ତି ବୋଲି ବିଶ୍ବାସ କରନ୍ତି । ସେମାନେ ଏହି ଦିନ ବଣ ଭିତରକୁ ଯାଇ ଡାଲଖାଇ ଦେବୀଙ୍କର ସନ୍ତୋଷ ବିଧାନ ନିମିତ୍ତ ଗୃହ, ପରିବାର ତଥା ଗ୍ରାମର ମଙ୍ଗଳ କାମନା କରି ନୃତ୍ୟକରନ୍ତି । ଆଦିବାସୀ ପଲ୍ଲୀର ତରୁଣୀ କନ୍ୟାମାନେ ଅଷ୍ଟମୀ, ନବମୀ, ଦଶମୀ ତିନିଦିନ ଧରି ଏହି ନୃତ୍ୟକରନ୍ତି । ବଲାଙ୍ଗୀର ଅଞ୍ଚଳରେ ପ୍ରଚଳିତ ଅଛି—

"ଯାହାର ପାଦାଥି (ଠି) ବାଜୁଛେ ବାଜା
ଭଲ ଭଲ ସାଜ ହେଲନ ଧଜା
ବାହିକ ମୁରଦଙ୍ଗ ଘଁଣ୍ଟ ମହୁରି
ଦେଖ୍‌ନା ହାରମାନେ ହେଲେନବୁରି
ବାଜୁନ୍ଛେ ତୁରି
ଉଡୁଛି ତୁଲି
ଡୁଙ୍ଗ୍‌ରୁ ଆସ୍‌ବା ପଲସୀ
ପଡେ ହୁଲ୍ ହୁଲି
ପଡେ ହୁଲ୍ ହୁଲି
ପଡେ ହୁଲ୍ ହୁଲିକାଏ ଡାଲ୍ ଖାଇରେ"

ସୁନ୍ଦରଗଡ ଅଞ୍ଚଳରେ ପ୍ରଚଳିତ ଏକ ଗୀତରେ ଅଛି—

ଡାଲ୍‌ଖାଇ ବୋ
କପାଟ ତଳେ ସିନା ସୁବର୍ଣ୍ଣ ଥାଏ
ସେଦିନ କଥା କାନ୍ତ ମନୁ ନଯାଏ

ପ୍ରଭୁଙ୍କୁ ପାଇଲି ଜଲ୍‌ରେ ଥାଇ
ଗୁଡ୍ ବୋଇଲେ ପ୍ରଭୁ ଗୁଡଇ ନାହିଁ
ହେ ମହାପୁରୁ
ଥିଲା ଥିଲା ମୋର ହାତୁ ପଲଲା ଡ଼ାଲ ଖାଇରେ ॥”

ଏହାକୁ କେହି କେହି ବ୍ରତ ବା ଓଷା ବୋଲି କହୁଥିଲେ ମଧ୍ୟ ଏହାର ଚଳନ ଓ ଆଚରଣ ବିଧିରୁ ଏବଂ ଉପରୋକ୍ତ ଗୀତରୁ ଏହା ଯାତ୍ରା ଅଥବା ପର୍ବ ବୋଲି ମନେ ହୁଏ । ଏଥିରେ ଗାନ କରା ଯାଉଥିବା ଗୀତ ବହୁ ସଂଖ୍ୟକ, ବହୁବିଧ । ଏହି ଗୀତରୁ ଆଦିବାସୀ ସମାଜ ଓ ଓଡ଼ିଆ ସଂସ୍କୃତି ସଂପର୍କରେ ଅନେକ କଥାର ସୂଚନା ମିଳେ । ଗୋଟିଏ ପଦ ଡାଲ୍‌ଖାଇ ଗୀତରେ ସୁଭଦ୍ରାଙ୍କୁ ଭବାନୀ ଓ ଜଗନ୍ନାଥଙ୍କୁ ଶାରଙ୍ଗପାଣି ବୋଲି ବର୍ଣ୍ଣନା କରାଯାଇ ଥିବାରୁ ଏଥିରେ ଜଗନ୍ନାଥଙ୍କ ସଂପର୍କରେ ଗୋଟିଏ ନୂଆ ତଥ୍ୟ ମିଳୁ ଥିବାର ପ୍ରଫେସର ହୁଇଟ୍‌ନାଦ ପ୍ରଧାନ କଟୁଛନ୍ତି ଚଳେ ଦର୍ଶାଇ ଥିଲେ ।

## ଭାଇଜୀଉନ୍ତିଆ

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପୁଅ ଜୀଉନ୍ତିଆ ଏବଂ ଆଶ୍ୱିନ ଶୁକ୍ଳ ଅଷ୍ଟମୀରେ ଭାଇ ଜୀଉନ୍ତିଆ ଓଷା ପଶ୍ଚିମ ଓଡ଼ିଶାରେ ପାଳିତ ହୁଏ । ଭାଇ ଜୀଉନ୍ତିଆ ଓଷାର କାହାଣୀଟି ଦ୍ୱିଜ ଗୌରଚନ୍ଦ୍ର ନାମରେ ଜଣେ ଲେଖକ ଲେଖିଛନ୍ତି ।

ନଗରର ନାଆଁ ଚମ୍ପାବତୀ । ରାଜା ନାଆଁ ବିକ୍ରମ ସେନ । ପାଟ ମହାଦେଈଙ୍କ ନାଁ ମଦନାବତୀ । ଝିଅ ନାଁ ଅରୁଣା । ମନ୍ତ୍ରୀଙ୍କ ନାଆଁ ବୀରସେନ । ମନ୍ତ୍ରୀଙ୍କର ସ୍ତ୍ରୀ କମଳା ଦୁର୍ଗାଙ୍କର ଭକ୍ତ । ଦୁର୍ଗାଙ୍କ ପ୍ରସାଦରୁ ସେ ଝିଅଟିଏ ଓ ପୁଅଟିଏ ପାଇଥିଲେ । ଝିଅ ନାଁ ମାଳତୀ । ପୁଅ ନା ମଦନ ସୁନ୍ଦର । ସେ ଦୁହେଁ ମଧ୍ୟ ଦୁର୍ଗାଙ୍କର ଭକ୍ତ । ଦୁର୍ଗାଙ୍କ ପ୍ରସାଦରୁ ନିରୋଗ ନିଶ୍ଚିନ୍ତରେ ବଢ଼ନ୍ତି । ଷୋଡ଼ଶୀ କେମା ଦିନେ ସଖୀ ମେଳରେ ଉପବନ ବିହାର କରୁଥିଲେ । ମଦନ ସୁନ୍ଦର

ଘୋଡାରେ ବସି ବୁଲୁ ବୁଲୁ ତୃଷାତୁର ଅବସ୍ଥାରେ ସେଠାରେ ଥିବା ପୁଷ୍କରଣୀ ନିକଟରେ ପହଞ୍ଚିଲା । ସେଇଠି ରାଜକୁମାରୀ ଅରୁଣାଙ୍କ ସହିତ ତା'ର ସାକ୍ଷାତ ହେଲା ଓ ଭାବ ବିନିମୟ ଆରମ୍ଭ ହେଲା ।

ଝିଅର ବୟସ ଅନୁସାରେ ରାଜା ବିବାହର ଆୟୋଜନ କଲେ । ଉପଯୁକ୍ତ ଜାମାତା ଠିକଣା ହେଲା । କୁମାରୀ ପାଟଣା ରାଜ୍ୟର ରାଜକୁମରଙ୍କ ସହିତ ମାଘ ଶୁକ୍ଳ ପଞ୍ଚମୀ ଦିନ ଅରୁଣାଙ୍କର ବିବାହ ହେବ ବୋଲି ଦିନ ଧାର୍ଯ୍ୟ ହେଲା । କିନ୍ତୁ ଅରୁଣା ଏହି ପ୍ରସ୍ତାବରେ ରାଜି ହେଲେ ନାହିଁ । ସେ ମଦନ ସୁନ୍ଦରଙ୍କୁ ବରଣ କରିବାର ଇଚ୍ଛା ପ୍ରକାଶ କଲେ । ମନ୍ତ୍ରୀ ପୁଅ ସଙ୍ଗେ ରାଜା ଝିଅର ବିବାହ ପ୍ରସ୍ତାବ ରାଜା ବିକ୍ରମ ସେନଙ୍କର ପସନ୍ଦ ହେଲା ନାହିଁ । କିନ୍ତୁ ଝିଅ ନିଜର ସଂକଳ୍ପରେ ଦୃଢ଼ । ସେ ମଦନ ସୁନ୍ଦରଙ୍କୁ ବିବାହ କରିବେ । ତାହା ନ ହେଲେ ପ୍ରାଣ ବିସର୍ଜନ କରିବେ । ଘଟଣା ଗୁରୁତର ରୂପ ନେଲା । ମଦନ ସୁନ୍ଦରଙ୍କୁ ଗୁପ୍ତରେ ଘାତକ ଦ୍ୱାରା ହଣାଇ ଦେବାର ବ୍ୟବସ୍ଥା କରାଗଲା । ଏଣେ ତାଙ୍କୁ ପତିରୂପେ ପାଇବା ପାଇଁ ଅରୁଣା ମହାଷ୍ଟମୀ ବ୍ରତ ପାଳନ କରୁଥାଏ । ସେହି ଦିନ ଯୋଗକୁ ବ୍ରତ ସମୟ ହୋଇଥିଲା ।

ମନ୍ତ୍ରୀଘରେ ମାଆ ଝିଅକୁ ଶାଶୁଘରେ କିପରି ଚଳିବାକୁ ହେବ ସେହି ବିଷୟରେ ଉପଦେଶ ଦେଉଥାନ୍ତି । ଭାଇର ହିତପାଇଁ ମହାଷ୍ଟମୀ ବ୍ରତ ପାଳନର ସମୟ ସେତେବେଳକୁ ହୋଇ ଯାଇଥିଲା । ଏହି ପ୍ରସଙ୍ଗରେ ଭାଇ ଜିଉନ୍ତିଆ ଓଷା କଥାରେ ବର୍ଣ୍ଣନା ଅଛି—

"କହିଲେ ଜନନୀ ଆଜିଲୋ ମହା ଅଷ୍ଟମୀ ବ୍ରତ
ଉପବାସେ ଦୁର୍ଗା ପୂଜିଲେ ହୁଏ ଭାଇର ହିତ ।"

\+ + +

"ଭଉଣୀର ଭାଇ ଭରସା କଥା ସଂସାରେ ଅଛି
ଭାଇ ସୁଖେ ଥିଲେ ତୋହର ଊଣା ନୋହିବ କିଛି ।"

ମାଳଶ୍ରୀ ନିଷ୍ଠାର ସହିତ ଉଚିତ ବିଧି ବିଧାନ ଅନୁସାରେ ପୂଜାକରି ଆଶିଷ ଫୁଲ ପାଇଛନ୍ତି । ଏଣେ ରାଜାଙ୍କର ବିବିଧ ଉପାୟ କରୁଛନ୍ତି ମଦନ ସୁନ୍ଦରଙ୍କୁ ମାରିବା ପାଇଁ । ବଣକୁ ପଠାଇଛନ୍ତି ଶିକାର ଆଳରେ ଏବଂ ସେଠାରେ ମାରିବାର ଚେଷ୍ଟା ବ୍ୟର୍ଥ ହୋଇଛି । କପଟରେ ବିଷ ଖୁଆଇ ସମୁଦ୍ରରେ ଭସାଇ ଦେଇଛନ୍ତି । କିନ୍ତୁ ବ୍ରତର ମହିମା ହେତୁ ଘାତକ ତାଙ୍କୁ ବଣରେ ହାଣିବାକୁ ଯିବାବେଳେ ଘାତକଙ୍କୁ ବାଘ ମାଡ଼ିବସି ଖାଇ ଯାଇଛି । ରାଜାଙ୍କ ନବରରେ ଜେମାଙ୍କ ଉପହାର ବୋଲି ବିଷଯୁକ୍ତ ଖାଦ୍ୟ ଦେଇ ସମୁଦ୍ରରେ ଭସାଇ ଦିଆଯାଇଛି । ସେଠାରେ ମଧ୍ୟ ଦୁର୍ଗା ତାଙ୍କୁ ରକ୍ଷା କରିଛନ୍ତି । ତାଁ ଭଉଣୀର ନିଷ୍ଠାପର ଉପାସନା ଓ ତାଙ୍କୁ ପତି ରୂପେ ପାଇବା ପାଇଁ ଅରୁଣାର ପୂଜା ଆରାଧନା ଦେବୀଙ୍କ ଆସନ ଟଳାଇଛି । ସେ ରାଜାଙ୍କୁ ସ୍ୱପ୍ନରେ ଦେଖା ଦେଇ ତାଙ୍କ କାର୍ଯ୍ୟପାଇଁ ଭର୍ତ୍ସନା କରିଛନ୍ତି । ଶେଷରେ ମଦନ ସୁନ୍ଦର ବର୍ତ୍ତମାନ ତାଙ୍କ ଉଆସରେ ଅଚେତ ଅବସ୍ଥାରେ ପଡ଼ିଥିବା କଥା ଏବଂ କିପରି ତାଁ ଚେତା ଫେରି ଆସିବ ତାହା ବତାଇବା ସଙ୍ଗେ ସଙ୍ଗେ ତାଁ ସହିତ ଅରୁଣାର ବିବାହ ସକାଶେ ଆଦେଶ ଦେଇଛନ୍ତି । ଦେବୀଙ୍କର ଆଦେଶ କ୍ରମେ ଦୁର୍ଗାଷ୍ଟମୀ ପୂଜାର ଅଭିମନ୍ତ୍ରିତ ଜଳ ମଦନ ସୁନ୍ଦର ଉପରେ ଛିଞ୍ଚା ଯାଇଛି ଏବଂ ସେ ଉଠି ବସିଛି । ଦେବୀଙ୍କର ଆଦେଶ ଓ ଅନୁଗ୍ରହ ଫଳରେ ସେ ଦୁଇଜଣଙ୍କର ବିବାହ ସଂପନ୍ନ ହୋଇଛି ।

ଏହି ଗଳ୍ପ ଭିତରେ ଅରୁଣାର ପୂଜା, ମନ୍ତ୍ରୀପତ୍ନୀଙ୍କର ପୂଜା ଭିତରେ ପୂଜା ପଦ୍ଧତିର ବର୍ଣ୍ଣନା କରାଯାଇଛି । ଓଷା କଥାରବିଷୟ-ବିନ୍ୟାସ ଭାଷା ବର୍ଣ୍ଣନା ବହୁ ପରବର୍ତ୍ତୀ କାଳରେ । ଏଥିରେ ଅନ୍ୟାନ୍ୟ ଓଷାକଥାର ଶୈଳୀ, ଚରିତ୍ର ଘଟଣା ଗୁମ୍ଫନ-ରୀତିର ଅଭାବ ଲକ୍ଷିତ ହୁଏ । ଏହାର ହୁଏତ କୌଣସି ପ୍ରାଚୀନ ଓଷା କଥା ଅଛି ଯାହା କି ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଏ ଓଷା ସଂପର୍କରେ ସ୍ୱପ୍ନେଶ୍ୱର ଦାସ ଲେଖିଛନ୍ତି, ପ୍ରାଚୀନ କୋଶଳ ତିନିଭାଗରେ ବିଭକ୍ତ । ଉତ୍ତର କୋଶଳରେ ସୂର୍ଯ୍ୟବଂଶୀୟ ରାଜାମାନେ ରାଜୁତି କରୁଥିଲେ । ମଧ୍ୟ କୋଶଳରେ ଅନେକ କ୍ଷୁଦ୍ର ରାଜ୍ୟ ରହିଥିଲା । ଦକ୍ଷିଣ କୋଶଳ ମହାନଦୀଠାରୁ ବଂଶଧାରା ପର୍ଯ୍ୟନ୍ତ ସୀମାବଦ୍ଧ ଥିଲା । ସୂର୍ଯ୍ୟବଂଶର ପ୍ରସିଦ୍ଧ ରାଜା

ଦଶରଥ ଉତ୍ତର କୋଶଳରେ ରାଜତ୍ୱ କରୁଥିଲେ । ଅଯୋଧ୍ୟା ଉତ୍ତର କୋଶଳର ରାଜଧାନୀ । କୌଶଲ୍ୟା ଦକ୍ଷିଣ କୋଶଳ ରାଜାଙ୍କ କନ୍ୟା ଥିଲେ । ଶ୍ରୀ ରାମଚନ୍ଦ୍ର ଉକ୍ତ ରାଜଦମ୍ପତିଙ୍କର ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ । ସେ ପୁଣି ଲେଖିଛନ୍ତି—"କୋଶଳ ରାଜଜେମାଙ୍କ ପୁତ୍ର ଶ୍ରୀ ରାମଚନ୍ଦ୍ର କୋଶଳ ରାଜ୍ୟର କନ୍ୟାମାନଙ୍କର ମାମୁଁ ପୁଅ ଭାଇ । ମାମୁଁ ପୁଅ ଭାଇଙ୍କର କୁଶଳ କାମନାରେ ଏକ ବ୍ରତ ପାଳନ କରିଥିଲେ । ସେହି ବ୍ରତ କୋଶଳରେ ଭାଇ ଜୀଉନ୍ତିଆ ନାମରେ ପରିଣତ ହୋଇଯାଇଛି ଏବଂ ଭଗ୍ନୀମାନେ ନିଜ ନିଜ ସହୋଦରସ୍ଥ ଭ୍ରାତାମାନଙ୍କର ମଙ୍ଗଳ କାମନାରେ ସେଦିନ ନିର୍ଜଳା ଉପବାସ କରି ବ୍ରତ ପାଳନ କରି ଆସୁଅଛନ୍ତି । ଶ୍ୱଶୁରାଳୟକୁ ଯାଇଥିବା କନ୍ୟାମାନଙ୍କୁ ଗୃହସ୍ଥମାନେ ଏହି ଓଷା ଉପଲକ୍ଷରେ ଡକାଇ ଆଣନ୍ତି । ଏହି ପର୍ବର ନାମ ଭାଇଜୀଉନ୍ତିଆ । ଏହି ଭାଇ ଜୀଉନ୍ତିଆ ଓଷା କେବଳ କୋଶଳରେ ପ୍ରତିପାଳିତ ହେଉଅଛି ।" ଏହି ବ୍ରତ ସମ୍ପର୍କରେ ଆଲୋଚନା କରି ସେ ସୂଚନା ଦେଇ ଅଛନ୍ତି "ଯେ ଦୁର୍ଗା ବ୍ରତ ନାମରେ ଏହି ଜୟନ୍ତୀ ବ୍ରତ କଥିତ ।"

## ବଜ୍ର ମହାକାଳୀ ବ୍ରତ ବା ଫୁଲେରୀ ଓଷା

ଏହି ନାମରେ ବ୍ରହ୍ମପୁର, ବଲାଙ୍ଗୀର ଓ କଟକରୁ ପ୍ରକାଶିତ କେତେଖଣ୍ଡି ପୁସ୍ତକ ଦେଖିବାକୁ ମିଳେ । ବ୍ରତ ଏବଂ ଓଷା ଶବ୍ଦର ପ୍ରୟୋଗରେ ଯାଦୃଚ୍ଛିକତା ସମ୍ପର୍କରେ ପ୍ରଥମ ଅଧ୍ୟାୟରେ ଯେଉଁ ସୂଚନା ଦିଆଯାଇ ଥିଲା ଏଥିରୁ ତାହାର ଦୃଷ୍ଟାନ୍ତ ମିଳେ । ଏହା ଆଶ୍ୱିନ ଅମାବାସ୍ୟା ଦିନ ପାଳିତ ହୁଏ ।

ବଜ୍ରମହାକାଳୀ ଦେବୀଙ୍କୁ ଏଥିରେ ପୂଜା କରାଯାଏ । ଷ୍ଟେହୀ ସାଧବାଣୀ ଆଶ୍ୱିନ ଅମାବାସ୍ୟା ଦିନ ବଜ୍ର ମହାକାଳୀ ଦେବୀଙ୍କୁ ପୂଜାକରେ । ଥରେ ଓଷା ପାଳିରେ ସାଧବାଣୀର ସାତବୋହୂ ଯାକ ଘର ଦ୍ୱାର ଲିପା ପୋଛା କଲେ । ଠୋକେଇ, କୁଲା ଧୋଇଲେ । ଚନ୍ଦକ ଗୁଣ୍ଡୁଣୀ ଧୋଇଲେ ଏବଂ ନିଜେ ସାଧବାଣୀ ଓଷା ସାମଗ୍ରୀ ସଜାଡ଼ି ବସିଲା । ସାନବୋହୂକୁ "କହିଲା— ମାଆଲୋ ଗୃଉଳ ବଛୁରଲିଣି କି ନାହିଁ

ଦେଖିଆ । ଚୂନା କୁଟି ଯିବା ।” ସାନ ବୋହୂଟି “ଗୋଡ଼ଲଟିଏ ଭୁଣ୍ଡରେ ପକାଇ ଦେଲି।ବୋଇଲା-ହେଲାଣି” । କିନ୍ତୁ ହାତରେ ନଦେଖି ଭୁଣ୍ଡରେ ଦେଖିବାରୁ ବଜ୍ରମହାକାଳୀ ଦେଈ କ୍ରୋଧକଲେ । ଏକଥା କେହି ଜାଣନ୍ତି ନାହିଁ । କିନ୍ତୁ ଏହି ପ୍ରସଙ୍ଗରେ ଅନ୍ୟ ଏକ ପୋଥିରେ ଲେଖା ଅଛି, ବଜ୍ରମହାକାଳୀ ବୋହୂର ହାତଧରି ପକାଇ କହିଲେ —“ମୋ ଅହ୍ଲଣିଆ ଅଇଁଠା କଲୁ ? ତୋ ଶାଶୁକୁ କହିବି ।” ସାଧବ ଘର ବୋହୂ କହିଲା— “ମାଆଗୋ ମୁଁ ନଜାଣି ଦୋଷ କଲି । ମୋ ଅପରାଧ କ୍ଷମାକର । ମତେ ଯାହା ଆଜ୍ଞା କରିବ ମୁଁ ଆପଣଙ୍କୁ ଦେବି । ମୋ ଶାଶୁ ପାଖରେ କହିବ ନାହିଁ ।” ଏହା ଶୁଣି ବଜ୍ରମହାକାଳୀ କହିଲେ, “ତୁ ସତ୍ୟକର” । ସାଧବ ବୋହୂ ସତ୍ୟକଲା । ସେ କହିଲେ— “ତୋର ଯେତେ ଗର୍ଭ ହେବ ମୋତେ ଦେବୁ ।” ସାଧବ ଘର ବୋହୂ “ଦେବି ବୋଇଲା ।”

“ଚୂନା କୁଟା ହେଲା । କାକରା କଲେ । ଆରଦା କଲେ, କ୍ଷୀରି କଲେ, ଅଟକାଳି କଲେ । ସାତ ପରିବାରେ ଘାଣ୍ଟ ଆ ଚାଉଳ କଲେ । ସାତ ଶାଗ ଖରଡ଼ିଲେ । ଖଦା କୋଠାରେ ବସି ଯଥାବିଧି ଶିଳ ଶିଳୁପୁଆ ଥାପି ଯଥାବିଧିରେ ଠାକୁରାଣୀଙ୍କୁ ପୂଜାକଲେ । ସାତବୋହୂ ସାତଖଣ୍ଡ ପାଟ ପିନ୍ଧିଲେ । ନେତ ଉପରଣ ଦେଲେ । ସାଧବାଣୀ ପାଟେକ ପିନ୍ଧି ପାଟେ ଉପରଣ ଦେଲା । ବୋହୂମାନଙ୍କୁ ଧରି ଓଷା ପୂଜିଲା । ପାଦ୍ୟେ ପଡ଼ି ଶୋଇଲେ । ମହାକାଳ ଦେଈଙ୍କଠାରେ ଶରଣ ପଶିଲେ । ହୁଳହୁଳି ଦେଇ ମହାକାଳ ଦେଈଙ୍କୁ ସମସ୍ତ ସାମଗ୍ରୀ ଲାଗି କରାଇଲେ । ସାତ ପତ୍ରରେ ପିଲାଙ୍କୁ ବାଣ୍ଟିଲେ । ଅର୍ଘ୍ୟ ଦେଲେ । ଗଜା, ମୁଆଁ, ପଣା, ଲାଗିକରାଇଲେ । ସାତ ପୁଅ ଯାକଙ୍କୁ ସାଧବାଣୀ ବଜ୍ରମୂଳରେ ପିଟିଲା । ବଜ୍ର ହୋଇଥିବେ ବୋଲି । ସାତପୁଅ. ବାପ, ପ୍ରସାଦ ଖାଇଲେ । ବାହାରକୁ ଗଲେ । ସାଧବାଣୀ ସାତ ବୋହୂଙ୍କୁ ଧରି ଭୁଞ୍ଜ ବସିଲା ।” କିନ୍ତୁ ସାନବୋହୂର କଅଣ ହେଲା ?

“ସାନ ବୋହୂଠାରେ ଠାକୁରାଣୀଙ୍କର କୋପ ରହିଲା ।” “ଠାକୁରାଣୀ ବୋଇଲେ ମୋର ଅଖଣ୍ଡିତ ଓଷା ଖଣ୍ଡିତ କଲା ।

ତା'ର ସାତଗର୍ଭ ଯାକ ନେବ ।" ତହିଁଆର ବର୍ଷ ଓଷା ପାଳି ଦିନ ସାନବୋହୂ ଗର୍ଭ କଷ୍ଟ ପାଉଥିଲା । ସାଧବାଣୀ ଛଅ ବୋହୂଙ୍କୁ ଧରି ଓଷା ପୂଜୁଥିଲା । ଏହି ସମୟରେ ସାନବୋହୂର ପୁଅଟିଏ ହେଲା ଏବଂ ତା'ର ଅଜ୍ଞାତରେ କିଏ ତାକୁ ନେଇଗଲା । ସେ ସଂଜ୍ଞା ପାଇ ପୁଅକୁ ନଦେଖି ରହିଲା । ତା' ସ୍ୱାମୀ ତାକୁ ପରାମର୍ଶ ଦେଲା—"ତୁନି ପଡ଼ । ନଖଣ୍ଡିତ ଓଷା ପୂଜା ହେଉଛି । ସାନବୋହୂ ତୁନିପଡ଼ି ରହିଲା ।" ପୂଜା ଶେଷରେ ସମସ୍ତେ ଘଟଣାଟି ଜାଣି କନ୍ଦାକଟାକରି ରହିଲେ । ଅନ୍ୟ ଏକ ପୋଥିରେ ଏଇ ପ୍ରସଙ୍ଗରେ କୁହାଯାଇଛି ଯେ ସାନବୋହୂ ତା'ର ସତ୍ତା ରକ୍ଷା କରି ଜଳାକବାଟି ବାଟେ ପୁଅଟିକୁ ବଜ୍ରମହାକାଳ ଦେଇଙ୍କୁ ବଢ଼ାଇ ଦେଇଥିଲା । ସେ ଯାହାହେଉ ସାନ ବୋହୂର ଏହିପରି ଛଅଥର ଛଅଟି ପିଲା ହେଲେ ଏବଂ ସମସ୍ତଙ୍କ ଅଜ୍ଞାତରେ ବଜ୍ରମହାକାଳୀ ସେମାନଙ୍କୁ ନେଇଗଲେ । କେହି ଏକଥା ଜାଣି ପାରିଲେ ନାହିଁ । ଶାଶୁ ବୋହୂ ଉପରେ ବଡ଼ ଅସନ୍ତୁଷ୍ଟ ହେଲା । ତାକୁ ଡାହାଣୀ ଅଲକ୍ଷଣୀ ବୋଲି ଭାବିଲା । ସପ୍ତମ ଥର ଗର୍ଭ ବେଳକୁ ତାକୁ ଘରୁ ତଡ଼ିଦେଲା । ବୋହୂ ବାପ ଭାଇ ଘରକୁ ନଯାଇ ବଣକୁ ପଳାଇଲା ।

ଗହନ ବନସ୍ତ । ଚାରିଆଡ଼େ ନଗୁଛିଆ । ସାନବୋହୂର ମନ ଅଭିମାନରେ ଭରା । ସେଠି ବାଘ ଭାଲୁର ଆହାର ହେବା ପାଇଁ କାମନା କରି ବସିଛି ଓ ଅଜସ୍ର କାନ୍ଦୁଛି । ପୁଣି ସେତିକ ବେଳକୁ ମେଘ ଉଠାଇଲା । ଦଇବ ଦାଉ ସାଧୁଛି । ସେ କି କୁଆଡ଼େ ଯିବ ? ଠାବ କାହିଁ ? ଭାଗ୍ୟକୁ ସେହି ବନସ୍ତରେ ଠାକୁରାଣୀ ଘରକରି ରହିଥିଲେ । ଭାବିଲେ ସାଧବର ସାନବୋହୂ ମରିଗଲେ ତାଙ୍କୁ ହତ୍ୟା ଦୋଷ ଲାଗିବ ! ସେ ବୁଢ଼ୀ ରୂପରେ ଯାଇ ଆପଣା ଘରକୁ ଡାକି ଆଣିଲେ । ବୋଇଲେ, "ବାଆ ପାଣି ବର୍ଷୁଛି ମୋ କୁଡ଼ିଆକୁ ଆ' ଭିଆରି" । ସାନବୋହୂ ତାଙ୍କ କୁଡ଼ିଆକୁ ଗଲା । ଏଇଠି ତାକୁ କେତୋଟି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଲା ।

କୁଡ଼ିଆରେ ପହଞ୍ଚି—"ଠାକୁରାଣୀ ଗୁଞ୍ଜୁଣୀଟିଏ ପକାଇ ଦେଇ ବୋଇଲେ ଏଥି ଉପରେ ବସ ।" ସେ ବୋଇଲା—"ମୋ ଶାଶୁ

ମହାକାଳ ଦେଇ ଶରଣ । ମୁଁ ବସିବ ନାହିଁ ।” ଘୋରଣା ପକାଇ ଦେଲେ । କହିଲେ, “ଏଥି ଉପରେ ବସ” । ସେ ବୋଇଲା, “ମୋ ଶାଶୁ ମହାକାଳ ଦେଇ ଶରଣ । ମୁଁ ବସିବ ନାହିଁ ।” ଠାକୁରାଣୀ ବୋଇଲେ, “ଶିଳ ଉପରେ ବସ” । ସେ ବୋଇଲା, “ମୁଁ ବସିବ ନାହିଁ । ମୋ ଶାଶୁ ମହାକାଳ ଦେଇ ଶରଣ । “ବୋଇଲେ, “ଢେଙ୍କି ଉପରେ ବସ । ସେ ବୋଇଲା ମୁଁ ବସିବ ନାହିଁ । ମୋ ଶାଶୁ ମହାକାଳ ଦେଇ ଶରଣ” । ତହିଁକି ଠାକୁରାଣୀ ବୋଇଲେ ଏକଥାମାନତ ଜାଣୁ । ଗୁଡ଼ଲ କେମନ୍ତେ କୁଣ୍ଡରେ ପକାଇଲୁ । ମୋ ନଖଣ୍ଡିତ ଓଷା ଖଣ୍ଡନ କଲୁ ।” ତାଙ୍କର କୋହୁଟି ପ୍ରତି ଦୟା ହେଲା । ସେତେବେଳକୁ ସେ ଗର୍ଭବତୀ ଥିଲା । ବନ୍ଧୁ ମହାକାଳୀଙ୍କ ଘରେ ତା’ର ସନ୍ତାନ ଜନ୍ମ ହେଲା । ପାଞ୍ଚଦିନେ ପଞ୍ଚୁଆତି, ଛଅଦିନେ ଷଷ୍ଠୀ ଏକୋଇଶି ଦିନେ ଏକୋଇଶିଆ ଆଦି କରାଇଲେ । ଧାଇ ମୁଦୁସୁଲି ଲଗାଇ ତାଙ୍କର ଯତ୍ନ ନେଲେ । କେତେମାସ ପରେ ଫଗୁଲେଖି ଓଷା ପଡ଼ିଲା । ଠାକୁରାଣୀଙ୍କ ଓଷା ପାଇଁ ଲୋକେ ବିଭିନ୍ନ ଦ୍ରବ୍ୟ ଯୋଗାଡ଼ କରି ଆଣିଲେ । ସେ ସବୁ ଦେଖି ସାଧବ ସାନବୋହୂ ଓଷା କରି ଠାକୁରାଣୀଙ୍କ ଠାରେ ଶରଣ ପଶିବ ବୋଲି କହିଲା । ଯଥାବିଧି ଓଷା ପୂଜିଲା । ଠାକୁରାଣୀ ତାକୁ ଦୁବ ଫୁଲ ଦେଲେ । ଖାଇବାକୁ କ୍ଷୀର ଅଁଟାକାଳି ଦେଲେ । ଆରଦା, କାକରା ଦେଲେ । ସାତ ଶାଗ ଦେଲେ । ସାଧବ ବୋହୂ ଖାଇ ବସିଲା । ଛଅଟି ଟୁଆ ତା’ ପାଖକୁ ଧାଇଁ ଆସି ଖାଇ ବସିଲେ । ଖଣ୍ଡୁ ପଗଡ଼ି ପିନ୍ଧିଛନ୍ତି । ଅଣ୍ଟାରେ ଅଣ୍ଟାସୂତା ମାନ ଅଛି । ପଦକମାଳୀ ପିନ୍ଧିଛନ୍ତି । ରୁଣୁ ଝୁଣୁ ହୋଇ ବେଢ଼ି ବସି ଖାଇଲେ । ସାଧବ ବୋହୂ ପଚାରିଲା—“ମା’ ଏମାନେ କିଏ ?” ଠାକୁରାଣୀ କହିଲେ—‘ତୋର ପୁଅମାନେ ।’ ଗୁଡ଼ଲଟିଏ ଠକିଲୁ । ତହିଁକି ମୁଁ ତୋର ପୁଅମାନଙ୍କୁ ଆଣିଲି । ଏବେ ମୋ ଠାରେ ଶରଣ ପଶିଲାରୁ ଦେଲି । ଏବେ ତୋ ଶାଶୁ ଘରକୁ ଯା ।” ଠାକୁରାଣୀଙ୍କ ଆଜ୍ଞାରେ ପାଲିଙ୍କି ଆସିଲା । ବୋହୂ ପାଲିଙ୍କିରେ ବସିଲା । ପୁଅମାନେ ଘୋଡ଼ାରେ ଚଢ଼ିଲେ । ଏହିପରି ପାଲିଙ୍କି ପାଟଛତା ହୋଇ ସାଧବ ଘରକୁ

ବାହୁଡ଼ିଲେ । ସାଧବ ଘର ଲୋକ ମୁଖରୁ ସେମାନେ ଆସୁଥିବାର ଶୁଣି ଧାଇଁ ଆସି ପାଛୋଟି ନେଲେ । ସେମାନେ ଓଷା ପୂଜି ସୁଖରେ ରହିଲେ ।

ଏହି ଓଷା କଥା ସହିତ ଉପରେ ବର୍ଣ୍ଣିତ ଭାଇଜିଉନ୍ତିଆ ଓଷା କଥାକୁ ମିଳାଇ ଦେଲେ ଭାଇଜିଉନ୍ତିଆ କଥାର ଅର୍ବାଚୀନତା ବାରି ହୋଇଯିବ ଏବଂ ଏହାର ଅନ୍ୟ ଏକ ଓଷା କଥା ଅଛି ବୋଲି ଯେଉଁ ଅନୁମାନ କରାଯାଉଛି ତା'ର ଯଥାର୍ଥତା ସ୍ପଷ୍ଟ ହେବ ।

## ନିଶାମଙ୍ଗଳବାର

ଆଶ୍ୱିନ ଶୁକ୍ଳପକ୍ଷ ମଙ୍ଗଳବାର ଦିନ ନିଶାର୍ଦ୍ଧରେ ସଧବା ସ୍ତ୍ରୀ ମାନେ ସନ୍ତାନ, ସଧବାତ୍ୱ ଓ ଧନଧାନ୍ୟ କାମନା କରି ଏହି ଓଷା ପୂଜନ୍ତି ।

ଆଶ୍ୱିନ ମାସ ପିତୃଶ୍ରାଦ୍ଧ ଲାଗି ସାଧବଘରେ ଗଣ୍ଡା ମାଂସ ଲୋଡ଼ା ହେଲା । ସାଧବ ବାପପୁଅ ଶିକାରକୁ ବାହାରିଲେ । ପାଗ ଅନୁକୂଳ ନଥିଲା । କେଉଁଠି କିଛି ଶିକାର ପାଇଲେ ନାହିଁ । ଫେରିବା ବେଳେ ଦେଖିଲେ ସେମାନଙ୍କ ପାଚେରି ପାଖରେ ଗୋଟିଏ ଜୀବ ଚରୁଛି । ସେ ମୃଗପ୍ରାୟ ଦିଶୁଥିଲା । ସେମାନେ ଜୀବଟିକୁ କାଣ୍ଡ ବିନ୍ଧିଲେ, ତା'ର ମାଂସ ଆଣି ଶ୍ରାଦ୍ଧ କଲେ । କିନ୍ତୁ ଜୀବଟି ମୃଗ ବା ଗଣ୍ଡା ନୁହେଁ । ରଜାଙ୍କର କପିଳା ଗାଈ । ଏଇଠୁ ଆରମ୍ଭ ହେଲା ସାଧବ ଘରର ବିପତ୍ତି ।

ରଜାଘର ଦୂତ ଗୁଇଆଡ଼େ ଖୋଜି ଶେଷରେ ସତ୍ୟ ଉଦ୍‌ଘାଟନ କଲେ । ସାଧବ ଓ ତା'ର ସାତପୁଅ ବନ୍ଦୀ ହେଲେ । ସେମାନଙ୍କର ମୁଣ୍ଡକାଟ ଆଦେଶ ପାଳିତ ହେବାକୁ ଥାଏ । ତେଣୁ ସାଧବାଣୀ ମନ ଦୁଃଖରେ ଢିଙ୍କି ଶାଳରେ ଶୋଇଛି । ରାତି ଅନେକ ହେଲାଣି । ମଙ୍ଗଳା ଠାକୁରାଣୀ ଆସିଲେ । ଦେଖିଲେ ସେ ଢିଙ୍କି ଶାଳରେ

ଶୋଇଛନ୍ତି । ସେ ସିନ୍ଧୁଣ ମୁଣ୍ଡରେ ଠିଆ ହୋଇ ତାକୁ ନଶାମଙ୍ଗଳବାର ଓଷା କରିବାକୁ କହିଦେଇ ଗଲେ । ସାଧବାଣୀ ସୋଇଲା ପଠାଇ ଗୁଡ଼ିଆ ଘରୁ ମୁଆଁ ଆଠଗୋଟି ଆଣିଲା । ମାଳୀ ଘରୁ ମାଳ ଅଣାଇଲା । ଅନ୍ୟାନ୍ୟ ପୂଜାଦ୍ରବ୍ୟ ସଜାଡ଼ି ତ୍ରିକଂଶାଳ ଲିପାପୋଛା କରି ପଦ୍ମ ଗୋଟିଏ ଲେଖି ଓଷା ପୂଜିଲା । ପୋଥିରେ ଅଛି—"ପଦ୍ମ ଲେଖି ନଶାମଙ୍ଗଳବାର କଥା କହିଲା । ଓଷା ପୂଜିଲା । ଅର୍ଘ୍ୟ ଦେଲା । ଧୂପ ଦେଲା । ଭୋଗ ଦେଲା । ଠାକୁରାଣୀଙ୍କ ବରତ ହାତରେ ବାନ୍ଧିଲା । ପୋଛା ପରସାଦ ଖେନିଲା । ଆଉ ପୋଛା ପରସାଦ ଗୁରୁଷ୍ଟ ପୁଅ ନାମରେ ପକାଇଲା ।" ଏପରି ବିଧିରେ ଓଷା ପୂଜିବା ଫଳରେ ସାଧବ ଓ ତା' ସାତ ପୁଅଙ୍କ ଶୃଙ୍ଖଳ ଫିଟିଗଲା ଏବଂ ସେମାନେ ଘରକୁ ବାହୁଡ଼ିଲେ ।

କଥାଟା ରଜାଙ୍କ କାନକୁ ଗଲା । ସେ ସାଧବ ଓ ତା' ସାତ-ପୁଅଙ୍କୁ ଘାତକ ଦ୍ୱାରା ହଣାଇ ଦେଲେ । ସାଧବାଣୀ ଠାକୁରାଣୀଙ୍କ ଆଦେଶ କ୍ରମେ ଓଷା ପୂଜିଲା । ଦୁବ ପ୍ରସାଦ ଖେନିଲା । ସେମାନେ ହଣା ହୋଇପଡ଼ିଥିବା ସ୍ଥାନକୁ ଗଲା । ସେମାନଙ୍କର ମୁଣ୍ଡ ଗଣ୍ଡି ଏକାଠି କରି ଦୁବ ପ୍ରସାଦ ଛୁଇଁ ଦେଲା । ସେମାନେ ଜୀଇ ଉଠିଲେ ।

ଏହାପରେ ରଜା ଆଉ ଥରେ ଶୂନ୍ୟ ଓ ଅଗମ୍ୟ ଅରଣ୍ୟରେ ସାଧବ ଓ ତା' ପୁଅମାନଙ୍କୁ ମୁଣ୍ଡକାଟ ଦଣ୍ଡ ଦେବା ପରେ ମଧ୍ୟ ଦେଖାଗଲା ଯେ ସେମାନେ ଜୀଇ ଯାଉଛନ୍ତି । ରଜା ଘଟଣାଟା ବୁଝିବାକୁ ମନ ବଳାଇଲେ । ସାଧବାଣୀକୁ ଡକାଇ ପଚାରିଲେ । ସେ କହିଲା ଯେ ମନ୍ତ୍ର ଯନ୍ତ୍ର କିଛି ଜାଣିନାହିଁ । ମଙ୍ଗଳା ତା'ର ଭରସା । ସେ ନିଶାର୍ଦ୍ଧରେ ମନ-ବଚନ କର୍ତ୍ତବ୍ୟରେ ତାଙ୍କର ସେବା କରେ । ତାଙ୍କର ଓଷା ପୂଜାକରି ବ୍ରତ ଖେନି ଦୁବ ଓ ପୋଛା ପ୍ରସାଦ ପୁଅ ଗେରସ୍ତଙ୍କ ଉପରେ ଛୁଇଁଲେ ଏବଂ ସେମାନେ ବଞ୍ଚି ଉଠନ୍ତି । ଆଶ୍ୱିନ ମଙ୍ଗଳବାର ଦିନ ତ୍ରିକଂଶାଳ ଲିପାପୋଛା କରି ଶ୍ରୀ ସର୍ବମଙ୍ଗଳାଙ୍କର ଓଷା କରିବାର ଫଳ । ରଜାଙ୍କ ଆଦେଶରେ ଅନେକଶୋଳ ରାଣୀ ଏହା ଓଷାକଲେ ।

ଓଡ଼ିଶା କୋହିନୂର ପ୍ରେସ୍ ଦ୍ୱାରା ପ୍ରକାଶିତ ପଦ୍ୟରେ ଉଭୟ ନିଶାମଙ୍ଗଳବାର ଓଷା କଥାରେ ଥିବା ଗପଟି ଟିକିଏ ଭିନ୍ନ ଧରଣର । ଥରେ ବିକ୍ରମାଦିତ୍ୟ ରାଜାଙ୍କ ନଗ୍ରକୁ ବୁଢ଼ୀଟିଏ କୋଳି ବିକି ଆସିଲା । ସେଦିନ ଆଶ୍ୱିନ ଶୁକ୍ଳପକ୍ଷ ମଙ୍ଗଳବାର । କେହି କୋଳି କିଣିଲେ ନାହିଁ । ପିଲାଙ୍କର ସିନା କୋଳିରେ ଶରଧା । କିନ୍ତୁ ସେ ରାଜ୍ୟରେ ମନୁଷ୍ୟ ପଶୁପକ୍ଷୀ ବୃକ୍ଷ ସମସ୍ତେ ବନ୍ଧ୍ୟା । ଲୋକେ କାହା ପାଇଁ କୋଳି କିଣିବେ ? ବୁଢ଼ୀଟି ବାହୁଡ଼ିବା ବାଟରେ ମଲ୍ଲିକା ଘାସିଆଣୀକୁ ଦେଖିଲା । ନଗର ବାହାରେ ମଲ୍ଲିକାର କୁଡ଼ିଆ । ରାଜ ନଅର ଓଳେଇବା ତା' କାମ । ସେ ବୁଢ଼ୀ ସାଙ୍ଗେ କଥା ଭାଷା ହେଲା । ବୁଢ଼ୀ ଆଗରେ ନଗର ବାସୀଙ୍କ ଦୁଃଖ ଜଣାଇଲା । ବୁଢ଼ୀ କହିଲା--"ମୁଁ ତ ଏକଥା ଜାଣିନାହିଁ ? କିନ୍ତୁ କିଏ ଯଦି ମୋ ଠାରୁ କୋଳି କିଣି ଓଷା କରନ୍ତା ତେବେ ତା'ର ନିଶ୍ଚୟ ପୁଅ ଝିଅ ହୁଅନ୍ତା ।" ମଲ୍ଲିକା ବୁଢ଼ୀର ଗୋଡ଼ତଳେ ପଡ଼ି ଓଷାବିଧି ଜାଣିବାକୁ ଚାହିଁଲା । କୋଳି ବିକାଳି ବୁଢ଼ୀ ନିଜେ ମଙ୍ଗଳା । ସେ ମଲ୍ଲିକା ଉପରେ ସନ୍ତୁଷ୍ଟ ହେଲେ । ଓଷା ବିଧି ବତାଇ ଦେଲେ ।

ମଲ୍ଲିକା ଯଥା ବିଧିରେ ଓଷା ପୂଜା କଲା । ପ୍ରତିବର୍ଷ ଓଷା ପୂଜା କଲା । ତିନିଥର ଯାଆଁଳା ପୁଅ ଓ ଚତୁର୍ଥ ଗର୍ଭରେ ପୁଅଟିଏ ଓ ଝିଅଟିଏ ପାଇଲା । ନିଶାର୍ଦ୍ଧରେ ଓଷା ପୂଜା କରି ମଲ୍ଲିକାର ସନ୍ତାନ ପ୍ରାପ୍ତି କଥା ରାଜାଙ୍କ କାନକୁ ଗଲା । ରାଜା ମଧ୍ୟ ପୁତ୍ର ପ୍ରାପ୍ତି ପାଇଁ ଓଷା ପୂଜାଇଲେ । ଓଷା କଥାରେ ଅଛି—

"ପୂଜାର ସକଳ ଦ୍ରବ୍ୟ ସଂଗ୍ରହ କରାଇ,
ମଲ୍ଲିକା ହସ୍ତରେ ଦେଲେ ଚଳି ତ୍ୱରା ହୋଇ ।
ଗୃହରେ ପ୍ରବେଶ ହୋଇ ଉପବାସ କଲା,
ଗୃହ ଲିପି ଚୂର୍ଣ୍ଣ ଆଣି ଆଳପନା ଦେଲା ।
ଫୁଲ ଯେ ଚନ୍ଦନ ଆଦି ଅରୁଆ ଚାଉଳ,
କଞ୍ଚାକଳସ, କଦଳୀ ଭଣ୍ଡା ଆମ୍ବ ଡାଳ ।

ହଳଦୀ ଗନ୍ଧାକୁ ଆଣି ଏକତ୍ର ରଖିଲ୍ଲ,
କ୍ଷୀର ଯେ ଖେଚେଡ଼ି ନାନା ବର୍ଣ୍ଣ ପିଠାକଲ୍ଲ ।
ମଙ୍ଗଳା ନାମରେ ପୁଣି ଘଟେକ ସ୍ଥାପିଲ୍ଲ,
ଗୁଗ ମେଷ ବଳି ଦ୍ରବ୍ୟ ସ୍ନାନ କରାଇଲ ।
ଭୁରୁଡ କୋଳିକୁ ତହୁଁ ରଖି ପୂଜା ସ୍ଥାନେ,
ମଙ୍ଗଳା ସୁମରି ପୂଜା କଲାକ ଯତନେ ।
ନାନାବିଧ ମିଷ୍ଟାନ୍ନ କୁକୁଟ ମାଂସ ମଦ୍ୟ,
ବଳି ଦେଇ ମଙ୍ଗଳାଙ୍କୁ କଲାକ ନୈବେଦ୍ୟ ।”

ସେ ଏହିପରି ପୂଜା କରି ସାରି ରଜାଙ୍କର ଫୁଲ ଚଢ଼ାଇ ଅନେଶୋତ ରାଣୀଙ୍କ ପାଇଁ ଅନେଶୋତ ପୁତ୍ର କାମନା କଲା । ଏହି ସମୟରେ ରାଜା ମଧ୍ୟ ପୁଅ ହେଲେ ଶିର କମଳ ଲଗାଇବେ ବୋଲି ମାନସିକ ଜଣାଉଥିଲେ । ମଲ୍ଲିକା ତାହା ଜାଣେ ନାହିଁ । ସେ କେବଳ ଜଣାଇ ଥିଲା ଯେ ପୁଅ ହେବା ପରେ ରାଣୀମାନେ ଏ ଓଷା କରିବେ । ଯଥା ସମୟରେ ରାଣୀମାନଙ୍କର ପୁଅ ହେଲେ । ପରବର୍ତ୍ତୀ ଆଶ୍ୱିନ ଶୁକ୍ଳପକ୍ଷ ମଙ୍ଗଳବାର ଦିନ ମାନସିକ ଅନୁସାରେ ଓଷା ପୂଜାର ଆୟୋଜନ ଓ ଅନୁଷ୍ଠାନ ହେଲା ।

ସବ ମଙ୍ଗଳାଙ୍କ ଘଟ ସ୍ଥାପନ ହେଲା । ରାଜାରାଣୀ ସ୍ନାନକରି ନିଶାର୍ଦ୍ଧରେ ପୂଜା ସ୍ଥାନରେ ପହଞ୍ଚିଲେ । ହୁଳ ହୁଳି ପଡ଼ିଲା । ଧୂପ ଦୀପ ଆଦି ଦେଲେ । ବାଦ୍ୟ ବାଜିଲା । କ୍ଷୀର ଖେଚୁଡ଼ି ବଢ଼ା ହେଲା । ମୃଗ କୁକୁଡ଼ା ବଳି ପଡ଼ିଲା । କିନ୍ତୁ ମଲ୍ଲିକା ଦେଖିଲା ଦେବୀଙ୍କ ଖପର ପୂରିନାହିଁ । ରାଜା ଆଉ କିଛି ମାନସିକ କରିଥିଲେ କି ବୋଲି ସେ ପଚାରିଲା । ରାଜା ନିଜର ମାନସିକ କଥା ମନେ ପକାଇଲେ । ଖିଅର ହେଲେ । ସ୍ନାନ କଲେ । ମାନସିକ ଅନୁସାରେ ଦେବୀଙ୍କ ନିକଟରେ ନିଜର ଶିରକମଳ ଦେବାକୁ ପ୍ରସ୍ତୁତ ହେଲେ । ମଙ୍ଗଳା ରାଜାଙ୍କ ଭକ୍ତି ଜାଣିଲେ । ପ୍ରସନ୍ନ ହୋଇ ବର ଦେଲେ । ରାଜ୍ୟରେ ଓଷା ପ୍ରଚାର ହେଲା ।

## ଖୋଲପାଳ ମଙ୍ଗଳବାର

କୁମାର ପୂର୍ଣ୍ଣିମା ଠାରୁ ଦୋଳ ପୂର୍ଣ୍ଣିମା ଭିତରେ ଏହା ପାଳନ କରାଯାଏ ।

ରାଜାର ନାଆଁ ସାହାଣ ବାହାଣ । ସେ ରାଜ୍ୟର ରାଜାପୁଅ ମନ୍ତ୍ରୀପୁଅ ଦୁଇ ମଇତ୍ର । ଦୁହେଁ ବିଦେଶ କରି ଗଲେ । ରାଜାପୁଅ ହାତୀରେ ବସିଲା । ମନ୍ତ୍ରୀପୁଅ ଘୋଡାରେ ବସିଲା । ସେମାନେ ଯାଇ ବିକ୍ରମାଦିତ୍ୟଙ୍କ ରାଜ୍ୟରେ ପହଞ୍ଚିଲେ । ସେଠାରେ ରାଜଜେମା ଖୋଲପାଳ ମଙ୍ଗଳବାର ଓଷା ପୂଜାକରୁଥିଲେ । ରାଜା ତାଙ୍କପାଇଁ ଉପଯୁକ୍ତ ପାତ୍ର ଖୋଜୁଥିଲେ । ଏହି ସମୟରେ ରଜାଝିଅ ରଜାପୁଅକୁ ହାତୀରେ ଚଢ଼ି ଯାଉଥିବାର ଦେଖିଲା । ମନେ ମନେ ତାକୁ ବରଣ କଲା । ରାଣୀଙ୍କପାଖକୁ ଖବର ପଠାଇଲା । ରଜା ଦୁଇମଇତ୍ରଙ୍କୁ ଡକାଇ ଆଣିଲେ । ରାଜଜେମାକୁ ରାଜାପୁଅ ଓ ମନ୍ତ୍ରୀ ଝିଅକୁ ମନ୍ତ୍ରୀପୁଅ ବିବାହ କଲେ । ଦୁହେଁ ଯାକ ସେହି ରାଜ୍ୟରେ ରହିଲେ ।

ଦିନେ ରଜାପୁଅ ନବରରେ ବିଜେକରିଛନ୍ତି । ଦେଖିଲେ ରାଜଜେମା ବସିଛନ୍ତି । ସେ ଖୋଲପାଳ ମଙ୍ଗଳବାର ପୂଜି ହାତରେ ବ୍ରତ ବାନ୍ଧିଛନ୍ତି । ସେ ଜେମାଙ୍କୁ କହିଲେ—"ରଜାଝିଅ ତୁମ୍ଭେ । ଅନେକଗୋଟି ରାଣୀରେ ରଜାରଝିଅ । ତୁମ୍ଭ ହାତେ ସୂତା ବରତ । ସୁନାବରତ, ସୁନାଦୁବ ନାଆନ୍ତ କିନା !" ଏହା କହି ବ୍ରତଟି ଛଡାଇ ଝରକ ତଳକୁ ପକାଇ ଦେଲେ । ବାହାରକୁ ଗଲେ । ଯୁଙ୍କ ଉପରେ ଠାକୁରାଣୀଙ୍କର କୋପ ପଡ଼ିଲା ।

ରଜାଙ୍କ ମନରେ ସନ୍ଦେହ ହେଲା । ସେ ନିଜ ନୂତନ ଜାମାତା ରଜାପୁଅକୁ ବନ୍ଦୀକଲେ । ଅନେକଗୋଟି ରାଣୀ କାନ୍ଦିଲେ । ରଜାଝିଅ କାନ୍ଦିଲା । ଦୁର୍ଗା ନିଷ୍ଠାରେ ଠାକୁରାଣୀଙ୍କୁ ପୂଜିଲେ । ଖୋଲପାଳ ମଙ୍ଗଳବାର ବ୍ରତ ପାଳିଲା । ଠାକୁରାଣୀଙ୍କୁ ମାନସିକ କରି କହିଲା—"ବାପଘରେ ଗୁଣକେ କରିଛି । ଗିରସ୍ତ ଘରେ ଦିଗୁଣ ପୂଜିବି ।

ବନ୍ଦୀ ଫିଟିଯାଉ ମୋ ଚିରସ୍ତ” । ରଜାପୁଅ ମଧ୍ୟ ସେଭଳି ବେଳେ ନିବେଦନ କରି କହୁଥିଲା—“ଗୋସାଇଁ ନ ଜାଣି ଦୋଷ କଲୁ । ତା’ କ୍ଷମା କର । ଏଠାରେ ଗୁଣେ ପୂଜୁଛୁ । ମୋ ରାଜ୍ୟ ଦ ଗୁଣେ ପୂଜିବ ।” ଠାକୁରାଣୀ ପ୍ରସନ୍ନ ହେଲେ । ରାଜା କଣ୍ଟେ ବଜେକଲେ । ରାଜା ଆଦେଶରେ ସେ ବନ୍ଧମୁକ୍ତ ହେଲେ ।

ଏହି ଘଟଣା ଘଟି ଯିବାରୁ ରାଜାପୁଅ ମନରେ ଚେତା ପଶିଲା । ସେ ଜେମାଙ୍କ ପାଖକୁ ଆସିଲେ । ବାପଘରୁ ମେଲାଣି ମାଗିବାକୁ କହିଲେ । ନିଜର ମନକଥା ଫିଟାଇ କହିଲେ—“ଆଜି ବନ୍ଦୀ କଲେ । କାଲି ଫାଶି ପକାଇ ଥାନ୍ତେ । ତେଣୁ ନିଜ ରାଜ୍ୟକୁ ଫେରିବା ।” ଜେମାଙ୍କ ପରାମର୍ଶରେ ସେଠାରେ ଆଉ କିଛି ଦିନ ବିତାଇ ଦୁଇ ସଙ୍ଗାତ ନିଜ ନିଜ ପତ୍ନୀଙ୍କୁ ଧରି ଉପଯୁକ୍ତ ମର୍ଯ୍ୟାଦାର ସହିତ ବାହୁଡ଼ିଲେ ।

ନିଜ ରାଜ୍ୟରେ ପହଞ୍ଚିଲେ । ଶୁଣିଲେ ସେମାନେ ଯିବା ଦିନରୁ ବାପ ମା’ ଅନ୍ଧ ପୁଟୁଳି ବାନ୍ଧି ବସିଛନ୍ତି । ଖବର ଦେଲେ । ବାପ ମାଆଙ୍କ ଆଖିରୁ ଅନ୍ଧ ପୁଟୁଳି ଫିଟିଲା । ରାଜ୍ୟସାରା ଆନନ୍ଦ । ରଜା, ମନ୍ତ୍ରୀଙ୍କ ଘରେ ଆନନ୍ଦର ସୀମା ନାହିଁ । ନିଜ ନିଜର ପୁଅ ବୋହୂ-ମାନଙ୍କୁ ପାଛୋଟି ନେଇ ଉତ୍ସବ କଲେ ।

ରାଜା ପୁଅଠାରୁ ସବୁକଥା ଶୁଣିଲେ । ବିକ୍ରମାଦିତ୍ୟଙ୍କ ରାଜ୍ୟରେ ପହଞ୍ଚିବା, ସେଠାରେ ରାଜଜେମାଙ୍କୁ ବିବାହ କରିବା, କିଛିଦିନ ପରେ ରାଜାଙ୍କ ଦ୍ୱାରା ବନ୍ଦୀ ହେବା, ଷୋଳ ପାଳି ମଙ୍ଗଳବାର ଓଷାର ମହିମାରୁ ପୁନଶ୍ଚ ମୁକ୍ତିଲାଭ କରିବା ଘଟଣା ତାଙ୍କୁ ବିଚଳିତ କଲା । ସେ ଭାବିଲେ, ବିକ୍ରମାଦିତ୍ୟ ତାଙ୍କ ପୁଅକୁ ବନ୍ଦୀ କରିଥିଲେ । ହୁଏତ ଫାଶି ଦେଇଥାନ୍ତେ । ସେପରି ହୋଇଥିଲେ ସେ ଆଉ କୋଉ ସଂସାରରେ ଥାଆନ୍ତେ ? ସେ ପୁଣି ଭାବିଲେ ଏଥିପାଇଁ ମନ୍ତ୍ରୀଙ୍କ ପୁଅ ଦାୟୀ । ସେଠିକି ଯିବାରୁ ସିନା ବନ୍ଦୀ ହେବାକୁ ପଡ଼ିଲା । ତାଙ୍କ

ମନରେ କ୍ରୋଧ ହେଲା । ସେ ମନ୍ତ୍ରୀ ପୁଅକୁ ବନ୍ଦୀ କଲେ । ମିତ୍ରର ବିପତ୍ତି ଦେଖି ରାଜାପୁଅ ମନଦୁଃଖ କଲେ । ଜେମାକୁ କହିଲେ । ଜେମା ଓଷା ଦୁବ ପ୍ରସାଦ ଦେବାରୁ ମନ୍ତ୍ରୀ ପୁଅର ଭାଗ୍ୟ ବଦଳିଲା । ସେ ମୁକ୍ତ ହେଲେ । ଷୋଳପାଳି ମଙ୍ଗଳବାରର ମହିମା ରାଜ୍ୟରେ ପ୍ରଚ୍ଛରିତ ହେଲା ।

## କାର୍ତ୍ତିକ ଗୁରୁବାର

ଚତୁର୍ମାସ୍ୟ ଗୁରୁବାର କଥା ଭିତରୁ ଶ୍ରାବଣ ଆଶ୍ୱିନ ମାସର ଗୁରୁବାର କଥା ପୂର୍ବରୁ ଆଲୋଚିତ ହୋଇଛି । କାର୍ତ୍ତିକ ଗୁରୁବାର କଥାର ପୂଜା ବିଧିରେ ପାର୍ଥକ୍ୟ ନାହିଁ । କିନ୍ତୁ ଓଷାକଥାଟି ଭିନ୍ନ । ଏଥିରେ ଲକ୍ଷ୍ମୀ ଠାକୁରାଣୀ ଚକୁଳିଆ ପଣ୍ଡାର ଝିଅ ହୋଇ ଜନ୍ମ ହେବାର କାହାଣୀ ବର୍ଣ୍ଣିତ ।

ଚକୁଳିଆ ପଣ୍ଡା ଗାଏଁ ଗଲେ ମାଣେ ଆଣେ । ଦୁଇ ଗାଆଁ ଗଲେ ମାଣେ ଆଣେ । ବଡ ଦରିଦ୍ର ଅବସ୍ଥା । ଥରେ ଝଡ଼ିବର୍ଷା ହେଲା । ସେ କୁଆଡେ ଯାଇ ପାରିଲା ନାହିଁ । କିଛି ଦିନ ଉପାସ ଶୋଇଲେ । ପଣ୍ଡିଆଣୀ ବଡ଼ ବ୍ୟସ୍ତ ହେଲା । ଦିନେ ସକାଳ ହେଲାରୁ ପଣ୍ଡାକୁ ଉଠାଇଲା । କିଛି ଆଣିବାକୁ ତ ହେବ । କେତେ ଦିନ ଅବା ଉପାସ ଭୋକରେ କଟାଇବେ । ପଣ୍ଡା ଘରୁ ଗୋଡ କାଢ଼ିଲା ।

ପଣ୍ଡା ଚାଲିଛି । ଗାଁ ଗଣ୍ଡା ପଡ଼ିଲେ ଚଙ୍କ ଭିକ୍ଷା ଗୀତ ଗାଇ ଗାଇ ବୁଲିବ । ମାଣେ କଣେ ମିଳିବ । ଏଇ ତା'ର ଆଶା । ଯାଉ ଯାଉ ବାଟରେ ଜଙ୍ଗଲ ପଡ଼ିଲା । ଅଗନା ଅଗନ ବନସ୍ତ । ମାସ୍ତୁ ଅଜଗରଟିଏ ଦେଖିଲା । ତାକୁ କାଟିଲା । ଶିଆଳୀ ପତ୍ରରେ 'ଦନା' ସିଇଁଲା । ସେଥିରେ ସେତକ ପୂରାଇଲା । ପଦ୍ମ ପୋଖରୀକୁ ଗଲା । ଧୁଆ ଧୋଇ କରି କୂଳରେ ଥୋଇଲା । ଗାଧୋଇବା ପାଇଁ ଗଲା-ବେଳକୁ ଦେଖିଲା, ଠାକୁରାଣୀ ପଦ୍ମପତ୍ର ଗୋଟିକରେ ଶୋଇଛନ୍ତି ।

ପଦ୍ମନାଡ଼ ଟିଏ ଲଗିଛି । ସୁନ୍ଦର ଝିଅଟିଏ । ପଣ୍ଡା ଧରିବାକୁ ହାତ ବଢ଼ାଇଲା । ଠାକୁରାଣୀ ଘୁଞ୍ଚି ଘୁଞ୍ଚି ଗଲେ । ପଣ୍ଡା ପାଣିରେ ପଶିଲା । ଆଣ୍ଠୁଏ, ଜଙ୍ଘେ, ବେକେ, ଏମିତି କ୍ରମେ ପାଣିରେ ପଶୁଥାଏ ହାତ ବଢ଼ାଉଥାଏ । ନାକେ ପାଣିରେ ପଶିଲାବେଳକୁ ଠାକୁରାଣୀ ଭାବିଲେ— "ଚଣ୍ଡାଳ ଆଜ ମୋ ଉପରେ ହତ୍ୟା ଦେବ ।" ଏପରି ଭାବି ଧରାଦେଲେ ।

ଠାକୁରାଣୀଙ୍କୁ ପାଇବା ପରେ ପରେ ତା'ର ଅଦ୍ଭୁତ ପରିବର୍ତ୍ତନ ଘଟିଲା । ଛିଣ୍ଡାକନା ଚଉପ [ଉତ୍ତମ ବସ୍ତ୍ର] ହେଲା । ଛିଣ୍ଡା ପଇତା ନବଗୁଣ ପଇତା ହେଲା । କୁଶମୁଦ୍ରି ହୀରାମୁଦ୍ରି ପାଲଟିଲା । ଏଥି ସହିତ ତା' ଘରର ଅବସ୍ଥା ବି ବଦଳି ଗଲା । ତା' ପାଇଁ ବିଶ୍ୱକର୍ମା ଉଆସ ତୋଳିଦେଲେ । କୁବେର ସେଥିରେ ଧନରତ୍ନ ଭରିଦେଲେ । ଇନ୍ଦ୍ର-ଗୋବିନ୍ଦ ଗୁନ୍ଦୁଆ, ମାଣିକ୍ୟ ଦୀପାବଳୀ ରତ୍ନ ହାଣ୍ଡୋଲା କାହିଁରେ ଊଣା ହେଲା ନାହିଁ । ଠାକୁରାଣୀ ଝିଅ ହୋଇ ବିଜେକଲେ । ପଣ୍ଡା ଆଉ ପୋଖତ ହୋଇ ବସିଲା । ଯଥାବିଧି ଜାତକର୍ମ ହେଲା ।

ରାଜନଅରରୁ ଡାକରା ଆସିଲା । ପଣ୍ଡା ବଡ଼ପଣ୍ଡା ପଦେ ପାଇଲେ । ସେ ଲକ୍ଷ୍ମୀଙ୍କ ଝିଅପାଇ ସ୍ୱର୍ଗସୁଖ ମଣିଲେ । ଝିଅଟି କ୍ରମେ ବଡ଼ହେଲା । ପଣ୍ଡାଙ୍କର ଚିନ୍ତା । ବ୍ରାହ୍ମଣ ଘରେ ଝିଅ କେତେକାଳ ରହିବ । କିନ୍ତୁ ତା' ଲାଗି ବରକାହିଁ ମିଳିବ ? ଇନ୍ଦ୍ରଙ୍କୁ ଦେବ ନା ବରୁଣଙ୍କୁ ଦେବ । କିଏ ତା'ର ଜ୍ୱାଇଁ ହେବ ? ଏଇ ପ୍ରଶ୍ନ ତା' ମନ ଭିତରେ ଖେଳୁଥାଏ । ଦିନେ ରାତିରେ ଭାବିଲା— ଯାହାକୁ କାଲି ସକାଳେ ଦୁଆରେ ଦେଖିବ ତାକୁ ଦେବ ।

ରାତି ପାହି ସକାଳ ହେଲା। ପଣ୍ଡାଘର ଦାଣ୍ଡଦୁଆରେ ଚତୁର୍ବେଦ ଉଚ୍ଚାରଣ ଶୁଭିଲା । ଦେଖିଲା ବେଳକୁ ଜଣେ ବୃଦ୍ଧ ବ୍ରାହ୍ମଣ ବେଦଗାନ କରୁଛନ୍ତି । ପିଠିକୁଜା । ଗୋଡ଼ ଗୋଦର । ଦେହରେ ପରିଧାନ କହିଲେ ସାତ ଗଣ୍ଠି କନା । ହାତକେ କଣା ଗଡୁ । ହାତକେ ଛିଣ୍ଡା ଛତା । କାଖରେ ବେଦ-ପୋଥି । ଏହି ବୃଦ୍ଧ ବ୍ରାହ୍ମଣଙ୍କୁ ଦେଖି

ଚକୁଳିଆ ପଣ୍ଡାର ମନ କଅଣ ହୋଇଗଲା । ସ୍ଥିର ତ କରି ଦେଇଛି ଉପାୟ କ'ଣ ? ପରିଚୟ ପଚାରିଲା । ସେ ବାସୁଦେବ ପଣ୍ଡାଙ୍କ ପୁଅ । ତାଙ୍କ ନାମ ଜଗନ୍ନାଥ ପଣ୍ଡା । ଘର ଦ୍ୱାରକା । ପରିଚୟ ପରେ ବିବାହ ସଂପନ୍ନ ହେଲା । ସେଦିନକ ପଣ୍ଡାଘରେ ରହି ବରକନ୍ୟା ତହିଁ ଆରଦିନ ବଡ ଦେଉଳକୁ ବିଜେକଲେ ।

ବିଦାହୋଇ ଆସିଲା ବେଳକୁ ପଣ୍ଡିଆଣୀ ଅଚେତ ହୋଇ ଶୋଇଥିଲେ । ଝିଅ ନାଭିରୁ ପଦ୍ମଟିଏ ଉକୁଟାଇ ଭଣ୍ଡାରେ ଥୋଇଲେ । ବିଦାହୋଇ ଆସି ବଡଦେଉଳେ ବିଜେକଲେ । ଚତୁର୍ମାସ୍ୟା ଓଷା କଥା-ଗୁଡିକରେ ଲକ୍ଷ୍ମୀ ପୁଣି ବଡ ଦେଉଳର ଲକ୍ଷ୍ମୀ ଠାକୁରାଣୀ ।

## ରାଇ ଦାମୋଦର

ଏହି ବ୍ରତ କାର୍ତ୍ତିକ ମାସ ଆରମ୍ଭରୁ ପାଳିତ ହୁଏ । ଏହା ଗୋଟିଏ ସର୍ବଭାରତୀୟ ବ୍ରତ । କିନ୍ତୁ ଓଡ଼ିଶାରେ ବିଶେଷ ଭାବରେ ପ୍ରଚଳିତ । ଓଡିଆରେ ବଳରାମ ଦାସଙ୍କ ନାମରେ ଭଣିତା ଥିବା ରାଇ ଦାମୋଦର ବ୍ରତକଥା ଏବଂ ରଘୁନାଥ ଦାସଙ୍କ ନାମରେ ଭଣିତ ରାଇ ଦାମୋଦର ବ୍ରତ ଏବଂ ଲକ୍ଷ୍ମୀ ନାରାୟଣ କଉଡ଼ି ଖେଳ, ବାଲୁଙ୍କା ପୂଜା ଆଦି ଥିବା ପୁସ୍ତକ ପ୍ରକାଶିତ ହୋଇଛି । ଏଥିରେ ବ୍ରତର କାହାଣୀ ଓ ପୂଜା ବିଧିର ଉଲ୍ଲେଖ ମିଳେ । କାର୍ତ୍ତିକ ମାସରେ ପଚିଶ ଦିନ ରାଇ ଦାମୋଦରଙ୍କୁ ଏବଂ ଅବଶିଷ୍ଟ ପାଞ୍ଚଦିନ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଏ । ବ୍ରତକଥାର କଳ୍ପନା, ଗଠନ ପରିବେଶ ଓ ପ୍ରକାଶ ଭଙ୍ଗୀରେ ନିରୋଳ ଉତ୍କଳୀୟତା ପରିଲକ୍ଷିତ ହୁଏ ।

ଶ୍ରୀମନ୍ଦିରର ବଡପଣ୍ଡାଙ୍କ ପିତୃଶ୍ରାଦ୍ଧ ଅବସରରେ ଜଗନ୍ନାଥଙ୍କୁ ନିମନ୍ତ୍ରଣ କରାଗଲା । ସେଠାରେ ବଡପଣ୍ଡାଙ୍କ କନ୍ୟା ରାଇଙ୍କୁ ଦେଖି ଜଗନ୍ନାଥ ବିବାହ କଲେ । କେତେଦିନ ସୁଖରେ କଟିଗଲା ପରେ ଚେତା ପଶିଲା । ଲକ୍ଷ୍ମୀଙ୍କ ପ୍ରତି ଭୟ, ଏଣେ ରାଇଙ୍କ ପ୍ରତି ମମତା । ବଡ ଅଡୁଆରେ ପଡ଼ିଲେ । ଶ୍ୱଶୁର ବଡ ପଣ୍ଡାଙ୍କୁ ବୁଝି କହିଲେ—

"ରାଇ ଗର୍ଭବତୀ ହୋଇଛନ୍ତି । ଏଠାରେ ଥାଉ । ତା'ର ପେଟରୁ ପୁଅ ହେବ ତା ନାଁ ଦେବ ମକରଧ୍ୱଜ ।" ରାଇଙ୍କୁ ମଧ୍ୟ ଅନୁରୂପ କଥା କହିଲେ । ରାଇ କହିଲେ—"ମୁଁ ତୁମବିନା କିପରି ବଞ୍ଚିବି ?" ଦାମୋଦର ସଙ୍ଗେ ସଙ୍ଗେ ବୁଝାଇ ଦେଲେ ଯେ ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ହେବ । ତାହା କରି ପାରିଲେ ସେ କାର୍ତ୍ତିକ ମାସଟି ଦାମୋଦରଙ୍କ ସହିତ ପୂଜା ପାଇ ପାରିବେ ।

ରାଇ ଲକ୍ଷ୍ମୀଙ୍କୁ ସେବା କଲେ । ଲକ୍ଷ୍ମୀ ସନ୍ତୁଷ୍ଟ ହେଲେ । ବର ମାଗିଲେ । ଚତୁରୀ ରାଇ ଦାମୋଦରଙ୍କୁ ହିଁ ମାଗିଲେ । ଲକ୍ଷ୍ମୀଙ୍କ ମୁଣ୍ଡରେ ବଜ୍ର ପଡ଼ିଗଲା ପରି ଲାଗିଲା । କହିଲେ—"ମୁଁ ତ ତାଙ୍କୁ ଦେଇ ପାରିବି ନାହିଁ ।" ରାଇ କହିଲେ—"ଯଦି ପୂରା ଦେଇ ନପାରିବେ ତେବେ କାର୍ତ୍ତିକ ମାସଟି ପାଇଁ ଦିଅନ୍ତୁ ।" ଲକ୍ଷ୍ମୀ ବଡ ଅଡୁଆରେ ପଡ଼ିଲେ । ବର ଯାଚିଛନ୍ତି ତ ଆଉ କ'ଣ କରିବେ । ତିରିଶ ଦିନ ପାଇଁ ରାଜି ହୋଇଗଲେ । ଫଳରେ କାର୍ତ୍ତିକ ମାସର ଚବିଶଟି ଦିନପାଏ ରାଇ ଦାମୋଦରଙ୍କ ସଙ୍ଗେ ପୂଜା ପାଇବାର କଥା ହୋଇଗଲା । ଅବଶିଷ୍ଟ ପାଞ୍ଚଦିନ ଦାମୋଦର ବା ନାରାୟଣ ଲକ୍ଷ୍ମୀଙ୍କ ସହିତ ପୂଜା ପାଇବାର ସ୍ଥିର ହେଲା । ଏଥିରେ ରାଇ ମଧ୍ୟ ରାଜି ହୋଇଗଲେ ।

ଖେଳିବା ସମୟ ହେଲା । ଲକ୍ଷ୍ମୀ ନାରାୟଣ ଜୁଆ ଖେଳ ବସିଲେ । ନାରାୟଣ ହାରିଲେ । ଏମିତି ଖେଳୁ ଖେଳୁ ସକାଳ ହୋଇଗଲା । ନାରାୟଣ ପଚାରିଲେ—"ଆଗୋ ଲକ୍ଷ୍ମୀ, ରାଇଙ୍କୁ ମୋ ସଙ୍ଗେ ପୂଜା ପାଇବା ପାଇଁ ତୁମେ ଏମିତି ଅଡୁଆ ବରଟିଏ କେମିତି ଦେଲ ? ମୁଁ ତ ତୁମକୁ ଛାଡ଼ି ପାରିବି ନାହିଁ ।"

ଲକ୍ଷ୍ମୀ ସବୁ ବୁଝିଥିଲେ । କହିଲେ— "ଏତ ଆପଣଙ୍କ ଭିଆଣ । ଆପେ ରାଇକୁ ବିଭା ହୋଇ ଏପରି ଯୋଜନା କରିଛନ୍ତି । ପୁଣି ଏହା ଭୁଲି ଯାଉଛନ୍ତି କିପରି ?"

ବ୍ରତ କଥାରେ ରାଇଦାମୋଦର ଓ ଲକ୍ଷ୍ମୀ ନାରାୟଣଙ୍କ ପ୍ରସଙ୍ଗ ବଡ଼ ସୁନ୍ଦର ଭାବେ ବର୍ଣ୍ଣିତ ହୋଇଛି । ବ୍ରତକଥା ସହିତ ପ୍ରଚଳିତ ରାଇ ଦାମୋଦର ଗୀତରେ ହବିଷ ପାରଣା ଓ ଲକ୍ଷ୍ମୀନାରାୟଣଙ୍କ ପଶାଖେଳର ଚମତ୍କାର ବର୍ଣ୍ଣନା ମିଳେ । ଏଥିରେ ରାଇ, ଲକ୍ଷ୍ମୀ, ସୀତା ଇତ୍ୟାଦିଙ୍କର ଉଲ୍ଲେଖ ମିଳେ । ତଳେ ସେଥିରୁ କିଛି ଉଦ୍ଧାର କରା ଯାଇଛି—

ସିଦ୍ଧ ସୁବନ୍ୟରେ ମଣ୍ଡପ ହୀରା ମାଣିକ କୋଠି,
ରାଇ ଦାମୋଦର ଖେଳନ୍ତି ହାଥେ କଉଡ଼ି ମୁଠ ।
ଏକମୁଠି ଯୁଗ ଖେଳିଲେ ରାମ ହୋଇଲେ ଧନ୍ଦା,
ହସି ବଇଦେହୀ କହନ୍ତି ଦିଅ ମୁଦିକ ବନ୍ଧା ।

ସିଦ୍ଧ ସୁବନ୍ୟରେ ମଣ୍ଡପ ହୀରା ମାଣିକ କୋଠି
ରାଇ ଦାମୋଦର ଖେଳନ୍ତି ହାଥେ କଉଡ଼ି ମୁଠି ।
ଦୁଇ ମୁଠି ଯୁଅ ଖେଳଣ ରାମ ହୋଇଲେ ଧନ୍ଦା
ହସି ବଇଦେହୀ କହନ୍ତି ଦିଅ ଖଡ଼ୁକୁ ବନ୍ଧା ।

ସିଦ୍ଧ ସୁବନ୍ୟରେ ମଣ୍ଡପ ଚନ୍ଦନ କାଠେ କୋଠି,
ରାଇ ଦାମୋଦର ଖେଳନ୍ତି ହାଥେ କଉଡ଼ି ମୁଠି ।
ତିନି ମୁଠି ଯୁଅ ଖେଳିଲେ ରାମ ହୋଇଲେ ଧନ୍ଦା.
ହସି ବଇଦେହୀ କହନ୍ତି ଦିଅ ବ୍ରତକୁ ବନ୍ଧା ।

ସିଦ୍ଧ ସୁବନ୍ୟରେ ମଣ୍ଡପ ହୀରା ମାଣିକ କୋଠି,
ରାଇ ଦାମୋଦର ଖେଳନ୍ତି ହାଥେ କଉଡ଼ି ମୁଠି ।
ଚାରି ମୁଠି ଯୁଅ ଖେଳିଲେ ରାମ ହୋଇଲେ ଧନ୍ଦା,
ହସି ବଇଦେହୀ କହନ୍ତି ଦିଅ କୁଣ୍ଡଳ ବନ୍ଧା ।

ସିଦ୍ଧ ସୁବନ୍ୟରେ ମଣ୍ଡପ ହୀରା ମାଣିକ କୋଠି,
ରାଇ ଦାମୋଦର ଖେଳନ୍ତି ହାଥେ କଉଡ଼ି ମୁଠି ।
ପାଞ୍ଚ ମୁଠି ଯୁଅ ଖେଳଣ ରାମ ହୋଇଲେ ଧନ୍ଦା,
ହସି ବଇଦେହୀ କହନ୍ତି ଦିଅ ମୁକୁଟ ବନ୍ଧା ।

ସିଦ୍ଧ ସୁବର୍ଣ୍ଣରେ ମଣ୍ଡପ ଚନ୍ଦନ କାଠେ କୋଠି,
ରାଇ ଦାମୋଦର ଖେଳନ୍ତି ହାତେ କଉଡ଼ି ମୁଠି ।
ଛଅ ମୁଠି ଯୁଅ ଖେଳିଲେ ରାମ ହୋଇଲେ ଧନ୍ଦା,
ହସି ବଇଦେହୀ କହନ୍ତି ନାକେ ରହିଲ ବନ୍ଧା ।

## ନାଗଲ ଚଉଠି

କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ମଧ୍ୟାହ୍ନରେ କଦ୍ରିକାଙ୍କ ସହ ପିଙ୍ଗଳ ନାଗ ପୂଜା କରିବା'ର ବିଧି ଓଡ଼ିଶାରେ ପ୍ରଚଳିତ ପଞ୍ଜିକା ଓ ସ୍ମୃତି-ଗ୍ରନ୍ଥ ମାନଙ୍କରେ ଉଲ୍ଲେଖ ଅଛି । ଏହି ସମ୍ପର୍କରେ ଦୁଇଟି ଓଷାକଥା ପ୍ରଚଳିତ । ରଘୁନାଥ ଦାସ କୃତ ନାଗଲ ଚତୁର୍ଥୀ ବ୍ରତକଥା ମୁନିବର ବାଣୀରେ ରଚିତ । ଏହା'ର ଗଳ୍ପାଂଶ ଗଞ୍ଜାମର କେତେକ ଅଞ୍ଚଳରେ ପ୍ରଚଳିତ ନାଗଲ ଚଉଠି ବ୍ରତ କଥାଠାରୁ ଭିନ୍ନ । ପ୍ରଥମେ ରଘୁନାଥ ଦାସଙ୍କ ଦ୍ୱାରା ରଚିତ ନାଗଲ ଚଉଠି ବ୍ରତକଥା ବିଷୟରେ ଆଲୋଚନା କରିବା ।

ଭାରତ ମଣ୍ଡଳରେ କୋଶଳ ବୋଲି ଦ୍ୱୀପ । ସେହି ଦ୍ୱୀପରେ ଚଟାଟିର୍ଣ୍ଣ ନଗର । ତା ନାଆଁ ଅବନ୍ତୀ । ସେଠାରେ ଜଣେ ଧନପତି ସାଧବଙ୍କର ସାତପୁଅ, ସାତ ବୋହୂ ଥାଆନ୍ତି । ସାଧବାଣୀ ସାନ ବୋହୂକୁ ସୁଖ ପାଏ ନାହିଁ । ଧନ ଦରବରେ ଘର ପୁରିଥିଲେ କ'ଣ ହେବ । ସାନ ବୋହୂର ଦୁଃଖ ଗାଆଣି ଗାଇଲେ ସରେ ନାହିଁ । ରାତି ଥାଉଣୁ ଉଠେ । ଅଗଣା ଖରକେ । ଛେରା ପକା'ଏ । ହାଣ୍ଡି ଧୁଏ । କଂସା, ଥାଳି, ଗରା ମାଜେ । ଘର ଦୁଆର ଲିପେ । ଏମିତି ଘର ଗୋଟାକର କାମ ସାରି ବେଳ ବୁଡ଼ିଲା ବେଳକୁ ଗାଧୋଇ ଯାଏ । କେବେ ଖାଇବା ପାଇଁ ଗଣ୍ଡାଏ ପାଏ ତ' କେବେ ପାଏ ନାହିଁ । ଏପର ତା'ର ସମୟ କଟେ ।

ଦିନେ ଶାଶୁ ନଈକୁ ଗାଧୋଇ ଗଲେ । ମାଛ ଧରିଲେ । ସାତୋଟି ଗଡ଼ିଶା ମାଛ । ସାନ ବୋହୂକୁ ଦେଲେ ଭାଜିବା ପାଇଁ ।

ସାନ ବୋହୂ ମାଛ ପୁଡ଼ୁଆଟି ଚୁଲରେ ଖୋସି ଦେଲା । କାମ ଧନ୍ଦାରେ ଶାଶୁଙ୍କୁ ମାଛ ଭଜା ଦେବାକଥା ଭୁଲିଗଲା । ଶାଶୁ ମଧ୍ୟ ସେଦିନ ସେ କଥା ଭୁଲିଗଲେ । କିନ୍ତୁ ଦିନେ ହଠାତ୍ ତାଙ୍କର ମନେ ପଡ଼ିଗଲା । ସାନ ବୋହୂଙ୍କୁ ଗାଳି ଦେଲେ । ନାନା କଟୁକଥା କହିଲେ ।

ବୋହୂ ଚୁଲରୁ ପୁଡ଼ିଆଟି ବାହାର କଲା । ତା' ଭିତରୁ ସାତୋଟି ନାଗଛୁଆ ଡଗ ଡଗ ହୋଇ ଈଶାନ୍ୟ କୋଣକୁ ଯାଇ ସେଠାରେ ଲୁଚିଗଲେ । ଏକଥା ଦେଖି ଶାଶୁ ବୋହୂ ଦୁହେଁ ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ସାନ ବୋହୂର ମନ ସେହି ସାପ ପିଲା ସାତୋଟିଙ୍କ ଠାରେ ଲାଗି ରହିଲା । ସେ ସୁବିଧା ଦେଖି ଈଶାନ୍ୟ କୋଣକୁ ଯାଇ ସେମାନଙ୍କୁ ଦୁଧ ଚାଉଳ ଖାଇବାକୁ ଦେଲା । ରାନ୍ଧିଲା ବେଳେ ତିଅଣ ଦେଲା । ଏମିତି ସେମାନେ ବଢ଼ିଲେ । କିଛି ଦିନ ଗଲା । ବୋହୂ କାହାକୁ କିଛି ନ କହି ସାପ ପିଲା ସାତୋଟିଙ୍କୁ ନେଇ ହୁଙ୍କାରେ ଛାଡ଼ିଦେଇ ଆସିଲା । ସେମାନେ ନାଗମାତାଙ୍କର ପୁଅ ନଈରେ ମାଛ ରୂପରେ ଖେଳିବା ବେଳେ ଧରା ପଡ଼ିଥିଲେ । ଏବେ ମୁକୁଳି ହୁଙ୍କା ବାଟେ ପାତାଳ-ପୁରକୁ ଚାଲିଗଲେ । ସାନବୋହୂ ପାଇଁ ସେମାନେ ମୁକୁଳିଥିବା କଥା ନାଗମାତାଙ୍କୁ କହିଲେ । ସେ ଶୁଣି ଖୁସି ହେଲେ ।

ନାଗ ଶିଶୁମାନେ ସାଧବ ଘର ସାନ ବୋହୂକୁ ଭଉଣୀ ପରି ସ୍ନେହ କରୁଥିଲେ । ନାଗମାତା ମଧ୍ୟ ତାକୁ ଝିଅପରି ଭାବିଲେ । ପିଲମାନଙ୍କ ଅନୁରୋଧରେ ତାକୁ ପାତାଳ ପୁରକୁ ପୁଆଣି କରି ଆଣିବାକୁ ସ୍ଥିରକଲେ । ନାଗ ସାତଭାଇ ଯାକ ନରରୂପ ଘେନି ଭାରଖୋର ଧରି ସାଧବ ଘରେ ପହଞ୍ଚିଲେ । ସାଧବ ଘରେ ସାନବୋହୂର ଭାଇ ବୋଲି ପରିଚୟ ଦେଲେ । ମାନଥାନରେ ଦିନେ ଉଳାଏ ରହିଲେ । ପୁଆଣି କରି ଆଣିଲେ । ସାନ ବୋହୂ ଶାଶୁ, ଶ୍ୱଶୁରଙ୍କୁ ଉଳଗି ହୋଇ ସେମାନଙ୍କ ସମ୍ମତି ଆଣି ଦି' ମାସ ପାଇଁ ଶାଶୁଘରୁ ବିଦା ହୋଇ ଭାଇମାନଙ୍କ ସଙ୍ଗେ ଆସିଲା । କିନ୍ତୁ ନାଗ ଲୋକରେ ପହଞ୍ଚିବା ପରେ କିଛି ବୁଝି ପାରିଲା ନାହିଁ । କ୍ରମେ ସବୁ ଜାଣିଲା ।

ବୁଝିଲା । ସେଠାରେ ଘରମଣି ରହିଗଲା । ତାକୁ ସେଠାରେ ନାଗମାତା, ନାଗ ଶିଶୁ ଓ ଅନ୍ୟମାନେ ବଡ଼ ଆଦର ଗୌରବରେ ରଖିଲେ ।

ନାଗମାତା ସାଧବ ସାନବୋହୂକୁ ତ ଝିଅଭଳି ଦେଖନ୍ତି । ଦିନେ ତାକୁ ଘର ବୁଲେଇ ନେଲେ । ସବୁ ଦେଖେଇଲେ । ଗୋଟିଏ ଘର ପାଖରେ ଅଟକି ଯାଇ କହିଲେ-"ମାଆଲୋ ! ଭୁଲ୍‌ରେ ବି ଏଘର ଖୋଲିବୁ ନାହିଁ । ନର ଲୋକଙ୍କୁ ଏଘର ଭିତର ଦେଖିବା ମନା ।"

ଯେଉଁ ଭୁଲ୍‌ଟି ନାଗମାତା କରିବାକୁ ମନା କରିଥିଲେ । ସାଧବ ସାନବୋହୂ ସେହି ଭୁଲ୍‌ଟି କରି ବସିଲା । କିନ୍ତୁ କଲାସିନା ଡରିଗଲା । ସେ ଘରେ ବହୁ ସଂଖ୍ୟକ ସାପ । ସେମାନେ ତାକୁ ଦେଖି ଫଣାଟେକି ଗର୍ଜି ଉଠିଲେ । ସେ କବାଟ କିଳିଦେଇ ପଳାଇ ଆସିଲା । ପରେ ନାଗମାତାଙ୍କୁ ଏହାର କାରଣ ପଚାରିଲା । ସେ କହିଲେ—"ନର-ଲୋକରେ ଯେଉଁ ନାସ୍ତିକ, ଈଶ୍ୱର ଦ୍ରୋହୀ, ଦୋଷୀ, ଅପରାଧି, ନିନ୍ଦ୍ୟ ଲୋକମାନେ ଅଛନ୍ତି ସେମାନଙ୍କୁ ଦଂଶନ କରିବା ଲାଗି ସମୟେ ସମୟେ ଏମାନଙ୍କୁ ପଠାଯାଏ । ତା' ଛଡ଼ା ଏମାନେ ଆଉ କୁଆଡ଼େ ଯାଆନ୍ତି ନାହିଁ ।" ସାଧବ ଘର ସାନବୋହୂ ପଚାରିଲା—"ତୁମେ ତ ହର୍ତ୍ତାକର୍ତ୍ତା । ସେଲୋକମାନଙ୍କୁ କ୍ଷମା କରିଦିଅନ କାହିଁକି ?" ନାଗମାତା ଉତ୍ତର ଦେଲେ—"ଯେଉଁ ଲୋକ ନାଗଲ ଚଉଠି ଓଷା କରେ ଏବଂ ଚତୁର୍ଦ୍ଦଶୀ ସୋମବାରରେ ଶିବ ପୂଜା କରେ ତାକୁ ଏ ସର୍ପଦଂଶନ ଦଣ୍ଡରୁ ମୁକ୍ତି ମିଳିଥାଏ ।" ଏପରି ଶୁଣିବା ପରେ ଓଷାର ଦେବତା, ମନ୍ତ୍ର, ପୂଜା-ବିଧାନ କଥା ଜାଣିବାକୁ ସାଧବ ଘର ସାନ ବୋହୂର ମନ ବଳିଲା । ତା'ର ଆଗ୍ରହ ଦେଖି ନାଗମାତା ତାକୁ କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ନାଗପୂଜା କରିବାର ବିଧି ବିଧାନ ବତାଇ ଦେଲେ । ତା' ପରେ ନାଗମାତା ସାଧବ ସାନବୋହୂକୁ ପାଟ, ସିନ୍ଦୂର, ଅଳଙ୍କାର ପିନ୍ଧାଇ ଢୁଆଣି ଭାର ସହ ପାଲଙ୍କିରେ ପଠାଇ ଦେଲେ । ତା ସାଙ୍ଗରେ ନାଗ ସାତ ଭାଇଯାକ ନରରୂପ ଧରି ଆସି ଛାଡ଼ିଦେଇ ଗଲେ ।

ସ୍ନାନ ବୋହୂ ଶିଖି ଆସିଥିବା ବଧିରେ 'ନାଗଲ ଚଉଠିବ୍ରତ' ପାଳନକରେ । ତା'ଠାରୁ ଦେଖି ସାଧବାଣୀ ବୁଢ଼ୀ ମଧ୍ୟ ଏହା ପାଳିଲେ । ଦିନେ ନାଗ ବୁଢ଼ା ବସ୍ତ୍ରରଲ, ଧାଧବ ବୋହୂ ଏତେ ଦ୍ରବ୍ୟ ନେଇଗଲା । ଆଜିତାକୁ ଦଂଶନ କରିବ । ଏପରି ଭାବ ତା' ଘରକୁ ଆସି ଲୁଚି ରହିଲା । ଶୁଣିଲା, ଶାଶୁ ବୋହୂ ଦୁହେଁ କଳି ଲଗାଇଛନ୍ତି । ବୋହୂ କହୁଛି ମୋ ସାତଭାଇ, ନାଗୁଣୀମାତା, ନାଗ ପିତା, ଅଜଗର ଅଜା ସବ ଶୁଭରେ ବଞ୍ଚିଥାନ୍ତୁ । ସେମାନେ ଭଲରେ ଥିଲେ, ମୋର କାହିଁରେ ଊଣା ହେବନାହିଁ । ନାଗବୁଢ଼ା ଏହାଶୁଣି ଉଷତ ହୋଇ ନାହୁଡିଲା । ପୁଣି କେତେ ଦ୍ରବ୍ୟ ନେଇ ସାଧବଘରେ ସଙ୍ଗୁଳି ଆସିଲା ।

ଗଞ୍ଜାମର କେତେକ ଅଞ୍ଚଳରେ ପ୍ରଚଳିତ ନାଗଲ ଚଉଠି ବ୍ରତ କଥାରେ ଅଛି— "ଲକ୍ଷ ଶ୍ରୀ ସାଧବ ଭାର୍ଯ୍ୟା ନାଗମାତା ଭୁଲେ ସଙ୍ଗାତ ବସିଥିଲା । ନାଗମାତା ବୋଇଲେ— "ସଙ୍ଗାତ ମୁଁ ପୁରୁଷୋତ୍ତମ ଯିବ ଗୁଣ୍ଡିଚ୍ଚ ଯାତକୁ, ମୋ ଡ଼ିମ୍ବ ସାତଗୋଟି ଭଲ ଠାବ କରି ରଖିଥାଅ ।" ତା'ପରେ ନାଗମାତା ଯାତ୍ରା ଦେଖି ଫେରିଲେ । କିନ୍ତୁ ଦେଖିଲେ, ସାଧବାଣୀ ଜମା ଦେଇଥାଇଥିବା ଡ଼ିମ୍ବ ସାତୋଟି କାଞ୍ଜିଆ ହୋଇ ଯାଇଛି । ସେ କୋପକଲେ । ଘରକୁ ଯାଇ ଡ଼ିମ୍ବ ଫୁଟାଇ ଦେବାରୁ ଗୋଟିଏ ଡ଼ିମ୍ବରୁ ଖଣ୍ଡି ନାଗୁଣୀଟିଏ ବାହାରିଲା ' ସେଇଟି ନାଗମାତାଙ୍କ ଯତ୍ନରେ ବଢ଼ିଲା ।

ଲକ୍ଷ ଶ୍ରୀ ସାଧବର ବଡପୁଅର ବାହାଘର ଦିନ ନାଗୁଣୀ ଖଣ୍ଡି ନାଗୁଣୀକୁ ପ୍ରତିଶୋଧ ପାଇଁ ପଠାଇଲା । ମଧୁଶଯ୍ୟା ଦିନ ପୁଅ ସର୍ପ ଦଂଶନରେ ମଲା । ସାଧବାଣୀ ଜାଣିଲା ସଙ୍ଗାତର କୁକର୍ମ । କନ୍ଦାକଟା କଲା । ପୁଅର ଦାହକାର୍ଯ୍ୟ ହେଲା । ବୋହୂ ଅଗ୍ନିରେ ପ୍ରବେଶ କଲା । କିଛି ଦିନ କଟିଗଲା । ପୁଣି ଆର ପୁଅର ବାହାଘର ହେଲା । ନାଗୁଣୀ ବାର୍ତ୍ତା ପାଇଲା । ଆଗଥର ପରି ଏଥର ମଧ୍ୟ ଖଣ୍ଡି ନାଗୁଣୀକୁ ପଠାଇଲା । ସେ ପୂର୍ବଭଳି ଏଥର ମଧ୍ୟ ସାଧବ ପୁଅକୁ ଦଂଶନ କଲା । ଏହିପରି ସାଧବର ଛଅ ପୁଅ ମଧୁଶଯ୍ୟା ରାତ୍ରିରେ ଖଣ୍ଡି ନାଗୁଣୀର

ଦଂଶନରେ ମଲେ । ସାନ ପୁଅ ବାହୁଡ଼ି ରହିଲା । ସାଧବ ସାଧବାଣୀ ଡରରେ ତାକୁ ଆଉ ବାହା କଲେ ନାହିଁ ।

ଏବେ ସାନପୁଅ ସେ ରାଜ୍ୟର ରଜାଙ୍କ ଘରକୁ ଯାଇଥିଲା । ତା'ର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଦେଖି ତାକୁ ବାହା କରିବାଲାଗି ରାଜ-ଜେମାଙ୍କର ମନ ବଳିଲା । ବିବାହ ହୋଇଗଲା । କିନ୍ତୁ ସାଧବାଣୀ ଏହା ଦେଖି ଭୟ କଲା । କହିଲା— "ବାବୁ ! କାହିଁକି ଏତେ କର୍ମ କଲୁ । ନାଗୁଣୀଟା ଏହିକ୍ଷଣି ଦଂଶିକରି ଯିବ ।" ସାନବୋହୂ ସବୁ ଶୁଣିଲା । ରଜାଘର ଝିଅ ସେ । ଶାଶୁକୁ ଦମ୍ଭ ଦେଇ କହିଲା—"ମୁଁ ସବୁ ଭଲ କରିଦେବି । ତୁମେ ଘର ବଖରାଏ ମଣ୍ଡିକରି ରଖ । ରନ୍ଧାଘର ପାଖ ତହିଁରେ କଦଳୀ ଗଛଟାଏ ସଜକରି ଶୁଆଇ ଦିଅ । ଚନ୍ଦନ, ଫୁଲ ପାନ ରଖିଦିଅ । ଦୁଧସର, କଦଳୀ ଚକଟି ରଖିଦିଅ । ରୂପା ଫରୁଆଟିଏ ରଖିଦିଅ । ସାନବୋହୂ କଥା ଅନୁସାରେ ସବୁ ସଜଡ଼ା ହେଲା ।

ରାତିରେ ଖଣ୍ଡି ନାଗୁଣୀ ଆସିଲା । ଦଂଶନ ପରେ ଧାଇଁ ତାକୁ ପିଇଲାବେଳକୁ ବୋହୂ ତାକୁ ରୂପାଫରୁଆରେ ମୁଦିକରି ରଖିଲା । ନାଗୁଣୀ ଏକଥା ଜାଣିଲା । ଆସିଲା । ବୋହୂ ତା' ପାଦତଳେ ଲୋଟି ନଉଛୁଳ କଲା । ନାଗୁଣୀ ତାକୁ ଆଶୀର୍ବାଦ କରି କହିଲା— "ଅଲେ ! ଅଇସୁଲକ୍ଷଣୀ ହୋଇ ପୁତ୍ରବତୀ ହୁଅ ।" ବୋହୂ କହିଲା— "ମୋ ଗୃହସ୍ଥ ମଲା । ଅଇସୁଲକ୍ଷଣୀ, ପୁତ୍ରବତୀ ହେବି କିପରି ? ତୁମର ବଚନତ ବ୍ୟର୍ଥ ହୋଇଗଲା ।" ନାଗୁଣୀ ଏହା ଶୁଣି ତା' ପୁଅକୁ ମାଗିଲା । ବୋହୂ ତାକୁ ଦୁଧସର, କଦଳୀ ବଢ଼ାଇ ଦେଲା । ବହୁତ ସେବାକଲା । କହିଲା— "ମୋ ଦେଢ଼ଶୁରମାନଙ୍କୁ ଦିଅ । ମୋ ଗୃହସ୍ଥଙ୍କୁ ଦିଅ ।" ନାଗୁଣୀ କହିଲା ।— "ସେମାନେତ ଭସ୍ମ ହେଲେଣି । ଏବେ କୁଆଡୁ ଅଣିବି ?" ବୋହୂ କହିଲା— "ନଦେଲେ ତୋହରି ଉପରେ ହତ୍ୟା-ଦେଇ ମରିବି । ତୁ ବୋଇଲେ, ଭସ୍ମ ଅଙ୍କୁରେ । ତୁ ନଦେଲେ ତୋ ପୁଅକୁ କାହିଁ ଦେବି ?" ନାଗୁଣୀ ସାନ ବୋହୂ କଥାରେ ତା ଛୁଅ

ଦେଢ଼ଶୁର ଓ ତା ସ୍ୱାମୀଙ୍କୁ ଫେରାଇ ଦେଲା । ସେ ଦିନ କାର୍ତ୍ତିକ ଶୁକ୍ଳ ଚଉଠି । ସେହି ତିଥିରେ ଝିଅହୁଙ୍କା ପାଖରେ ନାଗପୂଜା କଲେ ଅନ୍ନକଷ୍ଟ ଭୋଗିବାକୁ ହୁଏନାହିଁ ଓ ଅପୂର୍ବିକ ପୁଅ ପାଏ । ନାଗୁଣୀ ନାଗଲ ଚଉଠି ବ୍ରତ ବିଧି ବତାଇ ଚାଲିଗଲା । ପାତାଳ-ପୁରରେ ଯାଇ ନାଗକୁ ସବୁକଥା କହିଲା । ନାଗ ଏହା ଶୁଣି କୋପ କଲା । ତା'ର ସବଂଶ ନାଶ କରିବ ବୋଲି ସ୍ଥିର କରି ଈଶାଣ ପାଖରେ ଲୁଚି ରହିଲା । ସାନ ବୋହୂ ଏହା ଜାଣି ପାରିଲା । ସେତିକି ବେଳେ ତା' ଯାଆମାନେ ଖାଇ ବସିଥିଲେ । ସାନବୋହୂ କରିଥିବା ତୋରାଣିର ପ୍ରଶଂସା କଲେ । ସାନବୋହୂ କହିଲା—"ମୋ ଶ୍ରେଷ୍ଠା ଘର ଭଲ ଥାଉ । ମୋ ବୁଢ଼ା ବାପା ଭଲ ଥାଉ । ମୋ ନାଗୁଣୀ ଆଈ ଭଲ ଥାଉ । ସେମାନେ ଭଲରେ ଥିଲେ ମୋର କିଛି ଅସୁବିଧା ହେବ ନାହିଁ । ନାଗରାଜା ବୋହୂର କଥା ଶୁଣି ବହୁତ ଉଷତ ହେଲା । ନାଗୁଣୀ ଆଗରେ ଆସି କହିଲା । ନାଗୁଣୀ ତ ଆଗରୁ ଖୁସିଥିଲା । ଏବେ ବୁଢ଼ା ଠାରୁ ସବୁ ଶୁଣି ଆଗ ଅପେକ୍ଷା ଅଧିକ ଖୁସି ହେଲା । ସାନ ବୋହୂକୁ ରତ୍ନର ନୂପୁର ଓ ନାନା ଅଳଙ୍କାର ଦେଲେ । ନାଗ ନାଗୁଣୀଙ୍କ କୃପାରୁ ସେମାନଙ୍କର ବହୁତ ଭଲ ହେଲା ।

## କେଦାର ବ୍ରତ

ମହାକାଳ ନାମକ ପାଟଣାରେ ବଳଭୋଜ ନାମରେ ରାଜା ରାଜୁତି କରୁଥିଲେ । ସେହି ରାଜ୍ୟରେ ଜଣେ ଚକୁରିଆ ପଣ୍ଡା ବାସ କରୁଥିଲା । ତା'ର ଦୁଇଟି ଝିଅ । ସେ ଦୁହେଁ ବଣକୁ ଘସି ସାଉଁଟି ଗଲେ । ସେଦିନ କାର୍ତ୍ତିକ ପୂର୍ଣ୍ଣିମା ଓ ସୋମବାର । ଉତ୍ତମ ଯୋଗ । ସେହି ବଣରେ ଦେବ କନ୍ୟାମାନେ କେଦାର ବ୍ରତ ପାଳୁଥିଲେ । ବ୍ରତକଥାରେ ବର୍ଣ୍ଣିନା ଅଛି—"ସ୍ୱର୍ଗ ଦେବକନ୍ୟାମାନେ କେଦାର ବ୍ରତ କରିବାକୁ ମଞ୍ଜପୁରକୁ ଆଇଲେ । ମଞ୍ଜପୁରରେ ସର୍ଣ୍ଣିକ ମଣ୍ଡପେକ ଅଛି । ତହିଁ ଯାଇ ଦେବକନ୍ୟା ମାନେ ବିଜେ କଲେ । ନଦୀରେ ପଶି ସ୍ନାହାନ କଲେ । ପାଟ ପିନ୍ଧି ନେତ ଉଡରାଣ ଦେଲେ । କେଦାର

ମାଆ ବ୍ରତ ପୂଜା ବସିଲେ ।" ସେମାନେ ପୂଜା ସାରି ଉଠିଗି ହେଉଥିବା ସମୟରେ ଚକୁରିଆ ପଣ୍ଡାର ଝିଅ ଦୁହେଁ ମଣ୍ଡପ ତଳେ ପହଞ୍ଚିଲେ ଏବଂ କହିଲେ— "ହେ କେଦାର ମାଆ ଗୋସାଇଁ, ଜାଣିବା ଲୋକଙ୍କୁ ଭୋଗ ହେଉ ନ ଜାଣିବା ଲୋକଙ୍କୁ ଯୋଗ ହେଉ ।

ଦେବକନ୍ୟା ମାନେ ଓଷା ପୂଜା ପରେ ଫଳ ଆହାର କଲେ । ଆଚମନ ଲାଗି ମଣ୍ଡପ ତଳକୁ ଆସି ଏ ଝିଅ ଦୁହିଁଙ୍କି ଦେଖି ପରିଚୟ ମାଗିଲେ । ସେମାନଙ୍କୁ ଦେଖିବାକୁ ସେ ଝିଅ ଦୁହେଁ ଆସିଥିବାର ଜାଣିଲେ କହିଲେ— ତୁମ୍ଭେ ଯେବେ ଆମ୍ଭଙ୍କୁ ଦେଖିବାକୁ ଅଇଲ ଓଷା ପୂଜା ପ୍ରସାଦ ନିଅ । ଏହା ପରେ ତାଙ୍କୁ ପ୍ରସାଦ ଓ ପାଠ ବଉଳ ଦୁଇଟି ଦେଇ ବିଦା କରି ଦେଲେ ।

ଝିଅ ଦୁହେଁ ସେଠାରୁ ଗୋଟିଏ ବନ୍ଧ କୂଳକୁ ଆସି ବ୍ରତ ପୂଜା କଲେ । ସେମାନେ ଦେହରେ ଲଗାଇ ଗାଧୋଇବାକୁ ହଳଦୀ ନଥିଲା । ବଦଳିବାକୁ ଭଲ ଲୁଗା ନଥିଲା । ହଳଦୀ ବୋଲି ଦେହରେ କାଦୁଅ ବୋଳି ଦେଲେ । ଛିଣ୍ଡା କନା ପିନ୍ଧି ଗାଧୋଇଲେ । ପୋଥିରେ ବର୍ଣ୍ଣନା ଅନୁସାରେ "ସେମାନଙ୍କର କାଦୁଅ, ହଳଦୀ, ଅଇଁଳା ହୋଇ ଯାଇଛି । ଛିଣ୍ଡା କନା ପାଟଶାଢି ହୋଇ ଯାଇଛି । ଗାଧୋଇବା ପରେ ପୂଜା କରିବାକୁ ସଜାଡ଼ି ଥିବା ପୂଜା ଦ୍ରବ୍ୟ ଗୁଡ଼ିକ ଉତ୍ତମ ଦ୍ରବ୍ୟ ହୋଇ ଯାଇଛି । ଏହି ସବୁ ଦେଖି ସାନ ଭଉଣୀ ଆଶ୍ଚର୍ଯ୍ୟ ହୋଇ ବଡ ଭଉଣୀକୁ ପଚାରିଲା । ବଡ଼ ଭଉଣୀ ଉତ୍ତର ଦେଲା । କେଦାର ମାଆ ଗୋସାଇଁ ଦେଲେ । ଏହିପରି ତାଙ୍କର ମହିମା ସମ୍ପର୍କରେ ଝିଅ ଦୁଇଟିଙ୍କର ହୃଦ୍‌ବୋଧ ହେବାରୁ ପ୍ରାର୍ଥନା କଲେ—"ହେ ! କେଦାର ମାଆ ଗୋସାଇଁ । ତୁ ଯଦି ଆମ୍ଭଙ୍କୁ ଦୟା କଲୁ । ଆମ୍ଭର ବାପା ଯେ ଚକୁରିଆ ପଣ୍ଡା ତାଙ୍କର ଦାରିଦ୍ର୍ୟ ଅବସ୍ଥା ଯାଇ ଭଲ ହୋଇଥାନ୍ତୁ ।" ଏମିତି ପୂଜା ସାରି ଫେରିବା ବେଳକୁ ଦେଖିଲେ, ତାଙ୍କ ଟୋକେଇ ଭିତରେ ଥିବା ଘମିଯାକ ରତ୍ନ ପାଲଟି ଯାଇଛି । ଘରକୁ ଫେରି ଦେଖିଲେ, ବାପା—ମାଆ ଦୁଆରେ ଅପେକ୍ଷା କରି ବସିଛନ୍ତି ।

ଝିଅ ମାନଙ୍କର ଛବି ଟୋକେଇରେ ରତ୍ନମାନ ଦେଖି ଭାବିଲେ, ଝିଅମାନେ କେଉଁ ଠାରୁ ଚୋରିକରି ଆଣିଛନ୍ତି । ଝିଅ ଦୁହେଁ ଏସବୁ କଥା କହି ସେମାନଙ୍କର ସନ୍ଦେହ ମୋଚନ କଲେ । ମାଆ ହାତରେ ବ୍ରତ ବାନ୍ଧିଲେ । କେଦାର ମଥ ମହିମାରୁ ପଣ୍ଡା ପଣ୍ଡିଆଣୀଙ୍କର ଧନ ପୁଣି ସହ ଅଚଳାଚଳ ସମ୍ପତ୍ତି ହେଲା । ବଳଭୋଜ ରାଜା ବରଣ ମାଳା ଦେଇ ବିଭା ଉତ୍ସବ କରି ଝିଅ ଦୁହିଁଙ୍କି ବାହା ହୋଇଗଲେ ।

ପଣ୍ଡିଆଣୀ ଧନ ଦଉଲତରେ ଭୋଳ । ରତ୍ନଖଟ ଦୋଳରେ ପହୁଞ୍ଚାଇ ହୋଉଥାଏ । ଆପଣା ହାତରେ ପୁରୁଣା ବ୍ରତଟାକୁ ଦେଖି ଭାବିଲା, ମୋର କାହିଁରେ ଅଭାବ ଅଛି ଯେ ଏଇ ସୂତାର ବ୍ରତ ଖଣ୍ଡି ହାତରେ ବାନ୍ଧିବି । ଏମିତି ଭାବି ବ୍ରତ ଛିଣ୍ଡାଇ କଲରା ଗଛ ମୂଳକୁ ପକାଇ ଦେଲା । ସୁବର୍ଣ୍ଣର ବ୍ରତ କରି ପିନ୍ଧିଲା । କେଦାର ମାଆ ଗୋସାଇଁ ସବୁ ଜାଣିଲେ । ପଣ୍ଡିଆଣୀର ଗର୍ବ ଗଞ୍ଜନ କରିବାକୁ ଇଚ୍ଛା କଲେ । ପଣ୍ଡାଘରର ଅବସ୍ଥା ଦିନକୁ ଦିନ ଖରାପ ହେଲା । ଖାଇବାକୁ ମିଳିଲା ନାହିଁ । ବ୍ରତ ପଡ଼ିଥିବା କଲରା ଗଛରେ ସୁବର୍ଣ୍ଣ କଲରା ଫଳେ । ପଣ୍ଡିଆଣୀ ତାକୁ ବଣିକ ଘରେ ବିକି ଚଳେ । କ୍ରମେ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଲା ସିନା ଘୁଞ୍ଚିଲା ନାହିଁ ।

ଝିଅମାନେ ବାପା ମାଆଙ୍କ ଦୁଃଖ ଅଭାବ କଥା ଜାଣିଲେ । କେମିତି ଅଛନ୍ତି, ଜାଣିବାକୁ ସଙ୍ଗୋଳି ଆସିଲେ । ମାଆ ଝିଅମାନଙ୍କୁ ଦେଖି କ'ଣ କରି ଖାଇବାକୁ ଦେବ ଭାବିଲା । କଲରା କଷ୍ଟି ସିଝାଇ ଦେବ ବୋଲି ତୋଳି ଆଣିଲା । କିନ୍ତୁ କାଟିଲା ବେଳକୁ ଝିଅମାନେ ବ୍ରତଦ୍ରୋହୀ ହୋଇଥିବାର ଆଶଙ୍କା କଲେ । ପଚାରି ଜାଣିଲେ ଯେ ମାଆ ପୁରୁଣା ବ୍ରତ ଛିଣ୍ଡାଇ କଲରା ଗଛ ମୂଳକୁ ଫିଙ୍ଗି ଦେଇଛନ୍ତି ଓ ସୁନାବ୍ରତ ପିନ୍ଧିଛନ୍ତି । ସେମାନେ କଲରା ଗଛ ମୂଳରୁ ବ୍ରତ ଉଦ୍ଧାର କଲେ । ମାଆକୁ ପୁଣି କେଦାର ବ୍ରତ କରାଇଲେ । ତା'ର ସୁଖ ସୌଭାଗ୍ୟର ଦିନ ଲେଉଟିଲା ।

ଅନ୍ୟ ଏକ ବ୍ରତ କଥାରେ ବଡ଼ଝିଅ ନାଁ ଭାଗ୍ୟବତୀ ଓ ବ୍ରତ ମହିମାରେ ତାଙ୍କୁ ରାଜା ବିଭା କରିଥିବା କଥା ଏବଂ ସାନଝିଅ ନାଁ ପୁଣ୍ୟବନ୍ତୀ ଓ ସେ ମଧ୍ୟ ଭଉଣୀ ସହିତ ବ୍ରତ କରିବା ହେତୁ ତାଙ୍କୁ ମନ୍ତ୍ରୀ ବିବାହ କରିଥିଲେ ବୋଲି ଉଲ୍ଲେଖ ଅଛି । ସେଥିରେ ଭାଗ ବତୀ ରାଣୀ ହେବାପରେ ଥରେ ରାଜା ତା ହାତରୁ ସୂତାବ୍ରତ ଛିଣ୍ଡାଇ ଶୂନାବ୍ରତ କରାଇ ଦେଇଥିଲେ । ଫଳରେ ସେ ଦୁର୍ଦ୍ଦଶା ଭୋଗିଥିଲେ । ବ୍ରତ କଳାର ଗଛ ମୂଳେ ପଡ଼ିଥିଲା । ସେଥିରେ ସୁବର୍ଣ୍ଣ କଲାର ଫଳୁ-ଥିଲା । ଭାଗ୍ୟବନ୍ତୀ ତାହା ବଣିକ ଘରେ ବିକି ଚଳୁଥିଲେ ବୋଲି ଉଲ୍ଲେଖ ଅଛି । ସେ ଥରେ ବାପ ଘରକୁ ଯାଇଥିଲେ । ମାଆ ତାଙ୍କ ଠାରୁ ସବୁ କଥା ଶୁଣିଲେ । କଳାର ଗଛ ମୂଳରୁ ବ୍ରତ ଉଦ୍ଧାର କରାହେଲା । ବିଧି ଅନୁସାରେ ବ୍ରତ ପୂଜା ହେଲା ଏବଂ ସେମାନଙ୍କର ସୁଖର ଦିନ ଲେଉଟିଲା । ଉକ୍ତ ଓଷାରେ ଏହିପରି ଉଲ୍ଲେଖ ଅଛି ।

ବ୍ରହ୍ମପୁର ନବଯୁଗ ବୁକ୍‌ଷ୍ଟଲ୍‌ରୁ ପ୍ରକାଶିତ କେଦାର ବ୍ରତ କଥାରେ ଅଛି ଯେ ବନବାସ କାଳରେ ଥରେ କୁନ୍ତୀଙ୍କୁ ନୈମିଷ ଋଷି ଏହି ବ୍ରତକଥା କହିଥିଲେ । ଏଥିରେ କେଦାର ମାଆ ସ୍ଥାନରେ କେଦାର ନାଥ ଗୋସାଇଁ ବ୍ରତର ଦେବତା ବୋଲି ଉଲ୍ଲେଖ ଅଛି । ଧାମନଗର ପୁସ୍ତକାଳୟରୁ ପ୍ରକାଶିତ ବ୍ରତ କଥାରେ ମଧ୍ୟ କେଦାର ନାଥ ବୋଲି ଉଲ୍ଲେଖ ଅଛି ଏବଂ ଉପରୋକ୍ତ କଥାଠାରୁ ବିଷୟବସ୍ତୁ ସାମାନ୍ୟ ଭିନ୍ନ ।

## ପଞ୍ଚକ ବ୍ରତ

ଏହାର ଅନ୍ୟନାମ ବିଷ୍ଣୁ ପଞ୍ଚକ । ଏହା କାର୍ତ୍ତିକ ପ୍ରତିପଦ ଠାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମାରେ ଶେଷ ହୁଏ । ଶୁକ୍ଳପକ୍ଷ ଏକାଦଶୀରୁ ବିଷ୍ଣୁ ପଞ୍ଚକ ଆରମ୍ଭ ହୁଏ । ବ୍ରାହ୍ମଣ ଏହି ତିଥିଠାରୁ ପାଞ୍ଚଦିନ ବ୍ରତକରି ପୂର୍ଣ୍ଣିମାରେ ଉଦ୍‌ଯାପନ କରିଥାନ୍ତି । ଏହି ବ୍ରତ ପଦ୍ମ ପୁରାଣରୁ ଗୃହୀତ । ବ୍ରତର ମାହାତ୍ମ୍ୟ ସମ୍ପର୍କରେ ପାଞ୍ଚଟି

ଉପାଖ୍ୟାନ ବର୍ଣ୍ଣିତ । ମହ୍ଲାର ଦେଶରେ ଜଣେ ସାଧବ ଥିଲା । ତା'ର ନାଆଁ ରତ୍ନାକର । ତା'ର ସାତପୁଅ, ସାତବୋହୂ । ସାନବୋହୂଟି ସୁନ୍ଦରୀ, କିନ୍ତୁ ହାଣ୍ଡିଖାଇ । ବଡ ଅବଗୁଣର । ଅନ୍ୟ ବୋହୂ ମାନଙ୍କ କଥା ଶୁଣି ଶାଶୁ ପଚାରିଲାରୁ ସେ ମାନେ ନାହିଁ । ଥରେ ବୋହୂ ମାନେ ଆଉଟା ଦୁଧ ରଖିଦେଇ ପାଣି ଆଣି ଯାଇଥିଲେ । ସାନବୋହୂ ସବୁ ଖାଇଦେଲା । ଅନ୍ୟ ବୋହୂମାନେ ଏକଥା ଶାଶୁ, ଶ୍ୱଶୁରଙ୍କୁ କହିଲେ । ସେମାନେ ତାକୁ ଘରୁ ବାହାର କରିଦେଲେ । ସେ କାନ୍ଦି କାନ୍ଦି ଭୋକ ବିକଳରେ ବାଡ଼ରେ ଲୁଚି ଶୋଇଲା । ତାକୁ କେହି ପାଇଲେ ନାହିଁ ସେ ସକାଳୁ ଉଠି ଘରକୁ ଗଲା ।

ଗଉଡ଼ ଦେଶରେ ବିଷ୍ଣୁପୁର ନାମକ ସ୍ଥାନ । ସେଠାରେ ରାଜାଙ୍କ ନାଆଁ ଶ୍ରୀବତ୍ସ । ରାଣୀଙ୍କ ନାମ ସୁଶୀଳା । ରାଣୀ ବାରମାସ ଏକାଦଶୀ କରନ୍ତି । କାର୍ତ୍ତିକ ପଞ୍ଚକ ବ୍ରତ କରନ୍ତି । ସେ ଜାତି ସ୍ତ୍ରୀ । ରାଜା ନିଜେ ପୁଣ୍ୟକୃତ୍ୟ ନହେଲେ ମଧ୍ୟ ରାଣୀଙ୍କ ପୁଣ୍ୟବଳରେ ବଳୀୟାର । କାର୍ତ୍ତିକ ମାସରେ ରାଣୀ ଏକାଦଶୀ କରିଥାନ୍ତି । ଗୋଟିଏ ଅଶୁଭ ଘଟିଗଲା । ରାଜାଙ୍କର ଦେହାନ୍ତ ହେଲା । ରାଣୀ ରାଜାଙ୍କୁ ତାଙ୍କ ପୁଣ୍ୟରୁ ଅଧେ ଦେବାକୁ ବିଚାରିଲେ । ପାଣିଟେକି ସତ୍ୟକଲେ । ପୁଅକୁ ରାଜା କରାଇଲେ । ଅଗ୍ନିକୁଣ୍ଡ ଖୋଳାଇଲେ । ରାଜାଙ୍କ ସଙ୍ଗରେ କୁଣ୍ଡକୁ ଡେଇଁ ପଡ଼ିଲେ । ବୈକୁଣ୍ଠରୁ ରଥ ଆସିଲା । ଜୟ, ବିଜୟ ଆଦି ବିଷ୍ଣୁଦୂତ ଆସିଥିଲେ । ରାଣୀଙ୍କୁ କହିଲେ, ତୁମେ ଏକାଦଶୀରୁ ଅର୍ପିଦେଇ ରାଜାଙ୍କୁ ମୋକ୍ଷ କଲ । ଏକାଦଶୀ, ବିଷ୍ଣୁପଞ୍ଚକ, କାର୍ତ୍ତିକ ସ୍ନାନ ଏହି ତିନବ୍ରତ କରି ବିଷ୍ଣୁଙ୍କର ପ୍ରିୟ ଭାଜନ ହୋଇଛ । ବର୍ତ୍ତମାନ ସ୍ୱାମୀଙ୍କ ସହ ରଥରେ ବିଜେକର । ରାଣୀ ସ୍ୱାମୀଙ୍କ ସହ ବିଷ୍ଣୁ ଲୋକକୁ ଯିବାପାଇଁ ରଥରେ ବସିଲେ । ରଥ ଶୂନ୍ୟପଥରେ ଚାଲିଲା ।

ମର୍ତ୍ତ୍ୟ ମଣ୍ଡଳରେ ଅନେକ ଦେଶ ଅତିକ୍ରମ କରି ଶୂନ୍ୟେ ଶୂନ୍ୟେ ରଥ ଚାଲିଥାଏ । ମହ୍ଲାର ଦେଶ ହେଲାରୁ ରଥ ତଳକୁ ଖସି

ଆସିଲା । ଉଦ୍ଧିବାକୁ ନପାଇ ରଥର ନିମ୍ନନାନ କାନ୍ଦିକ ହେଲା ଏହି ବିଷୟରେ ରାଣୀ ବିଷ୍ଣୁଦୂତମାନଙ୍କୁ ପଚାରିଲେ । ସେମାନେ କହିଲେ, ତୁମ୍ଭଯାନ ତୁମେ ନେବ । ରାଣୀ ବିଷମ ସମସ୍ୟାରେ ପଡିଲେ । ଏତିକି ବେଳେ ଶୂନ୍ୟବାଣୀ ହେଲା; ଏକାଦଶୀ କରିଥିବା ଲୋକ ରଥ ଛୁଇଁଲେ ରଥ ବୈକୁଣ୍ଠ ପୁରକୁ ଯିବ ।

ରାଣୀ ଘୋଷଣାକଲେ ଏ ଦେଶରେ ଏକାଦଶୀ କରିଥିବା ଲୋକ ଶିଘ୍ର ଆସି ମୋ ରଥ ସ୍ପର୍ଶ କରନ୍ତୁ । ମୁଁ ବୈକୁଣ୍ଠ ପୁରକୁ ଯିବି । ନହେଲେ ଅଭିଶାପ ଦେବି । ମହ୍ଲାର ଦେଶର ଲୋକମାନେ ଏ ବ୍ରତର ନାଆଁ ଶୁଣିନଥିଲେ । ରାଣୀ ଘର ଘର ବୁଲିଲେ । ନିରାଶ ହେଲେ । କୌଣସି ବ୍ରତୀଙ୍କୁ ନପାଇ ବ୍ୟସ୍ତ ହେଲେ । ରତ୍ନାକର ମାଧବ କହିଲା— "ମୋ ସାନ ବୋହୂ କାଲି କଳି କରି ଉପାସ ରହିଥିଲା । ସେ ଛୁଇଁଲେ ହେବକି ? ସମସ୍ତଙ୍କ ମନରେ ଆଶାର ସଞ୍ଚାର ହେଲା । ଏ ବିପତ୍ତିରୁ ସେ ହୁଏତ ଉଦ୍ଧାର କରିପାରେ । ସମସ୍ତେ ତା'ର ଘାଟରେ ପହଞ୍ଚିଲେ । ତାକୁ ଭଲ ଲୁଗା ପିନ୍ଧାଇ ହାନ୍ଦୋଳାରେ ରଥ ପାଖକୁ ନେଲେ । ସାନ ବୋହୂ ନମସ୍କାର କରି ରଥ ଦଉଡି ଧରିଲା । ରଥ ସାଙ୍ଗେ ସାଙ୍ଗେ ଉର୍ଦ୍ଧ୍ୱକୁ ଉଠିଲା ରାଣୀ ସାନ ବୋହୂକୁ ପ୍ରଶଂସା କଲେ । ସେ ଏକାଦଶୀ ଦିନ ଉପବାସ କରି ରାଜ୍ୟକୁ ରକ୍ଷାକଲା ବୋଲି କହିଲେ । ରଥରେ ବସି ବୈକୁଣ୍ଠକୁ ଗଲେ । ରାଜ୍ୟର ଲୋକେ ସେହିଦିନଠାରୁ ଏକାଦଶୀର ମହିମା ଜାଣିଲେ ସମସ୍ତେ ପଞ୍ଚକାଦି ଏକାଦଶୀ ବ୍ରତକଲେ ।

ଦ୍ୱାରକାପୁରର ପଶ୍ଚିମରେ ଉତ୍ତଙ୍ଗ ଦେଶ । ସେଠାରେ ଗୋମେଧା ପର୍ବତ ଓ ଗୋମତୀ ନଦୀ ପ୍ରସିଦ୍ଧ । ସେ ନଦୀର ପୂର୍ବତଟରେ ଗୋଟିଏ ବରଗଛ । ସେଠାରେ ସ୍ନାନ କରିବା ପାଇଁ ଦୂର ଦୂରାନ୍ତରୁ ଲୋକ ଆସନ୍ତି କାର୍ତ୍ତିକ ମାସରେ । ସେହି ବରଗଛ ଉପରେ ପକ୍ଷୀ-ଦମ୍ପତି ଥାଇ ଲୋକମାନଙ୍କର ତୀର୍ଥସ୍ନାନ ଦେଖନ୍ତି । କିଛିଦିନ ପରେ ସେମାନଙ୍କର ଗୁଟିଏ ଝିଅ ହେଲେ । ସେମାନଙ୍କର ନାଆଁ ଦିଆହେଲା

ରଣୀ, ବଣୀ, ଘଣ୍ଟି ଓ ଟୋକାଳକା । କିଛୁଦିନପରେ ପକ୍ଷୀ ଦମ୍ପତି ବୁଢ଼ାହୋଇ ମରିଗଲେ । କାର୍ତ୍ତିକ ମାସରେ ବ୍ରତିମାନଙ୍କୁ ଓ ପଞ୍ଚକବ୍ରତ ଦେଖିଥିବାରୁ ସ୍ୱର୍ଗକୁ ଗଲେ । ଚାରିଝିଅ ମନ ଦୁଃଖରେ ରହିଲେ ।

ମାଘ ଯାଇ କାର୍ତ୍ତିକ ଆସିଲା । ପଞ୍ଚକ ଏକାଦଶୀ ପଡିଲା । ଆଗ-ଭଳି ସ୍ନାନ କରିବାକୁ ବହୁଲୋକ ଆସିଲେ । ସେହି ବରଗଛ ମୂଳରେ ପୀଠକରି କାଳୁକା ପୂଜିଲେ । ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଦେଇ ମୁଗ, ନଡିଆ, ଖଣ୍ଡ ଲାଗିକରି ଧୂପ, ପାଣି ଅର୍ଘ୍ୟଦେଲେ । ଦୀପ ଜାଳିଲେ । ସ୍ତୁତିକଲେ । ଶଙ୍ଖ ବଜାଇଲେ । ଗଛ ଉପରେ ଥିବା ପକ୍ଷୀ ଚାରିଗୋଟି ଏହା ଦେଖିଲେ । ଭାବିଲେ, ଆମେ ପକ୍ଷୀ ଜନ୍ମ ପାଇଛୁଁ । ଆଇଁଷ ଖାଉଛୁ । ସେଇଥିପାଇଁ ସିନା ଧର୍ମକର୍ମ କରି ପାରୁନୁ । ସେମାନଙ୍କ ମନ ଦୁଃଖ ହେଲା । ବଡ଼ ଭଉଣୀଟି ଅନ୍ୟ ତିନି ଜଣଙ୍କୁ କହିଲା, ଚାଲ ଆମେ ଆଉ ଆଇଁଷ ଖାଇବା ନାହିଁ । ପଞ୍ଚକ ପାଳିବା । ସବା ସାନ ଭଉଣୀ ଏଥିରେ ରାଜିହେଲା ନାହିଁ । ତା' ଛଡ଼ା ଅନ୍ୟ ତିନିହେଁ ପଞ୍ଚକ ପାଳିଲେ । ପୂଜା ସ୍ଥାନରେ ପଡିଥିବା ମୁଗ, ନଡିଆ, ଦୁଧ, ଖାଇ ପଞ୍ଚକ ଉପବାସ କଲେ । ସାନ ଭଉଣୀ ଟୋ-କାଳକା ତା'ର ପୂର୍ବ ଅଭ୍ୟାସ ଅନୁସାରେ ଯେମିତି ଆମିଷ ଆହାରଖାଏ ଖାଇଲା ।

ରାତିରେ ଚାରି ଭଉଣୀ ଏକାଠି ଶୋଇଲେ । ଏମିତି ଚାଲିଲା । ଶେଷଦିନ ଋଷିପତ୍ନୀମାନେ ବ୍ରାହ୍ମଣ ଭୋଜନ ଦେଇ ବ୍ରତ ଉଦ୍ଯାପନ କଲେ । ରଣୀ, ବଣୀ ଓ ଘଣ୍ଟି ତିନି ଭଉଣୀ ବ୍ରାହ୍ମଣଙ୍କ ଅଇଁଠା ଖାଇ ବ୍ରତ ଉଜେଇଲେ ।

କିଛୁଦିନପରେ ହଠାତ୍ ଝଡ଼ ହେଲା । ଗଛ ଡ଼ାଳ ଭାଙ୍ଗିଗଲା । ଚାରିଗୋଟିଯାକ ଭଉଣୀ ମରିଗଲେ । ତିନି ଭଉଣୀଙ୍କର ତ ପୁଣ୍ୟଥିଲା । ସାନ ଭଉଣୀ ମଧ୍ୟ ବ୍ରତୀ ମାନଙ୍କୁ ଦେଖିବାର ପୁଣ୍ୟ ଅର୍ଜନ କରିଥିଲା । ତେଣୁ ଚାରିହେଁ ଯାକ ବୈକୁଣ୍ଠ ପୁରକୁ ଗଲେ । ବୈକୁଣ୍ଠ ପୁରରେ କିଛୁଦିନ ରହି ସତ୍ୟ ମଣ୍ଡଳରେ ସୂର୍ଯ୍ୟବଂଶୀ ରାଜା ସୁବାହୁଙ୍କ ଘରେ ତାଙ୍କ ରାଣୀ ଚନ୍ଦ୍ରକଳାଙ୍କ ଗର୍ଭରୁ ଚାରିକନ୍ୟା ରୂପେ ଜନ୍ମ ଗ୍ରହଣ କଲେ ।

ବଡ଼ ତିନି ଭଉଣୀଙ୍କର ପୂର୍ବଜନ୍ମର ସୁକୃତ ଥିଲା । ସେ ତିନିହେଁ ଅନିନ୍ଦ୍ୟ ସୁନ୍ଦରୀ ହେଲେ । ସାନ ଭଉଣୀ କୁତ୍ସିତା ହେଲା । ରାଣୀ ଲାଜରେ ସାନ ଝିଅକୁ ଲୁଚାଇ ରଖନ୍ତି । ବିବାହ ବୟସ ହେଲା । ବଡ ତିନିଙ୍କର ବାହାଘର ହୋଇଗଲା । ସାନଟି ଥାଏ ।

ଦିନେ ରାଜା ଝିଅସବୁକୁ ବିଜେ କରିଥିଲେ । ସାନଝିଅକୁ ଦେଖି ତା'ର ପରିଚୟ ପଚାରିଲେ । ରାଣୀତ ଲାଜରେ ତାକୁ ଲୁଚାଇ ରଖିଥାନ୍ତି । କ'ଣ କରିବେ ବଡ ଅଡୁଆରେ ପଡିଲେ । ମାନିଗଲେ । ରାଜା ସବୁ ଶୁଣି ପ୍ରତିଜ୍ଞା କଲେ କାଲି ସକାଳୁ ଉଠି ପ୍ରଥମେ ଯାହାକୁ ଦେଖିବ ତା'ର ସହିତ ଏ ଝିଅକୁ ବାହା କରିଦେବ ।

ତହିଁ ଆରଦିନ ସିଂହ ଦ୍ୱାରରେ ରାଜା ଜଣେ ଭିକ୍ଷାର୍ଥୀ ବୃଦ୍ଧ ବ୍ରାହ୍ମଣଙ୍କୁ ଦେଖିଲେ । ସାନ ଝିଅକୁ ସମ୍ପ୍ରଦାନ କରି ତାକୁ ଜ୍ୱାଇଁ କଲେ । କିଛିଦିନ ପରେ ରାଣୀ ଚାରି ଝିଅଙ୍କୁ ଘରକୁ ଆଣିଲେ । ବଡ ତିନି ଭଉଣୀ ବାପ ଘରେ ହସ ଖୁସିରେ ରହିଲେ । ସାନ ଭଉଣୀ ତା'ର ଅଭ୍ୟାସ ରୁଚି ନେଇ ରହିଲା । ରୋଷେଇ ଘରୁ ଆମିଷ ନେଇ ଖାଏ । ତଳେ ଶୁଏ । ଏପରି ଝିଅକୁ ଜନ୍ମ ଦେଇ ଥିବାରୁ ରାଣୀଙ୍କର ମନ ଦୁଃଖରେ ଭରିଯାଏ ।

ବଡ ଝିଅର ବୁଦ୍ଧି ସରସ । ସେ ଅନେକ କଥା ଜାଣିଥାନ୍ତେର । ସେ କହିଲା, ପୂର୍ବ ଜନ୍ମରେ ଓଷାବ୍ରତ ନ କରି ଥିବାରୁ ଓ ସେହିଦିନ ମାନଙ୍କରେ ଆଇଁଷ ଖାଇଥିବାରୁ ସାନ ଭଉଣୀ ଏ ଦଶା ଭୋଗୁଛି । ତା' କଥା ଅନୁସାରେ ଚାରୋଟି ହାଣ୍ଡି ଅଣାଗଲା । ଚାରି ଭଉଣୀ ହାତ ଗୋଡ ଧୋଇ ହାଣ୍ଡିରେ କୁଳ ପକାଇଲେ । ହାଣ୍ଡି ମୁହଁରେ ପଲମ ଘୋଡାଇ ଦେଲେ । ଗୁଆ ଘିଅରେ କାଗର କାଳି ହାଣ୍ଡି ଗୁଡ଼ିକ ଏକ ନିର୍ଜନ ସ୍ଥାନରେ ରଖିଦେଲେ । ସକାଳୁ ଦେଖାଗଲା ବଡ ତିନି ଭଉଣୀଙ୍କ ହାଣ୍ଡିରେ କଦଳୀ, ମୁଗ ଓ ନଡ଼ିଆ ଅଛି । ସାନ ଭଉଣୀ ହାଣ୍ଡିରେ ମୀନ, କୀଟ ପତଙ୍ଗ, କୁଜି ଗେଣ୍ଡା ଇତ୍ୟାଦି ଅଛି । ରାଣୀ ବଡ ଝିଅକୁ ଉପାୟ ପଚାରିଲେ । କ'ଣ କଲେ ସାନ ଝିଅର

ପ୍ରାୟଶ୍ଚିତ ହେବ ବୋଲି ପ୍ରଶ୍ନ କଲେ । ବଡ ଝିଅ କହିଲି— 'ମୁଁ ଗଙ୍ଗା ଜଳରେ ପାଞ୍ଚଦିନ ରହି ପଞ୍ଚକ ଉପବାସ କରୁ । ଗଙ୍ଗାରେ ପରଲୋକ ହେଲେ ଉଦ୍ଧାର ପାଇବ । ସାନ ଝିଅ ସ୍ୱାମୀ ପୁନଙ୍କୁ ସ୍ମୃତି ଗଙ୍ଗାରେ ପଞ୍ଚକ କରି ପ୍ରାଣ ବିସର୍ଜନ କଲି । ରଥରେ ବସି ବୈକୁଣ୍ଠକୁ ଗଲି । ରାଜା ଓ ରାଜାର ଅନ୍ୟମାନେ ସେହିଦିନ ଠାରୁ ପଞ୍ଚକ କଲେ । ସାନ ଝିଅ ରାଣୀ ହୋଇ ଜନ୍ମଲାଭକରି କୃଷ୍ଣଙ୍କର ବଲ୍ଲଭୀ ହେଲି ।

ଅବନ୍ତୀ ନଗରରେ ଜଣେ ବ୍ରାହ୍ମଣ ଥିଲି । ତା ନାଆଁ ବିଷ୍ଣୁଦାସ । ତା' ସ୍ତ୍ରୀ ନାଆଁ ଦମୟନ୍ତୀ । ବ୍ରାହ୍ମଣ ଭିକ୍ଷା ବୃତ୍ତିକରି ପେଟ ପୋଷେ । ତା'ର ପାଞ୍ଚ ପୁଅ । ସେମାନଙ୍କର ନାଆଁ କବି, ସୁରୀ, ଦୂତ, ଦାନ୍ତ ଓ ହଂସ । ସେମାନେ ଗାନ୍ଧର୍ବ ବିଦ୍ୟାରେ ନିପୁଣ ।

ବୃହଦ୍ରଥ ରାଜାଙ୍କର ରାଣୀ କାଦମ୍ବିନୀ ନୃତ୍ୟଗୀତ ବିଶାରଦା । ତାଙ୍କ ପୁଅଙ୍କର ନାମ ସୁରଥ । ସେ ପଶ୍ଚିମ ଦେଶର ରାଜା । ଏ ପାଞ୍ଚ ଭାଇ ରାଣୀଙ୍କର ଗୁଣ ଶୁଣି ସେ ଦେଶରେ ପହଞ୍ଚିଲେ । ରାଜାଙ୍କୁ ସବୁକଥା ଜଣାଇଲେ । ରାଜା ସେମାନଙ୍କର ରହିବାର ବ୍ୟବସ୍ଥା କରିଦେଲେ । ନୃତ୍ୟଗୀତର ଆୟୋଜନ ହେଲା । ରାଣୀ ଅନ୍ତରାଳରେ ରହି ନୃତ୍ୟକଲେ ଓ ଗୀତ ଗାଇଲେ । ବ୍ରାହ୍ମଣ ପାଞ୍ଚ ଭାଇ କବାଟ ବାହାରେ ଥାଇ ନୃତ୍ୟଗୀତ କଲେ । ଏହାପରେ ପରସ୍ପର ପରସ୍ପର ପ୍ରତି ଆକୃଷ୍ଟ ହେଲେ । ସାକ୍ଷାତ ପାଇଁ ମନ ବଳାଇଲେ । ରାଣୀ ସେମାନଙ୍କୁ ଗୋପନରେ ଦେଖା କରିବା ପାଇଁ ଦାସୀ ହାତରେ ଖବର ଦେଲେ । ପଞ୍ଚଭ୍ରାତା ସଙ୍କେତ ସ୍ଥଳକୁ ଯିବାପାଇଁ ଅଙ୍ଗୀକାର କଲେ ।

ପ୍ରଥମ ରାତିରେ ବଡଭାଇ କବି ସଙ୍କେତ ସ୍ଥଳରେ ପହଞ୍ଚିଲି । ଦେଖିଲି, ସେଠାରେ ଋତୁଧାନ ଋଷି ପୂଜା କରୁଛନ୍ତି । ଜାଣିଲି ସେଦିନ କାର୍ତ୍ତିକ ପଞ୍ଚକ ଆରମ୍ଭ । ସେ ଋଷିଙ୍କ ସାଙ୍ଗରେ ମିଶି ପୂଜା କଲି । ରାଣୀ ଯଥା ସମୟରେ ଆସିଲେ । ପୂଜା ହେଉଥିବାର ଦେଖି

ଵାଦ୍ୟାବାଦନ କଲେ । ଗୀତ ଗାଇଲେ । ଏହିପରି ରାତି ପାହି ସକାଳ ହେଲା । ଋଷି ଗୋ-ମୂତ୍ର ଗ୍ରାସ କଲେ । କନ୍ୟା ଓ ରାଣୀ ମଧ୍ୟ ଗୋ ମୂତ୍ର ଗ୍ରାସ କଲେ । ରାଣୀ ରାଜ ପ୍ରାସାଦକୁ ଫେରି ଗଲେ । କନ୍ୟା ମନରେ ବୈରାଗ୍ୟ ଭାବ ଉଦୟ ହେଲା । ସେ ସନ୍ୟାସୀ ହୋଇଗଲା ।

ଦ୍ୱାଦଶୀ ଦିନ ବିଶିପୃ ଭାଇ ପୂର୍ବ ସଂକେତ ସ୍ଥଳକୁ ଆସିଲା । ସେ ମଧ୍ୟ ସେହିପରି ବ୍ରତ ପାଳନ କରି ସକାଳୁ ଗୋମୟ ସେବନ କରି ଋଷିଙ୍କୁ ସର୍ବସ୍ୱ ଦାନ କରି ତୀର୍ଥକୁ ଚାଲିଗଲା । ଏହିପରି ତ୍ରୟୋଦଶୀ ଦିନ ଦୂତ, ଚତୁର୍ଦ୍ଦଶୀ ଦିନ ଦାନ୍ତ ଓ ପୂର୍ଣ୍ଣିମା ଦିନ ହଂସ ନିଜ ସ୍ଥାନରେ ରାଣୀଙ୍କୁ ଭେଟି ଋଷିଙ୍କ ସହ ପଜାକରି ଯଥାକ୍ରମେ ଦୁଗ୍ଧ, ଦଧି ଓ ଘୃତ ସେବନ କରି ସର୍ବସ୍ୱ ଦାନ କରି ସନ୍ୟାସ ଗ୍ରହଣ କରି ତୀର୍ଥକୁ ଚାଲିଗଲେ । ରାଣୀ ନିଜ ଆବାସରେ ରହିଲେ । ଋଷି ଆଶ୍ରମରେ ରହିଲେ । କିଛିଦିନ ପରେ ତୀର୍ଥରେ ପାଞ୍ଚ ଭାଇଙ୍କର ଦେହାନ୍ତ ହେଲା । ପଞ୍ଚକ ବ୍ରତର ପୁଣ୍ୟ ଲାଭ କରିଥିବାରୁ ସେ ପଞ୍ଚ ପାଣ୍ଡବ ହୋଇ ଜନ୍ମଲାଭ କଲେ । ଋତୁଧାନ ଋଷି ଭଗବାନଙ୍କ ଅଂଶନେଇ ଜନ୍ମ ହେଲେ । ସେ ବଦ୍ରିକା ଶ୍ରମରେ ଶିଷ୍ୟମାନଙ୍କୁ ଅଷ୍ଟାଙ୍ଗ ଯୋଗର ବିଧାନ ଦେଇ ମୃତ୍ୟୁପରେ ସ୍ୱର୍ଗକୁ ଗଲେ ।

ସୋମାଳୀ ଦେଶରେ ଭାଗ୍ୟଧର ବୋଲି ସାଧବଟିଏ ଥିଲା । ବୃନ୍ଦାବନ ଠାରୁ ପଚିଶ କୋଷ ଦୂରରେ ସଦ୍‌ଘୋଷ ନାମରେ ଜଣେ ସାଧବ ଥିଲା । ତା'ର ସାତ ପୁଅ, ସାତ ବୋହୂ । ସାନ ବୋହୂଟି ଖଜ ଓ କାଡ଼ । କିନ୍ତୁ ସେ ସବୁଠାରୁ ସୁନ୍ଦରୀ । ଅନ୍ୟ ଯାଆମାନେ ତାକୁ ଦେଖି ପାରନ୍ତି ନାହିଁ । ପଞ୍ଚକ ବ୍ରତ ପଡ଼ିଲାରୁ ଶାଶୁ ଛଅ ବୋହୂଙ୍କୁ ଧରି ପଞ୍ଚକ ପାଳିବାକୁ ପ୍ରଭାସ ତୀର୍ଥକୁ ଗଲା । ସାନବୋହୂ ଘର ଜଗି ରହିଲା । ନଈ କୂଳକୁ ଯାଇ ତଳେ ପଡ଼ିଥିବା ଦ୍ରବ୍ୟ ଗୁଡ଼ିକ ସଂଗ୍ରହ କରି ଫୁଲ ତୋଳି ଭଗବାନଙ୍କୁ ଭକ୍ତିର ଅର୍ଘ୍ୟ ଦେଲା । ତା'ର ଭକ୍ତିରେ ଭଗବାନ କୃଷ୍ଣ ପ୍ରୀତ ହେଲେ । ତା'ର ଅର୍ଘ୍ୟ ଗ୍ରହଣ

କଲେ । ବର ମାଗିବା ପାଇଁ କହିଲେ । ତା'ର ପହଁରୀଟିଏ ନଥିଲା । ସେ ପହଁରୀଟିଏ ମାଗିଲା । କୃଷ୍ଣଙ୍କ ଆଜ୍ଞାରେ କୁବେର ତାକୁ ରତ୍ନ ପହଁରୀଟିଏ ଦେଲେ ।

ସାନବୋହୂ ଘରକୁ ଫେରି ପହଁରୀଟି ଲୁଚାଇ ରଖିଥାଏ । ସେ ପହଁରୀର ତେଜ ଦେଖି ଅନ୍ୟ ବୋହୂମାନେ ତାହାକୁ ଆବିଷ୍କାର କଲେ । ପହଁରୀ କେଉଁଠାରୁ ଆଣିଲା ବୋଲି ଗାଳି ଦେଲେ । ସାନବୋହୂ ଆପଣା ନିଷ୍ଠାରେ ଥାଏ । ଏହାପରେ ଦ୍ୱିତୀୟ ଦିନ ଲିପିବା ପାଇଁ ହାଣ୍ଡି ମାଗି ରତ୍ନହାଣ୍ଡି ଓ ତୃତୀୟ ଦିନ କୁଣ୍ଡା ପିଠା ବର ପାଇଲା । ଚତୁର୍ଥ ଦିନ ଅଳଙ୍କାର ଓ ବସ୍ତ୍ର ମାଗିଲା । କୃଷ୍ଣ ବଂଶୀରେ ଅଳଙ୍କାର ପୂରାଇ କୋଇଲି ହାତରେ ପଠାଇଲେ । କୋଇଲି ବାଟରେ ରାଧାଓଳି ଅମ୍ବ ଗଛରେ ଶୋଇ ପଡ଼ିଲାରୁ ତା' ଥଣ୍ଟରୁ ବଂଶୀ ପଡ଼ିଗଲା । ରାଧା, କୃଷ୍ଣଙ୍କର ବଂଶୀ ଚିହ୍ନି ତା ମଧ୍ୟରୁ ସମସ୍ତ ଦ୍ରବ୍ୟ କାଢ଼ି ରଖିଲେ । ତା' ଭିତରେ ନଖ, ଲୋମ ଓ ଚମ୍ପୁ ଭର୍ତ୍ତି କରିଦେଲେ । କୋଇଲିର ନିଦ ଭାଙ୍ଗିଲା । ସେ ବଂଶୀଟିକୁ ତଳୁ ଗୋଟେଇ ନେଇ ସାଧବ ସାନ ବୋହୂକୁ ଦେଲା । ସାନ ବୋହୂ ବଂଶୀରେ ପାଟ ପଡମା, ଆଦି ଅଳଙ୍କାର ବଦଳରେ ନଖ ଚମ୍ପୁ ଓ କେଶ ଦେଖି ରାଗିଗଲା । କହିଲା — କାଲି ମୋ କୁଣ୍ଡା ନ ଫିଟୁ । ପୂର୍ଣ୍ଣିମା ଦିନ ପୂଜାକଲା । ପୂଜା ପରେ ଭଗବାନ କୃଷ୍ଣ ତାକୁ ବର ମାଗିବାକୁ କହିଲେ । ସେ କିଛି କହିଲା ନାହିଁ । ଭଗବାନ ରାଗିଗଲେ । ତାକୁ ଅଭିଶାପ ଦେଲେ । କହିଲେ—"ତୁ ଗର୍ବରେ ମୋତେ କଥା କହୁନାହୁଁ । ତୁ ବଜାରରେ ବିକି ହୁଅ ।"

କିଛି ଦିନ ପରେ ସାଧବ ଗରିବ ହୋଇଗଲା । ଖାଇବାକୁ ପାଇଲା ନାହିଁ । ଦିନେ କ୍ଷୁଧାରେ ଆତୁର ହୋଇ ସାନ ବୋହୂକୁ ବିକିବ ବୋଲି ଧରି ବଜାରକୁ ଗଲା । ଭଗବାନ ବୁଢ଼ା ବ୍ରାହ୍ମଣ ରୂପରେ ଆସି ଟଙ୍କାଟିଏ ଦେଇ ତାକୁ କିଣି ନେଇଗଲେ । ନନ୍ଦଘରେ ରଖିଲେ । ସେ ପ୍ରତିଦିନ ଗୋପପୁରରେ ରାଧାଙ୍କ ଘରୁ ଦୁଧ ଆଣିବାକୁ

ଯାଏ । କୃଷ୍ଣ ଏବେ ରାଧାଙ୍କୁ କହିଲେ, ସେ ବୋହୂର ପୂର୍ବ ବୃତ୍ତାନ୍ତ ପଚାରି ବୁଝ । ରାଧା ପଚାରିଲେ । କୃଷ୍ଣ ଲୁଚି ରହି ଶୁଣିଲେ । ବୋହୂ ସବୁ ବୃତ୍ତାନ୍ତ କହିଲା । ରାଧା ତାହା ଶୁଣି କଂସାରେ ସବୁ ଦ୍ରବ୍ୟ ଆଣି ରଖାଇଲେ ।

କୋଇଲି ଓ ରାଧାଙ୍କ ଯୋଗୁ ସାଧବ ବୋହୂ ପଞ୍ଚକ ବ୍ରତ କରି ମଧ୍ୟ ଏ ଦଶା ଭୋଗିଲା । ତେଣୁ କୃଷ୍ଣ ରାଗିଲେ । ଏପୁଣି କି ହେବାକୁ ଅଭିଶାପ ଦେଲେ । ଗର୍ଭବତୀ ହୋଇ ଥିଲେ ଝିଅ ହେବ ବୋଲି କହିଲେ । କୋଇଲିର କଣ୍ଠ ବନ୍ଦ ହେଉ ଓ ସାଧବ ବୋହୂର ଜଡ଼ଭାବ ଯାଉ ବୋଲି କହିଲେ । କୋଇଲିକୁ ପୁଣି ଅଭିଶାପ ଦେଇ କହିଲେ ଯେ ସେ ନିଜ ଡିମ୍ବ ଫୁଟାଇ ଛୁଆ ନ କରୁ । ପର ଫୁଟାଇଲେ ଛୁଆ ହେଉ ।

ଅଭିଶାପ ପାଇ ରାଧା ଓ କୋଇଲି ଶ୍ରୀକୃଷ୍ଣଙ୍କ ପାଖେ ଦୟିମା କଲେ । ସେମାନେ ଅଜାଣତରେ ଅପରାଧ କରି ପକାଇଛନ୍ତି, ବୋଲି ମାନିଗଲେ । ଶାପ ମୋଚନ ପାଇଁ ଅନୁନୟ କଲେ । କିନ୍ତୁ କୃଷ୍ଣଙ୍କର ବାକ୍ୟ ଅନ୍ୟଥା ହେବ କିପରି ? ସେ କହିଲେ, "ରାଧା ଚିର ଯୌବନା ହେବେ ଏବଂ ବସନ୍ତ ଋତୁରେ କୋଇଲିର ତୁଣ୍ଡ ଖୋଲିବ ।" ସାଧବ ପୂର୍ବଧନ ଫେରି ପାଇଲା । ସାନବୋହୂକୁ ନାନାବିଧ ବସନ ଭୂଷଣ ଦେଇ ତା' ଘରକୁ ପଠାଇ ଦେଲେ । ତା'ର ଖମା ଓ ଜାଉଁ ଦୋଷ ଦୂର ହେଲା । ତା'ର ପଞ୍ଚକ ବ୍ରତ ପ୍ରଭାବରେ ସାଧବର ଭାଗ୍ୟ ଖୋଲିଉଠିଲା ।

ପ୍ରୟାଗରେ ଗଙ୍ଗା ଯମୁନାର ମିଳନ ସ୍ଥଳ । ସେହି ଘାଟରେ ବାଞ୍ଛା ବଟ ଥିଲା । ବାଞ୍ଛାବଟ ଠାରୁ ଖଣ୍ଡେ ଦୂରରେ ଗଙ୍ଗାର ଦକ୍ଷିଣ ତଟେ ସୁଭଦ୍ରା ଆଶ୍ରମ । ସେଠାରେ ଅଙ୍ଗିରା ଋଷି ତାଙ୍କ ଶିଷ୍ୟ ପ୍ରଶିଷ୍ୟ ମାନଙ୍କ ସହ ତପସ୍ୟା କରୁଥିଲେ । ସେଠାରେ ବିଶାଳ ବଟରେ ଚିତ୍ରଗ୍ରୀବ ନାମରେ କପୋତଟିଏ ତା' ସ୍ତ୍ରୀ ଚିତ୍ରରେଖା ଏବଂ ପୁତ୍ର

ଓ ପୁତ୍ରବଧୂଙ୍କୁ ନେଇ ରହୁଥିଲା । କାର୍ତ୍ତିକ ମାସରେ ମୁନି ଋଷି ମାନଙ୍କର ସ୍ନାନ ଓ ଧର୍ମ ଦେଖିଲା । ତା' ସ୍ତ୍ରୀକୁ କହିଲା, "ପକ୍ଷୀଜନ୍ମ ପାଇଥିବାରୁ ନିଦ୍ରା, ମୈଥୁନ ଓ ଆହାର ଛଡ଼ା ଆମ୍ଭେମାନେ ପୁଣ୍ୟକର୍ମ କରିବାକୁ ଅସମର୍ଥ । ତେଣୁ ମୃତ୍ୟୁପରେ ନରକରେ ପଡ଼ିବା ।" ଦୁହେଁ ଏ ବିଷୟରେ ଚିନ୍ତା ଓ ପରାମର୍ଶ କଲେ । କପୋତ ପରିବାରଟି କାର୍ତ୍ତିକ ବ୍ରତ କରିବେ ବୋଲି ସ୍ଥିରକଲେ ।

ସକାଳୁ ଉଠିଲେ । ପ୍ରାତଃ ସ୍ନାନକଲେ । ଆମିଷ ଖାଇଲେ ନାହିଁ । ମାସ ଶେଷରେ ପଞ୍ଚକ ବ୍ରତ ପଡ଼ିଲା । ଋଷି ନାରୀମାନେ ବାଲୁକାରେ ଖଣ୍ଡ, କଦଳୀ, ମୁଗ ନଡ଼ିଆ ଆଦି ଦେଇ ପୂଜାକଲେ । ପକ୍ଷୀ ପରିବାର ଗଛ ଉପରେ ରହି ଦେଖିଲେ । ସେମାନେ ନିରାହାର ପଞ୍ଚକ କଲେ । ଋଷି ନାରୀମାନେ ପୂଜା କରିଗଲା ପରେ ପୂଜା ସ୍ଥାନରେ ପଡ଼ିଥିବା ସାମଗ୍ରୀକୁ ଖୁଣ୍ଟି ରଖନ୍ତି । ଭଲ ଦ୍ରବ୍ୟମାନ ବାଛି ସଂଗ୍ରହ କରନ୍ତି । ରଖି ନ ହେବା ଦ୍ରବ୍ୟମାନ ଚାରିଭାଗ କରି ବାଣ୍ଟି ଖାଆନ୍ତି ।

ପୂର୍ଣ୍ଣିମା ଦିନ ନାରୀମାନେ ବ୍ରାହ୍ମଣ ଡାକି, ଭୋଜନ କରାଇ ବ୍ରତ ଉଦ୍‌ଯାପନ କରାଇଲେ । କପୋତ ସଞ୍ଚିତ ଦ୍ରବ୍ୟରେ ତରଣ ପ୍ରସ୍ତୁତ କଲା । କିନ୍ତୁ ଅତିଥିଙ୍କୁ ନ ପାଇ ମନ ଦୁଃଖରେ ବସିଲା । ବିଷ୍ଣୁ ତା ମନକଥା ଜାଣି ପାରିଲେ । ବୁଢ଼ା ବ୍ରାହ୍ମଣ ରୂପ ଧରିଲେ । ତା' ପାଖରେ ଆସି ପହଞ୍ଚିଲେ । କହିଲେ—"ପାଞ୍ଚଦିନ ହେଲା ଖାଇନି । ଭୋଜନ ଖୋଜୁଛି ।" କପୋତ ବ୍ରାହ୍ମଣଙ୍କୁ ଦେଖି ନିଜକୁ ଭାଗ୍ୟବାନ ମନେ କଲା । ଘରକୁ ବରଣ କରି ନେଇଗଲା । ତରଣକୁ ପାଞ୍ଚଭାଗ କରି ଭାଗେ ବ୍ରାହ୍ମଣଙ୍କୁ ଦେଲା । କିନ୍ତୁ ବ୍ରାହ୍ମଣଙ୍କର କ୍ଷୁଧା ମେଣ୍ଟିଲା ନାହିଁ । କପୋତ ଜଣକ ପରେ ଜଣକର ଭାଗ ଆଣି ବ୍ରାହ୍ମଣଙ୍କୁ ଦେଲା । ଶେଷରେ ବୋହୂର ଭାଗକୁ ଆଣି ଦେଲା ବେଳକୁ ଠାକୁରଙ୍କର ଦର୍ଶନ ପାଇଲା । ପ୍ରଭୁ କପୋତ, କପୋତୀ ଓ ତା'ର ପୁଅଙ୍କୁ ରଥରେ ବସାଇ ବୈକୁଣ୍ଠକୁ ଚାଲିଲେ । ତଳେ କପୋତ ବଧୂ କାନ୍ଦିଲା ।

ଶାଶୁ ତା' ବେକରୁ କରମାଳ କାଢ଼ି ବୋହୂକୁ ଦେଲ । ବୋହୂ ପକ୍ଷୀ ମାନଙ୍କ ମଧ୍ୟରେ ଉଜ୍ୱଳ ହୋଇ ପୃଥିବୀରେ ରହିଲା । ଏହିପରି ପଞ୍ଚୁକ ବ୍ରତର ମହିମାରେ ପକ୍ଷୀମାନେ ଉଦ୍ଧାର ପାଇ ବୈକୁଣ୍ଠକୁ ଗଲେ ।

ପଞ୍ଚୁକର ମହିମା ସମ୍ପର୍କରେ ବର୍ଣ୍ଣିତ ଉପରୋକ୍ତ ଆଖ୍ୟାନ ଗୁଡ଼ିକର ବକ୍ତା କୃଷ୍ଣ । ଶ୍ରୋତା ସତ୍ୟଭାମା । ଏହି ପଞ୍ଚୁକ ବ୍ରତକଥା ଓ ଉପରେ ବର୍ଣ୍ଣିତ ରାଇ ଦାମୋଦର ବ୍ରତକଥା ବ୍ୟତୀତ କାର୍ତ୍ତିକ ମାସରେ 'କାର୍ତ୍ତିକ ମାହାତ୍ମ୍ୟ' ପଠିତ ହୁଏ । ସେଥିରେ ଶିବଙ୍କ କୋପନଳରୁ ଜଳନ୍ଧର ନାମକ ଅସୁରର ଜନ୍ମ । ତା' ଦ୍ୱାରା ଦେବତାଙ୍କର ନିର୍ଯ୍ୟାତନା, ପାର୍ବତୀଙ୍କୁ ପାଇବା ପାଇଁ ଶିବଙ୍କ ସହିତ ଜଳନ୍ଧରର ଯୁଦ୍ଧ । ଜଳନ୍ଧରର ସ୍ତ୍ରୀ ବୃନ୍ଦାବତୀର ପୁଣ୍ୟ ଫଳରେ ଜଳନ୍ଧରର ଅଜେୟ ଶକ୍ତି ଏବଂ ତାକୁ ବଧ କରିବା ଲାଗି ଶିବଙ୍କର ଅସାମର୍ଥ୍ୟ, ବିଷ୍ଣୁଙ୍କର କୌଶଳରେ ବୃନ୍ଦାବତୀଙ୍କର ପୁଣ୍ୟ ହରଣ ଓ ଶିବଙ୍କ ଦ୍ୱାରା ଜଳନ୍ଧରର ବଧ ବୃତ୍ତାନ୍ତ ବର୍ଣ୍ଣିତ ।

## ବଡଓଷା

ମହାନଦୀ ଗର୍ଭରେ ଥିବା ଧବଳେଶ୍ୱର ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡଓଷା ପାଳିତ ହୁଏ । ଓଡ଼ିଶାର ଘରେ ଘରେ ମାନସିକ ଥିଲେ ସ୍ତ୍ରୀ ଲୋକମାନେ ମଧ୍ୟ ଏହି ଓଷା ପାଳନ କରନ୍ତି । ଏହାର ଦେବତା ଧବଳେଶ୍ୱର ।

ଉତ୍କଳ ଦେଶରେ ଜଣେ ପରମ ଧାର୍ମିକ ରାଜା ଥିଲେ । ତାଙ୍କର ନାମ ଜନ୍ତୁ । ସେ ରାଜା ଥରେ ଶିକାର କରିବାକୁ ଗଲେ । ବନ ମଧ୍ୟରେ ଇତସ୍ତତଃ ବୁଲି ଗୋଟିଏ ମନ୍ଦିର ନିକଟରେ ପହଞ୍ଚିଲେ । ସେଇଟି ଶିବ ମନ୍ଦିର ଏବଂ ଭଗ୍ନ । ସେଠାରେ ନାଗପୁରର ରାଜକୁମାରୀ ହରପ୍ରିୟା ପୂଜା କରୁଥିଲେ । ସେ ଜନ୍ତୁଙ୍କୁ ବିବାହ କରିବେ ବୋଲି କାମନା କରୁଥିଲେ । ସେଠାରେ ସେମାନଙ୍କର ଦେଖା ଚାହାଁ ହେଲା । ରାଜଜେମା ଜନ୍ତୁଙ୍କୁ ବରଣ କଲେ । ବିବାହ କାର୍ଯ୍ୟ ସମ୍ପନ୍ନ ହେଲା ।

ବିବାହ ପରେ ରାଜା ରାଜ୍ୟକଥା ବୁଝିଲେ ନାହିଁ । ସଦା ସର୍ବଦା ଭୋଗ ବିଳାସରେ ମାତି ରହିଲେ । ବାହାରେ ଶତ୍ରୁ ପ୍ରବଳ ହେଲେ । ତାଙ୍କୁ ରାଜ୍ୟ ହରାଇବାକୁ ପଡ଼ିଲା । ସେ ବଣରେ ରାଣୀଙ୍କ ସହ ଅସହାୟ ଭାବରେ ବଞ୍ଚିରହିଲେ ।

ସେହି ବନରେ ଜଣେ ସନ୍ୟାସୀ ରହୁଥିଲେ । ସେ ଶିବ ପୂଜକ । ଥରେ ସେ ମହାଦେବଙ୍କ ପୂଜାପାଇଁ କିଛି କେତକୀ ଫୁଲନେଇ ଯାଉଥିଲେ । ରଜା ତାହା ଛଡ଼ାଇ ଆଣି ରାଣୀଙ୍କୁ ଦେଲେ । ଶିବଙ୍କର କୋପହେଲା । ରାଜାଙ୍କ ଦେହରେ କୁଷ୍ଠ ରୋଗ ହେଲା । ତାଙ୍କର ଦୁଃଖ ବଢ଼ି ବଢ଼ି ଚାଲିଲା । ରାଣୀ ହରପ୍ରିୟା ପରମ ସତୀ । ସେ ସ୍ୱାମୀଙ୍କର ସେବା ଓ ଈଶ୍ୱର ଚିନ୍ତାରେ କାଳ କଟାଉଥାନ୍ତି । ସେଜଣେ ସନ୍ୟାସୀଙ୍କୁ ଭେଟି ସ୍ୱାମୀଙ୍କର ଆରୋଗ୍ୟ ଉପାୟ ପଚାରିଲେ । ଶିବ-ଭକ୍ତଙ୍କ ଅଭିଶାପରୁ ରଜାଙ୍କର ଏ ରୋଗ ହୋଇଛି ବୋଲି ସନ୍ୟାସୀ କହିଲେ । ରାଣୀ ସନ୍ୟାସୀଙ୍କ ପରାମର୍ଶ କ୍ରମେ ମହାନଦୀ ଗର୍ଭରେ ଥିବା ଧବଳେଶ୍ୱରଙ୍କ ନିକଟରେ ନିଷ୍ଠାର ସହ ବଡ଼ ଓଷା ବ୍ରତ ପାଳନ କଲେ । ଶିବ ସନ୍ତୁଷ୍ଟ ହୋଇ ବରଦେଲେ । ରଜା ରୋଗମୁକ୍ତ ହେଲେ ଏବଂ ସସ୍ତ୍ରୀକ ପୁତ୍ର ସନ୍ତାନ ସହ ସୁଖରେ ରାଜତ୍ୱ କଲେ ।

## କାଞ୍ଜିଅଁଳା ଓଷା

ଏହି ଓଷା ମାର୍ଗଶିର ମାସର କୃଷ୍ଣପକ୍ଷ ଅଷ୍ଟମୀ ବା ନବମୀ ତିଥିରେ ପଡ଼େ । ସନ୍ଧ୍ୟାବେଳେ ଓଷେଇତମାନେ ଏକତ୍ରିତ ହୋଇ ଏହାକୁ ପାଳନ କରିଥାନ୍ତି । ଏକ ଲୌକିକ ଓଷାକଥା ଛଡ଼ା ଦ୍ୱିଜ ରଘୁନାଥ ଦାସ କୃତ ପଦ୍ୟରେ ରଚିତ କାଞ୍ଜିଅଁଳା ଓଷାକଥା ପ୍ରଚଳିତ । କାହାଣୀ ଦୁଇଟି ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ଥିଲେ ମଧ୍ୟ ଉଭୟଟିର ଗଳ୍ପାଂଶ ପ୍ରାୟ ସମାନ ।

ସାଧବ ଘର ସାନବୋହୂ ରାନ୍ଧିବାକୁ ଗଲା । ଘରେ ପନିପରିବା କିଛି ନଥିଲା । ପଡ଼ୋଶୀଘର ଦୋରସିମାଳିରୁ କଖାରୁଟିଏ ଆଣି

ଘୁଞ୍ଚଲା । ପଡ଼ିଶା ଘର ଅଭିଶାପ ଦେଲା —"ମୋ ସୁବର୍ଣ୍ଣ ଫଳ ଯିଏ ଚୋରାଇ ନେଇଛି ସେ ତା' ପିଲାମାନଙ୍କୁ ଯମକୁ ବଢ଼ାଇ ଦେଉଥାଉ ।" ଅଭିଶାପ ଫଳିଲା । ତା'ର ସାତପୁଅ ହୋଇ ମଲେ । ଅଷ୍ଟମ ଗର୍ଭ ବେଳକୁ ଶାଶୁ ତାକୁ ଗାଳି ଦେଇ ବିଦା କରିଦେଲା । ହାତରେ ସୂତା ନଟେଇଟିଏ ଦେଇ କହିଲା—"ଏଇଟି ଯେଉଁଠି ସରିବ ସେଇଠି ଜନ୍ମ କରିବୁ । ଭୟ ଓ ହତାଶାକୁ ନେଇ ନଟେଇଟି ଧରି ସାନବୋହୂ ଗଲିଲା ଜଙ୍ଗଲକୁ । ଚାରିଆଡେ ଘଞ୍ଚ-ଜଙ୍ଗଲ । ଅନ୍ଧାର । ସେଠି କାଉର ଥଣ୍ଟ ବୁଲେନି କି କୁରାଢ଼ିର ବେଣ୍ଟ ବୁଲେନି । ଅଗମ୍ୟ ଅଗାଧ ବନସ୍ତ । ସେଇଠି ଝିଅଟିଏ ଜନ୍ମ ହେଲା । ଏହି ପ୍ରସଙ୍ଗରେ ଦ୍ୱିଜ ରଘୁନାଥଙ୍କ ଓଷାକଥାରେ ଥିବା ବର୍ଣ୍ଣନା ପରେ ଦିଆଯିବ ।

ବୋହୂଟି ପ୍ରସବ ପରେ ଅଧିକ ଅସହାୟତା ଅନୁଭବ କଲା । ଏକାକୀ ବସି କାନ୍ଦିଲା । ତା'ର ବିକଳ କାନ୍ଦଣା ଓ ଅସହାୟତା ଦେଖି ଷଠୀଙ୍କର ଦୟା ହେଲା । ବୁଢ଼ୀ ରୂପରେ ଆସିଲେ । ତା'ର ଦୁଃଖ ଓ ଅନୁତାପ ଶୁଣିଲେ । କହିଲେ—"ଏବେ ତୋ ପୁଅମାନଙ୍କୁ ନେ' । ଯେଉଁଠାରେ ମାଇପେ କାଞ୍ଜିଅଁଳା ଓଷା ପୂଜୁଥିବେ, ଅଷ୍ଟମ ବାସିଦିନ ତହିଁରୁ ଭାତ ଗୋଟିଏ ଆଣି ଖାଇବୁ ।" ସାଧବ ବୋହୂ ଗୋଟିଏ ପୋଖରୀ କୂଳରେ ପହଞ୍ଚିଲା । ସେଠାରୁ କାଞ୍ଜିଅଁଳା ଓଷାର ଭାତଟିଏ ଗୋଟାଇ ଖାଇଲା । ତା'ର ପୁଅମାନେ ଜୀବନ ଫେରି ଫେରି ଆସିଲେ । ସେ ସାତପୁଅ ଓ ଝିଅଙ୍କୁ ଧରି ଘରକୁ ବାହୁଡ଼ିଲା । ଶାଶୁକୁ ସବୁକଥା କହିଲା । ଷଠୀଙ୍କ ଠାରୁ ଶୁଣିଥିବା ବିଧି ଅନୁସାରେ ମାର୍ଗଶୀର ଶୁକ୍ଳ ନବମୀ ଦିନ କାଞ୍ଜିଅଁଳା ଓଷା ପୂଜିଲା । ଏହି ଓଷାକରି ସାଧବ ବୋହୂର ମୃତବତ୍ସା ଦୋଷ ଦୂର ହେଲା ।

ଦ୍ୱିଜ ରଘୁନାଥଙ୍କ ବର୍ଣ୍ଣନାରେ ଷଠୀଙ୍କର ସ୍ୱରୂପ ଓ ସ୍ୱଭାବ ଏବଂ ଗହନ ବନସ୍ତରେ ସାଧବ ବୋହୂର ସନ୍ତାନ ପ୍ରସବର ସ୍ୱାଭାବିକ ବର୍ଣ୍ଣନା ସରଳ ଭାଷାରେ ଫୁଟିଛି ।

"ଅଗନା ଅଗନ ବନସ୍ତରେ ଯାଇ
କାକର ଅଣ୍ଡ ନବୁଲଇ ଯହିଁ ।
କୁରଡ଼ି ବେଣ୍ଟତ ବୁଲଇ ନାହିଁ
ସେବନେ ପୁଅ ପ୍ରସବଲା ଯାଇ ।

କାଠ କୁଣ୍ଢାଇ ପଇ ପୁଅ ହୋଇ
ପତରଛିରେ ତାହାକୁ ଶୁଆଇ ।
କାନ୍ଦୁଛି ବନସ୍ତେ ଏକାକୀ ହୋଇ ।

ସଖୀ କେହି ନାହିଁ ତା'ର ବନସ୍ତେ ।
ଷଠୀ ବୁଲୁଛନ୍ତି ତହିଁ ଯେ ମିଳନ୍ତେ ।।
ପୁଅ ଗୋଟିଏ କାଖରେ ଧରି ।
ଆଉ ପୁଅ ଏକ ଚାଲଇ କରି ।।
ବୋଲନ୍ତି ଭୂତ କି ଡାହାଣୀ ତୁହି ।
ବନସ୍ତରେ ବସି କାନ୍ଦୁ କମ୍ପାଇ ?

ରାଜ୍ୟ ସଂଗ୍ରହାଳୟରେ ଥିବା ଗୋଟିଏ ଗଦ୍ୟ ଓଷାକଥା ଅନୁସାରେ ଷଠୀ କାଞ୍ଜିଅଁଳା ଓଷା କରିବାକୁ କହି ପିଲାମାନଙ୍କୁ ବାହୁଡାଇ ଦେଇ ଅନ୍ତର୍ହିତା ହୋଇଗଲେ । କବିମାନଙ୍କ ଦ୍ୱାରା ରଚିତ ଓଷାକଥା ମାନଙ୍କରେ ଏପରି ସ୍ଥାନେ ସ୍ଥାନେ କାଳ୍ପନିକ ପରିସ୍ଥିତି ସୃଷ୍ଟି କରି ବର୍ଣ୍ଣନାମାନ ସନ୍ନିବେଶିତ କରାଯାଇଛି ।

## ବୁଧମଙ୍ଗଳବାର ଓଷା

ମାର୍ଗଶୀର ମାସର ପ୍ରଥମ ବୁଧବାର ଠାରୁ ଏହି ଓଷା ଆରମ୍ଭ ହୁଏ । ଯେଉଁ ମାସରେ ତ୍ରୟୋଦଶ ପାଳି ପୂରେ ସେ ମାସର ସେହି ପାଳି ବୁଧବାର ଦିନ ଉଦ୍ୟାପନ କରାହୁଏ । ଏହା ଛଡା ମାନସିକ ଥିଲେ କିମ୍ବା କୌଣସି ବିପତ୍ତି ପଡ଼ିଲେ ମାନସିକ କରି ଯେ କୌଣସି ମାସର ବୁଧବାର ଠାରୁ ତେରପାଳି ପର୍ଯ୍ୟନ୍ତ ବା ତେରଟି ବୁଧବାର ଏହି ଓଷା ପାଳନ କରାଯାଏ । ସର୍ବମଙ୍ଗଳା ଏହି ଓଷାର ଦେବତା ଓଷା କଥାଟି ଲୋକମୁଖରୁ ପୋଥିରେ ସଂଗୃହୀତ ହୋଇଛି ।

ବନର ଶବରଟି ବନରେ ଫଳ ମୂଳ ଖାଏ । ବଲ୍‌କଲ ପିନ୍ଧେ । ମନ ଆନନ୍ଦରେ ଜୀବନ କଟାଏ । ସେ ଥରେ ନଗର ବୁଲିବାକୁ ମନ ବଳାଇଲା । ନଗରକୁ ଆସି ସେଠାରେ ଜଣେ ସାଧବାଣୀ ସଙ୍ଗେ ସଙ୍ଗାତ ବସିଲା । ବନସ୍ତକୁ ଫେରି ଶବରକୁ ସାଧବାଣୀର ଆଦର ଗୌରବ କଥା କହିଲା । ଶବର ଭାରି ଖୁସି ହେଲା ।

ଦିନେ ଶବର ସୁବର୍ଣ୍ଣ ପକ୍ଷୀଟିଏ ଆଣି ଶବରୁଣୀକି ଦେଲା । ସାଧବାଣୀ ସୁବର୍ଣ୍ଣ ପଞ୍ଜୁରୀରେ ସେହି ପକ୍ଷୀଟିକୁ ରଖିଲା । ରାଜା ଖବର ପାଇଲେ, ସାଧବ ଘରେ ସାତଟି ସୁବର୍ଣ୍ଣ ଚଢ଼େଇ ଅଛି । ସାଧବକୁ ଡକାଇ ପଚାରିଲେ । ସେ କିଛି ଜାଣି ନଥିଲା । ରାଜା ତା ଉପରେ ବାଧକଲେ । ସେ ପରେ ଜାଣିପାରି ଚଢ଼େଇଟିକୁ ଆଣି ରାଜାଙ୍କୁ ଦେଲା । କିନ୍ତୁ ରାଜା ଶୁଣିଥିଲେ ସାତଟି ସୁବର୍ଣ୍ଣ ଚଢ଼େଇ ଅଛି । ବାକିତକ ମାଗିଲେ । ସେ ଯେତେ ବୁଝାଇଲେ ବି ତା' କଥା ବିଶ୍ୱାସ କଲେ ନାହିଁ । ସେ ଆଉ ଛଅଟି ସୁବର୍ଣ୍ଣ ପକ୍ଷୀ ଦେଇ ନପାରିବାରୁ ତା' ସାତ ପୁଅକୁ ବନ୍ଦୀକଲେ । ତା'ର ସମସ୍ତ ସଂପତ୍ତି ନେଇଗଲେ । ସାଧବ ଘରକୁ ବିପତ୍ତି ପଡ଼ିଲା ।

ସାଧବାଣୀର ମନଦୁଃଖ । ସ୍ୱାମୀ ଓ ସାତପୁଅ ରାଜାଙ୍କ ବନ୍ଦୀଶାଳାରେ । ସେ ନଖାଇ ନ ପିଇ ପଡ଼ିଥାଏ । ଲୁଗା ପାଲଟିବାକୁ ସୁଦ୍ଧା ମନ ନଥାଏ । ଦିନେ ପୋଇଲିଟିଏ ଆସି ତାକୁ କେତେ ବୋଧ ଶୋଧ କରି କହିଲା । ଲୁଗାପାଲଟାଇ ପାଳିଠା ଲୁଗାଟିକୁ ଧରି ପୋଖରୀ କୂଳେ ପଥରଟିଏ ଉପରେ ବସିଛି । ନିଜର ପ୍ରଭୁ ଓ ପ୍ରଭୁପତ୍ନୀଙ୍କ ଦୁଃଖରେ ଧାବିଲା ମନନେଇ ଏଣୁ ତେଣୁ ଭାବୁଛି । ଦେଖିଲା ଶେଉଳ ମାଛଟିଏ ତା ପିଲମାନଙ୍କୁ ଧରିଖେଳୁଛି ।

ପିଲ ମାଛ ମାନେ ମାଆ ମାଛକୁ ଖାଇବାକୁ ମାଗିଲେ । ମାଆ ମାଛଟି କହିଲା - "ସାଧବ ଘରକୁ ତ ବିପତ୍ତି ପଡ଼ିଛି । ତୁମ୍ଭେମାନେ କାହୁଁ ଖାଇବାକୁ ପାଇବ । ସେ ସିନା ଭରି ଚାଉଳ ଧୋଇ ନେଉଥିଲେ ସେଥି ତୁମେମାନେ ଖାଉଥିଲ । ଏବେ ଆଉ କାହୁଁ ପାଇବ ? ପିଲ

ମାଛମାନେ ପଚାରିଲେ— "ତା' ଦୁଃଖ କିମିତି ଯିବ ?" ମା କହିଲା, ସାଧବାଣୀ ବୁଧମଙ୍ଗଳବାର ଓଷା ପୂଜିଲେ ବିପତ୍ତିରୁ ରକ୍ଷା ପାଇବ । ତା' ପରେ ପିଲାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଓଷା ପୂଜିବାର ବିଧି କହିଲା । ସାଧବ ଘର ପୋଇଲକି ମାଛ ମାନଙ୍କର ଭାଷା ବୁଝେ । ସେ ସବୁ ଶୁଣିଲା । ସାଧବାଣୀକୁ ବିଧିମତେ ଓଷାକରାଇଲା ।

ସାଧବାଣୀ ତିନିପାଳି ଓଷା ପୂଜିଲା ପରେ ଠାକୁରାଣୀ ପ୍ରସନ୍ନ ହେଲେ । ରାଜାଙ୍କୁ ସ୍ୱପ୍ନାଦେଶ ହେଲା । ସାଧବ ସାତ ପୁଅଙ୍କୁ ମୁକ୍ତ ନକଲେ ବଂଶଲୋପର ଭୟ । ରାଜା ଦେବୀଙ୍କ ସ୍ୱପ୍ନାଦେଶ ଅନୁସାରେ ଦେବୀଙ୍କୁ ସନ୍ତୁଷ୍ଟ କରିବା ଏବଂ ନିଜର ବଂଶ ରକ୍ଷା କରିବା ଲାଗି ସାଧବ ଓ ସାତପୁଅଙ୍କୁ ମୁକ୍ତକଲେ । ତା'ର ସମସ୍ତ ସମ୍ପତ୍ତି ଫେରାଇ ଦେଲେ । ସାଧବାଣୀ ପୁଅମାନଙ୍କୁ ପାଇ ଚତୁର୍ଥ ପାଳିକୁ ମହା ଉତ୍ସାହ ସହକାରେ ଓଷା ପୂଜିଲା ।

ସାଧବାଣୀ କ'ଣ ଗୋଟାଏ ଓଷା ପୂଜୁଛି ବୋଲି ସାହି ପଡ଼ିଶାରେ କୁହାକୁହି ହେଲେ । ଖଟୁଆ ମାନେ କହିଲେ ସାଧବାଣୀ ରାଜାଙ୍କୁ ମରାଇବା ପାଇଁ କଅଣ ସବୁ ପୂଜୁଛି । ରାଜା ଗୋପନରେ ପୂଜାସ୍ଥାନରେ ଉକିକଲେ । ସାଧବାଣୀ ପୂଜାରେ ବସିଥିଲା । ସେ ଏତେକଥା ଜାଣେନାହିଁ । ଶେଷରେ ତା ପୁଅମାନଙ୍କୁ ମୁକ୍ତ ଦେଇଥିବାରୁ ରାଜାଙ୍କର ଅନେଶୋତ ପୁତ୍ର ମନାସିଲା । ରାଜା ଶୁଣି ଉଷତ ହେଲେ । ନବରକୁ ବାହୁଡ଼ିଲେ । ସାଧବକୁ ଡକାଇ ଠାକୁରାଣୀଙ୍କ ଭୋଗ ମଗାଇଲେ । ରାଣୀମାନେ ସେ ପ୍ରସାଦ ଖାଇ ଗର୍ଭବତୀ ହେଲେ । ସାଧବାଣୀ ସଙ୍ଗେ ଓଷା ପୂଜିଲେ । ଅନେଶୋତ ରାଣୀଙ୍କର ଅନେଶୋତ ପୁଅହେଲା ।

ରାଜା ଓ ରାଜ୍ୟବାସୀ ଓଷାର ମହିମା ଜାଣିଲେ ।

## ଉତ୍ତରାୟଣୀ ମଙ୍ଗଳବାର

ମାର୍ଗଶିର, ମାଘ, ବୈଶାଖ ଓ ଆଶ୍ୱିନ ଏହି ଚାରିମାସର ପ୍ରତ୍ୟେକ ମଙ୍ଗଳବାର ଦିନ ଏହି ଓଷା ପାଳନ ହୁଏ । ଉତ୍ତରାୟଣୀ

ମଙ୍ଗଳା ଏହି ଓଷାର ଅଧିଷ୍ଠାତ୍ରୀ ଦେବୀ । ଏହି ଓଷାରେ ଗଉଡୁଣୀ ଓ ବ୍ରାହ୍ମଣୀ ମଧ୍ୟରେ ଜାତି ଭେଦର ବନ୍ଧନ ଭେଦ କରି ଭଲ ବନ୍ଧୁତା ଓ ସେମାନଙ୍କର ଏକ ନିଷ୍ଠ ପୂଜାରେ ମଙ୍ଗଳାଙ୍କର ସନ୍ତୋଷ, ତାଙ୍କର କରୁଣା ଧାରା ନିର୍ଦ୍ଧନର ଧନ ଲାଭ, ମୃତର ଜୀବନ ଲାଭ ପ୍ରଭୃତି ମହିମା ବର୍ଣ୍ଣିତ ।

ବ୍ରାହ୍ମଣୀଟିଏ ଗଉଡୁଣୀଟିଏ ଦୁଇ ସଙ୍ଗାତ । ଦୁହିଙ୍କର ଭାରି ମନମିଳେ । ଦୁଇ ସଙ୍ଗାତ ବନସ୍ତକୁ ଯାଉଥିଲେ । ଦେଖିଲେ ସ୍ୱର୍ଗର ଅଷ୍ଟକନ୍ୟା, ମର୍ତ୍ତ୍ୟର ଅଷ୍ଟକନ୍ୟା ଉତ୍ତରାୟଣୀ ମଙ୍ଗଳବାର ପୂଜୁଛନ୍ତି । ସେମାନଙ୍କ ଠାରୁ ବିଧି ବିଧାନ ବୁଝିଲେ । ଘରକୁ ଆସି ଓଷା ପୂଜିଲେ ।

ବ୍ରାହ୍ମଣୀଟିର ଆର୍ଥିକ ଅବସ୍ଥା ଭଲ ନୁହେଁ । ଭଲରେ ମନ୍ଦରେ ଗଉଡୁଣୀ ସଙ୍ଗାତ ଘରକୁ ଯାଏ । ଦିନେ ବ୍ରାହ୍ମଣୀଙ୍କୁ ଗଉଡୁଣୀ ଦ୍ୱାରରେ ଦେଖି ଜାତି କୁଟୁମ୍ବ ମାନେ ବାରଣ କଲେ । ଏହି ପ୍ରସଙ୍ଗରେ ଓଷା କଥାରେ ଅଛି—"ବ୍ରାହ୍ମଣୀକି ଗଉଡୁଣୀ ଦ୍ୱାରରେ ଦେଖିଲେ । ଜାତି କୁଟୁମ୍ବେ କହିଲେ ଆମ୍ଭ ଘରକୁ ଅଭୂଷଣ ସେ । ଆମ୍ଭ ଘରକୁ ସେ କାହିଁ ଆସିଥାଇ ? ଏହା ଶୁଣି ଗଉଡୁଣୀ ବ୍ରାହ୍ମଣୀକୁ କହିଲା—' ସଙ୍ଗାତ ଜାତିଲୋକେ ବୋଇଲେ ତୁମ୍ଭେ ମୋ ଘରକୁ ଆସିବ ନାହିଁ ।" ବ୍ରାହ୍ମଣୀ ବିଚାରିଲା ଯାହାକୁ ଆଶ୍ରା କରିଥିଲି ସେହି ଅଡ଼ାଳିଲା, ପରବା ମୁଣ୍ଡାଟାଏ ଆଣୁଥିଲି ସେବେ କାହୁଁ ଆଣିବି ? ଏହା ପରେ ସେ ଠାକୁରାଣୀଙ୍କୁ ଆଶ୍ରା କରି ରହିଲା ।

ମଙ୍ଗଳବାର ହେଲା । ଓଷା ପୂଜିବା ପାଳି । ବ୍ରାହ୍ମଣୀ କୁମ୍ଭାର ଘରୁ ନୂଆ ହାଣ୍ଡିଟିଏ ଚଳମଟିଏ ଆଣିଲା । ଚୂଲିରେ ବସାଇ କ'ଣ ରାନ୍ଧିବ ବୋଲି ବିଚାରିଲା ବେଳକୁ ଅଜଗର ସାପଟିଏ ଦେଖିଲା । ତାକୁ ଖଣ୍ଡ ଖଣ୍ଡ କରି ହାଣ୍ଡିରେ ପୂରାଇ ଚଳମ ଘୋଡ଼ାଇ ଦେଲା । ଓଦା ମୁଣ୍ଡ ଓଦାକାନିରେ ଶୋଇ ଠାକୁରାଣୀଙ୍କୁ ସ୍ମରଣ କଲା । କିଛି

ସମସ୍ତ ପରେ ପୁଅ ଗୁହାଳରୁ ଫେରିଲା । ଖାଇବାକୁ ମାଗିଲା । ମାଆ କହିଲା—ଚୁଲି ଉପରେ ଯାହା ଅଛି ତାହା ଖାଇଦେ । ପୁଅ ଗଲା ବେଳକୁ ସୁନା ହାଣ୍ଡି ଟିଏ ଥୁଆ ହୋଇଛି । ଏହା ଫଳରେ ସେମାନଙ୍କର ଭାଗ୍ୟ ବଦଳିଗଲା । ସୁନା ବିକି ଘରଦ୍ୱାର କଲେ ।" ଦରବ ସରବ ହାତି ଘୋଡ଼ା କରି ସୁଖେ ରହିଲେ ।

ଗଉଡୁଣୀ ଦୁଧ ଦହି ଘେନି ବିକିବାକୁ ଯାଉଥିଲା । ବାଟରେ ସଙ୍ଗାତକୁ ସଙ୍ଖୋଳି ଦେଇ ଯିବାକୁ ଆସିଲା । ଦେଖିଲା ଘରଦ୍ୱାର ବଦଳି ଯାଇଛି । ସଙ୍ଗାତୁଣୀ ଆସି ତାକୁ ପାଛୋଟି ନେଲା । ଓଷା ମହିମାରୁ ତା' ଭାଗ୍ୟ ବଦଳିବା କଥା ଶୁଣିଲା । ଦିହେଁ କଷ୍ଟଧନ ଏକାଠି ରହିଲେ । ମାଘ ମାସ ମଙ୍ଗଳବାର ପାଳି ପଡ଼ିବାରୁ ଦି ସଙ୍ଗାତ ବସି ଫଳ ମଣ୍ଡିଲେ. ଦେଉଳି ବାନ୍ଧିଲେ, ଖଜା ମୁଆଁ କଲେ, ବିବିଧ ଓଷା ଦ୍ରବ୍ୟ ସଜାଡ଼ି ଉଚ୍ଛବ କରି ଓଷା ପୂଜିଲେ । ଠାକୁରାଣୀ ପ୍ରସନ୍ନ ହେଲେ । ଭଗ୍ନା ହୋଇ ପଚାରିଲେ—କଲେ, ତୁମ୍ଭଙ୍କୁ ତ ସକଳ ସମ୍ପତ୍ତି ଦେଲି । ଆଉ କାହାଁକି ସ୍ମରଣା କରୁଛ ?" ସେମାନେ କହିଲେ—ଅମ୍ଭେ ଶୋକ କରିବୁ । ଠାକୁରାଣୀ କହିଲେ—'ଯାଅ ଗଡ ଦୁଆରେ ଘୋକଡା କୁକୁର ଟିଏ ମରି ପରିଛି । ତା' ଉପରେ ଫୁଲ ପ୍ରସାଦ ଦେଇ କାନ୍ଦିବ ।" ଦ୍ୱିତୀୟ ପାଳି ମଧ୍ୟ ସେମାନଙ୍କ ପୂଜା ପରେ ଏକାଭଳି ମାଗୁଣି ଶୁଣି ଠାକୁରାଣୀ କହିଲେ— "ସିଂହଦ୍ୱାର ପାଖରେ ବିଲେଇ ଟିଏ ମରି ପଡ଼ିଛି । ଯାଅ ତା' ଉପରେ ଫୁଲ ପ୍ରସାଦ ଦେଇ କାନ୍ଦିବ ।" ତୃତୀୟ ପାଳିରେ ସେହିପରି ରଜା ଦୁଆରେ ମରି ପଡ଼ିଥିବା ଷଣ୍ଢ ଟି ଉପରେ ଫୁଲ ପ୍ରସାଦ ପକାଇ କାନ୍ଦିବାକୁ କହିଲେ । ଏହିପରି ତିନିଥର ଯାକ ସେମାନେ କଲେ ଓ ପ୍ରତିଥର ଦେଖିଲେ ମଲା କୁକୁର ମଲା ବିଲେଇ, ମଲା ଷଣ୍ଢ ଜୀଇ ଉଠୁଛନ୍ତି । ଚତୁର୍ଥ ପାଳି ଠାକୁରାଣୀ ସେମାନଙ୍କର ଏକାଭଳି ମାଗୁଣି ଶୁଣି କହିଲେ—ଆଣ୍ଟୁ କୁଡା କୋଠାରେ ରଜାପୁଅ ମରିଯାଉଛି । ତାକୁ ଫୁଲ ପ୍ରସାଦ ଦେବ । କାନ୍ଦିବ । ସେ କି ହେବ ଦେଖିବ । ତୁମ୍ଭ ଶୋକ ଶାନ୍ତ ହେବ । ମନକାମନା ସିଦ୍ଧ ହେବ ।

ଦୁଇ ସଙ୍ଗାତ ଫୁଲ ପ୍ରସାଦ ଧରି ଗଲେ । ରଜାପୁଅ ମଥାରେ ତାହା ଲଗାଇ ଦେଲେ । ରଜାପୁଅ ଉଠି ବସିଲା । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ରଜା ଖୁସିହେଲେ । ଲୋକେ କହିଲେ, ଚଉଡ଼ କ୍ରାଟିଏ, ବ୍ରାହ୍ମଣୀଟିଏ ଜେନାମଣିଙ୍କୁ ଖାଆଇ ଦେଲେ । ରଜା ସେମାନଙ୍କୁ କୃତଜ୍ଞତା ପୂର୍ଣ୍ଣ ଦୃଷ୍ଟିରେ ଦେଖିଲେ । ଏହା ଫଳରେ ଉତ୍ତରପୂର୍ଣ୍ଣୀ ଓଷା ପ୍ରସିଦ୍ଧ ହେଲା ।

ରଜା, ରାଣୀ, ରାଜ୍ୟବାସୀ ସମସ୍ତେ ଉତ୍ତରପୂର୍ଣ୍ଣୀ ଓଷା କଲେ ।

## ଧାନ ମାଣିକା ଓଷା

ମାର୍ଗଶିର ଗୁରୁବାର ମାନଙ୍କରେ ଲକ୍ଷ୍ମୀଙ୍କର ପ୍ରତୀକ ଭାବରେ ଧାନମାଣଟିଏ ସ୍ଥାପନ କରି ପୂଜାକରିବାର ବିଧି ସମ୍ଭବତଃ ଓଡ଼ିଶାର ନିଜସ୍ୱ । ଓଡ଼ିଶା ଛଡ଼ା ଓଡ଼ିଶାକୁ ଲାଗିଥିବା ମଧ୍ୟ ପ୍ରଦେଶର ରାୟପୁର, ରାୟଗଡ଼ା ଏବଂ ପଶ୍ଚିମବଙ୍ଗର କାନ୍ଥି ଅଞ୍ଚଳରେ ଏହା ପ୍ରଚଳିତ । ଭାରତର ଅନ୍ୟାନ୍ୟ ପ୍ରଚଳିତ ଲକ୍ଷ୍ମୀପୂଜା ବିଧି ଓ ତା'ର ସମ୍ପୃକ୍ତ ଓ ବ୍ରତକଥା ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ଏହି ଓଷା ପାଳନ ସମୟରେ ବଳରାମ ଦାସକୃତ ମାଣବସା ଲକ୍ଷ୍ମୀପୁରାଣ ଏବଂ ଲୋକମୁଖରେ ପ୍ରଚଳିତ ଓ ତାଳପତ୍ର ପୋଥିରେ ସଂଗୃହୀତ ଶ୍ୟାମା ଦେଈର ଧାନ ମାଣିକା ପୂଜା ଉପାଖ୍ୟାନ ପଠିତ ଓ କଥିତ ହୁଏ । ଓଡ଼ିଆରେ ରଚିତ ବ୍ରତସାହିତ୍ୟ ମଧ୍ୟରେ ବଳରାମଦାସକୃତ ଏହି ଓଷା କଥାଟି ଅତି ଉଚ୍ଚକୋଟିର ସଫଳ ସୃଷ୍ଟି । ତଳେ ଦୁଇଟି ଯାକ କଥା ଆଲୋଚନା କରିବା । ବର୍ତ୍ତମାନ ପ୍ରଥମେ ଶ୍ୟାମାଦେଈର ଲକ୍ଷ୍ମୀପୂଜା ଆଖ୍ୟାନଟିକୁ ଲକ୍ଷ୍ୟ କରାଯାଉ ।

ମାର୍ଗଶିର ଗୁରୁବାର । ମହାଲକ୍ଷ୍ମୀଙ୍କର ପୂଜାଢେଙ୍କିବା ଓ ପଢ଼ ବାଣ୍ଟିବାର ଦିନ । ସେ ଗୋଟିଏ ବୁଢ଼ୀ ରୂପରେ ଖାଲମ୍ବା ନେତ ପିନ୍ଧି ଗୌରି ବେତ ଧରି, ଅଣ୍ଡା ଗଉଣୀ ଧରି ବୁଲି ବାହାରିଲେ । ପ୍ରଥମେ ରଜାଘରେ ପଶି ଲକ୍ଷ୍ମୀ ସାଧବ ଘରେ ବାହାରିଲେ ।

ଦେଖିଲେ ସାଧବାଣୀର ଆଗ୍ରହ ଆଗ୍ରହ ନାହିଁ । ସେ ବଡ଼ ଅଭାଗୀ । ଅଗାଧୂଆ ଅପରିଷ୍କାର ହୋଇ ବସିଛି । ନାତି ନାତୁଣୀଙ୍କ ଅଇଁଠା ଗୋଟଉଛି ଖାଉଛି । ମହାଲକ୍ଷ୍ମୀ ତାକୁ ଶୁଚିବନ୍ତ ହୋଇ ଓଷା ପୂଜିବାକୁ କହାଇଲେ । ସେ ବୁଝିଲାନି । ମହାଲକ୍ଷ୍ମୀତ ବୁଢୀ ବେଶରେ ଆସିଥିଲେ । ସେ ତାଙ୍କୁ ଚିହ୍ନି ପାରିଲା ନାହିଁ । ଅପମାନ ଦେଇ ଦାସୀ ମୁଦୁସୁଲି ଲଗାଇ ବିଦାକରି ଦେଲା । ମହାଲକ୍ଷ୍ମୀ ଫେରିବା ବାଟରେ ଶ୍ୟାମା ଦେଈଙ୍କୁ ଦେଖିଲେ । ସେ ସାଧବାଣୀର ଝିଅ । ବୃଦ୍ଧା ରୂପରେ ଥିବା ମହାଲକ୍ଷ୍ମୀଙ୍କୁ ଦେଖି ତା ମନରେ ଭକ୍ତି ଓ ଆଗ୍ରହ ସୃଷ୍ଟି ହେଲା । ସେ ତାଙ୍କୁ ଗୋସେଇଁ ମାଆ ବୋଲି ସମ୍ବୋଧନ କଲା । ଆଦର ଗୌରବ କରି ଓଷାବିଧି ପଚାରିଲା । ପିଲାଟିର ଅନୁରାଗ ଦେଖି ସେ ତାକୁ ଓଷାବିଧି କହାଇ ଦେଲେ । ଶ୍ୟାମାଦେଈ ଘରକୁ ବାହୁଡ଼ିଲା । କଳେଇ ଗଦାମୂଳେ ବସି ଶୁଣିଥିବା ବିଧି ଅନୁସାରେ ଓଷା ପୂଜିଲା ।

ମହାଲକ୍ଷ୍ମୀ ସାଧବ ଘରକୁ ଗୁରୁବାର ଆସିଲେ । ଗୁରୁବାର ଯାକ ସାଧବାଣୀର ଅନାଗ୍ରହ ଓ ଓଷାପୂଜିବାର ଅନାଗ୍ରହ ଦେଖି ଆକଟ କଲେ । ପ୍ରତିଥର ସାଧବାଣୀଠାରୁ ଅପମାନ ପାଇ ବାହୁଡ଼ିଲେ । ଯୋଗ ଏମିତି ଯେ ସବୁଥର ବାହୁଡ଼ା ବାଟରେ ଶ୍ୟାମା ଦେଈ ସଙ୍ଗେ ଦେଖାହୁଏ । ତାର ଆଗ୍ରହ ଦେଖି ପ୍ରତି ପାଳିର ପୂଜାବିଧି କହାଇ ଦେଇ ଯାଆନ୍ତି । ଫଳରେ ସାଧବାଣୀ ସିନା ପୂଜାକଲା ନାହିଁ କିନ୍ତୁ ଲମ୍ବଶ୍ରୀ ସାଧବ ଘରେ ମାର୍ଗଶିର ମାସ ଗୁରୁବାର ଦିନ ଲକ୍ଷ୍ମୀପୂଜା ହେଲା । ଯୋଉପାଳି ଦିନ ଯେମିତି ପୂଜିବା କଥା ଶ୍ୟାମାଦେଈ ସେହି ପାଳିଦିନ ସେମିତି ପୂଜିଲା । ସାଧବର ଉତ୍ତରୋତ୍ତର ଉନ୍ନତି ହେଲା ।

କିଛିଦିନ ଉତ୍ତାରେ ସେ ଦେଶର ରାଜା ଶ୍ୟାମାଦେଈଙ୍କ ସହିତ ବିବାହ ପାଇଁ ପ୍ରସ୍ତାବ ପଠାଇଲେ । ସାଧବ ବଡ଼ ଆଗ୍ରହରେ ସମ୍ମତ ହେଲା । ଶ୍ୟାମାଦେଈ ରାଣୀହୋଇ ରାଜନବରକୁ ଗଲେ । ପାଲିଙ୍କିରେ ବସି ବାପଘରୁ ବିଦାହେଲା ବେଳେ ସାଙ୍ଗରେ ନିଜ ପୂଜାପେଡ଼ି ଧାନ ମାଣଟି ନେଇ ଗଲେ । ମହାଲକ୍ଷ୍ମୀ କଅଁଳା ପିଲାଟି ପରି ତା ପଛେ ପଛେ ଗୋଡ଼ାଇ ଗଲେ । ତା' ପର ଠାରୁ ଦିନକୁ ଦିନ ସାଧବର

ଅବନତ ହେବାକୁ ଲାଗିଲା । ତେଣେ ରାଜାଙ୍କର ଉନ୍ନତି ହେଲା ।

ଲକ୍ଷ୍ୟ ଶ୍ରୀ ସାଧବର ଅବସ୍ଥା ଯେତେବେଳେ ନିତାନ୍ତ ଖରାପ ହୋଇଗଲା ସେତେବେଳେ କେତେ ଜଣ ତାକୁ ଝିଅ ଜୋଇଁଙ୍କ ଘରକୁ ଯିବାକୁ ପରାମର୍ଶ ଦେଇଥିଲେ । ସେ ଗଲା । ଶ୍ୟାମା ଦେଈ ସବୁ ଶୁଣିଲେ । ବାପାଙ୍କୁ ବଡ଼ ଆଦର ଯତ୍ନ କରି କିଛି ଦିନ ରଖିଲେ । ପାଣି କଖାରୁଟିଏ କୋରି ତା' ଭିତରେ କିଛି ଧନରତ୍ନ ଭରି ବାପାଙ୍କ ହାତରେ ଦେଲେ । ସାଧବ ଘରକୁ ଫେରି ସେଇଟିକୁ ଫିଟାଇ ଦେଖିଲା ଯେ ତା' ଭିତରେ ଚଷୁ ଓ ଅଙ୍ଗାର ଭର୍ତ୍ତି ହୋଇଛି । ମହାଲକ୍ଷ୍ମୀଙ୍କ ମାୟାବଳରେ ଏପରି ହୋଇ ଯାଇଥିଲା ।

ଅନ୍ୟ ଗୋଟିଏ କାହାଣୀ ଅନୁସାରେ ସାଧବର ପୁଅ ବୋହୂ ଓ ସାଧବ ତିନହେଁ ତିନଥର ପାଟ ମହାଦେଈ ହୋଇଥିବା ଶ୍ୟାମାଦେଈଙ୍କ ଘରକୁ ଯାଇଥିଲେ । ପ୍ରତିଥର ସେ ସେମାନଙ୍କୁ ଯଥାକ୍ରମେ କଖାରୁ, ପିଠା ଓ ପୋଲା ବାଡି ଭିତରେ କିଛି କିଛି ଧନରତ୍ନ ଭର୍ତ୍ତି କରି ଦେଇଥିଲେ । ପ୍ରତ୍ୟେକ ଥର ମହାଲକ୍ଷ୍ମୀ ମାୟାକରି ତା' ଭିତରୁ ସେ ଗୁଡିକ ହରଣ କରି ନେଇଥିଲେ । ଫଳରେ ଶ୍ୟାମାଦେଈଙ୍କ ସାହାଯ୍ୟ ସାଧବ ଘରର କୌଣସି କାର୍ଯ୍ୟରେ ଲାଗିଲା ନାହିଁ । ଦୁଃଖ କଷ୍ଟ ବଢି ବଢ଼ି ଚାଲିଲା ।

କିଛିଦିନ ପରେ ମା' ଝିଅକୁ ସନ୍ଧୋଳି ଗଲା । ଝିଅ ତାଙ୍କୁ ଆଦର ଗୌରବରେ ରଖିଲେ । ଶ୍ୟାମାଦେଈ ଏଠି ପାଟ ମହାଦେଈ । ତାଙ୍କର ମା' ବୋଲି ସାଧବାଣୀଙ୍କର କେତେ ଆଦର । କିନ୍ତୁ ସେ ସେଥିକି ଭାଜନ ନଥିଲେ । ଶ୍ୟାମାଦେଈ କହିଲେ—ମହାଲକ୍ଷ୍ମୀଙ୍କ ଓଷା ନ ପୂଜିବାରୁ ସାଧବାଣୀଙ୍କର ଏ ଦୁର୍ଗତି ହୋଇଛି । ସେ ତାଙ୍କୁ ଓଷା ପୂଜାଇଲେ । କିନ୍ତୁ ପ୍ରତି ପାଳି ସାଧବାଣୀ ଅନାଚାର କରି ବସିଲା । ମହାଲକ୍ଷ୍ମୀ ତା' ପ୍ରତି ରୁଷ୍ଟ ହେଲେ । ଶ୍ୟାମାଦେଈ ଯେତେ ଚେଷ୍ଟା କଲେ ବି ମାଆର ଅଭ୍ୟାସ ବଦଳିଲା ନାହିଁ । ସରନ୍ତା ପାଳିଦିନ ସେ

ମାଆକୁ ଖୋଜେ ଗୋଟେ ଜଗି ରହିଲା । ଏହି ଥରଟି ଅନ୍ତଃ ନିଷ୍ଠାରେ ରହି ଓଷା ପୂଜିଦେଲେ ମାଆ ତାଙ୍କର ମହାଲକ୍ଷ୍ମୀଙ୍କ ରୋଷରୁ କ୍ଷମା ପାଇବେ ବୋଲି ଆଶା କରିଥିଲେ । କିନ୍ତୁ ସେପାଳି ମଧ ସାଧବାଣୀ ଓଷା ନିୟମ ମାନିଲା ନାହିଁ । ଗଛରୁ ବର ତୋଳି ବର ଖାଇଦେଲା । ପୂଜା ସମୟକୁ ମହାଲକ୍ଷ୍ମୀ ଶ୍ୟାମାଦେଈଙ୍କୁ କହିଲେ— "ସାଧବାଣୀ ଲକ୍ଷ୍ମୀ ଦୋରେହୀ" । ତାକୁ ଦଣ୍ଡ ନ କଲେ ମୁ ପୂଜା ଘେନିବେ ନାହିଁ । ଶ୍ୟାମାଦେଈ କହିଲେ—"ମୋର ଯେଉଁ ଦୋଷ ଦଣ୍ଡାରେ ଥୁଅ । ମାଆ ଦୋଷ ମୋତେ ଦିଅ ।" ଏହି ପ୍ରସଙ୍ଗରେ ଗଦ୍ୟରେ ମିଳୁଥିବା ଧାନ ମାଣିକ । ଓଷା କଥାରେ ଉଲ୍ଲେଖ ଅଛି— "ଲକ୍ଷ୍ମୀ କହିଲେ ତୋର ବିନୟ ମୁଁ ଘେନିଲି । ସେ ଦୋରେହୀ ବାହାରିଗଲେ ମୁଁ ଯିବି ।" ମହାଦେଈ ଆଜ୍ଞା କଲେ ଲୋକଙ୍କୁ, ଭଙ୍ଗାକର ଖଟିଆ ଖଣ୍ଡେ ଆଣ । କଣା ଗ୍ରୁଠା କୁଜା ଜଡା ଏପରି ଗୃରିଜଣ କାନ୍ଧ ଆଣ । ଆଜ୍ଞା ପ୍ରମାଣେ ଘେନି ଅଇଲେ । ବାଟେ ଯାଉଁ ଯାଉଁ ବାଆ ବତାସି ବହୁତ କଲା । ପରମ ଲକ୍ଷ୍ମୀ ବୁଲି ବୁଲି ଯାଉ ଅଛନ୍ତି । ଗ୍ରୁଠା କଣା ପଡି ମରୁଅଛନ୍ତି । ଉଠୁଛି ପଡୁଛି । ଯାଉଛି । ଠାକୁରାଣୀ ବୋଇଲେ ମୋ ଏତେ ବେଳଯାଏ ପରମ ଲକ୍ଷ୍ମୀ ବୁଲୁଛି । ଘର ନିକଟ ହେଲା ବେଳକୁ ବୋଇଲା ଆହି ଲକ୍ଷ୍ମୀ । ବୋଲିବାରୁ ଠାକୁରାଣୀ ଅଷ୍ଟ ବେତାଳକୁ ଡ଼ାକି ଆଜ୍ଞା ଦେଲେ । ଯେଉଁ ରୂପେ ନଖୀ ଶ୍ରୀ ସାଧବ ଘର ପୂରିଥିଲା । ସେହିରୂପେ ଧନ ରତ୍ନ ଦିଅ । ସେହିରୂପେ ପୂରିଛି । ନାତି ନାତୁଣୀ ପୁଅ ଘଇତା ଅଛନ୍ତି । ଘରେ ପଶିଲା ମହାଲକ୍ଷ୍ମୀ ବୋଲି । ଘରେ ସାଧବାଣୀକି ଛାଡିଦେଇ ସେମାନେ ଯାଇ ପାଟ ମହାଦେଈଙ୍କର ଆଗରେ କହିଲେ । ଯେଉଁ ରୂପେ ତୁମ ଦଦାଈଙ୍କ ଘର ହୋଇଲା ଏବେ ସେହି ରୂପେ ହୋଇଛି ।"

ବାପଘରର ସୌଭାଗ୍ୟର କଥା ଶୁଣି ଶ୍ୟାମାଦେଈ ଉଷତ ହେଲେ । ରାଜାଙ୍କର ଅନୁମତି ନେଇ ବାପ ମାଆଙ୍କୁ ସଙ୍ଗୋଳିବାକୁ ଗଲେ । କିନ୍ତୁ ସାଧବାଣୀ ଭାଗ୍ୟ ପରିବର୍ତ୍ତନର କାରଣ ଜାଣି ନଥିଲା । ସେଥିପାଇଁ ସେ ନିଜ ଦୁଷ୍କୃତି ଲାଗି ଅନୁତାପ କରୁ ନଥିଲା କିମ୍ବା ନିଜ

ଭ୍ରାନ୍ତି ବା ତ୍ରୁଟି ସୁଧାରିବା ଲାଗି ଯତ୍ନ କରୁନଥିଲା । ଶ୍ୟାମାଦେଈ ଭଳି ଝିଅକୁ ଠିକ୍ ଭାବରେ ବୁଝିବା ତା' ପକ୍ଷରେ ସହଜ ନଥିଲା । ସେଥିପାଇଁ ସେ ଝିଅକୁ ଦେଖି ଆଦର ଗୌରବ କଲାନାହିଁ । ଶ୍ୟାମାଦେଈ ଆଖିରେ କଜ୍ଜଳ ଟିକିଏ ଲଗାଇ, ଜିଭରେ ଲୁଣ ରୁଆଟିଏ ପକାଇ ବାପଘରୁ ଫେରିଲେ । ରାଜା ପଚାରିଲାରୁ କହିଲେ ସଂସାରର ସାର ଖାଇ, ସ୍ୱାମୀଙ୍କ ସୁନ୍ଦର ନାଇ ସେ ବାପଘରୁ ଆସିଲେ ।

କେତେକ କ୍ଷେତ୍ରରେ ଓଷାବ୍ରତ କଥା ଗୁଡ଼ିକ ଲୋକମୁଖରୁ ଯଥା ତଥା ପୋଥିରେ ସଂଗୃହୀତ ହୋଇ ନାହିଁ । ସ୍ଥଳ ବିଶେଷରେ ସେଗୁଡ଼ିକର 'ସଂସ୍କୃତିକରଣ' ଘଟିଛି । ଗୁରୁବାର ବ୍ରତକଥା ନାମରେ ମିଳୁଥିବା ଆଉ ଖଣ୍ଡିଏ ପୋଥିରେ ଏଇ କାହାଣୀଟି ଟିକିଏ ଭିନ୍ନଭାବରେ ଲେଖାଯାଇଛି ।

ଦେଶର ନାମ ସୌରାଷ୍ଟ୍ର । ରାଜାଙ୍କ ନାମ ଭଦ୍ରଶ୍ରବା । ରାଣୀଙ୍କ ନାଁ ସୁରତ ଚନ୍ଦ୍ରିକା । ତାଙ୍କର ସାତପୁଅରେ ଗୋଟିଏ ଝିଅ । ଝିଅଟିର ନାଁ ଶ୍ୟାମାବାଳା । ମହାଲକ୍ଷ୍ମୀ ଦିନେ ବ୍ରାହ୍ମଣୀ ବେଶରେ ଆସି ରାଣୀ ହଂସ ପୁରରେ ପହଞ୍ଚିଲେ । ଦ୍ୱାରପାଳମାନେ ତାଙ୍କୁ ଅଟକାଇଲେ ସେ ନିଜର ପରିଚୟ ଦେଇ ଆଗମନର ଅଭିପ୍ରାୟ କହିଲେ । ରାଣୀଙ୍କର ପୂର୍ବ ଜନ୍ମ ବୃତ୍ତାନ୍ତ କହି ସେ ବୁଝାଇ ଦେଲେ ଯେ ରାଣୀ ଗୁରୁବାର ବ୍ରତ ଭୁଲି ଯାଇଛନ୍ତି ସେ ତାହା କରିବା ଉଚିତ ।

ରାଣୀ ସୁରତ ଚନ୍ଦ୍ରିକା ପୂର୍ବ ଜନ୍ମରେ ଗୋଟିଏ ବୈଶ୍ୟପତ୍ନୀ ଭାବରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ସ୍ୱାମୀ ତାଙ୍କୁ ଛାଡ଼ିଦେଲେ । ସେ ପଥ ପାର୍ଶ୍ୱରେ ବସି ବ୍ୟାକୁଳ ବିଳାପ କରୁଥିଲେ । ତାଙ୍କର କାନ୍ଦଣା ଶୁଣି ମହାଲକ୍ଷ୍ମୀଙ୍କର ଦୟା ହେଲା । ସେ ତାଙ୍କର ଅନୁଗ୍ରହ ଲାଭକଲେ । ଗୁରୁବାର ବ୍ରତ କରି କିଛିକାଳ ସୁଖରେ ଜୀବନ ବିତାଇଲେ । ସେହି ବ୍ରତର ପ୍ରଭାବରେ ସେ ଏ ଜନ୍ମରେ ରାଜରାଣୀ ହୋଇଛନ୍ତି ।

ଦ୍ୱାରପାଳ ରାଣୀଙ୍କ ନିକଟରେ ବୃଢ଼ୀ ବ୍ରାହ୍ମଣୀଙ୍କର ଆଗମନର ଅଭିପ୍ରାୟ ଏବଂ ସେ କହିଥିବା ପୂର୍ବଜନ୍ମ ବୃତ୍ତାନ୍ତ ଜଣାଇଲେ । ରାଣୀ ଅତ୍ୟନ୍ତ ଗର୍ବୀ ଓ ଉଦ୍ଧତ ଥିଲେ । ଏହି ବ୍ରାହ୍ମଣୀ ମହାଲକ୍ଷ୍ମୀ ବୋଲି ସେ ଜାଣିନଥିଲେ । ଜଣେ ସାମାନ୍ୟ ବ୍ରାହ୍ମଣୀ ଏହିପରି ଆସି କହୁ-ଥିବାରୁ ସେ ଭୟଙ୍କର କ୍ରୋଧ ପ୍ରକାଶ କଲେ ଏବଂ ତାଙ୍କୁ ପ୍ରହାର କଲେ । ବୃଢ଼ୀ ବ୍ରାହ୍ମଣୀ ବେଶରେ ଆସିଥିବା ଲକ୍ଷ୍ମୀ ନିର୍ଯ୍ୟାତନା ପାଇ ଫେରିଲେ । ଫେରନ୍ତା ବାଟରେ ରାଣୀ ସୁରତ ଚନ୍ଦ୍ରିକାଙ୍କର ଝିଅ ଶ୍ୟାମାବାଳା ସହିତ ତାଙ୍କର ସାକ୍ଷାତ ହେଲା ।

ଶ୍ୟାମାବାଳା ବୃଢ଼ୀ ବେଶରେ ଆସିଥିବା ଲକ୍ଷ୍ମୀଙ୍କ ସହିତ ସୁଖ ଦୁଃଖ ହେଲା । ତା'ର ମଧୁର ବ୍ୟବହାରରେ ଲକ୍ଷ୍ମୀ ସନ୍ତୁଷ୍ଟ ହେଲେ । ସେ ଲକ୍ଷ୍ମୀବ୍ରତର ମହାତ୍ମ୍ୟ ଓ ପାଳନ ବିଧି ବୁଝିଲା । ନିକରକୁ ଫେରି ନିଷ୍ଠାକାଷ୍ଠାରେ ବ୍ରତ ପୂଜାକଲା । ସିଦ୍ଧେଶ୍ୱର ରାଜାଙ୍କର ପୁଅ ମାଳାଧରଙ୍କ ସହିତ ତା'ର ବିବାହ ବିଧି ସଂପନ୍ନ ହେଲା ।

ଶ୍ୟାମାବାଳାଙ୍କର ବିବାହ ପରେ ପରେ ଭଦ୍ରଶ୍ରବା ଓ ସୁରତ ଚନ୍ଦ୍ରିକାଙ୍କର ଦୁର୍ଦ୍ଦିନ ଉଦୟ ହେଲା । ସେମାନେ ସର୍ବ-ସ୍ୱାନ୍ତ ହେଲେ । ଶେଷରେ କନ୍ୟା ଗୃହକୁ ଗଲେ । ଶ୍ୟାମ ବାଳା ସେମାନଙ୍କର ଦୁଃସ୍ଥିତି ଓ ଦୁଃଖ ଦେଖି କଷ୍ଟ ଅନୁଭବ କଲା । ଗୁପ୍ତରେ ସେମାନଙ୍କୁ କିଛି ଧନରତ୍ନ ଦେଲା । ମାତ୍ର ମହାଲକ୍ଷ୍ମୀଙ୍କ ମାୟାରେ ତାହା ଅଙ୍ଗାର ପାଲଟିଗଲା । ଶ୍ୟାମାବାଳା ମାଆଙ୍କୁ ମହାଲକ୍ଷ୍ମୀଙ୍କର ଗୁରୁବାର ବ୍ରତ ପାଳନ ଲାଗି କହିଲେ । ସେ ସେହି ବ୍ରତ କରିବା ପରେ ତାଙ୍କର ଭାଗ୍ୟ ଲେଉଟିଲା ।

ଜାତି ଭେଦଟି ହେଉଛି ମଣିଷକୁ ମଣିଷଠାରୁ ବିଚ୍ଛିନ୍ନ କରିବାର କୃତ୍ରିମ ପ୍ରଥା । କିନ୍ତୁ ମଣିଷକୁ ମଣିଷଠାରୁ ବିଚ୍ଛିନ୍ନ କରିବା ଧର୍ମର ଉଦ୍ଦେଶ୍ୟ ନୁହେଁ । ବରଂ ଏହାର ପୁଣ୍ୟକୃତ୍ୟ ଗୁଡ଼ିକ ଭିତରେ କେବଳ ମଣିଷ-ମଣିଷ ମଧ୍ୟରେ ନୁହେଁ, ଜୀବ-ଜୀବ ମଧ୍ୟରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା

କରିବା ଏବଂ ସ୍ନେହ ସଂପ୍ରୀତି, ଦୟା, ସହାନୁଭୂତି, ଈଶ୍ୱରାନୁଭୂତିର ସୂତ୍ରରେ ଏକାଠି ଏକାଠି ବାନ୍ଧି ରଖିବାର ନିରନ୍ତର ପ୍ରୟାସ ଲକ୍ଷିତ ହୁଏ । ଜଗନ୍ନାଥ ମହାଲକ୍ଷ୍ମୀ ସଂକୀର୍ଣ୍ଣତା ବା ବିଚ୍ଛିନ୍ନତାବାଦର ବହୁ ଊର୍ଦ୍ଧ୍ୱରେ । ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଗୁରୁବାର ଲକ୍ଷ୍ମୀପୂଜା ସଂପର୍କିତ କେବଳ ଏକ ମହାତ୍ମ୍ୟ ଓ ବିଧିଗ୍ରନ୍ଥ ନୁହେଁ । ଏହାର କାହାଣୀ ବର୍ଣ୍ଣନା ଓ କଥୋପ କଥନ ଭିତରେ ଓଡ଼ିଶାର ସାମାଜିକ ଜୀବନ, ଜଗନ୍ନାଥଙ୍କର ମୈତ୍ରୀ ଧର୍ମ, ପାରିବାରିକ ଓ ସାମାଜିକ ଜୀବନରେ ସୁନୀତି ଓ ସୁରୁଚିବୋଧ ପ୍ରକାଶିତ ।

ମାର୍ଗଶିର ଗୁରୁବାର । ମହାଲକ୍ଷ୍ମୀ ଘରେ ଘରେ ବିଜେକରି ପୂଜାପ୍ରହଣ ଚଢ଼ି ବାଣ୍ଟିବେ । ଜଗନ୍ନାଥଙ୍କ ଠାରୁ ଅନୁମତି ଆଣିଲେ । ବୁଢ଼ୀ ବ୍ରାହ୍ମଣୀ ବେଶରେ ବଡ଼ ସକାଳୁ ନଗରରେ ବୁଲି ବିଜେକଲେ ।

ସକାଳ ହୋଇ ସିନ୍ଦୁରା ଫାଟିଲା । ମହାଲକ୍ଷ୍ମୀ ସାଧବାଣୀ ଦୁଆରେ ପହଞ୍ଚିଲେ । ତା' ଘର ଲିପା ପୋଛା ହୋଇ ନଥିଲା । ବୁଢ଼ୀ ବ୍ରାହ୍ମଣୀ ରୂପରେ ଥିବା ମହାଲକ୍ଷ୍ମୀ ତାକୁ ଘରଦ୍ୱାର ପରିଷ୍କାର ପରିଚ୍ଛନ୍ନ କରି ଶୁଦ୍ଧପୂତ ଭାବରେ ଗୁରୁବାର ବ୍ରତ ପାଳନକରିବା ପାଇଁ ଉପଦେଶ ଦେଲେ । ସାଧବାଣୀ କହିଲେ, ଏହି ବ୍ରତଟି କାହାର ଓ କେମିତି ହୁଏ ତାହା ଶୁଣିଲାପରେ, ତା' ମନକୁ ଆସିଲେ କରିବ । ଲକ୍ଷ୍ମୀ ତାକୁ ବ୍ରତର ବିଧି ବିଧାନ ବିସ୍ତୃତ ଭାବରେ ବୁଝାଇ ଦେଲେ । ଏହି ବ୍ରତ ନକଲେ ତା'ର ସମସ୍ତ ସଂପତ୍ତି କ୍ଷୟହେବ ଓ ସେ ଦୁଃଖ ପାଇବ ବୋଲି କହିଦେଇ ଅନ୍ୟାନ୍ୟ ଚାଲିଗଲେ ।

ମହାଲକ୍ଷ୍ମୀ ଘରେ ଘରେ ପୁରେ ପୁରେ ବିଜେ କଲେ । କେଉଁଠାରେ ଶୁଚି ଦେଖିଲେ ନାହିଁ । ସକାଳ ଏତେ ହେଲାଣି । ଅଥଚ ଉଠି ପଡ଼ି ଘରଦ୍ୱାର ସଫା ସୁତୁରା କରି ପୂଜାପାଇଁ ପ୍ରସ୍ତୁତ ହେବାର ଆଗ୍ରହ କେଉଁଠାରେ ସେ ଦେଖିଲେ ନାହିଁ । ବରଂ ଦେଖିଲେ କିଏ ନିଦରେ ଅଚେତ ହୋଇ ପଡ଼ିଛି ତ କାହା ଲୁଗା ଫିଟି ଯାଇଛି ।

ଭୂମିରେ ଅସଂଯତ ଭାବେ ଶୋଇଥିବା ବେଳେ ମୁକୁଳା ବାଳ କେରି କେରି ହୋଇ ପଡ଼ିଛି । ସେ ଏପରି ଅନାଚାର ଦେଖି ସହି ପାରିଲେ ନାହିଁ । ଚଣ୍ଡାଳ ସାହିକୁ ଗଲେ ।

ନଗର ବାହାରେ ଶ୍ରୀୟା ଚଣ୍ଡାଳୁଣୀର ଘର । ସେ ଗୁଣ୍ଡିଚି ଘର ଓଳାଏ । ନିଷ୍ଠା କାଷ୍ଠାରେ ଥାଏ । ସେ ଦିନ ରାତି ଦୁଇଘଡ଼ିରୁ ଉଠିଛି । ଘରଦ୍ୱାର ଲିପାପୋଛା କରିଛି । ଚିତା ଦେଇଛି । ମହାଲକ୍ଷ୍ମୀଙ୍କ ପାଇଁ ନାନା ବର୍ଣ୍ଣର ଫୁଲ ଆଣିଛି । ଭୋଗ ବାଢ଼ିଛି । ପବିତ୍ରତା, ପରିଚ୍ଛନ୍ନତା ଓ ନିଷ୍ଠାରେ ତା' ଘର ହସି ଉଠୁଛି । ମହାଲକ୍ଷ୍ମୀ ଶ୍ରୀୟା ଉପରେ ସନ୍ତୁଷ୍ଟ ହେଲେ । ତା' ପୂଜା ଗ୍ରହଣ କଲେ ।

ଲକ୍ଷ୍ମୀ ଚଣ୍ଡାଳ ସାହିରେ ବିଜେକରି ଭୋଗଗ୍ରହଣ କରୁଥିବା ବେଳେ ବଳଭଦ୍ର ଜଗନ୍ନାଥ ମୃଗୟାରୁ ଫେରୁଥିଲେ । ଏଥିପ୍ରତି ବଳଭଦ୍ରଙ୍କର ଦୃଷ୍ଟି ପଡ଼ିଲା । ଚଣ୍ଡାଳ ସାହିରେ ଲକ୍ଷ୍ମୀଙ୍କର ଭ୍ରମଣ ଓ ପୂଜାଗ୍ରହଣକୁ ସେ ପସନ୍ଦ କରିପାରିଲେନାହିଁ । ଜଗନ୍ନାଥଙ୍କୁ ସେଥିପ୍ରତି ଦୃଷ୍ଟି ଦେବାକୁ କହିଲେ ଓ ନିଜର ମନୋଭାବ ପ୍ରକାଶ କଲେ । ଏପରି ଚଣ୍ଡାଳ ବିଟାଳ ହୋଇଥିବା ଲକ୍ଷ୍ମୀ ଶ୍ରୀମନ୍ଦିରରେ ପ୍ରବେଶ କଲେ ସେ ସେଠାରୁ ପଳାଇଯିବେ ବୋଲି ସଫା ସଫା କହିଦେଲେ । ଜଗନ୍ନାଥ କହିଲେ— ଏହି ଥରକ ଲକ୍ଷ୍ମୀଙ୍କୁ କ୍ଷମା କରିଦେବା । ସ୍ୱର୍ଗରୁ ଦେବତା ମାନଙ୍କୁ ନିମନ୍ତ୍ରଣ କରିବା । କିଛି ଟଙ୍କା କଉଡି ପଛେ ଖର୍ଚ୍ଚ ହେଉଁ । ତାଙ୍କୁ ଜାତି କରାଇ ଦେବା । " ବଳଭଦ୍ର ତଥାପି ଅସମ୍ମତ ହେଲେ । ଶେଷରେ ଲକ୍ଷ୍ମୀଙ୍କର କୌଣସି ଯୁକ୍ତି ନଶୁଣି ଜଗନ୍ନାଥ ତାଙ୍କୁ ଶ୍ରୀମନ୍ଦିର ଦୁଆରୁ ବାହୁଡାଇ ଦେଲେ ।

ଲକ୍ଷ୍ମୀ ନଗର ବାହାରେ ଚଣ୍ଡାଳ ସାହିରେ ବିଶ୍ୱକର୍ମାଙ୍କ ଦ୍ୱାରା ଉଆସଟିଏ ତୋଳାଇଲେ । ନିଜକୁ ଚଣ୍ଡାଳୁଣୀ ବୋଲି ପରିଚୟ ଦେଇ ସେଠାରେ ଗୁପ୍ତରେ ରହିଲେ । ସେ ନିଜେ ମହାଲକ୍ଷ୍ମୀ ବୋଲି ଅନ୍ୟ କେହି ଜାଣି ପାରିଲେ ନାହିଁ ।

ଏଣେ ଶ୍ରୀମନ୍ଦିରର ଜ୍ୱର ହେଲା । ବଳଭଦ୍ର ଜଗନ୍ନାଥ ଖାଇବାକୁ ନପାଇ ଦ୍ୱାର ଦ୍ୱାର ବୁଲି ଭିକ ମାଗିଲେ । ଲକ୍ଷ୍ମୀଙ୍କ କ୍ରୋଧରେ ସେମାନେ ନାନା ଯାତନା ଓ ନର୍ଯ୍ୟାତନା ଭୋଗିଲେ ବିଭିନ୍ନ ସ୍ଥାନରେ ଲୋକେ ତାଙ୍କୁ ଲକ୍ଷ୍ମୀଦ୍ରୋହୀ ବୋଲି କହିଲେ । ଲକ୍ଷ୍ମୀଦ୍ରୋହୀ ହେଲେ କି ଦୁର୍ଦ୍ଦଶା ଭୋଗିବାକୁ ହୁଏ ସେମାନେ ତାହା ଅଙ୍ଗେ ନିଭାଇଲେ । ନାନା ଆଡେ ବୁଲି ବୁଲି ଶେଷରେ ଚଣ୍ଡାଳ ସାହିରେ ପହଞ୍ଚିଲେ । ସେଠାରେ ଅନ୍ୟ ପରିଚୟ ନେଇ ରହିଥିବା ଲକ୍ଷ୍ମୀଙ୍କ ଆବାସ ଦୁଆର ଛିଡାହୋଇ ଅନ୍ନ ଭିକ୍ଷା କଲେ । ଦାସୀମାନେ ସିଂହାସନରେ ଥିବା ଲକ୍ଷ୍ମୀଙ୍କ ଆଗରେ ଏହିପରି ଦୁଇଜଣ ଭିକାରୀ ବ୍ରାହ୍ମଣ ଆସିଥିବାର ଜଣାଇଲେ । ସେ ପଚାରି ପଠାଇଲେ ଚଣ୍ଡାଳ ଘରେ ଜାଣିଶୁଣି ସେମାନେ ଖାଇବେ ତ ? ବଳଭଦ୍ର ଅନ୍ନ ପରିବର୍ତ୍ତେ ରନ୍ଧନ ସାମଗ୍ରୀ ଦେବାକୁ କହିଲେ । କିନ୍ତୁ ସମସ୍ତ ରନ୍ଧନ ସାମଗ୍ରୀ ଓ ବ୍ୟବସ୍ଥା ହେଲେ ମଧ୍ୟ ଲକ୍ଷ୍ମୀଙ୍କ ମାୟାରୁ ସେମାନେ ରାନ୍ଧି ପାରିଲେ ନାହିଁ । ଭୟଙ୍କର କ୍ଷୁଧା । ଉଦରଜ୍ୱାଳା ସହି ନପାରି ଶେଷରେ ଚଣ୍ଡାଳଘରେ ଖାଇବା ଲାଗି ବଳଭଦ୍ର ଜଗନ୍ନାଥଙ୍କୁ ପରାମର୍ଶ ଦେଲେ । ସେଠାରେ ଦୁହେଁ ଚଣ୍ଡାଳୁଣୀ ହାତରୁ ଅନ୍ନ ଖାଇବାକୁ ବସିଲେ । ଠାଁ ହେଲା । ବଡଡା ବଡ଼ା ହେଲା । ଖାଦ୍ୟର ସ୍ୱାଦ ଓ ପରିବେଷଣ ଢଙ୍ଗରୁ ଏହା ମହାଲକ୍ଷ୍ମୀଙ୍କ ରନ୍ଧନ ଓ ପରଷା ବୋଲି ବାରି ହୋଇଗଲା । ବଳଭଦ୍ର-ଜଗନ୍ନାଥ ନିଜର ଭ୍ରାନ୍ତି ବୁଝିଲେ ।

ମହାଲକ୍ଷ୍ମୀଙ୍କ ଗୁରୁବାର ବ୍ରତର ମହିମା ଘୋଷିତ ହେବ । ଏବଂ ଶ୍ରୀମନ୍ଦିରରେ ମହାପ୍ରସାଦ ସେବାରେ ଜାତି ବିଚାର ରହିବ ନାହିଁ ବୋଲି ସତ୍ୟବଦ୍ଧ ହୋଇ ଦୁଇଭାଇ ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରକୁ ବାହୁଡାଇ ନେବା ଲାଗି ଅନୁରୋଧ ଜଣାଇଲେ । ଲକ୍ଷ୍ମୀ ନିଜର ସର୍ତ୍ତ ଅନୁସାରେ ସେମାନଙ୍କୁ ସମ୍ମତ କରାଇ ଶ୍ରୀମନ୍ଦିରକୁ ବାହୁଡ଼ିଲେ ।

ଅନ୍ୟାନ୍ୟ ବ୍ରତକଥା ପରି ଏଥିରେ ଧାନମାଣିକା ବା ଗୁରୁବାର ଓଷାର ବିଧି ବିଧାନ ଏକାଧିକ ବାର ବିସ୍ତୃତ ଭାବରେ ବର୍ଣ୍ଣିତ

ହୋଇଛି । ଏଥିରେ ବେଦପାଠରୁ ବ୍ରାହ୍ମଣର ବ୍ରାହ୍ମଣତ୍ୱ ତୁଟିବା, ଜାତି ସମ୍ପଦରେ ଉତ୍କଟତା ଦେଖାଇ ତା'ର ଅସାବଧାନତା ଦେଖାଇବା, ସମାଜ ଓ ପରିବାରରେ ନାରୀର ଦାୟିତ୍ୱ ଓ ଆଦର୍ଶ ଆଚରଣର ସୂଚନା ଦେବା, ମନ୍ତ୍ରପାଠ ପରିବର୍ତ୍ତେ ବ୍ୟବହାର, ରୁଚି, ପରିଚ୍ଛନ୍ନତା ଓ ଅନ୍ତରର ଭକ୍ତିର ପ୍ରାଧାନ୍ୟ, ସମାଜରେ ବିବାହ ବିଧି, ସାମାଜିକ ଚଳଣି ଓ ସେଥିରେ ସଂସ୍କାରବସ୍ତୁ, ଲକ୍ଷ୍ମୀଙ୍କର ବସ୍ତ୍ର ଓ ପରିଧାନ, ରନ୍ଧନ ଓ ପରିବେଷଣର ବର୍ଣ୍ଣନାରେ ବଳରାମଙ୍କ କୃତ ମାଣବସା ଲକ୍ଷ୍ମୀ ପୁରାଣଟି ସରସ ଏବଂ ଚମତ୍କାର ହୋଇଛି ।

ଲକ୍ଷ୍ମୀ ବିଦାୟ ସମୟରେ ବିଭିନ୍ନ ଅଳଙ୍କାର କାଢ଼ି ଥୋଇବାର ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି—

"ଶିରରୁ କାଢ଼ିଲେ ଲକ୍ଷ୍ମୀ ମୁକୁତାର ଜାଲି ।
ହୃଦରୁ କାଢ଼ିଲେ ଇନ୍ଦ୍ର ଗୋବିନ୍ଦ କାଞ୍ଚୁଲି ॥
ଅଣ୍ଟାରୁ କାଢ଼ିଲେ ମାଏ ରତ୍ନ ଓଢ଼ିଆଣି ।
ନାସିକାରୁ କାଢ଼ିଲେ ଯେ ମୁକୁତା ବସଣି ॥
ଦୁଇ କର୍ଣ୍ଣରୁ କାଢ଼ିଲେ ଯେ ହୀରାର କୁଣ୍ଡଳ
ଗଳାରୁ କାଢ଼ିଲେ ଯେ ଦୋଷରି ଚୀନାମାଳ ॥
ପାଦରୁ କାଢ଼ିଲେ ଦେବୀ ବାଙ୍କେଣି ନୂପୁର ।
ଅଙ୍ଗୁଷ୍ଠିରୁ କାଢ଼ିଲେ ଯେ ଝୁଣ୍ଟିଆ ସଞ୍ଜର ॥"

ସେହିପରି ଲକ୍ଷ୍ମୀ ରନ୍ଧନ ଶାଳାରେ ପ୍ରବେଶ କରି ରନ୍ଧନ ସାମଗ୍ରୀ ପ୍ରସ୍ତୁତ କରିବାର ବର୍ଣ୍ଣନା ମଧ୍ୟ ଚମତ୍କାର ହୋଇଛି ।

"ସୁବର୍ଣ୍ଣର ଚଟୁଗୋଟି ହସ୍ତରେ ଧରିଲେ
ରୋଷେଇ ଶାଳକୁ ଲକ୍ଷ୍ମୀ ନିଜେ ବିଜେ କଲେ
ପ୍ରଥମେ ରାନ୍ଧିଲେ ମାଏ ବଗଡ଼ା ଯେ ଅନ୍ନ
ମୁଗ ମଧୁ-ରୁଚି କ୍ଷୀର ନାନାବିଧ ବ୍ୟଞ୍ଜନ ॥
ଆମ୍ବିଲ ଶାକରେ ଦେଲେ କଦଳୀର ଭଜା

ଅତି ଯତ୍ନେ କଲେ ମାଏ ଭିଅଣା ଯେ ମଞ୍ଜା ।
ଷାଠିଏ ପଉଟି ଯେ ରନ୍ଧନ କଲେ ଯାଇ
ବଗଡା ଭାତ ମହିମା କଳନା ନଯାଇ ॥
ଦୁଧପୁଳି କଲେ ମାଏ ଘୃତ ପୁଳି କଲେ ।
ଅତି ଯତନରେ ମାଏ ସରପୁଳି କଲେ ॥
ଯେତେ ଦ୍ରବ୍ୟ ରାନ୍ଧିଛନ୍ତି ବ୍ରାହ୍ମଣଙ୍କ ରୁଚି
ବଡ଼ିର ମହୁର କଲେ ପକାଇଣ ସାଚି ॥
ସହସ୍ର ଆଠିକା ରାନ୍ଧି ଦ୍ରବ୍ୟ ସମ୍ପାଦିଲେ ।
ଯେ ଯାହା ସ୍ଥାନରେ ଯତ୍ନେ ରଖାଇଣ ଦେଲେ ।
କର୍ପୁର ମରିଚ ଛେନା ଶର୍କରା ଗୋଳାଇ
ଷାଠିଏ ନଉତି ପଣା ରଖିଲେକ ତହିଁ
ଗଙ୍ଗାବାଣ ପଇଡ ସଙ୍ଗତେ ଛେନାପଣା ।
ଅଦାମିଶିକର ଯେ ନବାତ ଖଣ୍ଡଛେନା
ଲକ୍ଷ୍ମୀଙ୍କର ପାକଗୁଣ କେକହି ପାରିବ
କ୍ଷଣକ ମଧ୍ୟରେ ମାଏ ସଜାଡ଼ିଲେ ସର୍ବ ॥
ସବୁଥିରୁ ଖଣ୍ଡିଏ ଖଣ୍ଡିଏ ରଖିଥିଲେ ।
ଭୋଜନ ଶେଷକୁ ପୋଡ଼ ପିଠାଏ ରଖିଲେ ॥

× × × × ×

ଗୃହ ପରିଷ୍କାର ଦେଖ ସ୍ୱ ହସ୍ତରେ କଲେ
ଗନ୍ଧ ଯେ ଚନ୍ଦନ ମାଏ ଛେଡ଼ା ପକାଇଲେ ॥
ସୁବର୍ଣ୍ଣର ଥାଳୀ ସୁବର୍ଣ୍ଣର ଟିନା ଝରି
ହାତଧୂଆ ପାଦଧୂଆ ସୁସଜ୍ଜିତ କରି
ମନୋହର କଟିବା ବଧି ଯେମନ୍ତ ଭିଆଣ
ସୁବର୍ଣ୍ଣର ପୀଠ ତହିଁ କଲେକ ନିର୍ମାଣ ।

ଏହାର ଗଳ୍ପଭାଗଟି ମଧ୍ୟ ଆକର୍ଷଣୀୟ । ତେଣୁ ଏହାକୁ ଭିତ୍ତିକରି ଓଡ଼ିଆରେ 'ମହାଲକ୍ଷ୍ମୀ' ନାମକ ଏକ ନାଟକ ପ୍ରସ୍ତୁତ ହୋଇଛି ।

# ପୂର୍ଣ୍ଣିମା ଓଷା

ମାର୍ଗଶିର ପୂର୍ଣ୍ଣିମାଠାରୁ ଆରମ୍ଭ କରି ପ୍ରତିମାସ ପୂର୍ଣ୍ଣିମାରେ ଏହା ପାଳିତ ହୁଏ । ଏଥିରେ ଚନ୍ଦ୍ରଙ୍କ ପୂଜାର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି ।

ଲକ୍ଷଶ୍ରୀ ସାଧବର ଅଟାଳଚଳ ସମ୍ପତ୍ତି । ସେ ଖୁବ୍ ଧାର୍ମିକ । କିନ୍ତୁ ପୁତ୍ର ସନ୍ତାନ ବିନା ସମୟେ ସମୟେ ତାକୁ ସଂସାର ଶୂନ୍ୟ ଲାଗେ । ତା'ର ଆତିଥ୍ୟରେ ସନ୍ତୁଷ୍ଟ ହୋଇ ଥରେ ଦଳେ ସାଧୁ ତାକୁ ଅନ୍ୟ-ଜଣେ ସାଧୁଙ୍କର ସନ୍ଧାନ ଦେଲେ । ସେହି ସାଧୁ ସରଯୂ ନଦୀତଟରେ ବସି ଗୋଟିଏ ଗିରି ନିକଟରେ ତପସ୍ୟା କରୁଥିଲେ । ସାଧବ ସେହି ସାଧୁଙ୍କୁ ସେବା ପୂଜାରେ ସନ୍ତୁଷ୍ଟ କଲା । ସାଧବାଣୀ କି ଉପାୟରେ କିପରି ବିଧିରେ ଚନ୍ଦ୍ର ପୂଜା କଲେ ପୁତ୍ରବତୀ ହେବେ ସେ ତାହା ବତାଇ ଦେଲେ ।

ସରଯୂ ନଦୀ ତଟବର୍ତ୍ତୀ ସାଧୁଙ୍କର କହିଥିବା ବିଧାନ ଅନୁସାରେ ରୂପାରେ ଚନ୍ଦ୍ର ପ୍ରତିମା କରି ମାର୍ଗଶିର ପୂର୍ଣ୍ଣିମା ଠାରୁ ଆରମ୍ଭକରି ପ୍ରତି ପୂର୍ଣ୍ଣିମାରେ ପୂଜା କରିବାର କଥା । ସାଧବାଣୀର ଓଷାପାଳନ ବିଷୟରେ ଓଷାକଥାରେ ବର୍ଣ୍ଣିତ ହୋଇଛି ଯେ—"ମାର୍ଗଶିର ପୂର୍ଣ୍ଣିମା ପ୍ରବେଶ ହେବାରୁ ସାଧବାଣୀ ଓଷାବିଧାନ ଭିଆଇଲା । ଚଉରା ମୂଳ ଲିପାଇଲା । ପଞ୍ଚ ମୁରୁଜରେ ପଦ୍ମେକ ଲେଖିଲା । ଆଠକେରା ଦୁବ ଥୋଇଲା । ରୂପା'ର ଚନ୍ଦ୍ର ପ୍ରତିମା ଥୋଇଲା । ଆଗରେ ଆଠଗୋଟି ଗୁଆ ବାଢିଲା । ପୂର୍ଣ୍ଣକୁମ୍ଭ ବାଢିଲା । ଆଠଗୋଟି ମୁଆଁ ପୂଜାକଲା । ଏକବର୍ଣ୍ଣ ଗାଈ କ୍ଷୀରରରେ ତଣ୍ଡୁଳ ପକାଇ ଚନ୍ଦ୍ରଙ୍କ ଉପରେ ନିକ୍ଷେପ କଲା । ହୁଳହୁଳି ଦେଇ ଚନ୍ଦ୍ରଙ୍କୁ ବନ୍ଦାଇଲା । ଏ ବ୍ରତ କରିବାର ସାତମାସ ଠାରେ ସାଧବାଣୀ ଗର୍ଭବତୀ ହେଲା । ଏପରି ଦଶମାସ ପୂର୍ଣ୍ଣହେଲା । ବୈଶାଖ ପୂର୍ଣ୍ଣିମା ତିଥିରେ ଚନ୍ଦ୍ରଦେବତାଙ୍କୁ ପୂଜାକଲା । ପାଳନ ବିଧି ଶେଷରେ ପୁଅଟିଏ ଜନ୍ମହେଲା । "ଏହିପରି ସାଧବାଣୀର ସାତପୁଅ ଓ ଗୋଟିଏ ଝିଅ

ହେଲା । ସେ ସୁଖରେ ରହିଲା । ପୁଅ ଝିଅ ବଢିହେଲେ । ନାତି ନାତୁଣୀ ହେଲେ । କିନ୍ତୁ ଦିନେ ଓଷାରେ ବିଘ୍ନ ଘଟିଲା ।

ଶ୍ରାବଣ ମାସରେ ଝଡ଼ ତୋଫାନ ହେଲା । ଚନ୍ଦ୍ର ଦିଶିଲେ ନାହିଁ । ସାଧବାଣୀ ଚନ୍ଦ୍ର ନଦେଖିବାରୁ ଓଷା ସମାପ୍ତ କରି ନପାରିବାରୁ ରହିସାରି ଉପବାସ କଲା । ପୁଅମାନେ ମାଆର କଷ୍ଟ ସହି ନପାରି ଉପାୟ ପାଂଚିଲେ । ଗୋଟାଏ ପର୍ବତ ଉପରେ ନିଆଁ ଲଗାଇ ଫେରି-ଆସିଲେ । ଜହ୍ନ ଉଇଁଲେଣି ବୋଲି ମାଆକୁ ତାହା ଦେଖାଇ ଦେଲେ । ସାଧବାଣୀ ତୁଳସୀ ଚଉରାମୂଳ ଗୋମୟରେ ଲିପି ପୂଜାକଲା । ପାରଣ ବିଧି କରି ଖାଇ ପିଇ ଶୋଇଲା ।

ରାତି ପାହିଲା । ସାଧବାଣୀ ଉଠି ଦେଖିଲା ପୁଅମାନେ ମରି ପଡ଼ିଛନ୍ତି । ଦୁଃଖରେ କାନ୍ଦିଲା । ଚନ୍ଦ୍ରଦେବତାଙ୍କୁ ଦୁଃଖ ଜଣାଇଲା । ସେ କପଟ ବ୍ରାହ୍ମଣ ବେଶରେ ଆସି ଚନ୍ଦ୍ରପୂଜା କରିବାକୁ ପରାମର୍ଶ ଦେଲେ । ସାଧବାଣୀ ସ୍ନାନ ଶୌଚ ହୋଇ ଚନ୍ଦ୍ରଙ୍କ ଜପକଲା । ବ୍ରତ ସଂକଳ୍ପ କଲା । ଚନ୍ଦ୍ରଙ୍କ ପୂଜାଫୁଲ ପୁଅମାନଙ୍କ ଉପରେ ପକାଇଲାରୁ ସେମାନେ ଜୀବନ ପାଇଲେ । ସାଧବାଣୀ ପୁଅମାନଙ୍କୁ ଚନ୍ଦ୍ରଦ୍ରୋହର ପରିଣତି ବିଷୟରେ କହିଲା । ସେମାନେ ବୁଝିଲେ । ଚନ୍ଦ୍ରପୂଜା କଲେ ।

## ପଣ୍ଡୁଓଷା

ପଣ୍ଡୁଓଷା ବିଷୟରେ ଆଲୋଚନା କରି ସୁପ୍ରେଶ୍ୱର ଦାସ କବିଭୂଷଣ ଲେଖିଥିଲେ— "ଉତ୍କଳର କୌଣସି କୌଣସି ସ୍ଥାନରେ ପଣ୍ଡୁଓଷା ନାମରେ ଏକ ଓଷା ସ୍ତ୍ରୀ ଲୋକେ ସଂପାଦନ କରିଥାନ୍ତି । ଏହି ଓଷା ମାର୍ଗଶିର ପୂର୍ଣ୍ଣିମା ଦିନ ଆଚରିତ ହୋଇଥାଏ । ପୁରାଣ ବର୍ଣ୍ଣିତ ପଣ୍ଡୁ ବୋଧହୁଏ ମାର୍ଗଶିର ପୂର୍ଣ୍ଣିମାରେ ବ୍ୟାସଙ୍କ ଔରସରେ ଅମ୍ବାଗର୍ଭରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ନାମରେ 'ପଣ୍ଡୁଓଷାର' ପ୍ରଚଳନ ସମ୍ଭବପର ।" କିନ୍ତୁ ପ୍ରଚଳିତ ଓଷାକଥାରୁ ଜଣାପଡ଼େ

ଏହା ଯମଙ୍କର ପୂଜା । ରାଣୀଙ୍କର ପ୍ରଶ୍ନର ଉତ୍ତର ଦେଇ ଓଷେଇତି ମାନେ କହୁଛନ୍ତି—

"ବ୍ରତବୃଗ ବୋଇଲେ ଯେ ଅପୁତ୍ରିକ ନାରୀ
ଏହି ବ୍ରତ କଲେ ପୁତ୍ର ହୁଅଇ ତାହାରି ॥

ଏହା ଶୁଣି ରାଣୀମାନେ କରନ୍ତି ବିଚାର ।
ଅପୁତ୍ରିକ ଯୋଗୁ ଆମେ ହେଲୁ ଦେଶାନ୍ତର ॥

ଯେବେ ଯମ ରାଜନ ଗୋ କରବେ ସୁଦୟା
ନିଷ୍ଠପୂ ବ୍ରତ ଗୋ ମୁଁ କରିବି ମାଆ ॥"

ପୁଣି ଅନ୍ୟ ଏହି ବ୍ରତର ଉଲ୍ଲେଖ ଅଛି –

"ଯମରାଜା ବୋଇଲେରେ ଶୁଣ କୁମାର
ମୋ ବ୍ରତ ନକଲେ ବାନ୍ଧି ଆଣିବି ସତ୍ୱର ॥

ଏହାର କାହାଣୀଟି ବଡ଼ ସରଳ ।

ଜମ୍ବୁଦ୍ୱୀପରେ କଳିଙ୍ଗ ନଗ୍ର । ରାଜାଙ୍କର ଧନ ଧାନ୍ୟ ଦାସ ଦାସୀର ଅଭାବ ନଥିଲା । ସେ ସୁଶାସକ ଥିଲେ । କିନ୍ତୁ ନିଃସନ୍ତାନ ଥିବାରୁ ମନରେ ସୁଖ ନଥିଲା । ଦିନେ ସକାଳେ ଗୋଟିଏ ହାଡ଼ିଆଣୀ ତାଙ୍କୁ ଦେଖି— "କି ଯୋଗରେ ଅପୁତ୍ରିକର ମୁହଁ ଚାହିଁଲି" ବୋଲି କହିଲା । ରାଜା ମନଦୁଃଖ କଲେ । ମନ୍ତ୍ରୀଙ୍କୁ ରାଜ୍ୟଭାର ଦେଇ ଘନ ବନସ୍ତରେ ପହଞ୍ଚିଲେ । ସେଠାରେ ଆତ୍ମହତ୍ୟା କରିବାର ଚେଷ୍ଟାକଲେ । କିନ୍ତୁ ବିଫଳ ହେଲେ । ଶେଷରେ କୁଟୀରକୁ ଫେରିଲେ । ରାଜନରେ କୌଣସି ବ୍ୟବସ୍ଥା ନଥିବାରୁ ରାଣୀଙ୍କ ସହିତ ଗୋଟିଏ ଗାଁକୁ ଗଲେ । ସେଠାରେ ଅନେକ ସ୍ତ୍ରୀଲୋକ ଏକତ୍ର ହୋଇ ଯଣ୍ତ ଓଷା ପୂଜୁଥିବାର ଦେଖିଲେ । ସେ ସେମାନଙ୍କ ଠାରୁ ଓଷାର ବିଧି ବିଧାନ ବୁଝିଲେ । ଏହି ଓଷାକଲେ ପୁତ୍ରପ୍ରାପ୍ତି ହୁଏ ବୋଲି ଶୁଣିଲେ । ପୁତ୍ର କାମନା କରି ଓଷାକଲେ । ତାଙ୍କର ପୁତ୍ର ଜନ୍ମହେଲା । ସେ ରାଜ୍ୟକୁ ଫେରିଲେ ଓ ରାଜପୁତ୍ରକୁ ଧରି ଆନନ୍ଦରେ ସମୟ ବିତାଇଲେ ।

କିନ୍ତୁ ଓଷାକଥା ଭୁଲିଗଲେ । ଏହା ଯମଙ୍କର ଉପାୟ । ଏହା ନପାଳିବାରୁ ଯମ କ୍ରୁଦ୍ଧହେଲେ । ସେତେବେଳକୁ ରାଜପୁତ୍ର ଯୁବକ ଯମଙ୍କର ଦୂତମାନେ ଯାଇ ତାକୁ ବାନ୍ଧି ନେଇ ଆସିଲେ ।

ଯମପୁରରେ ଯମଙ୍କର ମାଆ ଏହା ଦେଖି ଦୁଃଖ ପ୍ରକାଶ କଲେ । ବୁଢ଼ା ବୁଢ଼ୀଙ୍କୁ ନଆଣି ଏପରି ଗୋଟିଏ ଯୁବକକୁ ନେଇ ଆସିବା ଅବିବେକ କାମ ବୋଲି କହିଲେ । ଯମ କହିଲେ ମାଆ ତୁମର ଏପରି କଥା କହିବା ଠିକ୍ ନୁହେଁ । ମୁଁ ଆଉ ଦିନେ ଏହାର ଉତ୍ତର ଦେବି ।

ପରେ ଯମ ତାଙ୍କର ମାଆଙ୍କୁ କହିଲେ ବାଡ଼ିରୁ କଦଳୀ ତୋଳି ଆଣ ଖାଇବା । ମାଆ ବାଡ଼ିକୁ କଦଳୀ ତୋଳିବାକୁ ଯାଇ ପାଚିଲା କଦଳୀ ଛାଡ଼ି କଞ୍ଚା କଦଳୀ ତୋଳି ଆଣିଲେ । ଯମ ତାଙ୍କୁ ପଚାରି ଦେଇ କହିଲେ— ତୁମେ 'ଯୁବକ' ନା 'ବୃଦ୍ଧ' କଅଣ ହାତରେ ଧରିଛ? " ସେ ପାଚିଲା ଛାଡ଼ି କଞ୍ଚା ଆଣିଥିବାରୁ ପୁଅକଥା ଶୁଣି ସବୁ ବୁଝିଗଲେ ଓ ଚୁପ୍ ରହିଲେ । ତା' ପରେ କହିଲେ, ପିତାମାତା ସତ୍ୟଭଙ୍ଗ କରିଥିବାରୁ ଏ ପୁଅଟିର ଦୁର୍ଦ୍ଦଶା ଦେଖି ମୋର ଦୟା ହୋଇଥିଲା । ସେଥିପାଇଁ କହିଥିଲି ।

ପରେ ଯମରାଜା ପୂଜାରେ ବସିଥିଲେ । ସେତିକିବେଳେ ଯମ ମାତାଙ୍କର ପୂର୍ବ ସୂଚନା ଅନୁସାରେ ରାଜପୁତ୍ର ଝୁଙ୍କିଦେଲା । ଯମମାତା ତାକୁ ଅମର ହୋଇଥାଅ ବୋଲି ବରଦେଲେ । ଯମ ଦେଖିଲେ, ସେ ମୃତ୍ୟୁଦଣ୍ଡ ପାଇଁ ଧରିଆଣିଥିବା ରାଜକୁମାର ତାଙ୍କ ମାଆଙ୍କ ଠାରୁ ଅମରବର ପାଇ ଗଲେ । ସେ ମାଆଙ୍କୁ କହିଲେ—

"ମାନସିକ ପୂଜା ରାଜା ନଦେବାରୁ ମୋତେ
ପୁତ୍ର ତାହାର ଲୁଚାଇ ଆଣିଛି ଗୁପତେ ॥
ଅମର ବର ତାହାକୁ ଦେଇଦେଲ କେହ୍ନେ
ମୋର ପୂଜା ନକରିବେ ଆଉ କେହି ଜନେ ॥

ମାଆଙ୍କ ପରାମର୍ଶ କ୍ରମେ ଯମ ରାଜପୁତ୍ରଙ୍କୁ ନେଇ ଯଥାସ୍ଥାନରେ

ଛୁଡ଼ିଦେଇ ଅସିଲେ । ଛୁଡ଼ିଦେବା ବେଳେ ସେ ତାଙ୍କୁ କହିଥିଲେ ଯେ ବାଟା ମାଆଙ୍କୁ ସ୍ମରଣ କରାଇ ମାର୍ଗଶିର ପୂର୍ଣ୍ଣିମା ଦିନ ପୁଣି ଯଥାବିଧି ଏହି ଓଷା କରାଇବାକୁ ହେବ । ତା' ନହେଲେ ସେମାନେ ପୁନର୍ବାର କଷ୍ଟ ଭୋଗ କରିବେ । ରାଜାରାଣୀ ସମସ୍ତ ବର୍ଣ୍ଣନା ଶୁଣି ନିଜର ଭୁଲ୍ ତ୍ରୁଟି ଜାଣିଲେ ଏବଂ ପୁଣି ଯଥାବିଧିରେ ପଣ୍ଡୁ ଓଷା କଲେ ।

## ଦାଣ୍ଡପହଁରା ଓଷା

ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ମାଆମାନେ ପିଲମାନଙ୍କ ପାଇଁ ପୌଷ କୃଷ୍ଣ ତୃତୀୟାଦିନ ଏହି ଓଷା ପାଳନ କରନ୍ତି ।

ବିରଞ୍ଚି ନାମରେ ନଗର । ସେଠାରେ ବୀର ବିକ୍ରମ ନାମରେ ରାଜା ରାଜୁତି କରୁଥିଲେ । ସେ ନଗରର ସାଧବଙ୍କ ନାଁ ବାସୁଦେବ । ତାଙ୍କର ସାତପୁଅ ସାତବୋହୂ । ଦିନେ ସାନବୋହୂ ପିଲ ମାନଙ୍କୁ ଛେନାଗୁଡ଼ ବାଣ୍ଟୁଥିଲା । ବଣ୍ଟା ବର୍ଣ୍ଣି ସରିଲା ବେଳକୁ ଗୋଟିଏ ପିଲା ଆସିଲା । ସେତେ ବେଳକୁ ତା' ଦେହରେ ହରିହର କୁମର ସଞ୍ଚରିଥିଲେ । ସାଧବ ବୋହୂ ତା' ଜାଣିନଥିଲା । ତାକୁ ଗୁଡ଼ ଖପରାଟିଏ ଦେଇ ଭର୍ତ୍ସିଦେଲା । ପିଲାଙ୍କୁ ଭର୍ତ୍ସିବା ମନା । ଏପରି କରିଥିବାରୁ ସେ ପିଲାଟି କହିଲା—'ତୁ ମତେ ଥରେ ଭର୍ତ୍ସିଲୁ । ମୁଁ ତତେ ସାତଥର ଭର୍ତ୍ସିବି ।' କିଛିଦିନ ପରେ ସର୍ପାଘାତରେ ସେ ପିଲାଟିର ମୃତ୍ୟୁ ହେଲା । ସେ ସାଧବ ଘର ବୋହୂ ଗର୍ଭରେ ବାରମ୍ବାର ଜନ୍ମ ଗ୍ରହଣ କଲା । ଜନ୍ମହେବାର ଅଳ୍ପଦିନ ପରେ ତା'ର ମୃତ୍ୟୁହେଲା । କେବେ ଜନ୍ମ ହୋଇଦିନ, କେବେ ଷଠୀଘରର ଦିନ, କେବେ ଉଠିଆଣି କେବେ ଅବା ବାରଯାତ୍ରା ଦିନ ପୁଅମାନେ ମରିଯାନ୍ତି । କେହି କାରଣ ଜାଣି ପାରନ୍ତି ନାହିଁ । ସାଧବର ଚିନ୍ତାହେଲା । ସେ ବୋହୂର ମଡ଼ଛୁ ଦୋଷ ଅଛି ବୋଲି ଭାବିଲା । ବହୁ ଦାନ ଧର୍ମ କଲା । ସବୁ ନିଷ୍ଫଳ ହେଲା । ଷଷ୍ଠ ସନ୍ତାନଟି ମରିବା ଦିନ ଗ୍ରାମ ଦେବତା ସ୍ୱପ୍ନରେ କହିଗଲେ—'ସେ ମନୁଷ୍ୟ ନୁହଇ । ସେ ପୁଅ

ହରିହର କୁମର । ସାଧବଘରର ସାନବୋହୂ ଯାହାକୁ ଗୁଡ଼ ଖପରା ଦେଇ ଭଣ୍ଡି ଥିଲ ସେହି କୁମର ସେ । ସେ ସକାଶୁଁ ତା ଗର୍ଭରେ ସାତଥର ଭଣ୍ଡି କରି ଯିବ ।" ଠାକୁରାଣୀଙ୍କର ଏହି ଧପନେଇବା କଥା ଗୃହଆଡ଼େ ପ୍ରକଟ ହୋଇଗଲା । ସାଧବ ଘର ଲୋକେ ମନମାର ରହିଲେ ।

ସାଧବ ବୋହୂ ସପ୍ତମଥର ଗର୍ଭବତୀ ହେଲା । ଏଥର ପିଲାଟି ଜନ୍ମହେବା ସଙ୍ଗେ ସଙ୍ଗେ ମରିଗଲା । ତାହା ଦେଖି ସମସ୍ତେ ବିରକ୍ତ ହେଲେ । ବୋହୂକୁ ଗାଳିଦେଲେ । ମଲା ପିଲାଟିକୁ ଶ୍ମଶାନ ଭୂଇଁକୁ ନେଲେ । ପୋତିଦେଇ ଯେଝା ଘରକୁ ବାହୁଡ଼ି ଗଲେ । ସାନ ବୋହୂ ତା' ସହିତ ଆସିଥିଲା । କିନ୍ତୁ ସେ ଫେରିଲା ନାହିଁ । ପୁଅଟି ଯେଉଁଠି ପୋତା ହୋଇଥିଲା ସେଇଠି ବସି ରହିଲା ।

ଦୁଃଖରେ ଛାତି ଫାଟି ଯାଉଥାଏ । ଦିନ ଯାଇ ରାତି ହେଲା । ରାତି କ୍ରମେ ଗଭୀର ହେଲା । ସେ କୁଆଡ଼େ ନଯାଇ ସେଇଠି ବସି ବିକଳ ହୋଇ କାନ୍ଦୁଥାଏ ! ନିର୍ଜ୍ଜନ ନିର୍ଘୁଣ୍ଟିଆ ମଶାଣି ଭୂଇଁ । ନିଶା ଗର୍ଜୁଛି । ଏହି ସମୟରେ ନିତେଇ ଧୋବଣୀ ଭ୍ରମଣ କରି ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସୁଥିଲେ । ସେ କାନ୍ଦଣା ଶୁଣି ସେଠାରେ ପହଞ୍ଚିଲେ । ସାଧବ ବୋହୂର ଦୁଃଖ ଶୁଣିଲେ । ତାଙ୍କ ମନ ତଟିଲା । ସେ ତାକୁ ବୁଢ଼ିଆଣିଟିଏ କରି ଦେଇ ହରିହର କୁମର ଯେଉଁ ପୁରରେ ଥିଲେ ସେହି ପୁରକୁ ଘେନି ଗଲେ । ସେଇଠି ମନ୍ଦି ଅଗଣାରେ ଥିବା କଲର ଗଛଟିରେ ବସାଇ ଦେଲେ, କହିଲେ—"ଏଠାରେ ଥାଇ ସବୁକଥା ଶୁଣି ସନ୍ତକ ଧରି କାନରେ ବାନ୍ଧିବୁ । ମୁଁ ସକାଳେ ଆସିବି ।"

ସାଧବ ବୋହୂ ଦେଖିଲା ହରିହର କୁମର ଝରା ଚଉଘରେ ବସିଛନ୍ତି । ତାଙ୍କର ଦୁଇ ସ୍ତ୍ରୀ ହୀରାବତୀ ଲୀଳାବତୀ ତାଙ୍କୁ ମର୍ଦ୍ଦନ କରୁଛନ୍ତି । ସେମାନେ କଥାବାର୍ତ୍ତା ହେଉଛନ୍ତି । ହରିହର ପୁଣି ମର୍ତ୍ତ୍ୟରେ ଜନ୍ମହୋଇ ଅଳ୍ପଦିନ ମଧ୍ୟରେ ଫେରି ଆସିବାର ଇଚ୍ଛା ପ୍ରକାଶ କରୁଛନ୍ତି । ଅଳ୍ପଦିନ ଭିତରେ କିପରି ଫେରି ପାରିବେ ବୋଲି

ପଡ୍ଚବାରୁ ସେ ନଜର ପ୍ରତ୍ୟାବର୍ତ୍ତନ ଯୋଜନା କରୁଛନ୍ତି । ସାଧବ ପାନବୋହୂ ସବୁ ଶୁଣିଲା ।

ହରିହର କୁମର ଗର୍ଭରୁ ଜନ୍ମର ବିଭିନ୍ନ ସ୍ତରରେ ଜାତକର୍ମ, ବିବାହ ସମୟରେ ମଧ୍ୟ ବାହୁଡ଼ି ଆସିବାର ଗୁପ୍ତଭେଦ ବତାଇଛନ୍ତି । ସେ ଜନ୍ମ ନହେଉଣୁ ଗର୍ଭରେ ଥାଇ ପ୍ରଥମ ମାସରେ ଦୁଧ ଗଇଁଠା, ଦ୍ୱିତୀୟ ମାସରେ ନେଉଟିଆ ଶାଗ, ତୃତୀୟ ମାସରେ କୋଶଲା ଶାଗ, ଚତୁର୍ଥ ମାସରେ ମୂଳା ଓ କାଞ୍ଜି, ପଞ୍ଚମ ମାସରେ ଗୃଉଳ ଭଜା, ଷଷ୍ଠ ମାସରେ ଚକୁଳି ପିଠା, ସପ୍ତମ ମାସରେ ମୁଗ ମଣ୍ଡା, ଅଷ୍ଟମ ମାସରେ ମୁଗ ପଇଡ଼, ନବମ ମାସରେ ଘାଣ୍ଟ ଭିଉଣ, ଦଶମ ମାସରେ ମାଛ-ମରିଚ-ପାଣି ଖାଇବାକୁ ମନକରିବେ । ମା' ନଖାଇଲେ ଗର୍ଭରୁ ବାହୁଡ଼ି ଆସିବେ । ମା' ଯଦି ଚତୁର ହୋଇଥିବେ ଏବଂ ପ୍ରଥମରୁ ଦଶମାସ ପର୍ଯ୍ୟନ୍ତ ଦଶ ପଦାର୍ଥ ଖାଇବେ ତେବେ ଜନ୍ମ ହେଲାକ୍ଷଣି ଲୋକେ ତାଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କଲେ ସେ ଫେରି ଆସିବେ । ମା ଯଦି ଜନ୍ମହେଲା କ୍ଷଣି ବାମ ଓ ଡାହାଣ ଦୁଇକାନ ଫୋଡ଼ାଇ ଦେବେ ଏବଂ ଛ' କଉଡ଼ାକୁ ବିକି ନ'କଉଡ଼ାକୁ କିଣି କଣାବିକା ନାଁ ଦେବେ ତେବେ ପଞ୍ଚୁଆତି, ଷଠୀ, ଉଠିଆରି, ଦଶମୀ ବନ୍ଦାପନା, ବାରଦିନ, ଏକୋଇଶିଆ ନକଲେ ଫେରି ଆସିବେ । ଗୁରୁଣ୍ଡିଲା ବେଳେ ଏରୁଣ୍ଡି ଡିଇଁ ନକଲେ ନାଆଁ ଡାକେଇରେ ପଡ଼ି, ଠୁକୁ ଠୁକୁ ଚାଲିବା ବେଳେ ଖସି ପଡ଼ି, ଦାନ୍ତ ଉଠିଲା ବେଳେ ଦାନ୍ତ ଗଇଁଠା ନଦେଲେ ଫେରି ଆସିବେ । ଏଥିରେ ନହେଲେ ଟିକିଏ ବଡ଼ହେଲା ଯାଏ ଯଦି ମର୍ତ୍ତ୍ୟରେ ବଞ୍ଚିଯିବେ ତେବେ ବାହୁଡ଼ାର ଅନ୍ୟ ଉପାୟମାନ କରିବେ । ଦୁଷ୍ଟାମି ଆରମ୍ଭ କରିବେ । ତେଲିର ତେଲ ପସରା ଭାଙ୍ଗିବେ, କୁମ୍ଭାରର ହାଣ୍ଡି ଭାଙ୍ଗିବେ, ଗାଳି ଦେଲେ ଫେରି ଆସିବେ । ମାଆ ଯଦି ହୁସିଆର ହୋଇ ଥିବେ ଏବଂ ସେମାନଙ୍କୁ ପଇସା ଦେଇ ଖୁସି କରିଦେବେ ଓ ତାଙ୍କୁ ଗାଳି ନଦେବାର ବ୍ୟବସ୍ଥା କରିବେ ତେବେ ଆହୁରି ଅନେକ ବାଟ ଅଛି ।

ବୈଶାଖ ମାସରେ ସୋରିଷ ଫୁଲ, ଶ୍ରାବଣ ମାସରେ ବର୍ଷା ସମୟରେ ସଡ଼କ ଧୂଳି, ମାଘ ମାସରେ ପାଚିଲା ତାଳ ଆଦି ନମିଳନ୍ତି

ଦ୍ରବ୍ୟମାନମାଗିବେ ମା ନଦେଲେ ବାହୁଡ଼ି ଆସିବେ । ମା' ଯଦି ବୁଝିଆଗ
ହୋଇଥିବେ ଏବଂ ଏଗୁଡ଼ିକ ଆଗରୁ ଯୋଗାଡ଼ କରି ରଖିଥିବେ, ତେବେ
ଅଦ୍ଭୁତ ଉପାୟ ଅଛି । ବିବାହ ପାଇଁ ଜିଦ୍ କରିବେ ଏବଂ ମା' ମନେ
ଯାଇ ବିବାହ କରାଇବା ପାଇଁ କହିବେ । ମା' ସେପରି ନକଲେ ଫେରି
ଆସିବେ । ମା' ଯଦି ଯିବେ, ତାଙ୍କୁ ବେଦୀ ଉପରେ ଦୁଧ ଖାଇବାକୁ
ମାଗିବେ । ପୋଡ଼ପିଠା, କାଞ୍ଜି, ମାଛ, ଖାଇବାକୁ ମାଗିବେ । ମା'
ଯଦି ଚତୁର ହୋଇଥିବେ ବେଦୀ ପାଖରେ ଟେବି ଚାଡ଼ ଦେଇ ଯାହା
ମାଗିବ ଦେବେ । ତେବେ ଅନ୍ୟ ଉପାୟ କରାଯିବ । ବର କନ୍ୟା
ଦୋଳ ମୁକୁଟ ହୋଇ ଯାଉଥିବା ସମୟରେ ମଥାରେ ଘୁମୁଣ୍ଡିଆ
ବାଜିଲେ ବାହୁଡ଼ି ଆସିବେ । ଯଦି ବେଦୀ ଉପରେ ଗୃନ୍ଦୁଆ ଠିଆ
ହୋଇଥିବ, ଓଳିତଳେ ଉସୁନା ଧରି ହେବ, ତେବେ ଶେଷ ଉପାୟ
କରାଯିବ । ମର୍ତ୍ତ୍ୟ ଲୋକରେ ଦୁର୍ଲ୍ଲଭ ମୀନକେତନ ମାଳୀ, ଜୟ ବିଜୟ
ଘଣ୍ଟି ମାଗିବେ । ମା' ନଦେଇ ପାରିଲେ ଫେରି ଆସିବେ । ମର୍ତ୍ତ୍ୟରେ
ଜନ୍ମହେବା ପରେ ମୃତ୍ୟୁବରଣ କରି ଫେରି ଆସିବାର ଏତେ ଗୁଡ଼ାଏ
ଭେଦ କହିବା ଭିତରେ ମର୍ଦ୍ଦନ ଶେଷ ହୋଇଗଲା । ହୀରାବତୀ,
ଲୀଳାବତୀ ଦୁଇ ସ୍ତ୍ରୀ ହରିହର କୁମରଙ୍କ ମର୍ଦ୍ଦନ ମଳୁକୁଟି ସଙ୍ଗେ ମୀନ-
କେତନ ମାଳୀ, ଜୟ ବିଜୟ ଘଣ୍ଟି କଲରା ଗଛ ମୂଳକୁ ପକାଇ
ଦେଲେ । ସାଧବ ବୋହୂ ବୁଢ଼ିଆଣି ରୂପରେ ଥାଇ ସବୁ ଶୁଣିଲା । ସେଇ
ଦୁର୍ଲଭ ପଦାର୍ଥ ଦୁଇଟିକୁ କାନରେ ବାନ୍ଧିଲା । ସମୟ ହେବାରୁ ନିତାଇ
ଧୋବଣୀ ଆସିଲେ । ସେ ସାଧବ ବୋହୂକୁ ସଙ୍ଗରେ ଆଣି ସାଧବଘର
ଗଙ୍ଗା ଯମୁନା ମରାଇ ପାଖରେ ଛାଡ଼ ଦେଇ ଗଲେ ।

ସାଧବ ବୋହୂ କୁଆଡ଼େ ଯାଇଥିଲା । କୁଆଡ଼ୁ କ'ଣ ଜାଣି କ'ଣ
ଘେନି ଆସିଲା କେହି ଜାଣିଲା ନାହିଁ । ସେ ଯଥା ସମୟରେ ଗର୍ଭବତୀ
ହେଲା । ହରି ହର କୁମର ଅନ୍ୟଥର ଭଳି ଏଥର ମଧ୍ୟ ତା ଗର୍ଭରେ
ରହିଲେ । ସେ ମାସକ ଠାରୁ ଦଶମାସ ଯାଏ ଯାହା ଶୁଣିଥିଲା ତାହା-
ସବୁ ଖାଇଲା । ପୌଷ ତୃତୀୟା ଦିନ ରାତି ତିନଘଡ଼ି ବେଳକୁ ତା'ର
ପୁଅଟିଏ ହେଲା । ଜନ୍ମହେବା ସଙ୍ଗେ ସଙ୍ଗେ ପୁଅର ନାକ କାନ ଫୋଡ଼ା

ହେଲା । ହାଣ୍ଡିଆଣୀକୁ ଡାକି ଛଅ କାଠିକୁ ବିକି ନଅ କାଠିକୁ କିଣିଲା । କିଣା ବିକା ହାଣ୍ଡି ନାଁ ଦେଲା । ଜନମ ଦିନଠାରୁ ଏକୋଇଶ ଦିନ ପର୍ଯ୍ୟନ୍ତ ସମସ୍ତ ବିଧାନ କଲା । ପୁଅ ପେଟେଇବାକୁ ଆରମ୍ଭ କଲାଷଣି ଦ୍ୱାରବନ୍ଧି ଉଚ୍ଛିକଲା । ପୁଅ ଯାହା ଯେତେବେଳେ ଅଳିକଲା ସବୁ ଯୋଗାଇ ଦେଲା । ଜମ୍ବୁ ବିଜପୁ ଘଣ୍ଟି ମୀନକେତନ ମାଳି ମଧ୍ୟ ମାଗିଲା କ୍ଷଣି ଦେଲା । ପୁଅ ଆଶ୍ଚର୍ଯ୍ୟ ହେଲା । ପଚାରିବାରୁ ମା କହିଲା- "ଆରେ ପୁଅ, ମୁଁ ତୋହର ଲଗି ସେ ପୁରକୁ ଯାଇଥିଲି । "

ପୁଅ ବିବାହ କଲା । ସେଠାରେ ମଧ୍ୟ ମା ଯଥାବିଧି କଲା । ସେ ନିଶ୍ଚିନ୍ତରେ ଘର ଦ୍ୱାର କରି ରହିଲା । ତାର ଦୁଇପୁଅ ହେଲେ । କିଛି କାଳପରେ ସାଧବ ସାଧବାଣୀଙ୍କର ଦେହାନ୍ତ ହେଲା । ହରିହର କୁମର ସାଧବ ବଂଶରେ ପୁଅହୋଇ ଏଥର ମର୍ତ୍ତ୍ୟରେ ବହୁଦିନ ରହିଗଲେ । ତେଣେ ସ୍ୱର୍ଗରେ ହାରାବତୀ ଲୀଳାବତୀ ବ୍ୟସ୍ତ ହୋଇ ପଡ଼ିଲେ । ଏତେ ଯୋଜନା ଏତେ କଥା କଣ ବ୍ୟର୍ଥ ହେଲା ? ଘଟଣା ଜାଣିବା ପାଇଁ ସେମାନେ ମର୍ତ୍ତ୍ୟକୁ ଆସିବା ଲାଗି ବାହାରିଲେ ।

ହାରାବତୀ, ଲୀଳାବତୀ ହାଣ୍ଡିଆଣୀ ରୂପରେ ମର୍ତ୍ତ୍ୟକୁ କୋଳବିକି ଆସିଲେ । ହରିହର କୁମରଙ୍କ ପୁଅ ଦୁହେଁ ମା' ସଙ୍ଗେ କୋଳ କଣିଲା ବେଳେ ସେମାନେ ଅଳପ କରି ଦେଲେ । କଳି ଲାଗିଲା । ହରିହର କୁମରଙ୍କ ମର୍ତ୍ତ୍ୟବାସୀ ସାଧବାଣୀ ସ୍ତ୍ରୀକୁ ଆକ୍ଷେପ କରି ହାଣ୍ଡିଆଣୀ ଦୁହେଁ କହିଲେ—

ଆଣି ମାଗି ଠାଣି
କାହା ଘଇତାର ନାଁ ନଜାଣି

ହରିହର କୁମରଙ୍କର ଡାକ ନାଁ ଥିଲା କିଣାବିକା ହାଣ୍ଡି । ତାଙ୍କର ଜୀବନ ରହସ୍ୟ କହିବାକୁ ମନାଥିଲା । କେହି ଜାଣି ନଥିଲେ । ଏହି ଘଟଣା ପରେ ସ୍ତ୍ରୀ ତାହା ଜାଣିବାକୁ ଜିଦ କଲେ । ସେ ଏଥିରୁ ସବୁ ଜାଣିପାରିଲେ । ସ୍ତ୍ରୀକୁ ନଈକୂଳକୁ ଡାକିନେଲେ । ନଈ ଭିତରେ

ପାଣିରେ ପଶି ଚଲୁଥିଲେ— ତୋ'ର ମୋଠାରେ କାର୍ଯ୍ୟ କି ମୋ ନାମରେ କାର୍ଯ୍ୟ ? ସ୍ତ୍ରୀ କହିଲା, ନାମରେ କାର୍ଯ୍ୟ । ଏହାପରେ କ୍ରମେ ଆଣ୍ଠୁଏ, ଛାତିଏ, ବେକେ ପାଣିରେ ପଶି ତିନଥର ପ୍ରଶ୍ନ କଲେ । ପରେ ଏକା ଉତ୍ତର ମିଳିଲା । ସେ ଶେଷରେ ସ୍ତ୍ରୀକୁ କହିଲେ—"ମୋ ନାଁ ହରିହର କୁମର ।" ଏତିକି କହି ପାଣିରେ ବୁଡ଼ିଗଲେ । ସ୍ୱର୍ଗକୁ ଯାଇ ହାର୍ଦ୍ଦବନ୍ତୀ ଲୀଳାବନ୍ତୀଙ୍କ ସାଙ୍ଗରେ ସୁଖରେ ରହିଲେ ।

## ପୌଷ ରବିବାର

ପୌଷମାସ ରବିବାର ଦିନ ଏହି ଓଷା ପାଳିତ ହୁଏ । କୌଣସି ଲେଖକଙ୍କର ନାମ ନଥିବା ପୁଷରବିବାର ବ୍ରତକଥା ଏବଂ ଭବିଷ୍ୟ ପୁରାଣୋକ୍ତ ଶ୍ରୀ ରବିନାରାୟଣ ବ୍ରତକଥା ପଠିତ ହୁଏ । ଏଥିମଧ୍ୟରୁ ପ୍ରଥମୋକ୍ତ ବ୍ରତକଥାଟି ପୂର୍ବରୁ ଗଦ୍ୟରେ ପ୍ରଚଳିତ ବ୍ରତକଥାକୁ ଭିତ୍ତିକରି ରଚିତ ହୋଇଥିବା ସମ୍ଭବ । ଏହା କୌଣସି ପୁରାଣରୁ ଆସିଥିବାର ଉଲ୍ଲେଖ ନାହିଁ ।

ମରହଟ୍ଟା ଦେଶରେ 'ସୁଗତ' ବୋଲି ଜଣେ ରାଜାଥିଲେ । ତାଙ୍କ ରାଣୀଙ୍କ ନାମ ସୁଶୀଳା ଏବଂ ପୁତ୍ରର ନାମ ରତ୍ନାକର । ପିତାମାତାଙ୍କର ମହତ୍‌ଗୁଣ ଓ ଧର୍ମପରାୟଣତା ହେତୁ ରତ୍ନାକର ଅତ୍ୟନ୍ତ ଗୁଣବାନ ଓ ମେଧାବୀ ଥିଲା । ସେ ଶିକ୍ଷା ସମାପ୍ତି ଓ ଯୌବନ ପ୍ରାପ୍ତି ପରେ ବିବାହ କରିବାକୁ ଇଚ୍ଛା ପ୍ରକାଶ କଲା । ରାଣୀ ସୁଶୀଳା ଏହା ଜାଣିବା ସଙ୍ଗେ ସଙ୍ଗେ ରାଜାଙ୍କୁ ଜଣାଇଲେ । ବିବାହ ଆୟୋଜନ ହେଲା । ସେ ସମୟର ପ୍ରଚଳିତ ପ୍ରଥା ଅନୁସାରେ ଜଣେ ବିପ୍ର ଗୋଟିଏ ସୁଲକ୍ଷଣା ରୂପବତୀ କନ୍ୟାର ସନ୍ଧାନରେ ଗଲେ । ସେ କର୍ଣ୍ଣାଟ ଦେଶରେ ପହଞ୍ଚି ରାଜପୁତ୍ର ରତ୍ନାକରଙ୍କ ମନଲାଖି ହେବାଭଳି ଏଭଳି ଏକ କନ୍ୟାର ସନ୍ଧାନ ପାଇଲେ । ସେ ହେଉଛି କର୍ଣ୍ଣାଟ ଦେଶର ମାଧବଙ୍କ କନ୍ୟା ବେଳାବନ୍ତୀ । ବିପ୍ର ମାଧବଙ୍କ ନିକଟରେ ପ୍ରସ୍ତାବ ପକାଇବାରୁ ସେ ଆଗ୍ରହର ସହିତ ସମ୍ମତ ହେଲେ । ବିପ୍ର, ସୁଗତଙ୍କ ନିକଟକୁ ବାହୁଡ଼ି ଗଲେ । ଯଥା ସମୟରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । କର୍ଣ୍ଣାଟକର

ସାଧବ ବନ୍ଧୁ ସଂଖ୍ୟାକ ଶକଟରେ ଯାନଯୌତୁକ ନେଇ ବରକନ୍ୟାଙ୍କୁ ବିଦାକଲେ । ବରଯାତ୍ରୀମାନେ ମହା ଆଡମ୍ବରରେ ଶୋଭାଯାତ୍ରା କରି ବାହୁଡ଼ିଲେ ।

ଫେରିବା ବାଟରେ ସାଧବ ଝିଅ ଲକ୍ଷ୍ୟକଲା ସନ୍ଧ୍ୟାହୋଇ ଆସୁଛି । ଅନ୍ଧାର ହୋଇଗଲେ ତା' ବାପଘରର ଯାନଯୌତୁକ କାହାରି ଆଖିରେ ପଡ଼ିବ ନାହିଁ । କିଛିଏ ବିଳମ୍ବରେ ଅନ୍ଧାର ହେଲେ ଭଲ ହୁଅନ୍ତା । ସେ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନାକଲା । ସେ ତା'ର ପ୍ରାର୍ଥନା ଶୁଣିଲେ । ସେଦିନ ଦିବସ ଦୀର୍ଘହେଲା । କିନ୍ତୁ ତା'ର ପରିଣତି ଭିନ୍ନ ରକମର ହେଲା ।

ରତ୍ନାକର ଓ ବେଳାବତୀର ବିବାହ ଶୋଭାଯାତ୍ରା ସୌରାଷ୍ଟ୍ର ଦେଶର ରାଜନଗରରେ ପ୍ରବେଶ କଲା । ତା' ପରେ ସୂର୍ଯ୍ୟ ଅସ୍ତାଚଳକୁ ଗଲେ । ସୂର୍ଯ୍ୟଙ୍କର ଏହି ଅସ୍ୱାଭାବିକ ବିଳମ୍ବ ତାଙ୍କର ମାଆଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କଲା । ସେ ପୁଅର ବାହୁଡ଼ା ସମୟକୁ ଅପେକ୍ଷାକରି ବାଟରେ ଛିଡ଼ା ହୋଇଥିଲେ । ସୂର୍ଯ୍ୟଙ୍କୁ ଦେଖିବା ସଙ୍ଗେ ସଙ୍ଗେ ସୂର୍ଯ୍ୟ ଜନନୀ ବିଳମ୍ବର କାରଣ ପଚାରିବା ସଙ୍ଗେ ସଙ୍ଗେ ଏହିପରି ବିଳମ୍ବ ସୃଷ୍ଟି କରିଥିବା ଲୋକକୁ କୁଷ୍ଠରୋଗ ହେଉବୋଲି ଅଭିଶାପ ଦେଲେ । ସୂର୍ଯ୍ୟ ଏହାଶୁଣି ଦୁଃଖିତ ହେଲେ । ବିଳମ୍ବର କାରଣ ପଚାରିଲେ । ବେଳାବତୀ ଓ ରତ୍ନାକରଙ୍କର ବିବାହ ଶୋଭାଯାତ୍ରା ଦେଖୁ ଦେଖୁ ବିଳମ୍ବ ହେଲା ସେଥିପାଇଁ ଅନ୍ୟ କେହି ଦାୟୀ ନୁହନ୍ତି ବୋଲି କହିଲେ । ବେଳାବତୀ ନିରପରାଧ । ମାଆଙ୍କର ଏହି ଅଭିଶାପ ଫଳରେ ସେ ଯଦି କୁଷ୍ଠ ରୋଗାକ୍ରାନ୍ତ ହୁଏ ତେବେ କିପରି ସେଥିରୁ ଆରୋଗ୍ୟ ଲଭ କରିବ, ତା'ର ଉପାୟ ପଚାରିଲେ ।

ସୂର୍ଯ୍ୟଙ୍କର ଜନନୀ ସମସ୍ତ ଘଟଣା ଶୁଣିଲେ । ସାଧବକନ୍ୟା ବେଳାବତୀ ତାଙ୍କର ଅଭିଶାପ ଫଳରେ ରୋଗଗ୍ରସ୍ତ ହେବ । କିନ୍ତୁ, ସେଥିରୁ ମୁକ୍ତ ହେବାର ନିର୍ଦ୍ଦିଷ୍ଟ ଉପାୟ ଅଛି । ସେହି ଉପାୟଟି

ହେଉଛି ପୁଷ ରବିବାର ବ୍ରତପାଳନ । ପୌଷମାସ ରବିବାର ଦିନ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମଣ୍ଡଳକାଟି ଏହି ପୂଜା ଓ ବ୍ରତକଥା ପଠନ ବା କଥନ ବିଧି ବିଷୟରେ ସେ ସୂଚନା ଦେଲେ । ଏହି ବ୍ରତର ବିଧି ସହିତ ନିଷିଦ୍ଧ କର୍ମର ସୂଚନା ମଧ୍ୟ ଦେଲେ ।

ବେଲାବତୀ ସୌରାଷ୍ଟ୍ର ଦେଶର ରାଜବଧୂ ହେବାପରେ ତାଙ୍କୁ କୁଷ୍ଠରୋଗ ହେବାରେ ଦେଖି ରାଜରାଣୀ ଗୁରୁ ବ୍ରାହ୍ମଣଙ୍କୁ ଡକାଇଲେ । ସେମାନେ ସବୁ ଶୁଣିପାରି ପୁଷ ରବିବାର ବ୍ରତକରିବା ଲାଗି ପରାମର୍ଶ ଦେଲେ । ବ୍ରତ ବିଧାନ ବତାଇ ଦେଲେ । ସାଧବ ଝିଅ ବ୍ରତକଲା ଓ ଆରୋଗ୍ୟ ଲାଭକଲା ।

'ଭବିଷ୍ୟ ପୁରାଣୋକ୍ତ' ପୁଷ ରବିବାର ବ୍ରତ କଥାରେ ସୂତ, ନାରଦ, ଶାମ୍ବ ଦୁର୍ମୁଖଙ୍କର ଉଲ୍ଲେଖ ଅଛି । ସୂତ ମୁନିଗଣଙ୍କୁ ଏହି କଥାଟି କହିଛନ୍ତି । ନାରଦ କୋଣାର୍କ ଠାରେ କୁଷ୍ଠ ରୋଗାକ୍ରାନ୍ତ ଶାମ୍ବଙ୍କ ଦୁର୍ଦ୍ଦଶା ବିଷୟ ଜାଣିଲେ । ପିତୃଶାପରୁ ପରନ୍ତପ ସ୍ୱରୂପ ଶାମ୍ବ ରୋଗଗ୍ରସ୍ତ ହୋଇଯାଇଥିବାରୁ ନାରଦ ତାଙ୍କୁ ସୂର୍ଯ୍ୟ ବ୍ରତ କରିବାକୁ କହିଲେ । ଏହି ବ୍ରତର ମହିମା ବର୍ଣ୍ଣନାକରି ନାରଦ କହିଲେ ଯେ ବ୍ରହ୍ମା, ଇନ୍ଦ୍ର ଏହି ବ୍ରତକରି ଦୁହିତା ହରଣ ପାପରୁ ମୁକ୍ତ ହୋଇଛନ୍ତି । କୁବେର ଧନାଧିପତି ହୋଇଛନ୍ତି । ଯମ ପାପମୁକ୍ତ ହୋଇଛନ୍ତି । ପୂର୍ବେ ରାମଚନ୍ଦ୍ର ଯୁଧିଷ୍ଠିର ଏହି ବ୍ରତ କରିଥିଲେ । ନିଜେ ନାରଦ ଏହି ବ୍ରତକରି ବ୍ରହ୍ମଜ୍ଞାନ ଲାଭକରିଛନ୍ତି । ଶାମ୍ବ ନାରଦଙ୍କ ଠାରୁ ବ୍ରତର ମହିମା ଶୁଣି ପିତୃଶାପ ମୋଚନ ଓ ରୋଗ ମୁକ୍ତି ପାଇଁ ଧର୍ମ ନିରଂଜନଙ୍କର ଏହି ପୁଷରବିବାର ବ୍ରତ କରିବା ପାଇଁ ମନସ୍ଥ କଲେ । ନାରଦ ତାଙ୍କୁ ପୂଜାବିଧି ବତାଇ ଦେଇଥିଲେ ।

ଉପରୋକ୍ତ ବ୍ରତକଥା ଦୁଇଟି ବ୍ୟତୀତ ଗଦ୍ୟରେ ପୁଷରବିବାର କଥା ବୋଲି ଉଲ୍ଲେଖ ଥିବା ଗୋଟିଏ କାହାର୍ଣୀରେ ଠକୁରାଣୀ ପଣ୍ଡା ଝିଅମାନଙ୍କର ଏହି ଓଷା ପାଳନ ସମ୍ବନ୍ଧରେ କାହାଣୀ ମଧ୍ୟ ମିଳେ । ମାତ୍ର ଏହା ଅର୍ଥ ଉଦିଆ ରବିବାର କଥା ସହିତ ଅବିକଳ ମିଳି

ଧୀଉଥିବାରୁ ଏବଂ ମାଘମାସରେ ଏପରି ଏକ ବ୍ରତ ପାଳିତ ହେଉଥିବାରୁ ଅନ୍ୟତ୍ର ଏ ବିଷୟରେ ଉଲ୍ଲେଖ କରାଯିବ ।

ଏହି ଓଷା ଓଡ଼ିଶାର ସର୍ବତ୍ର ପ୍ରଚଳିତ । କିନ୍ତୁ ବାମଣ୍ଡା, ତାଳଚେର, ପାଲଲହଡ଼ା, ଅନୁଗୁଳ, ଢେଙ୍କାନାଳରେ ଏହା ବିଶେଷ ଭାବରେ ପାଳିତ ହୁଏ । ଏଠାରେ ଏହାର ପାଳନ ବିଧି ସ୍ୱତନ୍ତ୍ର । କେତେକ ଲୋକଗୀତ ମଧ୍ୟ ଏହା ସହିତ ପ୍ରଚଳିତ । ଏହି ଗୀତ ଗୁଡ଼ିକରେ ଅଶ୍ଳୀଳତା ଲକ୍ଷ୍ୟ କରାଯାଏ । ସାମାଜିକ ଓ ନୃତାତ୍ତ୍ୱିକ ଅଧ୍ୟୟନ ଦୃଷ୍ଟିରୁ ଏଗୁଡ଼ିକ ଗୁରୁତ୍ୱ ପୂର୍ଣ୍ଣ ।

## ଅଲଣା ଓଷା

ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରତିରବିବାର ସକାଳ ସୂର୍ଯ୍ୟୋଦୟ ସମୟରେ ଏହି ଓଷା ପାଳିତ ହୁଏ ।

ଗୋଟିଏ ଦେଶରେ ଜଣେ ଚକୁଳିଆ ପଣ୍ଡା ଥାଏ ।ପରିବାରରେ ତା'ର ସ୍ତ୍ରୀ ଓ ଦୁଇଟି ଝିଅ । ମାଗି ଆଣିଲେ ଖାଆନ୍ତି । ଥରେ ପଣ୍ଡାର ପିଠା ଖାଇବାକୁ ମନହେଲା । ପଣ୍ଡିଆଣୀ ଅନିଚ୍ଛା ପ୍ରକାଶ କଲା । ପଣ୍ଡା କହିଲା— ଦିନେ ପଛେ ଉପାସ ରହିବା, ପିଠାକର । କଷ୍ଟେ ମଷ୍ଟେ ପିଠାକଲେ । ପଣ୍ଡା ପଣ୍ଡିଆଣୀକୁ କହିଲା-ଝିଅ ଦୁହିଁଙ୍କୁ ପିଠା ଦେବାନାହିଁ । ପଣ୍ଡିଆଣୀ ସାହି ପଡ଼ଶାରୁ ଚାଉଳ ଗୁଡ଼ଲ ଆଦି ସଂଗ୍ରହ କଲା । ପଡ଼ଶା ଘରେ ବାଟି ଆଣିଲା । ଯାହାଘରୁ ଯାହା ଆଣିଥିଲା ତାଙ୍କୁ ଗୋଟିଏ ଗୋଟିଏ କରି ପିଠାଦେଲା । ପିଠା କଲାବେଳେ ଝିଅ ଦୁହେଁ ଉଠିଲେ । ତାଙ୍କୁ ଦୁଇଟି ଦେଲା । ବାକି ଗୁରେଟି ପିଠା ରହିଲା, ବାଡ଼ିରେ ଖଣ୍ଡେ ଗୋବରରୁ ଗୁଡ଼ଲଟିଏ ବରିଟିଏ ସଂଗ୍ରହ କରି ପୁଣି କେତୋଟି ପିଠାକଲା ।

ଖାଇ ବସିଲାବେଳେ ବ୍ରାହ୍ମଣ ଭଲ ପିଠାତକ ଖାଇ ମନ୍ଦ ପିଠାଟିକୁ ଖାଇଲା ବେଳେ ବ୍ରାହ୍ମଣୀ କହିଲା— ଏହି ପିଠାରୁ

କଥା ପାଇଁ ଖଣ୍ଡିଏ ରଖିବ । ବ୍ରାହ୍ମଣର ସନ୍ଦେହ ହେଲା । ଭାବିଲା ବ୍ରାହ୍ମଣୀ ଝିଅମାନଙ୍କୁ ପିଠାତକ ଦେଇ ଦେଇଛି । ପଡ଼ୋଶୀ ଘରକୁ ପିଠା ନେବାକଥା ମିଛ । ଝିଅ ଦୁହିଁଙ୍କୁ ବଦା କରିଦେବ ବୋଲି ବଚ୍ଛରିଲା । ମାମୁଁ ଘରକୁ ବୁଲାଇ ନେଉଛି ବୋଲି ସ୍ତ୍ରୀକୁ କହି ଝିଅ ଦୁହିଁଙ୍କୁ ଘେନିଗଲା । ବାଟରେ ଯାଉ ଯାଉ ଜଙ୍ଗଲ ପଡ଼ିଲା । ଝିଅମାନଙ୍କୁ ଶୋଷ ହେଲା । ତାଙ୍କୁ ପାଣି ପିଇବାକୁ ପଠାଇ ଦେଲା । ଚଢ଼େଇଟିଏ ମାରି ଡାଳରେ ବାନ୍ଧି ଘୋଷାରି ଘୋଷାରି ଚାଲି ଆସିଲା । ପାଣି ପିଇ ସାରି ଝିଅ ଦୁହେଁ ଫେରିଲେ ବେଳକୁ ପଣ୍ଡା ନାହିଁ । ବଡ ଝିଅ ଭାବିଲା, ବାପକୁ ବାଘ ନେଇଗଲା । ସାନ କହିଲା ପିଠା ଖାଇଥିବାରୁ ବାପା ବଣରେ ଛାଡ଼ିଗଲେ । ଏବେ ସେମାନେ ଯେଉଁ ପୋଖରୀରୁ ପାଣି ପିଇ ଯାଇଥିଲେ, ସେ ପୋଖରୀର ପାଣି ଶୁଖିଗଲା । କର୍ମ ଆଦର ଯେଉଁ ବରଗଛମୂଳେ ଆଶ୍ରୟ ନେଇଥିଲେ, ସେ ଗଛର ପତ୍ର ସବୁ ଝଡ଼ିଗଲା ।

ବାପା ସାଆନ୍ତ ସେହି ବଣରେ ଥିଲେ । ସେ ବାଡ ଅଧରେ ଆସି ଏ କାଣ୍ଡ ଦେଖିଲେ । 'ପଚାରିଲେ—ଏଠାରେ ଭୂତ କି ପ୍ରେତ କିଏ ଅଛ ମୋ ପୋଖରୀରୁ ଜଳ ଶୁଷ୍କ କଲ ।' ଝିଅ ଦୁହେଁ ଆସି ନିଜ ଦୁଃଖ କହିଲେ । ବାପା ସାଆନ୍ତ ପଚାରିଲେ-'ଝିଅ ହୋଇ ରହିବ ନା ସ୍ତ୍ରୀ ହୋଇ ରହିବ ?' ସେମାନେ ଝିଅ ହୋଇ ରହିବାକୁ ଚାହିଁଲେ । ବାପା ସାଆନ୍ତଙ୍କ ଘରେ ଝିଅ ହୋଇ ରହିଲେ ।

ଅଲଣା ଓଷା ପଡ଼ିଲା । ସ୍ୱର୍ଗରୁ ଦେବ ସ୍ତ୍ରୀ ମାନେ ଆସି ମର୍ତ୍ତ୍ୟରେ ଓଷା ପୂଜିଲେ । ସେମାନେ ଓଷାକରି ଯେଉଁ ଚୋପା ପକାଇ ଦେଇ ଯାଇଥିଲେ । ସେ ନଡ଼ିଆ କଦଳୀ ଚୋପା ଇତ୍ୟାଦିରେ ଓଷା ପୂଜିବାକୁ ବାପ ସାଆନ୍ତେ ଝିଅ ଦୁହିଁଙ୍କୁ କହିଲେ । ଝିଅ ଦୁହେଁ ଅଲଣା ଓଷା ପୂଜିଲାରୁ ଚକୁଳିଆ ପଣ୍ଡାର ଅଚଳାଚଳ ସମ୍ପତ୍ତି ହେଲା । ପୁଅ ହେଲା । ଝିଅ ଦୁହେଁ ବାପା ସାଆନ୍ତଙ୍କ ନିର୍ଦ୍ଦେଶରେ ନିଜ ବାପଘରକୁ ଗଲେ ।

ଅଲଣା ଓଷା ପଡ଼ିଲା । ଝିଅ ଦୁହେଁ ଖଳା ବାଡରେ ଓଷା ପୂଜିଲେ । ଚକୁଳିଆ ପଣ୍ଡା ଏହି ପୂଜା ଦେଖି ରାଗିଗଲା । ଅଠକାଳି

ଧାଣ୍ଡିଟି ଘରଂଦେଇ ଝିଅମାନଙ୍କ ଘରୁ ତଡ଼ିଦେଲା । ସେମାନେ ପୁଣି ବାପଘରକୁ ଗଲେ । ସେଠାରେ ପାରଧିକୁ ଆସିଥିବା ରଜାଓ ମନ୍ତ୍ରୀ ପୁଅକୁ ବିଭାହେଲେ । ବଡ଼ଝିଅ ରଜା ପୁଅକୁ ବାହା ହୋଇ ରାଣୀ ହେଲା । ବିଳାସରେ ମାତି ଓଷାକଲା ନାହିଁ । ତା'ର ଧନ କ୍ଷୟହେଲା । ପୁଣି ଭୁଲ୍ ବୁଝି ଓଷାକଲାରୁ ଧନାଗମ ହେଲା । ଗୋଟିଏ ହାଡ଼ିଆଣୀର ସାତ ପୁଅଙ୍କ ମୁଣ୍ଡକାଟ ହୋଇଥିଲା । ହାଡ଼ିଆଣୀ ଓଷା ପୂଜିଲାରୁ ପୁଅମାନେ ଜୀଇ ଉଠିଲେ ।

ଧନାଗମ, ମୃତପୁତ୍ର ବଞ୍ଚିବା, ପୁତ୍ରପ୍ରାପ୍ତି ପ୍ରଭୃତି ସୁଫଳ ଏହି ଓଷା ପାଳିବା ଦ୍ୱାରା ମିଳିଥାଏ ।

## ଶାମ୍ବଦଶମୀ ବ୍ରତ

ପୌଷ ଶୁକ୍ଳ ଦଶମୀ ତିଥିକୁ ଶାମ୍ବ ଦଶମୀ ବା ସମ୍ବର ଦଶମୀ ଭାବରେ ପାଳନ କରାଯାଏ । ଏହି ଦିନ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରି ସନ୍ତାନ ସନ୍ତତିଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ସୂର୍ଯ୍ୟ ଦେବଙ୍କୁ ଅର୍ପଣ କରାଯାଏ ।

ସାଲେପୁର ଥାନା ଅନ୍ତର୍ଗତ ନଗସ୍ପୁରଠାରେ ତିନଦିନ ବ୍ୟାପୀ ଶାମ୍ବଦଶମୀ ଯାତ୍ରା ଅନୁଷ୍ଠିତ ହୁଏ । ମାତ୍ର ଏହା ଯାତ୍ରା ନୁହେଁ । ଏହା ଗୋଟିଏ ବ୍ରତ । ୧୯୩୮ରେ ଶ୍ୟାମସୁନ୍ଦର ଗନ୍ତାୟତଙ୍କ ଦ୍ୱାରା ପ୍ରକାଶିତ ସମ୍ବର ଦଶମୀ ବ୍ରତ କଥାଟି "ବ୍ରହ୍ମାଣ୍ଡ ପୁରାଣୋକ୍ତ" ବୋଲି ଉଲ୍ଲେଖ ଅଛି । ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ଏହି ବ୍ରତ କଥାର ଶେଷରେ "ବ୍ରହ୍ମାଣ୍ଡ ମହାପୁରାଣେ ନାରଦରୁକ୍ମିଣୀ ସମ୍ବାଦେ ସମ୍ବର ଦଶମୀ ବ୍ରତକଥା" ବୋଲି ମଧ୍ୟ ଉଲ୍ଲେଖ ଅଛି । ଏହାଛଡ଼ା ଓଡ଼ିଆ ସୂର୍ଯ୍ୟ ପୁରାଣରେ ଏବଂ ଓଡ଼ିଆ ଓ ସଂସ୍କୃତରେ ମିଳୁଥିବା ଶାମ୍ବପୁରାଣ ନାମକ ଏକ ଉପପୁରାଣରେ ଏବଂ ସଂସ୍କୃତ ଭବିଷ୍ୟ ପୁରାଣରେ. ପୌଷ ଶୁକ୍ଳ ଦଶମୀ ଦିନ ସୂର୍ଯ୍ୟପୂଜାର ମହିମା ବର୍ଣ୍ଣିତ ହୋଇଛି ।

ଦିନେ ସୂତ ମୁନି ଶୌନକଙ୍କୁ ପଚ୍ଚରିବାରୁ, ସେ କହିଲେ— "ସମ୍ବର ଦଶମୀ ବ୍ରତ ବୋଲି ଏକ ପ୍ରସିଦ୍ଧ ବ୍ରତ ଅଛି । ସେ ବ୍ରତ କଲେ ସିଦ୍ଧି ଲଭହୁଏ । ନାରୀମାନଙ୍କର ସୌଭାଗ୍ୟଲକ୍ଷ୍ମୀ ବୃଦ୍ଧିହୁଏ । ସକଳ ମନୋରଥ ସିଦ୍ଧିହୁଏ । ଅପୁତ୍ରିକମାନେ ପୁତ୍ରଲାଭ କରନ୍ତି । ମୃତବତ୍ସା ନାରୀମାନେ ବି ଫଳପ୍ରାପ୍ତି ହୁଅନ୍ତି । ବାଞ୍ଛିତ ଫଳ ପ୍ରାପ୍ତି ହୁଏ ।" ବ୍ରତର ଏହିପରି ମହିମା କହିବାରୁ ସୂତ ମୁନି ଅଧିକ ଉତ୍ସାହିତ ହୋଇଥିଲେ । ଅତୀତରେ କିଏ କିପରି ଭାବରେ ଏହି ବ୍ରତ କରି କି ଫଳ ଲଭ କରିଥିଲେ ତାହା ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଶୌନକ ଏହି ପ୍ରସଙ୍ଗରେ କେତୋଟି ଉପାଖ୍ୟାନ ଶୁଣାଇଛନ୍ତି ।

ଥରେ ନାରଦ ଦ୍ୱାରକାକୁ ଯାଇଥିଲେ । କୃଷ୍ଣ ଓ ରୁକ୍ମିଣୀଙ୍କ ନିକଟରେ ପହଞ୍ଚିଲେ । ରୁକ୍ମିଣୀ ତାଙ୍କୁ ଅର୍ଘ୍ୟ ଦେଇ ଉତ୍ତମରୂପେ ପୂଜାକଲେ । ସେହି ସମୟରେ ରୁକ୍ମିଣୀଙ୍କର କୃଶକଳେବର ଓ ଲୋତକପୂର୍ଣ୍ଣ ନୟନ ଦେଖି ନାରଦ ତାଙ୍କୁ ଦୁଃଖର କାରଣ ପଚ୍ଚରିଥିଲେ । ସେହି ସମୟରେ ରୁକ୍ମିଣୀଙ୍କର ପ୍ରିୟପୁତ୍ରକୁ ସୂତିକା-ଭବନରୁ କୌଣସି ରାକ୍ଷସ ହରଣ କରି ନେଇଥିଲା । ସେହି ପୁତ୍ରଟି କନ୍ଦର୍ପ ପରି ସୁନ୍ଦର ଏବଂ ଶ୍ରୀକୃଷ୍ଣଙ୍କ ପରି ତା'ର ଦେହରେ ଜନମୋହନ କଳା ଭଳି ଆକର୍ଷଣ ଥିଲା । ଏହିପରି ପୁଅଟିକୁ ହରାଇ ତାଙ୍କର ମନବେଦନା ଦିନକୁ ଦିନ ବଢ଼ି ଯାଉଛି । ବିଦର୍ଭ ରାଜ-ତନୟା ଶ୍ରୀକୃଷ୍ଣଙ୍କର ପ୍ରିୟପତ୍ନୀ ରୁକ୍ମିଣୀଙ୍କର ଏ ଦଶା ଦେଖି ନାରଦଙ୍କର ଦୟା ହେଲା । ସେ ତାଙ୍କୁ ରବିନାରାୟଣଙ୍କର 'ସମ୍ବର ଦଶମୀ' କରିବା ପାଇଁ ପରାମର୍ଶ ଦେଲେ । ସେ ନାରଦଙ୍କୁ ଏହି ବ୍ରତର ଦେବତା, ଅର୍ଚ୍ଚନାର ନିୟମ ଓ କେଉଁ ଫଳ ଲାଭହୁଏ ପଚ୍ଚରିବାରୁ ନାରଦ ତାଙ୍କୁ ଗୌତମ ବିପ୍ରଙ୍କ କଥା କହିଥିଲେ ।

ଅର୍କ କ୍ଷେତ୍ରରେ ଗୌତମ ନାମରେ ଜଣେ ବିପ୍ର ଥିଲେ । ତାଙ୍କର ପତ୍ନୀଙ୍କ ନାମ ପଦ୍ମମୁଖୀ । ସେମାନଙ୍କର ତିନୋଟି ପୁତ୍ର ଜାତ ହୋଇ

ମୃତ୍ୟୁଲାଭ କରିଥିଲେ । ସ୍ୱାମୀଙ୍କର ଉପଦେଶ ଅନୁସାରେ ତାଙ୍କର ସ୍ତ୍ରୀ ପଦ୍ମମୁଖୀ ସୂର୍ଯ୍ୟଙ୍କର ପ୍ରୀତିଲାଭ କରିବା ଲାଗି ତପସ୍ୟା କରିଥିଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ସପ୍ତାଶ୍ୱ ବାହନ ସୂର୍ଯ୍ୟ ଦର୍ଶନ ଦେଇ ପୌଷମାସ ଶୁକ୍ଳଦଶମୀ ଦିନ ଗୋଟିଏ ବ୍ରତ ପାଳନ କରିବା ଲାଗି କହିଥିଲେ । ବ୍ରତର ବିଧି ବିଧାନ କହିବା ସଙ୍ଗେ ସଙ୍ଗେ ଏହା ପାଳନ କଲେ ତାଙ୍କର ସମସ୍ତ ଦୁଃଖ ଦୂରହେବ ବୋଲି ଆଶ୍ୱାସନା ଦେଇଥିଲେ । ଏହି ବ୍ରତକଲେ ଅପୁତ୍ରିକର ପୁତ୍ର ଲାଭହୁଏ । ଜନ୍ମ ହୋଇଥିବା ଓ ଥିବା ପୁତ୍ରମାନେ ସୁଖରେ ରହନ୍ତି । ପଦ୍ମମୁଖୀ ଏହି ବ୍ରତ କରି ପୁତ୍ର ସନ୍ତାନ ଲାଭ କରିଥିଲେ ।

ନାରଦଙ୍କ ଠାରୁ ପୌଷ ଶୁକ୍ଳଦଶମୀରେ ସୂର୍ଯ୍ୟଙ୍କର ବ୍ରତ ପାଳନର ମହିମା ଓ ବିଧି ବିଧାନ ଶୁଣି ରୁକ୍ମିଣୀ ଏହି ବ୍ରତ ପାଳନ କରିଥିଲେ । ଏହି ବ୍ରତର ମହିମା ଫଳରେ ତାଙ୍କ ଶିଶୁପୁତ୍ର ପ୍ରଦ୍ୟୁମ୍ନ ସମ୍ବର ଦୈତ୍ୟକୁ ନିଧନକରି ବିମାନରେ ଫେରି ଆସିଥିଲେ । ପ୍ରଦ୍ୟୁମ୍ନଙ୍କୁ ଦେଖି ରୁକ୍ମିଣୀ ଏବଂ କୃଷ୍ଣ ପରମ ଆନନ୍ଦ ଲାଭକରିଥିଲେ । ଏହି ତିଥିରେ ରୁକ୍ମିଣୀ ସୂର୍ଯ୍ୟଙ୍କୁ ପୂଜା କରିବା ଫଳରେ ତାଙ୍କର ଅପହୃତ ପୁତ୍ର ପ୍ରଦ୍ୟୁମ୍ନ ସମ୍ବରାସୁରକୁ ବିନାଶ କରି ଗୃହକୁ ଆଗମନ କରିଥିବାରୁ ସମ୍ବର ଦଶମୀ ନାମରେ ଏହି ବ୍ରତ ବିଖ୍ୟାତ ହେଲା ।

ଶାମ୍ବ ପୁରାଣୋକ୍ତ ଗୋଟିଏ ବିବରଣୀରୁ ଜଣାପଡ଼େ ଶାମ୍ବ ଜାମ୍ବବତୀଙ୍କ ଗର୍ଭଜାତ ଶ୍ରୀକୃଷ୍ଣଙ୍କର ପୁତ୍ର । ସେ ବଳଦେବଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିଲେ । ସେ ବଜ୍ରନାଭ ପୁରରେ ପ୍ରଦ୍ୟୁମ୍ନଙ୍କୁ ସମ୍ବରାସୁର ବଧରେ ସାହାଯ୍ୟ କରିଥିଲେ ଏହାଛଡ଼ା, ଏଥିରେ ପିତୃ ଅଭିଶାପରେ ଶାମ୍ବ କୁଷ୍ଠ ରୋଗାକ୍ରାନ୍ତ ହେବା ଏବଂ କୋଣାର୍କ ଠାରେ ସୂର୍ଯ୍ୟଙ୍କୁ ପୂଜାକରି ରୋଗମୁକ୍ତ ହେବାର ଉପାଖ୍ୟାନ ବର୍ଣ୍ଣିତ ।

ଶାମ୍ବ ଯାଦବକୁଳରେ ସମସ୍ତଙ୍କଠାରୁ ସୁନ୍ଦର ଥିଲେ। ଥରେ ନାରଦ ଦ୍ୱାରିକାକୁ ଆସିଥିଲେ । କୃଷ୍ଣ ବସୁଦେବ ପ୍ରମୁଖ ସମସ୍ତ ଯାଦବ ବ୍ରହ୍ମର୍ଷି ନାରଦଙ୍କୁ ଭକ୍ତି ନିବେଦନ କଲେ । କିନ୍ତୁ ଶାମ୍ବ ଭକ୍ତି ପ୍ରଦର୍ଶନ କଲେ

ନାହିଁ । ବରଂ ତାଙ୍କୁ ଉପହାସ କଲେ । ନାରଦ ଏଥିରେ ରୁଷ୍ଟ ହେଲେ । ତାଙ୍କପ୍ରତି କୃଷ୍ଣଙ୍କର ବିରକ୍ତି ଭାବ ସୃଷ୍ଟି କରିବା ଲାଗି କହିଲେ ଯେ, ଶାମ୍ବଙ୍କର ଷୋଳ ସହସ୍ର ଗୋପନାରୀଙ୍କ ସହିତ ଗାଢ ପ୍ରଣୟ ଅଛି । ତାଙ୍କର ସୌନ୍ଦର୍ଯ୍ୟ ଥିବାରୁ ନାରୀମାନେ ତାଙ୍କ ପ୍ରତି ଆକୃଷ୍ଟ ହେଉଛନ୍ତି । ପ୍ରଥମେ ଶ୍ରୀକୃଷ୍ଣ ଏହା ବିଶ୍ୱାସ କଲେନାହିଁ ।

ପରେ ଶ୍ରୀକୃଷ୍ଣ ରୈବତକ ପର୍ବତକୁ ଯାଇଥିଲେ । ଏହି ସମୟରେ ନାରଦ ଆସି ଶାମ୍ବଙ୍କୁ ସେଠାକୁ ଡାକି ନେଇଗଲେ । ସେଠାରେ ଗୋପବାଳାମାନେ ଗୋଟିଏ ପୁଷ୍କରିଣୀରେ ଜଳକେଳି କରୁଥିଲେ । ସେମାନେ ଶାମ୍ବଙ୍କୁ ଦେଖି ତାଙ୍କ-ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଗଲେ । ତାଙ୍କପ୍ରତି ଆକୃଷ୍ଟ ହୋଇଗଲେ । ଏହି ସମୟରେ ନାରଦଙ୍କ ଠାରୁ ସମ୍ବାଦପାଇ କୃଷ୍ଣ ଘଟଣା ସ୍ଥଳରେ ଉପସ୍ଥିତ ହେଲେ । ସେ ଶାମ୍ବଙ୍କର ଏହି ଅସଦୃଶ ଆଚରଣରେ ଅସନ୍ତୁଷ୍ଟ ହୋଇ ଅଭିଶାପ ଦେଲେ । ତାହା ଫଳରେ ଶାମ୍ବଙ୍କୁ କୁଷ୍ଠରୋଗ ହେଲା ଏବଂ ତାଙ୍କର ସୌନ୍ଦର୍ଯ୍ୟ ନଷ୍ଟ ହୋଇଗଲା । ଶାମ୍ବ ନିଜକୁ ନିର୍ଦ୍ଦୋଷ ବୋଲି ଯେତେ ବୁଝାଇଲେ ମଧ୍ୟ ଅଭିଶାପ ପ୍ରତ୍ୟାହୃତ ହେଲାନାହିଁ । ସେ ଶାପଜ ରୋଗ ଭୋଗ କଲେ । ପରେ ପରେ ନାରଦଙ୍କ ପରାମର୍ଶ କ୍ରମେ ସେ ମୈତ୍ରେୟ ବନରେ ସୂର୍ଯ୍ୟଙ୍କୁ ଶାନ୍ତ, ଦାନ୍ତ, ନିରାହାର ଓ ଜିତେନ୍ଦ୍ରିୟ ହୋଇ ବାରବର୍ଷ ତପସ୍ୟା କଲେ । ସୂର୍ଯ୍ୟଙ୍କ କରୁଣାରୁ ସେ ରୋଗମୁକ୍ତ ହେଲେ ।

ଅନ୍ୟଏକ ଉପାଖ୍ୟାନରେ ଅଛି ଶାମ୍ବଙ୍କୁ ଦେଖି କୃଷ୍ଣଙ୍କର ପତ୍ନୀମାନେ ଭ୍ରମବଶତଃ ତାଙ୍କୁ କୃଷ୍ଣ ବୋଲି ଭାବି ପରିହାସ କରିଥିଲେ । ସେତେବେଳେ ଶାମ୍ବ କିଛି ନକହି ନୀରବ ରହିଥିଲେ । ସତ୍ୟଭାମା ଜାଣି ପାରିଲେ ଯେ ଶାମ୍ବ ଚପଳତା ବଶତଃ ମାତୃବର୍ଗଙ୍କର ଭ୍ରମ ସୁଧାରି ନଦେଇ ତାହା ଉପଭୋଗ କରୁଛନ୍ତି । ତେଣୁ ସେ ତାଙ୍କୁ କୁଷ୍ଠାକ୍ରାନ୍ତ ହେବାକୁ ଅଭିଶାପ ଦେଇଥିଲେ । ପିତା କୃଷ୍ଣଙ୍କର ଚେହେରା ସହିତ ପୁତ୍ର ଶାମ୍ବଙ୍କ ଚେହେରାର କିଛି ସାମଞ୍ଜସ୍ୟ ଥିବାରୁ ଏହିପରି ଭ୍ରମ ସୃଷ୍ଟି ହୋଇଥିଲା । ସେଥିପାଇଁ ଶାମ୍ବଙ୍କର କୌଣସି

ଦୋଷ ନାହିଁ ବୋଲି ତାଙ୍କର ମାତା ଜାମ୍ବବତୀ କୃଷ୍ଣଙ୍କୁ ଜଣାଇଲେ । କୃଷ୍ଣ କହିଲେ-କର୍ମଜ, ଗ୍ରହଜ ଓ ଶାପଜ ରୋଗ ମଧ୍ୟରୁ ତୃତୀୟ ରୋଗଟି ତପସ୍ୟା ଦ୍ୱାରା ଅରୋଗ ହୁଏ । ତେଣୁ ସେ ତାଙ୍କୁ ମୈତ୍ରେୟ ବନରେ ସୂର୍ଯ୍ୟଙ୍କର ଉପାସନା କରି ରୋଗମୁକ୍ତ ହେବାର ଉପାୟ ବତାଇଥିଲେ ।

ଅନ୍ୟ ଏକ ଓଡ଼ିଆ ସୂର୍ଯ୍ୟପୁରାଣରେ କଥିତ ଏକ ଉପାଖ୍ୟାନ ଉପରୋକ୍ତ ଉପାଖ୍ୟାନ ଠାରୁ ଟିକିଏ ଭିନ୍ନ । ସେଥିରେ ଅଛି— 'ଶ୍ରୀକୃଷ୍ଣ ଶାମ୍ବଙ୍କୁ ଦ୍ୱାରପାଳ ଭାବରେ ରଖାଇ ଅନ୍ତପୁରରେ ସତ୍ୟଭାମାଙ୍କ ସହିତ ଥିବା ସମୟରେ ଗୋଟିଏ ଅଶୋଭନୀୟ କାଣ୍ଡ ଘଟିଗଲା । ଘଟଣାଟି ହେଉଛି, ସେହି ସମୟରେ ଦୁର୍ବାସା ଋଷି ଆସି ପହଞ୍ଚିଲେ । ସେ କୃଷ୍ଣଙ୍କୁ ଦେଖା କରିବାକୁ ଚାହିଁଲେ । କିନ୍ତୁ ଶାମ୍ବ ତାଙ୍କୁ ଛାଡ଼ିଲେ ନାହିଁ । ଦୁର୍ବାସା ଅତ୍ୟନ୍ତ କ୍ରୁଦ୍ଧ ହେଲେ । ଅଭିଶାପ ଦେବେ ବୋଲି ଭୟ ପ୍ରଦର୍ଶନ କଲେ । ଶାମ୍ବ ଅନ୍ୟ ଉପାୟ ନଦେଖି ଦୁର୍ବାସାଙ୍କର ଆଗମନର ଅଭିପ୍ରାୟ ଜଣାଇବା ଲାଗି ଅନ୍ତଃପୁରରେ ପ୍ରବେଶ କଲେ । ସେହି ସମୟରେ କୃଷ୍ଣ ସତ୍ୟଭାମାଙ୍କ ସହିତ ସୁଖାଳାପ କରୁଥିଲେ । ସେହି ଅବସ୍ଥାରେ ପୁଅକୁ ଦେଖି ଅପ୍ରତିଭ ହେଲେ । ଲଜ୍ଜା ଏବଂ କ୍ରୋଧରେ ଶାମ୍ବଙ୍କୁ କୁଷ୍ଠରୋଗ ହେଉ ବୋଲି ଅଭିଶାପ ଦେଲେ । ପରେ ସମସ୍ତ ଘଟଣା ଓ ନିରପରାଧ ଶାମ୍ବଙ୍କ ଦୁର୍ଦ୍ଦଶା ଜାଣି ଦୁଃଖିତ ହେଲେ । ଦୁର୍ବାସା ମଧ୍ୟ ଏହା ଜାଣିଲେ । ଦୁର୍ବାସାଙ୍କ ପରାମର୍ଶ କ୍ରମେ ଶାମ୍ବ ଅର୍କକ୍ଷେତ୍ରରେ ସୂର୍ଯ୍ୟଙ୍କର ଉପାସନାକରି ରୋଗମୁକ୍ତ ହୋଇଥିଲେ । ସେ କୋଣାର୍କ ବେଳାଭୂମିରେ ପୌଷ ଶୁକ୍ଳ ସପ୍ତମୀ ଦିନ, ବାଲୁକାରେ ରବିନାରାୟଣଙ୍କର ମୂର୍ତ୍ତି ସ୍ଥାପନକରି ଷୋଡ଼ଶ ଉପଚାରରେ ପୂଜା ଓ ଆରାଧନା କରିଥିଲେ । ସେଥିପାଇଁ ଏହି ଦିନଟି ଏକ ପବିତ୍ର ଦିବସ ଭାବରେ ଖ୍ୟାତିଲାଭ କରିଛି ।

ଲୌକିକ ଧୃତ ବାର୍ତ୍ତିତ ଶାମ୍ବପୁରାଣ, ଭବିଷ୍ୟପୁରାଣ, ସ୍କନ୍ଦପୁରାଣ, ବ୍ରହ୍ମପୁରାଣ, କପିଳ ସଂହିତା ଓ ମହାଭାରତରେ ଶାମ୍ବଙ୍କୁ କେନ୍ଦ୍ରକରି ଏହିପରି କେତୋଟି ଉପାଖ୍ୟାନ ବର୍ଣ୍ଣିତ ହୋଇଛି ।

ଏହାଛଡ଼ା ସୂର୍ଯ୍ୟଙ୍କର ରବିନାରାୟଣ ବ୍ରତ ' ବୋଲି ଗୋଟିଏ ବ୍ରତ ଅଛି । ଏହା ଗୋଟିଏ ଯୋଗଜ ବ୍ରତ । ରବିବାର ଦିନ ଏକାଦଶୀ ପଡ଼ିଲେ ଏହି ବ୍ରତ ପାଳିତ ହୁଏ । ଯୋଗଜ ବ୍ରତଗୁଡ଼ିକର ଆଲୋଚନା ପ୍ରସଙ୍ଗରେ ଏହାର ଆଲୋଚନା କରାଯାଇଛି ।

## ଟୁଷୁ

କେତେ ପୁରୁଷ ଧରି ପଶ୍ଚିମ ଓଡ଼ିଶାର କେଉଁଝର, ମୟୂରଭଞ୍ଜ ଓ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ କୁର୍ମି କ୍ଷତ୍ରିୟ ବୋଲି ଗୋଟିଏ ଗୋଷ୍ଠୀ ବସବାସ କରୁଛନ୍ତି । ମକର ସଂକ୍ରାନ୍ତି ଦିନ ଏହି ଗୋଷ୍ଠୀର କୁମାରୀମାନେ ଟୁଷୁ ବ୍ରତ ପାଳନ କରନ୍ତି । ଏଥିପାଇଁ ମକର ସଂକ୍ରାନ୍ତିର ଛ' ସାତଦିନ ପୂର୍ବରୁ ସେମାନେ ଗାଁରେ ଗୋଟିଏ ଘରେ ଏକାଠି ରହନ୍ତି । ସପ୍ତାହ ପର୍ଯ୍ୟନ୍ତ ଟୁଷୁ ଗୀତ ବୋଲାଯାଏ । ହାଣ୍ଡିରେ ଟୁଷୁ ମୂର୍ତ୍ତି ତିଆରି ହୁଏ । ଏହାଛଡ଼ା ମାଟିରେ ମଧ୍ୟ ଟୁଷୁ ମୂର୍ତ୍ତି କରାଯାଇ ପାରେ । ପର୍ବ ପୂର୍ବଦିନ ରାତିରେ ଉଜାଗର ରହି ଗୀତ ଗାଆନ୍ତି ମକର ସଂକ୍ରାନ୍ତି ଦିନ ଗୋଟିଏ ମେଳା କରି ସେଥିରେ ଟୁଷୁଙ୍କ ପ୍ରତିମା ରଖାଯାଏ । ସେହି ଦିନ ଏହା ନଦୀ ବା ପୋଖରୀରେ ବିସର୍ଜନ କରାଯାଏ । ଏହି ପର୍ବଟି ଖୁବ୍ ପ୍ରାଚୀନ ନୁହେଁ । ଏହାକୁ ଓଡ଼ିଶାର ସ୍ୱତନ୍ତ୍ର ପର୍ବବୋଲି କୁହାଯାଇ ପାରିବ ନାହିଁ । ଓଡ଼ିଶାର କେତୋଟି ପଡ଼ୋଶୀ ପ୍ରଦେଶରେ ମଧ୍ୟ ଏହା ପାଳିତ ହୋଇଥାଏ ।

ଟୁଷୁ ସତୀତ୍ୱର ପ୍ରତୀକ । ଜଣେ ପରାକ୍ରମଶାଳୀ ହିନ୍ଦୁ ରାଜା ଥିଲେ । ସେ ବେଦ, ପୁରାଣ ଇତ୍ୟାଦିରେ ପଣ୍ଡିତ ଥିଲେ । ସୁଶାସକ ମଧ୍ୟ ଥିଲେ । ତାଙ୍କର ରାଣୀ ଅତ୍ୟନ୍ତ ଧର୍ମପରାୟଣା । ତାଙ୍କର ଗୋଟିଏ ସୁନ୍ଦର କନ୍ୟା ଜନ୍ମ ହେଲା । ସେ ସର୍ବଗୁଣସଂପନ୍ନା । ଝିଅଟିର ନାମ ରଖାଯାଇଥିଲା ଟୁଷୁ ।

ପରେ ସେହି ରାଜାଙ୍କୁ ମୁସଲମାନମାନେ ଆକ୍ରମଣକଲେ । ରାଜାଙ୍କର ସମସ୍ତ ଶକ୍ତି ସେହି ଆକ୍ରମଣର ପ୍ରତିରୋଧ କରିବାରେ

କରିବାରେ ଅକ୍ଷମ ହେଲା । ସେ ପରାସ୍ତ ହେଲେ । ମୁସଲମାନ ରାଜା ରାଜନବରଙ୍କୁ ଘେରାଉ କଲେ । ସେଠାରେ ଟୁସୁଙ୍କୁ ଦେଖି ସେ ନିଜର ବେଗମ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଟୁସୁ ଉପାୟ ନଦେଖି ପଳାୟନ କଲେ । ଧାଇଁ ଧାଇଁ ଯାଇ ଗଙ୍ଗାକୂଳରେ ପହଞ୍ଚିଲ । ଗଙ୍ଗାମାତାଙ୍କୁ ପ୍ରଣାମ କରି କହିଲେ—"ମା' ତୋ ବକ୍ଷରେ ମୋତେ' ଆଶ୍ରୟ ଦେ ।" ତା' ପରେ ସେ ଗଙ୍ଗାରେ ଝାସ ଦେଲେ । ଯବନ ରାଜା ନିରାଶ ହେଲେ ।

ମାଘମାସ ପ୍ରଥମ ଦିନ ଟୁସୁ ଗଙ୍ଗାରେ ଝାସ ଦେଇଥିଲେ । ସେଥିପାଇଁ ମକର ସଂକ୍ରାନ୍ତି ଦିନ କୁମାରୀ ମାନେ ତାଙ୍କର ପୂଜାକରନ୍ତି । ଟୁସୁଙ୍କ ଉଦ୍ଦେଶ୍ୟରେ ଗାନ କରାଯାଉଥିବା ଗୀତ ଗୁଡ଼ିକ ଆଞ୍ଚଳିକ ଓଡ଼ିଆ ଭାଷା ଓ ସ୍ଥାନେ ସ୍ଥାନେ ବଙ୍ଗଳା ହିନ୍ଦୀ ମିଶ୍ରିତ ଭାଷାରେ ରଚିତ । ଏଥିରେ ଟୁସୁଙ୍କୁ ଦେବୀବୋଲି ବର୍ଣ୍ଣନା କରାଯାଇଥାଏ ।

ଶୁଭ୍ରକାନ୍ତି ସରସ୍ୱତୀ ଗୋ ପ୍ରଣମିମା ଚରଣେ
ପଦ୍ମାବତୀ, ସରସ୍ୱତୀ ଗୋ ବନ୍ଦେ ମନେ ମନେ ।।

× × × × × × ×

ଟୁସୁମଣି ମାଏର କାଛେ ଚେୟେ ଲିବ ବର୍
ଧନ ପୁତେ ଭରୁ ଆମାର ଘର ।

ଏହିପରି କେତେକ ପଦ ସମ୍ବଳିତ ଗୀତ ଗାନ କରାଯାଏ । ତେଣୁ ଓଡ଼ିଆ ବ୍ରତସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଏହାର କିଛି ଭୂମିକା ନଥିଲେ ମଧ୍ୟ ଗତ ତିନିଶହ ବର୍ଷଧରି ବସବାସ କରୁଥିବା କୁର୍ମିକ୍ଷତ୍ରିୟ ଗୋଷ୍ଠୀ ମଧ୍ୟରେ ଏହା ପାଳିତ ହେଉଥିବାରୁ, ଏଠାରେ ଉଲ୍ଲେଖ କରାଗଲା । ଆନ୍ଧ୍ର ପ୍ରଦେଶରେ ବାସ କରୁଥିବା କୁର୍ମିମାନେ ଏହା ପାଳନ କରନ୍ତି ନାହିଁ, ଏହା ପଶ୍ଚିମ ବଙ୍ଗ ଓ ବିହାରରେ ବିଶେଷ ଭାବରେ ପ୍ରସିଦ୍ଧ, ଓଡ଼ିଆ ଭାଷାରେ ପ୍ରଚଳିତ କୌଶସି ଟୁସୁ ବ୍ରତକଥା

ଏପର୍ଯ୍ୟନ୍ତ ଆମର ହସ୍ତଗତ ହୋଇନାହିଁ ।

## କଉଡ଼ିଆ ବନାୟକ ବ୍ରତ

ମକର ସଂକ୍ରାନ୍ତି ଦିନ ଏହି ବ୍ରତ ପାଳିତ ହୁଏ । ଈଶ୍ୱର ପାର୍ବତୀ ଏହି ବ୍ରତର ଦେବତା ।

ଥରେ ଈଶ୍ୱର ଓ ପାର୍ବତୀଙ୍କର ପଶା ଖେଳିବାକୁ ମନ ହେଲା । ହାରିବା ଜିତିବା ସ୍ଥିର କରିବା ପାଇଁ ଜଣେ ମଧ୍ୟସ୍ଥ ଲୋଡ଼ା ହେଲା । ସେଠାରେ ଆଉ କେହି ନଥିଲେ । ଶିବଙ୍କ ହାତରେ କୁଶବଟୁ ଥିଲା । ସେ ତାକୁ କାଢିଲେ । ସେଥିରେ ମୂର୍ତ୍ତି ଟିଏ କଲେ । ତାକୁ ଜୀବନ୍ୟାସ ଦେଲେ । ତା'ର ନାମ ରଖିଲେ କୁଶବଟୁ । ଈଶ୍ୱର-ପାର୍ବତୀଙ୍କ ପଶାଖେଳରେ ଏହି କୁଶବଟୁ ସାକ୍ଷୀଭାବରେ ବସିଲା । ପଶାଖେଳ ଚାଲିଲା ।

କିଛି ସମୟ ଖେଳିଲା ପରେ ଈଶ୍ୱର ପଚାରିଲେ କିଏ ହାରିଲା । କୁଶବଟୁ ଭାବିଲା, ମାଆ ହାରିଛନ୍ତି କହିଲେ ବିପଦ । 'ପୋଡ଼ କହିଲେ ପୋଡ଼ିଯିବ । ଜଳ କହିଲେ ଜଳିଯିବ ।' ଚିନ୍ତାକରି କହିଲା- 'ପିତା ହାରିଲେ ।' ଈଶ୍ୱର ରାଗିଗଲେ । ଅଭିଶାପ ଦେଲେ । ତା'ର ହାତଗୋଡ଼ ଛିଡ଼ିଗଲା । କୁଶବଟୁର ଦୁଃଖ ଓ ପ୍ରାୟଶ୍ଚିତର ଦିନ ଆରମ୍ଭ ହେଲା । ଖଣ୍ଡିଆ ମାଦଳ ହୋଇ ବଡ଼ କଷ୍ଟରେ ଜୀବନ କଟାଉଥାଏ ।

କୁଶବଟୁ ଈଶ୍ୱରଙ୍କ ଠାରୁ ଅଭିଶାପ ପାଇ କିପରି ଦିନ କଟାଇଲା ଏବଂ ମକର ସଂକ୍ରାନ୍ତି ଦିନ କିପରି ବ୍ରତ ପାଳିଲା ସେ ସମ୍ପର୍କରେ ଉକ୍ତ କଥାରେ ଅଛି— "ପିତା ବୋଇଲେ ଆମ୍ଭେ ଜାତ କଲୁଁ ତୋତେ । ଆମ୍ଭଙ୍କୁ ହରାଇଲୁ । ଘରଠାରୁ ଛିଡ଼ିପଡୁ । ଏମନ୍ତ ଆଜ୍ଞାକରି କପିଳାସ ବିଜେ କଲେ ।" କୁଶବଟୁ ରାଜା ମଣ୍ଡପ କୋଣେ ରହିଗଲା । ବିଚାରିଲେ ଈଶ୍ୱର ପାର୍ବତୀଙ୍କୁ ସେବା କରିବୁ । ଏମନ୍ତ ବିଚାରି ମକର ସଂକ୍ରାନ୍ତି ଦିନ ଗଡ଼ି ଗଡ଼ି ଗଲା । ସଡ଼ ସଜାଇ ଗଲା । ତ୍ରିବେଣୀ ଘାଟ ଗଲା । ଛ' ବୁଡ଼ ପାରିଲା । ଛ' ଖଣ୍ଡ ଦାନ୍ତକାଠି ଘସିଲା । କୁଳୁକୁଳିଆ କଲା । ଛ' ବନ ଫଳ ଫୁଲ ଆଣିଲା । ଗଡ଼ ଓଡ଼ାଇ,

ସଡ ସଡ଼ାଇଲ । ମଣ୍ଡପ କୋଣେ ଈଶ୍ୱର ପାର୍ବତୀଙ୍କୁ ଥାପିଲ । କଥାଟି କହିଲ ଗୁଆ ଛ, ଖଣ୍ଡି ଖାଇଲ । ପଣନ୍ତ ପକାଇ ଶୋଇଲା । ବୋଇଲ "ହେ ଈଶ୍ୱର ପାର୍ବତୀ ଗାଈ କ୍ଷୀରବନ୍ତ ହେଉ । ନାରୀ ପୁତ୍ରବନ୍ତୀ ହେଉ । କୋଢିଆ କାମଦେବ ହେଉ । ମୋ ହାତଠାକୁ ହାତ ଆସୁ, ଗୋଡ଼ଠାକୁ ଗୋଡ଼ ଆସୁ ।" ଈଶ୍ୱରଙ୍କ ଆସନ ଟଳିଲା । ସେ ଜଟା ଆଭରଣ ନାଗ ଆଭରଣ ହୋଇ ବୁଲି ବଜେକଲେ । କୋରମେଇ କୁଷ୍ଠରୁଣୀକୁ ସ୍ୱପ୍ନାଦେଶ ହେଲା । ମଣ୍ଡପ କୋଣରେ ପଡ଼ିଥିବା ଲୋକକୁ ପାଣିକରକେ, ଭାତକରକେ ଦେବାକୁ ଈଶ୍ୱର ଆଦେଶ ଦେଲେ। ନଦେଲେ କୋରମଇକୁ ସେଇ ଖଣ୍ଡିଆର ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିବ ଓ ତା'ର ସକଳ ସଂପତ୍ତି ନଷ୍ଟ ହୋଇଯିବ । କୋରମେଇ ନିଦରୁ ଉଠି ମାଆକୁ ସ୍ୱପ୍ନାଦେଶ କଥା କହିଲ । ମାଆ ଏଥିରେ ସମ୍ମତ ହେଲା । କୁଶବଟୁକୁ ପାଣି କରକେ ଭାତ କରକେ ଯାଚିଲରୁ ସେ ଅଲଣା, ଅଖିର ତରଣା ମନ୍ଦାଏ ମାଗିଲ । ସେମାନେ ତାହା ଦେଲେ କୁଶବଟୁ ତାହା ଈଶ୍ୱରଙ୍କୁ ଲାଗି କରାଇ ଆପେ ପ୍ରସାଦ ପାଇଲ । ସେ ପାଳି ସେପରି କଲେ ।

କିଛିଦିନ ପରେ ଆଉ ଏକ ପାଳି ପଡ଼ିଲ । କୁଶବଟୁ ଗଡ ଗଡାଇ, ସଡ ସଡାଇ ଗଲ । ତ୍ରିବେଣୀ ଘାଟ ଗଲ । ଛତ୍ରୁ ଉପାଡ଼ି ଛ' ଖଣ୍ଡ ଦାନ୍ତକାଠି ଘଷିଲ । ଛ' କୁଳକୁଞ୍ଚା କଲ । ଗଡ ଗଡାଇ, ସଡ଼ ସଜାଇ ମଣ୍ଡପ କୋଣରେ ଈଶ୍ୱର ପାର୍ବତୀଙ୍କୁ ଥାପି ପୂର୍ବ ପରି ପୂଜାକଲ ଏବଂ ଗାଈ କ୍ଷୀରବନ୍ତୀ ଓ ନାରୀ ପୁତ୍ରବନ୍ତୀ ହେବାକୁ ଏବଂ ତା'ର ହାତ ଠାକୁ ହାତ ଗୋଡ ଠାକୁ ଗୋଡ଼ ଆସିବା ପାଇଁ ଈଶ୍ୱର ପାର୍ବତୀଙ୍କୁ ପ୍ରାର୍ଥନା କଲା । ଈଶ୍ୱର ଅସ୍ତୁ କହିଲେ ଓ ପୁନର୍ବାର କୋରମଇକୁ ପାଣିକରକେ, ଭାତ କରକେ ଦେବା ପାଇଁ ସ୍ୱପ୍ନାଦେଶ ଦେଲେ । ଏଥର ଭାତପାଣି ଯାଚିଲ ବେଳେ ସେ ଅଲଣା ଗଇଁଠା ଛ'ଟା ମାଗିଲ । ତାହା ପାଇଲା ପରେ, ଈଶ୍ୱର ପାର୍ବତୀଙ୍କୁ ଭୋଗ ଲାଗି କଲାପରେ ଆପେ ଖାଇଲ ଏହିପରି ଗୋଟିଏ ପାଳି ଓଷା ପୂଜିଲ ପୁଣି ଆଠ ଦିନ ପରେ ତୃତୀୟ ପାଳି ପଡ଼ିଲ । କୁଶବଟୁ ଗଡ଼ ଗଡାଇ

ସଜ ସଜାଇ ଗଲା । ତ୍ରିବେଣୀ ଘାଟକୁ ଗଲା । ଛ’ ବୁଡ଼ ପକାଇ ଛ’ ଖଣ୍ଡ ଦାନ୍ତକାଠି ଘଷି, ଛ’ ବର୍ଣ୍ଣ ଫୁଲ ଆଣିଲା । ଈଶ୍ୱର ପାର୍ବତୀଙ୍କୁ ସ୍ଥାପନ କରି ଓଷାକଥା କହିଲା । ଛ’ ଖଣ୍ଡି ଗୁଆ ଖାଇଲା । ପଣତ ପାରି ଶୋଇଲା । ପୂର୍ବପରି ପ୍ରାର୍ଥନା କଲା – ‘ହେ ଈଶ୍ୱର ପାର୍ବତୀ’’ ଗାଇ ଦୁଗ୍ଧବନ୍ତୀ ନାରୀ ପୁତ୍ରବନ୍ତୀ ହେଉ । ମୋ ହାତ ଠାକୁ ହାତ’ ଗୋଡ ଠାକୁ ଗୋଡ ଆସୁ ।’’ ଈଶ୍ୱର ଅସ୍ତୁ କହି କପିଳାସକୁ ବାହୁଡ଼ିଲେ । କୋରମଇକୁ ପାଣି କରକେ ଭାତ କରକେ ଦେବାପାଇଁ ସ୍ୱପ୍ନାଦେଶ ହେଲା । ସେ ଭାତ କରକେ ପାଣି କରକେ ଯାଚିବାରୁ କୁଶବନ୍ଧୁ ଅଲଣା ଅଖାରା ମଣ୍ଡା ଛ’ ଗୋଟି ମାଗିଲା । ତାହା ଈଶ୍ୱର ପାର୍ବତୀଙ୍କୁ ଲାଗି କରି ପ୍ରସାଦ ପାଇଲା । ପୁଣି ଆଠଦିନ ଉତ୍ତାରେ ଆଉ ପାଳିଏ ପଡ଼ିଲା । ସେ ପୂର୍ବପରି ଯାଇ ତ୍ରିବେଣୀ ଘାଟରେ ଛ’ ବୁଡ଼ ପକାଇ ସ୍ନାନସାରି ଫେରିଲା । ମଣ୍ଡପ କୋଣରେ ଈଶ୍ୱର ପାର୍ବତୀଙ୍କୁ ସ୍ଥାପି ପୂଜାକଲା । କଥା କହିଲା । ପୂର୍ବପରି ଗାଈ କ୍ଷୀରବନ୍ତୀ ଓ ନାରୀ ପୁତ୍ରବନ୍ତୀ ହେବାକୁ ପ୍ରାର୍ଥନା କଲା । ଈଶ୍ୱର ଅସ୍ତୁ କହି କପିଳାସ ବାହୁଡ଼ିଲେ । ପୂର୍ବପରି କୋରମଇକୁ ପାଣିକରକେ ଭାତକରକେ ଦେବାପାଇଁ ସ୍ୱପ୍ନାଦେଶ ହେଲା । କୋରମଇ ମାଆକୁ କହିବାରୁ ମାଆ କହିଲେ—‘‘କେଉଁ ସିଦ୍ଧ କେଉଁ ମୂର୍ତ୍ତିରେ ଅଛି ଦେଲେ ଦେଉ କନା ।’’ ଏଥର କୁଶବନ୍ଧୁ ଅଲଣା ପୁଳା ଛ’ ଗୋଟି ମାଗିଲେ । ଈଶ୍ୱର ପାର୍ବତୀଙ୍କୁ ଭୋଗ ଲଗାଇ ପ୍ରସାଦ ଖାଇଲା । ଏହିପରି ପାଞ୍ଚପାଳି ଓଷାକଲା ପରେ ତା’ର ହାତ ଗୋଡ଼ କଅଁଳିଲା । ସେ ପୂର୍ବପରି ମଣ୍ଡପ କୋଣରେ ରହିଲା ।

ଏହି ସମୟରେ ସିଂହଳ ଦେଶରେ ରାଜା ଅପୁତ୍ରିକ ଅବସ୍ଥାରେ ମୃତ୍ୟୁ ବରଣ କଲେ । ରାଜ୍ୟ ଅରାଜକ ହେଲା । ସମସ୍ତେ ରାଜା ହେବାକୁ ବାହାରିଲେ । ବୃଦ୍ଧ ମନ୍ତ୍ରୀ ହାତୀ ମୁଣ୍ଡରେ ସୁନା କଳସୀ ଦେଇ ପଠାଇଲେ । ସମସ୍ତେ ହାତୀ ପଛରେ ଗୋଡ଼ାଇଲେ । ବାଦ୍ୟ ବାଜିଲା । ଲୋକେ ଆମ୍ବ, ପଣସ, ଖଜା, ପିଠା ଧରି ଗୋଡ଼ାଇଲେ । ଆଶା, କାଳେ ଖାଦ୍ୟ ଲୋଭରେ ହାତୀ ସୁନା କଳସ

ତାଲଦେବ ଘର । କିନ୍ତୁ ହାତୀ ବିଭିନ୍ନ ସ୍ଥାନରେ ବୁଲି ବୁଲି କୁଶବନ୍ତ୍ ପାଖରେ ପହଞ୍ଚିଲା । ତା' ମୁଣ୍ଡରେ କଳସ ଢାଳିଲା । କୁଶବନ୍ତ ସିଂହଳର ରାଜାହେଲେ ।

କୁଶବନ୍ତ ସିଂହଳର ରାଜା ହେବାପରେ କୋରମଇ ମଧ୍ୟ ସିଂହଳକୁ ଗଲେ । କୁଶବନ୍ତ୍ ତାହାଙ୍କୁ ପୂଜାକରି ଏପରି ସୌଭାଗ୍ୟର ଅଧିକାରୀ ହେଲା. ସେ ତାଙ୍କର ପୂଜା ଓ ଓଷା ପାଳନ କରିବାକୁ ମନ ବଳାଇଲା । କୁଶବନ୍ତ୍ ତାହା ବତାଇ ଦେଲେ । ସେ ନିଜ ଗୃହକୁ ଫେରି ଆସି ବିଧି ବିଧାନରେ କଉଡ଼ିଆ ବିନାୟକ ବ୍ରତ ପୂଜିଲା । ତା'ର ବ୍ରତ ସିଦ୍ଧି ହେଲା । ଈଶ୍ୱର କୁଶବନ୍ତକୁ ସ୍ୱପ୍ନାଇଲେ—"କୋରମାଇ କୁଟ୍‌ ଭୁଣୀକୁ ବିଭାହେବୁ । ନଚେଲେ ସକଳ ସମ୍ପତ୍ତି ହରିବ ।" କୁଶବନ୍ତ୍ କୋରମାଇକୁ ବିଭାହେଲେ ।

କୋରମାଇ ରାଜ ଉଆସରେ ଅପୂସରେ ରହି ଓଷା ଭୁଲିଗଲା । ଓଷା ଭୁଲିବା ଦୋଷରୁ ତା' ଜୀବନରେ ବିପର୍ଯ୍ୟୟ ଆରମ୍ଭ ହେଲା । ସାମାନ୍ୟ କୁଟ୍‌ଭୁଣୀ ରାଜ-ଭୋଗ ପାଇ ଦେବ ଭୋଗ ପାଶୋରି ଦେଲାରୁ ଈଶ୍ୱରଙ୍କର କୋପ ପଡ଼ିଲା । ପାର୍ବତୀ ମାୟାରେ ବୁଢ଼ୀ ମାଲ୍ୟାଣୀ ବେଶରେ ଆସିଲେ । ରାଣୀମାନଙ୍କର କେଶ ବିନ୍ୟାସ କରିଗଲେ । ରାଜାଙ୍କ ସହିତ ଜଳକେଳି ସମୟରେ ଅନ୍ୟ ରାଣୀମାନଙ୍କ ଖୋସାରୁ ଫୁଲ ଚଉଁରି ବାହାରିଲା । କିନ୍ତୁ କୋରମଇ ଖୋସାରୁ ଫିଟି ଖସିଲା ମଲା ପୁଅର ଖଡ଼ୁ ଶିକୁଳି, ବେଙ୍ଗ କୁକୁରର ଜିଭ, ହାତୀ ଥୋଡ଼ ପାହାର । ବଡ ଘରର କଥା ଗୃହଅଡ଼େ ଫଟିଆ ହେଲା । ରଜା କୋରମଇ ରାଣୀଙ୍କୁ ବାର ଦୁଆର ବାଟେ ବିଦା କରିଦେଲେ ।

କୋରମଇ ବନସ୍ତରେ ରହିଲା । ବଡ଼ ଲୋକର ବୋହୂ କୁଆଡେ ଯିବ । ସେଠାରେ ଭୃଗୁଋଷିଙ୍କୁ ସେବାକଲା । ଦିନେ ଋଷି ତା' ଠାରୁ ସମସ୍ତ ବୃତ୍ତାନ୍ତ ଶୁଣିଲେ । ପୁଣି ଓଷା କରିବାକୁ କହିଲେ । ସେ ବନସ୍ତରେ ଓଷା ପୂଜିଲା । ପାଞ୍ଚଥର ଓଷା ପୂଜିବା ପରେ ତା' ଭାଗ୍ୟ ପରିବର୍ତ୍ତନ ହେଲା । ତା'ର କାମନା ବାକ୍ୟ ଥିଲା—"ହେ ଈଶ୍ୱର

ଯାବଂଶ । ଗାଈ କ୍ଷୀରବଂଶ ହେଉ । ବନ୍ଧ୍ୟା ପୁତ୍ରବଂଶ ହେଉ । କୋଢ଼ିଆ କାମଦେବ ହେଉ । ମତେ କୁଶବଂଠୁ ରାଜା ଘରକୁ ନେଉ ।" ଈଶ୍ୱର ପ୍ରସନ୍ନ ହେଲେ । ଅସ୍ତୁ କହିଲେ । କୁଶବଂଠୁକୁ ସ୍ୱପ୍ନାଦେଶ ହେଲା । ସେ କୋରମଈକୁ ଖୋଜାଇଲା । ଉଆସକୁ ଆଣିଲା । ଏଥର କୋରମଇ କଉଡ଼ିଆ ବିନାୟକ ବ୍ରତ' ବିଧି ମୁତାବକ ପୂଜିଲା । ତା'ର ଉତ୍ତରୋତ୍ତର ଉନ୍ନତି ହେଲା ।

ବଂଶୀଧର ରାଓଙ୍କ ଦ୍ୱାରା ପ୍ରକାଶିତ ବେଣାଠିଆ ଓଷା ପଦ୍ୟରେ ରଚିତ । ଉପରେ ବର୍ଣ୍ଣିତ କଥାକୁ ସାମାନ୍ୟ ପରିବର୍ତ୍ତନ ଓ ସଂଯୋଗ କରି ଏହି ଓଷା କଥାଟି କଳ୍ପିତ ହୋଇଛି ଓ ଏହାର ବ୍ରତ ବିଧାନ ପ୍ରଣୀତ ହୋଇଛି ।

## ବାଟଓଷା

ମାଘ କୃଷ୍ଣପକ୍ଷ ମଧ୍ୟରେ ଷଣ୍ଠୁ ପୂର୍ଣ୍ଣିମା ଯିବାର ୩ୟ, ୭ମ ବା ନବମ ଦିନ ଏହି ଓଷା ପାଳିତ ହୁଏ । ଯମ ଏହି ଓଷାର ଦେବତା । ଗୋପୀନାଥ ଦାସଙ୍କର 'ବାଟଓଷା' କଥାଟି ନବାକ୍ଷରୀ ବୃତ୍ତରେ ରଚିତ । ଏହାର କୌଣସି ପୌରାଣିକ ଭିତ୍ତିନାହିଁ । କେବଳ ପୌରାଣିକ ଦେବତା ବିଷ୍ଣୁ ଓ ଯମଙ୍କର ନାମୋଲ୍ଲେଖ କରାଯାଇଛି । ଷଣ୍ଠୁ ଓଷା କଥା ସହିତ ଏହାର କଥା ଭାଗରେ କିଛି ସାମଞ୍ଜସ୍ୟ ଅଛି ।

ଯମ ହେଉଛନ୍ତି ସୂର୍ଯ୍ୟଙ୍କର ତନୟ ଏବଂ ମୃତ୍ୟୁର ଦେବତା । ସେ ପାପୀ ଲୋକମାନଙ୍କୁ ମୃତ୍ୟୁପରେ କଠୋର ଦଣ୍ଡ ଦିଅନ୍ତି । ଏହା ଦେଖି ବିଷ୍ଣୁଙ୍କର ଦୟାହେଲା ସେ ଯମଙ୍କରସନ୍ତୋଷ ବିଧାନ ପାଇଁ ବାଟ ଓଷାର ପରିକଳ୍ପନା କଲେ । ଏହାର ପ୍ରସାରବିଷୟ ଚିନ୍ତାକଲା ବେଳେ ପାଟଳୀ ପୁତ୍ରରେ ଜଣେ ଦରିଦ୍ର ଏବଂ ଦୁଃଖୀ ବ୍ରାହ୍ମଣ ତାଙ୍କୁ ପୂଜା କରୁଥିଲା । ବ୍ରାହ୍ମଣର ବଡ ଦୁଃଖ । ସାତପୁଅ ଜନ୍ମ ହୋଇ ମୃତ୍ୟୁ ବରଣ କରିଥାନ୍ତି । ବିଷ୍ଣୁ ବ୍ରାହ୍ମଣକୁ ସ୍ୱପ୍ନାଦେଶ ହେଲେ । ବ୍ରାହ୍ମଣୀକୁ ଏହି ଓଷା କରାଇବାକୁ କହିଲେ । ବିଧି ବିଧାନ ମଧ୍ୟ ବତାଇ ଦେଲେ । ବ୍ରାହ୍ମଣ ନିଦରୁ ଉଠି ବ୍ରାହ୍ମଣୀକୁ ସବୁକଥା

କହିଲା । ରାତି ପାହି ସକାଳ ହେଲା । ବ୍ରାହ୍ମଣ ହାଟକୁ ଗଲା । ପୂଜା-ସାମଗ୍ରୀ କିଣି ଆଣିଲା । ବ୍ରାହ୍ମଣୀ ନଦୀରେ ସ୍ନାନ କରି ପାଞ୍ଚ ସାତ ଅବଳାଙ୍କ ସହିତ ବନସ୍ତକୁ ଯାଇ ପୂଜାକଲା । ବଜ୍ରମୂଳୀରେ ସ୍ଥାନ ସଫାକଲା । ଯମଙ୍କର ଦୟା ହେଲା, ବ୍ରାହ୍ମଣୀ ପୁନର୍ବାର ପୂର୍ବବତ ହୋଇ ସୁଖରେ ରହିଲା ।

କୋଶଳ ଦେଶରେ ସୁଦର୍ଶନ ନାମରେ ଜଣେ ରାଜାଥିଲେ । ତାଙ୍କ ରାଣୀଙ୍କ ନାମ ଲୀଳାବତୀ । ଅପୁତ୍ରିକ ଥିବାରୁ ସେମାନଙ୍କ ମନ ଭଲ ନଥାଏ । ରାଜା ବ୍ରାହ୍ମଣ ଓ ଜ୍ୟୋତିଷ ମାନଙ୍କୁ ଡକାଇ ଉପାୟ ପଚାରିଲେ । ଦୈବାତ୍ ସେଦିନ ବାଟଓଷା ପଡ଼ିଥାଏ । ନାରୀମାନେ ମିଳିତ ହୋଇ ବନସ୍ତରେ ଓଷା ପୂଜୁଥାଆନ୍ତି । ସେମାନଙ୍କ ହୁଳହୁଳି ଶୁଣି ଲୀଳାବତୀଙ୍କ ଦାସୀମାନେ ସେଠାରେ ପହଞ୍ଚିଲେ । ରାଜାରାଣୀଙ୍କ ଦୁଃଖ ଓ ମନ କଥା ଓଷେଇତି ମାନଙ୍କୁ ଜଣାଇଲେ । ଏହି ଓଷାକଲେ ରାଣୀଙ୍କର ଦୁଃଖ ଯିବ ବୋଲି ଶୁଣିଲେ । ଓଷା ମନାସିଲେ ତାଙ୍କର ମନବାଞ୍ଛା ପୂର୍ଣ୍ଣ ହେଲା ।

ରାଣୀଙ୍କର ପୁତ୍ର ଜନ୍ମହେଲା । ରାଜ ପରିବାରରେ ଆନନ୍ଦ । ରାଜ୍ୟରେ ଆନନ୍ଦ । ଉତ୍ସବ ହେଲା । ହାଟ ଭୁଠ ଜୁର ହେଲା । ନଗର ମଣ୍ଡନ ହେଲା । ଦ୍ୱାରେ ଦ୍ୱାରେ ପୂର୍ଣ୍ଣକୁମ୍ଭ ବସିଲା । ପାହାଡ଼ ମାନଙ୍କରେ ଧଳା ପତାକା ଉଡ଼ିଲା । ଭାଟମାନଙ୍କର ସ୍ତୁତିଗାନ ଓ ବ୍ରାହ୍ମଣମାନଙ୍କର କଲ୍ୟାଣ ଧ୍ୱନିରେ ରାଜ୍ୟ ମୁଖରିତ ହେଲା । ଜନ୍ମର ପଞ୍ଚମ ଦିନ ପଞ୍ଚୁଆତି ଷଷ୍ଠଦିନ ଷଷ୍ଠୀ, ସପ୍ତମ ଦିନ ଉଠିଆରି, ଏକବିଂଶତିତମ ଦିନ ଏକୋଇଶିଆ ହେଲା । ପୁଅର ନାଆଁ ଦିଆଗଲା ବୀରସେନ ।

ପାଞ୍ଚବର୍ଷ ହେବାରୁ ପୁଅ ଗୁରୁହାଲକୁ ଗଲା । ଏ ଭିତରେ ରାଣୀ ଓଷା ଭୁଲିଗଲେ । ଯମ ସାତବର୍ଷ ଅପେକ୍ଷା କଲେ । ସପ୍ତମ ବର୍ଷ ଏକ ବିଚିତ୍ର ଘଟଣା ଘଟିଲା । ବୀରସେନ ଗୁରୁହାଲରୁ ଫେରୁଥିବା ବେଳେ ଯମ ତାଙ୍କୁ ଟେକିନେଲେ । ନିଜମାଆଙ୍କ ପାଖରେ ବୀରସେନଙ୍କୁ ଗୁଡ଼ି-

ଦେଲେ । ପିଲାଟି ଚମ ଦଉଡ଼ିରେ ବନ୍ଧା ହୋଇଥାଏ । ତାକୁ ଖାଇବାକୁ ଯମଙ୍କର ମନ । ତେଣୁ ଶୀଘ୍ର ତା' ମାଂସରେ ତରକାରୀ କରିଦେବାକୁ ମାଆଙ୍କୁ କହିଲେ ।

ବୀରସେନଙ୍କୁ ଦେଖି ଯମମାତାଙ୍କର ଦୟା ହେଲା । ଭାବିଲେ, ହୁଏତ ଏହି ପିଲାଟି କୌଣସି ଦୁଃଖିମାର ଦୁଲାଳ । ସେହି ଜନନୀଙ୍କ ପ୍ରତି ତାଙ୍କର ଦୟା ହେଲା । ଏହି ସମୟରେ ଯମଙ୍କ ଘରେ ଜଣେ ଅତିଥି ପହଞ୍ଚିଲେ । ଯମଙ୍କର ମାଆ ସୁଯୋଗ ଦେଖି ବୀର ସେନଙ୍କୁ ଗର୍ଭଣି ଘରେ ଲୁଚାଇ ଦେଲେ । କଦଳୀ ବାଟିକୁ କଦଳୀ ପାଇଁ ଗଲେ । ଦଶପେଣ୍ଟଆ କାନ୍ଧ ଛାଡ଼ି ଦୁଇପେଣ୍ଟଆ କାନ୍ଧରୁ କଦଳୀ ଆଣିଲେ । ଯମ ଏହାର କାରଣ ପଚାରିଲେ । ମାଆଙ୍କ ଉତ୍ତର ଶୁଣି ଯମ ନିଜର ପକ୍ଷ ସମର୍ଥନ ପାଇଁ ଉପାୟ ପାଇଲେ । କହିଲେ, ତୁମର ଯେପରି ବେଶି କାନ୍ଧ ଥାଉ ଥାଉ ବଡ଼ କାନ୍ଧରୁ କଦଳୀ ଆଣିବାକୁ ମନ ବଳୁ ନାହିଁ । ମୋର ମଧ୍ୟ ସେହିପରି ବହୁତ ପୁଅଝିଅ ଥିବା ଘରୁ ଖଣ୍ଡିଆ କରି ପୁଅ ଝିଅ ଆଣିବାକୁ ମନ ହେଉନାହିଁ । ଯେଉଁଠି ଅଳ୍ପ ଥାଆନ୍ତି ମୁଁ ସେଇଠୁ ଜଣକୁ ନେଇଆସେ । ଏପରି କହି ଯମ ଗାଧୋଇ ଗଲେ । ଏହି ସମୟରେ ଯମଙ୍କର ଜନନୀ ବୀରସେନଙ୍କୁ ଆତ୍ମ ରକ୍ଷାର ଉପାୟ ବତାଇ ଦେଲେ ।

ଯମ ଗାଧୋଇ ସାରି ପୂଜାରେ ବସିଲେ । ଯମଙ୍କର ଜନନୀ ବୀରସେନଙ୍କୁ ଆତ୍ମ ରକ୍ଷାର ଉପାୟ ବତାଇ ଥିବାରୁ ସେ ନାକରେ କାଠି ପୂରାଇ ଛିଙ୍କିଦେଲେ । ତେଣେ ଯମଙ୍କ ଜନନୀ, "ଅଜରାମର ହୋଇଥାଅ" ବୋଲି ଆଶୀର୍ବାଦ କଲେ । ଯମ ଦେଖିଲେ ଖାଦ୍ୟ ଉଦ୍ଦେଶ୍ୟରେ ରଖିଥିବା ବୀରସେନଙ୍କୁ ମାରି ଖାଇବାର ଉପାୟ ନାହିଁ । ତାଙ୍କୁ ନେଇ ତା' ଘରେ ଛାଡ଼ିଦେଇ ଆସିଲେ । ମାଆଙ୍କୁ କହି ଓଷା କରାଇବା ଲାଗି ତା' ହାତରେ ସତର୍କ ବାର୍ତ୍ତା ପଠାଇ ଦେଲେ । ଲୀଳାବତୀ ପୁଅଠାରୁ ସବୁ ଶୁଣିଲେ । ଓଷା ଭୁଲି ଯାଇଥିବାରୁ ଅନୁତାପ କଲେ । ପୁଣି ଯଥାବିଧି ବାଟଓଷା ପାଳିଲେ । ରାଜ୍ୟରେ ଓଷାର ମହିମା ପ୍ରଚାରିତ ହେଲା ।

କୋଟିଲ ତାହା ଶିବଲିଙ୍ଗ ଉପରେ ପଡ଼ିଲା । ଏହାପରେ ରାତ୍ରି ପାହିଲା । ବାଘ ଅନ୍ୟତ୍ର ଚାଲିଗଲା । ବ୍ୟାଧ ଗଛରୁ ଓହ୍ଲାଇ ଘରକୁ ବାହାରିଲା । ବାଟରେ ମହାବଳ ବାଘ ଜଗି ରହିଥିଲା ଏବଂ ବ୍ୟାଧକୁ ଖାଇଦେଲା । ସେ ଶିବରାତ୍ରୀ ବ୍ରତ ପାଳନ କରି ଥିବାରୁ ତା'ର ସମସ୍ତ ପାପକ୍ଷୟ ହୋଇଥିଲା । ତେଣୁ ଯମଦୂତମାନେ ତାକୁ ନେବାକୁ ଆସିଲେ ମଧ୍ୟ ନେଇ ପାରିଲେ ନାହିଁ । ଶିବଦୂତ ମାନେ ଆସିଲେ ଏବଂ ତାକୁ ଯମ ଦୂତ ମାନଙ୍କ ଠାରୁ ଛଡାଇ ନେଇଗଲେ । ଏହି ପ୍ରସଙ୍ଗରେ ଆଉ ଗୋଟିଏ ଉପାଖ୍ୟାନ ଅଛି ।

ଜଣେ ବ୍ରାହ୍ମଣ ଥିଲା । ନାମ କୃଷ୍ଣଶର୍ମା । ସେ ଅନେକ ପୂଜା ଆରାଧନା କରେ । ଦିନେ ଗୋଟିଏ ପୁଷ୍କରଣୀରେ ସ୍ନାନ କରିବା ସମୟରେ ତୁଠରେ ପଡ଼ିଥିବା ଗୋଟିଏ ଇଟାରେ ପାଦଘଷି ସଫାକଲା । ପୁଷ୍କରଣୀ ଜଳ ମଧ୍ୟରେ ପ୍ରବେଶ କରି ପିତୃ ତର୍ପଣ କଲା । ଘରକୁ ଫେରିଲା । ପରଦିନ ସକାଳୁ ଉଠି ବହିର୍ଭୂମି ଓ ଶୌଚକ୍ରିୟା ପରେ ମାଟିରେ ହାତ ଘଷୁଥିଲା । ଏହି ସମୟରେ ସେ ସର୍ପାଘାତରେ ମୃତ୍ୟୁ ବରଣ କଲା । ଯମଦୂତ ମାନେ ତାକୁ ଘେନଗଲେ । ପୋଖରୀ ତୁଠରେ ପଡ଼ିଥିବା ଇଟା ଖଣ୍ଡିକ ଶିବଙ୍କର ଥିଲା । ତେଣୁ ସେଥିରେ ଗୋଡ଼ ଘଷିଥିବାରୁ ତା'ର ସମସ୍ତ ଧର୍ମ ନଷ୍ଟ ହୋଇଥିବା କଥା ଯମଙ୍କ ଠାରୁ ଶୁଣିଲା । ଏହି ଦୋଷରୁ ସେ ଅୟୁତ ବର୍ଷ ପର୍ଯ୍ୟନ୍ତ ପିଶାଚ ହୋଇ ସେହି ପୋଖରୀ କୂଳରେ ଥିବା ବରଗଛରେ ରହିବା ଲାଗି ଯମ ଆଦେଶ ଦେଇଥିଲେ । ସେଠାରେ କେବେ କେହି ଆସି ଶିବରାତ୍ରୀ ବ୍ରତ ଫଳ ଦାନକଲେ ସେ ମୋକ୍ଷପ୍ରାପ୍ତ ହେବ ବୋଲି ମଧ୍ୟ ସୂଚନା ଦେଇଥିଲେ ।

ଇଟା କଥାଟି ବ୍ରାହ୍ମଣ କୃଷ୍ଣଶର୍ମାଙ୍କ ମନରେ ସନ୍ଦେହ ସୃଷ୍ଟି କଲା । ସେ ପଚାରିବାରୁ ଯମ ତାଙ୍କର ସନ୍ଦେହ ମୋଚନ କରିଥିଲେ । କାଶ୍ମୀରରେ ଜଣେ ଶିବଭକ୍ତ ବ୍ରାହ୍ମଣ ଥିଲେ । ସେ ମାଘ ମାସରେ ପ୍ରୟାଗକୁ ଯାଇଥିଲେ । ଗଙ୍ଗା, ଯମୁନା ସଙ୍ଗମ ସ୍ଥଳରେ ସ୍ନାନ, ସନ୍ଧ୍ୟା

ତର୍ପଣାଦି କରି ପିତୃଗଣଙ୍କର ତୃପ୍ତି ବିଧାନ କଲେ । ଏହି ସମୟରେ ଭଗମାଳୀ ନାମରେ ଜଣେ ବ୍ରାହ୍ମଣ ପହଞ୍ଚିଲେ । ସେ ଶିବଭକ୍ତ । ସେ ସେଠାରେ ରହିଥିଲେ । ବ୍ରାହ୍ମଣଙ୍କୁ ଅଭ୍ୟର୍ଥନା କରି ଖାଇବାକୁ ଯାଚିଲେ । ମାତ୍ର ଶିବଙ୍କୁ ଦର୍ଶନ କରି ନଥିବାରୁ ବ୍ରାହ୍ମଣ ଖାଇବାକୁ ମନା କଲେ । ଶିବଙ୍କୁ ଦର୍ଶନ ନ କରି ଖାଇଲେ କୋଟିଏ ବର୍ଷ ଯାଏ ପିଶାଚ ହୋଇ ରହିବାକୁ ପଡ଼େ ବୋଲି ପ୍ରକାଶ କଲେ । ବ୍ରାହ୍ମଣଙ୍କର ଶିବଭକ୍ତି ଦେଖି ବାବାଜି ସନ୍ତୁଷ୍ଟ ହେଲେ ଓ ଅନେକ ପ୍ରଶ୍ନ ପଚାରିଲେ । ଶିବ ଦର୍ଶନ ଓ ଶିବ ପୂଜାର ସାର୍ଥକ୍ୟ ବିଷୟରେ ଆଲୋଚନା ହେଲା । ଶିବଲିଙ୍ଗ ଦର୍ଶନରେ ସହସ୍ର ଅଶ୍ୱମେଧ ଯାଗର ଫଳ ମିଳେ । ମଧ୍ୟାହ୍ନରେ ଶିବ ଦର୍ଶନ କଲେ ସକଳ ଦୁରିତ ନାଶ ହୁଏ । ଶିବଲୋକ ପ୍ରାପ୍ତି ହୁଏ । ସନ୍ଧ୍ୟା ସମୟରେ ଦର୍ଶନ କଲେ ଇହଲୋକରେ ସୁଖ ମିଳେ । ପ୍ରଦୋଷରେ ଦର୍ଶନ କଲେ ବ୍ରହ୍ମହତ୍ୟା ଦୋଷ କ୍ଷମା ହୁଏ । ଶିବଲୋକ ପ୍ରାପ୍ତି ହୁଏ । ପ୍ରତିଦିନ ଦର୍ଶନ କଲେ ଶିବଙ୍କର ପ୍ରୀତିଭାଜନ ହୁଏ । ଶିବ ଚତୁର୍ଦ୍ଦଶୀ ଦିନ ଶିବଲିଙ୍ଗ ଦର୍ଶନ କଲେ ସମସ୍ତ ପାପ ନଷ୍ଟ ହୁଏ ଓ ଶିବଲୋକ ପ୍ରାପ୍ତି ହୁଏ । ପୁଣି ଏହି ପ୍ରସଙ୍ଗରେ କୁହାଯାଇଛି ଯେ, ପାଦ ନ ଧୋଇ ଶିବଲିଙ୍ଗ ଦର୍ଶନ କଲେ ଦରିଦ୍ର ହେବାକୁ ହୁଏ । ଶିବ ଏବଂ ବୃଷଭଙ୍କ ମଧ୍ୟରେ ଗଳିଗଲେ ପୁଣ୍ୟକ୍ଷୟ ହୁଏ ଓ ବ୍ରହ୍ମହତ୍ୟା ଦୋଷ ଲାଗେ । ଏହିପରି ଅନେକ ଆଲୋଚନା ହେଲା । ସେ ସେଦିନ ବାବାଜିଙ୍କ ଆଶ୍ରମରେ ଗାଦୀରେ ଶିବଲିଙ୍ଗ ସ୍ଥାପନ କରି ପୂଜା କଲେ । ପରଦିନ ଆତିଥ୍ୟ ଗ୍ରହଣ କରି ଫେରିଗଲେ । ବାବାଜି ସେଠାରେ ଗୋଟିଏ ଶିବ ମନ୍ଦିର ନିର୍ମାଣ କଲେ ଏବଂ ଶିବ-ଗଙ୍ଗା-ପୁଷ୍କରିଣୀ ଖୋଳାଇଲେ ।

ଅନେକ ଦିନ ବିତିଗଲା । କାଳକ୍ରମେ ମନ୍ଦିରଟି ପୁରୁଣା ହୋଇ ଭାଙ୍ଗିଗଲା । ମନ୍ଦିର କାନ୍ଥରୁ ଇଟାଟିଏ ଆସି ପୋଖରୀ ତୁଠରେ ପଡ଼ିଲା । ସେଥିରେ ପାଦ ଘଷି ଥିବାରୁ କୃଷ୍ଣ-ଶର୍ମା ଏହି ଦୁର୍ଦ୍ଦଶା ଭୋଗ କଲେ ।

କୃଷ୍ଣଶର୍ମାଙ୍କର ଜଣେ ଶିଷ୍ୟ 'ନାରଦ' ପ୍ରତିଦିନ ଶିବପୂଜା କରନ୍ତି । ସେ ଚଉଦ ବର୍ଷ ପରେ ଶିବରାତ୍ରି ଦିନ ଦୀପ ଜାଳି ଉଜାଗର ରହି ଶିବଙ୍କୁ ସେହିଠାରେ ପୂଜା କରିଥିଲେ । କୃଷ୍ଣଶର୍ମା ଦେହରେ ଥାଇ ତାଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ । 'ନାରଦ' ସୂର୍ଯ୍ୟଙ୍କୁ ସାକ୍ଷୀ ରଖି କୃଷ୍ଣଶର୍ମାଙ୍କୁ ଶିବରାତ୍ରୀର ପୁଣ୍ୟଫଳ ଅର୍ପଣ କଲେ । କୃଷ୍ଣଶର୍ମା ନିଜ ରୂପ ଧରିଲେ ଏବଂ ଶିବ ପୂଜାକରି କୈଲାସ ପୁରୀରେ ରହିଲେ ।

ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ପ୍ରବର୍ତ୍ତିତ ଆର୍ଯ୍ୟ ସମାଜର ଅନୁଗାମୀମାନେ ଏହି ଦିନ ବୋଧରାତ୍ରୀ ପାଳନ କରନ୍ତି । ଦୟାନନ୍ଦ ପ୍ରତିମା ପୂଜାରେ ବିଶ୍ୱାସ କରୁନଥିଲେ । ରାତ୍ରୀ ଉଜାଗର ରହି ଶୈଶବରେ ସେ ତାଙ୍କର ବାପା ଓ ଅନ୍ୟମାନଙ୍କ ସହ ଶିବ ମନ୍ଦିରରେ ଜାଗର ପାଳନ କରୁଥିବା ସମୟରେ ମୂର୍ତ୍ତି ପୂଜାର ଅଳୀକତା ସମ୍ପର୍କରେ ତାଙ୍କ ମନରେ ପ୍ରଥମେ ଧାରଣା ସୃଷ୍ଟି ହେଲା । ସେ ଉପବାସ ଭଙ୍ଗକଲେ । ସେଥିପାଇଁ ଏହି ଦିନ ବୋଧରାତ୍ରୀ ପାଳନ କରାଯାଏ । ଓଡ଼ିଶାରେ ଏହାର ବିଶେଷ ପ୍ରସାର ନାହିଁ । ଏହି କାହାଣୀଟି ମଧ୍ୟ ଓଡ଼ିଶାର ଜନ ସମାଜ ମଧ୍ୟରେ ସେତେ ପ୍ରଚଳିତ ହୋଇନାହିଁ ।

## ଝରଖରୀ ଓଷା

ଚୈତ୍ର ରବିବାର ଦିନ ଗଞ୍ଜାମ ଜିଲ୍ଲାର କେତେକ ଅଞ୍ଚଳରେ ବାଳୁଅ ଝିଅମାନେ ଏହି ଓଷା ପାଳନ କରନ୍ତି । ଏହାର ବିଧି ବିଧାନ ପରମ୍ପରା ପ୍ରତିଷ୍ଠିତ । କୌଣସି ପୁରାଣରେ ଏହାର ଉଲ୍ଲେଖ ନାହିଁ । ଏହାର ଆୟୋଜନ ଓ ଅନୁଷ୍ଠାନରେ ଖୁଦୁରୁକୁଣୀ ଓଷାର ବାଳସୁଲଭ ଉତ୍ସାହ ଲକ୍ଷ୍ୟ କରାଯାଏ । ଉତ୍ତମ ବରପ୍ରାପ୍ତି ଓ ଚୈତ୍ରମାସରେ ବୃଷ୍ଟି ଲାଗି ଏହି ଓଷା ପାଳିତ ହୁଏ । ଏହି ଓଷା ମହିତ ଅନେକ ଗୀତ ପ୍ରଚଳିତ ।

ଖନା ବଚନରେ ଅଛି—"ଯଦି ହୁଏ ଚଇତେ ବୃଷ୍ଟି, ତେବେ ହୁଏ ଧାନର ସୃଷ୍ଟି ।" ପାଣି ବା ବର୍ଷାର ଆବାହନ ପର୍ବ' ଭାବରେ

ଅବିବାହିତା ଝିଅ ମାନଙ୍କ ଦ୍ୱାରା ଏହାର ପାଳନରୁ ଉର୍ବରତାବାଦର ସଙ୍କେତ ମିଳେ । 'ଖରଖରୀ' ହେଉଛି ଗୋଟିଏ ଲତାର ନାମ । ପୁଣି ସାମାନ୍ୟ କାରଣରୁ ଯିଏ ରାଗିଯାଏ, ଅସ୍ଥିର, ଚଞ୍ଚଳ, ଚପଳ ସ୍ୱଭାବ, ଯିଏ କୌଣସି କଥା ମନରେ ରଖି ନ ପାରେ ତାକୁ ଖରଖରିଆ କୁହନ୍ତି । ଏହି ଓଷାରେ ଚପଳ ସ୍ୱଭାବର ଝିଅ ମାନଙ୍କର ଖରଖରୀ ଗଛ ମୂଳେ ଗୃହୀତ ଧାନ୍ୟ ନାନା ଫୁଲରେ ଓଷା ପୂଜା ଓ ଗୀତ ବୋଲି ବେଶ୍ ଉପଭୋଗ୍ୟ ହୁଏ । ଏଥିରେ ଝିଅମାନେ ବୋଲନ୍ତି—

"ଖରଖରୀ ଲୋ ଖରଖରୀ ଦଅ ବରଷଇ ପାଣି
ଆଡ଼ପଟେ ମାଡ଼ିଗଲା ଟେଶ୍ୱ ନଇ କାଶି
କାଶୀ ମାଆ ଟୋ କାଶୀ ମାଆ ସବ୍ୱ ଶୁଭେ ଥା
ରାଜ ପାଇଲେ ମା'ଗୋ ଯୋଡ଼ା ବୋଦା ଖାଆ ।

(ଗଞ୍ଜାମ)

ପୁଣି ଅନ୍ୟାନ୍ୟ ସାମନ୍ୟ ପାର୍ଥକ୍ୟ ସହିତ ଏହି ଗୀତ ବୋଲାହୁଏ—

"ଖରଖରୀଲୋ ଖରଖରୀ ଠିଆ ବରଷା ପାଣି
ନଈ ନାଳ ବୁଡ଼ାଇ ଦେଲେ ଟେଶ୍ୱ ଗୋଟିଏ କାଣି
ଟେଶ୍ୱ ଗୋଟିଏ କାଣି ମା ଭଲ ହୋଇ ଥାଉ
ରାଜ ପାଇଲେ ମା ଯୋଡ଼ା ବୋଦା ଖାଉ ।

(ନୟାଗଡ଼) *

ଖରଖରୀ ଦେବୀଙ୍କୁ ଉପଯୁକ୍ତ ବର୍ଷାପାଇଁ ପ୍ରାର୍ଥନା କରିବା ଲକ୍ଷିତ ହୁଏ । ପୁଣି, ଯୋଡ଼ାବୋଦା ଯାଚିବାଟା ମଧ୍ୟ ଲକ୍ଷ କରିବାର କଥା । ପୁଣି ଝିଅମାନଙ୍କର ଏହି ଗୀତରେ

" ଖ' କାଳୁଆ ଖ କାଳୁଆ ତେଇଁପଡ଼ ବାଲକ,
ସରୁ ଶଙ୍ଖା ବନ ହଳଦୀ ଆଣିଦେବ କାଲିକ " ରୁ ଝିଅ

ମାନଙ୍କର ଯାଚନା ଏବଂ ବନ ହଳଦୀ ଏବଂ ଶଙ୍ଖା ମାନସିକରେ ମଧ୍ୟ

---

*ପଲ୍ଲୀଗୀତି ସଞ୍ଚୟନ-୧ମ ଭାଗ ସଂ: ଡକ୍ଟର କୁଞ୍ଜବିହାରୀ ଦାଶ ପୃ୪୧୭

ଈଶ୍ୱରତତ୍ତ୍ୱବାଦର ସୂଚନାଥିବା ଲକ୍ଷ୍ୟ କରାଯାଏ । ଚୈତ୍ର ମାସର ପ୍ରତ୍ୟେକ ରବିବାର ଦିନ ଏହି ଓଷା ପାଳିତ ହୁଏ ଏବଂ ଶେଷପାଳି ପୋଖରୀରେ ଉଜୁଆଁ ହୁଏ ।

## ଚୈତ୍ର ମଙ୍ଗଳବାର ଓଷା

ଚୈତ୍ରମାସର ପ୍ରତ୍ୟେକ ମଙ୍ଗଳବାର ଦିନ ଏହି ଓଷା ପାଳିତ ହୁଏ । ଚଇତ୍ର ମଙ୍ଗଳବାର କଥା ପୋଥିରେ ଚଇତି ହାଡ଼ିଆଣି ରଜାଙ୍କୁ କହୁଛି— "ହେ ରାଜା ! କହିବ ଶୁଣନ୍ତୁ । ଶ୍ରୀ ସର୍ବମଙ୍ଗଳାଙ୍କୁ ସେବାକର ! ପୁତ୍ରବନ୍ତ ହେବ । ଚୈତ୍ର ମଙ୍ଗଳବାର କେହି ନକରନ୍ତି । ସ୍ୱର୍ଗରେ ନିତାଇ ଧୋବଣୀ କରଇ । ମର୍ତ୍ତ୍ୟରେ ଚଇତି ହାଡିଆଣୀ କରଇ । ହେ ମହାରାଜା ତୁମ୍ଭେ କର । ଫାଲ୍‌ଗୁନ ଯାଇ ଚୈତ୍ର ହେବ । ପ୍ରଥମ ମଙ୍ଗଳବାର ଠାରୁ ପୂଜାକର ।" ସେ ଓଷାର ବିଧି ବିଧାନ ବତାଇଛି । ଏହି ପୂଜାରେ ମଙ୍ଗଳାଙ୍କୁ ମାଛ, ମାଂସ, ଅଣ୍ଡା ଇତ୍ୟାଦି ଭୋଗ କରାଯାଏ । ଗଦ୍ୟରେ ମିଳୁଥିବା ଓଷା ପୋଥି ଛଡ଼ା ବଳରାମ ଦାସକୃତ ଚୈତ୍ରମଙ୍ଗଳା ଓଷାକଥା ମଧ୍ୟ ପ୍ରକାଶିତ ହୋଇଛି । ଦୁଇଟି ଯାକର ଦେବତା ଏକହେଲେ ମଧ୍ୟ କାହାଣୀ ଭିନ୍ନ ।

ଚଇତି ହାଡ଼ିଆଣୀ ଚୈତ୍ର ମାସର ପ୍ରତି ମଙ୍ଗଳବାର ଦିନ ଘର ଦ୍ୱାର ଲିପା ପୋଛା କରେ । ଦୀପ ଦିଏ । ଧୂପ ଦିଏ । ବିବିଧ ଫଳ ଫୁଲ ମଦ ମାଂସ, ଭୋଗ ଓ ପୂଜାଦ୍ରବ୍ୟ ଥୋଇ ସର୍ବମଙ୍ଗଳାଙ୍କୁ ପୂଜା-କରେ । ଦିନେ ପୂଜା ସାମଗ୍ରୀ ରଖିଦେଇ ରାଜନବର ଓଳାଇବାକୁ ଯାଇଥିଲା । ସକାଳୁ ରାଜାଙ୍କ ମୁହଁ ଦେଖିବାରୁ ଦୁଃଖିତ ହେଲା । ରଜା ଅପୁତ୍ରିକ ସକାଳୁ ତାଙ୍କ ମୁଖ ଦର୍ଶନ ଅଶୁଭ ସୂଚନା । କିନ୍ତୁ ହାଡ଼ିଆଣୀ ତୁଣ୍ଡରେ ଏପରି କଥା ଶୋଭନୀୟ ନୁହେଁ । ରଜା ଭୟଙ୍କର କ୍ରୁଦ୍ଧ ହେଲେ । କୋଟୱାଳଙ୍କୁ ଡ଼କାଇଲେ । ଆଦେଶ ଦେଲେ । ସେହି ଅନୁ-ସାରେ କୋଟୱାଳ ଚଇତି ହାଡ଼ିଆଣୀର ସାତ ପୁଅଙ୍କୁ ଡ଼ଙ୍କିରେ କୁଟା-ଇଲା । କାଳୁଆ ଗଣ୍ଡରେ ଭସାଇଲା । ଚଇତି ହାଡ଼ିଆଣୀ ସେବାସାର ଘରକୁ ଗଲା । ଶ୍ରୀ ସର୍ବମଙ୍ଗଳାଙ୍କୁ, ଚୈତ୍ର ମଙ୍ଗଳାଙ୍କୁ ପୂଜାକଲା ।

ମଦ ମାଂସ କୁକୁଡ଼ା ଡିମ୍ବ ଲଗେଇଲା । ଦୁବ ପ୍ରସାଦ ଫେନଲା, ଠାକୁରାଣୀଙ୍କୁ ସୁମରଣା କରି କାକୁଆ ଗଡ଼ାରେ ପକାଇଲା । "ଶ୍ରୀ ସର୍ବମଙ୍ଗଳାଙ୍କ ମହିମାରୁ ହାଡ଼ଗୋଏ ଉଠିଆସିଲେ, କିଏ ଘୁମୁରା ବଜାଉଛି ତ କିଏ ଢୋଲ ବଜାଉଛି ।"

ଏହିପରି ଅନେକଥର ରାଜାଙ୍କୁ ଚଇତି ହାଡ଼ିଆଣୀ ଆଣ୍ଠୁକୁଡ଼ା ବୋଲି ମନ୍ତବ୍ୟ ଦେଇ ପ୍ରବୃତ୍ତ କରିଛି ଏବଂ ରାଜା ତା'ର ସାତ ପୁଅଙ୍କୁ ମୃତ୍ୟୁ ଦଣ୍ଡ ଦେଇଛନ୍ତି । କିନ୍ତୁ ଚଇତି ହାଡ଼ିଆଣୀ ପ୍ରତିଥର ଦୁବ ପ୍ରସାଦ ଛିନ୍ନ ସେମାନଙ୍କୁ ବଞ୍ଚାଇଛି । ଶେଷରେ ରାଜା ଚଇତି ହାଡ଼ିଆଣୀ ଠାରୁ ଚଇତି ମଙ୍ଗଳବାର ଓଷାର ମହିମା ଶୁଣିଛନ୍ତି । ତାଙ୍କର ଅନେକଗୋଟି ରାଣୀ ସେହି ବିଧି ବିଧାନ ଅନୁସାରେ ଓଷା ପୂଜିଛନ୍ତି ଓ ପୁତ୍ରବତୀ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ତାଙ୍କ ଦ୍ୱାରା ରଚିତ ଓଷା କାହାଣି ଏଥାଠାରୁ ଯାନାନ୍ତ ଅଛି ।

ସେଦିନ ମଙ୍ଗଳବାର । ମଙ୍ଗଳା ବୁଢ଼ୀ ରୂପ ଧଇଲେ । ଘୁରିରେ ମାଗି ବୁଲି ବାହାରି ଯାଇଲେ । ଫଟାକାନିର ବେଶଭୂଷା । ଲୁହା ଲୋଡ଼ିଆର ବୋଝିଁ ପିଠିଆଏ । ବୋଝିଟିରେ କେଉଁ ଚୂରର ଚୁଳିଏ ଧରିଥାନ୍ତି । ଘାଟେ ଘାଟେ ଦେବତା ମାନଙ୍କୁ ଅଧ୍ୟାନ କରି ଯାଉଥାନ୍ତି । ତାଙ୍କର ବେଶଭୂଷା ଦେଖି କେହି ତାଙ୍କ ପାଖକୁ ଆସିଲେ ନାହିଁ । ସେ ଗାଁରୁ ଗାଁକୁ ବୁଲି ବୁଲି ନଅରେ ଆଉକୁ ବାହାରିଲେ ।

ମଙ୍ଗଳା ମାଆ ବୁଲିଛନ୍ତି । ତାଙ୍କୁ କେହି ଚିହ୍ନି ପାରୁ ନାହାନ୍ତି । କେନ୍ଦୁ ଧୋଲ ଅକାଳ ବୁଢ଼ୀଟିଏ ଛଡ଼ା ତାଙ୍କୁ ଅନ୍ୟ କେହି ବୋଲି ଠଉରେଇବା ସମ୍ଭବ ନୁହେଁ । ରାସ୍ତା ମଝିରେ ଶ୍ରୀସ୍ନାତଣ୍ଡାକୁଣୀ ଦେଖିଲା । ବଡ଼ କୋମଳ ଓ ଭଦ୍ର ସ୍ୱରରେ ସେ କଅଣ ନେଉଛନ୍ତି ବୋଲି ପଚାରିଲା । ମଙ୍ଗଳା ତା'ର ବ୍ୟବହାରରେ ସନ୍ତୁଷ୍ଟ ହେଲେ । ତାକୁ ନିଜର ପରିଚୟ ଦେଲେ । ସେ ପର୍ଯ୍ୟନ୍ତ ଶ୍ରୀସ୍ନାର ଗର୍ଭ ଫଳ ନଥିଲା । ସେ ଠାକୁରାଣୀଙ୍କୁ ନିଜର ଦୁଃଖ ଜଣାଇଲା । ଠାକୁରାଣୀ ତାକୁ ଚୈତ୍ର ମଙ୍ଗଳବାର ଓଷା କରିବା ବିଧି ବିଧାନ ବତାଇ ଦେଇଲେ ।

ଶ୍ରୀୟା ଚୈତ୍ର ମଙ୍ଗଳବାର ପୂଜା କଲା । ସାତ ପୁତ୍ର ଓ ସାତ କନ୍ୟାର ଜନମା ହେଲା । ଦିନେ ସକାଳୁ ନଅରକୁ ଯାଇଥିଲା । ରାଜାଙ୍କ ମୁହଁ ଦେଖିଲା । ରାଜା ଆଣ୍ଠୁକୁଡ଼ା । ତେଣୁ ମୁହଁ ଦେଖିଲେ ଖାଇବାକୁ ମିଳିବ ନାହିଁ ବୋଲି ଭାବି ଅନୁଚ୍ଚ ସ୍ୱରରେ ଦୁଃଖ ପ୍ରକାଶ କଲା । ତାହା ରାଜାଙ୍କ କାନରେ ବାଜିଲା । ସେ ଦୂତମାନଙ୍କୁ ଡ଼ାକାଇଲେ । ତାଙ୍କର ମୁଖ ଦର୍ଶନ ଫଳରେ ଶ୍ରୀୟା ସେଦିନ ଖାଇବାକୁ କଣ ପାଉଛି କି ନାହିଁ ଗୋପନରେ ବୁଝିବା ପାଇଁ ପଠାଇ ଦେଲେ । ଯୋଗକୁ ସେଦିନ ଶ୍ରୀୟା ରୋଷେଇ କରି ପାରିଲା ନାହିଁ । ଖିଆ ପିଆ ବନ୍ଦ । ରାଜାଙ୍କୁ ଏହା ଦେଖି ଆସି ଲୋକେ ଖବର ଦେଲେ । ରାଜା ଶୁଣିଲେ । ଶ୍ରୀୟାର ସାତ ପୁଅଙ୍କୁ ହାଣି ପକାଇବା ଲାଗି ଆଦେଶ ଦେଲେ ।

ଶ୍ରୀୟା ପୂଜା ପାଇଁ ନବାତ ସାକର ଆଣିବାକୁ ଯାଇ ଥିଲା । ବାଟରେ ଲୋକଙ୍କ ଠାରୁ ଶୁଣିଲା ରାଜା ତା'ର ସାତପୁଅଙ୍କୁ ହଣାଇ ଦେଲେ । ସେ ବିକଳ ହୋଇ ଧାଇଁଲା । କାନ୍ଦି କାନ୍ଦି ଅଥୟ ହୋଇ ଯାଉଥାଏ । ବାଟରେ ମଙ୍ଗଳା ବୁଢ଼ୀ ବେଶରେ ଦେଖା ଦେଲେ । ସବୁକଥା ଶୁଣିଲେ । ଆଶ୍ୱାସନା ଦେଇ କହିଲେ—

"ମାଧ୍ୱେ ବୋଲୁଛନ୍ତି ତୁଲେ ବେଗ ହୋଇ ଯା ଯା
ମୁହିଁ ରକ୍ଷାକଲେ ପୁଣି କି କରିବ ରାଜା
ମୋର ସେବା ପୂଜା ତୁହି କରୁଥିବୁ ପୁଣି
ତୋର ପୁତ୍ରମାନେ ଯେ ଆସିବେ ଏହିକ୍ଷଣି ।

ଶ୍ରୀୟା ମଙ୍ଗଳାଙ୍କର ଆଶୀର୍ବାଦ ନେଇ ଫେରିଗଲା । ନିଅ ଦେବୀଙ୍କୁ ଘରେ ଓଷା ପୂଜାକଲା । ଏହି ସମୟରେ ତା'ର ପୁଅମାନେ ଅକ୍ଷତ ଭାବରେ ମାଛ, ଶାଗ ଧରି ପହଞ୍ଚିଲେ । ଶ୍ରୀୟା ଖୁସି ହୋଇ ସେମାନଙ୍କ ମୁଣ୍ଡରେ ପୂଜା ଫୁଲ ଦେଲା । ଖାଇବାକୁ ଭୋଗ ଦେଲା । ପୁଅମାନେ ଦେବୀଙ୍କୁ ଦଣ୍ଡ ପ୍ରଣାମ କଲେ ।

ଗୁପ୍ତଚରମାନେ ଯାଇ ରାଜାଙ୍କୁ ଖବର ଦେଲେ । ଶ୍ରୀୟାର ପୁଅମାନେ ବଞ୍ଚିବାର ଶୁଣି ରାଜା ଆଶ୍ଚର୍ଯ୍ୟ ହେଲେ । ଏଥିର ଆଡ୍ଭୁତ

କଠୋର ଆଦେଶ ଦେଲେ । ଦୂତମାନେ ଅଜ୍ଞା ପାଇ ସେମାନଙ୍କର ମାଂସକୁ କାଟି. ଢିଙ୍କିରେ କୁଟି, ତୁଳାପରି କରି, ଧୂଳିରେ ମିଶାଇ ଦେଲେ । ଏଥର ମଧ୍ୟ ସେମାନେ ମଙ୍ଗଳାଙ୍କ କୃପାରୁ ବଞ୍ଚିଲେ । ଏହିପରି ରାଜା ସେମାନଙ୍କୁ ପାଞ୍ଚଥର ବିଭିନ୍ନ ଉପାୟରେ ମରାଇଲେ । ପ୍ରତ୍ୟେକ ଥର ମଙ୍ଗଳାଙ୍କ କରୁଣାରୁ ପୁଅମାନେ ବଞ୍ଚିଗଲେ ।

ରାଜା ଆଶ୍ଚର୍ଯ୍ୟ ହେଲେ । ନିଜର ଭୁଲ୍ ବୁଝି ପାରିଲେ । ଭୃତ୍ୟମାନଙ୍କୁ ଡକାଇ କହିଲେ—

"ବାଇ କି ବାତୁଳ ମୋର ବୁଦ୍ଧି ହେଲା ହୀନ
ପାପ ପୁଣ୍ୟ ବିଗ୍ଭର ନ କଲା ମୋର ମନ

+ + +

ଚାଲ ଚଣ୍ଡ୍ରାକୁଣୀ ଘର ଯିବା ବେଗ ହୋଇ ।
ତାହାର ସଙ୍ଗତେ ମିତ୍ର ହୋଇବଇଁ ମୁହିଁ ।।

କେଉଁ ଦେବତା ପୂଜା କରୁଅଛି ସେହି ।
ତାହା ପାଦେ ଆମ୍ଭେ ପୂଜା କରିବା ହୋ ଯାଇ ।।

ଏତେ ବୋଲି ମହାରାଜା ବିଜେ କରିଗଲେ ।
ଚଣ୍ଡ୍ରାକୁର୍ଣୀ ଦ୍ୱାରେ ଯାଇ ପ୍ରବେଶ ହୋଇଲେ ।।

ତାହା ଦେଖି ଚଣ୍ଡ୍ରାକୁର୍ଣୀ ପାଦରେ ପଡ଼ିଲା ।
ଉଠି କରପଦ୍ମ ଯୋଡ଼ି ସ୍ତୁତିରେ କହିଲା ।।

କି ନିମନ୍ତେ ମହାରାଜା ବିଜୟେ ହୋଇଲ ।
ଆଚମ୍ବିତ ହୋଇ ମୋତେ ଚମକା ଲାଗିଲା ।।

ରାଜା ବୋଲୁଛନ୍ତି ତୁଲେ ଶୁଣ ଚଣ୍ଡ୍ରାକୁର୍ଣୀ ।
ତୋହର ସଙ୍ଗରେ ମିତ୍ର ହୋଇବଇଁ ପୁଣି ।।

ବହୁତ ପ୍ରକାରେ ଶାସ୍ତି ଦେଲି ଯେ ତୁମ୍ଭଙ୍କୁ ।
ଆସିଅଛି ଦୋଷା ଦୋଷ କ୍ଷମା ମାଗିବାକୁ ।।

କେଉଁ ଦେବତାର ପୂଜା କରୁଅଛ ତୁମ୍ଭେ ।
ଆମ୍ଭ ରାଣୀ ପୂଜା ଯେ କରିବେ ତୁମ୍ଭ ସାଙ୍ଗେ ।।"

ରାଜାଙ୍କର ସ୍ତ୍ରୀପୁ। ଚଣ୍ଡାଳୁଣୀ ପାଖକୁ ଆସି ତା ସହିତ ମିତ୍ରତା କରିବା ଓ ଦୋଷ କ୍ଷମା ମାଗିବା, ରାଣୀ ମାନଙ୍କୁ ତା' ସହିତ ମିଶି ଓଷା ପୂଜା କରାଇବା ଇତ୍ୟାଦି ବର୍ଣ୍ଣନାରୁ ସମାଜର ଜାତିଭେଦ ଓ ସ୍ପୃଶ୍ୟ ଅସ୍ପୃଶ୍ୟ ଭାବନା ତଥା ବ୍ରାହ୍ମଣ ପୌରୋହିତ୍ୟ ପ୍ରତି ଉପେକ୍ଷା ପ୍ରକାଶିତ ହୋଇଛି । ବଳରାମଙ୍କ ମାଣବସା ଗୁରୁବାର ବା ଲକ୍ଷ୍ମୀ ପୁରାଣରେ ମଧ୍ୟ ଏହା ସୁନ୍ଦର ଭାବରେ ଉପସ୍ଥାପିତ ହୋଇଛି । ବହୁ ପୂର୍ବରୁ ଆମ ଓଷାବ୍ରତ ସାହିତ୍ୟରେ ଜାତି-ଭେଦର ଅଳୀକତା ସୂଚାଇ ଦିଆଯାଇଛି ଏବଂ ତା'ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଛି । ପୁଣି ବ୍ରାହ୍ମଣ ପୌରୋହିତ୍ୟକୁ ଉପେକ୍ଷା ନକରି, ବ୍ରତଗୃହିଣୀ ନିଜେ ନିଜେ ପୂଜା ନିବେଦନ କରିବା ଓ କଥା ଶୁଣାଇବାର ପ୍ରଥା ଏ କ୍ଷେତ୍ରରେ ଲକ୍ଷଣୀୟ । କେବଳ ଓଡ଼ିଶାରେ ନୁହେଁ ଅନ୍ୟତ୍ର ମଧ୍ୟ ଅନେକ ଓଷାବ୍ରତ ନାରୀର ପୌରୋହିତ୍ୟରେ ଅନୁଷ୍ଠିତ ହୁଏ । ଏହା ହିନ୍ଦୁ ଧର୍ମରେ ବ୍ରାହ୍ମଣ ଶାସିତ ପରମ୍ପରା ଓ ଜାତିଭେଦ ପ୍ରଥାର ବିରୁଦ୍ଧରେ ଜନଗଣଙ୍କର ମର୍ଯ୍ୟାଦାବନ୍ତ ପ୍ରତିବାଦ । ଅବଶ୍ୟ ଯେଉଁଠାରେ ଲୌକିକ ବ୍ରତ ଗୁଡ଼ିକ ଶାସ୍ତ୍ରୀୟତା ଲାଭ କରିଛନ୍ତି ଓ ସେଥିରେ ବ୍ରାହ୍ମଣ ପୁରୋହିତଙ୍କର ଅନୁ-ପ୍ରବେଶ ଘଟିଛି ସେଠାରେ ଏହାର ବ୍ୟତିକ୍ରମ ଲକ୍ଷ୍ୟକରାଯାଏ ।

## ପନ୍ଥେଇ ମଙ୍ଗଳବାର

ଏହି ଓଷା ଚୈତ୍ର ମାସ ମଙ୍ଗଳବାର ଦିନ ପାଳିତ ହୁଏ । ପନ୍ଥେଇ ମଙ୍ଗଳ ବାର ଓଷା କଥାର ପୂର୍ବ ବର୍ଣ୍ଣିତ ନଶା ମଙ୍ଗଳ-ବାର ଓଷା କଥା ସହିତ ସାମଞ୍ଜସ୍ୟ ଅଛି ।

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ପ୍ରଜାବତ୍ସଳ । ତାଙ୍କର ସନ୍ତାନ ନଥିଲା । ସେ ଗୋଟିଏ ହରିଣ ପାଳିଥିଲେ । ନିଜେ ପ୍ରତିଦିନ ତା' ଖବର ବୁଝୁଥିଲେ । ଜଣେ କଣ୍ଟୁଆଳ ତାଙ୍କର ବଡ଼ ବିଶ୍ୱସ୍ତ । ସେହି କଣ୍ଟୁଆଳର ସ୍ତ୍ରୀ ପନ୍ଥେଇ ମଙ୍ଗଳବାର ପୂଜାକରେ । ତିନୋଟି ଗାତଖୋଳି ସେଥିରେ ଦୁଧ, ମଦ, ପଣା ଢାଳେ । ଏହାକୁ

ମଙ୍ଗଳାଙ୍କର ପ୍ରତୀକ ଭାବରେ ପ୍ରଣାମ କରି କ୍ଷୀର, ଖେଚେଡ଼ି ମାଂସ ରାନ୍ଧି ଭୋଗ ବାଢ଼େ । ପଜ୍ଞେଇଙ୍କୁ ଜଣାଏ କରେ । ଦିନେ ଗୋଟିଏ ପାଳରେ ଭୋଗ ଲଗାଇବାକୁ ମାଂସ ମିଳିଲା ନାହିଁ । କଣ୍ଟଆଳ ବୁଢ଼ୀ ଉପାସ ରହିଲା । ପୁଅମାନେ ଘରକୁ ଆସିବା ସଙ୍ଗେ ସଙ୍ଗେ ବୋହୁମାନେ ଏହା ଜଣାଇଲେ । ପୁଅମାନେ ମୃଗୟା କରିବାକୁ ପ୍ରସ୍ତୁତ ହୋଇ ଚାଲିଗଲେ ।

ସେଦିନ ରାଜାଙ୍କର ହରିଣଟି ହଜିଥାଏ । ତାକୁ ମାରିଲେ ତ ବାକ ସାଙ୍ଗ ରହିବ ନାହିଁ । ତଥାପି ସେମାନେ ସାହସ ବାନ୍ଧିଲେ । ଦେଖିଲେ ରାଜାଙ୍କ ପ୍ରିୟ ହରିଣଟି ନାନା ଅଳଙ୍କାର ପିନ୍ଧିଛି । ଗଛ ମୂଳେ ଚରୁଛି । ସେମାନେ ତାକୁ ବାଣ ବିନ୍ଧି ମାରିଦେଲେ । ଅଳଙ୍କାର ଗୁଡ଼ିକ କାଢ଼ି ସୁଅକୁ ପକାଇ ଦେଲେ ଓ ମାଂସ ନେଲେ । ପୂଜାଭୋଗ ରନ୍ଧାହେଲା । ଖୀର, ଖେଚେଡ଼ି, ମାଂସ ଭୋଗକରି ମଙ୍ଗଳାଙ୍କୁ ସନ୍ତୁଷ୍ଟ କଲେ । ପ୍ରସାଦ ସେବା କଲେ ।

ରାତି ପାହିଲା । ସକାଳେ ରାଜା ତାଙ୍କ ପୋଷା ହରିଣଟିକୁ ଖୋଜିଲେ । ଘଟଣାଟା କ୍ରମେ ଜଣା ପଡ଼ିଲା । ରାଜା ରାଗରେ ଆଦେଶ ଦେଲେ—"କଣ୍ଟୁଆଳ ପରିବାରର ବୁଢ଼ା ବୁଢ଼ୀ ଓ ଗର୍ଭବତୀ ନାରୀଙ୍କୁ ଛାଡ଼ି ସମସ୍ତଙ୍କ ମୁଣ୍ଡକାଟ କର ।" କଣ୍ଟୁଆଳ ବୁଢ଼ୀ ମଙ୍ଗଳାଙ୍କୁ ଜଣାଣ କଲା । ମୁଣ୍ଡ ଗଣ୍ଡି ଯୋଡ଼ି ମଙ୍ଗଳାଙ୍କ ଫୁଲ ପାଣି ଛିଞ୍ଚି ଦେଲା । ସେମାନେ ବଞ୍ଚିଉଠିଲେ । ରାଜା ଖବର ପାଇଲେ କଣ୍ଟୁଆଳର ପୁଅମାନେ ବଞ୍ଚିଛନ୍ତି । ଭାବିଲେ ମନ୍ତ୍ରୀ ଆଦେଶ ପାଳନ କରି ନାହାନ୍ତି । ନିଜେ ସେମାନଙ୍କୁ ହାଣି ପକାଇଲେ । ଏଥର ମଧ୍ୟ ସେମାନେ ମଙ୍ଗଳାଙ୍କ କୃପାରୁ ବଞ୍ଚିଲେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

କଣ୍ଟୁଆଳ ବୁଢ଼ୀ ମଙ୍ଗଳାଙ୍କ ପୂଜାକରି ଏପରି କରି ପାରୁଛି ବୋଲି ଜଣାଗଲା । ରାଜାଙ୍କ ଅନୁରୋଧ କ୍ରମେ ପୂଜା ହେଲା । ସେ ଦୁଧ ଗୁଡ଼, ମାଂସ, ମଦ ପ୍ରତ୍ୟେକରୁ ଭାରେ ଲେଖାଏ ଦେଲେ । କଣ୍ଟୁଆଳ ବୁଢ଼ୀ ଭୋଗ ରାନ୍ଧିଲା । ପୂଜାକଲା । ରାଜାଙ୍କ ମନରେ ପୁତ୍ର ପ୍ରାପ୍ତି କାମନା ପୂରଣ ହେବାର ଆଶା ସଞ୍ଚରିଲା । ବନସ୍ତରେ ଶିକାର

କରିବାକୁ ଗଲବେଳେ ଗୋଟିଏ ସଦ୍ୟଜାତ ଶିଶୁପୁତ୍ର ଦେଖିଲେ । ସେ ଏକାକୀ ଶୋଇଛି ଏବଂ ଶୂନ୍ୟରୁ ତା, ପାଟିରେ ମହୁ ପଡ଼ୁଛି । ରାଜା ତାକୁ ଆଣିଲେ । ଖବର ନେଇ ଜାଣିଲେ ତା'ର କେହି ରକ୍ଷକ ନାହାନ୍ତି । ସେ ତାକୁ ପୁତ୍ର ବୋଲି ଗ୍ରହଣ କରି ସୁଖରେ ରହିଲେ । ରାଜା ଅନୁଭବ କଲେ ଓ ରାଜ୍ୟବାସୀ ଜାଣିଲେ ପଟ୍ଟେଇଙ୍କ ଦୟାରୁ ରାଜା ପୁତ୍ର ସନ୍ତାନ ଲାଭକଲେ । ଓଷା ପ୍ରଚ୍ଛର ହେଲା ।

ପୁତ୍ର ସନ୍ତାନ ପାଇଁ ମାଆ ମାନଙ୍କର ବିଭିନ୍ନ ଓଷା ପୂଜା ପ୍ରସଙ୍ଗରେ ଯୋଗୀନ୍ଦ୍ର ଦେବଙ୍କ ବିପ୍ରଙ୍କ ଦ୍ୱାରା ରଚିତ ଟୀକା ଗୋବିନ୍ଦ ଚନ୍ଦ୍ରରେ ଦାଣ୍ଡ ପହଁରା, ଚୈତ୍ର ମଙ୍ଗଳବାର ଓ ପଟ୍ଟେଇ ଓଷାର ବର୍ଣ୍ଣନା ଅଛି—

" ତୋହର ପାଇଁକି କୁମର ମଣିରେ କେତେ କଷ୍ଟ କରିନାହିଁ,
ଦାଣ୍ଡ ଖରିକଇ ଚଉରା ଲିପଇ ଶତ ପୁତ୍ର ହେବା ପାଇଁ ।
ତୋହର ପାଇଁକି କୁମର ମଣିରେ ଚଇତ୍ର ମଙ୍ଗଳବାର
ବାର ବର୍ଷ ପରଯନ୍ତରେ କୁମର ବସି ଜାଳିଲି ଜାଗର
ତୋହର ପାଇଁକି କୁମର ମଣିରେ ଦାଣ୍ଡ ପହଁରାଇ ପୂଜିଲି
× × × × × × ×
ଭୁବନେଶ୍ୱରରେ ମହିଛି କୁଣ୍ଡରେ ତହିଁ ସ୍ନାହାନ ସାରିଲି ।

ଏଥିରୁ ଏହି ଓଷାର ପ୍ରତିଷ୍ଠା ଓ ପ୍ରଚ୍ଛର ବିଷୟରେ ଜଣାଯାଏ । ଏହାଛଡ଼ା ପ୍ରତିବର୍ଷ ଚୈତ୍ର ମଙ୍ଗଳବାର ଦିନ ବ୍ରହ୍ମପୁର ଠାରୁ ପଚିଶ ମାଇଲ ଦୂରରେ ଥିବା ତାରା ତାରିଣୀଙ୍କ ଠାରେ ବହୁ ଜନ ସମାଗମ ହୁଏ । ଏହା ଋଷିକୁଲ୍ୟା ନଦୀ କୂଳରେ । ଏଠାରେ ଥିବା ଗୋଟିଏ ପାହାଡ଼ ଉପରେ ଏହି ଉପଲକ୍ଷରେ ଗୋଟିଏ ମେଳା ବସେ । ଏହି ମେଳାରେ ଆନ୍ଧ୍ର ଓ ଓଡ଼ିଶାର ବହୁଯାତ୍ରୀ ଏକତ୍ର ହୁଅନ୍ତି । ଭାଷାର ବେହଳ ଅତିକ୍ରମ କରି ଗୋଟିଏ ଧର୍ମ ଓ ସଂସ୍କୃତିର ଅନୁଗାମୀମାନେ ଏକତ୍ର ହେବାର ଏହା ଏକ ସାମର୍ଥ୍ୟିକ ସୁଯୋଗ । ମନ ଭିତରେ ଏହାର ପ୍ରଭାବ ସ୍ଥାୟୀ ହୋଇଯାଏ । ଗୋଷ୍ଠୀଗତ ଐକ୍ୟ ପ୍ରତିଷ୍ଠା କ୍ଷେତ୍ରରେ ଓଷାବ୍ରତ ପର୍ବ ପର୍ବାଣୀର ଭୂମିକା ସଂପର୍କରେ ଧାରଣା ସ୍ପଷ୍ଟହୁଏ ।

## କାମଦା ଏକାଦଶୀ

ସାରଳା ମହାଭାରତର ଶାନ୍ତି ପର୍ବରେ ଭୀଷ୍ମ ଯୁଧିଷ୍ଠିରଙ୍କୁ ଉପଦେଶ ଦେଇଛନ୍ତି —"ଧାର୍ମିକଙ୍କୁ ଏକାଦଶୀ ବ୍ରତ କରାଇବୁ ।" ଇତି ପୂର୍ବରୁ ଅନ୍ୟାନ୍ୟ କେତେକ ମାସର ଏକାଦଶୀ ବ୍ରତ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଏହି ବ୍ରତର ପାଳନ ରୀତି ସମାନ । କିନ୍ତୁ ପ୍ରତି ମାସର ବିଭିନ୍ନ ପକ୍ଷର ଏକାଦଶୀର ଭିନ୍ନ ଭିନ୍ନ ନାମ ଅଛି । ଚୈତ୍ରମାସ କୃଷ୍ଣପକ୍ଷ ଏକାଦଶୀର ନାମ ପାପ ମୋଚନୀ ଏକାଦଶୀ ଓ ଶୁକ୍ଳପକ୍ଷ ଏକାଦଶୀର ନାମ କାମଦା ଏକାଦଶୀ । ପ୍ରତ୍ୟେକ ଏକାଦଶୀର ଦେବତା ବିଷ୍ଣୁ ଓ ଫଳ ସମାନ । ଏହା ମୂଳତଃ ନିଷ୍କାମ ବା ନିତ୍ୟବ୍ରତ । ପୁଣି ଏଥିରେ କାମନା ମଧ୍ୟ କରାଯାଏ । ଅନ୍ୟାନ୍ୟ ବ୍ରତ ବା ଓଷା ପରି ଏହା କେବଳ କାମ୍ୟ ନୁହେଁ । ଅର୍ଥାତ୍ କୌଣସି ଧନ, ପୁତ୍ରାଦି ପାର୍ଥିବ ସୁଖ କାମନା କରି ଏହି ବ୍ରତ କରାଯାଏ ନାହିଁ । ଏହାର କାହାଣୀ ଗୁଡ଼ିକରୁ ମଧ୍ୟ ଏହା ସ୍ପଷ୍ଟ ଜଣାପଡେ । ତେବେ କାମଦା ଏକାଦଶୀ ବିଷୟରେ ଆଲୋଚନା କରିବା ।

ନାଗରାଜା ପୁଣ୍ଡରୀକଙ୍କ ଦରବାରରେ ଲଳିତ ନାମକ ଗନ୍ଧର୍ବ ନୃତ୍ୟଗୀତ କରୁଥିଲେ । ସେ ନବ ବିବାହିତ ଥିଲେ । ତାଙ୍କର ପତ୍ନୀ ଲଳିତା ପରମା ସୁନ୍ଦରୀ ଥିଲେ । ଲଳିତ ନୃତ୍ୟ କଲାବେଳେ ଓ ଗୀତ ଗାଇବା ବେଳେ ବାରମ୍ବାର ଅନ୍ୟ ମନସ୍କ ରହୁଥିଲେ । ପତ୍ନୀ ଲଳିତାଙ୍କ କଥା ମନେ ପଡ଼ି ଯାଉଥିଲା । ପୁଣ୍ଡରୀକନାଗଙ୍କୁ କର୍କଟକ ନାଗ ଏହା କହିଦେଲେ । ପୁଣ୍ଡରୀକ ବିରକ୍ତ ହେଲେ । ଅଭିଶାପ ଦେଲେ । ସେହି ଅଭିଶାପ ଫଳରେ ଲଳିତ ରାକ୍ଷସ ହୋଇ ଅରଣ୍ୟରେ ବୁଲିଲେ । ଲଳିତା ମଧ୍ୟ ତାଙ୍କ ସହିତ ବୁଲିଲେ । ଦିନେ ଋଷ୍ୟମୁକ ଋଷିଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ଋଷି ସେମାନଙ୍କୁ ଚୈତ୍ର ଶୁକ୍ଳ ଏକାଦଶୀ ତିଥିରେ କାମଦା ଏକାଦଶୀ କରିବାକୁ ଉପଦେଶ ଦେଲେ । ସେ ଦୁହେଁ ଉପଦେଶ ପାଳନ କରି ଫଳଲାଭ କଲେ । ଲଳିତ ତାଙ୍କର ଦିବ୍ୟ ଦେହ ପ୍ରାପ୍ତ ହେଲେ । ରାକ୍ଷସ ଜନ୍ମରୁ ମୁକ୍ତ ହେଲେ ।

ପୂର୍ବରୁ ଆଲୋଚନା କରାଯାଇଥିବା ବୈଶାଖ ଓ କାର୍ତ୍ତିକ ମାସର ଏକାଦଶୀ ଗୁଡ଼ିକୁ ପଢ଼ିଲେ ଜଣାଯାଏ ଯେ ଏଥିରେ ଉପାସକ ମାନେ କୌଣସି ପାର୍ଥିବ ସୁଖ କାମନା କରି ଏକାଦଶୀ କରି ନାହାନ୍ତି । ଏକାଦଶୀ ପାଳନ ଫଳରେ ସେମାନଙ୍କର ପାପକ୍ଷୟ ହୋଇଛି ଏବଂ ସେମାନଙ୍କର ଆତ୍ମା ବିଷ୍ଣୁ ଲୋକକୁ ଯାଇଛି । କୌଣସି କାମନା ନକରି କେବଳ ପୁଣ୍ୟ ଅର୍ଜନ କରି ପାପକ୍ଷୟ ପାଇଁ ଓ ମୃତ୍ୟୁପରେ ବିଷ୍ଣୁ ଲୋକ ପ୍ରାପ୍ତିକୁ ଆଶାକରି ଏହି ବ୍ରତ କରାଯାଏ । କିନ୍ତୁ ଫଳ ବିଶେଷରେ କାମନା ରଖି ମଧ୍ୟ ଏହି ବ୍ରତ କରାଯାଇଥାଏ । ବୈଶାଖ ମାସରେ ପାଳିତ ହୋଉଥିବା ମୋହିନୀ ଏକାଦଶୀରେ ରାଜା ରୁକ୍ମାଙ୍ଗଦ କେବଳ ପୁଣ୍ୟ ଅର୍ଜନ ପାଇଁ ଏହି ବ୍ରତ କରୁଥିଲେ । ବରୁଥିନୀ ଏକାଦଶୀରେ କାଶୀ ନଗରୀରେ ବାସ କରୁଥିବା ବ୍ରାହ୍ମଣଙ୍କର ବଡ଼ପୁଅ ପାପରୁ ମୁକ୍ତ ହୋଇ ସୁଖଲାଭ କରିବା ପାଇଁ ଏହି ବ୍ରତ କରିଥିବାର ଉଲ୍ଲେଖ ଅଛି । କିନ୍ତୁ ଉପରୋକ୍ତ 'କାମଦା ଏକାଦଶୀ' କାମନା କରି କରା ଯାଇଛି । ନିଜର କର୍ତ୍ତବ୍ୟରେ ତ୍ରୁଟି କରିବା ଏକ ଅପରାଧ । ନିଯୁକ୍ତ କାର୍ଯ୍ୟରେ ମନଯୋଗ ଦେବା ବାଞ୍ଛନୀୟ । ଏଥିରେ ତ୍ରୁଟି କରିଥିବାରୁ ଲଳିତ ଅଭିଶପ୍ତ ହୋଇଥିଲେ । କାମଦା ଏକାଦଶୀ କରି ତାଙ୍କର ଶାପ ମୋଚନ ହେଲା । ପୁନରାୟ ଗନ୍ଧର୍ବ ଜନ୍ମ ପାଇବାର କାମନା ସିଦ୍ଧ ହେଲା । ଋଷ୍ୟମୂକଙ୍କର ପରାମର୍ଶ କ୍ରମେ ସେ ଏହି ବ୍ରତ କରିଥିଲେ । ତେଣୁ ଏକାଦଶୀକୁ କେବଳ ନିଷ୍କାମ ବା ନିତ୍ୟ ବୋଲି ମନେ କରିବା ଯଥାର୍ଥ ନୁହେଁ ।

ଉପରେ କେତେକ ଓଷାବ୍ରତ ବିଷୟରେ ଆଲୋଚନା କରା ଯାଇଛି । ବୈଶାଖରୁ ଚୈତ୍ର ପର୍ଯ୍ୟନ୍ତ ବିଭିନ୍ନ ମାସ ମଧ୍ୟରେ ବାର, ତିଥି ଏବଂ ଯୋଗରେ ଅନୁଷ୍ଠିତ ଓଷାବ୍ରତ ଗୁଡ଼ିକ ଆଲୋଚିତ ହୋଇଛି । ଯୋଗଜ ବ୍ରତ ମଧ୍ୟରୁ କେତେକ ନିର୍ଦ୍ଦିଷ୍ଟ ମାସ ମଧ୍ୟରେ ସୀମିତ ନୁହେଁ । ଶାମ୍ବ ଦଶମୀ ବ୍ରତର ଆଲୋଚନା ପ୍ରସଙ୍ଗରେ ରବିନାରାୟଣ ବ୍ରତ ନାମରେ ସୂର୍ଯ୍ୟଙ୍କର ଏକ ଯୋଗଜ ବ୍ରତଅଛିବୋଲି ସୂଚନା ଦିଆଯାଇଛି । ଏପରି କେତେକ ଯୋଗଜ ବ୍ରତ ଉପରୋକ୍ତ ଆଲୋଚନାର ଅନ୍ତର୍ଭୁକ୍ତ ହୋଇନାହିଁ । ଏହା ବ୍ୟତୀତ ସାର୍ବବର୍ଷ

ନିର୍ଦ୍ଦିଷ୍ଟ ବାରରେ ପାଳିତ ହେଉଥିବା କେତେକ ଓଷା ମଧ୍ୟ ସମୀକ୍ଷିତ ହୋଇନାହିଁ । ପ୍ରତ୍ୟେକ ପୂର୍ଣ୍ଣିମା ଦିନ ପଡୁଥିବା ପୁଣ୍ୟବ୍ରତ ଏବଂ କୌଣସି ସମୟ ନିର୍ଦ୍ଦିଷ୍ଟ ନ ଥିବା ଓଷା ବ୍ରତମାନ ଉପରୋକ୍ତ ଆଲୋଚନାର ଅନ୍ତର୍ଭୁକ୍ତ ହୋଇନାହିଁ । ବର୍ତ୍ତମାନ ସେ ଗୁଡ଼ିକ ଆଲୋଚନା କରିବା ।

## ରବିନାରାୟଣ ବ୍ରତ

ରବିବାର ଦିନ ଏକାଦଶୀ ପଡ଼ିଲେ ସୂର୍ଯ୍ୟଙ୍କର ରବିନାରାୟଣ ବ୍ରତ ପାଳିତ ହୁଏ । ଏଥି ସହିତ ପ୍ରଚଳିତ କାହାଣୀଟି "ଭବିଷ୍ୟ ପୁରାଣ"ରୁ ଗୃହୀତ ବୋଲି ଉଲ୍ଲେଖ ଅଛି । ଏହାର ଆରମ୍ଭଟି ଲୌକିକ ଓଷାବ୍ରତ ଢଙ୍ଗରେ ହୋଇଛି । ଏହା ସରଳ ପଦ୍ୟରେ ରଚିତ । ଲେଖକଙ୍କର ନାମ ନାହିଁ । ଅଗସ୍ତି ବୈବସ୍ୱତମନୁ ବା ସପ୍ତମ ମନୁଙ୍କ ପ୍ରଶ୍ନର ଉତ୍ତର ଦେଇ ଏହି ପାପନାଶକ ଓ ସର୍ବଦୁଃଖହର ରବି-ନାରାୟଣ ବ୍ରତକଥା କହିଛନ୍ତି । ସ୍ୱର୍ଗରେ ଦେବତାଙ୍କ ଆଲୋଚନାରୁ ବିଷୟ ପ୍ରବେଶ ହୋଇଛି ।

ଦିନେ ସ୍ୱର୍ଗରେ ସଭା ବସିଥିଲା । ଧାତା ଧର୍ମଶାସ୍ତ୍ର ବୁଝାଉଥିଲେ । ଏହି ସମୟରେ ଦେବତାମାନେ ପଚାରିଲେ କେଉଁ ବ୍ରତଟି ମହାପାପ-ହର । ସେ ଧର୍ମଶାସ୍ତ୍ର ଦେଖି ଏକାଦଶୀ, ଷଡଜୟନ୍ତୀ, ଦୁର୍ଗାଷ୍ଟମୀ, ଶିବ ଚତୁର୍ଦ୍ଦଶୀ ପ୍ରଭୃତି ବ୍ରତର ମହିମା କହିଗଲେ । ଦେବତାମାନେ ବ୍ରତର ମହିମା ଶୁଣୁ ଶୁଣୁ ଗୋଟି ଗୋଟି କରି ବ୍ରତ ଗୁଡ଼ିକ ଆଦରି ନେଲେ । ସେମାନଙ୍କ ମଧ୍ୟରେ ନାରାୟଣ ଏକାଦଶୀ ବ୍ରତକୁ ନେଲେ । ଏହି ବ୍ରତକଲେ ବୈକୁଣ୍ଠରେ ସ୍ଥାନ ମିଳେ । ଶିବ ଚତୁର୍ଦ୍ଦଶୀ ବ୍ରତଟିକୁ ନେଲେ । ଏହି ବ୍ରତ କରିବା ଲୋକ ଶିବପଦ ପ୍ରାପ୍ତହୁଏ । ଭଗବତୀ, ଦୁର୍ଗାଷ୍ଟମୀ ବ୍ରତକୁ ନେଲେ । ଏହି ବ୍ରତକଲେ ଦେବୀ ଲୋକରେ ସ୍ଥାନ ମିଳେ । ଏହିପରି ବ୍ରତ ବଣ୍ଟନ ସମୟରେ ସୂର୍ଯ୍ୟ ଗୋଟିଏ ଅଲଗା ବାଟ ଧରିଲେ । ସେ ମାତୃଭକ୍ତ । ବିଧାତାଙ୍କ କଥା ଶୁଣିଲେ ବି ମାଆଙ୍କୁ ପଚାରି ବ୍ରତଟିଏ ବାଛିବେ ବୋଲି ସ୍ଥିରକଲେ । ଘରକୁ ଆସିଲେ ।

ସୂର୍ଯ୍ୟ ଘରେ ପହଞ୍ଚି ମାଆଙ୍କୁ ସବୁକଥା ଜଣାଇଲେ । ମା ତାଙ୍କୁ ରବିନାରାୟଣ ବ୍ରତ ନେବାଲାଗି ପରାମର୍ଶ ଦେଲେ । ରବିବାର ଦିନ ଏକାଦଶୀ ପଡ଼ିଲେ ଏହିବ୍ରତ ହୁଏ । ଏହା ପଞ୍ଚମହାପାତକ ସହିତ ସମସ୍ତ ପାପରୁ ମୁକ୍ତିଦିଏ । ଦରିଦ୍ର ଧନ ଲାଭକରେ । ଅପୁତ୍ରିକ ପୁତ୍ରଲାଭ କରେ । କନ୍ୟା ଉତ୍ତମ ପତିପାଏ । ଯିଏ ଯାହା କାମନା କରେ ସେ ତାହା ପାଏ । ସୂର୍ଯ୍ୟଙ୍କପରି ପୁଅର ସଂଶୟ ଦୂରକରିବା ଲାଗି ସେ ମର୍ତ୍ତ୍ୟ ମଣ୍ଡଳରେ ଘଟିଥିବା ଗୋଟିଏ କଥା କହିଛନ୍ତି ।

ସୌରାଷ୍ଟ୍ର ଦେଶର ଘଟଣା । ସେ ଦେଶର ସାଧବ ବିଦ୍ୟା ବିନୋଦଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ । ପୁଅନାଁ ବିଦ୍ୟାଧର । ଝିଅନାଁ ପଦ୍ମାବତୀ, ଧନ-ଦୌଲତର ଅଭାବ ନାହିଁ । ଜଣେ ଭିକ୍ଷୁକ ବ୍ରାହ୍ମଣ ସାଧବ ଘରକୁ ଆସନ୍ତି । ସାଧବ ବୋହୂ ଚାଉଳ ଅଞ୍ଜୁଳାଏ ଆଣିଦିଏ । ସେ ସେତକ ନେବାପରେ ଆଶୀର୍ବାଦ କରନ୍ତି । କହନ୍ତି— " ବହୁଭାଗ୍ୟ ଭୋଗକରିଉ । ଝିଅ ସୁବର୍ଣ୍ଣ ଅଞ୍ଜୁଳାଏ ଦିଏ । ତା' ଠାରୁ ସେତକ ଗ୍ରହଣ କଲାବେଳେ କହନ୍ତି ' ତୋ କପାଳ ତୁ ଭୋଗକର ।" ପ୍ରତିଦିନ ଏହିପରି ଘଟେ । ଦିନେ ଝିଅ ମନରେ ପ୍ରଶ୍ନ ଉଠିଲା । ସେ ମାଆଙ୍କୁ ପଚାରିଲା । ସେଦିନ ମାଆ ଭିକ୍ଷା ଦେବା ସମୟରେ ଶୁଣିଲେ । ସେ ଝିଅ ବୋହୂ ଦୁହିଁଙ୍କୁ ଏକାପରି ଆଶୀର୍ବାଦ ନକରିବାର କାରଣ ପଚାରିଲେ । ବ୍ରାହ୍ମଣ କହି ଦେଇଗଲେ, ତୋ ଝିଅ ଜନ୍ମ ହୋଇଥିବା ସ୍ଥାନର ମାଟି ଖୋଳି ଦେଖ ।

ମାଟି ଖୋଳା ହେଲା । ସେ ସ୍ଥାନରୁ ମିଳିଲା ' ଖଣ୍ଡେ ଭଙ୍ଗାହାଣ୍ଡି, ଛିଣ୍ଡା ପହିଁରା ମୁଠାଏ, ଏବଂ କିଛି ଭଙ୍ଗା ଶଙ୍ଖା ।" ଏହାଦେଖି ମାଆ ଝିଅଙ୍କୁ ରାତିରେ ନିଦ ହେଲାନାହିଁ । ସକାଳେ ଭିକ୍ଷୁକ ବିପ୍ର ପହଞ୍ଚିବାରୁ ସବୁକଥା କହିଲେ । ଉପାୟ ପଚାରିଲେ । ଉତ୍ତର ମିଳିଲା— " ତୋ ଗାଆଁର ଅମରୀ କୁମ୍ଭାରୁଣୀକୁ ପଚାରିବୁ । ସେ ସବୁ ବୁଝାଇ ଦେବ ।" ଏହାକହି ସେ ଇଚ୍ଛା ସ୍ଥାନକୁ ଚାଲିଗଲେ ।

ସାଧବାଣୀ ଓ ଝିଅ ପଦ୍ମାବତୀ କୁମ୍ଭାରୁଣୀ ଘରକୁ ବାହାରିଲେ । ସାଙ୍ଗରେ ପାଟଶାଢ଼ୀ ଓ ଅଳଙ୍କାର ନେଲେ । ବନ୍ଧ ତୀର ସମ୍ଭାର ନେଇ ତା' ପାଖରେ ଧରିଥିଲେ । ସେ ସାଧବାଣୀଙ୍କୁ ଦେଖି ବହୁ ମାନ୍ୟକଲା । ସାଧବାଣୀ ନିତି କୁମ୍ଭାରୁଣୀ ଘରକୁ ଭଲ ଭଲ ଉପହାର ପଠାଇଲେ । କିଛିଦିନ ପରେ କୁମ୍ଭାରୁଣୀ ସାଧବାଣୀକୁ ପଚାରିଲା— "ମୋ ପାଖରେ କି କାମଅଛି ଫିଟାଇ କହ" । ସାଧବାଣୀର ଦୁଃଖ ଶୁଣି ଆଶ୍ୱାସନା ଦେଲା । କହିଲା— "ଚିନ୍ତାକର ନାହିଁ । ବିବାହ ପରେ ଏହାର କାରଣ କହିବି । କିନ୍ତୁ ମଧୁଶଯ୍ୟାଦିନ ମୁଁ ଏକାରହି ଜଗିବି ।"

ସାଧବଘର ଉତ୍ତମ କୁଳଶୀଳ ଦେଖି ଭଲ ପାତ୍ରଟିଏ ବାଛିଲେ । ଶୁଭ ଲଗ୍ନରେ ସାଧବ କନ୍ୟାର ବିବାହ ସମ୍ପନ୍ନ ହେଲା । ମଧୁଶଯ୍ୟା ଦିନ ରାତିରେ ଅମରୀ କୁମ୍ଭାରୁଣୀ ଦ୍ୱାର ଜଗିବସିବ । ଖବର ଗଲା । ସେ ସ୍ନାନ ଶୌଚସାରି ପୂଜା ପେଡ଼ି ଫିଟାଇଲା । ସେଥିରେ ରତ୍ନନାରାୟଣ ବ୍ରତର ଦୁବାକ୍ଷତ ରଖିଥିଲା । ତାକୁ ଧରିଲା । ଅମଳାନ ବାସ ପିନ୍ଧିଲା । ସାଧବ ଘରକୁ ଯାଇ ଝିଅ ଜ୍ୱାଇଁଙ୍କ ମଧୁଶଯ୍ୟା ଗୃହର ଦ୍ୱାର ବନ୍ଧରେ ବସିଲା । ସେହିଦିନ ନିଶାର୍ଦ୍ଧରେ ଯମଦୂତମାନେ ଆସିଲେ । ସେଠାରେ ସହସ୍ର ଆଦିତ୍ୟ ତେଜଧରି ଅମରୀ କୁମ୍ଭାରୁଣୀ ବସିଥିବାର ଦେଖିଲେ । ତେଣୁ ସେମାନେ ପଶି ପାରିଲେ ନାହିଁ । କିଛି ଦୂରରେ ଥାଇ କହିଲେ "ସାଧବ ଜ୍ୱାଇଁର ପରମାୟୁ ଆଜି ସରିଗଲା । ଚିତ୍ରଗୁପ୍ତ ପାଞ୍ଜି ଦେଖି କହି ଦେଇଛନ୍ତି । ତେଣୁ ଆମେ ତାକୁ ନେବୁ ।" ଅମରୀ ଦ୍ୱାର ଛାଡ଼ିଲା ନାହିଁ । ଯମଦୂତ ମାନେ ଫେରିଗଲେ ।

ଯମଙ୍କୁ କହିଲେ । ସେ ମହିଷଯାନ ଆରୋହଣ କରି ଆସିଲେ । ଅମରୀକୁ କଡ଼ା ସ୍ୱରରେ ଉଠି ଯିବାକୁ ଆଦେଶ ଦେଲେ । ସେ କହିଲା "ମୋତେ ଅମରୀ ନାଁ ଦେଇଛ କାହିଁକି ? ସାଧବାଣୀ ମୋତେ ଆଶ୍ରାକରିଛି । ତା' ଜ୍ୱାଇଁଙ୍କୁ କିପରି ତୁମକୁ ଟେକିଦେବି ?" ଯମ ରାଗିଗଲେ । କହିଲେ, "ସାଧବ ଜ୍ୱାଇଁକୁ ନଛାଡ଼ିଲେ ମୁଁ ତୋର ସାତ ପୁଅ ଓ ସ୍ୱାମୀକୁ ନେଇଯିବି ।" ତାହାହିଁ ହେଲା ।

ସକାଳ ହେଲା । ଅମଙ୍ଗ ରାତ୍ର ଘଟଣା ସାଧବାଣୀକୁ କହିଲା । ପଦ୍ମାବତୀ ଜନ୍ମ ହୋଇଥିବା ସ୍ଥାନରୁ ମିଳିଥିବା ଅପଶକୁନ ଗୁଡ଼ିକର ପରିଣତି ସ୍ୱରୂପ ଝିଅ ସେଦିନ ବିଧବା ହୋଇ ଥାଆନ୍ତା ଏବଂ ଚଣ୍ଡାଳ ଘରେ ଭଙ୍ଗା ଶଙ୍ଖା ପିନ୍ଧି ପହଁରି, ଖପରା ଧରି ବୁଲିଥାନ୍ତା । ଏଥିରୁ ରକ୍ଷା ମିଳିଲା । କିନ୍ତୁ କେଉଁ ମୂଲ୍ୟରେ ? ସାଧବାଣୀକୁ ସାଙ୍ଗରେ ଧରି ଅମଙ୍ଗ ତାହା ଦେଖାଇବାକୁ ନେଲା । ସେ ଅମଙ୍ଗ କୁମ୍ଭାରୁଣୀ ଘରକୁ ଯାଇ ଦେଖିଲା ଯେ ତା'ର ସ୍ୱାମୀ ଓ ପୁଅମାନେ ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି । ଦାରୁଣ ଦୁଃଖ ! ସାଧବାଣୀ ସଙ୍ଗାତର ଦୁଃଖ ଦେଖି ନିର୍ବେଦ ହୋଇଗଲା । କିନ୍ତୁ ଅମଙ୍ଗ ନିର୍ବିକାର । ସେ ସଙ୍ଗେ ସଙ୍ଗେ ରବିନାରାୟଣ ପୂଜାର ଦୁବାକ୍ଷତ ପାଣି ଛିଞ୍ଚିଲା । ସେମାନେ ବଞ୍ଚିଲେ । ନିଜ ନିଜ କାମକୁ ଗଲେ । ସାଧବାଣୀ ଆଶ୍ଚର୍ଯ୍ୟ ହେଲା । ସଙ୍ଗାତ କିପରି ଏହି ଦୈବୀଶକ୍ତି ପାଇଲା ତାହା ଜାଣିବାକୁ ଇଚ୍ଛାକଲା । ଅମଙ୍ଗ କୁମ୍ଭାରୁଣୀ ସାଧବାଣୀଙ୍କି ରବିନାରାୟଣ ବ୍ରତର ପୂଜାବିଧି ବତାଇ ଦେଲା ।

ସୂର୍ଯ୍ୟ ନିଜ ଜନନୀଙ୍କ ଠାରୁ ଏହି ବ୍ରତର ମହିମା ଶୁଣି ଦେବ-ସଭାକୁ ଗଲେ । ମାଆଙ୍କ ଆଦେଶ ଅନୁସାରେ ବ୍ରତଟିକୁ ମାଗିନେଲେ । ଧର୍ମ ନିରଞ୍ଜନ ଆଦିତ୍ୟଙ୍କର ଏହା ପ୍ରିୟ ବ୍ରତ ।

## ମଙ୍ଗଳ ସଂକ୍ରାନ୍ତି ବ୍ରତ

ଶୁଭକାଳ ଓ ଶୁଭ ଦିନରେ ମଙ୍ଗଳବାର ଦିନ ସଂକ୍ରାନ୍ତି ପଡ଼ିଲେ ଏହି ବ୍ରତ ହୁଏ । ମୂଳବ୍ରତଟି ସଂସ୍କୃତ ଭାଷାରେ ଲିଖିତ । ପଣ୍ଡିତ ମାର୍କଣ୍ଡ ଶାସ୍ତ୍ରୀ ଏହାର 'ପ୍ରାକୃତ' ଟୀକା କରିଛନ୍ତି । ଏହା ସ୍କନ୍ଦପୁରାଣରୁ ଗୃହୀତ । ୧୯୨୭ରେ ମନମୋହନ ପ୍ରେସରୁ ପ୍ରକାଶିତ ମୂଳ ସଂସ୍କୃତ ବ୍ରତ ସହିତ ଓଡ଼ିଆ ଅନୁବାଦ ଦିଆଯାଇଛି । ନାରଦ ଏହି ବ୍ରତର ବକ୍ତା ।

ପଦ୍ମାବତୀ ସର୍ବମଙ୍ଗଳାଙ୍କୁ କହିଲେ— "ମୁଁ ତୁମର ବ୍ରତ ଦେଖିବାକୁ ତ୍ରିଭୁବନ ବୁଲିଲି । ସ୍ୱର୍ଗରେ ବିଦ୍ୟାଧରୀମାନେ, ମର୍ତ୍ତ୍ୟରେ

ନାଗୀମାନେ, ପାତାଳରେ ନାଗକନ୍ୟାମାନେ ଭୂମିବ୍ରତ ଆଚରଣ କରୁଛନ୍ତି । ” ସେ ଲୋକମାନଙ୍କ ପାଇଁ ଶୁଭଙ୍କର, ଆରୋଗ୍ୟ ଓ ସୁଖ ଦାୟକ, ପୁତ୍ର ପୌତ୍ର ସମୃଦ୍ଧି ବର୍ଦ୍ଧକ ଏବଂ ପତିଙ୍କ ସହିତ ଶୁଭକର୍ମ ଭୋଗପ୍ରଦ ବ୍ରତଟିଏ ବତାଇ ଦେବା ଲାଗି ସର୍ବ ମଙ୍ଗଳାଙ୍କୁ ନିବେଦନ କଲେ । ସର୍ବ ମଙ୍ଗଳା ଏହିପରି ଏକ ବ୍ରତର ମହିମା ତାଙ୍କୁ ଶୁଣାଇଲେ ।

ପଞ୍ଚଶିର ନାମରେ ଗୋଟିଏ ଅସୁର ଥିଲା । ସେ ଇନ୍ଦ୍ରଙ୍କୁ ପରାସ୍ତ କଲା । ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ଓ ସ୍ୱର୍ଗରାଜ୍ୟ ଅଧିକାର କଲା । ଇନ୍ଦ୍ର ପଦ୍ମବନରେ ଆତ୍ମଗୋପନ କଲେ । ଇନ୍ଦ୍ରାଣୀ ଶୋକାତୁର ହୋଇ ନାରଦଙ୍କୁ ସମସ୍ତ ଘଟଣା ଜଣାଇଲେ । ସେ କେଉଁ ପୁଣ୍ୟ କର୍ମ କଲେ ଇନ୍ଦ୍ରଙ୍କ ଦୁର୍ଗତି ଦୂର ହେବ ଓ ସେ ପୁନର୍ବାର ସ୍ୱର୍ଗର ଅଧିକାର ପାଇବେ ତାହା ଜାଣିବାକୁ ଚାହିଁଲେ । ନାରଦ ତାଙ୍କୁ ‘ମଙ୍ଗଳ ସଂକ୍ରାନ୍ତି’ ବ୍ରତର ବିଧି ବିଧାନ ବତାଇ ଦେଲେ । ଏହା ଦ୍ୱାରା ତାଙ୍କର ମନସ୍କାମନା ପୂର୍ଣ୍ଣ ହେବ ବୋଲି ସାନ୍ତ୍ୱନା ଦେଲେ । ସେ ପୁଣି ଇନ୍ଦ୍ରାଣୀଙ୍କ ପ୍ରଶ୍ନର ଉତ୍ତର ଦେଇ ପୂର୍ବେ କିଏ ଏହି ବ୍ରତ କରି କି ଫଳ ଲାଭ କରିଛନ୍ତି ତାହା ଶୁଣାଇଲେ ।

ସତ୍ୟ ଯୁଗର କଥା । ମର୍ତ୍ତ୍ୟ ଲୋକରେ ଧନଞ୍ଜୟ ନାମରେ ଜଣେ ବଣିକ ଥିଲେ । ତାଙ୍କ ମାଆଙ୍କ ନାଁ ସୁନ୍ଦରୀ । ସେ ଦିନେ ରାତିରେ ଅନ୍ନ ଭୋଜନ କରିବାରୁ କର୍ମ ବିପାକ ଦ୍ୱାରା କୃମିମୟ ହୋଇଗଲେ । ବଣିକବଧୂ ରାତିରେ ସ୍ୱାମୀଙ୍କୁ ଏହିକଥା କହିଲେ । ବଣିକ ପୁତ୍ର ମାଆଙ୍କର ଏହି ଅବସ୍ଥା ଦେଖି ବିସ୍ମିତ ହେଲେ । ଦୁଃଖିତ ମଧ୍ୟ ହେଲେ । ନେତ୍ରବତୀ ନାମକ ଧୋବଣୀ ପାଖକୁ ଯାଇ ଏହାର କାରଣ ପଚାରିଲେ ।

ନେତ୍ରବତୀ ଜଣେ ବିଚକ୍ଷଣ ତପସ୍ୱିନୀ । ତାଙ୍କର ମସ୍ତକରେ ଜଟାମାନ ଥିଲା । ସେ ସମସ୍ତ ଅଳଙ୍କାରରେ ମଣ୍ଡିତା ହୋଇଥିଲେ । ମଙ୍ଗଳାଙ୍କୁ

ତପସ୍ୟା କରି ଅଗ୍ନିରେ ଝାସ ଦେଇଥିବାରୁ ତେଜରେ ଝଲମଲ ଦେଖା ଯାଉଥିଲେ । ରୂପରେ ଏବଂ ତେଜରେ ଦ୍ୱିତୀୟ ପାର୍ବତୀ ଭଳି ଦେଖା ଯାଉଥିଲେ । ସେ ବଣିକପୁତ୍ରଙ୍କର ପ୍ରଶ୍ନ ଶୁଣି କିଛି ସମୟ ଧ୍ୟାନକଲେ । ବଣିକ ପୁତ୍ରଙ୍କର ଜନନୀ ଏକଦା ରଜସ୍ୱଳା ଥିବା ସମୟରେ ରାନ୍ଧିରେ ଦ୍ରବ୍ୟ ଭୋଜନ କରି ଥିବାରୁ ସେହି ପାପର ପରିଣାମ ସ୍ୱରୂପ ଶଯ୍ୟାରେ କ୍ରିମି ହୋଇଯାଉଛନ୍ତି ବୋଲି କହିଲେ । ବଣିକପୁତ୍ର ବିନୀତ ଭାବରେ ଏହାର କାରଣ ଓ ନିରାକରଣର ବିଷୟରେ ପଚାରିଲେ । ନେତବତୀ ଏହାର ଉପାୟ ବତାଇ ଦେଲେ । ମଙ୍ଗଳବାର ଦିନ ସଂକ୍ରାନ୍ତି ପଡ଼ିଲେ ନଦୀରେ ସ୍ନାନକରି ଜଳକୁମ୍ଭ ଆଣି ସୂର୍ଯ୍ୟ ଓ ମଙ୍ଗଳାଦେବୀଙ୍କୁ ପୂଜାକରି ଅଷ୍ଟଗ୍ରନ୍ଥିଯୁକ୍ତ ଡ଼ୋରକୁ ବାହୁରେ ବନ୍ଧନ କଲେ ତାଙ୍କର ମାତା ପାତକ ମୁକ୍ତ ହେବେ ବୋଲି ସୂଚନା ଦେଲେ ।

ପଦ୍ମାବତୀଙ୍କୁ ସର୍ବ ମଙ୍ଗଳା ଏହି ବୃତ୍ତାନ୍ତ ଜଣାଇ ଥିଲେ । ଏହାପରେ ସମ୍ଭାର ଆୟୋଜନ କରି ବିଧି ପୂର୍ବକ ପୂଜାକରିବା ଲାଗି ନେତ୍ରାଣୀ ଧୋବଣୀ ବଣିକ ପୁତ୍ରକୁ କହିଥିଲେ । ନାରଦ ସଚୀଦେବୀଙ୍କୁ ଏହି ବ୍ରତ କରିବା ଲାଗି ଉପଦେଶ ଦେଇଥିଲେ । ସଚୀଦେବୀ ବିଧି ପୂର୍ବକ ବ୍ରତ ପାଳନକଲେ । ବ୍ରତ ପ୍ରସାଦରୁ ଇନ୍ଦ୍ର ଶତ୍ରୁଙ୍କୁ ଜୟକଲେ । ପୁନର୍ବାର ଇନ୍ଦ୍ରତ୍ୱ ପାଇଲେ । ସଚୀଙ୍କ ସହିତ ସ୍ୱର୍ଗଭୋଗ କଲେ ।

ସଚୀ ସୂର୍ଯ୍ୟଦେବ ଓ ଦେବୀଙ୍କର ଏହି ଉତ୍ତମ ବ୍ରତ କରିବା ଫଳରେ ଇନ୍ଦ୍ର ସ୍ୱର୍ଗ ପାଇଲେ । ଧନଞ୍ଜୟଙ୍କର ମାଆ ନେତବତୀ ଧୋବଣୀପ୍ରସାଦରୁ କ୍ରିମି ସମୂହରୁ ମୁକ୍ତ ହୋଇ ସମସ୍ତ ଭୋଗ ପାଇଥିଲେ । ଏହିବ୍ରତ କଲେ ଧନ ଧାନ୍ୟ ପୁତ୍ର ପୌତ୍ର ସହିତ ନାନା ଭୋଗକରି ଶେଷରେ ଦେବୀଲୋକ ପ୍ରାପ୍ତି ହୁଏ । ସ୍ତ୍ରୀ ପୁରୁଷ ଉଭୟେ ଏହି ବ୍ରତ କରି ପାରିବେ ।

## ଗୁରୁପଞ୍ଚମୀ ବ୍ରତ

ଗୁରୁବାର ଦିନ ପଞ୍ଚମୀ ପଡ଼ିଲେ ଏହି ବ୍ରତ ପାଳିତ ହୁଏ । "ଶ୍ରୀ ଦ୍ରମୁନି ସାରଳା ଦାସ ଶରଣଂ, ଲକ୍ଷ୍ମୀ ନାରାୟଣଙ୍କ ପସ୍ତର" ବୋଲି ଉଲ୍ଲେଖ ଥିବା ଗଦ୍ୟରେ ଲିଖିତ ଗୁରୁପଞ୍ଚମୀ ବ୍ରତ ବ୍ୟତୀତ କୌଣସି ଲେଖକଙ୍କର ନାମ ନଥିବା ଆଉ କେତୋଟି ଛନ୍ଦୋବଦ୍ଧ ବ୍ରତକଥା ମଧ୍ୟ ମିଳୁଛି ।

ପୂର୍ବେ ସିଂହଳ ଦ୍ୱୀପରେ ଜଣେ ରାଜା ଥିଲେ । ସେ ଧାର୍ମିକ ଓ ପ୍ରଜା-ବତ୍ସଳ ଥିଲେ । ତାଙ୍କର ନାଆଁ ଧନସ୍ତାନନ୍ଦ । ଧନଧାନ୍ୟ ଅସ୍ତ୍ର-ଶସ୍ତ୍ରରେ ତାଙ୍କର ଭଣ୍ଡାର ପୂର୍ଣ୍ଣ ଥିଲା । ସେ ଥରେ ରାଜ ସଭାରେ ଥିବା ସମୟରେ ବାଲ୍ମୀକି ମୁନି ଆସି ପହଞ୍ଚିଲେ । ରାଜା ତାଙ୍କୁ ଯଥାବିଧି ସମ୍ମାନ ଜଣାଇଲେ । ତାଙ୍କର ବିପଦ ଦୂର ହେବା ଓ ସଂପତ୍ତି ଲାଭ କରିବା ଭଳି ଗୋଟିଏ ବ୍ରତ ପାଳନ ଲାଗି ଇଚ୍ଛୁ ଥିଲା । ସେ ଏହିପରି ଏକ ବ୍ରତର ମାହାତ୍ମ୍ୟ ଓ ବିଧି ବିଧାନ ଜାଣିବାକୁ ଇଚ୍ଛା କଲେ । ବାଲ୍ମୀକି ଆନନ୍ଦରେ ତାହା କହିଲେ ।

ଇନ୍ଦ୍ର ଓ ଅନ୍ୟ ସବୁ ଦେବତାମାନେ ଆସି ବ୍ରହ୍ମାଙ୍କୁ ଇନ୍ଦ୍ରଙ୍କର ଦୁଷ୍କୃତି ଓ ବିପତ୍ତିର କାହାଣୀ ଜଣାଇଲେ । ଥରେ ଦୁର୍ବାସା ବିଷ୍ଣୁଙ୍କର ପୂଜାସାରି ଫୁଲଧରି ଆସିଲେ । ତାହା ଇନ୍ଦ୍ରଙ୍କୁ ଦେଲେ । ଇନ୍ଦ୍ର ତାକୁ ହାତୀ ମୁଣ୍ଡରେ ରଖିଲେ । ଐରାବତ ହାତୀ ସେହି ଫୁଲଟିକୁ ଆଣି ପାଦରେ ଦଳି ଦେଲା । ଋଷିଙ୍କ ଆଗରେ ଏହିକାଣ୍ଡ ଘଟିଗଲା । ସେ ଇନ୍ଦ୍ରଙ୍କୁ ଅଭିଶାପ ଦେଇ କହିଲେ – "ତୋର ଲକ୍ଷ୍ମୀ ଛୁଟିଯାଉ ।" ସଙ୍ଗେ ସଙ୍ଗେ ଇନ୍ଦ୍ରଙ୍କର ସମସ୍ତ ସଂପତ୍ତି ନାରଖାର ହୋଇଗଲା । ସେହିଦିନ ଠାରୁ ତାଙ୍କୁ ନାନା ବିପତ୍ତି ଗୋଡ଼ାଉଛି । ବ୍ରହ୍ମା ଦେବଗଣଙ୍କ ଠାରୁ ଏହି ସମ୍ବାଦ ପାଇ ନାରାୟଣଙ୍କଠାରେ ପହଞ୍ଚିଲେ । ନାରାୟଣ ସବୁ ଶୁଣିଲେ । ସେତେବେଳେ ତାଙ୍କ ପାଖରେ ଲକ୍ଷ୍ମୀ ନଥିଲେ । ସେ କ୍ଷୀର ସମୁଦ୍ରରେ ଥିଲେ । ତେଣୁ ସେ କ୍ଷୀର ସମୁଦ୍ର ମନ୍ଥନ ଲାଗି ସେମାନଙ୍କୁ ପରାମର୍ଶ ଦେଲେ । ଏହା ଫଳରେ ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ

ଅନେକ କ୍ରନଷ ମିଳପାରିବ ବୋଲି ସୂଚନା ଦେଲେ । ସମସ୍ତ ଦେବତା ମିଳମିଶି ସମୁଦ୍ର ମନ୍ଥନଲାଗି ପ୍ରସ୍ତୁତ ହେଲେ । ତାହାପରେ ସମୁଦ୍ର ମନ୍ଥନ ଓ ଅନ୍ୟାନ୍ୟ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି ।

ଗଦ୍ୟରେ ମିଳୁଥିବା ବ୍ରତକଥାଟିରେ ଅଛି, କୁବେରଙ୍କ ଭଣ୍ଡାର ଖାଲି ହୋଇ ଯିବାରୁ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଦଶଦିଗପାଳ ଧନ ରତ୍ନର ସନ୍ଧାନ ନେଲେ । ସେମାନେ କ୍ଷୀର ସମୁଦ୍ରରେ ସପ୍ତନିଧି ଅଛି ବୋଲି ଜଣାଇବାରୁ ସମୁଦ୍ର ମନ୍ଥନର ଆୟୋଜନ ହେଲା । ଏହି ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି — " ଶୁଣି ପିତାମହ ଆଜ୍ଞାଦେଲେ, ହେ ଦେବତାଏ ! କେମନ୍ତ ପ୍ରକାରେ ସମୁଦ୍ର ମନ୍ଥନ କରିବା । କରଯୋଡ଼ି ସମସ୍ତ ଦେବତାଏ ବୋଇଲେ, ହେ ଦେବ । ମେରୁ କରିବା ଦଣ୍ଡ, ପୃଥିବୀ କରିବା ଖୁଆ, ବାସୁକୀ କରିବା ରଜ୍ଜୁ, ତେତିଶ କୋଟି ଦେବତାଏ ହୋଇବେ ଜଗି । ଯେମନ୍ତ ପ୍ରକାରେ ସମୁଦ୍ର ମନ୍ଥନ କରିବା । " ପୁଣି କୁହାଯାଇଛି — " ବଳୀନାମେ ରାଜା ଆସି, ପୃଥ୍ୱୀ-ଦେବୀ ଆସି, ମେରୁ ପର୍ବତକୁ ନେଲେ । ତେତିଶ କୋଟି ଦେବତା, ବ୍ରହ୍ମା, ବିଷ୍ଣୁ, ମହେଶ ସହିତ ସମସ୍ତେ ଗଲେ । ଚନ୍ଦ୍ର ସୂର୍ଯ୍ୟ ଦଶଦିଗ ପାଳଙ୍କୁ ଘେନି ସମୁଦ୍ର ନିକଟେ ସମସ୍ତେ ପ୍ରସନ୍ନ ହୋଇଲେ । ସମୁଦ୍ର ମନ୍ଥନ ହେଲା । "

ପ୍ରଥମେ ସମୁଦ୍ରରୁ ଐରାବତ ହସ୍ତୀ ବାହାରିଲା । ତାକୁ ଇନ୍ଦ୍ର ନେଲେ । ତା'ପରେ ସ୍ୟମନ୍ତକ ମଣି ବାହାରିଲା । ତାକୁ ସୂର୍ଯ୍ୟଙ୍କୁ ଦିଆଗଲା । ସପ୍ତ ନିଧି ଜାତ ହେଲା । ତାହା କୁବେରଙ୍କ ଭଣ୍ଡାରରେ ସାଇତା ହେଲା । ଅଷ୍ଟ ଅପ୍ସରା ଜନ୍ମହେଲେ । ପୁନରପି ମନ୍ଥନ ହେଲା । ତହୁଁ ଚନ୍ଦ୍ରମୁଖୀ ପଦ୍ମାସନା ପରମେଶ୍ୱରୀ, ଭୂତ-ଭବିଷ୍ୟକାରିଣୀ ଚଞ୍ଚଳା ଲକ୍ଷ୍ମୀ ଜାତ ହେଲେ । ତାଙ୍କୁ ନାରାୟଣ ନେଲେ । ପୁନର୍ବାର ମନ୍ଥନ ହେଲା । ଏଥର ଅମୃତ ବାହାରିଲା । ତାକୁ ଦେବତାମାନେ ଭକ୍ଷଣ କଲେ । ପୁନର୍ବାର ଦେବଦାନବ ମିଳି ଅତି ମନ୍ଥନ କରିବାରୁ କାଳକୂଟ ବାହାରିଲା । ତା'ର ତେଜରେ ତ୍ରିଭୁବନ ଦଗ୍ଧ ହେବାକୁ

ଜନ୍ମିଲା । ଦେବତା ମାନେ ଭୟରେ ପଳାଇଲେ । ଏଥିରୁ ରକ୍ଷା କରିବା ଲାଗି ସ୍ୱର୍ଗରୁ ଧୂର୍ଜଟିଙ୍କୁ ପ୍ରାର୍ଥନା କରାଗଲା । ସେ ତାହା ଟେକିକରି କଣ୍ଠରେ ରଖିଲେ । ତାଙ୍କର ଶିରରେ ପୁଷ୍ପବୃଷ୍ଟି ହେଲା । ସେ ନୀଳକଣ୍ଠ ନାମ ଧାରଣ କଲେ ।

କାଳକୂଟ ବିଷ ସ୍ତୁତିକଲା--"ହେ ଦେବ ଚନ୍ଦ୍ରଶେଖର ମୋହର ତେଜ ଦରଶନ କର । ତହୁଁ ସେ କଣ୍ଠୁ ବିଷ କାଢ଼ି ପକାଇଲେ । ତହୁଁ ସାପମାନେ ଅଇଲେ । ଖର୍ପି, ଖରଷାଣ, ଅହିରାଜ, ଚମ୍ପା ଗୋଖର ମାନେ ତାହା ଖାଇଲେ । ଅନ୍ୟସାପମାନେ ନିର୍ବିଷ ହୋଇଲେ ।" ଏହି ପ୍ରସଙ୍ଗରେ ଲକ୍ଷ୍ମୀ ବିଷ୍ଣୁଙ୍କୁ ବରଣ କରିବାର ଚମତ୍କାର ଦୃଶ୍ୟ ଜୀବନ୍ତ ଭାଷାରେ ବର୍ଣ୍ଣିତ ହୋଇଛି— "ଏଥୁ ଅନନ୍ତରେ ସେ ପରମେଶ୍ୱରୀ ଦେଖି ସକଳ ଦେବତାଏ ମୋହଗତ ହୋଇଲେ । ତାହାଦେଖି ବ୍ରହ୍ମା ବୋଇଲେ ଯେଉଁ ପରମେଶ୍ୱରୀ ହାଥେ ରତ୍ନମାଳା ଦେବା । ସେ ରତ୍ନମାଳା ଯାହା, କଣ୍ଠରେ ଦେବ ସେ ତାହାର ଭର୍ତ୍ତା ହୋଇବ । ଯେଉଁ କଥା ସବୁଙ୍କୁଇ ଯୋଗାଇଲା । ସେ ପରମେଶ୍ୱରୀ ହାଥେ ରତ୍ନମାଳା ଗୋଟିଯେ ଦେଲେ । ସେ କନକ ମାଳା ପରମେଶ୍ୱରୀ ଘେନଲେ । ସେ ଲକ୍ଷ୍ମୀ ସୁହସିତ ହୋଇ ବନମାଳା ଘେନଲେ । ତେତିଶ କୋଟି ଦେବତାଙ୍କ ମଧ୍ୟେ ଆମ୍ବବତୀ, ଜମ୍ବୁବତୀ, ତୁଳସୀବତୀ, ପଦ୍ମାବତୀ, ରୁକ୍ମିଣୀ, ସତ୍ୟଭାମା, ଯେଉଁମାନଙ୍କୁ ଘେନି ସେ ପରମେଶ୍ୱର ବିଜେ କରିଛନ୍ତି । ଯେଉଁମନ୍ତ ପ୍ରକାରେ ଶଙ୍ଖଚକ୍ର ବେନି ଘେନି ବିଜେ କରିଛନ୍ତି । ସେ ପରମ ଲକ୍ଷ୍ମୀ ସେ ମାଳା ବିଷ୍ଣୁ କଣ୍ଠରେ ଲମ୍ବାଇଲା । ସକଳ ଦେବତାମାନେ ବିଷ୍ଣୁଙ୍କୁ ସାଧୁ ସାଧୁ କଲେ । ପରମେଶ୍ୱରୀ ଲକ୍ଷ୍ମୀଙ୍କୁ ଆଣି କୋଡ଼େ ବସାଇଲେ । ବ୍ରହ୍ମା ବୋଇଲେ ହେ ଦେବ ଆଜ୍ଞା ଦେଲେ ଯେ ଯାହା ଥାନକୁ ଯାଉନ୍ତୁ ।"

ବିଷ୍ଣୁ ଲକ୍ଷ୍ମୀଙ୍କ ସହିତ ସମୁଦ୍ରରୁ ବାହାରି ଆସି ତଟରେ ଏକ ସୁନ୍ଦର ସ୍ଥାନ ଓ ପୁଷ୍କରିଣୀ ଦେଖିଲେ । ଲକ୍ଷ୍ମୀ ସେହିଠାରେ ବିଷ୍ଣୁଙ୍କୁ ବିଶ୍ରାମ କରିବାକୁ କହିଲେ । ସେଦିନ ଲକ୍ଷ୍ମୀଙ୍କର ଗୁରୁପଞ୍ଚମୀ

ବ୍ରତ ପଡ଼ିଥିଲା । ବିଷ୍ଣୁ ତାହା ଶୁଣି ଅଷ୍ଟନାୟିକାଙ୍କୁ ଡ଼କାଇଲେ । ସେମାନଙ୍କୁ ଗୁରୁପଞ୍ଚମୀ ବ୍ରତ କରିବାକୁ କୁହାଗଲା । ସେମାନଙ୍କ ମଧ୍ୟରୁ ଶାମ୍ବବତୀର ଅନୁରୋଧରେ ବ୍ରତର ବିଧାନ ପରମଲକ୍ଷ୍ମୀ କହିଥିଲେ । ସେମାନେ ସେଠାରେ ପରମ ଉଲ୍ଲାସରେ ଗୁରୁପଞ୍ଚମୀ ବ୍ରତ ପୂଜା କରୁଥିବା ସମୟରେ ହୁଳହୁଳି ଶବ୍ଦ ଶୁଣି ଇନ୍ଦ୍ର ସେଠାରେ ପହଞ୍ଚିଲେ । ସେ ଏହି ବ୍ରତ କରିବାକୁ ଇଚ୍ଛା ପ୍ରକାଶ କଲେ । ଅଷ୍ଟ କନ୍ୟା ଇନ୍ଦ୍ରଙ୍କୁ ଏହି ବ୍ରତର ବିଧି ବିଧାନ ବତାଇଲେ । ଇନ୍ଦ୍ର ବ୍ରତ କଲେ । ସ୍ୱର୍ଗ ସଂପତ୍ତି ପାଇଲେ । କିଛି ଦିନପରେ ଏହି ବ୍ରତ ଭୁଲି ଯିବାରୁ ଲକ୍ଷ୍ମୀଙ୍କର କୋପ ପଡ଼ିଲା । । ସ୍ୱର୍ଗ ଇନ୍ଦ୍ର ଭବନ ହତଶିରୀ ହେଲା । ଦେବତା ମାନେ ଓ ବ୍ରହ୍ମା ନାରାୟଣଙ୍କ ନିକଟରେ ପହଞ୍ଚି ଏହାର କାରଣ ପଚାରିଲେ । ଶେଷରେ ଲକ୍ଷ୍ମୀଙ୍କ ଠାରୁ ଏହାର କାରଣ ଓ ନିରାକରଣର ଉପାୟ ବୁଝିଲେ । ଇନ୍ଦ୍ର ପୁନର୍ବାର ନାରଦଙ୍କ ଠାରୁ ଏହି ସମ୍ବାଦ ଶୁଣି ଗୁରୁ ପଞ୍ଚମୀ ବ୍ରତ କଲେ । ତାଙ୍କର ପୂର୍ବ-ଅଧିକାର-ସଂପଦ ଫେରି ଆସିଲା । ଏହି ପ୍ରସଙ୍ଗରେ ନାରଦ ଗୁରୁପଞ୍ଚମୀର ମହିମା ବର୍ଣ୍ଣନା କରି ଅନ୍ୟ ଏକ କଥା କହିଛନ୍ତି ।

ସତ୍ୟ ଯୁଗରେ ପିଙ୍ଗଳ ରାଜ୍ୟରେ ମହେନ୍ଦ୍ର ବୋଲି ଜଣେ ରାଜା ଥିଲେ । ତାଙ୍କ ରାଣୀଙ୍କ ନାମ ବଲ୍ଲଭା । ଦିନେ ସେ ରାଜା ମୃଗୟା କରିଗଲେ । ସେଦିନ ଗୁରୁପଞ୍ଚମୀ ବ୍ରତ । ଅରଣ୍ୟ ମଧ୍ୟରେ କାମପୁର ନାମରେ ଗୋଟିଏ ନଗର ଥିଲା । ସେହି ନଗରର ଅଧିପତି ଧନପାଳ । ସେ ଲୋକମାନଙ୍କୁ ସଙ୍ଗରେ ଘେନ ଗୁରୁପଞ୍ଚମୀ ବ୍ରତ କରୁଥିଲା । ରାଜା ସେଠାରେ ପହଞ୍ଚି ଏହି ବ୍ରତର ମହିମା ଓ ବ୍ରତର ବିଧି ବିଧାନ ବୁଝିଲେ । ବ୍ରତ କରିବେ ବୋଲି ମନସ୍ଥ କଲେ । କିନ୍ତୁ ଧନ ଗର୍ବରେ ମତ୍ତ ହୋଇ ବ୍ରତ ପାଶୋରି ଦେଲେ । ଲକ୍ଷ୍ମୀଙ୍କର କୋପ ପଡ଼ିଲା । ରାଜ୍ୟରେ ଶତ୍ରୁ ପ୍ରବଳତର ହେଲେ । ଲୋକମାନେ ମେଳି ହୋଇ ରାଜାଙ୍କୁ ମାରିଦେବ ବୋଲି ବସିଲେ । ରାଜା ରାଣୀଙ୍କ ସହ ବଣକୁ ବାହାରିଲେ । ବଣରେ ଯାଇ ଗୋଟିଏ ଶାଳଗଛ ମୂଳରେ

ବସିଲେ । ସେହି ସମୟରେ ରାଣୀଙ୍କ ଆଗରେ ବ୍ରତ କଥା କହିଲେ । ଲକ୍ଷ୍ମୀଙ୍କ ନାମ ସ୍ମରଣ କରି ସ୍ନାନ ସାରି ଧନପାଳଙ୍କ ପିଣ୍ଡାରେ ଯାଇ ବସିଲେ । ସେମାନେ ସେଠାରେ ଭିକ୍ଷା କରିବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ଧନପାଳ କହିଲେ ଆମ ରାଜ୍ୟରେ କେହି ଭିକ୍ଷା କରନ୍ତି ନାହିଁ । ସେ ରାଜା ପିଙ୍ଗଳ ଓ ରାଣୀ ବଜ୍ରଭାଙ୍କ ପାଇଁ ଘରଟିଏ ଦେଇ ଧନ ଧାନ୍ୟ ଖଞ୍ଜିଦେଲେ । ରାଣୀ ରନ୍ଧନ ଶାଳାକୁ ଯାଇ ପାକ ପ୍ରସ୍ତୁତ କଲେ । ଲକ୍ଷ୍ମୀ ମାୟା କୁକୁରଟିଏ ପଠାଇଲେ । ସେ ଖାଦ୍ୟକୁ ଅଖାଦ୍ୟ କରିଦେଲା । ରାଜା ରାଣୀ ଉପବାସ ରହିଲେ । ଧନପାଳ ସେମାନଙ୍କୁ ଦୁର୍ବଳ ଦେଖି କାରଣ ପଚାରିବାରୁ ରାଜା କୁକୁର ବୃତ୍ତାନ୍ତ କହି ସାବଧାନ ହେବା ଉପାୟ ଅଛନ୍ତି ବୋଲି ଜଣାଇଲେ । ଧନପାଳଙ୍କ ଆଦେଶରେ ଦୁଇଗୁଣ ଖାଦ୍ୟ ପଦାର୍ଥ ଦିଆଗଲା । ପାଇକମାନେ ଜଗି ବସିଲେ । ରାଜା ଖାଇବା ବେଳେ କୁକୁର ଛୁଇଁ ଦେଇଗଲା । ସମସ୍ତେ ମାର୍ ମାର୍ କହିଲା ବେଳକୁ କୁକୁର ଅନ୍ତର୍ଦ୍ଧାନ ହୋଇଗଲା । ଧନପାଳ ଏହି ଖବର ଜାଣିଲେ । ରାଣୀଙ୍କୁ ଡକାଇ ସେ କି ପାପ କରିଛନ୍ତି ବୋଲି ପଚାରିଲେ । ତାଙ୍କୁ ନିଜଘରେ ରଖାଇ ଖାଇବାକୁ ଦେଲେ । କିଛିଦିନ ପରେ ଗୁରୁପଞ୍ଚମୀ ବ୍ରତ ପଡ଼ିଲା । ସେ ରାଜ୍ୟରେ ସମସ୍ତେ ରାଜାଙ୍କ ସହିତ ମିଶି ବ୍ରତ ପାଳନ କରନ୍ତି । ପିଙ୍ଗଳ ଓ ବଜ୍ରଭା ସେମାନଙ୍କ ସହିତ ମିଶି ବ୍ରତ ପାଳିଲେ । ଲକ୍ଷ୍ମୀ ସେମାନଙ୍କ ଉପରେ ପ୍ରସନ୍ନ ହେଲେ । ହାତୀ ସୁନା କଳସ ଢାଳିଲା । ସେ ପୁଣି ନିଜ ରାଜ୍ୟରେ ଯାଇ ରାଜା ହେଲେ । ଧନପାଳ ସାଧବଙ୍କର ଉପକାର ଭୁଲିଲେ ନାହିଁ । ତାକୁ ଡକାଇ ନେଇ ମନ୍ତ୍ରୀପଣରେ ଗାଡ଼ିଦେଲେ । ସପ୍ତପାତାଳ ମର୍ତ୍ତ୍ୟରେ ରାଜା ହେଲେ । ଏହାପରେ ମର୍ତ୍ତ୍ୟରେ ନାରଦ ଗୁରୁପଞ୍ଚମୀ ବ୍ରତକଥା ସ୍ୱର୍ଗରେ ଇନ୍ଦ୍ରଙ୍କୁ କହିଛନ୍ତି ।

ଏହି ବ୍ରତଟି ପଦ୍ମପୁରାଣରୁ ଆସିଛି ବୋଲି ଉଲ୍ଲେଖ ଅଛି । କିନ୍ତୁ ସଂସ୍କୃତ ପଦ୍ମପୁରାଣରେ ଥିବା ଗୁରୁପଞ୍ଚମୀ ବ୍ରତ କଥା ଉପରୋକ୍ତ ବ୍ରତକଥା ଠାରୁ ସାମାନ୍ୟ ଭିନ୍ନ । କିନ୍ତୁ ମୂଳ କଥା, ମୂଳ କାହାଣୀଟି ଏକା ଭଳି ।

## ସୁଦଶା ବ୍ରତ

ରବନାରାୟଣ ଓ ଗୁରୁପଞ୍ଚମୀ ପରି ସୁଦଶା ବ୍ରତ ମଧ୍ୟ ଗୋଟିଏ ଯୋଗଜ ବ୍ରତ । ଏହାର କୌଣସି ନିର୍ଦ୍ଦିଷ୍ଟ ମାସ ନାହିଁ । ଯେ କୌଣସି ମାସର ଶୁକ୍ଳପକ୍ଷ ଦଶମୀ ଦିନ ଗୁରୁବାର ପଡ଼ିଲେ ଏହି ବ୍ରତ ପାଳିତ ହୁଏ । ବଳରାମ ଦାସକୃତ ମହାଲକ୍ଷ୍ମୀ ପୁରାଣରେ ଏହାକୁ ଲକ୍ଷ୍ମୀଙ୍କର ପ୍ରିୟବ୍ରତ ବୋଲି ଉଲ୍ଲେଖ କରା ଯାଇଛି । ଧାନ ମାଣିକା ଓଷା ବା ମାର୍ଗଶିର ମାସର ଗୁରୁବାର ଓଷା ଏବଂ ସୁଦଶା ବ୍ରତ କଥା ବୋଲି ସ୍ୱତନ୍ତ୍ର ବ୍ରତକଥା ଅଛି । ଏହି ବ୍ରତ କଥାଟି ପୁରୁଣା ଓଡ଼ିଆ ଗଦ୍ୟରେ ଲିଖିତ ଏବଂ ୧୯୩୦ରେ ହରିସାହୁଙ୍କ ଦ୍ୱାରା ଦତ୍ତ ପ୍ରେସରୁ ଦ୍ୱିତୀୟବାର ପ୍ରକାଶିତ । ସଂସ୍କୃତ ସୁଦଶାବ୍ରତ କଥାଠାରୁ ବିଷୟ ବସ୍ତୁ ଦୃଷ୍ଟିରୁ ଏଥିରେ ବିଶେଷ ପାର୍ଥକ୍ୟ ନାହିଁ ।ଏହା ପଦ୍ମ ପୁରାଣରୁ ଗୃହୀତ ।

ସତ୍ୟ ଯୁଗର କଥା । ଧାର ବିକ୍ରମ ବୋଲି ଜଣେ ରାଜା ଥିଲେ । ତାଙ୍କ ରାଣୀଙ୍କ ନାମ ରତ୍ନାବତୀ । ସେହି ରାଜ୍ୟର ମନ୍ତ୍ରୀ ହେଉଛନ୍ତି ବିକ୍ରଟେଶ୍ୱର । ତାଙ୍କ ପତ୍ନୀଙ୍କ ନାମ ପଦ୍ମାବତୀ । ଦିନେ ରତ୍ନାବତୀ ଓ ପଦ୍ମାବତୀ ସ୍ନାନ କରିବାକୁ ଯାଇଥିଲେ । ଦେଖିଲେ ସ୍ୱର୍ଗର ଦେବତାମାନେ ଆସି ସ୍ନାନ ମଣ୍ଡପରେ ଗୋଟିଏ ମଣ୍ଡଳ ଆଙ୍କି ଗୁଆ ଘିଅରେ ଜାଗର ଜାଳି, ଗୋସାମଣିଙ୍କୁ ପୂଜା କରୁଛନ୍ତି । ଏମାନେ ପଚାରିବାରୁ ଦେବକନ୍ୟାମାନେ କହିଲେ — "ଏ ଆମ୍ଭର ଶ୍ରୀ ସୁଦଶାବ୍ରତ ଓଷା । ଏହାକଲେ ମନବାଞ୍ଛା ପ୍ରାପ୍ତ ହୁଅଇ । ଏ ବ୍ରତ ତୁମ୍ଭେ କର । ମର୍ତ୍ତ୍ୟପୁରରେ ବିଖ୍ୟାତ ହେଉ ।" ତାହାପରେ ସେମାନେ ବ୍ରତର ବିଧି ବିଧାନ ଓ ମହିମା କଥା ଶୁଣାଇ ନିମ୍ନୋକ୍ତ କାହାଣୀଟି କହିଲେ ।

ପୂର୍ବ କାଳରେ ବିକ୍ରମାଦିତ୍ୟ ବୋଲି ଜଣେ ରାଜା ଥିଲେ । ତାଙ୍କ ରାଣୀଙ୍କ ନାମ ସୁଲକ୍ଷଣୀ । ମନ୍ତ୍ରୀ ପତ୍ନୀ ଦୁଲଣୀଙ୍କ ସହିତ ତାଙ୍କର ବନ୍ଧୁତା ଥିଲା । ଦୁଇ ସଖୀଙ୍କର ପରଲୋକ ହେଲା ।

ପରଲୋକରେ ପାପପୁଣ୍ୟର ବିଗ୍ଭର ହେଲା । ଦୁଲଣୀ ବିଚାରେ ହେଲେ । ରାଣୀ ଏହାର କାରଣ ପଚ଼ାରିବାରୁ ଦେବତାମାନେ କହିଲେ, ଦୁଲଣୀ ଲକ୍ଷ୍ମୀବ୍ରତ କରଥିବାରୁ ତା'ର ପୁଣ୍ୟ ଅଧିକ ହେଲା ଏବଂ ସେ ସ୍ୱର୍ଗକୁ ଗଲା । ରାଣୀ ଏହି ବ୍ରତ କଲେ ଅନୁରୂପ ଗତି ଲାଭ କରିବେ । ଯମ ଦେବତା ପୁନର୍ବାର ସେମାନଙ୍କୁ ମର୍ତ୍ତ୍ୟରେ ଜନ୍ମଦେଲେ । ରାଣୀ ମନ୍ତ୍ରୀ ଘରେ ଦୁଲଣୀ ରାଜ କୁଳରେ ଜନ୍ମହେଲେ । ଏକା ନଗରରେ ଦୁହେଁ ଦୁଇ ମଇତ୍ର ହୋଇ ରହିଲେ ।

ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗୁରୁବାର ପଡ଼ିଲା । ସୁଳକ୍ଷଣୀ ପୂର୍ବ ଜନ୍ମରେ ରାଣୀଥିଲା । ଏ ଜନ୍ମରେ ମନ୍ତ୍ରୀଘରେ ଜନ୍ମ ହୋଇଛି । ଦୁଲଣୀ ରାଜକୁଳରେ ଜନ୍ମ ହୋଇଛି । ସୁଳକ୍ଷଣୀ ଦୁଲଣୀକୁ କହିଲା —"ସୁଦଶା ବ୍ରତ ପଡ଼ିଛି ।" ଦୁଲଣୀ ରାଣୀ । ସେ ଏକଥା ରାଜାଙ୍କୁ କହିଲେ । ରାଜ୍ୟରେ ସୁଦଶାବ୍ରତ ପାଳନର ଆୟୋଜନ ହେଲା । ଏହି ପ୍ରସଙ୍ଗରେ ବର୍ଣ୍ଣନା ଅଛି—"ରାଜା ଶୁଣି ନଗରରେ ଝାଟିଆଳ ପାଣି ଢଆଇଲେ ।" ଦ୍ରବ୍ୟ ଗୃହକୁ ଆଣିଲେ । ରାଣୀ ସୁଦଶାବ୍ରତ କରୁ ଅଛନ୍ତି । ଶୁକପାଠରେ ବ୍ରତ ବିଧାନ କରାଇଲେ । ପ୍ରଥମେ ମହା-ଲକ୍ଷ୍ମୀ ନାମ ଧରି ଗଣ୍ଠି ପକାଇବ, ଦ୍ୱିତୀୟରେ କମଳା, ତୃତୀୟେ ପଦ୍ମା ଚତୁର୍ଥେ ହରିପ୍ରିୟା, ପଞ୍ଚମେ ଦାରିଦ୍ର୍ୟ ଭଞ୍ଜନୀ, ଷଷ୍ଠେ କୌମୋଦକୀ, ସପ୍ତମେ ଗଜବାହିନୀ, ଅଷ୍ଟମେ ଚଞ୍ଚଳା, ନବମେ ଜାନକୀ, ଦଶମେ ରୁକ୍ମଣୀ । ଏହାଙ୍କ ନାମ ଧରି ଦଶଗଣ୍ଠି ପକାଇବ । ବ୍ରାହ୍ମଣ ବରଣ କରି କଥା ଶୁଣିବ । ଏ ରୂପେ କରି ବ୍ରତ ହସ୍ତରେ ବନ୍ଧନ କଲେ । ପିଠା ପାରଣା କଲେ ।" ଏମିତି କିଛିଦିନ ଗଲା । ମନ୍ତ୍ରୀ ପତ୍ନୀଙ୍କର ବ୍ରତ ହଜିଲା । ଖାଇବା ପିଇବା ଛାଡ଼ିଦେଲେ । ବ୍ରତ ନମିଳିଲା ଯାଏ ଉପାସ ରହିବା କଥା । ଏମିତି ତିନିଦିନ ଉପାସ ରହିଲେ । ମନ୍ତ୍ରୀ ରାଜାଙ୍କୁ କହିଲେ — "ହେ ଦେବ ! ମୋ ପତ୍ନୀ ମରୁଅଛି । × × ସୁଦଶା ବ୍ରତ ହଜିଲା ଲୋଡ଼ି ନପାଇଲୁଁ ।

ମନ୍ତ୍ରୀ ପତ୍ନୀ କହିଲା, ବ୍ରତ ଯଦି ନମିଳେ କାହାଠାରୁଁ ସ୍ୱର୍ଣ୍ଣ ବ୍ରତ ଗୋଟିଏ ଦେଲେ ମୁଁ ଅନ୍ନ ଖାଇବି।" ରାଜା ଜାଣିଲେ ରାଣୀଙ୍କର ଏହି ବ୍ରତ ଅଛି। ତାଙ୍କୁ ମନ୍ତ୍ରୀ ପତ୍ନୀଙ୍କ ଅସୁବିଧା ଜଣାଇଲେ। ବ୍ରତଟି ତାଙ୍କ ପାଇଁ ଦେବାକୁ କହିଲେ। ରାଣୀ ଅସମ୍ମତ ହେଲେ। ଏପରି ବ୍ରତ ଦେଲେ ତାଙ୍କର ସକଳ ସମ୍ପତ୍ତି ମନ୍ତ୍ରୀଙ୍କର ହୋଇଯିବ ବୋଲି କହିଲେ। ରାଜା ବୁଝିଲେ ନାହିଁ। ରାଣୀଙ୍କଠାରୁ ଛଡ଼ାଇ ନେଇ ବ୍ରତଟି ମନ୍ତ୍ରୀଙ୍କୁ ଦେଲେ। ମନ୍ତ୍ରୀ ପତ୍ନୀ ତାହା ଧାରଣ କରି ଯଥାବିଧି ପୂଜାକରି ଅନ୍ନ ଗ୍ରହଣ କଲେ। ଏହାପରେ ରାଜାଙ୍କର ଭାଗ୍ୟ ବିପର୍ଯ୍ୟୟ ଆରମ୍ଭ ହେଲା। ଏହି ପ୍ରସଙ୍ଗରେ ଉଲ୍ଲେଖ ଅଛି—"ପ୍ରାଣ ଅମାତ୍ୟ ଭଣ୍ଡାର ଜବତ କଲେ। ରାଜାଙ୍କୁ ଧନ ମାଗନ୍ତି। ବୋଲନ୍ତି, ଧନ ନଦେଲେ ରାଜ୍ୟ ଗୁଡ଼ିଯାଅ। ଆମ୍ଭେ ଅନ୍ୟ ରାଜା କରିବୁ। ଏହାଶୁଣି ରାଜା ରାଣୀଙ୍କୁ କହିଲେ। ରାଣୀ ବୋଇଲେ ଦେବ ମତ ଗୁଡ଼ି ନଯିବ। ସଙ୍ଗେ ସ୍ତ୍ରୀ ଥିଲେ ଦୁଃଖ ସୁଖ ମଣିବଟି।" ଏଥିରୁ ମନେହୁଏ ସେ ସମୟରେ ମନ୍ତ୍ରୀ ଓ ଅମାତ୍ୟ ବର୍ଗ ରାଜା ନିର୍ବାଚନ କରୁଥିଲେ। ସୁଖ ଦୁଃଖ ସମୟରେ ପତି-ପତ୍ନୀ ସମ୍ପର୍କରେ ନିବିଡ଼ ଆନ୍ତରିକତା ଏଠାରେ ପ୍ରକାଶିତ। ଏହି ପରିସ୍ଥିତିରେ ରାଜା ସପରିବାର ରାଜ୍ୟ ତ୍ୟାଗ କରିବାର ବର୍ଣ୍ଣନା ଅଛି।

ରାଜା, ରାଣୀ ଓ ତାଙ୍କର ଦୁଇପୁଅ ବାଟେ ବାଟେ ଯାଉଥିଲେ। ମହାଲକ୍ଷ୍ମୀ ମାୟାକଲେ। ପରିବାର ବିଚ୍ଛିନ୍ନ ହୋଇଗଲେ। ପୁଅମାନେ ଅନାଥ ହୋଇଗଲେ। ରାଜାରାଣୀ ସେ ଦୁର୍ଗମ ପଥରେ ଯାଉ ଯାଉ ରାଣୀ ରାନ୍ଧିବା ପାଇଁ ପ୍ରସ୍ତୁତ ହେଲେ। ଏହି ପ୍ରସଙ୍ଗରେ ସଂସ୍କୃତ ସୁଦଶା ବ୍ରତ କଥାରେ ଉଲ୍ଲେଖ ଅଛି —

ଏତସ୍ମିନ୍ନନ୍ତରେ ଦେବୀ ଗୃହୀତ୍ୱା ଭାଣ୍ଡ ତଣ୍ଡୁଳଂ
ବୃଦ୍ଧାରୂପା ମହାଲକ୍ଷ୍ମୀ ସ୍ୱଦୈବାନ୍ତର ଧୀମୃତ
ସୁଲକ୍ଷଣା ତଦ୍ ଗୃହୀତ୍ୱା ଭକ୍ତେ ଚୁଲ୍ଲୀଂ ନ୍ୟବେଶୟତ୍
ଭଗ୍ନଂ ଭାଣ୍ଡ ଚୁଲ୍ଲିକାୟା ମତ ସ୍ତଣ୍ଡୁଳ ମିଶ୍ରିତଂ
ଭସ୍ମ ଜାତଂ ପ୍ଲୁତଂ ଜାତଂ ଭୋଜନାୟ ନସଙ୍ଗତଂ
ତତୋ ଗଚ୍ଛନ୍ ଦଦର୍ଶାଗ୍ରେ ଦୁଃଖ ଶୋକ ପରିପ୍ଲୁତଃ

କାମାରଣ୍ୟେର ପଣ୍ଡିତଂ ମସ୍ୟାନା ନିତସ୍ୟଂ ନୃପଃ
ଆକୃଷ୍ୟ ମାସ୍ୟ ତନ୍ନସ୍ୟାନ୍ ମହାଦେବ୍ୟୈ ପ୍ରଦଦୌ କିଲ ॥
ମହିଷୀ ତଚ୍ଚ ସଂସ୍କର୍ତ୍ତୁଂ ମନଶ୍ଚକେ ମନଶ୍ଚକେ ଯଦା ତଦା
ତନ୍ନସ୍ୟାନିତସ୍ୟଂ ହସ୍ତାତ୍ ପାପାୟୁ ମଗମ ଦ୍ରୁତଂ
ତତୋ ଗଚ୍ଛନ୍ ଦଧାଶାନେଗ୍ର ଗ୍ରାମ ଗୋଧନ ସଂକୁଲଂ
ପତ୍ନୀ ମୁସୃକ୍ଷ୍ୟ ରାଜାସୌ ତଚ୍ଚ ଗ୍ରାମେଂଟେଗ ଢ୍ରୁତଂ ॥

ମହାଲକ୍ଷ୍ମୀ ବୃଦ୍ଧାବେଶରେ ପହଞ୍ଚ ଗୁଡ଼ଲଡୁକ ଧରି ଅନ୍ତର୍ହିତା ହେଲେ । ଗୁଡ଼ଲ ଥାଳପରି ଦେଖାଗଲେ ମଧ ହାଣ୍ଡିରେ ଗୁଡ଼ଳ ନଥିଲ । ଚୁଲିରେ ହାଣ୍ଡି ବସାଇଲେ । ଆଉ କିଛି ଗୁଡ଼ଳ ପକାଇଲେ । ଚୁଲି ଉପରୁ ହାଣ୍ଡି ଭାଙ୍ଗି ଗଲା । ଗୁଡ଼ଳ ଯାହା ଥିଲା ପାଉଁଶରେ ମିଶି ଗଲା । ରାଜା ରାଣୀଙ୍କ ଦୁଃଖର ଅନ୍ତ ନାହିଁ । ରାଜା ଅନ୍ୟ ଉପାୟ ଖୋଜିଗଲେ । କିଛି ଦୂରରେ ପୋଖରୀ କୂଳରେ ମାଛ ତିନୋଟି ଦେଖିଲେ । ଧରି ଆଣି ରାଣୀଙ୍କୁ ଦେଲେ । ରାଣୀ ସେତକ କାଟିବାକୁ ନେବାବେଳେ ତିନୋଟି ଯାକ ମାଛ ହାତରୁ ଖସିଯାଇ ପୋଖରୀରେ ପଡ଼ିଗଲେ । ରାଜା ଏ ଘଟଣାମାନ ଦେଖି ରାଣୀଙ୍କୁ ଗୁଡ଼ି ଗାଈ ଗୋରୁ ଚରୁଥିବା ଗୋଟିଏ ଗାଁରେ ପହଞ୍ଚିଲେ । ଏପରି ରାଜା ରାଣୀଙ୍କ ଠାରୁ ବିଚ୍ଛିନ୍ନ ହେଲେ । ଓଡ଼ିଆ ସୁଦଶା ବ୍ରତ କଥାରେ ଏହି ବର୍ଣ୍ଣନା ଟିକିଏ ଭିନ୍ନ ଓ ଜୀବନ୍ତ ।

"ଏମନ୍ତେ ବନସ୍ତେ ଖାଇବାକୁ ନପାଇଲେ । ଫଳମାନ ଅଦୃଶ୍ୟ ହୋଇଲା । ମହା କ୍ଷୁଧାରେ ପୁଷ୍କରଣୀ କୂଳେ ପ୍ରବେଶ ହୋଇଲେ । ରାଣୀ କହିଲେ ମୁଁ ମଳୁଖ ତଣ୍ଡୁଳ ମାଣେ ଆଣି ଅଛି ।ରାଜା ବୋଇଲେ ମତେ କ୍ଷୁଧା ଲାଗିଲା ।ଗୁଡ଼ଲ ମୁଠାଏ ରନ୍ଧନ କରି ଦିଅ । ରାଜା ପୁଷ୍କରଣୀରେ ପ୍ରବେଶ କରି ଦେଖିଲେ । ମହାଲକ୍ଷ୍ମୀଙ୍କ ମାୟାରେ ମଲମାଛ ଦୁଇଗୋଟି ପଡ଼ିଅଛି । ରାଜାସେ ଦୁଇଗୋଟି ହସ୍ତରେ ଧେନିଲେ । ଆଣି ରାଣୀଙ୍କୁ ଦେଇ ବୋଇଲେ ଏ ମାଛ ପୋଡିଦେବ । ରାଣୀ ବୋଇଲେ ରାଜାକନ୍ଧରୁ ଲକ୍ଷ୍ମୀ ଗୁଡ଼ିଲେ । ରାଣୀ ଦେଖି ବିସ୍ମୟ ହେଉ ଅଛନ୍ତି । କି ବିପରୀତ ହେ । ହେ ଉଶ୍ୱରୁ ରାଜା ସ୍ନାନ କରି ଅଇଲେ । ରାଣୀ ବୋଇଲେ ସେ ମାଛ ପୋଡ୍ଲୁ ପୋଡ୍ଲୁ ପାଣିରେ

କାସାରଷ୍ଠିର ପଣ୍ଡିତଂ ମତ୍ସ୍ୟାନା ବିଚିତ୍ରଂ ନୃପଃ
ଆକୃଷ୍ୟ ମାୟୁ ତନ୍ମତ୍ସ୍ୟାନ୍ ମହିଷ୍ୟୈ ପ୍ରଦଦୌ କିଲ ॥
ମହିଷୀ ତଚ୍ଚ ସଂସ୍କର୍ତ୍ତୁ ମନସ୍ଚକେ ମନସ୍ଚକେ ଯଦା ତଦା
ତନ୍ମତ୍ସ୍ୟାନ୍ ବିଚିତ୍ରଂ ହସ୍ତାତ୍ ପାନୀୟୁ ମଗମ ଦ୍ରୁତଂ
ତତୋ ଗଚ୍ଛନ୍ ଦଦର୍ଶାନେ ଗ୍ରାମ ଗୋଧନ ସଂକୁଳଂ
ପତ୍ନୀ ମୁତ୍ସୃଜ୍ୟ ରାଜାସୌ ତସ୍ମ ଗ୍ରାମେଽବସ ଦ୍ଧୃତଂ ॥

ମହାଲକ୍ଷ୍ମୀ ବୃଦ୍ଧାବେଶରେ ପହଞ୍ଚି ଗୁଣ୍ଡଲଡଙ୍କ ଧରି ଅନ୍ତର୍ହିତା ହେଲେ । ଗୁଣ୍ଡଲ ଥିଲପରି ଦେଖାଗଲେ ମଧ୍ୟ ହାଣ୍ଡିରେ ଗୁଣ୍ଡଲ ନଥିଲ । ଚୁଲିରେ ହାଣ୍ଡି ବସାଇଲେ । ଆଉ କିଛି ଗୁଣ୍ଡଲ ପକାଇଲେ । ଚୁଲି ଉପରୁ ହାଣ୍ଡି ଭାଙ୍ଗି ଗଲା । ଗୁଣ୍ଡଲ ଯାହା ଥିଲା ପାଉଁଶରେ ମିଶି ଗଲା । ରାଜା ରାଣୀଙ୍କ ଦୁଃଖର ଅନ୍ତ ନାହିଁ । ରାଜା ଅନ୍ୟ ଉପାୟ ଖୋଜିଗଲେ । କିଛି ଦୂରରେ ପୋଖରୀ କୂଳରେ ମାଛ ତିନୋଟି ଦେଖିଲେ । ଧରି ଆଣି ରାଣୀଙ୍କୁ ଦେଲେ । ରାଣୀ ସେତକ କାଟିବାକୁ ନେଲାବେଳେ ତିନୋଟି ଯାକ ମାଛ ହାତରୁ ଖସିଯାଇ ପୋଖରୀରେ ପଡ଼ିଗଲେ । ରାଜା ଏ ଘଟଣାମାନ ଦେଖି ରାଣୀଙ୍କୁ ଛାଡ଼ି ଗାଈ ଗୋରୁ ଚରୁଥିବା ଗୋଟିଏ ଗାଁରେ ପହଞ୍ଚିଲେ । ଏପରି ରାଜା ରାଣୀଙ୍କ ଠାରୁ ବିଚ୍ଛିନ୍ନ ହେଲେ । ଓଡ଼ିଆ ସୁଦଶା ବ୍ରତ କଥାରେ ଏହି ବର୍ଣ୍ଣନା ଟିକିଏ ଭିନ୍ନ ଓ ଜୀବନ୍ତ ।

"ଏମନ୍ତେ ବନସ୍ତେ ଖାଇବାକୁ ନପାଇଲେ । ଫଳମାନ ଅଦୃଶ୍ୟ ହୋଇଲେ । ମହା କ୍ଷୁଧାରେ ପୁଷ୍କରିଣୀ କୂଳେ ପ୍ରବେଶ ହୋଇଲେ । ରାଣୀ କହିଲେ ମୁଁ ମଲୁଖି ତଣ୍ଡୁଳ ମାଣେ ଆଣି ଅଛି ।ରାଜା ବୋଇଲେ ମତେ କ୍ଷୁଧା ଲଗିଲା । ଗୁଣ୍ଡଲ ମୁଠାଏ ରନ୍ଧନ କରି ଦିଅ । ରାଜା ପୁଷ୍କରିଣୀରେ ପ୍ରବେଶ କରି ଦେଖିଲେ । ମହାଲକ୍ଷ୍ମୀଙ୍କ ମାୟାରେ ମଲମାଛ ଦୁଇଗୋଟି ପଡ଼ିଅଛି । ରାଜାସେ ଦୁଇଗୋଟି ହସ୍ତରେ ଘେନିଲେ । ଆଣି ରାଣୀଙ୍କୁ ଦେଇ ବୋଇଲେ ଏ ମାଛ ପୋଡ଼ିଦେବ । ରାଣୀ ବୋଇଲେ ରାଜାକନ୍ଦରୁ ଲକ୍ଷ୍ମୀ ଛାଡ଼ିଲେ । ରାଣୀ ଦେଖି ବିସ୍ମୟ ହେଉ ଅଛନ୍ତି । କି ବିପରୀତ ସ୍ୱେ । ସ୍ୱେ ଉଠିରୁ ରାଜା ସ୍ନାନ କରି ଅଇଲେ । ରାଣୀ ବୋଇଲେ ସେ ମାଛ ପୋଡ଼ନ୍ତୁ ପୋଡ଼ନ୍ତୁ ପାଣିରେ

ଦଣ୍ଡିଇଁ ଉଡ଼ିଗଲେ । ମଲା ମାଛ କେମନ୍ତେ ଜୀବନ ପାଇଲା । ସେ ତ ଛଳଗ୍ରସ୍ତ ଅଟଇ । ଭୁବନ ମାୟା କଲା । ଏତେକବୋଲି ରଜା ରାଣୀ ସନ୍ତୋଷ ହୋଇ ବନରେ ଯାଉ ଅଛନ୍ତି । ଯାଆନ୍ତେ କମଳାଶ୍ରୀ ଦେଶରେ ପ୍ରବେଶ ହୋଇଲେ । ଶାଳବୃକ୍ଷ ତଳେ ରହିଲେ । ସେ ବୃକ୍ଷ ତଳେ ରହି ଲକ୍ଷ୍ମୀଙ୍କି ସ୍ତୁତି କଲେ ।"

ଏହି ସ୍ତୁତି ଫଳରେ ରଜା ରାଣୀ କମଳାଶ୍ରୀ ଦେଶର ସାଧବଘରେ ପହଞ୍ଚିଲେ । ଭିନ୍ନ ପଥରେ ପହଞ୍ଚି ରଜା ମାଧବ ପାଖରେ, ରାଣୀ ସାଧବାଣୀ ପାଖରେ ରହିଲେ । ସାଧବାଣୀ ରାଣୀଙ୍କୁ ଝିଅଙ୍କ ସଙ୍ଗେ ଝିଅ କରି ରଖିଲା । ରହିଲା ବେଳେ ରାଣୀ ଉଚ୍ଛିଷ୍ଟ ଓ ପାଲଟା ଛୁଇଁବେ ନାହିଁ ବୋଲି କହିଥିଲେ । ସାଧବାଣୀ ଘରେ ଅନେକ ଦାସ ଦାସୀ । ସେମାନେ ଏସବୁ କାର୍ଯ୍ୟ କରନ୍ତି । ରାଣୀ ଘର ଭଳି ଥାଆନ୍ତି । ରଜା ମଧ୍ୟ ମଣ୍ଡପ ପାଖରେ ସେ ରଜାରେ ଭିକ୍ଷାକରି ଚଳିବା ପାଇଁ ସାଧବ ସହିତ କଥାବାର୍ତ୍ତା ହୋଇଥିଲେ । ତେଣୁ ରଜା ସାଧବ ଘରେ ଖୀସୋଇ ପଣେ ରହିଲେ । ଥରେ ସାଧବ ସହିତ ରଜା ଭାତ ଡିଉଣ ମୁଣ୍ଡରେ ରଖି ବିଲକୁ ଯାଉଥିଲେ । କିଛି ବାଟ ଗଲା ପରେ ମାୟାରେ ରଜାଙ୍କ ମୁଣ୍ଡରୁ ଲକ୍ଷ୍ମୀ ବୋଝ ଫୋପାଡ଼ାଇ ଦେଲେ । ଭାତ ଡିଉଣ ନଷ୍ଟ ହେଲା । ଲକ୍ଷ୍ମୀଧର ସାଧବ ରଜାଙ୍କୁ ବଡ ପାପୀ ବୋଲି ମନେକଲେ । ତାଙ୍କୁ ନରେଖି ଗୃହିଁଲେ । କିଛି କହିଲେ ନାହିଁ । ଏହିପରି ସେଠାରେ ରଜା ରାଣୀ ସୁଖ ଦୁଃଖରେ ଚଳିଲେ । କିଛି ଦିନ କଟିଗଲା ।

ଥରେ ଗ୍ରହଣ ପଡ଼ିଲା । ସମସ୍ତେ ନଦୀକି ସ୍ନାନ କରିଗଲେ । ରାଣୀ ପଛେ ଯିବେ ବୋଲି ରହିଲେ । ସାଧବାଣୀର ଝିଅ ବୋହୂ ରାଣୀଙ୍କ ପାଖରେ ଅଳଙ୍କାର ଫରୁଆଟିଏ ରଖି ଦେଇ ଗଲେ । ରାଣୀ ବସି ବସି ଅଙ୍ଗାରରୁ ଖଡ଼ କାଢ଼ି ଗୋଟିଏ ଚିତ୍ର ଆଙ୍କିଲେ । ସେ ଚିତ୍ରରୁ ମାୟା ହଂସଟିଏ ବାହାରିଲା । ଅଳଙ୍କାର ପୁଡ଼ାଟି ଗିଳିଦେଲା । ରାଣୀ ଆଶ୍ଚର୍ଯ୍ୟ ହେଲେ । ସାଧବାଣୀ ଆସିଲା । ଅଳଙ୍କାର ଫରୁଆ ମାଗିଲା ରାଣୀଙ୍କ ଠାରୁ ସକଳ କଥା ଶୁଣିଲା । ତାଙ୍କୁ ଲକ୍ଷ୍ମୀ

ଦୋରେହ୍ଵା ବୋଲି ଭବନ୍ତି । ସାଧବ ସାଧବାଣୀ ରଜା ରାଣୀଙ୍କୁ ଏହିପରି ଦୃଷ୍ଟିରେ ଦେଖିଲେ ମଧ୍ୟ ସହାନୁଭୂତି ଦେଖାଉଥିଲେ ।

ମାଘ ମାସ ଶୁକ୍ଳ, ଦଶମୀ ଗୁରୁବାର ଦିନ ପଡ଼ିଲା । ସାଧବ ଘରେ ସୁଦଶା ବ୍ରତ ହେଲା । ଆୟୋଜନ ଅନୁଷ୍ଠାନରେ ସାଧବ ଘର ଉଜ୍ଜ୍ୱଳ ଉଠିଲା । ସାଧବାଣୀ ସହିତ ରାଣୀ ସୁଦଶାବ୍ରତ ପାଳନ କଲେ । ଲକ୍ଷ୍ମୀଙ୍କୁ ପୂଜି କଲେ । ଲକ୍ଷ୍ମୀ ପ୍ରସନ୍ନ ହେଲେ । ରାଣୀଙ୍କୁ ସ୍ୱପ୍ନ ପ୍ରାପ୍ତ ସବୁକଥା ଚେତେଇ ଦେଲେ । ତାଙ୍କର ଦୁରବସ୍ଥା ଦୂର ହେବ ବୋଲି ସୂଚନା ଦେଇ ଅନ୍ତର୍ଦ୍ଧାନ ହେଲେ । ଓଷା ପୂଜା ସରିଲା । କଥା ବଡ଼ିଲା । ଯିଏ ଯାହା ଦୁବ ଚାଉଳ ନେଲେ । ହାତରେ ବ୍ରତ ବାନ୍ଧି ପିଠା ପାରଣା କଲେ ।

ରଜା ରାଣୀଙ୍କ ଭାଗ୍ୟର ଆକାଶରେ ସିନ୍ଦୂର ଫାଟିଲା । ତାଙ୍କ ରାଜ୍ୟରୁ ତାଙ୍କୁ ବିଦା କରି ଯେଉଁମାନେ ଶାସନ ଚଳାଉଥିଲେ ସେମାନେ ଚଳାଇ ପାରିଲେ ନାହିଁ । ହସ୍ତୀ ସୁନା କଳସ ଧରି ବୁଲିଲା । ରାଜ୍ୟକୁ ଯିଏ କାରେଣ ହେବ ତାଆରି ଉପରେ ଢାଳିବ । ତାକୁ କାନ୍ଧରେ ବସାଇ ନେଇଆସି ରଜା କରିବ । ସେ ହାତୀ ଲକ୍ଷ୍ମୀଧର ସାଧବର କମଳାମା ନଗରରେ ପହଞ୍ଚିଲା । ସାଧବ ଘରେ କ୍ଷୀରସାଗର ପାଖେ ଆତ୍ମଗୋପନ କରି ରହିଥିବା ରଜାଙ୍କ ମୁଣ୍ଡରେ କଳସ ଢ଼ାଳିଲା ।

ସାଧବ ସାଧବାଣୀ, ଘରେ ନିଜର ପରିଚୟ ନଦେଇ ରହିଥିବା ରଜା ରାଣୀଙ୍କର କୋଉକଥାରେ ଉଣା କରି ନଥିଲେ । ତେଣୁ ଏ ଭାଗ୍ୟ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ସାଧବ ସାଧବାଣୀଙ୍କୁ ସାଙ୍ଗରେ ନେଇ ରଜାରାଣୀ ନିଜ ନବରକୁ ଗଲେ । ସାଧବ ସେ ରାଜ୍ୟର ମନ୍ତ୍ରୀପଣ ପାଇଲା । ରଜା, ସାଧବ ହାତୀରେ ବିଜେ କଲେ । ରାଣୀ ସାଧବାଣୀ ହାନ୍ଦୋଳାରେ ବିଜେ କଲେ । ବାଟରେ ଯାଉ ଯାଉ ମଲ୍ଲମାଛ ଦୁଇଟି ପଡ଼ିଥିବାର ଦେଖି ହସିଲେ । ଏହି ସମୟରେ ମହାଲକ୍ଷ୍ମୀ ବ୍ରାହ୍ମଣୀ ରୂପରେ ଆସି ରଜା ରାଣୀଙ୍କର ହଜିଲା ପୁଅ

ଦୁହିଁଙ୍କୁ ଦେଇଗଲେ । ସେମାନେ ରାଜାଙ୍କୁ ପୁଣି ସୁଖରେ ରଖିଲେ । ପୁନର୍ବାର ବ୍ରତ ପାଳନ କଲେ ।

## ଲକ୍ଷ୍ମୀ-ନାରାୟଣ ବ୍ରତ

ଏହା ଅନ୍ୟ ଏକ ଯୋଗଜ ବ୍ରତ । ଗୁରୁବାର ଦିନ ସୂର୍ଯ୍ୟୋଦୟ ବେଳକୁ ଶୁକ୍ଳ ପକ୍ଷ ଏକାଦଶୀ ତିଥି ଥିଲେ ଏହି ବ୍ରତ ପାଳିତ ହୁଏ । ଲକ୍ଷ୍ମୀ ଏବଂ ନାରାୟଣ ଏହି ବ୍ରତର ଦେବତା । ବ୍ରତକଥାଟି ସଂକ୍ଷିପ୍ତ, ନୀରସ । ଏହା ଭବିଷ୍ୟ ପୁରାଣରୁ ଗୃହୀତ ।

ଦିନେ ନାରଦ ଯୁଧିଷ୍ଠିରଙ୍କ ନିକଟରେ ପହଞ୍ଚିଲେ । ଯୁଧିଷ୍ଠିର ନାରଦଙ୍କୁ ଯଥାବିଧି ସମ୍ମାନ ଜଣାଇଲେ । ଧନ, ଧାନ୍ୟ, ପୁତ୍ର ପୌତ୍ର ଐଶ୍ୱର୍ଯ୍ୟ ରାଜ୍ୟ ଓ ଗୋ-ମହିଷାଦି ଦାୟକ ପୁଣ୍ୟପ୍ରଦ ବ୍ରତ ବିଷୟରେ ପଚାରିଲେ । ନାରଦ ସନ୍ତୁଷ୍ଟ ଥିଲେ । ସେ ସ୍ୱର୍ଗର ଗୋଟିଏ ଘଟଣା ମନେ ପକାଇ କହିଲେ —

"ଥରେ ସ୍ୱର୍ଗରେ ଦେବ-ଦାନବ ଯୁଦ୍ଧ ଲାଗିଲା । ରାଜା ଇନ୍ଦ୍ର ବାର ବାର ପରାଜିତ ହେଲେ । ବହୁ ଅସୁବିଧାର ସମ୍ମୁଖୀନ ହେଲେ । ସେ ଦିନେ ବଡ଼ ଅସହାୟ ଓ ବିପନ୍ନ ଭାବରେ ବୃହସ୍ପତିଙ୍କ ନିକଟରେ ପହଞ୍ଚିଲେ । ଗୋଟିଏ ବ୍ରତ ଅନୁଷ୍ଠାନ କରିବାର ଇଚ୍ଛା ପ୍ରକାଶ କଲେ । ବୃହସ୍ପତି ତାଙ୍କୁ ବିଜୟ, ଅଚଳା ଲକ୍ଷ୍ମୀ ଓ ସୁଖପ୍ରଦ ଲକ୍ଷ୍ମୀନାରାୟଣ ବ୍ରତ କରିବା ଲାଗି ଉପଦେଶ ଦେଲେ । ଇନ୍ଦ୍ର ପୂର୍ବରୁ ଏହି ବ୍ରତ ବିଷୟରେ କିଛି ଜାଣି ନଥିଲେ । ଏଥିରେ କେଉଁ ଦେବତାଙ୍କୁ କେଉଁ ତିଥିରେ ପୂଜା କରାଯାଏ ବୋଲି ପଚାରିଲେ । ନାରଦ ଯୁଧିଷ୍ଠିରଙ୍କୁ ଭ୍ରାତୃବର୍ଗଙ୍କ ସହିତ ଏହି ବ୍ରତ କରିବା ଲାଗି ଉପଦେଶ ଦେଲେ ।

ଏଥିରେ ଲକ୍ଷ୍ମୀ ନାରାୟଣଙ୍କର ସ୍ୱର୍ଣ୍ଣ ବା ରୌପ୍ୟ ମୂର୍ତ୍ତି ଗଠନ କରି ତାଙ୍କୁ ପଞ୍ଚାମୃତରେ ସ୍ନାନ କରାଯାଏ । ଅଷ୍ଟଦଳ ପଦ୍ମ ଅଙ୍କନ କରି ତା' ଉପରେ ଏହି ପ୍ରତିମା ସ୍ଥାପନା କରି ପଞ୍ଚ ଉପଚାରରେ ପୂଜା କରିବାକୁ ହୁଏ । ବ୍ରତ କଥାରେ ଲେଖାଅଛି—

ପଞ୍ଚ ଉପଚାରେ ଭକ୍ତିରେ ପୂଜିବ
ଦୂର୍ବାକ୍ଷତ ଦେଇ ପ୍ରାର୍ଥନା କରିବ
ଦଶ ସୂତ୍ର ଦଶ ଗଣ୍ଠି ଯୁକ୍ତ ଡୋର
କୁଙ୍କୁମେ ତାହାକୁ କରି ମନୋହର
ବେଦୋକ୍ତ ସୁମନ୍ତ୍ରେ କରି ସମର୍ପେ
ଏମନ୍ତେ ସ୍ୱହସ୍ତେ କରିବ ବନ୍ଧନ
ମୋଠାରେ ପ୍ରସନ୍ନ ହୁଅନ୍ତୁ ସତତ
ପରମାନନ୍ଦ ଶ୍ରୀ ଲକ୍ଷ୍ମୀଙ୍କ ସହିତ
ବ୍ରତକଥା ଶୁଣି କରିବ ପ୍ରଣାମ
ଲକ୍ଷ୍ମୀ ନାରାୟଣେ ହୋଇ ସ୍ଥିରମନ

ଦେବେଶ୍ୱର ରଥ ସଂସ୍କୃତ ଭବିଷ୍ୟ ପୁରାଣୋକ୍ତ ଶ୍ରୀ ଲକ୍ଷ୍ମୀ ନାରାୟଣ ବ୍ରତକଥାକୁ ଓଡ଼ିଆରେ ଲେଖିଛନ୍ତି ।

## ଚନ୍ଦ୍ର ଓଷା

ଶୁକ୍ଳ ପକ୍ଷ ଦ୍ୱିତୀୟା ଦିନ ଏହି ଓଷା ପାଳନୀୟ । ଚନ୍ଦ୍ର ଏହି ଓଷାର ଦେବତା । ଏଥିରେ ଭବିଷ୍ୟ ପୁରାଣ ଅନ୍ତର୍ଗତ ଦ୍ୱିତୀୟା ଚନ୍ଦ୍ର ପୂଜା ବୋଲି ଉଲ୍ଲେଖ କରା ଯାଇଛି ଏବଂ ଓଷା କଥାର ଆରମ୍ଭରେ ଗଣେଶ ବନ୍ଦନା ପରେ ଦ୍ୱିତୀୟା ଓଷା ଚରିତ କରିବ ବଖାଣିତ ଲେଖା ଯାଇଛି । କାହାଣୀଟି ଅର୍ବାଚୀନ । ବହୁ ପରବର୍ତ୍ତୀ ସମୟର କଳ୍ପନା ପରି ମନେହୁଏ ।

ଦିନେ ରାଜା ପରୀକ୍ଷିତ ଭ୍ରମଣ କରୁଥିଲେ । ଗୋଟିଏ ନାରୀର କ୍ରନ୍ଦନ ଧ୍ୱନି ଶୁଣିଲେ । ତା ନିକଟରେ ପହଞ୍ଚି ଦୁଃଖର କାରଣ ବୁଝିଲେ । ତା'ର ଗୋଟିକ ପରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହୋଇ ମୃତ୍ୟୁବରଣ କରୁଛନ୍ତି । ନିଃସନ୍ତାନ ଥିବା ସମୟରେ ସେ ବହୁ ଦେବାଦେବୀଙ୍କୁ ପୂଜାକରି ପ୍ରଥମ ସନ୍ତାନଟିକୁ ପାଇଥିଲା । ସେ ଓ ତା' ପରେ ଅନ୍ୟ ସନ୍ତାନମାନେ ଏପରି ମୃତ୍ୟୁବରଣ କରିଛନ୍ତି । ସେ ଏଥିରୁ ଉଦ୍ଧାରର ପନ୍ଥା ପାଉ ନଥିଲା । ଏହି ପୁତ୍ରମାନେ

ଚନ୍ଦ୍ର ଦୃଷ୍ଟି ଥିବାରୁ ମୃତ୍ୟୁ ବରଣ କରୁଛନ୍ତି । ରାଜା ପରୀକ୍ଷିତ ଏହା ଶୁଣି ଦୁଃଖିତ ମନରେ ଫେରିଲେ ।

ପରୀକ୍ଷିତଙ୍କ ମନରେ ପୁତ୍ର ଶୋକାତୁର ଜମାନର କଷ୍ଟ ଧ୍ୱନିତ ହେଉଥାଏ । ଦିନେ ଶୁକମୁନିଙ୍କୁ ଏହାର ଉପାୟ ପଚାରିଲେ ।

"ଚନ୍ଦ୍ର ଦୃଷ୍ଟି ପଡ଼ଥାଇ ଯାର ପୁତ୍ରପୁତ୍ରି
ଅଳ୍ପଦିନେ ନାଶ ଯାନ୍ତି ଦୈବଜ୍ଞ କହନ୍ତି ॥
ସେଥିରୁ ଉଦ୍ଧାର କେଉଁ ଉପାୟେ ହୋଇବେ ସେମାନ
ତହିଁର କାରଣ କହି ତୋଷକର ମନ ॥

ଶୁକ ଦ୍ୱିତୀୟା ତିଥିରେ ଚନ୍ଦ୍ରଙ୍କୁ ପୂଜାକଲେ ଚନ୍ଦ୍ର ଦୃଷ୍ଟି ଶାନ୍ତ ହୁଏ ବୋଲି ଜଣାଇଲେ । ଏହାର ବିଧି ବିଧାନ ଓ ପୂର୍ବେ କିଏ ଏପରି ପୂଜାକରି କି ଫଳ ପାଇଥିଲା ବୋଲି ଜାଣିବାକୁ ଚାହିଁବାରୁ ଶୁକ ନିମ୍ନୋକ୍ତ କାହାଣୀଟି ଶୁଣାଇଥିଲେ ।

ସୌରାଷ୍ଟ୍ର ଦେଶର କଥା । ସେଠାରେ ଜଣେ ଧନପତି ବାସ କରୁଥିଲେ । ତାଙ୍କର ନାମ ବିନୋଦ । ତାଙ୍କ ପତ୍ନୀଙ୍କର ନାମ ପଦ୍ମାବତୀ । ଅନେକ ଦିନ ପରେ ତାଙ୍କର ଗୋଟିଏ ପୁଅ ହେଲା । ଗଣନାରୁ ତା'ର ଷଷ୍ଠରେ ଚନ୍ଦ୍ର ଥିବାର ଜଣାଗଲା । ବିନୋଦ କୁଳ ପୁରୋହିତ ଦିବ୍ୟାନନ୍ଦଙ୍କୁ ଡକାଇଲେ । ସେ ଶାସ୍ତ୍ରଜ୍ଞ ପଣ୍ଡିତ ଥିଲେ । ଭବିଷ୍ୟ ପୁରାଣ ବିଷୟରେ ଶୁକ୍ଳ ଦ୍ୱିତୀୟା ଦିନ ଚନ୍ଦ୍ର ପୂଜା କଲେ ଏହି ଦୃଷ୍ଟି ଖଣ୍ଡନ ହେବ ବୋଲି ଜଣାଇଲେ । ଏହି ପୂଜାର ବିଧି ବିଧାନ କହିଲେ । ବିଧି ବିଧାନ ଅନୁସାରେ ପ୍ରତ୍ୟେକ ମାସର ଶୁକ୍ଳ ଦ୍ୱିତୀୟାରେ ଏହା ପାଳନୀୟ । ବିନୋଦ ଯଥାବିଧି ଏହା ପାଳନ କଲେ । ବ୍ରାହ୍ମଣଙ୍କୁ ଭୋଜନ, ଦକ୍ଷିଣା ଦେଇ ସନ୍ତୁଷ୍ଟ କଲେ । ଏହିପରି ବାରବର୍ଷ ପୂଜାକଲେ । ଶେଷ ଫଳ 'ଦଧିଚନ୍ଦ୍ର' ଦାନ ଦେଇ ପରଦିନ କୁଟୁମ୍ବ ମାନଙ୍କୁ ଭୋଜନ ଦେଲେ । ତାଙ୍କର ଦୃଷ୍ଟି ଖଣ୍ଡନ ହେଲା । ସନ୍ତାନ ଲାଭକଲେ । ଧନଧାନ୍ୟ ପୁତ୍ର ପୌତ୍ର ଘେନି ସୁଖରେ ରହିଲେ ।

ଏଠାରେ ଶୁକ ସୌରଷ୍ଟ୍ରଙ୍କ ଧନପତିଙ୍କ କହିବାର କଳ୍ପନା ଅପରପକ୍ଷେ ଚିନ୍ତାରୁ ଉଦ୍ଭୂତ । ପୁଣି ମାଘର ନନ୍ଦନ ଭାଗବତରେ ମରସ୍ୱତୀ ନଦୀ ତଟରେ ଧରଣୀ ଓ ବୃଷଭ ରୂପୀ ଧର୍ମଙ୍କ ଦେଖିଥିବାର ବର୍ଣ୍ଣନାର ପ୍ରଭାବ ଲକ୍ଷ୍ୟ କରାଯାଏ ।

× × × × + ×

## ପୁନଅ ଉପବାସ --

ପ୍ରତ୍ୟେକ ମାସର ପୂର୍ଣ୍ଣିମାଦିନ ଏହି ଓଷା ପାଳନ କରାଯାଏ । ଚନ୍ଦ୍ର ଏହି ଓଷାର ଦେବତା । ଗଦ୍ୟରେ ଲିଖିତ ଓଷା କଥାର ଶେଷରେ 'ଶ୍ରୀ ପୌର୍ଣ୍ଣମୀକଥା' ବୋଲି ଉଲ୍ଲେଖ ଅଛି । ଏହା କେଉଁ ପୁରାଣରୁ ଗୃହୀତ ବୋଲି ସ୍ପଷ୍ଟ ନଥିଲେ ମଧ୍ୟ ପୌରାଣିକ ପରିବେଶରୁ କଥାଟି ଆରମ୍ଭ ହୋଇଛି ।

ଗୋମତୀ ତୀରବର୍ତ୍ତୀ ନୈମିଷା ଅରଣ୍ୟରେ ଶୁକ, ସୌନକ, ବଶିଷ୍ଠ, ଗୌତମ, ଅଙ୍ଗିରା, ଭୃଗୁ, ପରାଶର, ଭରଦ୍ୱାଜ, ବିଶ୍ୱାମିତ୍ର ପ୍ରଭୃତି ଋଷିମାନେ ବସିଥିଲେ । ଆଲୋଚନା ଚାଲିଥିଲା । କେଉଁ ଦେବତାଙ୍କୁ ପୂଜାକଲେ କି ଫଳ ମିଳେ ବୋଲି ଶୁକ ବ୍ୟାସଙ୍କୁ ପ୍ରଶ୍ନକଲେ । ବ୍ୟାସ କହିଲେ – "ବିଷ୍ଣୁଙ୍କୁ ସେବାକଲେ ଗତି ହୁଅଇ, ମୁକତି ହୁଅଇ । ଅନ୍ତେ ବୈକୁଣ୍ଠ ଲାଭ ହୁଅଇ, ଈଶ୍ୱରଙ୍କୁ ସେବାକଲେ ଅଷ୍ଟ ଐଶ୍ୱର୍ଯ୍ୟ ଲାଭ ହୁଅଇ । ମନବାଞ୍ଛା ସିଦ୍ଧ ହୁଅଇ । ଇନ୍ଦ୍ରଙ୍କୁ ସେବାକଲେ ଅଚଳା ଚଳ ସମ୍ପତ୍ତି ହୁଅଇ । ଉତ୍ତମ ସୁଖ ଭୋଗ କରଇ । ଯମଙ୍କୁ ସେବାକଲେ ପରମ ଆୟୁଷ ବୃଦ୍ଧି ହୁଅଇ । ଅନ୍ତେ କୁମ୍ଭୀପାକେ ନ ପଡଇ । ଅଗ୍ନିଙ୍କୁ ସେବାକଲେ ନିରୋଗବନ୍ତ ହୁଅଇ । ପବନଙ୍କୁ ସେବାକଲେ ବୁଦ୍ଧିମନ୍ତ ହୁଅଇ । ଉତ୍ତମ ସୁଖ ପାଅଇ । ବରୁଣଙ୍କୁ ସେବାକଲେ ବୁଦ୍ଧିବନ୍ତ ହୁଅଇ । ଉତ୍ତମ ସୁଖ ପାଅଇ । କନ୍ଦର୍ପଙ୍କୁ ସେବାକଲେ ଉତ୍ତମ ସୁନ୍ଦର୍ଯ୍ୟ ହୁଅଇ । ଗଣେଶଙ୍କୁ ସେବାକଲେ ବିଦ୍ୟାବନ୍ତ ହୁଅଇ । ସୂର୍ଯ୍ୟଙ୍କୁ ସେବା,କଲେ ନାନା କଷ୍ଟ ନାଶ ଯାଅଇ । ମନବାଞ୍ଛା ସିଦ୍ଧ ହୁଅଇ । ଦୁର୍ଗାଙ୍କୁ ସେବାକଲେ ଅଭୟବର

ପାଇ । ଅନ୍ତେ କୃଷ୍ଣ ଲୋକକୁ ଯାଇ । ପାର୍ବତୀଙ୍କୁ ସେବାକଲେ ରାଜପ୍ରତିଷ୍ଠା ହୁଅଇ । ସମସ୍ତ ଶତ୍ରୁ ନାଶ ଯାଇ । ଲକ୍ଷ୍ମୀଙ୍କୁ ସେବାକଲେ ଅଚଳା ଚଳ ଲକ୍ଷ୍ମୀ ହୁଅଇ । ଉତ୍ତମ ସୁଖ ହୁଅଇ । ସରସ୍ୱତୀଙ୍କୁ ସେବାକଲେ ବିଦ୍ୟାଲାଭ ହୁଅଇ । ଚନ୍ଦ୍ରଙ୍କୁ ସେବାକଲେ ଦେଶଲାଭ ହୁଅଇ । ମନବାଞ୍ଛା ସିଦ୍ଧି ହୁଅଇ । ଉତ୍ତମ ସୁନ୍ଦରୀ ହୁଅଇ ।" ଏହିପରି ଦେବତା ମାନଙ୍କ ମଧ୍ୟରେ ଚନ୍ଦ୍ର ପୂଜାର ମହିମା ସୂଚିତ ହେବାପରେ ପରେ ଋଷିମାନେ ନାରଦଙ୍କୁ ପଚାରିଛନ୍ତି – "ହେ ବ୍ୟାସ ମହାଯତି ! ଚନ୍ଦ୍ରଙ୍କୁ ସେବାକରି କେଉଁ ଲୋକ ଯେମନ୍ତ ବର ପାଇ ଅଛି । ଯେହା ଆମ୍ଭଙ୍କୁ ସଂପ୍ରତି କହିବା ହେଉ ।" ଏହାପରେ ବ୍ୟାସ ଅଙ୍ଗସେନ ଉପାଖ୍ୟାନ କହିଛନ୍ତି ।

ପଶ୍ଚିମ ସୌରାଷ୍ଟ୍ରରେ ପଦ୍ମାବତୀ ବୋଲି ଏକ ଦେଶ । ସେ ଦେଶର ରାଜା ଅଙ୍ଗସେନ । ସେ ଭାଗ୍ୟ ଦୋଷରୁ ରାଜ୍ୟଭ୍ରଷ୍ଟ ହେଲେ । ଗଙ୍ଗା କୂଳରେ ରାଣୀଙ୍କ ସହିତ ବାସ କଲେ । ପାତ୍ରମନ୍ତ୍ରୀ, ଅମାତ୍ୟବର୍ଗ ଓ ଅନ୍ୟରାଜ୍ୟରୁ ରାଜା ଆଣି ଗାଦିରେ ବସାଇଲେ । ବିତାଡ଼ିତ ରାଜା ଅଙ୍ଗସେନ ବଡ କଷ୍ଟରେ ଦିନ କଟାଉଥାନ୍ତି । ସେ ଦୁଃଖ ସହି ନପାରି ଦିନେ ଗଙ୍ଗାରେ ଝାସ ଦେବାକୁ ସ୍ଥିରକଲେ । ନୋହିଲେ ବିଷଖାଇ କିମ୍ବା ଅନ୍ୟ କୌଣସି ଉପାୟରେ ପ୍ରାଣ ବିସର୍ଜନ କରିବାକୁ ଇଚ୍ଛା ପ୍ରକାଶ କଲେ । ରାଣୀ ତାଙ୍କୁ ଏପରି ଚିନ୍ତାରୁ ନିବୃତ୍ତାଇଲେ । କହିଲେ – "ଆମ୍ଭ ଠାରୁ ଅତ୍ୟନ୍ତ କ୍ଳେଶ ପାଇ ଲୋକମାନେ ପ୍ରାଣ ଧରିଛନ୍ତି । ଆମ୍ଭେ କି କାରଣେ ପ୍ରାଣ ହରାଇବା ।"

ସେଦିନ କୁମାର ପୂର୍ଣ୍ଣିମା । ରାଜାଙ୍କର ବିଷାଦ-ମଳିନ-ମୁଖମଣ୍ଡଳ ଓ ହତାଶାଭାବ ରାଣୀଙ୍କ ହୃଦୟକୁ ବିଦାର୍ଣ୍ଣ କରୁଥିଲା । ଏହି ସମୟରେ ପୂର୍ଣ୍ଣିମା ଜହ୍ନ ଦୁଗ୍ଧସ୍ନାତ ହୋଇ ଉଇଁ ଆସୁଥିଲେ । ରାଣୀଙ୍କ ମନରେ ଭାବ ସଞ୍ଚାର ହେଲା । ସେ ଗଙ୍ଗାରେ ସ୍ନାନକରି କୂଳକୁ ଆସିଲେ । ରାଜ୍ୟଲାଭ, ଶତ୍ରୁକ୍ଷୟ, ପୁନର୍ବାର ସୌନ୍ଦର୍ଯ୍ୟ ପ୍ରାପ୍ତି ଓ ସୁନ୍ଦର କନ୍ୟାଲାଭ କାମନା କରି 'ପୌର୍ଣ୍ଣମୀ ବ୍ରତ' ମନାସିଲେ । ଧୂପ, ଦୀପ ନୈବେଦ୍ୟ ଦେଲେ । କ୍ଷୀର, କର୍ପୂର, ଚନ୍ଦନ-ମିଶ୍ରିତ କରି ଶଙ୍ଖରେ

ପୂର୍ବରି ଅର୍ଘ୍ୟଦେଲେ । ପନ୍ଦରଟି ଦୁର୍ବାକ୍ଷତ କରପତ୍ର ଦେଲେ । ଯୋଡ଼ ହସ୍ତ ହୋଇ ଚନ୍ଦ୍ରଙ୍କୁ ସ୍ତୁତିକଲେ । ପୂଜାପରେ ପାରଣା ସାରିଲେ । ଏହିପରି ରାଜାରାଣୀ ରଜନୀ ପୁହାଇଲେ । ଚନ୍ଦ୍ରପୂଜା କରିବାରୁ ସେମାନଙ୍କ ପାଇଁ ସୌଭାଗ୍ୟର ଦ୍ୱାର ଫିଟିଗଲା ।

ପଦ୍ମଦଳ ଦେଶରେ ବିଶୃଙ୍ଖଳା ଦେଖାଦେଲା । ଅଧିବାସୀ ଓ ଅମାତ୍ୟବର୍ଗ ପୁନଃରାୟ ସେମାନଙ୍କର ପୁରୁଣା ରାଜା ଅଙ୍ଗସେନଙ୍କୁ ଲେଉଟାଣି ଗାଦିରେ ବସାଇବାକୁ ସ୍ଥିରକଲେ । ଦୂତ ଆସି ଠାବକଲା । ପ୍ରଧାନମନ୍ତ୍ରୀ ଅମାତ୍ୟବର୍ଗ ଦୋଷ ସ୍ୱୀକାର କରି ରାଜା ଅଙ୍ଗସେନଙ୍କୁ ସ୍ୱରାଜ୍ୟକୁ ବାହୁଡ଼ାଇ ନେଲେ । ପର ରାଜ୍ୟରୁ ଆସି ଗାଦିରେ ଆସୀନ ହୋଇଥିବା ରାଜାଙ୍କୁ ଘଉଡ଼ାଇ ଦେଲେ । ସୁଖରେ ରାଜ୍ୟ ପାଳିଲେ । ରାଣୀ ଉତ୍ତମ ସୁନ୍ଦର କନ୍ୟା ଲାଭକଲେ । ଚନ୍ଦ୍ରଙ୍କ କୃପାରୁ କନ୍ୟାଲାଭ କରିଥିବାରୁ ତା'ର ନାମ ରଖିଲେ ଚନ୍ଦ୍ରାବତୀ ।

ଚନ୍ଦ୍ରାବତୀର ବୁଝିବା ଶୁଝିବା ବୟସ ହେବାପରେ ରାଣୀ ତାକୁ ପୁନଃ ଉପବାସ କରାଇଲେ । ସେ ନିଷ୍ଠାକାଷ୍ଠାରେ ଚନ୍ଦ୍ରପୂଜା କଲା । ଦିନେ ଆଷାଢ଼ ପୂର୍ଣ୍ଣିମା ଦିନ ଘୋର ବୃଷ୍ଟି ହେଲା । ମେଘାଚ୍ଛନ୍ନ ଆକାଶରେ ଚନ୍ଦ୍ର ଦିଶିଲେ ନାହିଁ । ଉପବାସର ନିୟମ ଅନୁସାରେ ଜେମା ଚନ୍ଦ୍ର ନ ଦେଖିଲେ ପୂଜା କରି ପାରିବେ ନାହିଁ । ଏବଂ ପୂଜା ନ କଲା ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ କରି ପାରିବେ ନାହିଁ । ଫଳରେ ସେ କ୍ଷୁଧାତୁର ହେଲେ ସଖୀମାନେ ରାଜାଙ୍କୁ ଏ ସମ୍ବାଦ ଜଣାଇଲେ । ରାଜାଙ୍କ ଆଦେଶରେ ମନ୍ତ୍ରୀ ଇନ୍ଦ୍ରଗିରି ପାହାଡ଼ରେ ନିଆଁହୁଡ଼ି ଜାଳିଲେ । ପୂର୍ବଦିଗରେ ଚନ୍ଦ୍ର ଉଦୟ ହୋଇଛନ୍ତି ବୋଲି କୁହାଗଲା । ଜେମାଙ୍କୁ ତାହା ଦେଖାଇ ଦିଆଗଲା । ଚନ୍ଦ୍ର ଉଦୟ ହୋଇଛନ୍ତି ବୋଲି ଭାବି ସେ ଅର୍ଘ୍ୟଦେଇ ଓଷା ପାରଣା କଲେ । କିନ୍ତୁ ଓଷାଦିନ ଏପରି କ୍ଷୁଧାତୁର ହେବା ଏବଂ କୃତ୍ରିମ ଚନ୍ଦ୍ରଙ୍କୁ ଦେଖି ଓଷା ପାରଣା କରିବା ଦୋଷାବହ । ଜେମା ତାର ଫଳ ଭୋଗ କଲେ ।

ଜେମା ଚନ୍ଦ୍ରାବତୀଙ୍କର ସୌନ୍ଦର୍ଯ୍ୟ ଅନୁପମ, କିନ୍ତୁ ରାତିରେ ଶଯ୍ୟାରେ କୃମି ହୋଇ ଯାଆନ୍ତି । ଦିବସରେ ମନୁଷ୍ୟରୂପ ହୁଅନ୍ତି ।

ସନ୍ଧିରେ ଦାସୀମାନେ ତାଙ୍କୁ ଦେଖି ନ ପାରି ଭାବିଲେ, ସେମାନେ ଅନ୍ୟ କେଉଁଆଡେ ଯାଉଅଛନ୍ତି । ରାଜା ଏହା ଶୁଣି ରାଣୀଙ୍କୁ ସତର୍କ କରାଇ ଦେଲେ । ରାଣୀ ଜଗିଲେ । ସେମାନେ ଲୋକ ନିଆଁରେ ଯାଉଥିବାର ଦେଖିଲେ । ଚନ୍ଦ୍ରଙ୍କଠାରେ ଅପରାଧ ହେଲା ବୋଲି ବିଚାରିଲେ । ସେମାନଙ୍କୁ ସେ କଥା କହିଲେ । ପୂର୍ଣ୍ଣିମାଦିନ ଚନ୍ଦ୍ର ଉଦୟ ସମୟରେ ସେମାନଙ୍କୁ ସାଙ୍ଗରେ ଧରି ସ୍ନାନ କରିବାକୁ ଗଲେ । ଚନ୍ଦ୍ରଙ୍କୁ ପୂଜାକରି ଦୋଷ କ୍ଷମା ପାଇଁ ପ୍ରାର୍ଥନା କଲେ । ସେମାନଙ୍କର ଭକ୍ତି ଦେଖି ଚନ୍ଦ୍ରମା ସନ୍ତୁଷ୍ଟ ହେଲେ । ସେ ଆଉ ଶରୀରରେ କୁମି ହେଲେ ନାହିଁ । ଉତ୍ତମ ସୌନ୍ଦର୍ଯ୍ୟ ଲାଭ କଲେ । ଉତ୍ତମ ବର ପାଇ ବିବାହ କଲେ । ପୁଣି ଯୌବନ ଲାଭ କରି ମହା ସୁଖରେ ରହିଲେ ।

ଏହି ଓଷାର ଉପସ୍ଥାପନା ବା ଆରମ୍ଭରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଏ । କାହାଣୀର ଗଠନ ଗତାନୁଗତିକ, ଭାଷା ଜୀବନ୍ତ ଓ ସରସ ।

## ଶୁକ୍ରବାର ବ୍ରତ

ଏହି ବ୍ରତଟି ମଧ୍ୟ ପ୍ରଦେଶ ଏବଂ ମଧ୍ୟ ପ୍ରଦେଶକୁ ଲାଗିଥିବା ଓଡ଼ିଶାର କେତେକ ଅଞ୍ଚଳରେ ପ୍ରଚଳିତ ଥିଲା । ସମ୍ପ୍ରତି ଏହା ଓଡ଼ିଶାରେ କ୍ରମେ ପ୍ରଚଳିତ ହେଉଥିବାର ଦେଖାଯାଉଛି । ଏହା ପ୍ରତ୍ୟେକ ଶୁକ୍ରବାର ଦିନ ପାଳନ କରାଯାଏ । ସନ୍ତୋଷୀ ମାଆ ଏହି ବ୍ରତର ଦେବତା । ଓଡ଼ିଶା କୋହିନୂର ପ୍ରେସରୁ ପ୍ରକାଶିତ ଶୁକ୍ରବାର ବ୍ରତ କଥାରେ ଥିବା ସନ୍ତୋଷୀ ମାଆ ଅଷ୍ଟକରେ ଏହି ଦେବୀଙ୍କୁ— "ଗଣେଶ ନନ୍ଦିନୀ, ସିଦ୍ଧି ସୁବେଶିନୀ, କୋକିଳ ଭାଷିଣୀ ହାସ୍ୟରତେ" ବୋଲି ବର୍ଣ୍ଣନା କରାଯାଇଛି । ତାଙ୍କୁ ପୁଣି— "ଠହ ଠହ କେଶିନୀ, ଝଟ ଝଟ ଦେହିନୀ, ଝପ ଝପ ହାସିନୀ ଗଦ ଗଦ ଭାଷିଣୀ, ଥନ ଥନ ଗାମିନୀ, ମନ୍ଦାର ମଣ୍ଡିନୀ, ବସ୍ତ୍ର ବନାମିନୀ, ବସ୍ତ୍ର ସଜ୍ଜିନୀ, ସନ୍ତୋଷୀ ବୋଲି ଆବାହନ କରାଯାଇଛି । ସେ ସମସ୍ତ ଦୁଃଖ କଷ୍ଟ ବିପଦରୁ

ରକ୍ଷାକର ସୁଫଳ ଦିଅନ୍ତି । ଏଥିପାଇଁ ଏହିବ୍ରତ ପ୍ରଚଳିତ । ହିନ୍ଦୀରେ ଏହି ବ୍ରତର କଥା ଉପରେ ଆଧାରିତ ଚଳଚିତ୍ର ପ୍ରଯୋଜିତ ହୋଇଛି । କଟକର ଧର୍ମଗ୍ରନ୍ଥ ଷ୍ଟୋର, ଓଡ଼ିଶା କୋହିନୂର ପ୍ରେସ ଏବଂ ବ୍ରହ୍ମପୁରର ବାଣୀ ଭଣ୍ଡାରରୁ ପ୍ରକାଶିତ ଶୁକ୍ରବାର ବ୍ରତ କଥା ବା ସନ୍ତୋଷୀ ମାଆର ଅପୂର୍ବ ଗାଥା ହିନ୍ଦୀ ବ୍ରତକଥାରୁ ଗୃହୀତ । ଭାଷା ଆଧୁନିକ ଓଡ଼ିଆ । ସୁତରାଂ ଏଥିରେ ପୁରୁଣା ଓଡ଼ିଆ ଗଦ୍ୟ ବା ପଦ୍ୟରେ ରଚିତ ବ୍ରତ କଥା-ମାନଙ୍କର ଭାଷା ଓ ଶୈଳୀର ସରସତା ବା ସଜୀବତା ନ ରହିବା ସ୍ୱାଭାବିକ । କାହାଣୀଟି ନିମ୍ନରେ ଦିଆଗଲା ।

ବୁଢ଼ୀଟିଏ ଥାଏ । ତା'ର ସାତପୁଅ । ସାନ ପୁଅଟି ନିକମା ବୁଢ଼ୀ ତାକୁ ଦେଖିପାରେ ନାହିଁ । ସମସ୍ତଙ୍କ ଖିଆ ପିଆ ପରେ ଯାହା ବଳେ ସାନ ପୁଅକୁ ଦିଏ । ସେ ଏକଥା ଜାଣିପାରେ ନାହିଁ । କିନ୍ତୁ ସାନବୋହୂ ସବୁ ଜାଣେ । କାହାର ଆଗରେ କିଛି କହେ ନାହିଁ । ଥରେ ସାନପୁଅ ମାଆର ବହୁତ ପ୍ରଶଂସା କଲା । ସେ କାମ ଦାମ ନ କଲେ ବି ମାଆ ତାକୁ କୋଉଥିରେ ଊଣା କରୁ ନାହାନ୍ତି ବୋଲି କହିଲା । ସାନ ବୋହୂ ଆଉ ସମ୍ଭାଳି ପାରିଲା ନାହିଁ । ସବୁକଥା କହିଲା । ସାନପୁଅ ଏକଥାକୁ ମିଛ ମଣିଲା । କିନ୍ତୁ ଦିନେ ଗୋଟିଏ ପର୍ବ ପଡ଼ିଲା । ସେଦିନ ସାନ ପୁଅ ତା ମାଆର ପାତର ଅନ୍ତର କଥା ଦେଖିନା । ଘରେ ସ୍ତ୍ରୀକୁ ଛାଡ଼ି ବିଦେଶ କରିଗଲା । ବିଦା ହୋଇ ଗଲା ବେଳେ ସ୍ତ୍ରୀକୁ ହାତରୁ ମୁଦିଟିଏ ଦେଇଗଲା । ସ୍ତ୍ରୀଟି ଗୁହାଳ ପୋଛୁଥିଲା । ତା' ହାତରେ କିଛି ନ ଥିଲା । ଗୋବର ସାଲୁ ବାଲୁ ହାତଟିକୁ ସ୍ୱାମୀ ପିଠିରେ ଥାପୁଡ଼ାଇ ଦେଇ ମଙ୍ଗଳ ମନାସିଲା ।

ସାନପୁଅ ଦୂର ଦେଶରେ ଜଣେ ମହାଜନ ପାଖରେ କାମକଲା । ତା'ର କାର୍ଯ୍ୟ ଦକ୍ଷତା ଓ ସାଧୁତାରେ ମହାଜନ ସନ୍ତୁଷ୍ଟ ହେଲେ । ସେ କ୍ରମେ କ୍ରମେ ଗୁମାସ୍ତାରୁ ଅଂଶୀଦାର ଓ ଶେଷରେ ମାଲିକ ହେଲା । ବାରବର୍ଷ ଭିତରେ ବ୍ୟବସାୟରେ ପ୍ରତିଷ୍ଠିତ ହେଲା । କିନ୍ତୁ ଏହି ବାରବର୍ଷ ସାନବୋହୂ ପାଇଁ ଦୁର୍ଗତିର ଦିନ ଥିଲା । ଶାଶୂ ତାକୁ

ପେଟପୂରି ଖାଇବାକୁ ଦିଏ ନାହିଁ । ତା' ହାତରେ ଘର ଗୋଠାକର କାମ କରାଏ । ଜଙ୍ଗଲକୁ କାଠ ପାଇଁ ପଠାଏ । ଦିନେ ସେ ବନସ୍ତରେ କାଠ ସଂଗ୍ରହ କରୁଥିଲା । ଦେଖିଲା, ସ୍ତ୍ରୀ ଲୋକମାନେ ସନ୍ତୋଷୀ ମାଆଙ୍କର ବ୍ରତପୂଜା କରୁଅଛନ୍ତି । ସେମାନଙ୍କ ଠାରୁ ବ୍ରତର ମହିମା ଓ ବିଧି ବିଧାନ ବୁଝିଲା । ଫେରିଲା ବାଟରେ ସନ୍ତୋଷୀ ମାଆଙ୍କ ମନ୍ଦିର ଦେଖିଲା । ବ୍ରତ ପାଳିଲା । ବ୍ରତର ମହିମାରୁ ତା ସ୍ୱାମୀ ପାଖରୁ ଚିଠି ଓ ଟଙ୍କା ଆସିଲା । ତା' ଘରେ ଯାଆ ଦେଢ଼ଶୁର, ପୁତୁରା-ମାନଙ୍କର ମନୋଭାବର ପରିବର୍ତ୍ତନ ଲକ୍ଷ୍ୟକଲା । ସେମାନଙ୍କ ଭିତରେ ସ୍ନେହାଦର ପରିବର୍ତ୍ତେ ଈର୍ଷା ଖେଳିଲା । ସାନବୋହୂ ତା' କପାଳ ଦେଖି ଥାଏ । ସନ୍ତୋଷୀ ମାଆଙ୍କୁ ଦୁଃଖ ଜଣାଏ । ବ୍ରତ ପାଳେ । ଦିନେ ସନ୍ତୋଷୀ ମାଆ ଦୂର ଦେଶରେ ଥିବା ତା ସ୍ୱାମୀକୁ ସ୍ୱପ୍ନରେ ଘର ସଂସାର କଥା ଚେତାଇ ଦେଲେ । ସେ ଭାବିଲା ଦୂର ବିଦେଶରେ ବ୍ୟବସାୟ କଲି । କାହା ଜିମାରେ ସମ୍ପତ୍ତିକରି ଦିବା ଏତିକି ବେଳେ ସନ୍ତୋଷୀ ମାଆ ତାକୁ ସାହା ହେଲେ । ବୁଦ୍ଧି ଓ ସାନ୍ତ୍ୱନା ଦେଲେ । ତା'ର ସବୁ ଜିନିଷ ପତ୍ର ବିକ୍ରି ହୋଇଗଲା । ପ୍ରଚୁର ଟଙ୍କା ଆସିଲା । ସେ ଘରକୁ ବାହୁଡ଼ିଲା । ଘରେ ପହଞ୍ଚି ସବୁକଥା ଜାଣିଲା । ଅଲଗା ଘରଦ୍ୱାର କରି ରହିଲା । ଏହିଠାରେ ବର୍ଣ୍ଣନାଟି ବଡ ନାଟକୀୟ ।

ନିଜ ଘରଦ୍ୱାର ରହିବା ପରେ ସାନବୋହୂ ସୁଖରେ ରହିଲା । ସନ୍ତୋଷୀ ମାଆଙ୍କ ବ୍ରତ ପୂର୍ବଠାରୁ ଆହୁରି ଭଲରେ କଲା । କିନ୍ତୁ ଯାଆ ମାନଙ୍କ ଚକ୍ରାନ୍ତରେ ବ୍ରତରେ ବିଘ୍ନ ସୃଷ୍ଟି କରାହେଲା । ଏହି ବ୍ରତରେ ଖଟା ଖାଇବା ମନା । ପିଲାମାନଙ୍କୁ ଡାକି ଖଜା, ମିଠା ଆଦି ଭୋଗକରି ବାଣ୍ଟିବାର ବିଧି । ପିଲାମାନେ ଖାଇସାରି ଖଟା ଖାଇବାକୁ ପଇସା ମାଗିଲେ । କିନ୍ତୁ ଏ ପୂଜାରେ ଖଟା ଖାଇବା ମନା ବୋଲି ସାନବୋହୂ ବୁଝାଇ ଦେଲା । ପିଲାଏ ହାତ ନ ଧୋଇ ଦକ୍ଷିଣା ପଇସା ମାଗିଲେ । ସେଇ ପଇସାରେ ଖଟା କିଣି ଖାଇଲେ । ଫଳରେ ବ୍ରତରେ ବିଘ୍ନ ହେଲା । ଠାକୁରାଣୀ ସାନବୋହୂ ଉପରେ କୋପକଲେ । ତା' ସ୍ୱାମୀକୁ ରଜାଙ୍କର ସିପାହୀ ପଠାଇ ଧରି ନେଇଗଲେ ।

ସାନବୋହୂ ଠାକୁରାଣୀଙ୍କୁ ଦୁଃଖ ଜଣାଇଲା । ସେ ତାକୁ ବ୍ରତଭଗ୍ନ କଥା କହିଲେ । ପିଲମାନେ ତାକୁ ଏପରି ଭ୍ରମରେ ପକାଇ ଅନିଷ୍ଟ ଘଟାଇବାର ଜାଣି କ୍ଷମା ମାଗିଲେ । ଠାକୁରାଣୀ କ୍ଷମା କଲେ । ରଜାଘର ତା' ସ୍ୱାମୀଠାରୁ କଚ୍ଛ କର ଆଦାୟ କରି ଗୁଡ଼ିଦେଲେ । ସେ ଫେରି ସବୁକଥା ଘରେ କହିଲା । ସାନବୋହୂ ଆଡ଼ମ୍ବରରେ ବ୍ରତ ଉଦ୍ଯାପନ କଲା । ଏଥର ପୁତୁରାମାନେ ଖଟା ନ ଦେଲେ ଭୋଗ ଖାଇବେ ନାହିଁ ବୋଲି କହିଲେ । ସେ ସେମାନଙ୍କୁ ନ ଡାକି ଆଠଜଣ ବ୍ରାହ୍ମଣ ପିଲଙ୍କୁ ଡାକି ଭୋଗ ଖୁଆଇଲା ଓ ପଇସା ନ ଦେଇ ଫଳଟିଏ ମାନ ଦକ୍ଷିଣା ସ୍ୱରୂପ ଦେଲା । ତା'ର ସମସ୍ତ ମଙ୍ଗଳ ହେଲା । ଉତ୍ତମ ସୁନ୍ଦର ପୁଅ ପାଇଲା । ଦୂରନ୍ତା ଘରେ ସେରନ୍ତା ହୋଇ ରହିଲା ।

ସାନବୋହୂ ପ୍ରତିଦିନ ସନ୍ତୋଷୀ ମାଆଙ୍କ ମନ୍ଦିରକୁ ଯାଏ । ଥରେ ସନ୍ତୋଷୀ ମାଆ ତା' ଘରକୁ ଆସିବାକୁ ଭାବିବେ । କୁତ୍ସିତ ଓ କଦାକାର ରୂପେ ଦେଖାଦେଲେ । ମୁହଁସାରା ଗୁଡ ଘାଲୁବାଲୁ । ମାଛି ଭଣ ଭଣ । ଓଠ ଦାନ୍ତ ଶୁଣ୍ଢ ପରି ଏହି ରୂପରେ ଆସି ସାନବୋହୂ ଅଗଣାରେ ପହଞ୍ଚିଗଲେ । ତାର ଶାଶୁ ତାକୁ ଡାହାଣୀ କି ଯୋଗଣୀ ବୋଲି ଭାବି ପାଟି କରି କବାଟ ଝରକା ବନ୍ଦକଲା । କିନ୍ତୁ ସାନବୋହୂ ଦେଖି ଦେଖି କୋଡ଼ ଛୁଆକୁ ପକାଇ ଦେଇ ଧାଇଁ ଆସିଲା । ଗଦ୍‌ଗଦ୍ ହୋଇ ଦର୍ଶନ କଲା । କୃତଜ୍ଞତା ଜଣାଇଲା । ଶାଶୁ ଓ ଅନ୍ୟମାନେ ତାକୁ ସନ୍ତୋଷୀ ମାଆ ବୋଲି ଜାଣି ଦୋଷ କ୍ଷମା ମାଗିଲେ । ତାଙ୍କ ବ୍ରତ ବିଖ୍ୟାତ ହେଲା ।

ଏହି ବ୍ରତଟି ଓଡ଼ିଶାର ସମାଜରେ ସଦ୍ୟ ଆରୋପିତ । ଏହାର କୌଣସି ଶାସ୍ତ୍ରୀୟ ବା ପୌରାଣିକ ଭିତ୍ତି ନାହିଁ । ସାଂସ୍କୃତିକ ସଂସର୍ଗର ଏହା ଏକ ଦୃଷ୍ଟାନ୍ତ ।

## ନିତ୍ୟାନି ମହାଲକ୍ଷ୍ମୀ ଓଷା

ପୂର୍ବରୁ ମାର୍ଗଶିର ମାସର ମାଣବସା ଗୁରୁବାର ବା ଧାନମାଣିକା ଓଷା, ଚଇତ୍ରମାସ । ଗୁରୁବାର ଓଷା, ସୁଦଶାବ୍ରତ, ଗୁରୁପଞ୍ଚମୀବ୍ରତ ପ୍ରଭୃତି ଲକ୍ଷ୍ମୀଙ୍କର କେତୋଟି ଓଷାବ୍ରତ ଉପରେ ଆଲୋଚନା

କରାଯାଇଛି । ବର୍ତ୍ତମାନ ଆଲୋଚନା କରାଯାଉଥିବା ନିତ୍ୟାନ ଗୁରୁବାର ଓଷା ପାଳନ କାଳ ଦୃଷ୍ଟିରୁ ଯୋଗକେ ନୁହେଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ମାସ ମଧ୍ୟରେ ସୀମିତ ନୁହେଁ । ଏହା ବର୍ଷ ସାରା ପ୍ରତ୍ୟେକ ଗୁରୁବାର ଦିନ ପାଳନ କରାଯାଇପାରେ । ଓଷା କଥାଟିର ଭାଷା ଓ ବର୍ଣ୍ଣନା ଶୈଳୀ ଚମତ୍କାର । ପଦ୍ୟାତ୍ମକ ଗଦ୍ୟ । ଓଡ଼ିଆ ରାଜ୍ୟ ସଂଗ୍ରହାଳୟରେ ଥିବା ନିତ୍ୟାନ ଗୁରୁବାର କଥା ପୋଥି ଗୋଟିକରେ ସାରଳା ଦାସଙ୍କ ନାମ ଉଲ୍ଲେଖ ଅଛି । କିନ୍ତୁ ଅନ୍ୟ ଅଞ୍ଚଳରୁ ମିଳିଥିବା ପୋଥିମାନଙ୍କରେ କୌଣସି ଲେଖକଙ୍କର ନାମ ନାହିଁ । ଡକ୍ଟର କୁଞ୍ଜବିହାରୀ ଦାଶ ଠିକାଳି ରାଜଦରବାରରୁ ସଂଗ୍ରହ କରିଥିବା ଓଷା କଥାଟି ରାଜ୍ୟ ସଂଗ୍ରହାଳୟରେ ଥିବା ଉପରୋକ୍ତ ଓଷାକଥା ସହିତ ପ୍ରାୟ ସମାନ ।

ଶ୍ରୀଧର ସାଧବଙ୍କ ଘରେ ଲକ୍ଷ୍ମୀପୂଜା ହୁଏ । ସାଧବ ବଡ଼ ଭାଗ୍ୟବନ୍ତ ଓ ଲକ୍ଷ୍ମୀବନ୍ତ। ସାଧବାଣୀ ଶ୍ରିୟା ନିଷ୍ଠା କାଷ୍ଠାରେ ଲକ୍ଷ୍ମୀପୂଜା କରେ । ସାଧବଙ୍କର ପୁଅ ଶ୍ରୀକାନ୍ତଙ୍କର ସ୍ତ୍ରୀ ପ୍ରିୟା ଥରେ ଗୁରୁବାର ଦିନ ସ୍ନାନକୁ ବାହାରିଲା । ସେ ଦିନ ଶାଶୂ ତା' ସହିତ ଯାଇ ପାରିଲେ ନାହିଁ । କପର ସ୍ନାନଘାଟକୁ ଯିବ, କେଉଁଠି କପର ସ୍ନାନ କରିବ, ସ୍ନାନାନ୍ତେ କିଭଳି ସମ୍ଭ୍ରମର ସହିତ ବାଟରେ ଫେରିବ ପ୍ରଭୃତି କଥା ବୋହୂକୁ ବତାଇ ଦେଲେ । ବୋହୂ ସ୍ନାନ ସାରିଲା । ପାଟେ ପିନ୍ଧି ପାଟେକ ଉପରଣା ଦେଲା । ସାଧବ ଘରର ସମ୍ଭ୍ରମ ଓ ମର୍ଯ୍ୟାଦା ଜଗି ବାଟେ ବାଟେ ଘରକୁ ବାହୁଡ଼ିଲା । ବାଟରେ ଦେଖିଲା, ସ୍ୱର୍ଗର ଅଷ୍ଟକନ୍ୟା ମଞ୍ଚର ଅଷ୍ଟକନ୍ୟା ଝିଙ୍କର ବାଛି, ଦୁବ ଗୁଣ୍ଠି, ଅଁଳା ଗଛମୂଳରେ ଓଷା ପୂଜୁଛନ୍ତି । ନିତ୍ୟାନ ମହାଲକ୍ଷ୍ମୀ କଥା କହୁଛନ୍ତି । ସେମାନେ ତାଙ୍କ କଥା ଶୁଣିବାକୁ ଡାକିଲେ । ପ୍ରିୟା କହିଲା — ତା' ଶାଶୂ ଏହି ଓଷା କରନ୍ତି । କଥା କହନ୍ତି । ସେ ଶୁଣେ । ଏଥିରେ ଦେବକନ୍ୟା ମାନେ ଅସନ୍ତୁଷ୍ଟ ହେଲେ । ଦେବକଥା ନର କଥାକୁ ସମାନ ବିଚାରି ଥିବାରୁ ତା'ର କାର୍ଯ୍ୟ ସଫଳ ନ ହେଉ ବୋଲି ଅଭିଶାପ ଦେଲେ ।

ପ୍ରିୟା ବାଟେ ବାଟେ ଘରକୁ ବାହୁଡ଼ିଲା । ଓଦା ପାଟଟି ଗୁଳ ଉପରକୁ ପକାଇ ଦେଲା । ଆଉ ଖଣ୍ଡିଏ ପାଟ ବଦଳାଇଲା । ଅଦାଲୁଣ, ଭାତ କଂସାଏ ଧରି ଖାଇ ବସିଲା । ଗୁଣ୍ଡାକେ ଧାନ, ଗୁଣ୍ଡାକେ ଚାଳ ବାହାରିଲା । ସେ ଅସୁକାଇଲା । ଅଇଁଠା ପଖାଳ କଂସାକୁ କଦଳୀ ଗଛ ମୂଳେ ଅଜାଡ଼ି ଦେଲା, ଆଚମନ ସାରି ରୋଷେଇ ଘରେ ପଶିଲା । ରୋଷେଇ ବସାଇଲା । ଚୁଲ୍ଲୀ ଜଳିଲା । କିନ୍ତୁ ଜିରା ଫୁଟିଲା ନାହିଁ କି ହାଣ୍ଡି ତାତିଲା ନାହିଁ । ରୋଷେଇ ଡେରି ହେବାରୁ ଶାଶୁ ଆସିଲା । କାହିଁକି ଏପରି ହେଉଛି ବୋଲି ପଚାରିଲା । ପ୍ରିୟା କିଛି ବୋଲନ୍ତା କାହିଁ କରିଛି ବୋଲି ତା'ର ସନ୍ଦେହ ହେଲା । ବୋହୂ ବାଟରେ ଦେବକନ୍ୟା ମାନଙ୍କ ଅଭିଶାପ କଥା କହିଲା । ଶାଶୁ ବିରକ୍ତ ହୋଇ ତାକୁ ଠେଲି ଦେଇ ନିଜେ ରାନ୍ଧି ବସିଲା । ଭୋଗରାଗ ରାନ୍ଧିଲା । ପୂଜା ସାମଗ୍ରୀ ସଜାଡ଼ିଲା । ବଖରାଏ ଘର ଲିପି ଷୋଡ଼ଶଦଳ ପଦ୍ମ ଅଙ୍କନ କଲା । ତାହା ଉପରେ ଅଖଣ୍ଡିତ ତଣ୍ଡୁଳ କୁଢ଼ାଇ ପୂର୍ଣ୍ଣକୁମ୍ଭ ଥାପିଲା । ଇନ୍ଦ୍ର ଗୋବିନ୍ଦ ଚନ୍ଦ୍ର ଆ ଟାଣିଲା । ଷୋଡ଼ଶ ଉପଚାରରେ ପୂଜାକଲା । କିନ୍ତୁ ଲକ୍ଷ୍ମୀ ବିଜେକଲେ ନାହିଁ । ଶାଶୁ ବହୁତ ଦର୍ଘ୍ୟିମା କଲା । ବୋହୂ ପ୍ରିୟା ଉପରେ ଲକ୍ଷ୍ମୀଙ୍କର କୋପଥିଲା । ସେ ତାକୁ ଗାଲକେ ଚୂନ ଗାଲକେ କଳା ଦେଇ ଘରୁ ବିଦା କରି ଦେବାକୁ କହିଲେ । ଶାଶୁ ସେପରି କରି ପ୍ରିୟାକୁ ଦାଣ୍ଡବାଟେ ଦେଖାଇ ବାରିବାଟେ ବିଦାକରିଦେଲା । ସେ କୁଆଡ଼େ ଯାଇ ନପାରି ଧାନ ମରାଇତଳେ ରହିଲା । ଧାନଟି ମାନ, ଚାଉଳଟିମାନ ଭିନ୍ନେ ଭିନ୍ନେ କରି ଥୋଉଥାଏ । ମହାଲକ୍ଷ୍ମୀଙ୍କୁ ସ୍ତୁତି କରୁଥାଏ । ସେ ଏହିପରି ସେଠାରେ ସମୟ କଟାଇଲା । ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ପୂଜା ସ୍ଥାନରେ ବିଜେକଲେ । ଶାଶୁର ପୂଜା ଘେନିଲେ ସେ ଠାକୁରାଣୀଙ୍କୁ ମନୋହି କରାଇଲା । ତାଙ୍କ ପାଇଁ ଉତ୍ତମ ଶଯ୍ୟାକଲା । ସେ ପହୁଡ଼ିଲେ । ସାଧବାଣୀ ଚତୁର୍ଭୁଜ ହୋଇ ତାଙ୍କର ସେବାକଲା । ହାତକେ ଚାମର ଗୁଳାଇଲା । ହାତକେ ପଙ୍ଖା ପକାଇଲା । ହାତକେ ପାଦ ମଞ୍ଜାଳିଲା । ହାତକେ ଫୁଙ୍କୁଳି ମାରିଲା । ଠାକୁରାଣୀଙ୍କୁ ନିଦ ହୋଇଗଲା । ଏଣେ ବଡ଼ ଦେଉଳରେ ସେବେଇ ହୋଇନାହିଁ ।

ଦୁଇ ଭାଇଙ୍କୁ ଭେକ ହେଲାଣି । ଜଗନ୍ନାଥ ଶଙ୍ଖୁଆକୁ ଡାକଲେ ଆଜ୍ଞା ଦେଲେ, ଜୟ ଶଙ୍ଖ ବଜାଇବାକୁ । ତୋ କାନ ମୋ କାନ ଲକ୍ଷ୍ମୀ କାନ ହେବ । ଶଙ୍ଖୁଆ ଜୟ ଶଙ୍ଖ ବଜାଇଲା । ମହାଲକ୍ଷ୍ମୀଙ୍କ ନିଦ୍ରା ଭାଙ୍ଗିଲା । ତାଙ୍କ ବ୍ୟସ୍ତତାର ବର୍ଣ୍ଣନା ବଡ଼ ଚମତ୍କାର ଭାବରେ କରାଯାଇଛି— "ଠାକୁରାଣୀଙ୍କ ନିଦ୍ରା ଭାଙ୍ଗିଲା । ଉଠି ବସିଲେ । ବୋଇଲେ, କିଲୋ ସାଧବାଣୀ, ମୋ ନିଦ୍ରା ନ ଭଙ୍ଗାଇଲୁ । ଠାକୁରଙ୍କର ମୋତେ ତୋଲାଣୀ ହେବ । ଏମନ୍ତେ ବୋଲି ଠାକୁରାଣୀ ବଜେ କରି ଯାଉଛନ୍ତି । ଗଭା ଫିଟି ଯାଉଛି । ନେତ ପଣତ ଲୋଟି ଯାଉଛି । ସାଧବାଣୀ ପଛେ ପଛେ ଗୋଡ଼ାଇଛି ।"

ଶ୍ରୀୟା ଗୋଡ଼ାଇଥିଲା । ଲକ୍ଷ୍ମୀ ଅଟକିଗଲେ । କହିଲେ— 'ବର ମାଗ' । ସେ କହିଲା—"ଗୋସେଇଁ ବୋହୂଙ୍କର ବଳା ପାହୁଡ଼ ଶବଦରେ ନାତି ନାତୁଣୀଙ୍କର ଘଣ୍ଟି ଘାଗୁଡ଼ି ଶବଦରେ ରଜା ଯାଉଥିବେ ଦାଣ୍ଡେ ତାହା ନ ଶୁଣିବ କାନେ । କର୍ଣ୍ଣର ଗଣ୍ଡିଆ କାନ୍ଧରେ ଲେଟୁ । ହସ୍ତର କଙ୍କଣ ଜନ୍ମେ ନ ଛୁଟୁ । କୋଡ଼କୁ ମିଳୁ ମୋ ନନ୍ଦନ ବାଳା । ସ୍ୱାମୀ ହୋଇଥିବେ ଗୁଆ ପୋଡ଼ିକା । ଆଗେ ଧାନଘର, ପଛେ ଗୁହାଳ ଘର । ପର ଆଗେ କରୁ ମୋହର ଘର । ପରକୁ ଦେବି, ପରେ ନ ମାଗିବି । ବାରଗଣ୍ଡା ଥିବେ ନାତି ନାତୁଣୀ, ତେର ଗଣ୍ଡା ଥିବେ କୁମର ମଣି । ପରମ ଲକ୍ଷ୍ମୀ ମୋ ପୁରରେ ଥିବେ, ଷଠୀ ଦେଉଳୁଇଁ ପ୍ରତି ପାଳିବେ । ଢ଼ିଙ୍କି ଶାଳରେ ଖୁଦ କୁଣ୍ଡା ପୋଡ଼ ପିଠା ଖଣ୍ଡେ ଖଣ୍ଡେ ଘେନିଥିବେ । ଖଣ୍ଡିଏ ଖଣ୍ଡିଏ ଖାଉଥିବେ । ମରାଇ ଗୁରପାଖେ ବୁଲୁଥିବେ ।" ଲକ୍ଷ୍ମୀ ଠାକୁରାଣୀ ତାଙ୍କୁ ବର ଦେଲେ । ଢ଼ିଙ୍କି ଶାଳର ଖଦ କୁଣ୍ଡା ପକାଇ ନ ଦେବାକୁ ଉପଦେଶ ଦେଲେ । ସବୁ ବର ଦେଲେ । ବୋହୂ ଶ୍ରିୟା ମରାଇ ତଳେ ଅଛି । ତାକୁ ଘରକୁ ଆଣିବାକୁ କହିଲେ ।

ଶ୍ରୀୟା ଦେଖିଲା ବୋହୂ ଶ୍ରିୟା ଧାନ ମରାଇ ତଳେ ବସିଛି । ଧାନଟି ମାନ ଧାନ ମରାଇରେ ପକାଉଛି । ହରଡ଼ଟି ମାନ ହରଡ଼ ମରାଇରେ ପକାଉଛି । ମୁଗଟି ମାନ ମୁଗ ମରାଇରେ ପକାଉଛି ।

ଶ୍ରୀୟା ତାଙ୍କୁ ନେଇ ଆସିଲା । କନକ ସ୍ନାନ କରାଇଲା । ବୋହୂ ମହାଲକ୍ଷ୍ମୀଙ୍କୁ ଭେଟିବ । ଏଥିପାଇଁ ତାଙ୍କୁ ପ୍ରସ୍ତୁତ କରାଇଲା ।

ଶ୍ରୀୟା ଗୁପ୍ତଦ୍ୱାରରେ ପଶି ସିନ୍ଦୂର ଫରୁଆ କଜଳ ପାତ୍ର, ମାଣିକ ନାକଚଣା ଆଦି ଅମୂଲ୍ୟ ଅଳଙ୍କାର ଆଣିଲା । ଅକଳଙ୍କ କଂସାରେ ବଗଡ଼ା ଭାତ, ଅଲଗା ଜାଗାରେ ବରପଇଡ, ସାଇଁଶାଗ, କାଞ୍ଜି ବାଢ଼ିଲା । ଆଉ ପିଠା, ସାତ ଶୁଆଳ ନାଡ଼ିକ ଥୋଇଲା । ବୋହୂକୁ ନେଇ ଠାକୁରାଣୀଙ୍କୁ ଭେଟିଲା । ଲକ୍ଷ୍ମୀଠାକୁରାଣୀ ଶାଶୁ ବୋହୂଙ୍କ ସରଳତା ଓ ଭକ୍ତିଭାବ ଦେଖି ସନ୍ତୁଷ୍ଟ ହେଲେ । ଭାବିଲେ ସେମାନେ ବରମାଗି ଜାଣନ୍ତି ନାହିଁ । ଆଶୀର୍ବାଦ କରି ବର ମାଗିବାକୁ କହିଲେ । ଏହି ପ୍ରସଙ୍ଗରେ ବନ୍ଦନା ଭୋଗ ଓ ପୂଜା ସାମଗ୍ରୀ କପରି ଭାବରେ ମନୋବାଞ୍ଛା ଯାଚନାର ପ୍ରତୀକ ହୋଇଛନ୍ତି, ତାହା ସୁନ୍ଦର ଭାବରେ ପ୍ରକାଶିତ । "ସିନ୍ଦୂର ଫରୁଆ ଆଣିଛୁ, ପାକଲବାଟେ ସିନ୍ଦୂର ନେଉଥିବୁ । କଜ୍ଜଳପାତ୍ର ଆଣିଛୁ, ଅହ୍ୟ ସୁଲକ୍ଷଣୀ ହେବୁ । ହୀରା ମାଣିକ ନାକଚଣା ଆଣିଛୁ- ହୀରା ମାଣିକରେ ମଣ୍ଡି ହୋଇଥିବୁ । ବଗଡ଼ାଭାତ ଆଣିଛୁ- ବଗଡ଼ା ମହାଲକ୍ଷ୍ମୀ ନତ୍ରୁଡ଼ିବ । ବରପଇଡ ଆଣିଛୁ । ବରି ମହାଲକ୍ଷ୍ମୀ ଅନୁଗ୍ରହ କରିଥିବେ । ଅକଳଙ୍କ କଂସା । ଆଣିଛୁ, ଅକଳଙ୍କ ବଂଶ ହୋଇଥିବ । ସାଇଁ ଶାଗ ଆଣିଛୁ, ସାଇ ସୁଆଗି ହୋଇଥିବୁ । କାଞ୍ଜି ଆଣିଛୁ, ଝିଅ ଜାଉଁଁଳ ପ୍ରତିପାଳ ଥିବେ । ସୁପରଶାଇବୁ । ଶୁଆଳ ଆଣିଛୁ, ଝିଅ ଶୁଆଳ ହେବୁ । ନନ୍ଦ ଆଣିଛୁ । ନନ୍ଦ ବନ୍ଧ ହେବୁ ।" ମହାଲକ୍ଷ୍ମୀ ଶାଶୁ ବୋହୂଙ୍କୁ ବର ପ୍ରଦାନକରି ଶ୍ରୀମନ୍ଦିରକୁ ବାହୁଡ଼ିଲେ ।

ମହାଲକ୍ଷ୍ମୀ ଅଷ୍ଟ ବେତାଳଙ୍କୁ ଆଜ୍ଞାଦେଲେ । ଅମୃତ ମଣୋହି ହେଲା । ଜଗନ୍ନାଥ, ବଳରାମ ଆଚମନ ସାରି ମଣୋହିରେ ବସିଲେ । ମଣୋହି ପରେ ଆଚମନ ସାରିଲେ । କର୍ପୂର ବଡ଼ଆଳତି ହେଲେ । ଧୂପ. ବଡ଼ ସିଂହାର ବଢ଼ିଲା । ବଳରାମ ଶୋଇଲେ । ଲକ୍ଷ୍ମୀନାରାୟଣ ଏକାଠି ହେଲେ । ଜଗନ୍ନାଥ କହିଲେ— " ଆଦର ଲକ୍ଷ୍ମୀ ! ଯହିଁ ଆଦରେ ଯାଅ ତହିଁ ରହ । ଆମ୍ଭକଥା ମନେ ନଥାଇ । " ଲକ୍ଷ୍ମୀ

ଉତ୍ତର ଦେଲେ — " ତୁମ୍ଭେ ଜଗତ ଠାକୁର । ତୁମ୍ଭ ଆଜ୍ଞାରେ ମୁଁ ଜଗତ ଠାକୁରାଣୀ । ଯାହାକୁ ପଡ଼ି ନ ଦେବୁ ସେ ନପାଏ । " ଜଗନ୍ନାଥ ଲକ୍ଷ୍ମୀଙ୍କ ପଡ଼ିଦେବା କଥାଟି ପରୀକ୍ଷା କରିବାକୁ ମନବଳା-ଇଲେ । ପିନ୍ଧା କାନରେ ଭ୍ରମରଟିଏ ବାନ୍ଧି ଶୋଇଲେ । ସକାଳେ ନିଦ ଭାଙ୍ଗିଲା । ମହାଲକ୍ଷ୍ମୀଙ୍କି କହିଲେ, ଆମ୍ଭ ପିନ୍ଧା କାନରେ କ'ଣ ଅଛି ଫିଟାଅ । ଲକ୍ଷ୍ମୀ ଫିଟାଇ ଦେଖିଲେ, ଭ୍ରମରଟିଏ ଅଛି । ତା' ତୁଣ୍ଡରେ ନିର୍ମାଲ୍ୟଟିଏ ଅଛି । ଲକ୍ଷ୍ମୀଙ୍କ ପଡ଼ି ବିଷୟରେ ଜଗନ୍ନାଥଙ୍କ ସନ୍ଦେହ ମୋଚନ ହେଲା ।

ସାଧବାଣୀ ଲକ୍ଷ୍ମୀଙ୍କ ବରପାଇ ପୁତ୍ରନାତିଘର ନେଇ ଆନନ୍ଦରେ କାଳ କଟାଇଲା ।

## ସୁକୁଟୁନ ଓଷା—

ଏହି ଓଷାର କୌଣସି ନିର୍ଦ୍ଦିଷ୍ଟ ବାର, ତିଥି ବା ଯୋଗ ନାହିଁ । ଯେ କୌଣସି ସମୟରେ ମାନସିକ କରି ଏହି ଓଷା ପାଳନ କରା-ଯାଇପାରେ । ଉମା ମହେଶ୍ୱର ଏହି ଓଷାର ଦେବତା । ପାନ ଉପରେ ସିନ୍ଦୂରରେ ତାଙ୍କର ମୂର୍ତ୍ତି ଅଙ୍କନ କରି ପୂଜା କରାଯାଏ । ସାତ ଅହିଅଙ୍କୁ ଲେଉଡ଼ିଆଣି ହଳଦୀ ପାଣିରେ ଗୋଡଧୋଇ, ଅଳତା ସିନ୍ଦୂର ପିନ୍ଧାଇ, ସେମାନଙ୍କ ଅଣ୍ଟିରେ ଅଚ୍ଛଡ଼ାଖଇ, କଦଳୀ ନଡ଼ିଆ ମାହାର୍ଦ୍ଧି ଦେବା ଏହି ଓଷାର ବୈଶିଷ୍ଟ୍ୟ । ଏହି ପୂଜା ବିଧାନ ଅନ୍ୟାନ୍ୟ ଓଷା ବା ବ୍ରତରେ ଦେଖାଯାଏ ନାହିଁ । ଉକ୍ତ ହଳଦୀ ପାଣିରେ ସାତ ଅହିଅଙ୍କ ଗୋଡ଼ ଧୋଇସାରି ଆପଣା କାନରେ ପୋଛିଦିଏ । ସେହି କାନରେ ଲାଗିଥିବା ଧୂଳିରେ କାମନା ପୂରଣ ହୁଏ ବୋଲି ବିଶ୍ୱାସ । ମୁନିବର ବାଣୀରେ ରଚିତ ସୁକୁଟୁନ ଷାକଥା ପ୍ରକାଶିତ ହୋଇଛି । ଏହା ଛଡ଼ା ଲୋକମୁଖରେ ମଧ୍ୟ ଏହାର କାହାଣୀ ପ୍ରଚଳିତ । ଡକ୍ଟର କୁଞ୍ଜବିହାରୀ ଦାଶ ସୁଖର ସଂଗ୍ରହ କରିଥିବା ସୁକୁଟୁନ ଓଷା କଥାଟି ପଦ୍ୟରେ ରଚିତ ଓଷା କଥା ଠାରୁ ସାମାନ୍ୟ ଭିନ୍ନ । ଏହି ଓଷା କଥାର କୌଣସି ପୌରାଣିକ ଭିତ୍ତି ନାହିଁ ।

କର୍ଣ୍ଣାଟ ଦେଶରେ ରତ୍ନଧ୍ୱଜ ବୋଲି ଜଣେ ରାଜା ଥିଲେ । ସେ ନେକ ହଂସ ରଖିଥିଲେ । ସେହି ଦେଶରେ ଗୋଟିଏ ବିଧବା ବ୍ରାହ୍ମଣୀର ପୁଅଟିଏ ଥିଲା । ତା'ର ନାମ ଅନନ୍ତା । ସେ ରାଜାଙ୍କର ହଂସ ଜଗେ । ଯାହା ପଡ଼ି ବରତନ ମିଳେ ସେଥିରେ ମାଆ ପୁଅ ଚଳନ୍ତି । ଦିନେ ଗାଁକୁ ମାଛବିକା ଆସିଲା । ଅନନ୍ତା ମାଆ ଠାରୁ ବୋଡ଼ିକର ମାଛ ରଖିଲା । କହିଲା, ପୁଅ ରଜାଘରୁ ଫେରିଲେ ପଇସା ଦେବ । ସେ ଚାଲିଗଲା । ଅନନ୍ତା ମାଆ ଲାଉଡିଙ୍କ ପକାଇ ମାଛ ତରକାରି କଲା । ମାଛବାଲା ଫେରିଲା ବେଳକୁ ପଇସା ମାଗିଲା । ପୁଅ ଫେରି ନଥିବାରୁ ମାଆ ପଇସା ଦେଇ ପାରିଲା ନାହିଁ । ସେ ରାଗିଯାଇ ତରକାରିରୁ ମାଛଯାକ ନେଇଗଲା । ମାଆ ମନ ମାରି ରହିଲା । ଅନନ୍ତା ଫେରିଲା । ଖାଇଲା । ସେଦିନ ତରକାରିର ସୁଆଦ ଅଲଗା ପ୍ରକାରର । ତାକୁ ଭାରି ଭଲ ଲାଗିଲା । ମାଆଠାରୁ ସବୁକଥା ଶୁଣିଲା । ମାଛ ଏମିତି ଭଲଲାଗେ ବୋଲି ଜାଣିଲା । ମାଂସ ଏହାଠାରୁ ଆହୁରି ଭଲ ଲାଗେ ବୋଲି ଶୁଣିଲା । ଦୁଃଖୀରଙ୍କି ପିଲା କାହୁଁ ଅବା ସେଜିନିଷ ପାଇବ । କିନ୍ତୁ ମାଂସ ଖାଇବାକୁ ମନଟା ହାଇଁ ପାଇଁ ହେଲା ।

ତହିଁ ଆରଦିନ ଅନନ୍ତା ଘରକୁ ଗଲା । ହଂସ ଫେରାଇବା ବେଳେ ଛୋଟୀ ହଂସଟିକୁ ନେଇ ଆସିଲା । ଭାବିଲା ରଜାଘର ଏତେ ହଂସ ଭିତରେ ଛୋଟି ହଂସଟାକୁ କିଏ ଅବା ଖୋଜୁଛି । ଘରକୁ ଆଣି ମାଆକୁ ଦେଲା । ମାଆ ପ୍ରଥମେ ଆଗପଛ ହେଲା । ରଜାଘର ଜଥା । ଧରା ପଡ଼ିଲେ ବିପତ୍ତି ପଡ଼ିବ । ତଥାପି ପୁଅମନ ରଖିବାକୁ ହଂସଟିକୁ କାଟିଲା । ହାଡ, ଗୋଡ, ପର ଇତ୍ୟାଦି ଚୁଲିମୂଳେ ପୋତି ଦେଲା । ମାଂସ ତରକାରି ରାନ୍ଧିଲା । ଅନନ୍ତା ଖାଇଲା । କିନ୍ତୁ କଥାଟା ଧରା ପଡ଼ିଲା । ରଜାଙ୍କ ମଣୋହି ବେଳେ ସେହି ଛୋଟୀ ହଂସଟି ନାଚେ । ଖାଇ ବସିଲା ବେଳେ ରଜା ତାକୁ ଖୋଜିଲେ । ନ ପାଇବାରୁ ପାଇକ ପଠାଇ ଅନନ୍ତାକୁ ଧରି ନେଲେ ।

ଅନନ୍ତା ମାଆ ବିକଳ ହୋଇ କାନ୍ଦିଲା । ରାଜ ରୋଷରୁ ବଞ୍ଚିବ କିଏ ? ବାନ୍ଧ୍ ବୋଇଲେ ବାନ୍ଧିବେ । ହାଣ୍ ବୋଇଲେ ହାଣିବେ ।

ସେହି କଥା ଭାବି ଭାବି ଅନନ୍ତା ମାଆ ବଡ଼ ପାଟିକରି କାନ୍ଦୁଥାଏ । ସେତେ ବେଳକୁ ରାତି ଅନେକ ହେଲାଣି । ଈଶ୍ୱର ପାର୍ବତୀ ବୃଷଭ ବାହନରେ ଚଢ଼ି ବୁଲି ବଜେ କରୁଥିଲେ । କାନ୍ଦଣା ଶୁଣିଲେ । ପାଖକୁ ଆସି ଅନନ୍ତା ମାଆର ଦୁଃଖ ବୁଝିଲେ । ହଂସର ପର, ହାଡ଼, ଗୋଡ଼ ଆଣି ଦେବାକୁ କହିଲେ । ବ୍ରାହ୍ମଣୀ ଆଣି ଦେଲା । ଈଶ୍ୱର ମୃତସଞ୍ଜିବନୀ ପଢ଼ି ଫୁଲ ପାଣି ସିଞ୍ଚି ଦେଲେ । ହଂସଟି ଜୀଇ ଉଠିଲା । ସେ ବ୍ରାହ୍ମଣୀକୁ ସୁକୁଟୁନ ଓଷା କରିବାକୁ କହିଲେ । ଏହି ଓଷା କଲେ ତା' ପୁଅ ମୁକୁଳିବ ଓ ସବୁ ଦୁଃଖ ଯିବ ବୋଲି ସୂଚନା ଦେଲେ । ସେ ପଚାରିଲାରୁ ତାକୁ ଓଷାର ବିଧି ବିଧାନ ବତାଇ ଦେଲେ । ସେ ଓଷା ପୂଜିଲା । ପୂଜା ବିଧିପରେ ହଂସଟିକୁ ରାଜ ଉଆସରେ ଛାଡ଼ି ଦେଇ ଆସିଲା । ରାଜା ତାଙ୍କ ପ୍ରିୟ ହଂସଟିକୁ ଦେଖି ଖୁସି ହେଲେ । ଅନନ୍ତାକୁ ମୁକୁଳାଇ ଦେଲେ ।

ରାତିରେ ରାଜା ଶୋଇଥିଲେ । ଈଶ୍ୱର ସ୍ୱପ୍ନରେ ଦେଖା ଦେଲେ । ଜେମାକୁ ଅନନ୍ତା ସହିତ ବିବାହ କରାଇ ଦେବାକୁ ଆଦେଶ ଦେଲେ । ରାଜା ରାଣୀ ନିରୁପାୟ । ବିବାହ ହୋଇଗଲା । ଅନନ୍ତା ଜେମାଙ୍କୁ ଘେନି ଦୁଆରେ ପହଞ୍ଚିଲା । ତା' ମାଆ ଦାଣ୍ଡରେ ବର-କନ୍ୟାଙ୍କୁ ଦଣ୍ଡେ ଅଟକାଇ ଦେଲା । ହର ପାର୍ବତୀଙ୍କୁ ସ୍ମରଣ କରି ମାଳେ ହାଣ୍ଡି ଥୋଇଲା । ସାତ ଅହିଅଙ୍କୁ ଡାକି ଆଣି ସୁକୁଟୁନ ଓଷା ପୂଜାକଲା । ହଳଦୀ ପାଣିରେ ସେମାନଙ୍କ ଗୋଡ଼ ଧୋଇ ଦେଲା । ଆପଣା ପଣତ କାନରେ ପୋଛିଲା । ସେହି ଧୂଳି ପୁଅ ବୋହୂଙ୍କ ମୁଣ୍ଡରେ ସିଞ୍ଚିଦେଲା । ଭିତ ନଉଛାଳି କରି ଘରକୁ ନେଲା ।

ଦାଣ୍ଡରେ ହାଣ୍ଡିମାଳକ ଥୁଆ ହୋଇଥିଲା । ହର ପାର୍ବତୀଙ୍କ କୃପାରୁ ସେ ଗୁଡ଼ିକ ଭାତ, ଡାଲି, ତରକାରି, କ୍ଷିରି ଖେଚେଡ଼ିରେ ଭର୍ତ୍ତି ହୋଇଗଲା । ଅନନ୍ତା ମାଆ ବନ୍ଧୁ କୁଟୁମ୍ବ ଚର୍ଚ୍ଚା କଲା । ରାଜା ରାଣୀ ଏ ଘଟଣା ଶୁଣିଲେ । ରାଣୀ ସଙ୍ଖୋଳିବାକୁ ଆସିଲେ । ଓଷାର ମହିମା ଶୁଣିଲେ । ବିଧି ବିଧାନ ବୁଝିଲେ । ପୁତ୍ର ସନ୍ତାନ କାମନା କରି ଓଷା ମନାସିଲେ ।

ଈଶ୍ୱର-ପାର୍ବତୀ ରାଣୀଙ୍କ ପୂଜାରେ ସନ୍ତୁଷ୍ଟ ହେଲେ । ତାଙ୍କ କୋଳକୁ ପୁଅଟିଏ ଦେଲେ । କିଛି ଦିନ ପରେ ରାଣୀ ଓଷା ପାଶୋର ଦେଲେ । ଈଶ୍ୱର-ପାର୍ବତୀଙ୍କର କୋପ ପଡ଼ିଲା । ରାଜପୁତ୍ରଙ୍କୁ ସାପ ଦଂଶିଲା । ରାଣୀ ଅନନ୍ତା ମାଆକୁ ଦୁଃଖ ଜଣାଇଲେ । ସେ ଓଷାକଥା ଚେତାଇ ଦେଇ ଓଷା ଭୁଲିଛନ୍ତି କି ନାହିଁ ପଚାରିଲା । ରାଣୀଙ୍କର ଚେତନା ପଶିଲା । ସେ ଓଷା ଭୁଲିଥିବାରୁ ଅନୁତାପ କଲେ । ସଙ୍ଗେ ସଙ୍ଗେ ଓଷା ଦ୍ରବ୍ୟ ସଜଡ଼ା ହେଲା । ସାତ ଅହିଅ ଡ଼କା ହୋଇ ଆସିଲେ । ସୁଦୁଶୁନି ଓଷା ପୂଜା ହେଲା । ସାତ ଅହିଅଙ୍କ ପାଦଧୂଳି କାନରେ ପୋଛି ରଜାପୁଅ ମୁଣ୍ଡରେ ଝାଡ଼ି ଦିଆଗଲା । ସେ ଜୀବନ ପାଇଲା । ରାଜ୍ୟରେ ସୁଦୁଶୁନି ଓଷାର ଖ୍ୟାତି ପ୍ରସାରିତ ହେଲା ।

ପୁରୀର ଡ଼କ୍ଟର ଦାଶଙ୍କ ଦ୍ୱାରା ସଂଗୃହୀତ କାହାଣୀରେ ଅଛି— ପ୍ରଥମେ ରାଣୀ ଅନନ୍ତା ସହିତ ଜେମାଙ୍କୁ ବିବାହ ଦେବାକୁ ଅସମ୍ମତ ହେଉଥିଲେ । କୌଣସି ଦେବ ଦେବୀଙ୍କ ମହିମାରେ ଦିନ ମଧ୍ୟରେ ତା' ଘର ରଜା ଉଆସଠୁ ବଳିଛି ଓ ହାତୀ ଘୋଡ଼ା ଧନ ସମ୍ପଦରେ ପୂରି ଉଠିଛି ବୋଲି ଶୁଣିଲେ । ପ୍ରସ୍ତାବରେ ସମ୍ମତ ହେଲେ । ଅନନ୍ତାର ମାଆ ରାଜ ଉଆସ ପାଖରେ କୁଜି ହଂସଟିକୁ ଛାଡ଼ି ଦେଇ ହଂସ ବନ୍ଧିଛି ଓ ରଜା ତା' ପୁଅକୁ ମିଛରେ ଦଣ୍ଡୁଛନ୍ତି ବୋଲି ପାଟି କରିବାର ବର୍ଣ୍ଣନା ମଧ୍ୟ ଏହି କାହାଣୀରେ ଅଛି । ପଦ୍ୟରେ ରଚିତ ସୁଦୁଶୁନି ଓଷା କଥା ନୈ ମୁମାବର ବାଣୀରେ ଲେଖା ଯାଇଛି । ଏହାର ଲେଖକ ଭିକାରି- ଚରଣ ନାଥ । ଏହି ବ୍ରତକଥାର ବଙ୍ଗଳା ସୁବଚନୀ ବ୍ରତ କଥା ସହିତ କିଛି ସାମଞ୍ଜସ୍ୟ ଅଛି ବଙ୍ଗଳା ବ୍ରତ କଥାରେ କଳିଙ୍ଗ ଦେଶର ଉଲ୍ଲେଖ ଅଛି ।

## ନାରିକୁଳି ବ୍ରତ

ମାସର ଯେ କୌଣସି ବାରରେ ଏହି ବ୍ରତ ପାଳନ କରାଯାଇ ପାରେ । ୧୯୧୫ ରେ ଗୋବିନ୍ଦ ରଥଙ୍କ ଦ୍ୱାରା ପ୍ରକାଶିତ ନାରିକୁଳି ବ୍ରତ କଥାଟି ପଦ୍ୟରେ ରଚିତ । ଏହା ରାମଚନ୍ଦ୍ର ରଥଙ୍କ ଦ୍ୱାରା

ସ୍ୱକଳ୍ପିତ ବୋଲି ଉଲ୍ଲେଖ ଅଛି । କଳସୀ ସ୍ଥାପନ କରି ପଞ୍ଚ ସଧବାଙ୍କୁ ନିମନ୍ତ୍ରଣ କରି ଏହି ବ୍ରତ ପାଳନ କରାଯାଏ ।

ରାଜାଙ୍କର ନାଁ ଭଗବାନ ସେନ । ରାଣୀଙ୍କ ନାଁ ପଦ୍ମାବତୀ । ଦିନେ ରାଜା ସଭାରେ ବସିଥିଲେ । ରାଣୀ ମଙ୍ଗଳା ପୂଜାରେ ବସିଥିଲେ । ରାଜା ଘରକୁ ପାନ ମଗାଇ ପଠାଇଲେ । ପାନ ଆସିବାରେ ଡେରି ହେଲା । ରାଜା ଭିତରକୁ ଯାଇ ଦେଖିଲେ ରାଣୀ ପୂଜାରେ ବ୍ୟସ୍ତ । ସେ ବିରକ୍ତ ହେଲେ । ଦେବୀଙ୍କ ଘଟକୁ ଗୋଇଠା ମାରି ଫୋପାଡ଼ି ଦେଲେ । ଫଳରେ ଦେବୀ କୋପ କଲେ । ତାଙ୍କ ଭାଗ୍ୟ ଆକାଶରେ ବିପଦ ଘୋଟି ଆସିଲା ।

ରାଜ୍ୟ ଅରାଜକ ହେଲା । ଲୋକେ ବିଦ୍ରୋହ କଲେ । ହାତୀ ଘୋଡ଼ା ମଲେ । ଜଳସ୍ଥଳ ଚଉଦିଗରେ ବିବାଦ । ଗ୍ରାମ ନଗର ପୋଡ଼ିଗଲା । ଛେଳି, ମଇଁଷି, ଗାଈ ଦଳ ଦଳ ମରି ଶୋଇଲେ । ଯାନ ବାହନ ମିଳିଲା ନାହିଁ । ରାଜ୍ୟରେ ନାନା ଅଶାନ୍ତି ହେଲା । କେହି କାହା କଥା ଶୁଣିଲେ ନାହିଁ । କିଏ କାହାକୁ ମାନିଲେ ନାହିଁ । ଅନ୍ୟ ରାଜ୍ୟର ରାଜା ଆସି ଭଗବାନ ସେନଙ୍କ ରାଜ୍ୟକୁ ଦଖଲ କରିଗଲେ । ସେ ପିଲା ଭାରିଯାଙ୍କ ସହ ବନସ୍ତକୁ ପଳାଇଲେ । ସେ ସମୟରେ ରାଣୀ ଗର୍ଭବତୀ ଥିଲେ । ବାଟରେ ତାଙ୍କୁ କଷ୍ଟ ହେଲା । ବଣ ଯାଗା ଉପାୟ ନାହିଁ । ରାଜା ତାଳପତ୍ର ଗୁଡ଼ିଏ ପାରି ଶଯ୍ୟା କଲେ । ରାଣୀ ଶୋଇଲେ. ପୁତ୍ର ସନ୍ତାନଟିଏ ଜନ୍ମ ହେଲା । ଦିବ୍ୟ ସୁନ୍ଦର ଦେହେରା । ଶୀତ ଦିନ । ଭୀଷଣ ଥଣ୍ଡା । ସେଥିରୁ ରକ୍ଷା ପାଇବାକୁ ନିଆଁ ଲୋଡ଼ା ହେଲା । ନିର୍ଜନ ବନସ୍ତରେ ନିଆଁ କାହୁଁ ମିଳିବ ? ରାଜା ପାଖ ଆଖରେ ଗାଁ ଗଣ୍ଡା ଖୋଜି ନିଆଁ ଆଣିବାକୁ ବାହାରିଲେ ।

ଏହି ସମୟରେ ସେ ଦେଶର ରାଜା ମରିଥିଲେ । ହାତୀ ସୁନା କଳସ ଧରି ବୁଲୁଥିଲା । ତାଙ୍କର ମୁଣ୍ଡରେ କଳସ ଢାଳିଲା । ପିଠିରେ ବସାଇ ନେଇଗଲା । ଭଗବାନ ସେନ ରାଜା ହେଲେ । ରାଜ୍ୟ ବିଭୂତି

ଯାଇ ସ୍ତ୍ରୀ-ସନ୍ତାନଙ୍କୁ ପାଶୋରି ଦେଲେ । ରାଣୀ ଅରଣ୍ୟରେ ଏକାକି ପାଖରେ ପିଲା ଦୁଇଟି । ଅନ୍ଧାର ଘୋଟି ଆସୁଛି । ସ୍ନେହର ଦୁଲାଳ ଦୁହିଁଙ୍କୁ ଛାଡ଼ି କୁଆଡେ ବା ଯିବେ ? ଭୟରେ ଛାତି ଥରୁଛି । ଏହିପରି କିଛି ସମୟ ବିତିଲା । ରାଣୀ ରାଜାଙ୍କୁ ଖୋଜିବାକୁ ବାହାରିଲେ ।

ରାଣୀ ପଦ୍ମାବତୀ ଖୋଜି ଖୋଜି ରାଜାଙ୍କୁ ପାଇଲେ ନାହିଁ । ନଈ କୂଳରେ ପହଞ୍ଚିଲେ । ଚାରିଆଡ଼କୁ ଅନାଇଲେ । ଦେଖିଲେ ନୌକାଟିଏ ବାଲିପଠାରେ ଚଢ଼ିଯାଇଛି । ସେ ସେହି ନୌକାଟିକୁ ପେଲି ଦେଲେ । ସେଇଟି ପାଣି ଭିତରେ ଭାସିଲା । ବାଲି ପଠାରୁ ଖସିଗଲା । ତାହା ଗୋଟିଏ ମହାଜନର । ଆଠଦିନ ହେଲା ବାଲି ଠାରେ ଲାଗିଥିଲା । ଯେତେ ଯାହା କଲେ ବି ଖସୁ ନଥିଲା । ପଦ୍ମାବତୀଙ୍କ ହାତ ବାଜି ନାବ ଚଳିଲା । ମହାଜନ ତାଙ୍କୁ ଲକ୍ଷ୍ମୀ ବୋଲି ଭାବିଲା । ସେ ନୌକାରେ ରହିଲେ କୌଣସି ବିପତ୍ତି ପଡ଼ିବ ନାହିଁ ବୋଲି ବିଚାରିଲା । ତା'ର ମନ କଥା ଜଣାଇବାକୁ ପଦ୍ମାବତୀଙ୍କ ନିକଟକୁ ଭୃତ୍ୟମାନଙ୍କୁ ପଠାଇଲା । ପଦ୍ମାବତୀ ଏପରି ପ୍ରସ୍ତାବରେ ଡରିଗଲେ । ନଦୀ ଭିତରକୁ ସ୍ନାନ କରିବାକୁ ବାହାରିଲେ । ସେମାନଙ୍କୁ ଅପେକ୍ଷା କରିବାକୁ କହିଲେ । ନଦୀରେ ସ୍ନାନ କଲାବେଳେ ସୂର୍ଯ୍ୟଦେବଙ୍କୁ ଜଳ ଅଞ୍ଜଳି ଦେଇ ପ୍ରାର୍ଥନା କଲେ । କୁରୂପ କରିଦେବା ପାଇଁ ଧର୍ମଦେବତାଙ୍କୁ ସ୍ତୁତିକଲେ । ତାହାହିଁ ହେଲା । ସାଧବ ତାଙ୍କୁ ନାବକୁ ନେଇଗଲେ ।

ପୁଅ ସନ୍ତାନ ଦୁହେଁ ଅରଣ୍ୟରେ ଅସହାୟ ଭାବରେ ରହିଥିଲେ । ପିତା ଭଗବାନ ସେନ ରାଜାହୋଇ ଅନ୍ୟତ୍ର ଚାଲିଯାଇଥିଲେ । ମା' ପଦ୍ମାବତୀ ଏବେ ସୌଦାଗର ସହିତ ଗଲେ । ପିଲା ଦୁହେଁ ଭୋକ ଉପାସରେ କାନ୍ଦିଲେ । ନଗରକୁଳ ଦେବୀ ସେମାନଙ୍କର ଦୁଃଖ ବୁଝିଲେ । ସେମାନଙ୍କୁ ଆସି ଜଗି ରହିଲେ । ମହାଖୁଡ଼ାର କପିଳେଶ୍ୱରୀ ବୋଲି ଗାଈଟିଏ ଥିଲା । ସେ ଦେବୀଙ୍କ ଆଦେଶରେ ପିଲା ଦୁହିଁଙ୍କୁ ପେଟପୂରାଇ କ୍ଷୀର ଦେଇଯାଏ । ରାତିପାଇଁ ସାରୁପତ୍ରର ମଲାରେ କ୍ଷୀର ରଖିଯାଏ । ଏଣେ ମହାଖୁଡ଼ା ଦେଖିଲା ଗାଈ ଦୁଧ ଦେଉ ନାହିଁ । କାରଣ ଜାଣିବା

ଆଇଁ ଗାଈ ସଙ୍ଗେ ସଙ୍ଗେ ବଣକୁ ଗଲା । ସବୁ ଦେଖିଲା । ପିଲା ଦୁଇଟି ଘରକୁ ନେଇ ଆସିଲା । ତା' ସ୍ତ୍ରୀର ପିଲାଛୁଆ ନଥିଲେ । କଅଁଳା ସାନ ପୁଅଟିକୁ ଗଉଡୁଣୀ ନିଜପୁଅ ବୋଲି ପ୍ରଚାର କଲା । ବଡ଼ ପୁଅଟିକୁ ପୁଅ ଭଳି ପାଳିଲା ।

କିଛିଦିନ ପରେ ଘାଟରେ ଆସି ବୋଇତ ଲାଗିଲା । ଘାଟ ଜଗାରଖା କରିବାକୁ ମହାକୁଡ଼କୁ ଡାକରା ଆସିଲା । ସେ ଦୁଇ ପୁଅଙ୍କୁ ପଠାଇଲା । ରାତି ଅଧିକ ହେବାରୁ ପୁଅ ଦୁହିଁଙ୍କୁ ନିଦ ଲାଗିଲା । ସାନ ଭାଇ ବଡ଼କୁ ଗପଟିଏ କହିବାକୁ କହିଲା । ବଡ ନିଜ ଅଭିଜ୍ଞତାର କଥା କହିଲା । ବାପା ଅଗ୍ନି ଆଣିବାକୁ ଯାଇ ନ ଫେରିବାର ଦେଖି ମାଆଙ୍କର ନଦୀ ଆଡ଼କୁ ଯିବା ଏବଂ ନ ଫେରିବା, କପିଳେଶ୍ୱରୀ ଗାଈର କ୍ଷୀର ଖାଇ ଦୁଇ ଭାଇଙ୍କର ଜୀବନ ଧାରଣ ଓ ନରକୂଳା ଦେବୀଙ୍କର ବର୍ଣ୍ଣନା କଲା । ପଦ୍ମାବତୀ ସେହି ନାବରେ ଥିଲେ । ପିଲାଙ୍କ କାହାଣୀ ଶୁଣି କାନ୍ଦିଲେ । ମହାଜନ ଏହା ଦେଖି ପିଲାମାନଙ୍କ ଉପରେ ବିରକ୍ତ ହେଲା । ସକାଳ ହେଲା । ପଦ୍ମାବତୀ ପିଲା ଦୁହିଁଙ୍କୁ ନିରେଖି ଅନାଇଲେ । ଚିହ୍ନିଲେ । ସେ ରାଜାଙ୍କୁ ଜଣାଇଲେ ଯେ ପିଲା ଦୁଇଟି ତାଙ୍କର । ରାଜା ମହାଖୁଡ଼କୁ ଡକାଇ ପଚାରିଲେ । ମହାଖୁଡ ସବୁ ଜାଣି ଖୁସି ହେଲା । ପୁଅ ଦୁହିଁଙ୍କୁ ଫେରାଇ ଦେଲା ।

ରାଜା, ରାଣୀଙ୍କୁ ଚିହ୍ନି ପାରିଲେ ନାହିଁ । ତାଙ୍କ ଦେହର ବଦଳି ଯାଇଥିବାରୁ ଏପରି ଅସୁବିଧା ହେଲା । ରାଣୀ ପଦ୍ମାବତୀ ଜାଣି ପାରିଲେ । ନଦୀରେ ପ୍ରବେଶ କଲେ । ସ୍ନାନ କଲେ । ସୂର୍ଯ୍ୟଙ୍କୁ ଜଳ ଅଞ୍ଜଳି ଦେଲେ । ତାଙ୍କ ରୂପ ଫେରି ଆସିବାକୁ ପ୍ରାର୍ଥନା କଲେ । ସୂର୍ଯ୍ୟ ଦେବତା ପ୍ରସନ୍ନ ହେଲେ । ରାଣୀ ପଦ୍ମାବତୀଙ୍କର ପୂର୍ବରୂପ ଫେରି ଆସିଲା । ରାଜାରାଣୀ ଚିହ୍ନା ଚିହ୍ନି ହେଲେ । ପୂର୍ବ ସ୍ମୃତି ଉନ୍ମୋଚିତ ହେଲା ।

ରାଜା ରାଣୀଙ୍କୁ ନବରକୁ ଡ଼ାକିଲେ । ରାଣୀ ସେପରି ଯିବାକୁ ଅସମ୍ମତ ହେଲେ । ଅକୂଳକୁ କୂଳ ଦେଇଥିବା ନରକୂଳା ଦେବୀଙ୍କୁ ପୂଜା ନ କଲେ

ସେ ରାଜ ନବରକୁ ଯିବେ ନାହିଁ ବୋଲି କହିଲେ । ରାଜାଙ୍କ ଆଦେଶରେ ସୁନାର ମୂର୍ତ୍ତି ତିଆରି ହେଲା । ବ୍ରତ ପୂଜା ଲାଗି ସମସ୍ତ ଆୟୋଜନ କରାଗଲା । ରାଣୀ ପୂଜାକଲେ । ନାରାକୁଳ ବ୍ରତ ପୂଜାପରେ ନବରଙ୍ଗରେ ପ୍ରବେଶ କଲେ ।

ରାଜ୍ୟରେ ନାରାକୁଳ ବ୍ରତ ପ୍ରଚଳିତ ହେଲା ।

## ସ୍ୱାମୀ ଉଦ୍ଧାର ବ୍ରତ

ଏହି ବ୍ରତର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । କାହାଣୀ ଓ ଭାଷା ଅତ୍ୟନ୍ତ ଅର୍ବାଚୀନ । ମନରୁ କଳ୍ପନା କରି ବ୍ରତଟିଏ ପ୍ରଚାର କରିବାର ଆକସ୍ମିକ ପ୍ରୟାସରୁ ଏହାର ସୃଷ୍ଟି ବୋଲି ମନେହୁଏ ।

ବାଲେଶ୍ୱର କମଳପୁର ଗାଁରେ ଧୋବା ଧୋବଣୀ ଦୁହେଁ ଥାନ୍ତି । ଧୋବାଟି ନାଁ ଧ୍ରୁବ ସେଠୀ ଓ ଧୋବଣୀର ନାଁ ହେମଲତା । ଘର ସଂସାର କରିବାର ବାରବର୍ଷ ବିତିଯାଇ ଥାଏ । ତଥାପି କୋଳକୁ ପିଲାଟିଏ ଆସି ନଥାଏ । ତେଣୁ ସେମାନେ ମନ ଦୁଃଖରେ ସମୟ କଟାଉ ଥାନ୍ତି । ଦିନେ ଧ୍ରୁବକୁ ଏକ ଅସାଧ୍ୟ ରୋଗ ଧରିଲା । ହେମଲତା ଦୁଃଖ ଓ ଅସହାୟତା ଭିତରେ ଅଳକଳ ପାଇଲା ନାହିଁ । ଚକା ଡୋଳାଙ୍କ ପତିତପାବନ ବାନା ଦିଶିଲା । ସେଇ କେବଳ ତାକୁ ଏଇ ଅଥଳ ଦରିଆରେ କୂଳ ଦେବେ । ସେ କରୁଣା କଲେ ତା'ର ପତି ଦେବତା ଝାଡ଼ି ଝୁଡ଼ି ହୋଇ ଉଠିବେ । ଅସାଧ୍ୟ ରୋଗରୁ ଉଦ୍ଧାର ପାଇବେ । ମନ ଦୃଢ଼ କଲା । ସ୍ୱାମୀ-ସ୍ତ୍ରୀ ଦୁହେଁ ଶ୍ରୀକ୍ଷେତ୍ରକୁ ବାହାରିଲେ ।

ପଥ ବହୁଦୂର ଓ ଦୁର୍ଗମ । ଚାଲି ଚାଲି ଯାଉଥାନ୍ତି । ବାଟରେ ଗୋଟିଏ ପଳାଶବଣ ପଡ଼ିଲା । ସେଇ ବଣ ଭିତରେ ଚାଲୁ ଚାଲୁ ଧ୍ରୁବ କ୍ଳାନ୍ତ ହୋଇ ଯିବାରୁ ଗାମୁଛା ପାରି ଶୋଇ ପଡ଼ିଲା । ସେହିଠାରେ ତା'ର ପ୍ରାଣବାୟୁ ଉଡ଼ିଗଲା ।

ହେମଲତାର ଏଇ ଦୁର୍ଦ୍ଦିନରେ କେହି କୁଆଡ଼େ ନାହାନ୍ତି । ସେ ସ୍ୱାମୀଙ୍କ ଗାମୁଛାଟିକୁ ଦଉଡ଼ି ପରି ବୋଳାଇଲା । ଗଛ ଉପରେ ଚଢ଼ିଲା

ଦଉଡ଼ି ଦେଇ ଆତ୍ମହତ୍ୟା କରିବ ବୋଲି । ଏତିକ ବେଳେ ସେଠାରେ ଜଣେ ବୃଦ୍ଧ ବ୍ରାହ୍ମଣ ପହଞ୍ଚିଲେ । ହେମଲତା ଆତ୍ମହତ୍ୟାରୁ ନିବୃତ୍ତ ହେଲା । ବୃଦ୍ଧ ବ୍ରାହ୍ମଣ ମନ୍ତ୍ର ଫୁଙ୍କି ତା' ସ୍ୱାମୀକୁ ବଞ୍ଚାଇ ଦେଲେ । ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଛି ବୋଲି ଆଶ୍ୱାସନା ଦେଲେ । ହେମଲତା ସ୍ୱାମୀ ସହିତ ଘରକୁ ଫେରିଯାଇ ସ୍ୱାମୀ ଉଦ୍ଧାର ବ୍ରତ କଲେ ସେମାନଙ୍କର ପୁଅଟିଏ ହେବ ଏବଂ ତାର ସ୍ୱାମୀଙ୍କର ରୋଗ ଭଲ ହୋଇଯିବ ବୋଲି କହି ଦେଇ କୁଆଡେ ଚାଲିଗଲେ । ହେମଲତା ଓ ତା' ସ୍ୱାମୀ ଗାଁକୁ ଫେରି ସମସ୍ତଙ୍କ ଆଗରେ ନିଜର ଅନୁଭୂତି କହିଲେ । ଏହି ବ୍ରତ କରି ସୁଫଳ ପାଇଲେ । ଅନ୍ୟମାନଙ୍କୁ କରିବାକୁ କହିଲେ । ସେ ଗାଁରେ ନୀଳାମ୍ବର ମହାନ୍ତି ବୋଲି ଜଣେ ଲୋକ ଏମାନଙ୍କ କଥା ଶୁଣି ଉପହାସ କରିବାରୁ ତାଙ୍କୁ ଧନୁଷ୍ଟଙ୍କାର ବାତ ଧରିଲା । ପଛରେ ନିଜ ଦୋଷ ତ୍ରୁଟି ପାଇଁ ବ୍ରତ ମାନସିକ କରିବାରୁ ରୋଗମୁକ୍ତ ହେଲେ ।

## ବାଲ କୁମାରୀ ଓଷା

ମାସର ପ୍ରତ୍ୟେକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଏହି ଓଷା ପାଳନ କରାଯାଇ ପାରେ । ଖଳାବାଡ଼ି, ଧାନ୍ଦ୍ରେ ଅଗଣା ଏହି ଓଷାର ପୂଜା ସ୍ଥାନ । ଭୋଗ ପ୍ରସାଦ ବାଳକ ବାଳିକାଙ୍କୁ ବାଣ୍ଟି ଦିଆଯାଏ । ଅଲେଖ ପରମ ବ୍ରହ୍ମ ଏହି ଓଷାର ଦେବତା । ଏହି ଓଷାରେ ରାତିରେ ଖାଇବା ମନା । ଓଷା କଥାଟି ଚୈତନ ଦାସଙ୍କ ଦ୍ୱାରା ରଚିତ ଏବଂ ହିନାଥ-ସାହୁଙ୍କ ଦ୍ୱାରା ପ୍ରକାଶିତ । ଏହା କୌଣସି ପୁରାଣ ବା ଲୌକିକ ପରମ୍ପରା ଉପରେ ପ୍ରତିଷ୍ଠିତ ନୁହେଁ । ଲୌକିକ ବା ଶାସ୍ତ୍ରୀୟ ହିନ୍ଦୁ ଧର୍ମ ସହିତ ଏହାର କୌଣସି ସମ୍ପର୍କ ନାହିଁ ।

ଶ୍ରୀକୃଷ୍ଣ-ରୁକ୍ମିଣୀଙ୍କ ଆଳାପରୁ ଏହି ଓଷାକଥା ଆରମ୍ଭ କରା ଯାଇଛି । ଥରେ ଶ୍ରୀକୃଷ୍ଣ ମହାନତ୍ୟ ପୁରକୁ ଯାଇଥିଲେ । ସେଠାରେ କେତେକ ଲୋକ ରୁଣ୍ଡ ହୋଇ ମହିମା ଅଲେଖ ବୋଲି' ଡାକୁଥିବାର ଶୁଣିଲେ । ସେ ଆଗରୁ ଏପରି କିଛି ମହାତ୍ମା ବା ଦେବତାଙ୍କ ନାମ ଶୁଣି ନଥିଲେ । ତ୍ରିପୁରା ଦେବୀଙ୍କୁ ଭେଟି ଏ ବିଷୟରେ ପଚାରିଲେ । ତ୍ରିପୁରା ଦେବୀ ତାଙ୍କୁ ସଂକ୍ଷେପରେ ସବୁକଥା ବୁଝାଇଲେ ।

ଶ୍ରୀକୃଷ୍ଣ ରୁକ୍ମଣୀଙ୍କି ଏହି ଓଷା ପାଳନ କରିବାକୁ ପରାମର୍ଶ ଦେଲେ । ଏହି ଓଷାକରି ସତ୍ୟ ଯୁଗରେ ଭୁଷଣ୍ଡି, ତ୍ରେତୟାରେ ସୀତା, ସାବିତ୍ରୀ ଓ ଜନକ, ସନକ. ବଶିଷ୍ଠ ବିଶ୍ୱାମିତ୍ର ଆଦି ସିଦ୍ଧି ପାଇଥିଲେ । ଏହି ଓଷାକରି ଲକ୍ଷ୍ମୀ ତାଙ୍କୁ ଲାଭକରିଥିଲେ । ଏହି ଓଷାକଲେ ବୃଦ୍ଧ ବାଳକ ଓ ବୃଦ୍ଧା କୁମାରୀଭି ପ୍ରାପ୍ତ ହୁଅନ୍ତି । ଗାନ୍ଧାରୀ ଏହି ଓଷାକୁ ନିନ୍ଦା କରିଥିବାରୁ ଶୂନ୍ୟ ଚକ୍ରରେ ତାଙ୍କର ବଂଶନାଶ ହୋଇଥିଲା । ରୁକ୍ମଣୀ ଶ୍ରୀକୃଷ୍ଣଙ୍କ ଠାରୁ ଶୁଣି ଏହି ବାଳକୁମାରୀ ଓଷା ପାଳନ କରିଥିଲେ ।

ଶ୍ରୀକୃଷ୍ଣ ରୁକ୍ମଣୀଙ୍କି ଏହିଓଷା କହିଥିବାର ବର୍ଣ୍ଣନା ଥିଲେ ମଧ୍ୟ ହିନ୍ଦୁ ପୁରାଣରେ ଥିବା କୌଣସି ପୌରାଣିକ ଦେବତା ଅଥବା ଲୌକିକ ହିନ୍ଦୁ ଧର୍ମରେ ପୂଜା ପାଉଥିବା କୌଣସି ଲୌକିକ ଦେବତାଙ୍କ ସହିତ ଏହି ଓଷାର ସଂପର୍କ ନାହିଁ । ଏଥିରେ "ଦେବ-ଦେବୀଙ୍କ ଭୋଗରାଗ ନଖାଇ ଆନନ୍ଦେ ଭଜିବ ଶୂନ୍ୟ ଗୋସାଇଁ" ଏବଂ "ମୂର୍ତ୍ତି ଦେବତା ନକର ଦର୍ଶନ, ପାଷାଣ ପ୍ରତିମା ନ ସେବୁ ସେନ" ଇତ୍ୟାଦିରେ ମୂର୍ତ୍ତିପୂଜା ଓ ଦେବ ଦେବୀ ପୂଜାକୁ ଅସ୍ୱୀକାର କରାଯାଇଛି । ପୁଣି ଯେଉଁ ଖଳାବାଡ଼ି ବା ଦାଣ୍ଡ ଅଗଣାରେ ପୂଜାହେବ ସେଠାରେ ତୁଳସୀ, ବେଲ ପ୍ରଭୃତି ନଥିବାର ନିର୍ଦ୍ଦେଶ— "ପୂର୍ବ ପଶ୍ଚିମେ ଶୂନ୍ୟ ଦିଶୁଥିବ । ତୁଳସୀ, ବେଲ ଗଛ ନ ରହିବ" ରୁ ପାରମ୍ପରିକ ବୃକ୍ଷ ପୂଜାକୁ ମଧ୍ୟ ଅସ୍ୱୀକାର କରାଯାଇଛି । ମହିମା ଅଲେଖ ଠାକୁର ଭୀମ ଭୋଇଙ୍କ 'ମହିମାଧର୍ମ' ସହିତ ଏହାର ସଂପର୍କ ଥିବା ଅନୁମାନ କରାଯାଇ ପାରେ । କିନ୍ତୁ ଓଷା ପୂଜାର ବିଧି ବିଧାନ ମହିମା ଧର୍ମ ସ୍ୱୀକାର କରେ କି ନାହିଁ ତାହା ବିଚାରର ସାପେକ୍ଷ ।

ଉପର ବର୍ଣ୍ଣିତ ପ୍ରାଚୀନ ପୌରାଣିକ, ଲୌକିକ ଓ ଅଳ୍ପ କେତେକ ଅର୍ବାଚୀନ ଓଷା ବ୍ୟତୀତ କୈବର୍ତ୍ତ ଗୀତାରେ ଚଇତି ପୂର୍ଣ୍ଣିମାରେ ଡିଙ୍ଗିପୂଜା ଓ ଚଇତି ଘୋଡ଼ାପୂଜା, କୁରାଳ ପୁରାଣରେ କୁରାଳ ପଞ୍ଚମୀ ବ୍ରତକଥା ବର୍ଣ୍ଣିତ ହୋଇଛି । 'ପୁଂସବନ ବ୍ରତ' ଜଗନ୍ନାଥ ଦାସଙ୍କ ଭାଗବତ ଓ ମୂଳ ସଂସ୍କୃତ ଭାଗବତରେ ବିସ୍ତୃତ ଭାବରେ

ବର୍ଣ୍ଣିତ ହୋଇଛି । ଏହି ବ୍ରତର ମାହାତ୍ମ୍ୟ ଓ ପୂଜା ବିଧି ବିଷୟରେ କୌଣସି ସ୍ୱତନ୍ତ୍ର ବ୍ରତକଥା ଏ ପର୍ଯ୍ୟନ୍ତ ମୋ ଦୃଷ୍ଟିରେ ପଡ଼ିନାହିଁ । କିନ୍ତୁ ଓଡ଼ିଶାର ବଲାଙ୍ଗୀର ଅଞ୍ଚଳ ଖରସୁଆଁ ଗଡ଼ରେ ଶିଶିସୁବନାଥୀ ନାମରେ ଏଗୋଟିଏ ବ୍ରତ ପ୍ରଚଳିତ । ଡକ୍ଟର କୁଞ୍ଜ ବିହାରୀ ଦାଶ ପ୍ରଥମେ ଏହା ସଂଗ୍ରହ କରି ତାଙ୍କ ସନ୍ଦର୍ଭ (୧୯୫୮) ରେ ସୂଚନା ଦେଇଥିଲେ । ସେ ଏହି ବ୍ରତର କାହାଣୀଟି ମଧ୍ୟ ପ୍ରକାଶ କରିଥିଲେ । ତଳେ ସେ ବିଷୟରେ ଆଲୋଚନା କରାଯାଉଛି ।

## ଶିରୀସୁବନାଥୀ ବ୍ରତ

ଓଡ଼ିଶାରେ କୁମ୍ଭାରମାନେ ପାଳନ କରୁଥିବା ବ୍ରତ ଭିତରେ ଏହି ବ୍ରତର ଉଲ୍ଲେଖ ମିଳେନାହିଁ । * କିନ୍ତୁ ସିଂହଭୂମ୍ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ କୁମ୍ଭାରମାନେ ଏହି ବ୍ରତ ପାଳନ କରନ୍ତି । କୁମ୍ଭାର ପୌରୋହିତ୍ୟରେ ଏହା ପାଳିତହୁଏ । ଏଥିର ପୂଜକକୁ 'ଦେହୁରୀ' କୁହାଯାଏ । ସେ ପୂଜା ଆରମ୍ଭରେ ବ୍ରହ୍ମା ଠାକୁର, ଗାଁ ଖଣ୍ଡି ଠାକୁରାଣୀ, ପୁଣ୍ଡରୀକ, ସିନ୍ଦୂର ଗୋରି କଟିଆ ପାଠ, ଦାମୋଦର, ବର୍ଷାଚାକୁଡ଼ା, ଆକର୍ଷଣୀ, କେରାଦୁଗା ଶିତଳେଶ୍ୱରୀ, ଝୁମୁକେଶ୍ୱରୀ, ସମଲେଶ୍ୱରୀ ଓ ମହାମାୟୀ କାଳିକାଙ୍କୁ ଆବାହନ କରେ । ଏଥିରୁ ବ୍ରତଟିର ଅପୌରାଣିକତା ଓ ଅଶାସ୍ତ୍ରୀୟତା ସ୍ପଷ୍ଟ ଜଣାପଡ଼େ । ଦେହୁରୀର କଣ୍ଟା-ପିଢ଼ାରେ ବସିବା, ନିଆଁରେ ଚାଲିବା ପ୍ରଭୃତି ଐନ୍ଦ୍ରଜାଳିକ କ୍ରିୟା ଭକ୍ତମାନଙ୍କ ବିଶ୍ୱାସକୁ ଦୃଢ଼-କରେ । ଏହି ବ୍ରତରେ ବୋଇତ ଚିହ୍ନ ଅଙ୍କିତ ହୁଏ । ଏହା ସହିତ ବ୍ରତକଥାର ସମ୍ପର୍କ ଅଛି । ଗୁହ୍ୟ-ଯାଦୁ-କ୍ରିୟା ସହିତ ଏହି ବ୍ରତର ସମ୍ବନ୍ଧଥିବା କଥା ବ୍ରତ ସହିତ ପ୍ରଚଳିତ କଥା ବା କାହାଣୀରୁ ମଧ୍ୟ ଜଣାପଡ଼େ ।

ଦନ୍ତାହୁଲି ରାଜ୍ୟର ରାଜା ହେମନ୍ତ ବଣକୁ ଯାଇ ଈଶ୍ୱର ନାଥଙ୍କ ଧ୍ୟାନରେ ବସିଲେ । ରାଜନବର ଭାଙ୍ଗିରୁଜି ଗଲା । ଦାସ ଦାସୀ ଛାଡ଼ି ପଳାଇଲେ । ରାଣୀ ଭବଲୀଲାଙ୍କର ଅସହାୟତା ବୋଧ

---

* Ritual Nexus' in Peasant Potters of Orissa (1978) by Dr. N. K. Behura 242-269

ଓ ମର୍ମବେଦନା ବଢ଼ିଲା । ସେ ଦିନକୁ ଦିନ କ୍ଷୀଣ ହୋଇଗଲେ । ଏପରି କେତେକ ବର୍ଷ ବିତିଗଲା । ରାଜା ବଣରୁ ଫେରି ଦେଖିଲେ, ତାଙ୍କ ଉଆସ ବଣରେ ପରିଣତ ହେବାକୁ ବସିଲାଣି । ମେଘନାଦ ପାଚେରୀ ଭାଙ୍ଗି ପଡୁଛି । ରାଣୀ ପୋଖରୀରେ ଘୋଡ଼ାଦଳ ଭର୍ତ୍ତି । ଉଆସ କାନ୍ଥମାନ ଭୁଷୁଡ଼ି ପଡ଼ୁଛି । ଏ ଅବସ୍ଥା ଦେଖି ସେ ନାରଦ ମାମୁଁଙ୍କୁ ସୁମରଣା କଲେ । ନାରଦ ଢିଙ୍କି ବାହାନରେ ଚଢ଼ି ଦନ୍ତାହୁଲି ରାଜ୍ୟରେ ପହଞ୍ଚିଲେ । ସବୁ କଥା ଦେଖିଲେ, ଶୁଣିଲେ । ସେ କାରିଗର କୋଢ଼ାଳିଆ, ତେରଶ କୁର୍‌ହାଡ଼ିଆଙ୍କୁ ଡକାଇ ନଅର ଯୋଗା କରାଇଲେ । ରାଜ ପୁରୋହିତ ଆସିଲେ, ଆଠ ବର୍ଣ୍ଣିଆ ବ୍ରାହ୍ମଣ ଆସିଲେ । ନଅର ପ୍ରତିଷ୍ଠା କରାଗଲା । ରାଜାରାଣୀ ପୂର୍ବପରି ସୁଖ ଶାନ୍ତିରେ ରହିଲେ । କିନ୍ତୁ ରାଜାଙ୍କୁ ପୁଣି ଥରେ ରାଜବେଶ ଛାଡ଼ି ଘୋର କଉପିନ ପିନ୍ଧି ବଣକୁ ଯିବାକୁ ପଡ଼ିଲା ।

କଥାଟା କଣ କି, ଦିନେ ରାଜା ହାତୀଦାନ୍ତ ପାଲିଙ୍କିରେ ବସି ବୁଲା ବିଜେ କରିଛନ୍ତି । ଆଗେ ଆଗେ ଦଶ ମୁଣ୍ଡା ହାତୀ ଚାଲିଛି । ବାନା ବଇରେଖ ଉଡୁଛି । ଭାଟମାନେ ସ୍ତୁତି କରୁଛନ୍ତି । ନାଚୁଣୀ ମାନେ ନାଚୁଛନ୍ତି । ବାଦ୍ୟ ବାଜଣାରେ ଦାଣ୍ଡ ଉଚ୍ଛୁଳି ଉଠୁଛି । ଏତିକି ବେଳେ ବଡ଼ ଅଘଟଣ ଘଟିଗଲା । ନିତେଇ ଧୋବଣୀ ମଇଳା ଲୁଗା ଧରି ସେଇବାଟେ ଯାଉ ଯାଉ ଅପୁତ୍ରିକ ରାଜାଙ୍କ ମୁହଁ ଚାହିଁ ଦେବାରୁ ପ୍ରକାଶ୍ୟରେ ଆତ୍ମ ଧିକ୍‌କାର କଲା । କଥାଟା ରାଜାଙ୍କ କାନରେ ପଡ଼ିଲା । ତାଙ୍କ ଆତ୍ମାକୁ ବାଧିଲା । ସେ ବଣକୁ ଚାଲିଯାଇ ଈଶ୍ୱର-ନାଥଙ୍କ ଘାଟରେ ଧ୍ୟାନରେ ବସିଲେ ।

ରାଜା ହେମନ୍ତଙ୍କ କଠୋର ତପସ୍ୟାରେ ଈଶ୍ୱରନାଥଙ୍କ ଆସନ ଟଳିଲା । ସେ ଉଭା ହୋଇ ବର ଯାଚିଲେ । ହେମନ୍ତ ରାଜା ପୁଅଟିଏ ମାଗିବାରୁ ତାଙ୍କ ହାତରେ ସତ୍ୟ ଆମ୍ବଟିଏ ଦେଇ ଉଭେଇ ଗଲେ । ରାଜା ଆମ୍ବଟି ଆଣି ରାଣୀଙ୍କୁ ଦେଲେ । ରାଣୀ ଭବଲୀଳା ଆପେ ଅଧେ ଖାଇଲେକି, ଆଉ ଅଧକ ବାର ଋଷିଆଣୀଙ୍କ ପାଖକୁ ପଠାଇ ଦେଲେ । ଆମ୍ବ ଖାଇବାରୁ ଭବଲୀଳାଙ୍କର ପୁଅଟିଏ ହେଲା । ନାଁ

ଦିଆହେଲା — ଲଳିତ । ଗଙ୍ଗାଜଳ ରଜାଂର ବାରଋଷିଆଣୀଙ୍କର କୋଳ ଉଜ୍ଜ୍ୱଳ କରି ଝିଅଟିଏ ହେଲା । ନାଁ ଦିଆ ହେଲା — କଳା ତୁଳସୀ ।

ପିଲା ଦୁହେଁ ବଡ଼ ହେଲେ । କ୍ରମେ କଳାତୁଳସୀ ପାଇଁ ବରଘର ଖୋଜା ପଡ଼ିଲା । ନାରଦ ମାମୁଁ ଲଳିତ ପାଇଁ ପ୍ରସ୍ତାବ ଦେଖାଇଲେ । ବାରଋଷି ଅମଙ୍ଗ ହେଲେ । ହେମନ୍ତ ରଜା ତାଙ୍କର ସମାସ୍କନ୍ଧ ନୁହନ୍ତି ବୋଲି ଗେକ୍ ଠୋକ୍ ଶୁଣାଇ ଦେଲେ । ନାରଦ ଏଇ କଥାଟି ହେମନ୍ତ ରଜାଙ୍କୁ କହିଦେଲେ । ଦନ୍ତାହୁଳ ଓ ଗଙ୍ଗାଜଳ ରାଜ୍ୟ ଭିତରେ ଲାଗିଲା ଘମାଘୋଟ ବିବାଦ । ଶେଷରେ ବାରଋଷି ବାରଋଷିଆଣୀ ଶରଣ ପଶି ଲଳିତ ସହିତ କଳାତୁଳସୀର ବିବାହ କରାଇ ରାଜ୍ୟରୁ ଅଧେ ଯୌତୁକ ଦେଲେ । ଲଳିତ ଯୌତୁକ ରାଜ୍ୟରେ ରହିଲା ଯେ, ଆପଣା ରାଜ୍ୟକୁ ଆଉ ବାହୁଡ଼ିଲା ନାହିଁ । ରାଣୀ ଧବଳମାଳାଙ୍କ ମନଦୁଃଖ କହିଲେ ନସରେ ।

ଶିଶୁ ସୁବନାଥୀ ସ୍ୱର୍ଗର ଦେବୀ । ସେ ତାଙ୍କ ବାପୁଡ଼ମାନଙ୍କୁ ମର୍ତ୍ତ୍ୟକୁ ପଠାଇଲେ । ସେମାନେ ଭିକାରୀ ରୂପରେ ଥାଳଧରି ବୁଲିଲେ । ଅଦିଆ ରଜା ମାରି ଗୋଡ଼ାଇଲା । ପଦିଆ ରଜା ଘଉଡ଼ି ଦେଲା । କିଏ କେତେ ପ୍ରକାର କହିଲେ । ସେମାନେ ସବୁଆଡ଼ୁ ହତାଦର ପାଇ ଶେଷରେ ବାରଋଷି ବାର ଋଷିଆଣୀଙ୍କ ପାଖରେ ପହଞ୍ଚିଲେ । ସେ ଦୁହେଁ ବାପୁଡ଼ମାନଙ୍କୁ ବହୁ ଆଦର ଗୌରବ କରି ଲୁଗାପଟା ଓ ଅଳଙ୍କାର ମାନ ଦେଲେ । ବାପୁଡ଼ମାନେ ସ୍ୱର୍ଗକୁ ଫେରି ଯାଇ ଶିଶୁସୁବନାଥୀଙ୍କ ଆଗରେ ସବୁ କଥା ଜଣାଇଲେ । ଶିଶୁ-ସୁବନାଥୀ ବାରଋଷି ବାରଋଷିଆଣୀଙ୍କ ଉପରେ ପ୍ରସନ୍ନ ହେଲେ ।

ବାରଋଷି ବାରଋଷିଆଣୀଙ୍କର ହାତଗୋଡ଼ ପୋଡ଼ି ଯାଇ ଥିଲା, ଆଖି ଫୁଟି ଯାଇଥିଲା । ଶିଶୁ ସୁବନାଥୀ ତାଙ୍କ ଯଜ୍ଞ କୁଣ୍ଡରେ ଉଭା ହୋଇ ବାର ଋଷିଆଣୀଙ୍କ କୋଳକୁ ଡେଇଁ ପଡ଼ିଲେ । ସେମାନଙ୍କ ହାତ ଗୋଡ଼ ଗଜୁଁରିଲା । ଆଖି ଫିଟିଲା । କନ୍ୟାଟିଏ

ଦେଖି ସେମାନଙ୍କର ମନ ଭଙ୍ଗା ହୋଇଗଲା । ବାରରଷି କହିଲେ ଝିଅକୁ ନେଇ ପାଣିରେ ପକାଇ ଦେବେ । ବାରରଷିଆଣୀ କହିଲେ, ଅଜ୍ଞାନ ବାଳୁତଟିଏ ପାଣିରେ ଫୋପାଡ଼ିଦବା କିଆଁ, କାହାକୁ ଦେଇ ଦେବା । ଦୁହେଁ ରାତି ଅଧରେ ଗଲେ ଦନ୍ତାହୁଲି ରାଜ୍ୟର ରାଜ ଉଆସକୁ ।

ଦନ୍ତାହୁଲି ରାଜ୍ୟର ରଜା ରାଣୀ ଉଆସ ଭିତରେ ଶୋଇଥିଲେ । ଗଙ୍ଗାଜଳ ରାଜ୍ୟର ବାରରଷି ବାର ରଷିଆଣୀ ପହଞ୍ଚିବା ମାତ୍ରେ ଉଆସର ଲୁହା କବାଟ ଖୋଲିଲେ । ସେମାନେ ଝିଅଟିକୁ ସେମାନଙ୍କ କୋଳରେ ଶୁଆଇ ଦେଇ ଚାଲି ଆସିଲେ । ଉଆସ କବାଟ ମନକୁ ମନ ବନ୍ଦ ହୋଇଗଲା । କିଛି ସମୟ ପରେ କଅଁଳା ଛୁଆର କାନ୍ଦଣାରେ ହେମନ୍ତ ରଜା ଓ ଭବନ୍ତିଲାଙ୍କ ନିଦ ଭାଙ୍ଗିଲା । କୋଳରେ ନବଜାତ ଛୁଆଟିଏ ଦେଖିଲେ । ଆଶ୍ଚର୍ଯ୍ୟ ହେଲେ । ଖୁସି ବି ହେଲେ । ବିବିଧ ଦାନ, ବିଧିମତେ ଜାତକର୍ମ କଲେ । ଏକୋଇଶିଆ ଦିନ ନାଁ ଦିଆ ହେଲା —ଶିଶୁ । ସେ । ରାଜ ଉଆସରେ ଆଦର ଯତ୍ନରେ ବଢ଼ିଲା ।

ଶିଶୁ ନିୟମ ପାଠ ପଢ଼ିଲା । ଅସ୍ତ୍ର ଶସ୍ତ୍ର ଚାଳନା, ଶିକାର, ନୌଚାଳନା ଆଦି ଶିଖିଲା । ସ୍ୱର୍ଗର ଦେବୀ ସିଏ । ଇଚ୍ଛା କରି ମର୍ତ୍ତ୍ୟରେ ଜନ୍ମ ନେଇଛି । ତାର ଇଚ୍ଛା ତୋଫାନ ପରି ଉଡ଼ିବ, ଲହଡ଼ି ପରି ଡେଇଁବ, ଦୁର୍ଦ୍ଦାନ୍ତ ଦୁର୍ଦ୍ଦମନୀୟ ହୋଇ ବଢ଼ିବ । ସେ ବୋଇତ ନେଇ ଦରିଆରେ ଚାଲି ଯିବାକୁ ମନ ବଳାଇଲା । ହେମନ୍ତ ରଜାଙ୍କୁ ମନକଥା କହିଲା । ସେ ଝିଅର ମନ ଭାଙ୍ଗି ଦେବାକୁ ଚାହିଁଲେ ନାହିଁ । ତାର ଚାହିବା ଅନୁସାରେ ସାଙ୍ଗରେ ଦେଲେ—ହୀରା, ନୀଳା, ମୋତି, ମାଣିକ୍ୟ, ଛକ ବୈରେଖ, ଦନ୍ତାମନ୍ତ ହାତୀ, ଉଡଣି ବାରଣ ଘୋଡ଼ା, ମଗର ମୁହାଁ ପାଲିଙ୍କି, ନାଟୁଆ ଝିଅ, ଭାଟ ପୁଅ, ତମ୍ବୁ ଘର, ପାଲ ଘର, ବାଇଶ କୁଦାଳିଆ, ତେରଶ କୁରାଡ଼ିଆ, ଦାସିଆ କେଉଟ, ନାଗରା ଧାମସା ତୁରୀ, ରଣଶିଙ୍ଗା, ମୁରୁଣି, ତାଲଣି ଆଦି ଷୋଳ ଖଣ୍ଡ ବୋଇତ । ପୂର୍ଣ୍ଣ ଭାଦ୍ରବ କାଳାତୁଳସୀକୁ ତୁଳସୀ ପତ୍ରରେ ଓଜନ କରି ସାଥିରେ

ନେଲ । ସାତ ଦହ ପାରି ହୋଇ ଚଳିଲ । ବାଟରେ ବେଣୁ ରଜା, ବାର୍‌ହା ରଜାଙ୍କ ସଙ୍ଗେ ମିତ୍ରତା ଥାପିଲ । କାପୁ ଦେବୀ ଘାଟରେ କାପୁ ବଦଳାଇଲ । ନାଁ ଘେନଲ ବଡ଼ର ନାୟକ । ବଡରକୁ ଡ଼ର ନାହିଁକ ଭୟ ନାହିଁ । ସଦଳ ବଳ ବୋଇତ ଧରି ସିଂହଳ ଦ୍ୱୀପର ଚଳିଆ କୂଦ ଘାଟରେ ପହଞ୍ଚିଲ । ସମସ୍ତେ ଓହ୍ଲାଇଲେ । ତମ୍ବୁଘର, ପାଲ୍‌ଘର ଟଣା ହେଲ । ଗୁଡଗି ପଡ଼ିଲ । ବଡର ନାୟକ ସିଂହଳ ବିଜୟର ଯୋଜନା କଲ ।

ବଡ଼ରର ଆଦେଶରେ ବାରଶ କୋଦାଳିଆ, ତେରଶ କୁରାଢ଼ିଆ ସିଂହଳ ଦ୍ୱୀପର ମଧୁବନ ତୋଟା, ଗୁଆ ବାଡ଼ି, ନଡ଼ିଆ ବାଡ଼ି ହାଣି ଛାରଖାର କରିଦେଲେ । ଗଙ୍ଗା ଯମୁନା ବନ୍ଧ କାଟି ପକାଇଲେ । ଦନ୍ତା ମୁଣ୍ଡା ହାତୀ, ଉଡ଼ଣ ବାରଣ ଘୋଡ଼ା, ନବଲକ୍ଷ ବାସୁଆ ବଳଦ ପଶି ଧାନ, ବିରି, ମୁଗ, ଷୋଳଷ କଥା ଦଳିଚକଟି ନଷ୍ଟ ଭ୍ରଷ୍ଟ କରି ପକାଇଲେ । ଡାଳିମ୍ବା ରଜା ଖବର ପାଇଲେ । ଆପଣାର ଦଳ ବଳ ଘେନି ବଡର ନାୟକର ଗୁଡଗି ନିକଟରେ ପହଞ୍ଚିଲେ । ବଡ଼ର ତାଙ୍କୁ ପାଛୋଟି ନେଲ । ମୈତ୍ରୀ ସ୍ଥାପନ କଲ । ଦୁହେଁ ଖାଇ ବସିଲ । କଳାଭୁକଣା ପରଷିଲ ।

ନଅ ତିଅଣ, ଛଅ ଭଜା, ଅମ୍ବିଳ, ମହୁର, ପିଠା, ଖିରି, ଖିରସା, ପରସା ହେଲ । କଳାଭୁଲସା ପ୍ରତିଥର ବେଶ ବଦଳାଇ ପରଷୁଥାଏ । ଡାଳିମ୍ବା ରଜା ଯା ଦେଖି ତାଜୁବ୍ । ବଡର ପ୍ରତିଥର ନୂଆ ନୂଆ ପରିଚୟ ଦେଇ କହୁଥାଏ—ଏକୁ ଗଉଡ଼ ଦେଶ ଜିଣି ଆଣିଛୁ ଏକୁ ନେପାଳ ଜୟ କରି ଆଣିଛୁ । ଏକୁ ଭୋପାଳ ଦେଶ ଜିଣି ବନ୍ଧା ହୋଇଛୁ ଏକୁ ତେଲିଙ୍ଗ ଦେଶ ଜିଣି ଘର୍ଣ୍ଣୀ ହୋଇଛୁ ଇତ୍ୟାଦି । ଡାଳିମ୍ବା ରଜାଙ୍କ ମନରେ ଭୟ ହେଲ । ଏତେ ବଡ଼ ବଜେତା । ଏତେ ଏତେ ବଳବନ୍ତ ରଜାଙ୍କୁ ଜିଣି ସେମାନଙ୍କ ଝିଅମାନଙ୍କୁ ଘର୍ଣ୍ଣୀ କରିଛୁ । ମନରେ ଭାବିଲ, ଏକୁ କେଳହୁଁ ଉପାୟ ନକଲେ ନଚଳେ । ଖିଆ ପିଆ ପରେ ଆଚମନ ସାରି ରଙ୍ଗ ଗାମୁଛାରେ ମୁହଁ ପୋଛିଲ । ବଡ଼ର ନାୟକକୁ ନିଜ ଦେଶକୁ ନିମନ୍ତ୍ରଣ କଲ ।

ଡାଳମ୍ବା ରଜା ନଅରରେ ଖିଆ ପିଆର ଆୟୋଜନ ହେଲା । ମୁରୁଜ ଚିତା କଣା ହୋଇ ଠାପିଡ଼ା ସଜ ହେଲା । ସୁବର୍ଣ୍ଣ ଥାଳରେ ଅନ୍ନ ପରଷା ହେଲା । ବଡର ମୂଳହୁଁ ହୁସିଆର । ସାଙ୍ଗରେ ନେଇ ଥିଲା ଶଙ୍ଖି ବିଲେଇ, ଡାହାଣ କୁକୁର, ପାଠ ଭଲ ଶୁଆ । ସେମାନେ ଆଗ ଚାଖିଲେ, ବଡ଼ର ପଛେ ଖାଇବ । ପ୍ରଥମ ଗୁଣ୍ଡ୍ରାକ ଶଙ୍ଖି ବିଲେଇ, ଡାହାନ କୁକୁର ଖାଇଲେ ଓ ଖାଉ ଖାଉ ଢଳି ପଡ଼ିଲେ । ସେ ସବୁ ଜାଣିଗଲା । ବାଘ ରଜା, ବାର୍‌ହା ରଜାଙ୍କ ପାଖକୁ ଚିଠାଉ ଲେଖି ସେମାନଙ୍କ ବେକରେ ବାନ୍ଧିଦେଇ ଦରିଆରେ ଭସାଇ ଦେଲା । ତେଣୁ ସାହାଯ୍ୟର ନିଶ୍ଚିତ ପ୍ରତିଶ୍ରୁତି ଆସିଗଲା । ଦୁଇପକ୍ଷ ବଳ କଷା କଷି ପାଇଁ ସଜ ହୋଇଗଲେ ।

ଯୁଦ୍ଧ ପଡ଼ିଆରେ ଭୈରବ ସ୍ଥାପନ କରି କଳା ବୋଦା, ଧଳା ବୋଦା ବଳି ପଡ଼ିଲା । ପଥର ଠେକିବା. ଆଡଖମ୍ବ ବାଉଁଶ, ମାଲଖମ୍ବ ବାଉଁଶ ସରଗର ଲଠି ଚଢ଼େଇକୁ ବିନ୍ଧିବା, ଲୁହା ଖାରଣ୍ଡିକୁ ଖଣ୍ଡାରେ ହାଣିବା, ବାରହାତ ଖଣ୍ଡାରେ ଉହ ଉହ ରଡ଼ି ନିଆଁରେ ଚୁଲିବା ଇତ୍ୟାଦି କେତେକ ଶାରୀରିକ ଓ ଐନ୍ଦ୍ରଜାଲିକ ଶକ୍ତିର ପରଖରେ ଡାଳମ୍ବ ହାରିଲେ । ତାପରେ ଆରମ୍ଭ ହେଲା ଖଣ୍ଡା ଯୁଦ୍ଧ । ଏଥିରେ ବଡର ଡାଳମ୍ବାକୁ ଦିଗରକରି କାଟି ପକାଇଲେ । ଗଣ୍ଡି ମୁଣ୍ଡ ଛଟପଟ ହେଲା । ଧାରି ଧାରି ରକ୍ତରେ ଯୁଦ୍ଧ ଭୂଇଁ ଜୁଡ଼ୁ ବୁଡୁ । ବଡ଼ର ମନରେ ଦୟା ଉକୁଟିଲା । ମାରି ବଡ଼ କି ତାରି ବଡ ? ପୁଣି ଗଣ୍ଡି ମୁଣ୍ଡ ଏକାଠି କରି ମନ୍ତ୍ର ପାଣି ଛିଞ୍ଚି ଜୀଆଇ ଦେଲା । ଡାଳମ୍ବା ନିଦରୁ ଉଠିଲା ପରିଏ ଉଠି ବସିଲା । ପୁଣି ଦୁହେଁ ସାଙ୍ଗ ହୋଇ ଗଲେ । ପଶା ଖେଳି ବସିଲେ । ଏଥିରେ ପ୍ରଥମେ ବଡର ହାରିଲା । କିନ୍ତୁ ପୁଣି ପରେ ପରେ ନିଜ ପାଖରେ ଥିବା କାଣି କଉଡ଼ି ପ୍ରଭାବରୁ ଜିତିଗଲା । ଡାଳମ୍ବାକୁ ହଟାଇ ଦେଇ ବନ୍ଦୀ କଲା । ତାକୁ ଆପଣା ବୋଇତର ମଙ୍ଗରେ ବାନ୍ଧି ସଦଳବଳ ଦନ୍ତାହୁଲି ରାଜ୍ୟକୁ ବାହୁଡ଼ିଲା । ବାଟରେ କାୟା ବଦଳାଇ ଗଙ୍ଗାଜଳ ରାଜ୍ୟରେ ବାପ ପାଖରେ ଖଉଜ କଳାଭୁଲସାକୁ ଛାଡ଼ି ନିଜ

ଉଆସରେ ପହଞ୍ଚିଲା । ଶିଶୁ ସିଂହଳ ରଜାକୁ ହଟାଇ ବନ୍ଦୀ କରି ଆଣିବା ଘଟଣା ରଜାସାରା ଖେଳିଗଲା ।

ସ୍ୱର୍ଗରୁ ନାରଦ ମ.ମୁ ଆସିଲେ । ଶିଶୁର ବାହାଦୂର ପ୍ରସଙ୍ଗ ଚଳିଲା । ବନ୍ଦୀ ହୋଇ ଆସିଥିବା ଡ଼ାଳମ୍ବା ରଜା ସହିତ ଏକ ଅଦ୍ଭୁତ ସର୍ତ୍ତରେ ତାର ବିବାହ ହେଲା । କିନ୍ତୁ ସେ ତ ସ୍ୱର୍ଗର ଦେବୀ । ମର୍ତ୍ତ୍ୟରେ ଲୀଳା ଖେଳା ସରିଗଲା । କେତେ ଦିନ ବା ରହିବେ । ସମୁଦ୍ର ଭିତରକୁ ଡଙ୍ଗାରେ ଗୁଲିଯାଇ ହସ-କାନ୍ଦ-କ୍ରୋଧର-ବିଚିତ୍ର ଦୃଶ୍ୟ ସୃଷ୍ଟିକରି ବୁଡ଼ିଗଲେ ।

ଜଣେ ଗାଆଣି ଏହି ମୌଖିକ ବ୍ରତ କଥାଟିକୁ କହନ୍ତି । ଏହି ବ୍ରତକଥାଟିର ଭାଷାରେ ବୈଶିଷ୍ଟ୍ୟ ଅଛି । ଏହାର ଉଚ୍ଚାରିତ ବାକ୍ୟ ଗୁଡ଼ିକ ପଦ୍ୟ ପରି ଶୁଭେ । ଏହି ଭାଷାର ସାବଲୀଳତା ଓ ଶକ୍ତି ଅପୂର୍ବ ।

ଜଳ ଯାତ୍ରା ବେଳେ ଶିଶୁଙ୍କ ନିର୍ଦ୍ଦେଶ ଓ ବୋଇତ ଯାତ୍ରା ବର୍ଣ୍ଣନାଟି ହେଲା —

ଦଦାକେ ବୋଲଇ ଦାସିଆ କେଉଟ<br>
ତୁମ୍ଭେ ଦଦା ସୁରରେ ବାହିବ<br>
କି ଆହା ସୁରରେ ବାହିବ ।<br>
ଦଦାକେ ବୋଲଇ ଏ ବଗ୍ଘ କେଉଟ,<br>
ତୁମ୍ଭେ ଦଦା ଟାଣି ନାବ ବାହି<br>
କି ଆହା ଟାଣି ନାବ ବାହି ।<br>
ଏ ଯେ ତାର ନାଗରା ବାଜିଲା<br>
ଏ ଯେ ତାର ଧମ୍‌ସା ବାଜିଲା<br>
ଏ ଯେ ତାର ମୁଖ ବଂଶୀମାନ<br>
ଏ ଯେ ତାର ନାକ ବଂଶୀମାନ<br>
ଏ ଯେ ତାର ଡବ ଡ଼ବ ବାଇଦ<br>
ଏ ଯେ ତାର ଟେମ୍‌କା ବାଇଦ<br>
ଏ ଯେ ତାର ନାଚୁଆର ଝିଅ<br>
ଏ ଯେ ତାର ନାଚ ଯାଉଅଛି

ଏ ଯେ ତାର ଭଣ୍ଟିଆର ସୁଅ
ଏ ଯେ ତାର ଜବର୍ ପଞ୍ଝି
ଦଦାକେ ବୋଲଇ ଏ ଦାଗ ବାରୁଆ,
ତୁମ୍ଭେ ଦଦା ଦାଗଟା ବାରିବ
ସିଂହଳ ଦ୍ୱୀପ ଅଛି କେତେଦୂର ?
ସିଂହଳ ଦ୍ୱୀପ ଅଛି ବହୁଦୂର ।
ଏ ଯେ ତାର ବୋଇତ ଚଳିଲା । *

ଓଡ଼ିଶାରେ ବସବାସ କରୁଥିବା କୁମ୍ଭାର ମାନଙ୍କ ମଧ୍ୟରେ ଏହି ବ୍ରତଟି ପ୍ରଚଳିତ ଥିବାର ଜଣାଯାଇ ନାହିଁ । ଓଡିଶାର କୁମ୍ଭାର ଗୋଷ୍ଠୀ ମଧ୍ୟରେ ଅଧିକ ପ୍ରଚଳିତ କୁରାଳ ପଞ୍ଚମୀ କଥାଟି ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । କଥା ଓ ପୂଜା ପଦ୍ଧତି ମଧ୍ୟ ଅଲଗା । 'କୁରାଳ ପୁରାଣ' ରେ ଥିବା ଏହି ବ୍ରତ କଥାଟି ତଳେ ଆଲୋଚନା କରାଯାଉଛି ।

## କୁରାଳ ପଞ୍ଚମୀ

ମାର୍ଗଶିର କୃଷ୍ଣପକ୍ଷ ପଞ୍ଚମୀ ଦିନ କୁମ୍ଭକାର ମାନେ କୁରାଳ ପଞ୍ଚମୀ ବ୍ରତ ପାଳନ କରନ୍ତି । ଓଡ଼ିଆ ପଞ୍ଜିକା ମାନଙ୍କରେ ଉଲ୍ଲେଖ ଥାଏ— "ଅଦ୍ୟ କୁରାଳ ପଞ୍ଚମୀ । କୁମ୍ଭକାର ମାନଙ୍କର ଚକ୍ରପୂଜା ।" ୧୪-୧୨-୮୧ ତାରିଖ ସମାଜରେ ପ୍ରକାଶିତ ଏକ ସମ୍ବାଦରେ ଉଲ୍ଲେଖ ଥିଲା – "କୁମ୍ଭକାର ମାନଙ୍କର ଶ୍ରେଷ୍ଠପର୍ବ କୁରାଳ ପଞ୍ଚମୀ ଏବଂ ଓଡ଼ଣ ଷଷ୍ଠୀ ଉତ୍ସବ କୁମ୍ଭାର ସାହିରେ ଗତ ୧୨ ତାରିଖରୁ ପାଳନ କରାଯାଉଛି । ପାଞ୍ଚଦିନ ବ୍ୟାପି ଏଠାରେ ବାଘ ପାଲାର ଆୟୋଜନ କରାଯାଇଛି । ଦୈନିକ ଶହ ଶହ ଶ୍ରୋତା ଏଠାକୁ ଯାଇ ପାଲା ଶୁଣୁଛନ୍ତି ।" ଗତ କେତେବର୍ଷ ଧରି ଏହି ଅବସରରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜାର ଆୟୋଜନ ମଧ୍ୟ କରାଯାଉଛି । ମାତ୍ର ପୂର୍ବେ ଏପରି ନଥିଲା । ଏହି ପ୍ରସଙ୍ଗରେ ଡକ୍ଟର ନବକୁମାର ବେହୁରା ଲେଖିଛନ୍ତି—

---

* ପଲ୍ଲୀ ଗୀତ ସଞ୍ଚୟନ ତୃତୀୟ ଭାଗ ପୃ-୨୮

In the past, on this occasion, the potters used to simply propitiate their pottery wheels, other tools and a lump of processed clay, but no image. But for the last two decades or so, they have introduced the worship of the image of Viswakarma, the celestial artificer of god created the universe on this day. 1

ଓଡ଼ିଶାର ସାଂସ୍କୃତିକ ପୃଷ୍ଠଭୂମିରେ 'ଜାତି' କୁ ଗୋଟିଏ ସାମାଜିକ ଓ ସାଂସ୍କୃତିକ ଗୋଷ୍ଠୀ ଭାବରେ ବିଚାର କରାଯାଇଥାଏ । ପ୍ରତ୍ୟେକ ଜାତିର ଚଳଣି ଓ ପରମ୍ପରାରେ କେତେକ ସ୍ୱାତନ୍ତ୍ର୍ୟ ଲକ୍ଷ କରାଯାଏ । ବିଭିନ୍ନ ଓଷାବ୍ରତ ପର୍ବ ପର୍ବାଣିର ପାଳନରେ ମଧ୍ୟ ଏହି ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ ।2 କୁରାଳପଞ୍ଚମୀ ଓଡ଼ିଆ କୁମ୍ଭାରମାନଙ୍କର ସ୍ୱତନ୍ତ୍ର ପର୍ବ । ୧୯୬୯ ମସିହାରେ ପୁରୀ ଜିଲ୍ଲା ନୟାଗଡ଼ ସବ୍‌ଡିଭିଜନ ଅନ୍ତର୍ଗତ ଓଡ଼ଗାଁ ସମୀପବର୍ତ୍ତୀ କୁରାଳ ଗ୍ରାମରେ କୁମ୍ଭକାର ମାନଙ୍କ ଠାରୁ ଏହି ପର୍ବ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଯାଇଥିଲି । ପୂର୍ବେ ବ୍ରାହ୍ମଣ ମାନେ ଏହି ପୂଜାରେ ପୌରୋହିତ୍ୟ କରୁନଥିଲେ । ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ଏହିଦିନ ଚକ୍ର ପୂଜା କରିବା ଓ ଉପବାସ ପାଳନ କରିବାର ବିଧି ପ୍ରଚଳିତ ଥିଲା । ଏବେ କେତେକ ପରିବାରରେ ବ୍ରାହ୍ମଣ ପୌରୋହିତ୍ୟରେ କୁମ୍ଭାର ଚକର ପୂଜାବିଧି ସଂପାଦନ କରାଯାଉଛି । ଏହିଦିନ ଘରଦ୍ୱାର ଓ ଶାଳ ଲିପାପୋଛା ହୁଏ ଏବଂ ଚଟାଣରେ ଝୋଟି, ଚିତା ଆଦି ଅଙ୍କିତ ହୁଏ । ଚକ୍ରପୂଜା ଏଥିରେ ପ୍ରଧାନ । ଏହି ଚକ୍ରର ଜନ୍ମ ଓ କୁରାଳ ବା କୁମ୍ଭାର ଜାତିର ସୃଷ୍ଟି ସମ୍ପର୍କରେ ଗୋଟିଏ ସୁନ୍ଦର କାହାଣୀ ଅଛି । ଏହି କାହାଣୀ ଅନୁସାରେ ରୁଦ୍ରପାଳ ହେଉଛନ୍ତି

---

1. Peasant potters of Orissa, A Sociological Study By, Dr. N. K Behura. P p 263

2- Folklore of Orissa Dr. K. B. Das Dr. L. K. Mohapatra.

ପ୍ରଥମ କୁମ୍ଭଳ ବା କୁମ୍ଭକାର ଜାତିର ମୂଳ । ବିଷ୍ଣୁ ନାଥଙ୍କ କପୋଳ-ନିର୍ଗତ ଘର୍ମରୁ ତାଙ୍କର ଉତ୍ପତ୍ତି ।

ବ୍ରହ୍ମାଣ୍ଡ ସୃଷ୍ଟି ହେଲା । ଛପନ କୋଟି ଜୀବ ଛତିଶ ପାଟକ ଜନ୍ମ ହେଲେ । ଚିନ୍ତା ପଡ଼ିଲା ଏମାନେ ଖାଇବେ କଅଣ ? ବିଷ୍ଣୁ ବାଉନ କୋଠି ଭଣ୍ଡାର ଫିଟାଇ ବିଭିନ୍ନ ପ୍ରକାର ଶସ୍ୟ ଦେଲେ । ଛପନ କୋଟି ଜୀବଙ୍କୁ ବାଉନ କୋଠି ଭଣ୍ଡାର ନିଅଣ୍ଟ ହେବାର ଦେଖାଗଲା । ଅବଶିଷ୍ଟ ଚାରିକୋଟି କଅଣ ଖାଇବେ ? କଥା ହେଲା ଜୀବଙ୍କୁ ଜୀବ ଖାଇବେ । ଏପରି ଖାଦ୍ୟ ସମସ୍ୟା ପୂରଣର ଗୋଟାଏ ଉପାୟ କରାଗଲା ତଥାପି ଗୋଟାଏ ସମସ୍ୟା ରହିଗଲା ।

ଧାନ, ମୁଗ, ବିରି ପ୍ରଭୃତି ଯେଉଁ ଶସ୍ୟ ମିଳିଲା, ତାହା ପୁଣି କିପରି ଉତ୍ପାଦନ ହେବ ? ଏଥିପାଇଁ କୃଷକ ଜାତିକୁ ସୃଷ୍ଟି କରାଗଲା । ତାକୁ ହଳ ଲଙ୍ଗଳ ଦେଇ କୃଷିର ଦାୟିତ୍ୱ ଦିଆଗଲା । ଚାଷ ହେଲା । ଶସ୍ୟ ଅମଳ ହେଲା । କିନ୍ତୁ ଲୋକେ ତାକୁ ଖାଇବେ କିପରି ? ଧାନକୁ ଗୋଟି ଗୋଟି କରି ଛଡାଇ ଚାଉଳଟି ମାନ ଚୋବାଇଲେ । ଏହା ଫଳରେ ଅଜୀର୍ଣ୍ଣ ହେଲା । ଅସୁସ୍ଥତା ଦେଖାଦେଲା । ବ୍ରହ୍ମାଙ୍କର ଭାବନା ପଡ଼ିଲା । ସେ ନାରଦଙ୍କୁ ବିଷ୍ଣୁନାଥଙ୍କ ନିକଟକୁ ପଠାଇଲେ । ବିଷ୍ଣୁନାଥ ଏ ଘଟଣା ଶୁଣିଲେ । ବ୍ରହ୍ମାଙ୍କ ଅପାରଗତା ଦେଖି ବିସ୍ମିତ ହେଲେ । କ୍ରୋଧରେ ତାଙ୍କର ଶରୀର କମ୍ପିଲା । ବ୍ରହ୍ମକପାଳରୁ ଶ୍ରମ ଝାଳ ବହିଲା । ସେ ତାହା ପୋଛି ଭୂମିରେ ପକାଇ ଦେଲେ । ସେଥିରୁ ଏକ ଦିବ୍ୟ ପୁରୁଷ ଜନ୍ମ ଗ୍ରହଣ କଲେ । ସେ ବିଷ୍ଣୁନାଥଙ୍କୁ ସ୍ତୁତିକଲେ-

ମୋତେ ନିଜ ଦେହରୁ ଯେ ଦେବ କଲେ ଜାତ
ସ୍ୱଭବେ ବୋଲଇ ମୁଁ ଯେ ଅଯୋନି ସମ୍ଭୂତ
ସଂସାର ସାଗର ଜଳାର୍ଣ୍ଣବ ଅନ୍ଧକାର
ସେଥୁଁ ପାରି କରିବାକୁ କର ପ୍ରତିକାର ।
ଯେମନ୍ତେ ଯାତନା ମଧ୍ୟେ ନପଡ଼ିବି ମୁହିଁ
ତୁମ୍ଭ ସୁତ ହୋଇ ଅନ୍ୟେ ଜନମିବି ନାହିଁ ।
ଯେଣୁ ଯୋନି ଯାତନାରେ ନୋହିଅଛି ଜାତ
ସ୍ୱଭବେ ବୋଲଇ ମୁଁ ଯେ ତୁମ୍ଭ ନିଜ ସୁତ ।

ଟେଉଁ ତତ୍ତ୍ୱ ଜ୍ଞାନ ଯେ ରୁଦ୍ରଙ୍କୁ ଦେଲ କହି ।
ରୁଦ୍ରଙ୍କ ଟେଏ ରୁଦ୍ର ପଣକୁ ଇଚ୍ଛଇ ॥

ତାଙ୍କର ଏପରି କଣାଣ ଶୁଣି ବିଷ୍ଣୁନାଥ ସନ୍ତୁଷ୍ଟ ହେଲେ । ତାଙ୍କୁ ସୃଷ୍ଟି ରକ୍ଷାର ଉପାୟ କହିଲ ।

ବୋଇଲେ ରୁଦ୍ରପଦ ଯେ ନେବାକୁ ତୋର ମନ ।
ଶ୍ରୀମୁଖରେ ଆଜ୍ଞା ଦେଲେ ରୁଦ୍ରପାଳ ନାମ ॥
ପ୍ରାଣୀଙ୍କ ଜୀବନ ମର୍ତ୍ତ୍ୟେ ପାଉଅଛୁ ଦୁଃଖ
ଅନ୍ନଦାନ ଦେଇଣ ଜୀବନ ତାଙ୍କ ରଖ ।
ଉଦର ପାଳନେ ରୁଦ୍ରପାଳ ହେଉ ନାମ
× × ×
ରୂପରେ କହିଲେ ତାକୁ ବ୍ରହ୍ମ ତତ୍ତ୍ୱ ଜ୍ଞାନ
ସଂସାର ପାଳନେ ରୁଦ୍ରପାଳ ନାମ ତୋର
ଯୁଗ ଯୁଗାନ୍ତରେ ବଳା ହୋଇବୁ ଅମର

ରୁଦ୍ରପାଳଙ୍କର ଭାଳେଣି ପଡ଼ିଲା । କପରି ଏହି ଗୁରୁଦାୟିତ୍ୱ ତୁଲାଇବେ ? ସେ ବ୍ରହ୍ମାଙ୍କ ଠାରୁ ବ୍ରହ୍ମଜ୍ଞାନ ଶିଖିଲେ । ଶିଶୁବେଦ ଶିଖିଲେ । ବ୍ରହ୍ମଜ୍ଞାନ ଦୀକ୍ଷା ନେଲେ । କୁବାଳ ଋଷି ନାମ ଗ୍ରହଣ କଲେ । ବିଷ୍ଣୁଙ୍କୁ ନିଜର ଦାୟିତ୍ୱ ତୁଲାଇବାର ଉପାୟ ପଚାରିଲେ—

ବିଷ୍ଣୁ ପାଦ ଗୁହାଁଣ ସେ କୁବାଳ ଋଷି
ବେନିକର ଯୋଡ଼ିଣ ଯେ ଜଣାଏ ତପସ୍ୱୀ
ତୁମ୍ଭେ ଯେ ବୋଇଲ ଦେବ ପାଳିବ ଜଗତ
କେମନ୍ତେ ଭାଣ୍ଡ ଗୋଟିକ କରିବ ନିର୍ମିତ ।
ଜଗତ ସଞ୍ଚଳ ଧାତା ନପାରିଲ ଗଢ଼ି
ମୁହିଁ ଗୁରୁ ହୋଇଣ କି ପାରିବି ନିବାଡ଼ି
ଶ୍ରୀମୁଖରେ ଆଜ୍ଞା ଦେଲେ ମୃତ୍ତିକା ଭଣ୍ଡାର
କେମନ୍ତେ ଗଢ଼ିବ ମତେ ଲାଗଇ ଅନ୍ଧାର
ଚଉରାଶି ପାଠକ ଯେ ମାନବ ଲୋକ ଜାତ
ଏକା ଏ କରଣି କାହିଁ କରିବ ନିର୍ମିତ

ହସ୍ତରେ ଗଢ଼ିକ କେହ୍ନୋ ନନ୍ଦଘରେ ବୃଦ୍ଧି
ଶ୍ରୀମୁଖରୁ ଆଜ୍ଞା ହେଉ କରୁଣା ବାରିଧି ।

ବିଷ୍ଣୁ ମଧ୍ୟ ନିଜେ ଯୋଗମାୟାଙ୍କୁ ପଚାରିଲେ । ଯୋଗମାୟାଙ୍କ ପରାମର୍ଶ କ୍ରମେ କୁବଳକୁ ସୁରସେନ ଚକ୍ର ପ୍ରଦାନ କଲେ ।

ଦେବାଇଲେ ଯେ ସୁରସେନ ଚକ୍ର ଦିଅ ତାକୁ
ଚକ୍ର ଗୋଟି ଘେନ ଯାଉ ମର୍ତ୍ତ୍ୟ ମଣ୍ଡଳକୁ

ମହେଶ ଏହି ଚକ୍ର ଏବଂ ଅନ୍ୟାନ୍ୟ ଚକ୍ରର ମହିମା ସମ୍ପର୍କରେ କହିଛନ୍ତି—

ଏକାଙ୍ଗ ଯେ ଚକ୍ରବର୍ତ୍ତୀ ଦେବ ନିରାକାର
ସୁଦର୍ଶନ ଚକ୍ର ଯେ ଭ୍ରମଇ ତିନପୁର
ଯେତେ ଆତଙ୍କ ଉଠେ ସଂସାର ମଧ୍ୟରେ
କେହି ନରହଇ ସୁଦର୍ଶନ ଚକ୍ର ଉପରେ ॥

× × ×

ଗୁପତ ସନ୍ଦେହ ଚକ୍ର କଥା ଶୁଣ ବଳା
ଗୁରଗୋଟି ଚକ୍ର ବିଷ୍ଣୁ କରରେ ରହିଲା ।
ଚନ୍ଦ୍ର ଏକ ନେଲେ ଯେ ସୂର୍ଯ୍ୟଙ୍କୁ ଦେଲେ ଏକ
ସୁରସେନ ଚକ୍ରଗୋଟି ଦେଲେ କୁବଳେକ

× × ×

ତରବ ଗଞ୍ଜନ ବାନା ଚକ୍ର ସୁଦର୍ଶନ
କାହାକୁ ହିଁ ନିଦଅନ୍ତି ପ୍ରଭୁ ଭଗବାନ

ଧ୍ୟାନରୁ କପରି ଶୃଙ୍ଖଳ ବାହାରିବ ସେ ସମସ୍ୟାର ସମାଧାନ ମଧ୍ୟ କରାଗଲା ନିରାକାରଙ୍କ ଆଦେଶରେ । କୁବଳ ସୁରସେନ ଚକ୍ର ଧରି ମେରୁ ପର୍ବତକୁ ଗଲେ । ସେଠାରେ ମେରୁଡାଳ ଖଣ୍ଡେ କାଟି ଆଣିଲେ । ତାହା ତଳମୁଣ୍ଡବାରୁ ତା'ର ନାମ ହେଲା ଛିର୍ଙ୍କି ।

ମେରୁ ଗିରି ଶିଖରେ ସେ ମିଳିଲା କୁବଳ
ଚକ୍ର ଘେନ ବୃକ୍ଷ ଯେ ଦେଖିଲା ବେମଫାଳ

ଝିଲିଣ ପଡ଼ନ୍ତେ ତଲେ ନାମ ହେଲା ଝିଙ୍କି
ତହିଁରେ ଖଞ୍ଜିଣ ଦେଲେ ଏକଗୋଟି ପକ୍ଷୀ ।
ଜୀବନ୍ୟାସ ଦେଲେ ତାଙ୍କୁ ନରକାର ନାଥ
ଅଗ ଦାରୁ ଖଣ୍ଡି ଦେଲେ କୁରାଳ ଯେ ହସ୍ତ ।

ତାହା ପରେ ଝିଙ୍କି ନାରଦଙ୍କ ବାହନ ହେଲା । ସେ ମର୍ତ୍ତ୍ୟକୁ ଆସିଲେ । କୁରାଳ ଏବଂ ହାଣ୍ଡିର ଏହି ଜନ୍ମ ବୃତ୍ତାନ୍ତ ସହିତ ନାରଦଙ୍କର ସମ୍ପର୍କ ବଡ଼ ମଧୁର । ସେ ଝିଙ୍କିକୁ ବାହନ ଭାବରେ ପାଇଲା ପରେ କପରି ବ୍ରହ୍ମାଙ୍କ ପାଖକୁ ବାହୁଡ଼ି ଆସିଛନ୍ତି ତା'ର ବର୍ଣ୍ଣନା କରାଯାଇଛି—

ଝିଙ୍କି ଉପରେଣ ଯେ ନାରଦ ମୁନି ଚଢ଼ି
କଲ ଯେ ଧୋକଡ଼ି ବାଜେ ଧୋକଡ଼ି ଧୋକଡ଼ି ।
ବୀଣା ଯନ୍ତ୍ର ଗୋଟି ଯେ ଜାକିଲେ ମୁନିବର
ରାମ ରାମ ବୋଲି ମୁନି ଡ଼ାକିଲେ ମୁଖର
ବିଧାତା ଛାମୁରେ ଯାଇ ହୋଇଲେ ପ୍ରବେଶ
ବୋଇଲେ କି ମୋତେ ଯେ ପେଶିଲେ ବିଷ୍ଣୁ ପାଶ
ମୁଁ ବୋଇଲୁ ସକଳ ନିର୍ମାଣ କଲେ ତାତ
ଧାନ୍ୟ ଦେହୁଁ ଯେ ତଣ୍ଡୁଳ ହେବ କାହୁଁ ଜାତ
କାହିଁରେ ପକ୍ୱ କରିଣ ଖାଇବେ ଜଗତ
ସୂର୍ଯ୍ୟ ମଣ୍ଡଳର ଲୋକେ ହୋଇବେ ଅନସ୍ତ
ଶୁଣିଣ ବିସ୍ମୟ ହେଲେ ଦେବ ଆଦି ନାଥ
ଶ୍ରମ ଝାଳୁ ପୁରୁଷେକ ହୋଇଲେ ତାଙ୍କ ଜାତ
ତାହାକୁ ବୋଇଲେ ତୁମ୍ଭେ ସୃଷ୍ଟି ରକ୍ଷାକର ।
ଧାନ୍ୟ କୁଟିବାକୁ ଝିଙ୍କି ଦେଲେ ଦାମୋଦର ।

ଏକଥା ଶୁଣି ବ୍ରହ୍ମା ଖୁସି ହେବେ କ'ଣ, ତାଙ୍କର ଆଲେଖି ଚଢ଼ିଲା । ତାଙ୍କ ବ୍ରହ୍ମାପଦଟା କୁରାଳ ରୁଦ୍ରପାଳକୁ ଦିଆହୋଇ ଯିବାର ଆଶଙ୍କା ହେଲା । ସେ ତୁରନ୍ତ ହଂସ ବାହନରେ ବସି ସଂଶୟ ମୋଚନ ଲାଗି ବିଷ୍ଣୁଙ୍କ ପାଖକୁ ଗଲେ । ବିଷ୍ଣୁ ଆଶ୍ୱାସନା ଦେଇ କହିଲେ —

ଧାତାକୁ ବୋଇଲେ ମନେ ନକର ସଂଶୟେ
ରନ୍ଧ୍ରଖଣ୍ଡ ନର୍ମାଣିବ ଯେ ମୋର ତନୟେ
ଦୋହିତା ଗୋଟିଏ ଯେ ଏହାକୁ ଦିଅ ଦାନ
ବ୍ରହ୍ମ ସୂତ୍ର ଏକ ଗୋଟି ଦେବୁରେ ନନ୍ଦନ ।
ତେବେ ସେ କୁଳାଳ ବଂଶ ରହିବ ମହୀରେ
ହରଷ ହୋଇଣ ଧାତା ଚଲେ ନିଜ ପୁର ॥

ଏଇ ହେଲା କୁମ୍ଭକାର ଜାତି ସୃଷ୍ଟିର ଇତିବୃତ୍ତ । ଧନକୃଷ୍ଣ ଦାସଙ୍କ ଦ୍ୱାରା ରଚିତ କୁଳାଳ ପୁରାଣ ପୋଥିରେ ଏହା ବର୍ଣ୍ଣିତ ହୋଇଛି । ଏଥିରେ ପାଞ୍ଚଦିନ-ବ୍ୟାପୀ କୁଳାଳ ପଞ୍ଚମୀ ପୂଜାର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ମଧ୍ୟ କରାଯାଇଛି । ଏହି ପୂଜାରେ ଚକର ପ୍ରତ୍ୟେକ ବିଧି ବିଧାନ ଓ ମନ୍ତ୍ର ଦିଆଯାଇଛି । କୁଳାଳ ଏଗୁଡ଼ିକ ବିଷ୍ଣୁ, ବ୍ରହ୍ମା ଓ ମହେଶ୍ୱରଙ୍କୁ ପଚାରିଛି ଏବଂ ବୁଝିଛି ।

ମୂଳତଃ ହାଣ୍ଡି ମାଠିଆ ଇତ୍ୟାଦି ପ୍ରଚଳନର ଇତିହାସ ସହିତ କୁଳାଳ ପଞ୍ଚମୀ ବ୍ରତର ସମ୍ପର୍କ ଜଡ଼ିତ । ମାର୍ଗଶିର ପ୍ରତିପଦାଠାରୁ ଏହା ଆରମ୍ଭ ହୁଏ । କୁଳାଳ ପୁରାଣର ପଞ୍ଚଦଶ ଅଧ୍ୟାୟରେ ଅଛି—

କାହିଁ ଯେ ରୁଦ୍ରପାଳ ବେନିକର ଯୋଡ଼ି
କେମନ୍ତେ ମୃତ୍ତିକା ଘେନି ମନ୍ତ୍ର ରାଜ ପଢ଼ି
ମୃତ୍ତିକା ଯେ ଚକ୍ର ପରେ କରିବ ସ୍ଥାପନ
ପୁଣି କି କରିବି ମୋତେ କହ ଭଗବାନ ।
ଶ୍ରୀହରି ବୋଇଲେ ଶୁଣ ପ୍ରତିପଦା ଦିନ
ଚକ୍ରର ଜନମ ଦିନ ଶୁଣରେ ନନ୍ଦନ

କୁଳାଳ ନିଜେ ନିରାହାର ରହି ଉପବାସ ପାଳନ ଏବଂ ପୂଜା କରିବାର ବିଧି ସମ୍ପର୍କରେ କୁହାଯାଇଛି —

ଆପେ ଉପବାସେ ବଳା ରହିବୁ ସେଦିନ
ଧାନ ଫୁଲ ଖଇ-ପଣା-ଗୁଡ଼ କର ପାନ
ଆପଣେ ପୂଜିବୁ ବଳା ନିରାହାର ହୋଇ
କନ୍ଦରେଣ ହିଙ୍ଗୁଳ ଯେ ପଇତା ପକାଇ

ସକଳ ମନ୍ତ୍ର ପଢ଼ି ପୂଜିବୁ ନାନା ମତେ ।
ଯେମନ୍ତ ପ୍ରକାରେ ପୂଜା କହିଅଛୁ ମନ୍ତ୍ରେ ॥
ପ୍ରତିପଦା ଦିନ ପୂଜା କରିଲଇଁ ତୋତେ ।
ପୂଜିବୁ ଦେବତା ଚନ୍ଦ୍ର ପୂଜା ବିଧି ମତେ ॥

କୁରାଳ ପଞ୍ଚମୀ ବ୍ରତଟି କେବଳ କୁମ୍ଭକାର ଜାତିର ବ୍ରତ* ଏବଂ ଏଥିର ଭୋଗ ମଧ୍ୟ ଅନ୍ୟ କାହାକୁ ବାଣ୍ଟିବା ମନା । ଦ୍ୱିତୀୟ ଦିନର ପୂଜା ବିଧାନ ବର୍ଣ୍ଣନା ପ୍ରସଙ୍ଗରେ କୁହାଯାଇଛି—

ଏମନ୍ତ ପଢ଼ିଣ ଚନ୍ଦ୍ରଁ ଦେବୁଟି ଆହୁତି ।
ଶୟନ କରିବୁଟି କୁରାଳ ଶାଳ କତି ।
ସେ ଦିନ ଯେ ବେନିଘଡ଼ି କରିବୁ ଶୟନ ।
ଧାଗାବଳୀ ଦେଇଥିବୁ ବସ୍ତ୍ର ସନ୍ନିଧାନ ॥
ସେ ଖେଚେଡ଼ି ଭୋଗ ଆପେ କରିବୁ ଭୋଜନ ।
ଅନ୍ୟ ଲୋକଙ୍କୁଟି ଆଉ ନଦେବୁ ନନ୍ଦନ ॥
ଏମନ୍ତେ ଯେ ପୂଜାବିଧି ଦ୍ୱିତୀୟାର ଦିନ ।
କହେ ଧାନକୃଷ୍ଣ ଦାସ ବ୍ରତର ବିଧାନ ।

ପତି ପତ୍ନୀ ଉଭୟେ ଏହି ବ୍ରତ କରିବାର ନିର୍ଦ୍ଦେଶ ଅଛି—

ସୂର୍ଯ୍ୟ ଦେବତାଙ୍କୁ ବଳା ଅର୍ଘ୍ୟ ଦେବୁ ନେଇ ।
ନିଜ ପତ୍ନୀ ସହିତରେ ଚନ୍ଦ୍ରକୁ ବନ୍ଦାଇ ॥
ଆଠ ଗୋଟି ପ୍ରକାରେ ଯେ କରିଥିବୁ ପିଠା ।
ଆଗେ ଭୁଞ୍ଜି ପିନ୍ଧିଥିବୁ ଅମଳାନ ମଠା ॥

× × ×

---

* • This is exclusively an occupational festival of all the potter groups of Orissa excepting the Telugu. Kural (meaning potter) Panchami comes often on the fifth lunar day of the bright fortnight of Margasira ( November-December) and is celebrated for five days.

Peasant Potter of Orissa. by- Dr N. K. Behura.

ଭୋଗବନ୍ତୁ ଅନ୍ୟ ଦ୍ରବ୍ୟ ନକର ଆହାର
ତୃଷାକୁ ନୁହଁ ପିଇବାକୁ ନାରିକେଳ ନୀର
ନିଜାଗରେ ବସିଥିବୁ ରଜନୀ ପାହାନ୍ତ
କାହିଁକି ଯେ ନପ୍ରୁଡ଼ବୁ ବ୍ରହ୍ମ ଗଣ୍ଠି ସୂତ୍ର
ଏମନ୍ତ ପଞ୍ଚମୀ ପୂଜା କହିଲଇଁ ତୋତେ
ଫେଡ଼ିଣ ସନ୍ଦେହ ବଳା ଥିଲା ଯା ଗୁପତେ ।

ପୁଣି କୁହା ଯାଇଛି —

କହନ୍ତି ଯେ ନାରିକାର କୁରଳକୁ ନୁହିଁ
ଏ ବ୍ରତ କଲେରେ ବଳା କୁଳ ଯେ ବଢଇ

କୁରଳ ପୁରାଣ କୁରଳ ଜାତିର ନିଜସ୍ବ । ଅନ୍ୟ ଜାତିକୁ ଏହା ଦେବା ମନା । ସେ ବିଷୟରେ କୁହାଯାଇଛି—

କୁରାଳ ବନ୍ଧୁ ଅନ୍ୟେ ନଦେବୁଟି ଶାସ୍ତ
ଅନ୍ୟ ଜାତିଙ୍କ ଦେଲେରେ ବୁଡ଼ିବଟି ବଂଶ

ପୃଥିବୀର ପ୍ରତ୍ୟେକ ଦେଶରେ ସ୍ଥାନୀୟ ପ୍ରୟୋଜନ ଅନୁସାରେ ବୃତ୍ତିକୁ ଅବଲମ୍ବନକରି ଜାତିପ୍ରଥାର ସୃଷ୍ଟି ହୋଇଛି ।

ଡ଼କ୍ଟର ନିର୍ମଳ କୁମାର ବସୁ 'ତେଲି' ଜାତି ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ କହିଛନ୍ତି— " ଭାରତ ବର୍ଷର ସମାଜରେ ଯେଉଁମାନେ ଜାତିଭେଦ ମାନି ଚଳନ୍ତି ସେମାନଙ୍କ ମଧ୍ୟରେ ଆହାର ବିହାର ବା ସାମାଜିକ ରୀତି ନୀତିରେ କୌଣସି ନୂତନ ପ୍ରଥାରପ୍ରବର୍ତ୍ତନ ଘଟିଲେ, ଅଥବା ଶିଳ୍ପ କୌଶଳରେ କୌଣସି ପରିବର୍ତ୍ତନ ବା ଉତ୍କର୍ଷ ସାଧିତ ହେଲେ ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଜାତିର ଉତ୍ପତ୍ତି ଘଟିପାରେ ।" * ଏହିପରି ଅନେକ ଜାତିକୁ ନେଇ ହିନ୍ଦୁ ସମାଜ ଗଠିତ ହୋଇଛି । ସେ ସମ୍ପର୍କରେ ଡକ୍ଟର ବସୁ କହିଛନ୍ତି— 'ହିନ୍ଦୁ ସମାଜ ବହୁଦିନ ଯାବତ୍ ନାନା ଜାତିର ସଂହତି ଦ୍ୱାରା ଗଢ଼ି ଉଠିଛି । କାଳକ୍ରମେ କୃଷି-ଶିଳ୍ପାଦି ବ୍ୟାପାରରେ ମଧ୍ୟ ନାନାବିଧ ଉତ୍କର୍ଷର ଆବିର୍ଭାବ ହୋଇଛି । ପ୍ରତି ଦେଶରେ ସ୍ଥାନୀୟ ପ୍ରୟୋଜନ ଅନୁସାରେ ଗୋଟିଏ

---

* ହିନ୍ଦୁ ସମାଜେର ଗଡ଼ନ-ପୃ ୭୧

ଗୋଟିଏ ନୂତନ ଜାତି ହୁଏତ ବିଶେଷ କୌଣସି ବୃତ୍ତିକୁ ଅବଲମ୍ବନ କରୁଥିଲା । ବ୍ରାହ୍ମଣ ଶାସିତ ସମାଜରେ ନିୟନ୍ତାଗଣ ସେହି ବୃତ୍ତିରେ ସେହି କୁଳର ବଂଶାନୁକ୍ରମିକ ଅଧିକାର ଧାର୍ଯ୍ୟକରି ଦେଉଥିଲେ । * ପ୍ରତ୍ୟେକ ଜାତି ନିଜର ମହତ୍ତ୍ୱ ପ୍ରତିଷ୍ଠା ଦିଗରେ ଚେଷ୍ଟିତ ହେବା ସ୍ୱାଭାବିକ । କୁମ୍ଭକାର ସମ୍ପ୍ରଦାୟର ବୃତ୍ତିର ମହତ୍ତ୍ୱ ସଂପର୍କରେ କୁରାଳ ପୁରାଣ ବର୍ଣ୍ଣିତ 'ମିଥ୍' ଟି ପ୍ରଣିଧାନ ଯୋଗ୍ୟ ।

'କୁରାଳ ପୁରାଣ' ବର୍ଣ୍ଣିତ 'ବିଷ୍ଣୁନାଥ' ବିଷ୍ଣୁ ନୁହନ୍ତି । ଏହି ପୁରାଣରେ ବିଂଶତି ଅଧ୍ୟାୟରେ ଅଛି– 'ବିଷ୍ଣୁନାଥ ବୋଇଲେ ଭୁ କହିବୁ ବିଷ୍ଣୁଙ୍କୁ' । ସେହିପରି ଶିଶୁ ସୁବନାଥି ବ୍ରତରେ ବର୍ଣ୍ଣିତ 'ଈଶ୍ୱର ନାଥ' ଈଶ୍ୱର ନୁହନ୍ତି । ଏହି ଉଭୟ ବ୍ରତ କଥାରେ ନାରଦ ଢିଙ୍କି ବାହନରେ ଆସିବା ଓ ଯୋଗାଯୋଗ ଏବଂ ସମସ୍ୟା ସମାଧାନ-ରେ ଭୂମିକା ଗ୍ରହଣ ବିଷୟ ଲକ୍ଷ୍ୟ କରାଯାଇ ପାରେ । ରବି ନାରାୟଣ ବ୍ରତରେ ଅମରା କୁମ୍ଭାରୁଣୀର ଐନ୍ଦ୍ରଜାଲିକ ଶକ୍ତି ଥିବାର ବର୍ଣ୍ଣନା ମିଳେ । ପ୍ରାଚୀନ ତନ୍ତ୍ର ସାଧନା ସହିତ କୁମ୍ଭକାର ସଂପ୍ରଦାୟର ସମ୍ପର୍କ ବିଷୟ ଏଥିରୁ ସୂଚିତ ହେଉଛି । ଓଡ଼ିଶାରେ ନାଥ ଧର୍ମ ଓ ନାଥମାନ-ଙ୍କର ସାଧନା ପଦ୍ଧତିର ପ୍ରଚୁର ସମୟରେ ରଚିତ ବହୁ ଗ୍ରନ୍ଥରେ 'ଶିଶୁବେଦ'ର ପ୍ରଭାବ ଲକ୍ଷିତ ହୁଏ । ସାରଳା ମହାଭାରତରେ ମଧ୍ୟ ଶିଶୁବେଦର ଉଲ୍ଲେଖ ଅଛି । ଦେବକୀଙ୍କର କାମାକ୍ଷୀ ବ୍ରତ ପାଳନ ବର୍ଣ୍ଣନା ପ୍ରସଙ୍ଗରେ ଶିଶୁବେଦୀ ବ୍ରାହ୍ମଣମାନେ ନିମନ୍ତ୍ରିତ ହୋଇଥିବାର ଉଲ୍ଲେଖ ଅଛି ।** କୁରାଳ ପୁରାଣ ଶିଶୁବେଦରୁ 'ଜାତ' ବୋଲି କୁହାଯାଇଛି ।

ଶିଶୁ ବେଦରୁ କୁରାଳ ପୁରାଣ ହୋଇଲା
ଗୁପ୍ତବେଦୁ ଜାତ ଏହା ଗୁପ୍ତରେ ରହିଲା ।

କୁମ୍ଭକାର ଜାତିର ସୃଷ୍ଟି ଓ କୁରାଳ ପଞ୍ଚମୀ ବ୍ରତର ମହିମା ବର୍ଣ୍ଣନା କରି ଧାନକୃଷ୍ଣ ଦାସ କୁରାଳ ପୁରାଣ ଲେଖିଛନ୍ତି । କିନ୍ତୁ ଏହି

---

*- ହିନ୍ଦୁ ସମାଜେର ଗଡ଼ନ - ପୃ ୬୯

**- ଓଡ଼ିଶାରେ ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ ।
ଡକ୍ଟର ବଂଶୀଧର ମହାନ୍ତି ପୃ- ୧୯୮

ଘାନକୃଷ୍ଣ ରସ କଲ୍ଲୋଳକାର ଘାନକୃଷ୍ଣ ଦାସ ନୁହନ୍ତି । ଧୃଣି ଜଳେଶ୍ୱର ଗ୍ରାମର ରସବିନୋଦ ପ୍ରଭୃତିର ଲେଖକ ଘାନକୃଷ୍ଣ ଦାସ ଜାତିରେ କରଣ ।

ତାଙ୍କର କୌଣସି ଶିକ୍ଷା ନଥିଲା ବୋଲି ଭଣିତାରେ ଉଲ୍ଲେଖ ଅଛି । କୁରାଳ ପୁରାଣରେ ଦୁଇ ହଜାର ପଞ୍ଚାନବେ ପଦ ଏବଂ ଶହେ ତିରିଶ ଶ୍ଳୋକ ଓ ପଚିଶଟି ମନ୍ତ୍ର ଅଛି । ଏହା କୁରାଳ କୁଳର ଗୋପନୀୟ ଗ୍ରନ୍ଥ । ତେଣୁ ଜଣେ ଭିନ୍ନ ଜାତିର ଲୋକଙ୍କ ହାତକୁ ଏହି ବିଷୟ ବସ୍ତୁ ଓ ମନ୍ତ୍ର କିପରି ଆସିଲା ଏବଂ ସେ କାହିଁକି ବା ଏହା ଲେଖିଲେ ? ଏହି ପ୍ରଶ୍ନ ମନରେ ସଂଶୟ ସୃଷ୍ଟି କରେ । ତେବେ ଯାହା ହେଉ ଏହି କାହାଣୀ ବା କୁରାଳ ପଞ୍ଚମୀ ସହିତ ସଂପୃକ୍ତ କଥାଟି ହିଁ ଆମର ପ୍ରଣିଧାନ ଯୋଗ୍ୟ । ସ୍ୱତନ୍ତ୍ର ବ୍ରତକଥା ଭାବରେ ଏହା ରଚିତ ହୋଇ ନଥିଲେ ମଧ୍ୟ ଏହି ମୂଳକଥାଟିକୁ ପରବର୍ତ୍ତୀ କାଳରେ ପୁରାଣ ଭାବରେ ରଚନା କରିବାର ପ୍ରୟାସ ସ୍ପଷ୍ଟ ପରିଲକ୍ଷିତ ହୁଏ ।

## ଚୈତ୍ର ପୂର୍ଣ୍ଣିମା

କୁମ୍ଭାର ଜାତିର ସୃଷ୍ଟି ଓ କୁରାଳ ପଞ୍ଚମୀ ବ୍ରତର ମହିମା ବର୍ଣ୍ଣନା କରି ଘାନକୃଷ୍ଣ ଦାସ କୁରାଳ ପୁରାଣ ଲେଖିବା ଭଳି, ଅଚ୍ୟୁତାନନ୍ଦ ଦାସ କୈବର୍ତ୍ତ ଜାତିର ସୃଷ୍ଟି ଏବଂ ଚୈତ୍ର ପୂର୍ଣ୍ଣିମାର ମହିମା ବର୍ଣ୍ଣନା କରି – କୈବର୍ତ୍ତ ଗୀତା ଲେଖିଛନ୍ତି । ଏଥିରେ କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଶୈଳୀରେ କୈବର୍ତ୍ତ ଜାତି ଏବଂ ସେମାନଙ୍କର ଇଷ୍ଟଦେବୀ ବାସେଲୀଙ୍କ ଜନ୍ମ, ଡିଙ୍କି ପୂଜା, ନାବ ପୂଜା, ଚଇତ ଘୋଡ଼ା ନାଚ ବିଷୟକ ଆଖ୍ୟାନ ଉପାଖ୍ୟାନ ମାନ ବର୍ଣ୍ଣିତ ହୋଇଛି । ଅଚ୍ୟୁତାନନ୍ଦ ଲୋକମୁଖରୁ ଏଗୁଡ଼ିକ ସଂଗ୍ରହ କରି ଏହି ଗ୍ରନ୍ଥଟିରେ ଲେଖିଛନ୍ତି ବୋଲି କୁହାଯାଏ । *

---

*- ଓଡ଼ିଆ ଲୋକଗୀତ ଓ କାହାଣୀ ।

ଡ଼କ୍ଟର କୁଞ୍ଜବିହାରୀ ଦାସ ପୃ- ୧୪୮ ।

କୈବର୍ତ୍ତ ଗୋଟିଏ ସଂସ୍କୃତ ଶବ୍ଦ । ଏହାର ଆଭିଧାନିକ ଅର୍ଥ— "କେ (ଜଳେ) ବର୍ତ୍ତତେ ଇତି କୈବର୍ତ୍ତଃ" । "ଅମର କୋଷ"ରେ 'କୈବର୍ତ୍ତ ଦାସଧୀବରୌ' ବୋଲି କୁହାଯାଇଛି । * ଓଡ଼ିଆରେ କେଉଟ ବୋଲି କୁହାଯାଏ । କିନ୍ତୁ ଲୋକମାନସ ଭିନ୍ନଦୃଷ୍ଟିରେ ଶବ୍ଦର ବ୍ୟୁତ୍ପତ୍ତି ସ୍ଥିର କରେ । ତା'ର ଅଭିଧାନ ସହିତ ସାଧାରଣତଃ ସମ୍ପର୍କ ନଥାଏ । କୈବର୍ତ୍ତର ଅର୍ଥ ସଂପର୍କରେ କୈବର୍ତ୍ତ ଗୀତାରେ ଲେଖା ଯାଇଛି—

କର୍ଣ୍ଣ ମୂଳୁଁ ଜାତ ତୋର ଜାତି କଇବର୍ତ୍ତ
କଇବର୍ତ୍ତ ଦାସ ରାଜା ନାମ ଯେ ବଖ୍ୟାତ
(ଦ୍ୱିତୀୟ ଅଧ୍ୟାୟ)

କୈବର୍ତ୍ତ ବା କେଉଟ ଜାତି କିପରି କର୍ଣ୍ଣମୂଳରୁ ଜାତ ହେଲା, ତାହା କୈବର୍ତ୍ତ ଗୀତାର ମୂଳକଥା । କୃଷ୍ଣ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ସମୟରେ ଏହି କଥାଟି ଅର୍ଜୁନଙ୍କୁ କହିଛନ୍ତି ।

ଶ୍ରୀମଦ୍ ଭାଗବତ୍‌ରେ ଚବିଶ ଅବତାର କଥନ ପ୍ରସଙ୍ଗରେ 'କୃଷ୍ଣଙ୍କୁ ସ୍ୱୟଂ ଭଗବାନ' ବୋଲି କୁହାଯାଇଛି । କୈବର୍ତ୍ତ ଗୀତାର ବର୍ଣ୍ଣନା ଅନୁସାରେ ସେ ପ୍ରଳୟ ପୟୋଧି ଜଳରେ ଗୋଟିଏ ବଟପତ୍ର ଉପରେ ଯୋଗନିଦ୍ରାରେ ଥିଲେ । ଅଚ୍ୟୁତାନନ୍ଦଙ୍କ ମତରେ ଏହି ବଟପତ୍ର ଯୋଗମାୟା ଏବଂ ସେ ନିରାକାରଙ୍କୁ କୋଳରେ ଧରି ପ୍ରଳୟ ଜଳରେ ରହି ଥିଲେ । ପ୍ରଳୟ ଜଳଧିର ଉତ୍ତାଳ ତରଙ୍ଗରେ ବଟପତ୍ର କମ୍ପିତ ହେବାରୁ ତାଙ୍କର ଯୋଗ ନିଦ୍ରାରେ ବ୍ୟାଘାତ ସୃଷ୍ଟିହେଲା । ତେଣୁ ସେ କର୍ଣ୍ଣମୂଳରୁ ମଳ କାଢି, ସେଥିରୁ ଦାସ ରାଜାଙ୍କୁ ସୃଷ୍ଟି କରିଥିଲେ ।

---

* (କ) ଶବ୍ଦ ତତ୍ତ୍ୱବୋଧ ଅଭିଧାନ— ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ପୁନର୍ମୁଦ୍ରଣ– ନିଉ ଷ୍ଟୁଡେଣ୍ଟ ଷ୍ଟୋର କଟକ- ୧୯୭୨ ପୃ-୩୨୭ ।

ଗ) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ- ଗୋପାଳ ଚନ୍ଦ୍ର ପ୍ରହରାଜ ପୃ-୧୭୭୧

ସେହି ଭଗବାନ କୃଷ୍ଣ ପୁଣି ଏକଦା ଅଦ୍‌ଭୁତ ମୀନରୂପ ଧାରଣ କରି ସିଂହଳ ଦ୍ୱୀପ ସୃଷ୍ଟି କରିଥିଲେ । ଏହି ପ୍ରଳୟର ଅବସାନ ପରେ ତାଙ୍କର ଆଦେଶରେ ବଟପତ୍ର 'ମାଈ ଅଶ୍ୱ'ରେ ପରିଣତ ହେଲା, ବିଶ୍ୱକର୍ମା ବୋଇତ ନିର୍ମାଣ କଲେ । ସେ ଦାସରାଜାଙ୍କୁ ଅଶ୍ୱ ଓ ବୋଇତ ଦେଇ ସିଂହଳ ଦ୍ୱୀପକୁ ଯିବାଲାଗି ନିର୍ଦ୍ଦେଶ ଦେଲେ । ଦାସ ରାଜା ସେଠାରେ ପହଞ୍ଚିବା ବେଳକୁ ସେଠାର ରାଜ ସିଂହାସନ ଶୂନ୍ୟ ପଡ଼ିଥିଲା । ହାତୀ ସୁନା କଳସ ଧରିବୁଲୁଥିଲା ଓ ଦାସରାଜାଙ୍କ ମୁଣ୍ଡରେ କଳସ ଢ଼ାଳିଲା । ଫଳରେ ସେ ସିଂହଳର ରାଜା ହେଲେ । ଗିରିରାଜ ଓ ମହାନଦୀଙ୍କର କନ୍ୟା ଗିରିମା ସଙ୍ଗେ ତାଙ୍କର ବିବାହ ହେଲା । ସେ ଏହାପରେ ପୁଣି ଅନ୍ୟ ଅନେଶୋତ ରାଣୀଙ୍କୁ ବିବାହ କଲେ । କିନ୍ତୁ କାହାରି ସନ୍ତାନ ହେଲା ନାହିଁ । ତେଣୁ ପୁତ୍ରେଷ୍ଟି ଯଜ୍ଞ ହେଲା । ଯଜ୍ଞ ଚରୁ ଖାଇବା ପରେ ଗିରିମା ଓ ଅନ୍ୟ ରାଣୀମାନଙ୍କର ଗର୍ଭ ସଂଚାର ହେଲା । କୁଳ ଉଜ୍ଜ୍ୱଳ କରିବା ପାଇଁ କୋଳ ହସି ଉଠିଲା । ପିଲାଏ ବଡ଼ ହେଲେ । କିଏ ରମ୍ୟକ ଦ୍ୱୀପରେ, କିଏ ହେଙ୍ଗୁଲିଠ ଦ୍ୱୀପରେ କିଏ କୋଉଠି ରାଜତ୍ୱ କଲେ । ଦାସ ରାଜଙ୍କ ପୁଅ ହୀରା, ଲୀଳା, ମତ୍ସ୍ୟରାସ୍ତୁ ଏବଂ ଅନେକଶୋତ ରାଣୀଙ୍କ ଗର୍ଭର ପୁତ୍ରକନ୍ୟାମାନେ ତାଙ୍କ ବଂଶ ବିସ୍ତାର କଲେ । ଜାଲିଆ କେଉଟ, ନାଉରିଆ କେଉଟ ଚୂଡ଼ା କେଉଟ ପ୍ରଭୃତି ନଅାଳି କୈବର୍ତ୍ତ ଏବଂ କୁଳାଗ୍ରର ଭ୍ରଷ୍ଟ ଶିଉଳୀ ଧୀବର, ସାହୁ ଗୁଡ଼ିଆମାନେ ଦାସ ରାଜାଙ୍କ ବଂଶଧର । ଅଗ୍ନିମୁଖୀ ବାସୁଲୀ ଏମାନଙ୍କର ଇଷ୍ଟଦେବୀ । ଏମାନେ ନାଗସ ଗୋତ୍ରର ଅନ୍ତର୍ଭୁକ୍ତ ।

ଉପରେ ଯେଉଁ ମତ୍ସ୍ୟରାସ୍ତୁ ନାମ କୁହାଯାଇଛି ତାଙ୍କ ଜନ୍ମ ବୃତ୍ତାନ୍ତ ବଡ଼ ରହସ୍ୟମୟ । ଥରେ ମେନକା ରଜସ୍ୱଳା ଥିବା ଅବସ୍ଥାରେ ସୁଧର୍ମା ସଭାରେ ନୃତ୍ୟ କରୁଥିଲେ । ବ୍ରହ୍ମା ତାହା ଜାଣିପାରି ତାଙ୍କୁ ଅଭିଶାପ ଦେଲେ । ସେ କନକା ମତ୍ସ୍ୟ ରୂପରେ ଜନ୍ମଗ୍ରହଣ କରି ନଦୀରେ ଖେଳୁଥିଲେ । ଯୋଗକୁ ଦିନେ ଗୋଟିଏ ଚିଲ ଶିଆଳୀ ପତ୍ରର ଠୋଲରେ କିଛି ଦ୍ରବ୍ୟ ନେଇ ଉଡ଼ିଯାଉଥିଲା । ଅନ୍ୟ ଏକ ଚିଲ ତାକୁ ଆକ୍ରମଣ କରିବାରୁ ଠୋଲରୁ ଯେଉଁ ପଦାର୍ଥ ଗଳି ପଡ଼ିଲା

ତାହା ଖାଇବା ଫଳରେ କନକା ମତ୍ସ୍ୟର ଗର୍ଭ ସଞ୍ଚାର ହେଲା । ତାର ଗର୍ଭରୁ ମତ୍ସ୍ୟଗନ୍ଧା ଓ ମତ୍ସ୍ୟ ରାଜୁ ଜନ୍ମହେଲେ । ସେମାନେ ଦାସରାଜାଙ୍କର ସନ୍ତାନ ।

ଦାସ ରାଜା ପିତୃ ଶ୍ରାଦ୍ଧ ପାଇଁ ମୃଗୟା କରିବାକୁ ଯାଇଥିଲେ । ବନସ୍ତରେ ମୃଗ-ମୃଗୀଙ୍କ ରତିକ୍ରୀଡ଼ା ଦେଖି ତାଙ୍କର ଯାହା ସ୍ଖଳିତ ହେଲା, ସେ ସେତକ ଗୋଟିଏ ଶିଉଳ ପତ୍ରର ଠୋଲରେ ପୂରାଇ ବଉଳ ପତ୍ରରେ ଚିଠାଉଟିଏ ଲେଖି ତା' ସହିତ ପାଟରାଣୀଙ୍କ ପାଖକୁ ପଠାଇଲେ । ତାହା ପାଟରାଣୀ ଯଦି ଖାଇଥାନ୍ତେ, ତେବେ ତାଙ୍କର ଗର୍ଭସଞ୍ଚାର ହୋଇଥାନ୍ତା । କିନ୍ତୁ ତାହା କନକା ମତ୍ସ୍ୟର ଗର୍ଭରେ ପଡ଼ିଲା । କନକା ମତ୍ସ୍ୟ ରୂପରେ ଥିବା ମେନକାଙ୍କ ଶାପମୁକ୍ତ ସମୟ ହେବାରୁ ଶବରର ବନସୀଥୋପରେ ପଡିଲେ ଏବଂ ଶବର ସେ ମତ୍ସ୍ୟକୁ ରାଜଭୋଗ ମନେକରି ଦାସରାଜାଙ୍କୁ ଭେଟି ଦେଲା । ମତ୍ସ୍ୟକୁ କାଟିବା ବେଳେ ସନ୍ତାନ ଦୁହେଁ ବାହାରିଲେ ଏବଂ ରାଜା କ୍ରମେ ସବୁକଥା ଜାଣି ପାରିଲେ ।

ମତ୍ସ୍ୟଗନ୍ଧା ପରମା ସୁନ୍ଦରୀ ଥିଲେ । ସେ ବାଳୁତ ଥିବା ସମୟରେ ପରାଶର ଋଷି ତାଙ୍କପ୍ରତି ଆକୃଷ୍ଟ ହୋଇ ଚତୁରତାର ସହିତ ଗୋଟିଏ ସତ୍ୟକରାଇ ନେଲେ । ସତ୍ୟର ପରିଣତି ସ୍ୱରୂପ ସେ ଅଳ୍ପ ସମୟ ପାଇଁ ଯୌବନପ୍ରାପ୍ତ ହୋଇଥିଲେ ଏବଂ ପରାଶରଙ୍କ ଅଙ୍ଗ ସଙ୍ଗ ଫଳରେ ବ୍ୟାସଙ୍କୁ ଜନ୍ମ ଦେଇଥିଲେ । ପୁନରାୟ ଋଷିଙ୍କ ଆଦେଶରେ ତାଙ୍କର ବାଳୁତାବସ୍ଥା ଫେରି ଆସିଲା ଏବଂ ଏହି ଘଟଣା କିଛି କାଳ ପାଇଁ ଗୋପନ ରହିଲା । ପରେ ସେ ସ୍ୱାଭାବିକ ରୀତିରେ ଗୃହଯୋଗ୍ୟା ହେବା ପରେ ଶାନ୍ତନୁଙ୍କୁ ବିବାହ କରିଥିଲେ । ସତ୍ୟରକ୍ଷା କରିଥିବାରୁ ପରାଶର ତାଙ୍କୁ ସତ୍ୟବତୀ ନାମ ଦେଇଥିଲେ । ଏହି ସତ୍ୟବତୀ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କର ମାତା ମହୀ ।

ଦାସରାଜା 'ମାଈ ଅଶ୍ୱ'ଟିକୁ ଭଗବାନଙ୍କଠାରୁ ପାଇଥିଲେ ତାହା ଏକ ଲକ୍ଷ ସମ୍ୱତ୍ସର ପର୍ଯ୍ୟନ୍ତ ବାହନ ଭାବରେ ତାଙ୍କର ସେବାକଲା । ଥରେ ଦାସ ରାଜା ବୋଇତ ନେଇ ବାଣିଜ୍ୟ କରିବାକୁ ଯାଇଥିଲେ । ସେ ସେଠାରେ ଗୋଟିଏ ପୂର୍ବ ସୂଚନା ପାଇଲେ । ଅଷ୍ଟମୀ ଗୁରୁବାର

ଦିନ ଏହି ଦିବ୍ୟ ଅଶ୍ୱ ନାରୀରୂପ ଧରି ଦାସ ରଜାଙ୍କ ଆଗରେ କ୍ରନ୍ଦନ କଲା । ଅଶ୍ୱର ଏହି ରୂପାନ୍ତରିତ ଦେହର ଓ କ୍ରନ୍ଦନର ବର୍ଣ୍ଣନା କବିଙ୍କ ଲେଖନୀରେ ଜୀବନ୍ତ ଭାବରେ ଫୁଟିଛି—

ଦିବା ଦୁଇ ଦଣ୍ଡଥିଲା ଦେହ ବିସର୍ଜିଲା ।
ରାତ୍ର ଦୁଇଦଣ୍ଡ ଠାରେ ସ୍ତ୍ରୀ ରୂପ ଧଇଲା ॥
ଦାସ ରଜା ପାସେ ଯାଇ କଲାକ ରୋଦନ ।
ନାନା ଅଳଙ୍କାର ମାନ ଶ୍ରୀ ଅଙ୍ଗେ ଖଞ୍ଜିଣ ॥
ରୁଣୁ ଝୁଣୁ ନୂପୁର ଯେ ପାଦଘାତେ କରି ।
ଉଚ୍ଚସ୍ୱରେ କାନ୍ଦିଲା ସେ ସ୍ୱର୍ଗ ଅପସରୀ ॥
କୁଙ୍କୁମ କସ୍ତୁରୀ ଅଙ୍ଗେ ତନୁ ସୁବଳିତ ।
ପାଟ ଖଣ୍ଡୁଆ ଶାଢ଼ୀ ଯେ ଦିଟଣା ଶୁଶୋଭିତ ॥
ଲୋଟଣି ଜୁଡ଼ାକୁ ଶୋଭା ପୁଷ୍ପର ଝାଲରି ।
ମରୁଆ ମାଳତୀ ଫୁଲ ତହିଁ ଅଛି ବେଢ଼ି ॥
କର୍ପୁର କସ୍ତୁରୀ ଗନ୍ଧ ଅୟୁଁଲା ସୁବାସ ।
କେତକୀ ପାଖୁଡ଼ା ତହିଁ ଜୁଡ଼ା ଚାରିପାଶ ॥
ମଲ୍ଲୀ ଚମ୍ପା ତହିଁରେ ମାଳତୀମାଳ ବେଢ଼ା ।
ଅତି ଯତ୍ନ କରି ସେ ବାନ୍ଧିଥାଏ ଜୁଡ଼ା ॥
କପାଳରେ ଶୋଭା ତା'ର ସିନ୍ଦୂରର ବିନ୍ଦୁ ।
ଲଲାଟ ପଟରେ ଯେହ୍ନେ ଉଇଁଥାଏ ଇନ୍ଦୁ ॥
କର୍ଣ୍ଣରେ ଝଟକେ ସେ ଯେ ସୁନ୍ଦର କୁଣ୍ଡଳ ।
ନୟନରେ ରଞ୍ଜିଥାଇ ସରୁ ଯେ କଜ୍ଜ୍ୱଳ ॥
ଭୁରୁ ଧନୁ ଆକାରେ ତା କି କାମ କମାଣ ।
ଚାହିଁଲେ ମଦନଶରେ ଦହଇ ପରାଣ ॥
ନାସାର ବସଣୀ ପାଟେଣ ଗଜ ମୋତି ଥାଇ ।
ପାଚିଲା ଆମ୍ବ ପରାୟେ ଅଧର ଦିଶଇ ॥
କଣ୍ଠେ ସୁବର୍ଣ୍ଣର କାପ ଗଣ୍ଡେ ପଡ଼ି ତେଜ ।
ବେନ କର୍ଣ୍ଣରୁ କି ଖସି ପଡ଼ୁଥାଇ ସୂର୍ଯ୍ୟ ॥

ଯାଚନ୍ତି ତାଳମ୍ବ ଗଜଦନ୍ତ ଯେ ଦିଶଇ ।
ତମାଳ କହିଲେ ଧନ୍ତ ଶୋଭା ପାଉଥାଇ ॥
ମରକତ ଗୃପସରି ଗଳେ ବିରାଜଇ ।
ସୁବର୍ଣ୍ଣର କଣ୍ଠି ତହିଁ ତଳେ ଲମ୍ବି ଥାଇ ॥
କନକ କୁଚ ପାଠକୁ କାଞ୍ଚୁଲି ବେଢ଼ାଣ ।
ବାହେ ବାଜୁବନ୍ଧ କରେ ବଳୟ କଙ୍କଣ ॥
କଟିରେ କିଂକିଣି ସାଜେ ଘୁଙ୍ଗୁରର ମାଳ ।
କନକ ଲତା ଭେଦିଥାଇ ତନୁ ତମାଳ ॥
ଝମକ ଝୁଣ୍ଟିଆ ପାଦେ ବଳାର ଶବଦ ।
ରୁଣୁ ଝୁଣୁ ନୂପୁରର ଚମକାଇ ନାଦ ॥
ଏମନ୍ତ ଭୂଷଣ ସେହି ସ୍ତ୍ରୀ ଶରୀ ହୋଇଲା ।
ଦାସରାଜା ଗ୍ରୁମୁରେ ସେ ବେଦନ ଯେ କଲା ॥
ଉଚ୍ଚସ୍ୱରେ ବାସେଲୀ ଯେ କରଇ ବେଦନ ।
କଣ୍ଠ ତା' କୋକିଳ ସମ ଶୁଭେ ଘନଘନ ॥

ଦାସରାଜା ଏହି ଦୃଶ୍ୟ ଦେଖି ଭୟଭୀତ ହୋଇ ବିଷ୍ଣୁଙ୍କୁ ସ୍ତୁତି କଲେ । ବିଷ୍ଣୁ ଆବିର୍ଭୂତ ହୋଇ ମାଇ ଅଶ୍ୱ ଠି ମର ଅଶ୍ୱମା ବାଶୁଳୀ ରୂପେ ଆବିର୍ଭୂତା ହୋଇଛନ୍ତି ବୋଲି ବୁଝାଇ କହିଲେ । ପୁଣି ତାଙ୍କୁ ବଂଶାନୁକ୍ରମେ ଇଷ୍ଟରୂପେ ପୂଜାକରିବା ଲାଗି ଦାସ ରାଜାଙ୍କୁ କହିଗଲେ । ଏହାପରେ ଚୈତ୍ର ପୂର୍ଣ୍ଣିମାଠାରୁ ଆଠଦିନ ପର୍ଯ୍ୟନ୍ତ ଅଶ୍ୱମୁଖୀ ବାଶୁଳୀଙ୍କ ପୂଜା ପ୍ରଚଳିତ ହେଲା । ଡିଙ୍ଗି ଏବଂ ଚଟ୍ଟ ମଧ୍ୟ ଏହି ଦିବ୍ୟ ଅଶ୍ୱ ଶରୀରର ବିଭିନ୍ନ ଅଙ୍ଗ । ଚୂଡ଼ା କେଉଟ ଓ ଗୁଡିଆମାନେ ତାହା ପୂଜା କରନ୍ତି । ଓଡ଼ିଶାରେ କେବଳ କୈବର୍ତ୍ତ ସଂପ୍ରଦାୟ ମଧ୍ୟରେ ବାସୁଳୀ ରୂପରେ 'ହୟଗ୍ରୀବା'ଙ୍କର ପୂଜା ପ୍ରଚଳିତ । ଭାରତୀୟ ଶାକ୍ତ ପରମ୍ପରାରେ 'ନରସିଂହୀ ହୟଗ୍ରୀବା ହିରଣ୍ୟାକ୍ଷ ବିନାଶିନୀ' ଏକ ଦେବୀଙ୍କର ବିଭିନ୍ନ ରୂପ ଭାବରେ ଗୃହୀତ । କୈବର୍ତ୍ତ ଜାତିର ନାରୀମାନେ ଏହାଙ୍କର ପୂଜା କରିପାରନ୍ତି । ପୁରୀ ବାଶେଳୀ ସାହିରେ ଥିବା ବାଶୁଳୀ ବା ବାଶେଳୀ ଠାକୁରାଣୀଙ୍କୁ ଜଣେ କୈବର୍ତ୍ତ ବୃଦ୍ଧା ପୂଜା କରୁଥିଲେ । କଳ୍ପବଟର ଦୁହିତା ଭାବରେ ବାଶେଳୀଙ୍କର ପୂଜା କରାଯାଏ । ସେ ପୁଣି ସିଂହଳ

ଦ୍ୱୀପରେ ବାଶେଲୀ, ରମ୍ୟକ ଦ୍ୱୀପରେ ଅମ୍ବିକା, ତୈଲଙ୍ଗ ଦେଶରେ ନାରାୟଣୀ, କର୍ଣ୍ଣାଟ ଦେଶରେ ଚଣ୍ଡିକା, କାଉଁରୁ ଦେଶରେ କାମାକ୍ଷୀ, ଜମ୍ବୁ ଦ୍ୱୀପରେ ଦୁର୍ଗା । ଭାବରେ ପୂଜିତା ବୋଲି ଜଣାଣରେ କୁହା ଯାଇଛି । ଚୈତ୍ର ପୂର୍ଣ୍ଣିମା ବାଶେଳୀଙ୍କ ଜନ୍ମଦିନ ଭାବରେ ପାଳନ କରାଯାଏ । ଏହିଦିନ ଡିଙ୍ଗି ପୂଜା, ନାବ ପୂଜା, ଚଇତ ଘୋଡା ନାଚ ବଡ ଉତ୍ସାହର ସହିତ କରାଯାଏ । ଭଗବାନ ବିଷ୍ଣୁ ନିଜେ ଦାସ ରାଜାଙ୍କୁ ଏହି ପୂଜା ବିଧି ବତାଇ ଦେଇଥିଲେ ବୋଲି କଥିତ ଅଛି । ଅଷ୍ଟମୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି ପ୍ରଭୃତି ପର୍ବଦିନ । * ପୁଣି କୈବର୍ତ୍ତ ସଂପ୍ରଦାୟ ଏହାକୁ ଏକ ଉତ୍ସବ ଭାବରେ ପାଳନ କରନ୍ତି । ମାତ୍ର ଏହା ଏକ ମିଥ୍ ଉପରେ ଆଧାରିତ ହୋଇଥିବାରୁ ଏଠାରେ ଏହାର ଉଲ୍ଲେଖ କରାଗଲା । ଏହା ସହିତ ଅନେକ ଲୋକଗୀତ ପ୍ରଚଳିତ ।** ଘୋଡା ବନ୍ଦାଣରେ ମଧ୍ୟ କୁହାଯାଇଛି—

ଆସ ଆସ ଠାକୁରାଣୀ ବସ ମୋ କାନ୍ଧର ।
ଭଲେ ଭେଳ ବୁଲିଯିବ ରାଜା ପ୍ରଜା ଦ୍ୱାର ॥
ତୋହର ପ୍ରସାଦେ ଶାଢୀ ବଳା ମୁଁ ପାଇବି ।
ଢ଼ମାଳି କରିଣ ଗୀତ ଗାଇ ମୁଁ ବୁଲିବି ॥

ଏହି 'ଢମାଳି' ଓଡ଼ିଆ ଲୋକସାହିତ୍ୟର ଅମୂଲ୍ୟ ସଂପଦ ।***
କୈବର୍ତ୍ତ ଗୀତାରେ ଭଗବାନ ବିଷ୍ଣୁ ଦାସରାଜାଙ୍କୁ କହିଛନ୍ତି— 'ନାବ ଜାଲ, ଚୂଡା ଡିଙ୍ଗି ଶାଳର ବେଉସା, ଏହି ବାଣିଜ୍ୟରେ ତୋର ପେଟ ହେବ ପୋଷା ।' ତେଣୁ ଏହି ଦିବସରେ ନାଉରୀ ଓ ଜାଲିଆ କେଉଟ-ମାନେ ନାବ ଓ ଜାଲ ପୂଜା କରନ୍ତି ଓ ଚୂଡା କେଉଟମାନେ ଡିଙ୍ଗି

---

* ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଚ ପୂର୍ଣ୍ଣିମା ।
ପର୍ବାଣ୍ୟେତାନି ରାଜେନ୍ଦ୍ର, ରବି ସଂକ୍ରାନ୍ତି ରେବଚ ॥

** କୈବର୍ତ୍ତ ଗୀତା ୨୧ଶ ଅଧ୍ୟାୟ

*** ପଲ୍ଲୀଗୀତି ସଞ୍ଚୟନ- ୧ମ ଭାଗ ଡକ୍ଟର କୁଞ୍ଜ ବିହାରୀ ଦାଶ ।
ପୃ-୫୬୦-୫୬୪

ପୂଜା କରନ୍ତି । ତିନିଙ୍କି ମୁଣ୍ଡ ମଝିରେ ସିନ୍ଦୂର ବିନ୍ଦୁ ଓ ଦୁଇପଟେ କଜଳର ଲାଞ୍ଛି ଟଣାଯାଏ । ଏହି ସିନ୍ଦୂର ବିନ୍ଦୁ ନିରାକାରଙ୍କର ପ୍ରତୀକ ଓ ଦୁଇ ପଟେ ଥିବା ଦୁଇ ଲାଞ୍ଛି ମଧ୍ୟରୁ ବାମପଟ ଲାଞ୍ଛି ବ୍ରହ୍ମା ଓ ଦକ୍ଷିଣ ପଟ ଲାଞ୍ଛି ଶିବଙ୍କର ପ୍ରତୀକ । ତିନିଙ୍କୁ ନିରାକାର ବ୍ରହ୍ମ ବୋଲି ମନେକରି ପୂଜା କରାଯାଏ । କୁଶଳ ପୁରାଣରେ ଏହା ନାରଦଙ୍କ ବାହନ ରୂପରେ ବର୍ଣ୍ଣିତ ହୋଇଛି । ବାସେଲୀଙ୍କୁ ମଧ୍ୟ ନିରାକାରଙ୍କ ଦେହରୁ ଜନ୍ମ ଓ ନିଜରୂପ ଲୁଚାଇ ବାଶେଲୀ ରୂପରେ ପୂଜା ପାଉଥିବାର ବର୍ଣ୍ଣନା କରାଯାଇଛି । ଚୈତ୍ର ପୂର୍ଣ୍ଣିମାରେ ଏହି ପୂଜା କଲେ ଅପୁତ୍ରିକ ପୁତ୍ର ପାଏ । ବନ୍ଧ୍ୟା ଗର୍ଭବତୀ ହୁଏ ଓ ନିର୍ଦ୍ଧନ ଧନ ସଂପଦ ପାଏ ବୋଲି ବିଶ୍ୱାସ । ଏହା ମଧ୍ୟ କୈବର୍ତ୍ତ ଗୀତାରେ ଲେଖା ଯାଇଛି । * ଏଥିରେ ଈଶ୍ୱରତାବାଦ ଓ ଐନ୍ଦ୍ରଜାଲିକ ଶକ୍ତିର ପ୍ରଭାବ ସ୍ପଷ୍ଟ ବାରିହୁଏ ।

## ଓଷାକୋଠି

ଶ୍ରୀଯୁକ୍ତ ଚଣ୍ଡୀଲୁଣୀ ଓଷାକୋଠିର ମହିମା ପ୍ରଚାର କରିଥିଲି । ଏହା ଗୋଟିଏ ଓଷା । ଉତ୍ସବର ଆଡ଼ମ୍ବର ମଧ୍ୟ ଏଥିରେ ମିଶିଛି । ତ୍ରିଣ କୋଇଲାର ମନ୍ଦ୍ର ମଧୁର ଧ୍ୱନି ସହିତ ଗାୟକ କଣ୍ଠର 'ତମାଳି' ଏହାକୁ ଅଧିକ ଉପଭୋଗ୍ୟ କରେ । ବିଶେଷତଃ ହାଡ଼ି, ଡମ ପ୍ରଭୃତି ଜାତିର ଲୋକ ଏଥିରେ ମୁଖ୍ୟ ଅଂଶ ଗ୍ରହଣ କରନ୍ତି । ଏ ପର୍ଯ୍ୟନ୍ତ ଏହାର କୌଣସି ଲିଖିତ କଥା ମୋ ଦୃଷ୍ଟିରେ ପଡ଼ିନାହିଁ । ଜଣେ ହରିଜନ ବୃଦ୍ଧଙ୍କ ଠାରୁ ଏହାର କାହାଣୀଟି ଶୁଣିଥିଲି । ଏଥିରେ ମହାଦେବ, ଦୁର୍ଗା, ପାଣ୍ଡବ ପାଞ୍ଚଭାଇ ଓ ଦ୍ରୌପଦୀଙ୍କର ପୂଜା ହୁଏ । ହିନ୍ଦୁ ପୁରାଣର ବିଭିନ୍ନ ଦେବ ଦେବୀ, ଓଡ଼ିଶାର ଅଷ୍ଟକଳା, ଆଞ୍ଚଳିକ ଲୌକିକ ଦେବୀଙ୍କର ବନ୍ଦନା କରାଯାଏ । ଏହାର କାହାଣୀରେ ସମନ୍ୱୟର ବାଣୀ ବିଧୃତ ।

* କୈବର୍ତ୍ତ ଗୀତା, ପଞ୍ଚ ବିଂଶ ଅଧ୍ୟାୟ

ପାଣ୍ଡବ ପାଞ୍ଚଭାଇ ସ୍ୱର୍ଗାରୋହଣ ପଥରେ ଗଲାବେଳେ ଅବନ୍ତୀ ନଗରର ଜଣେ ବ୍ରାହ୍ମଣଙ୍କ ପିଣ୍ଡାରେ ଆଶ୍ରୟ ନେଇଥିଲେ । ସେ ଘରେ ପିଲାଟିଏ ଜନ୍ମ ହେଲେ କେହି ଖୁସି ହୋଇ ପାରନ୍ତି ନାହିଁ । କାରଣ ପିଲାଟି ରାତିଏ ମଧ୍ୟ ବଞ୍ଚେ ନାହିଁ । ପାଣ୍ଡବମାନଙ୍କର ସହାନୁଭୂତି ପ୍ରବଣ ମନ ଏହାଶୁଣି ଚିନ୍ତିତ ହୋଇ ପଡ଼ିଲା । ଅର୍ଜୁନ ଏହାର ପ୍ରତିବିଧାନ ପାଇଁ ପ୍ରସ୍ତୁତ ହୋଇଗଲେ । ଶରରେ ଗୋଟିଏ କୋଠି ଓ ଗୁମ୍ଫୁଣ୍ଡିଆ ନିର୍ମାଣ କଲେ । ଯମଙ୍କର ପ୍ରବେଶ ପଥ ଅବରୋଧ କରାଗଲା । ରାତିରେ ଯମଦୂତମାନେ ଆସି ଫେରି ଗଲେ । ଯମଙ୍କ ସହିତ ସର୍ତ୍ତ ହେଲା । ଏହି ଓଷା ପାଳନ କଲେ ଅପୁତ୍ରିକ ପୁତ୍ର ପାଇବ । ମୃତବତ୍ସା ଦୋଷ ଦୂର ହେବ ଓ ସୌଭାଗ୍ୟ ବୃଦ୍ଧି ହେବ । ସକାଳେ ଏହି କଥା ପ୍ରଘଟ ହେଲା । ବ୍ରାହ୍ମଣ ସନ୍ତୁଷ୍ଟ ହୋଇ ନିଶ୍ଚିନ୍ତରେ ରହିଲେ ।

ଶ୍ରୀୟା ଚଣ୍ଡାଳୁଣୀ ଏହା ଦେଖିଥିଲା । ସେ ଦିନେ ଆଉଦିନ ଅବନ୍ତୀ ରାଜନବର ଓଳାଉଥିବା ବେଳେ ରାଣୀ ତା'ର ମୁହଁ ଚାହିଁବାରୁ ପ୍ରକାଶ୍ୟରେ ଅସନ୍ତୁଷ୍ଟ ହେଲେ । ଶ୍ରୀୟା ମଧ୍ୟ ଆଣ୍ଟୁକୁଡ଼ୀ ରାଣୀଙ୍କ ମୁହଁ ଚାହିଁବାରୁ ପ୍ରକାଶ୍ୟରେ ଅଶୁଭ ଆଶଙ୍କା କଲା । ରାଣୀ ଏହାର ପ୍ରତିଶୋଧ ନେବାପାଇଁ ରଜାଙ୍କୁ କହିଲେ । ରଜା ଶ୍ରୀୟାର ପାଞ୍ଚପୁଅଙ୍କୁ ଜଙ୍ଗଲକୁ ପଠାଇ ମରାଇ ଦେଲେ । ଶ୍ରୀୟା ପୁଅମାନଙ୍କୁ ଖୋଜି ଖୋଜି ଜଙ୍ଗଲରେ ପହଞ୍ଚିଲା । ସେମାନେ ମରି ପଡିଥିବାର ଦେଖି ବିକଳ ଭାବରେ କାନ୍ଦିଲା । ସେଇଠା ଶିବ-ପାର୍ବତୀଙ୍କ 'ଭ୍ରମଣୀ' କାଳ । ସେମାନେ ଆସି ଗୁହାରି ଶୁଣିଲେ । ଗୁମ୍ଫୁଣ୍ଡିଆ ବାନ୍ଧି ଓଷାକୋଠି ପୂଜିବାକୁ କହିଲେ । ପିଲାଏ ବଞ୍ଚିଲେ ସେ ତାହା କରିବାକୁ ସମର୍ଥ ହେବ ବୋଲି ଜଣାଇଲା । ଶିବ ତାକୁ ଅନ୍ୟନ ଚାହିଁବାକୁ କହି ମନ୍ତ୍ରପାଣି ଛିଞ୍ଚି ତା' ପୁଅମାନଙ୍କୁ ବଞ୍ଚାଇ ଦେଲେ । ସେମାନେ ଆସି ମାଆ ପାଖରେ ପହଞ୍ଚିଗଲେ । ମା' କହିବା ଅନୁସାରେ ଓଷାକୋଠି ପୂଜା କଲେ । ରଜା ତାଙ୍କୁ ଯେତେ ଉପାୟ କଲେ ମଧ୍ୟ ମାରି ପାରିଲେ ନାହିଁ । ଶେଷରେ ଶ୍ରୀୟାର ଶରଣାପନ୍ନ ହୋଇ ଓଷାକୋଠିର ମହିମା ବୁଝିଲେ ଓ ପୂଜାକଲେ । ଅନେକୋତ ରାଣୀଙ୍କର ସନ୍ତାନ ହେଲା ।

ଓଷା-କୋଠିରେ ଯେଉଁ ଗୁମୁଣ୍ଡିଆ ହୁଏ, ସେଥିରେ ଭୀମ, ଅର୍ଜୁନ, ନକୁଳ, ସହଦେବ ଗୃହରକ୍ଷଣ, ଯୁଧିଷ୍ଠିର ପତାକା, ଦ୍ରୌପଦୀ ଗୁମୁଣ୍ଡିଆର ଗୁଡ଼ଣି ଭାବରେ ରହନ୍ତି । ତଳକୁ କଇଁଫୁଲର ବେଣୀ ଝୁଲୁଥାଏ । ଏହା ଦ୍ରୌପଦୀଙ୍କର ବେଣୀ ବୋଲି କୁହାଯାଏ । ଯାହାକୁ କାଳିସୀ ଲାଗେ ସେ ଏହି ବେଣୀ ଧରି ବିଭିନ୍ନ ପ୍ରଶ୍ନର ଉତ୍ତର ଦିଏ । ତଳେ ପଞ୍ଚମୁଖୀ ପ୍ରଦୀପ ଜଳୁଥାଏ । ଗୁମୁଣ୍ଡିଆଟି ଜଣଙ୍କର ବାରଣ୍ଡାକୁ ଲାଗି ତିଆରି ହୋଇଥାଏ । ବାରଣ୍ଡା କାନ୍ଥରେ ମହାଦେବ, ପଞ୍ଚପାଣ୍ଡବ, ଓ ଦ୍ରୌପଦୀ ପ୍ରଭୃତିଙ୍କ ଚିତ୍ର ଅଙ୍କିତ ହୁଏ । ବାରଣ୍ଡାରେ ଚିତା ଦିଆଯାଏ । ବିଭିନ୍ନ ଫୁଲ, ବିଶେଷତଃ କଇଁଫୁଲ, ବିଭିନ୍ନ ପ୍ରକାର ଫଳମାନ, ଗୃହର ଉପରେ ଗୁମୁଣ୍ଡିଆର ଗୃହକଡ଼ିରେ ଝୁଲି ହୋଇଥାଏ । ଗାୟକ ଓ କାଳସୀଙ୍କ ପ୍ରଶ୍ନ-ଉତ୍ତର, ଢମାଳି, ପରିବେଶକୁ ସରସ କରେ । ଢଣ ବା ଧନୁ, କୁଲା, ଘାଗୁଡ଼ି ବାଡ଼ି ସାହାଯ୍ୟରେ ବାଦ୍ୟ ବାଜେ । ଏହି ଓଷା - ପୂଜା ଫଳରେ ଅବନ୍ତୀର ରାଣୀଙ୍କର ଗର୍ଭ ଫଳିଥିଲା । ଅର୍ଥାତ୍ ସେ ସନ୍ତାନବତୀ ହୋଇଥିଲେ । ପୁଣି ରଜା ବସାଇବା ପ୍ରଭୃତି କେତେକ ବିଧି ବିଧାନରୁ ଉର୍ବରତା ବାଦର ପ୍ରଭାବ ଲକ୍ଷ୍ୟ କରାଯାଏ । ଆଶ୍ୱିନ ଦଶମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଯାଏ ଏହା ପାଳିତ ହୁଏ । ନାରୀମାନେ ମାନସିକ କରିଥିଲେ ଏହି ଉପବାସ ପାଳନ୍ତି ।

## ପୁଂସବନ ବ୍ରତ

ପୁଂସବନ ବ୍ରତର କୌଣସି ସ୍ୱତନ୍ତ୍ର ଓଡ଼ିଆବ୍ରତ କଥା ମିଳେନାହିଁ । ମାତ୍ର ଶ୍ରୀମଦ୍ଭାଗବତ ଷଷ୍ଠସ୍କନ୍ଧ ଅଷ୍ଟାଦଶ ଓ ଊନବିଂଶ ଅଧ୍ୟାୟରେ ଏହି ବ୍ରତର ପାଳନବିଧି ଓ କାହାଣୀ ବର୍ଣ୍ଣିତ ହୋଇଛି । ନାରୀମାନେ ଏହି ବ୍ରତ ପାଳନକରିବାକୁ ଇଚ୍ଛାକଲେ ପତିଙ୍କ ଅନୁମତି ନେଇ ମାର୍ଗଶିର ମାସ ଶୁକ୍ଳପକ୍ଷ ପ୍ରତିପଦାଦିନ ପ୍ରଥମେ ଲକ୍ଷ୍ମୀନାରାୟଣଙ୍କୁ

ପୂଜାକର ମରୁତ୍‌ଗଣଙ୍କ ଜନ୍ମବୃତ୍ତାନ୍ତ ଶୁଣିବେ ବୋଲି ସଂସ୍କୃତ ଭାଗବତରେ କୁହାଯାଇଛି । * ଜଗନ୍ନାଥ ଦାସ ଅତି ଚମତ୍କାର ଭାବରେ ତାହା ଅନୁବାଦ କରି ଲେଖିଛନ୍ତି—

ପ୍ରଥମେ ମାର୍ଗଶିର ମାସ । ଶୁକ୍ଳ ପ୍ରତିପଦ ଦିବସ ॥
ଭର୍ତ୍ତାର ଆଜ୍ଞା ପରମାଣେ । ବ୍ରତ କରିବେ ସ୍ତ୍ରୀଗଣେ ॥
ଏ ବ୍ରତ ଦିଏ ସର୍ବ ସିଦ୍ଧି । ଆଦର କଲେ ଯଥାବିଧି ॥
ବ୍ରାହ୍ମଣ କରିବ ବରଣ । ଶୁଣିବ ମରୁତଙ୍କ ଜନ୍ମ ॥
ଶୁଚି ହୋଇଣ କରି ସ୍ନାନ । ଶୁକ୍ଳ ବସନ ପରିଧାନ ॥
ପୂର୍ବରୁ ଭୋଜନ ନକରି । ଚଞ୍ଚଳ ଚିତ୍ତ ସ୍ଥିର କରି ॥
ଲକ୍ଷ୍ମୀସହିତେ ଭଗବାନ । ପୂଜିବା ହୋଇ ତୋଷମନ ॥

× × ×

ଏ ବ୍ରତ ପତି ପତ୍ନୀଦୁଇ । ଅଧିବେ ଏକ ବା କରଇ ॥

× × ×

ଦ୍ୱିଜ ଜଗନ୍ନାଥ ବୋଲଇ । ପବନଜନ୍ମକଥା ଏହି ॥

ଶ୍ରୀମଦ୍ ଭାଗବତ ଅନ୍ତର୍ଗତ ପବନ ବା ମରୁତ୍ ଗଣଙ୍କ ଜନ୍ମ-ବୃତ୍ତାନ୍ତ ଅତ୍ୟନ୍ତ କୌତୁହଳପ୍ରଦ। ଦ୍ୱିଜ ଜଗନ୍ନାଥ ଦାସଙ୍କ ଅନୁବାଦ ଶୈଳୀ ଅନୁପମ । ପାଦଟୀକାରେ ଥିବା ମୂଳ ଶ୍ରୀମଦ୍ ଭାଗବତ୍‌ର

---

* ଶୁକ୍ଳେ ମାର୍ଗଶିରେ ପକ୍ଷେ ଯୋଷିଦ୍ ଭର୍ତ୍ତୁରନୁଜ୍ଞୟା
ଆରଭେତ ବ୍ରତମିଦଂ ସାର୍ବକାମିକ ମାଦିତଃ ।
ନିଶମ୍ୟ ମରୁତାଂ ଜନ୍ମ ବ୍ରାହ୍ମଣାନନୁମନ୍ତ୍ର୍ୟ ଚ
ସ୍ନାତ୍ୱା ଶୁକ୍ଳଦତି ଶୁକ୍ଳେ ବସୀତାଲଙ୍କୃତାମ୍ବରେ
ପୂଜୟେତ୍ ପ୍ରାତରାଶାତ୍ ପ୍ରାଗ୍ ଭଗବନ୍ତଂ ଶ୍ରିୟାସହ

× × ×

କୃତମେକତରେଣାପି ଦମ୍ପତ୍ୟୋରୁଭୟୋରପି

ଶ୍ରୀମଦ୍ ଭାଗବତ ୧୯ଶ ଅଧ୍ୟାୟ

ଉକ୍ତାଂଶ ସହିତ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତରୁ ଉପରେ ଉଦ୍ଧାର କରାଯାଇଥିବା ଅଂଶର ତୁଳନା କଲେ, ତାହା ଅନୁଭବ କରିହେବ । ଏଠାରେ ଓଡ଼ିଆ ବ୍ରତ ସାହିତ୍ୟ ସମ୍ପର୍କରେ ଆଲୋଚନା କରାଯାଉଥିବାରୁ, ଜଗନ୍ନାଥଙ୍କ ଭାଗବତକୁ ଅବଲମ୍ବନ କରି ଆଲୋଚନା କରିବା ସମୀଚୀନ ହେବ । ମୁଁ ଏଠାରେ ଏକଥା ସୂଚାଇ ଦେବାକୁ ଚାହେଁ ଯେ ଓଡ଼ିଆ ଅନୁବାଦ ସାହିତ୍ୟର ଆଲୋଚନା ପ୍ରସଙ୍ଗରେ ମୂଳ ସଂସ୍କୃତ ବ୍ରତକଥା ଗୁଡ଼ିକର ପ୍ରାଚୀନ ଓଡ଼ିଆ ଅନୁବାଦ ଗୁଡ଼ିକୁ ଅବହେଳା କରିବା ଅନୁଚିତ ।

ଦିତିଙ୍କର ବଡ଼ଦୁଃଖ । ତାଙ୍କର ପୁଅମାନଙ୍କୁ ଇନ୍ଦ୍ର ବରାବର ମାରିପକାଉଛି । ଫଳରେ ସେ ଦୁଃଖ ଦିନୁଁ ଦିନ ବଢ଼ୁଥାଏ । ଏ ପରିସ୍ଥିତିରେ ମନରେ ପ୍ରତିହିଂସା ଭାବ ଆସିବା ସ୍ୱାଭାବିକ । ତାଙ୍କର ତାହାହିଁ ହେଲା ।

ସେ ଦିନେ ତାଙ୍କର ସ୍ୱାମୀ କଶ୍ୟପ ଋଷିଙ୍କୁ ବହୁସେବା କଲେ । ଋଷି ସେବାରେ ପ୍ରୀତ ହୋଇ ବର ଯାଚିଲେ । ଦିତି ନିଜର ଦୁଃଖ ଜଣାଇଲେ । ଇନ୍ଦ୍ରଙ୍କ ଲାଗି ପୁତ୍ରହୀନ ହେଉଥିବାର ଦୁଃସହ ଦୁଃଖରୁ ରକ୍ଷା ପାଇବାର ଏକମାତ୍ର ଉପାୟ, ଇନ୍ଦ୍ରଙ୍କୁ ମାରିପାରିବା ଭଳି ପୁତ୍ର ଜନ୍ମକରିବା । ତେଣୁ ଏକମାତ୍ର ସେହିବ୍ରତ ହିଁ ତାଙ୍କର ମାଗୁଣି । କଶ୍ୟପ ଦେଖିଲେ ପ୍ରଥମେ ଦିତିଙ୍କ ମନରେ ସାତ୍ତ୍ୱିକଭାବ ଜାଗ୍ରତ କରାଇବା ତାଙ୍କର କର୍ତ୍ତବ୍ୟ । ପୁଣି ବର ଯାଚିସାରିଥିବାରୁ ସତ୍ୟଭ୍ରଷ୍ଟ ହେବାର ଉପାୟ ନାହିଁ । ତେଣୁ ତାଙ୍କୁ ଏକବର୍ଷବ୍ୟାପୀ ହରିତୋଷଣ ପୁଂସବନ ବ୍ରତ କରିବାଲାଗି ପରାମର୍ଶ ଦେଲେ । ଦିତି ଏହି ବ୍ରତର ପାଳନ ବିଧି ଓ ନିଷିଦ୍ଧ କାର୍ଯ୍ୟସଂପର୍କରେ ପଚାରିବାରୁ କଶ୍ୟପ କହିଲେ—

ପ୍ରାଣୀଙ୍କି ହିଂସା ନକରିବ । କ୍ରୋଧରେ ଶାପକୁ ନ ଦେବ
ମିଥ୍ୟା ନ କହିବ ବଚନେ । ଛେଦିବ ନାହିଁ ନଖରୋମେ
ଅମଙ୍ଗଳ ଯେ ଦ୍ରବ୍ୟ ଥାଇ । କେବେ ହେଁ ପରଶିବ ନାହିଁ ।

ଜଳରେ ପଶିଣ ଯେ ସ୍ନାନ । କେବେ ହେଁ ନକରିବ ଜାଣ
ଦୁର୍ଜନ ସଙ୍ଗତେ ଆଳାପ । ଆବର ନକରିବ ପାପ ।।
ଅଧୌତ ବସ୍ତ୍ର ନପିନ୍ଧିବ । ଛିଣ୍ଡା ମାଳକୁ ନ ଘେନିବ ।।
ପର ଉଚ୍ଛିଷ୍ଟ ଦେବୀ ଅନ୍ନ । କେବେ ନକରିବ ଗ୍ରହଣ ।।
ଆମିଷ ନକର ଭୋଜନ । ହସ୍ତେ ନକର ଜଳପାନ ।।
ଉଚ୍ଛିଷ୍ଟ ହସ୍ତେ ଜଳପାନ । କେବେହେଁ ନକରିବ ଜାଣ ।।
ବହୁତ ବାକ୍ୟ ନକହିବ । ସନ୍ଧ୍ୟାରେ କେଶ ନମେଲିବ ।।
ସଭାରେ ଅସମ୍ଭାଳ ହୋଇ । କେବେ ହେଁ ବାହାରିବ ନାହିଁ ।।
ଅଧୌତ ପାଦ ଥିବ ଯେବେ । ଶୟନ ନକରିବ ତେବେ ।।
ଉତ୍ତର ଦିଗେ କରି ଶିର । ଶୟନ ନକରି ସଂଧ୍ୟାର ।।
ଉଲଗ୍ନ ଭାବରେ ଶୟନ । ଏତେ ନକର ଆଚରଣ ।।
ଧଉତ ବସ୍ତ୍ର ପରିଧାନ । ଶୁଚି ହୋଇବ ଅନୁକ୍ଷଣ ।।
ପ୍ରାତଃ କାଳରୁ ଉଠିକରି । ସର୍ବ ମଙ୍ଗଳକୁ ଆଚରି ।।
ଲକ୍ଷ୍ମୀ ସହିତେ ନାରାୟଣ । ପୂଜିବ ଗୋରୁ ଯେ ବ୍ରାହ୍ମଣ ।।
ସଧବା ସ୍ତ୍ରୀଙ୍କୁ ଆଣିବ । ମାଳ ଚନ୍ଦନେ ପୂଜା ଦେବ ।।
ଯଥା ବିଧାନେ ନିଜପତି । ପୂଜିବ ସ୍ଥିର କରି ମତି ।।
ଏକ ଧିଆନେ ଦୃଢ଼ ଚିତ୍ତେ । ଯେବେ ଧରିବ ଏହିବ୍ରତେ ।।
ତେବେ ଇନ୍ଦ୍ରହନ୍ତା କୁମର । ନିଶ୍ଚୟେ ହୋଇବ ତୁମ୍ଭର ।।

ଏହା ଶୁଣିବା ପରେ ଦିତିଙ୍କର 'ଚଞ୍ଚଳ ଚିତ୍ତ ସ୍ଥିର ହେଲା' । ସେ ଏହି ବ୍ରତ ପାଳନ କରିବେ ବୋଲି ସଂକଳ୍ପ କଲେ । ମନରେ ଆଶା, କଶ୍ୟପଙ୍କ ଔରସରେ ତାଙ୍କ ଗର୍ଭରୁ ଇନ୍ଦ୍ରହନ୍ତା ସନ୍ତାନ ଜାତ ହେବ । ଏତେ ଦିନକେ ଦୁଃଖ ଘୁଞ୍ଚିବ । ସେ କଠୋର ନିଷ୍ଠାର ସହିତ ବ୍ରତ ପାଳନ କଲେ । କିନ୍ତୁ ତାଙ୍କର ଦୁର୍ଭାଗ୍ୟକୁ ଇନ୍ଦ୍ର ଏହା ଜାଣି ପାରିଲେ ।

ଦକ୍ଷଙ୍କର କନ୍ୟା ଦିତି ଓ ଅଦିତି କଶ୍ୟପଙ୍କୁ ବିବାହକରିଥିଲେ । ତେଣୁ ଦିତି ଇନ୍ଦ୍ରଙ୍କର ମାଉସୀ । ସେ ମାଉସୀଙ୍କୁ ସେବା କରି ତାଙ୍କର ମନ ଭୁଲାଇ ଦେଲେ । ତାଙ୍କ ପାଇଁ ବ୍ରତର ଉପକରଣ

ଯୋଗାଡ଼ କରିଦେବା ଠାରୁ ପୂଜାରେ ସାହାଯ୍ୟ କରିବା ଯାଏ ପ୍ରତିଟି କାର୍ଯ୍ୟ ଦକ୍ଷତା ଓ ତତ୍ପରତା ସହ କରୁଥାନ୍ତି । ପରିସ୍ଥିତି ଓ କାର୍ଯ୍ୟ ଏପରି ଭାବରେ ଚାଲୁଥାଏ ଯେ ଦିତି ଇନ୍ଦ୍ରଙ୍କ ଉଦ୍ଦେଶ୍ୟ ବୁଝି ପାରୁନଥାନ୍ତି । କିନ୍ତୁ ଇନ୍ଦ୍ର ମନେ ମନେ ବ୍ରତଛିଦ୍ରର ଅପେକ୍ଷାରେଥାନ୍ତି । କୌଣସି ତ୍ରୁଟି ନ ହେବାର ଦେଖି ତାଙ୍କ ମନ ଦିନକୁ ଦିନ ଉଦ୍‌ବିଗ୍ନ ହେଉଥାଏ । ଇନ୍ଦ୍ରଙ୍କ ସେବା ଓ ଆଶଙ୍କା ଓ ଉଦ୍‌ବେଗଭରା ଆକୁଳତାର ବର୍ଣ୍ଣନା କରି ଜଗନ୍ନାଥ ଦାସ ଲେଖିଛନ୍ତି—

ଦିତିର ବ୍ରତ ଦେଖିକରି । ଇନ୍ଦ୍ର ତା ସେବାକୁ ଆଚରି ॥
ହୋଇ ଶୁଚିବନ୍ତ ହୋଇ । ତାହାଙ୍କ ସଙ୍ଗରେ ବୁଲଇ ॥
ନିତ୍ୟେ ବନରୁ ପୁଷ୍ପ ଫଳ । ସମିଧ କୁଶ କନ୍ଦମୂଳ ॥
ନବ ଅଙ୍କୁର ଜଳ ଆଣି । ସମୀପେ ଦିଅନ୍ତି ବଜ୍ରପାଣି ॥
ଏମନ୍ତେ ବ୍ରତଛିଦ୍ର ତା'ର । ଇନ୍ଦ୍ର ଇଚ୍ଛଇ ନୃପବର ॥
ଯେମନ୍ତ ବ୍ୟାଧ ଯେ ମୃଗର । ଛିଦ୍ର ଚାହଇ ନିରନ୍ତର ॥
କେମନ୍ତେ ବ୍ରତ ଛିଦ୍ର ସେହି । ଅନେକ ଯତ୍ନେ ସେ ନପାଇ ॥
ତୀବ୍ର ଚିନ୍ତାରେ ଇନ୍ଦ୍ର ମନ । ଛନ୍ନ ହୋଇଲା ଶୁଣ ରାଜନ ॥

ଦିତିଙ୍କର ଐକାନ୍ତିକ ନିଷ୍ଠା, ପବିତ୍ର ଆଚରଣ, ବ୍ରତ ଫଳପ୍ରାପ୍ତିର ନିଶ୍ଚିତ ସମ୍ଭାବନା ଇନ୍ଦ୍ରଙ୍କୁ ଅହରହ ଚିନ୍ତିତ କଲା ।

ଏକବର୍ଷ ବ୍ରତ ପାଳନ କରିବା ନିୟମ । ଏପରି ଦୀର୍ଘଦିନ ବ୍ୟାପୀ କଠୋର ବ୍ରତ ପାଳନ ଫଳରେ ଦିତି କ୍ରମଶଃ କୃଶ ଓ ଦୁର୍ବଳ ହୋଇ ପଡ଼ିଲେ । ପୁଣି ଗର୍ଭ ସଞ୍ଚାର ହେତୁ ସ୍ୱାଭାବିକ ଆଳସ୍ୟ ମଧ୍ୟ ଆସୁଥାଏ । ଦିନେ କ୍ଳାନ୍ତି ଓ ଭ୍ରମବଶତଃ ଗୋଡ଼ ନ ଧୋଇ ତଳେ ଶୋଇ ପଡ଼ିଲେ । ନିଦ୍ରା ଗାଢ଼ତର ହେଲା । ଏହା ଯୋଗମାୟାଙ୍କ ଭିଆଣ । ଇନ୍ଦ୍ର ଏହି ଛିଦ୍ରର ପ୍ରତୀକ୍ଷାରେ ଥିଲେ । ତୁରନ୍ତ ତାଙ୍କର ଗର୍ଭରେ ପ୍ରବେଶ କରି ଶୁଦ୍ଧ କନକପ୍ରାୟ ଶୋଭାପାଉଥିବା ଗର୍ଭସ୍ଥ ସନ୍ତାନକୁ ସାତଖଣ୍ଡ କରି ବଜ୍ରରେ ହାଣି ପକାଇଲେ । ପୁଣି ଖଣ୍ଡକୁ

ସାତ ସାତଖଣ୍ଡ କରି କାଟି ଦେଇଗଲେ । ସେମାନେ ଭୟ ଓ କଷ୍ଟରେ କାନ୍ଦିଲେ । କିନ୍ତୁ ବିଷ୍ଣୁଙ୍କ ଅନୁକମ୍ପା ଥିବାରୁ ମଲେ ନାହିଁ । ସେମାନେ କ୍ରନ୍ଦନ କଲାବେଳେ ଇନ୍ଦ୍ର ତାଙ୍କୁ 'ମା ରୋଦ' (କାନ୍ଦନାହିଁ) ବୋଲି ଆଦେଶ ଦେଲେ । ଦେବଗଣ ମଧ୍ୟରେ ତାଙ୍କୁ ସ୍ଥାନ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ସେମାନେ ଆଉ ଗର୍ଭରେ କାନ୍ଦିଲେ ନାହିଁ । ଇନ୍ଦ୍ର ନିଜର କାର୍ଯ୍ୟ ସଂପାଦନ କରି ଗର୍ଭରୁ ବାହାରି ଆସିଲେ । ହଠାତ୍ ତାଙ୍କର ଅପକୀର୍ତ୍ତି ଜଣା ପଡ଼ିଲା ନାହିଁ । ସଂସ୍କୃତ ଭାଗବତରେ ଅଛି –

ଲବ୍ଧ୍ୱା ତଦନ୍ତରଂ ଶକ୍ରୋ ନିଦ୍ରାପହୃତ ଚେତସଃ
ଦିତେଃ ପ୍ରବିଷ୍ଟ ଉଦରଂ ଯୋଗେଶୋ ଯୋଗମାୟୟା
ଚକର୍ତ୍ତ ସପ୍ତଧା ଗର୍ଭଂ ବଜ୍ରେଣ କନକପ୍ରଭମ୍
ରୁଦନ୍ତଂ ସପ୍ତଧୈକୈକଂ ମାରୋଦୀରିତି ତାନ୍ ପୁନଃ
ତ ମୂଚୁଃ ପାଟ୍ୟମାନାସ୍ତେ ସର୍ବେ ପ୍ରାଞ୍ଜଳୟୋ ନୃପ
ନୋ ଜିଘାସସି କିମିନ୍ଦ୍ର ଭ୍ରାତରୋ ମରୁତସ୍ତବ
ମା ଭୈଷ୍ଟ ଭ୍ରାତରୋ ମହ୍ୟଂ ଯୁୟ ମିତ୍ୟାହ କୌଶିକଃ
ଅନାନ୍ୟ ଭବାନ୍ ପାର୍ଷଦାତ୍ମନୋ ମରୁତାଂ ଗଣାନ୍

ଜଗନ୍ନାଥ ଦାସ ଏହାକୁ ଅନୁବାଦ କରିଛନ୍ତି---

ନିଦ୍ରାରେ ହତ ତାର ମନ । ଶକ୍ର ଦେଖିଲା ବ୍ରତ ହୀନ ।।
ଯୋଗ ମାୟାରେ ସେ ଯୋଗେଶ । ଇନ୍ଦ୍ର ତା' ଗର୍ଭରେ ପଶିଣ ।।
ସେ ବଜ୍ରଧର ବ୍ରଜଧରି । ସପତଖଣ୍ଡ ଗର୍ଭ କରି ।।
ଶୁଦ୍ଧ କନକ ପ୍ରାୟ ହୋଇ । ଗର୍ଭ ତାହାର ବିରାଜଇ
ବଜ୍ରରେ ସାତଖଣ୍ଡ ହୋଇ । ରୋଦନ କରନ୍ତି ଯେ ସେହି ।।
ଖଣ୍ଡିକୁ ସାତ ଖଣ୍ଡ କରି । ନକାନ୍ଦ ବୋଲେ ବଜ୍ରଧରି ।।
ଛେଦନ ହୋଇ ସେହୁମାନେ । ଇନ୍ଦ୍ରକୁ ବୋଲନ୍ତି ବଚନେ ।।
ହେ ଇନ୍ଦ୍ର ଆମ୍ଭମାନଙ୍କର । ହିଂସା କିଂପାଇ ତୁମ୍ଭେ କର ।।
ତୁମ୍ଭର ଆମ୍ଭେମାନେ ଭାଇ । ମରୁତ ଆମ୍ଭନାମ ହୋଇ ।

ଇନ୍ଦ୍ର ବୋଇଲେ ଭ୍ରାତାମାନେ । ଭୟ ନକର ତୁମ୍ଭେମାନେ ।।
ଅନନ୍ୟ ଭାବକୁ ଆଚର । ହୋଇବ ପାରଷଦ ମୋର ।।
ମରୁତ ହେଲେ ଅନଚାଶ । ରହିଲେ ଦେବରାଜ ପାଶ ।।

ଦିତିଙ୍କ ନିଦ ଭାଙ୍ଗିଲା । ଖଣ୍ଡ ଖଣ୍ଡ ହୋଇ ଅଣଚାଶ ପୁତ୍ର ଜନ୍ମ ହେବାର ଦେଖି ତାଙ୍କ ମନରେ ସଂଶୟ ହେଲା । ସେ ଇନ୍ଦ୍ରଙ୍କୁ ପଚାରିଲେ— । 'ସତକହ, ମୁଁ ତ ଗୋଟିଏ ପୁତ୍ରପାଇଁ ବରମାଗି ବ୍ରତ ପାଳନ କରିଥିଲି । ଏପରି ଅଣଚାଶ ପୁତ୍ର କିପରି ଜନ୍ମ ହେଲେ ? ଇନ୍ଦ୍ର ଉତ୍ତରଦେଲେ । ଦୋଷ ସ୍ୱୀକାର କରି କ୍ଷମା ମାଗିଲେ । ପୁଣି ଏହି ପୁତ୍ରମାନେ ଦେବତାମାନଙ୍କ ମଧ୍ୟରେ ଗଣା ହେବେ ଏବଂ ଇନ୍ଦ୍ରଙ୍କ ପାଖରେ ପାର୍ଷଦ ଭାବରେ ସ୍ଥାନ ପାଇବେ ବୋଲି ବିନୀତ ଭାବରେ କହିଲେ । ଦିତି ଇନ୍ଦ୍ରଙ୍କୁ କ୍ଷମାକଲେ ଓ ଆଶୀର୍ବାଦ ଦେଲେ । ଇନ୍ଦ୍ର ମରୁତ୍‌ଗଣଙ୍କୁ ସଙ୍ଗରେ ନେଇ ନିଜ ପୁରକୁ ଗଲେ ।

ପୁଂସବନ ବ୍ରତ ଏକବର୍ଷ ପାଳନ କଲା ପରେ କାର୍ତ୍ତିକ ମାସର ଶେଷଦିନ ଅମାବାସ୍ୟାରେ ଉପବାସ କରି ଏବଂ ତା' ପରଦିନ ପ୍ରାତଃ କାଳରେ ପୂଜା ହୋମ ଆଦି କରିବ । ହୋମାବଶିଷ୍ଟ ଚରୁଅନ୍ନ ଖାଇଲେ ଅପୁତ୍ରିକ ନାରୀର ଗର୍ଭସଞ୍ଚାର ହୁଏ । ଏହି ହରିତୋଷଣ ବ୍ରତ ଯଥାବିଧି କଲେ ସ୍ତ୍ରୀଲୋକମାନେ ସୌଭାଗ୍ୟ, ସନ୍ତାନ, ଅବୈଧବ୍ୟ, ଯଶ ଓ ଉତ୍ତମ ବାସସ୍ଥାନ ଲଭ କରନ୍ତି । ଅବିବାହିତା କନ୍ୟା ଏହି ବ୍ରତକଲେ ସର୍ବସୁଲକ୍ଷଣ ସମ୍ପନ୍ନ ପତି ଲାଭକରେ । ପୁତ୍ର ପତି ନଥିବା ନାରୀର ପାପ କ୍ଷୟ ହୁଏ ଓ ଶୁଭଗତି ମିଳେ । ମୃତବତ୍ସା ନାରୀ ଦୀର୍ଘଜୀବୀ ପୁତ୍ର ଜନ୍ମକରେ । ଉତ୍ତର ଭାରତରେ କେହି କେହି ଏହି ବ୍ରତ ପାଳନକରନ୍ତି । *ମାତ୍ର ସଂପ୍ରତି ଓଡ଼ିଶାରେ ଏହା ବିଶେଷଭାବରେ ପାଳିତ ହେବାର ଦେଖାଯାଉ ନାହିଁ ।

---

*ବାର୍‌ହେଁ। ମହାନେକ ସଂପୂର୍ଣ୍ଣ ବ୍ରତ ଔର ତ୍ୟୋହାର (୧୯୫୬)
ମଥୁରା-ପୃ-୨୫୦

ପୁଂସବନ ବ୍ରତ ବାସ୍ତବତଃ ଲକ୍ଷ୍ମୀନାରାୟଣଙ୍କ ବ୍ରତ । ବିଷ୍ଣୁଙ୍କୁ ସନ୍ତୋଷ କରିବାଦ୍ୱାରା ଦିତିଙ୍କର ଗର୍ଭ ସଞ୍ଚାର ହେଲା ଓ ମରୁତ୍‌ଗଣ ବିଷ୍ଣୁଙ୍କ ଅନୁକମ୍ପାଲାଗି ବଞ୍ଚିଥିଲେ । *ଏଥିରେ ଲକ୍ଷ୍ମୀନାରାୟଣଙ୍କର ପୂଜା କରାଯାଏ । ଏହି ପ୍ରସଙ୍ଗରେ ମରୁତ୍‌ଗଣଙ୍କ ଜନ୍ମକାହାଣୀ ଘଟିତ ହୁଏ । ଦିତି ଦେବୀ ହେଲେ ମଧ୍ୟ ତାଙ୍କର ପୂଜା ଆରାଧନା ପ୍ରଚଳିତ ଥିବାର ଦେଖାଯାଏ ନାହିଁ । ଅଦିତି ସ୍ୱର୍ଗ ଓ ଅମରତ୍ୱର ଏବଂ ଦିତି ପାର୍ଥିବତା ଓ ନଶ୍ୱରତାର ପ୍ରତୀକ ବୋଲି ଉଲ୍ଲେଖ କରାଯାଏ । **

ଏହି ବ୍ରତରେ ଇନ୍ଦ୍ରଙ୍କୁ ନ୍ୟୁନ କରି ବର୍ଣ୍ଣନା କରାଯାଇଛି । ଇନ୍ଦ୍ର ବେଦରେ ମୁଖ୍ୟସ୍ଥାନ ପାଇଛନ୍ତି । ପୁଣି ବୁଦ୍ଧଦେବଙ୍କ ସମୟକୁ

---

* ଦିତିର ଗର୍ଭେ ସେ ନମଲ । ବିଷ୍ଣୁର ଅନୁକମ୍ପା ଥିଲ ।

ଭାଗବତ ଷଷ୍ଠ ସ୍କନ୍ଧ, ୧୮ଶ ଅଧ୍ୟାୟ-

** "In the R. V. Diti signifies 'limited', 'bounded' in contradiction to Aditi. This distinction is clearly indicated in V. 62, 8, where Mitra and Varuna, when traversing the heaven in their gold hued car, behold both Aditi, the goddess of boundless space, and Diti, the goddess of earthly phenomena. This antithesis may be only a play of words; but it is likely to have been dualistic—interpretation of the universe, represented as heaven and earth" A Dictionary of Hinduism. P. 80.

ଇନ୍ଦ୍ର 'ଅପ୍ରମାଦ' ହେତୁ ଦେବଲୋକରେ ଶ୍ରେଷ୍ଠ ସ୍ଥାନ ପାଇଥିବାର ବର୍ଣ୍ଣନା ଅଛି । * ମାତ୍ର ପୁରାଣରେ ଓ ବହୁ ଓଷାବ୍ରତରେ ଇନ୍ଦ୍ର ଭୁଲ୍ କରିଥିବା ଏବଂ ସେଥିପାଇଁ ଦୁର୍ଦ୍ଦଶା ଭୋଗିଥିବାର ବର୍ଣ୍ଣନା ମିଳେ । ସଂପ୍ରତି ଓଡ଼ିଶାରେ ବିଶେଷ ଭାବରେ ପାଳିତ ହେଉ ନଥିବା ଭବିଷ୍ୟ ପୁରାଣୋକ୍ତ କାଳିକା ବ୍ରତରେ ଅଛି— ଇନ୍ଦ୍ର ଦେବ ସଭାରେ ଅପ୍ସରାମାନଙ୍କ ନୃତ୍ୟଗୀତ ଉପଭୋଗ କରୁଥିବା ସମୟରେ ପାରିଜାତ ଫୁଲଟିଏ ଧରି ଆଘ୍ରାଣ କରୁଥିଲେ । ଜଣେ ବେଦଜ୍ଞ ବିପ୍ର ସେଠାରେ ଥିଲେ । ଇନ୍ଦ୍ର ନୃତ୍ୟାମୋଦରେ ଭୋଳଥିବା ଅବସ୍ଥାରେ ଆଘ୍ରାଣ କରିଥିବା ଫୁଲଟିକୁ ତାଙ୍କୁ ବଢାଇ ଦେଲେ । ସେ ଇନ୍ଦ୍ରଙ୍କର ଏପରି ଔଦ୍ଧତ୍ୟ ବ୍ୟଞ୍ଜକ ବ୍ୟବହାରରେ କ୍ଷୁବ୍ଧ ହୋଇ ଅଭିଶାପ ଦେଲେ । ଇନ୍ଦ୍ର ସେହି ଅଭିଶାପ ଫଳରେ ଗୃହମାର୍ଜାର ହୋଇ ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ଗ୍ରହଣ କଲେ । **ପରେ ଇନ୍ଦ୍ରାଣୀ

---

* ଅପ୍ପମାଦେନ ମଘବା ଦେବାନଂ ସେଟ୍ଠତଂ ଗତୋ
ଅପ୍ପମାଦଂ ପସଂସନ୍ତି ପ୍ପମାଦୋ ଗରହିତୋ ସଦା

ଧମ୍ମପଦ, ଅପ୍ପମାଦବଗ୍ଗୋ

** ଘ୍ରାତ୍ୱା ପୁଷ୍ପଂ ତଦା ରାଜା ଦତ୍ତବାଂସ୍ତୁ ଦ୍ୱିଜାତୟେ
ଲଜ୍ଜିତୋ ବ୍ରାହ୍ମଣଃ ସୋଽପି ମନ ସ୍ତାନୋଽଭବତ୍ତଦା ,
କ୍ରୋଧେନ ମହତା ଚୈବ ସଶାପ ସହସା ଦ୍ୱିଜଃ
ଅୟଂ ବ ଗୃହ ମାର୍ଜାରୋ ଦ୍ୱାଦଶାବ୍ଦଂ ଭବିଷ୍ୟତି ।
ତେନ କର୍ମ ବିପାକେନ ଦେବେନ୍ଦ୍ରୋ ହତ ଚେତ ସଃ
ସ୍ୱର୍ଗାନ୍ନିପତ୍ୟ ରାଜାବୈ ମାର୍ଜାରସ୍ତୁ ଭବତ୍ତଦା

ମହାକାଳିକା ବ୍ରତ

କାଳିକା ବ୍ରତ କରିବାରୁ ସେ ଶାପ ମୁକ୍ତ ହୋଇ ଇନ୍ଦ୍ରତ୍ୱ ଫେରିପାଇଲେ । ମାତ୍ର ପୁଂସବନ ବ୍ରତରେ ଇନ୍ଦ୍ରଙ୍କୁ ଦିତି କ୍ଷମା ଦେଇଛନ୍ତି । ଇନ୍ଦ୍ର ତାଙ୍କର ପୁତ୍ର ମାନଙ୍କୁ ହତ୍ୟା କରିଥିବାରୁ ତାଙ୍କ ହୃଦୟରେ ହିଂସାଭାବ ଜାଗ୍ରତ ହେବା ସ୍ୱାଭାବିକ, କିନ୍ତୁ ଇନ୍ଦ୍ର ଦୋଷ ସ୍ୱୀକାର କରି କ୍ଷମା ମାଗିବାରୁ ତାଙ୍କଠାରେ ପୁଣି ଦେବୀ ସୁଲଭ କ୍ଷମାଭାବ ଜାଗିଛି । ସେ ଉଦାର ହୃଦୟରେ କ୍ଷମା ଦେଇଛନ୍ତି । ବ୍ରତ ପାଳନ ହେତୁ ତାଙ୍କଠାରେ ଏପରି ଦୈବୀ କ୍ଷମା ଗୁଣର ବିକାଶ ଘଟିଛି । ଇନ୍ଦ୍ର ଏଠାରେ ଅନୁତାପ କରି କ୍ଷମା ଭିକ୍ଷା କରିଛନ୍ତି । ମରୁତ ଗଣଙ୍କୁ ଭାଇ ବୋଲି ସ୍ୱୀକାରି ନେଇ ଦେବତା ଭାବରେ ନିଜର ପାର୍ଶ୍ୱଦେଶରେ ସ୍ଥାନ ଦେଇଛନ୍ତି ।

## ସତ୍ୟନାରାୟଣ ବ୍ରତ :

ପୂର୍ବ ଆଲୋଚିତ ଓ ଉକ୍ତ ବଙ୍ଗଳା ଓଡ଼ିଶାର ପୁରପଲ୍ଲୀରେ ସତ୍ୟନାରାୟଣ ଓ ସତ୍ୟପୀରଙ୍କୁ ଅଭେଦ କଳ୍ପନା କରି ତାଙ୍କ ଉଦ୍ଦେଶ୍ୟରେ ବ୍ରତ ଓ ପାଳି ପୂଜା କରାଯାଏ । ଏପରି ସତ୍ୟପୀର ବା ସତ୍ୟନାରାୟଣଙ୍କ ପାଲା ପୂଜା ମୋଗଲ ଯୁଗରେ ପ୍ରବର୍ତ୍ତିତ ହୋଇଥିବାର କୁହାଯାଏ ।* ମାତ୍ର ସତ୍ୟନାରାୟଣଙ୍କର ବ୍ରତ ଅପେକ୍ଷାକୃତ ପ୍ରାଚୀନ ଏବଂ ଏକ ସର୍ବଭାରତୀୟ ବ୍ରତ । ସ୍କନ୍ଦ ପୁରାଣ ରେବା ଖଣ୍ଡରେ ଏହି ବ୍ରତ କଥାଟି ବର୍ଣ୍ଣିତ ହୋଇଛି । ମୂଳ ସଂସ୍କୃତ ବ୍ରତ କଥା ଏବଂ ଓଡ଼ିଆ ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ଲିଖିତ ବ୍ରତକଥା ମଧ୍ୟରେ କୌଣସି ଉଲ୍ଲେଖ ଯୋଗ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏନାହିଁ । ଏହି ପ୍ରସଙ୍ଗରେ ସ୍ୱର୍ଗତ ଶ୍ରୀଧରଦାସ କବିଭୂଷଣଙ୍କ ମତ ପ୍ରଣିଧାନ ଯୋଗ୍ୟ । ସେ ଲେଖିଛନ୍ତି—"ସତ୍ୟନାରାୟଣ ଓ ପୀର ଉଭୟ ନାମ ଏକ ଏବଂ ସତ୍ୟନାରାୟଣ ପୂଜାର ପ୍ରସାଦ ସମସ୍ତଙ୍କର ସେବନୀୟ । ଏସବୁ କଥାଣ ଆକାରରେ ବର୍ଣ୍ଣିତ ହୋଇଅଛି । ମୂଳ ସଂସ୍କୃତ କଥା ଓଡ଼ିଆ ପଦ୍ୟରେ ଅନେକେ ଅନୁବାଦ କରିଅଛନ୍ତି । ସ୍ୱର୍ଗୀୟ କପିଳେଶ୍ୱର ନନ୍ଦଙ୍କ ଅନୁବାଦ ଆକ୍ଷରିକ

ସମ୍ବଲପୁର ଅଞ୍ଚଳରେ ମଧୁସୂଦନଙ୍କ ଅନୁବାଦିତ ଶ୍ରୀ ସତ୍ୟନାରାୟଣ କଥାଟି ଅଦ୍ଭୁତ ଓ ପ୍ରଚୁରିତ । କବି ବ୍ରାହ୍ମଣ, କିନ୍ତୁ ତାଙ୍କ ଉପାଧି ଲେଖି ନାହାନ୍ତି । ଅନୁମାନତ ସେ ସମ୍ବଲପୁର ନିବାସୀ ଥିଲେ । ଓଡ଼ିଆ, ହିନ୍ଦି ଓ ବଙ୍ଗଳା ଜନଭାଷା ମଧୁସୂଦନଙ୍କ ରଚନାରେ ସମ୍ମିଶ୍ରିତ ହୋଇଅଛି ।" * **ଏହି ବ୍ରତ ପାଳୁଥିବା ଯେ କୌଣସି ଦିନ ଅନୁଷ୍ଠିତ ହୋଇପାରେ । ଏହାର ଗଳ୍ପ ବା କଥା ଅଂଶ ଗଦ୍ୟରେ ବ୍ରତକଥାର ଉଦ୍ଦେଶ୍ୟ ଉପସ୍ଥାପନ ଓ ମହିମା ବର୍ଣ୍ଣନ ଢଙ୍ଗ ଦୂରନିତ ।

ଏକଦା ନୈମିଷାରଣ୍ୟରେ ମୁନିମାନଙ୍କର ସଭା ବସିଥିଲା । ସମସ୍ତଙ୍କର ଗୋଟିଏ ଚିନ୍ତା କଳି ଯୁଗରେ ଲୋକମାନେ ପାପ କର୍ମପରାୟଣ ହୋଇଯିବେ, ବେଦ ପୁରାଣ ପଢ଼ିବେ ନାହିଁ, ଅଳ୍ପାୟୁ ହେବେ, ନିର୍ଦ୍ଧନ ହେବେ, ନାନା କଷ୍ଟ ଦୁଃଖ ଓ ଜଞ୍ଜାଳ ଭିତରେ ବୁଡ଼ି ରହିବେ । ସେମାନଙ୍କର ପରିତ୍ରାଣ କିପରି ହେବ ? ସୂତ ଏହି ସମସ୍ୟାର ସମାଧାନ କରିଥିଲେ । ଶୌନକ ପ୍ରମୁଖଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ—ଠିକ୍ ଏହି କଥା ନାରଦ ଲକ୍ଷ୍ମୀପତି ଭଗବାନଙ୍କୁ ପଚାରିଥିଲେ । ସେ ନାରଦଙ୍କୁ ଯେଉଁ ଉତ୍ତର ଦେଇଥିଲେ

---

* Orissa Under Marathas-Dr. B. C. Roy-P.6

** ପଦ୍ମପଦ୍ମାଣି ଶ୍ରୀ ସ୍ୱପ୍ନେଶ୍ୱର ଦାଶ କବିଭୂଷଣ-ପୃ୭

ତାହା ଏହି ସମସ୍ୟା ସମାଧାନର ଏକମାତ୍ର ପନ୍ଥା ।” ଭଗବାନ ନାରଦଙ୍କୁ କହିଥିଲେ — “ସତ୍ୟନାରାୟଣସ୍ୟୈବ ବ୍ରତଂ ସମ୍ୟକ୍-ବିଧାନତଃ, କୃତ୍ୱା ସଦ୍ୟଃ ସୁଖଂ ଭୁକ୍ତ୍ୱା ପରତ୍ର ମୋକ୍ଷମାପ୍ନୁୟାତ୍ ।” କେବଳ ଏତିକି ନୁହେଁ । ସେ ପୁଣି ଏହାର ମହିମା ବିଷୟରେ କହିଥିଲେ — “ଦୁଃଖ ଶୋକାଦିଶମନଂ ଧନଧାନ୍ୟାଦି ବର୍ଦ୍ଧନମ୍ । ସୌଭାଗ୍ୟସନ୍ତତିକରଂ ସର୍ବତ୍ର ବିଜୟପ୍ରଦମ୍ ।” ଏହି ବ୍ରତ ଅନୁଷ୍ଠାନ ଲାଗି କୌଣସି ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇନାହିଁ । ମାତ୍ର ରାତିରେ ହିଁ ସତ୍ୟନାରାୟଣ ଦେବଙ୍କର ପୂଜା ଅନୁଷ୍ଠେୟ । “ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ । ସତ୍ୟନାରାୟଣଂ ଦେବଂ ଯଜେଚ୍ଚୈବ ନିଶାମୁଖେ ।” ଏହି ବ୍ରତର ପାଳନ ବିଧି ଓ ବ୍ରତ କଥା ଭଗବାନଙ୍କ ଠାରୁ ନାରଦ ଏବଂ ନାରଦଙ୍କ ଠାରୁ ସୂତ ଶୁଣିଥିଲେ । ସେ ନୈମିଷା ଅରଣ୍ୟରେ ମୁନିମାନଙ୍କ ଅନୁରୋଧ କ୍ରମେ କହିଥିଲେ ।

କାଶୀରେ ଶତାନନ୍ଦ ବୋଲି ଜଣେ ବ୍ରାହ୍ମଣ ରହୁଥିଲେ । ସେ ଅତ୍ୟନ୍ତ ଦରିଦ୍ର ଥିଲେ । ଭିକ୍ଷା ମାଗି ପେଟ ପୋଷୁ ଥିଲେ । ଦିନେ ବାଟରେ ଭଗବାନ୍ ଏକ ବୃଦ୍ଧ ବ୍ରାହ୍ମଣ ରୂପରେ ତାଙ୍କୁ ଭେଟିଥିଲେ । ତାଙ୍କ ସହିତ ଦୁଃଖ ସୁଖ ହେଲେ। ସତ୍ୟନାରାୟଣ ବ୍ରତ କଲେ ତାଙ୍କର ଦୁଃଖ ଦୂର ହେବ ବୋଲି କହିଲେ । ଏହି ବ୍ରତର ପାଳନ ବିଧି ବତାଇ ଦେଇଗଲେ । ବ୍ରାହ୍ମଣ ଘରକୁ ଫେରି ବ୍ରତ ପାଳନ କଲେ । ତାଙ୍କର ଦାରିଦ୍ର୍ୟ ଦୂର ହେଲା ।

ପରେ ଶତାନନ୍ଦ ବନ୍ଧୁବାନ୍ଧବ ଜ୍ଞାତିକୁଟୁମ୍ବଙ୍କ ସହ ସତ୍ୟନାରାୟଣ ପୂଜା କରୁଥିଲେ । ଜଣେ କାଠୁରିଆ ପହଞ୍ଚିଲା । ବାହାରେ କାଠ ରଖି-ଦେଇ ଘରକୁ ଗଲା । ପୂଜା ଦେଖିଲା ଏବଂ ଏହାର ବିଧିବିଧାନ ଓ ମହିମା ଶୁଣିଲା । ଆପେ ଏହି ବ୍ରତ ପାଳନ କରିବ ବୋଲି ସଂକଳ୍ପ କଲା । ତା କାଠ ଅଧିକ ମୂଲ୍ୟରେ ତୁରନ୍ତ ବିକି ହୋଇଗଲା । ସେ ଏହି ବିକ୍ରୟ ଲବ୍ଧ ଧନରେ ସତ୍ୟନାରାୟଣଙ୍କର ପୂଜା କଲା ଏବଂ ପୂଜା ଫଳରେ ତାର ଦୁଃଖ ଦାରିଦ୍ର୍ୟ ଦୂର ହେଲା ।

ପ୍ରାଚୀନ କାଳରେ ଉଲ୍‌କାମୁଖ ନାମରେ ଜଣେ ସତ୍ୟବାଦୀ ରାଜା ଥିଲେ । ସେ ଭଦ୍ରଶୀଳା ନଦୀ କୂଳରେ ସତ୍ୟନାରାୟଣଙ୍କର ବ୍ରତ ପୂଜା ବିଧି ବିଧାନ ଅନୁସାରେ ପାଳନ କରୁଥିଲେ । ଦିନେ ଏହି ପୂଜା ସମୟରେ ଜଣେ ସୌଦାଗର ପହଞ୍ଚିଲେ । ନଦୀ କୂଳରେ ବାଣିଜ୍ୟ-ତରୀକୁ ରଖି ଦେଇ, ପୂଜାରେ ଯୋଗ ଦେଲେ । ସେ ରାଜାଙ୍କଠାରୁ ବ୍ରତର ମହିମା ଶୁଣିଲେ ଓ ବିଧିବିଧାନ ବୁଝିଲେ । ସେ ନିଃସନ୍ତାନ ଥିଲେ ଘରକୁ ବାହୁଡ଼ି ପତ୍ନୀ ଲୀଳାବତୀଙ୍କ ସହିତ ବ୍ରତ ମାହାତ୍ମ୍ୟ ସମ୍ପର୍କରେ କଥାବାର୍ତ୍ତା ହେଲେ । କୋଳକୁ ସନ୍ତାନଟିଏ ପାଇଲେ ବ୍ରତ ପାଳିବେ ବୋଲି ସାଧବ ପତିପତ୍ନୀ ଦୁହେଁ ମାନସିକ କଲେ । ଏହି ମାନସିକ ଫଳରେ ଲୀଳାବତୀର ଗର୍ଭସଞ୍ଚାର ହେଲା । ଯଥା ସମୟରେ ସୁନ୍ଦରୀ କନ୍ୟାଟିଏ ଜନ୍ମ ହେଲା । ତାର ନାଁ ଦେଲେ — କଳାବତୀ । ମାନସିକ ଅନୁସାରେ ବ୍ରତ ପାଳନ କରିବାର କଥା । ଲୀଳାବତୀ ସାଧବଙ୍କୁ ମାନସିକ କଥା ମନେପକାଇ ଦେଲା । ମାତ୍ର ସାଧବ କହିଲେ, କନ୍ୟାର ବିବାହ ସମୟରେ ବ୍ରତପୂଜା କରିବା । କନ୍ୟା କଳାବତୀ ବିବାହଯୋଗ୍ୟା ହେଲା । ତାର ବିବାହ ସମ୍ପନ୍ନ ହେଲା । ମାତ୍ର ସେତେବେଳେ ମଧ୍ୟ ସାଧବ ସତ୍ୟନାରାୟଣ ବ୍ରତ ପୂଜା କଲେ ନାହିଁ ।

କିଛି ଦିନ ପରେ ସାଧବ ନିଜର ଜାମାତାଙ୍କ ସହିତ ବାଣିଜ୍ୟ କରିବାକୁ ଗଲେ । ସମୁଦ୍ର ତୀରବର୍ତ୍ତୀ ରତ୍ନସାର ପୁରରେ ପହଞ୍ଚିଲେ । ସେ ରାଜ୍ୟର ରାଜା ଚନ୍ଦ୍ରକେତୁ । ସେହି ସମୟରେ ତାଙ୍କର ରାଜକୋଷ ଲୁଟି କରି ଜଣେ ଚୋର ପଳାଇ ଆଏ । ରାଜାଙ୍କ ପାଇକ ମାନେ ତାର ଅନୁସରଣ କରୁଥାନ୍ତି । ସାଧବର ବାଣିଜ୍ୟତରୀ ନିକଟରେ ସେହି ଚୋର ଲୁଣ୍ଠିତ ଧନ ରତ୍ନ ରଖି ଦେଇ ଚାଲିଗଲା । ସେ ସମୟରେ ସାଧବ ବ୍ରତ ଭଗ୍ନ କରିଥିବାରୁ ସତ୍ୟନାରାୟଣ ଦେବଙ୍କ କୋପ ଦୃଷ୍ଟିରେ ପଡ଼ିଥାନ୍ତି । ତାଙ୍କ ଦୁର୍ଯୋଗକୁ ରାଜାଙ୍କ ପାଇକ ମାନେ ସାଧବ ଓ ତାଙ୍କ ଜାମାତାଙ୍କ ନିକଟରେ ଲୁଣ୍ଠିତ ଧନ ଦେଖି ତାଙ୍କୁ ଚୋର ଦଳର ଅନ୍ତର୍ଭୁକ୍ତ ମନେ କଲେ ଓ ବନ୍ଦୀ କରି ନେଲେ । ରାଜା ଚନ୍ଦ୍ରକେତୁ

ସେମାନଙ୍କର କୌଣସି କଥା ଶୁଣିଲେ ନାହିଁ । ତାଙ୍କର ସମସ୍ତ ସମ୍ପତ୍ତି ଜବତ କରି ରାଜ କୋଷକୁ ନେଇଗଲେ ଏବଂ ସେମାନଙ୍କୁ କାରାରୁଦ୍ଧ କଲେ । ଧୂର୍ତ୍ତ ଏଣେ ସାଧବଙ୍କ ନଗରରେ ମଧ୍ୟ ଦିନେ ଚୋର ପଶି ତାଙ୍କ ଘରେ କଳାକନା ବୁଲାଇ ଦେଇ ଗଲେ । ସାଧବାଣୀ ଲୀଳାବତୀ ଓ ସାଧବ କନ୍ୟା କଳାବତୀ ବଡ଼ ଦୁଃଖ କଷ୍ଟରେ ଚଳିଲେ ।

ସାଧବ ଘର ସମ୍ପତ୍ତି ଚୋରିଗଲା ପରେ ମା ଝିଅଙ୍କ ଦୁଇ ଗୋଟି ଟାଇଲେ ସରିଲା ନାହିଁ । ବଡ଼ କଷ୍ଟରେ ପେଟ ପାଟଣା ଚଳାଉ ଥାଆନ୍ତି । ଦିନେ କଳାବତୀ ବୁଲି ଯାଇଥିଲା । ସତ୍ୟନାରାୟଣ ପୂଜା ହେଉଥିବାର ଦେଖି ଆସି ମାଆକୁ କହିଲା । ଝିଅ କଥା ଶୁଣି ସାଧବାଣୀ ଲୀଳାବତୀର ପୂର୍ବକଥା ମନେ ପଡ଼ିଗଲା । ସତ୍ୟନାରାୟଣ ବ୍ରତ ମାନସିକ କରି ପାଳି ନଥିବାରୁ ଏତେ ବିପତ୍ତି ପଡ଼ିଲା ବୋଲି ଭାବି ନେଲା । ମାଆ ଝିଅ ଦୁହେଁ ପୂଜା ସାମଗ୍ରୀ ଯୋଗାଡ଼ କରି ବିଧି ମୁତାବକ ପୂଜା କଲେ । ସାଧବ ଜ୍ୱାଇଁ ସହିତ ସବୁ ଶୁଭରେ ଫେରିଆସୁ ବୋଲି ସାଧବାଣୀ ମନକାମନା ଜଣାଇଲା । କଳାବତୀ ମଧ୍ୟ ପିତା-ପତିଙ୍କର ଶୁଭମନାସି ପୂଜାକଲା । ସେମାନଙ୍କ ନିଷ୍ଠା କାଷ୍ଟାରେ ସତ୍ୟନାରାୟଣଙ୍କ ମନ ତରଳିଲା । ସାଧବକୁ ତା ଧନସମ୍ପଦ ଓ ଜ୍ୱାଇଁ ସହିତ ମୁକୁଳାଇ ଦେବା ଲାଗି ସେ ଚନ୍ଦ୍ରକେତୁ ରାଜାଙ୍କୁ ସ୍ୱପ୍ନାଦେଶ ଦେଲେ । ସାଧବର ଭାଗ୍ୟ ଲେଉଟିଲା । ରାଜା ଦ୍ୱିଗୁଣ ଧନ ଦେଇ ସେ ଦୁହିଁଙ୍କୁ ମୁକୁଳାଇ ଦେଲେ । ସେମାନ ଖୁସିମନରେ ନିଜର ବାଣିଜ ତରୀ ଘେନି ଘରକୁ ବାହୁଡ଼ିବାର ଯୋଗାଡ଼ କଲେ ।

ବାଟରେ ସତ୍ୟନାରାୟଣ ବୃଦ୍ଧବ୍ରାହ୍ମଣ ରୂପଧରି ପହଞ୍ଚିଲେ । ଏଥର ସାଧବର ବୋଇତ ବଣିଜରେ କେତେ ଲାଭ ମିଳିଲା ବୋଲି ପଚାରିଲେ । ରାଜ ଅନୁଗ୍ରହ ପାଇ ସାଧବ ଖୁସି ମନରେ ଥାଏ । ସେ ଖାତିର ନକରି କହିଲା-'ଗୋଡ଼ମାଟି ଟାଇଲି ।' ବୃଦ୍ଧ ବ୍ରାହ୍ମଣ ବେଶରେ ଆସିଥିବା ସତ୍ୟନାରାୟଣ କହିଲେ-"ତୋ କଥା ତୋତେ

ପଂକ୍ତି । ହିନ୍ଦୀ ବ୍ରତକଥାରେ ଅଛି, ସତ୍ୟନାରାୟଣ ଦଣ୍ଡୀ ରୂପରେ ଆସିଥିଲେ ଏବଂ ନା'ବରେ କଅଣ ଅଛି ବୋଲି ପଚାରିବାରୁ, ସାଧବ ବେଖାତିର ଭାବରେ କହିଥିଲା, ଘାସ ପାସ ଅଛି । ସଂସ୍କୃତ ବ୍ରତ କଥାରେ ଦଣ୍ଡୀଙ୍କର ଉଲ୍ଲେଖ ଥିଲେ ମଧ୍ୟ ଉତ୍ତରରେ ଲତା ପତ୍ର ଅଛି ବୋଲି ସାଧବ କହି ଥିବାର ଦେଖାଯାଏ । ଉଭୟତ୍ର ସତ୍ୟନାରାୟଣଙ୍କ ଆଜ୍ଞାରେ ସାଧବର ଧନରତ୍ନ ତାହାର କହିବା ଅନୁସାରେ ଘାସ ଅଥବା ଲତା ପତ୍ର ପାଲଟି ଯାଇଥିଲା । ପୁଣି ସେ ଭୁଲ୍ ତ୍ରୁଟିପାଇଁ କ୍ଷମା ମାଗିବାରୁ ତାହା ପୂର୍ବବତ୍ ହୋଇଯାଇଥିବାର ବର୍ଣ୍ଣନା ମିଳେ ।

ସାଧବ ନିଜର ଭୁଲ୍ ତ୍ରୁଟିପାଇଁ ଦୋଷ କ୍ଷମା ମାଗିବା ସମୟରେ ଭିକ୍ଷୁ ରୂପରେ ଥିବା ସତ୍ୟନାରାୟଣ ତାହାକୁ 'ସତ୍ୟନାରାୟଣ ବ୍ରତ' ପୂଜା କରିବାକୁ ଉପଦେଶ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ସାଧବ ଧନରତ୍ନ ଧରି ଜ୍ୱାଇଁ ସହିତ ନିଜ ରାଜ୍ୟକୁ ବାହୁଡ଼ିଲା ।

ଏଣେ ଲୀଳାବତୀ ଝିଅକୁ ଧରି ବ୍ରତ ପୂଜୁଥିଲା । ନଈ କୂଳରେ ବୋଇତ ଲାଗିବା ବାରତା ଆସି ପହଞ୍ଚିଲା । ମାଆ ଝିଅ ତରତର ହୋଇ ନଈ କୂଳକୁ ବାହାରିଲେ । ମାଆର ପୂଜା ଓ ପ୍ରସାଦ ସେବା ସରିଥିଲା । ଝିଅ ପ୍ରସାଦ ସେବିବାକୁ ଭୁଲିଗଲା ଓ ତରତର ହୋଇ ମାଆ ସହିତ ବାହାରି ଗଲା । ସେ ପତି ଓ ପିତାଙ୍କ ବାହୁଡ଼ା ଖବର ପାଇ ଆନନ୍ଦରେ ବିଭୋର ହୋଇଗଲା । ତେଣୁ ତା'ର ପୂଜା ସମ୍ପାଦନରେ ଏଭଳି ତ୍ରୁଟି ରହିଗଲା । ସତ୍ୟନାରାୟଣ ଏକଥା ଜାଣିଲେ ଓ ତାକୁ ଉପଯୁକ୍ତ ଶିକ୍ଷା ଦେବେ ବୋଲି ସ୍ଥିର କଲେ ।

ସାଧବାଣୀ ଝିଅ ସହିତ ନଈ କୂଳକୁ ଆସି ସାଧବକୁ ଦେଖି ଖୁସି ହେବା ବେଳକୁ ଦେଖିଲା ଜ୍ୱାଇଁ ବୋଇତ ସହିତ ପାଣିରେ ବୁଡ଼ିଗଲେ । ସମସ୍ତଙ୍କ ଆଖିବୁଜା ହୋଇଗଲା । କାହାରି ବାକ୍ସ୍ଫୂର୍ତ୍ତି ହେଲା

ନାହିଁ । କଳାବତୀର ମନକଥା କିଏ ବର୍ଣ୍ଣନା କରି ପାରିବ ! ସେ ଅଗ୍ନିରେ ଝାସ ଦେବାକୁ ଭାବିଲା । ଏତିକି ବେଳେ ମା ସମ୍ଭାବତୀ ସବୁ ହି ବିଷୟ ଚିହ୍ନି ସତ୍ୟନାରାୟଣଙ୍କ ପୂଜା ସ୍ଥାନକୁ ଝିଅକୁ ଧରି ବାହୁଡ଼ିଲି । ଦୁହେଁ କାତର ଭାବରେ ସତ୍ୟନାରାୟଣଙ୍କ ଅନୁଗ୍ରହ ଭିକ୍ଷା କଲେ । ତାଙ୍କ ପୂଜା ଫୁଲ ଆଣି ପାଣିରେ ପକାଇ ଦେବାରୁ ସାଧବଙ୍କ ଜ୍ୱାଇଁ ପାଣି ଭିତରୁ ନାଆ ସହ ଉଠି ଆସିଲେ । ସତ୍ୟନାରାୟଣଙ୍କ ମହିମା ପ୍ରଚାରିତ ହେଲା ।

ସତ୍ୟନାରାୟଣଙ୍କୁ ଅବମାନନା କଲେ ଶାନ୍ତି ନାହିଁ । ତୁଙ୍ଗଧ୍ୱଜ ରାଜାଙ୍କ ଉପାଖ୍ୟାନରେ ଏହାର ଗୋଟିଏ ବର୍ଣ୍ଣନା ମିଳେ । ଥରେ ତୁଙ୍ଗଧ୍ୱଜ ବଣକୁ ପାରିଧି କରି ଯାଇଥିଲେ । ଯେଉଁଠାରେ ସତ୍ୟନାରାୟଣଙ୍କ ପୂଜା ଦେଖିଲେ । କିନ୍ତୁ ପ୍ରଣାମ କଲେ ନାହିଁ କି ପ୍ରସାଦ ଘେନିଲେ ନାହିଁ । ନଅରକୁ ଫେରି ଦେଖିଲେ, ତାଙ୍କର ସର୍ବନାଶ ହୋଇଛି । ସେ ନିଜର ଭୁଲ ବୁଝିଲେ । ସତ୍ୟନାରାୟଣଙ୍କୁ ପୂଜା କଲେ । ତାଙ୍କର ସୁଖ ସୌଭାଗ୍ୟ ଫେରିଲା ।

ସତ୍ୟନାରାୟଣ ବ୍ରତର ତିଥି, ବାର, ଯୋଗ ଇତ୍ୟାଦି ପୂର୍ବ-ନିର୍ଦ୍ଧାରିତ ହୋଇନାହିଁ । ତେଣୁ ଯେ କୌଣସି ଦିନ ପାଳନ କରାଯାଇ ପାରେ । ଏହା ପୂର୍ବରୁ କୁହା ଯାଇଛି । ମାତ୍ର ପୂର୍ଣ୍ଣିମା ଏକାଦଶୀ ପ୍ରଭୃତି ଶୁଭ ତିଥିରେ ଏହା ପ୍ରାୟଶଃ କରାଯାଇ ଥାଏ । ଏହି ବ୍ରତ ପୂଜା କେବଳ ରାତିରେ ହିଁ ଅନୁଷ୍ଠେୟ ବୋଲି କୁହାଯାଇଛି । ଅନ୍ୟାନ୍ୟ ଓଷା ବ୍ରତ ପରି ଏହା ମଧ୍ୟ ଗୋଟିଏ କାମ୍ୟ ବ୍ରତ । ମୁଖ୍ୟତଃ ସନ୍ତାନ କାମନା କରି ଏବଂ ସନ୍ତାନର ଜନ୍ମପରେ ତା'ର ମଙ୍ଗଳ କାମନା କରି ଏହି ବ୍ରତ କରାଯାଏ । ଏହା ଛଡ଼ା ଅନ୍ୟ କୌଣସି କାମନା ବା ଉଦ୍ଦେଶ୍ୟ ସିଦ୍ଧି ଲାଗି ମାନସିକ କରି ଯେ କୌଣସି ଶୁଭ ଦିନରେ ଏହି ବ୍ରତ କରାଯାଇ ଥାଏ । ମାତ୍ର ଓଡ଼ିଶାରେ ସତ୍ୟନାରାୟଣଙ୍କ ସନ୍ତୋଷ ବିଧାନ ପାଇଁ ପ୍ରଧାନତଃ ପାଳି କରାଯାଏ । ଉଭୟ ବ୍ରତ

ଏବଂ ପାଲରେ ସତ୍ୟନାରାୟଣଙ୍କର ଇଷ୍ଟ ଓ ଅନିଷ୍ଟକାରିଣୀ ଶକ୍ତିର ବର୍ଣ୍ଣନା କରି ତାଙ୍କ ପୂଜାର ମାହାତ୍ମ୍ୟ ଶ୍ରୋତାର ମନରେ ସଂଚାର କରିବାର ଉଦ୍ୟମ ଲକ୍ଷ୍ୟ କରାଯାଏ । ତେବେ ବ୍ରତର ସତ୍ୟନାରାୟଣ କାଳକ୍ରମେ ପାଲାରେ ସତ୍ୟପୀର ହୋଇଛନ୍ତି ଏବଂ ତାଙ୍କର ଇଷ୍ଟ-କାରିଣୀ ଶକ୍ତି ଅପେକ୍ଷା ଅନିଷ୍ଟ କାରିଣୀ ଶକ୍ତି ଅଧିକ ଭାବରେ ବର୍ଣ୍ଣିତ ହୋଇଛି ।

ପୁରୀ ଶ୍ରୀକ୍ଷେତ୍ର ବେଢ଼ାରେ ସତ୍ୟନାରାୟଣଙ୍କର ପ୍ରାୟ ପାଞ୍ଚଫୁଟ ଉଚ୍ଚତା ବିଶିଷ୍ଟ ପୂର୍ଣ୍ଣାବୟବ ପ୍ରସନ୍ନ-ଗମ୍ଭୀର ମୂର୍ତ୍ତି ପ୍ରତିଷ୍ଠିତ । ତାଙ୍କର ଚତୁର୍ଭୁଜ ମଧ୍ୟରୁ ଗୋଟିକରେ ଅଭୟ ମୁଦ୍ରା ଓ ଅନ୍ୟ ତିନୋଟିରୁ ଦୁଇଟିରେ ଆୟୁଧ ଭାବରେ ଚକ୍ର, ଗଦା ଏବଂ ଗୋଟିକରେ ଶଙ୍ଖ ଶୋଭା ପାଉଛି । ଯାହା ମଙ୍ଗଳକର ତାକୁ ଉତ୍ସାହିତ କରିବା ପାଇଁ ଶୁଭଧ୍ୱନି ଏବଂ ଯାହା ଅମଙ୍ଗଳକର ତାହାକୁ ସଂଗ୍ରାମର ସମ୍ମୁଖୀନ ହେବା ପାଇଁ ଆହ୍ୱାନର ଧ୍ୱନି ଶୁଣାଇବା ଲାଗି ସତେ ଅବା ସେ ଶଙ୍ଖ ଧାରଣ କରିଛନ୍ତି । ଏଇଥି ପାଇଁ ଏବଂ ଅଭୟ ଦେବା ନିମନ୍ତେ ସତେ ଯେପରି ଚକ୍ର ଓ ଗଦାପରି ଆୟୁଧ ଲୋଡ଼ା । ସଂପ୍ରତି ଏହି ଚତୁର୍ଭୁଜ ନାରାୟଣ ମୂର୍ତ୍ତିଙ୍କ ନିକଟରେ ଶିରିଣି ଭୋଗ ଯାତ ମାନସିକ ନିବେଦନ କରାଯାଉଛି । ଯାତ ଥିବା ଷୋଳଘାଲ ବାକିଥିଲେ ଏହିଠାରେ ତାହା ଦେଇ ଦିଆ ଯାଉଛି । ତାଙ୍କୁ ସତ୍ୟପୀର ବୋଲି ମଧ୍ୟ ବିଶ୍ୱାସ କରାଯାଉଛି । ତେବେ ଏହି ସତ୍ୟନାରାୟଣ କ'ଣ ନବ-

କର୍ତ୍ତୃଙ୍କ ପାଳନରେ ବର୍ଣ୍ଣିତ ସତ୍ୟପଥର ? ଅବଶ୍ୟ ଦୁଇଟି ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନର ପ୍ରୟାସ ଶୁଭଙ୍କର । ତଥାପି ମନରେ ପ୍ରଶ୍ନ ଉଠେ ଏହି ସମ୍ଭାବନାପୂର୍ଣ୍ଣ ସତ୍ୟାର୍ଥୀ ହେଲେ କେବେ ଓ କାହାର ?

ଇସ୍‌ଲାମ ଧର୍ମାବଲମ୍ବୀ ବିଶିଷ୍ଟ ଫକୀରମାନଙ୍କୁ ପୀର କୁହାଯାଏ । ଏହି ବିଶିଷ୍ଟ ମୁସଲମାନ ସନ୍ଥମାନେ ସେମାନଙ୍କର ଐନ୍ଦ୍ରଜାଲିକ ଶକ୍ତି ଓ କଠୋର ସାଧନା ଦ୍ୱାରା ଜନସମାଜ ଓ ଶାସକ ବର୍ଗଙ୍କ ଉପରେ ପ୍ରଭାବ ବିସ୍ତାର କରିଥାନ୍ତି । ଓଡ଼ିଆରେ ମୁସଲମାନ ଶାସନ କାଳରେ ଏହିପରି କେତେକ ମୁସଲମାନ ସନ୍ଥ ଜମି ଓ ଗ୍ରାମ ପ୍ରଭୃତି ଦାନପାଇ *ଓଡ଼ିଶାର ବିଭିନ୍ନ ସ୍ଥାନରେ ରହୁଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କର କଠୋର ସାଧନା ଓ ଐନ୍ଦ୍ରଜାଲିକ ଶକ୍ତି ସ୍ଥାନୀୟ ହିନ୍ଦୁମାନଙ୍କୁ ଆକୃଷ୍ଟ କରୁଥିଲା । ଭାରତର ଅନ୍ୟ କବୀର, ନାନକ ପ୍ରମୁଖ ଧର୍ମଗୁରୁମାନେ ଈଶ୍ୱର ଏକ ଏବଂ ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ନାମରେ ପୂଜିତ ହୋଇଥିବାର ଧାରଣା ପ୍ରଚାର କରିଥିଲେ । ପୁଣି ଏହି ଯୁଗର ଉଦାର ଧର୍ମାଚାର୍ଯ୍ୟମାନଙ୍କ ଦ୍ୱାରା ଜାତି, ବର୍ଣ୍ଣ, ଧର୍ମର ପ୍ରାଚୀର ଅତିକ୍ରମ କରି ପବିତ୍ର ଭକ୍ତି ଓ ଐକାନ୍ତିକ ନିଷ୍ଠାର ସହିତ ଈଶ୍ୱରଙ୍କର ଉପାସନା କରିବା ଲାଗି ମହତ୍ — ପ୍ରେରଣାପୂର୍ଣ୍ଣ ବାତାବରଣ ସୃଷ୍ଟିର ମଧୁମୟ ପ୍ରୟାସ କରାଯାଉଥିଲା । ଆମ ଯୁଗର ଶ୍ରେଷ୍ଠ

---

*Orissa Under Marathas - Dr. B. C. Roy, P. 6

ମନିଷୀ ମହାତ୍ମା ଗାନ୍ଧୀଙ୍କର 'ଈଶ୍ୱର ଅଲ୍ଲା ତେରେ ନାମ' ଭାବନା ଏବଂ 'ସମସ୍ତଙ୍କ ଠାରେ ସଦ୍‌ବୁଦ୍ଧି' ଉଦୟ ହେବାର କାମନା ସେ ଯୁଗରେ ମଧ୍ୟ ପରିଲକ୍ଷିତ ହେଉଥିଲା । ଏହି ପରିପ୍ରେକ୍ଷୀରେ ବିଷ୍ଣୁ ସତ୍ୟନାରାୟଣ ଓ ଜଗନ୍ନାଥଙ୍କ ସହ ଗୌରାଙ୍ଗ ଓ ପୀରଙ୍କୁ ଏକ ବୋଲି ବିଚାର 'ମିଥ୍' ସୃଷ୍ଟି କରି ପ୍ରଚାର କରିବାର ଉଦ୍ୟମ ଅସ୍ୱାଭାବିକ ମନେ ହୁଏ ନାହିଁ । ସମ୍ଭବତଃ ସତ୍ୟନାରାୟଣ ବ୍ରତରେ ଏହି ଧାରାକୁ ପ୍ରସାରିତ କରିବାର ସୁଯୋଗର ବିଦ୍ୟମାନତା ଲକ୍ଷ୍ୟ କରାଯାଇଥିଲା । ସଂସ୍କୃତ ସତ୍ୟନାରାୟଣ ବ୍ରତ କଥାରେ ଅଛି —

ପ୍ରସାଦ ସର୍ବ ଭକ୍ଷାଣି ଚୈକ କୃତ୍ୟ ନିବେଦୟେତ୍
ବିପ୍ରାୟ ଦକ୍ଷିଣାଂ ଦତ୍ତ୍ୱା କଥାଂ ଶ୍ରୁତ୍ୱା ଜନୈଃ ସହ
ତତଶ୍ଚ ବନ୍ଧୁଭିଃ ସାର୍ଦ୍ଧଂ ବିପ୍ରାୟ ପ୍ରତି ପାଦୟେତ୍
ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟ ଗୀତା ଦିକଂ ଚରେତ୍

ସତ୍ୟ ନାରାୟଣଙ୍କ ସନ୍ତୋଷ ବିଧାନ ଲାଗି ନୃତ୍ୟ ଗୀତ ପରିବେଷଣ କରିବାର ଅବସରରେ ତାଙ୍କର ମାହାତ୍ମ୍ୟ ବିଷୟକ କଳ୍ପିତ କାହାଣୀକୁ ସରସ ସୁନ୍ଦର ଭାବରେ ଉପସ୍ଥାପିତ କରିବାର ଉଦ୍ୟମ ସମ୍ଭବତଃ କରାଗଲା । ଏଥିରୁ ପାଲାଭଳି ଏକ ଚମତ୍କାର କଳାତ୍ମକ ପରିବେଷଣ ଶୈଳୀର ବିକାଶ ଘଟିଲା । ଏଥିରେ ସତ୍ୟନାରାୟଣଙ୍କୁ ସତ୍ୟପୀର ବୋଲି ବର୍ଣ୍ଣନା କରାଗଲା । ଏବେ ଠିଆପାଲା ଶୁଣୁଥିବା ସମବେତ

ଜନତାକୁ 'ପିର ଦରବାର' ବୋଲି ପାଲିକାର ମାନେ ଆଖ୍ୟାତ କଲାବେଳେ ଏଭଳି କେତେକ କଥା ସ୍ୱତଃ ମନକୁ ଆସେ ।

ଅଷ୍ଟାଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ସୁବେଦାର ମହମ୍ମଦ ମୁଜାଉଦ୍ଦିନ୍ ଖାଁ ଙ୍କ ଅମଳରେ ଏହା ବିଶେଷ ପୃଷ୍ଠ ପୋଷକତା ପାଇଥିଲା । କିନ୍ତୁ ଏହି ଅନୁଷ୍ଠାନଟି ହିନ୍ଦୁମାନଙ୍କ ଭିତରେହିଁ ବିଶେଷ ଲୋକପ୍ରିୟତା ଲାଭ କରିପାରିଥିଲା । "ବିଶେଷତଃ କଳିଯୁଗେ ସତ୍ୟପୂଜା ଫଳପ୍ରଦା" କଥାଟିକୁ ଓଡ଼ିଶାର ହିନ୍ଦୁମାନେ ଗ୍ରହଣ କରିନେଇଛନ୍ତି । ବାଜନୀତିର ଚତୁଃସୀମା ଭିତରୁ ଧର୍ମକୁ ମୁକ୍ତକରି ନିର୍ମଳ ବିବେକ ଓ ଅନୁରାଗର ଉନ୍ମୁକ୍ତ ପ୍ରାଙ୍ଗଣରେ ପ୍ରତିଷ୍ଠିତ କରି ଈଶ୍ୱର ସତ୍ତାର ଅନୁଭବ କରିବାର ପ୍ରୟାସ ଅବଶ୍ୟ ଅଭିନନ୍ଦନୀୟ ।

ପାଲି ଅର୍ଥ ପାଳି ଧରିବା । ଜଣେ ଦେବ ମହିମା ଗାନ କଲାବେଳେ ଅନ୍ୟ କେତେ ଜଣ ତାହା ପାଳିଧରି ବାଦ୍ୟ ବଜାନ୍ତି । ଏହା ଦୁଇଭାଗରେ ବିଭକ୍ତ-ବୈଠକୀ ପୂଜା ଓ ଠିଆପାଲି । ବୈଠକୀ ପାଲି ପୂଜା ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା କରାଯାଏ । ପୁରୋହିତ ନିଜେ ପାଲି ଗାନ କରନ୍ତି ଓ ତାଙ୍କ ସହିତ ଜଣେ ବା ଦୁଇଜଣ ଖଞ୍ଜଣି ବଜାଇ ପାଳି ଧରନ୍ତି । ସତ୍ୟନାରାୟଣଙ୍କ ଆହ୍ୱାନ ଆଦି ପୂଜା କରାଗଲା ପରେ ଏହି ପାଲିଗାନ କରାଯାଏ । ଓଡ଼ିଆରେ କୋଡ଼ିଏଟି ପାଲିକାହାଣୀ ଲୋକ ପ୍ରିୟତା ଲାଭ କରିଛି । ଏହି ସଂପର୍କରେ ଆଲୋଚନା କରି ଡକ୍ଟର କୁଞ୍ଜବିହାରୀ ଦାଶ ଲେଖିଛନ୍ତି-"ମଦନ

ହୃଦର, ସଦାନନ୍ଦ ସୌଦାଗର, ମନୋହର ପାସ୍ୟାର, ଭ୍ରମରବର କାହାଣୀକୁ ବାଦ୍‌ଦେଲେ ଅଧିକାଂଶ କାହାଣୀରେ କୌଣସି ବୈଚିତ୍ର୍ୟ ନାହିଁ । ଚନ୍ଦ୍ର ଲୋଚନ ପାଲାରେ ଶିବଙ୍କ ଅପେକ୍ଷା ସତ୍ୟପୀରଙ୍କୁ ବଡ଼ କରାଯାଇ ଅଛି । ସତ୍ୟପୀର ଶିବଭକ୍ତ ରାଜା ଚନ୍ଦ୍ରଲୋଚନଙ୍କ ପୁତ୍ର ଦିବ୍ୟ ଲୋଚନଙ୍କ କପାଳରେ ମାତ୍ର ୧୨ ବର୍ଷ ପରମାୟୁ ଲେଖିବାକୁ ବିଧାତାକୁ ଆଦେଶ ଦେଇ ଅଛନ୍ତି । ତାଙ୍କ ଆଦେଶ ପାଳିତ ନହେଲେ ବ୍ୟାଘ୍ର ଫଉଜ ପଠାଇ ପୃଥିବୀକୁ ଧ୍ୱଂସ କରି ଦେବେ ବୋଲି ଧମକ ଦେଇଛନ୍ତି । ବିଭାଘର ଦିନ ଦିବ୍ୟଲୋଚନକୁ ବ୍ୟାଘ୍ର ଖାଇଯିବ ବୋଲି ଅଭିଶାପ ମଧ୍ୟ ଦେଇଛନ୍ତି । ବିବାହ ପରେ ପୁତ୍ର ଓ ପୁତ୍ର ବଧୂଙ୍କୁ ରାଜା ଏକ ଜଳ ଦୁର୍ଗରେ ରଖିଛନ୍ତି । କିନ୍ତୁ ସର୍ବଶକ୍ତି ସଂପନ୍ନ ସତ୍ୟପୀରଙ୍କ ଆଉସାଦରୁ ସମସ୍ତ ଚେଷ୍ଟା ବିଫଳ ହୋଇଛି । ରାଜ କନ୍ୟାଙ୍କ-ଅନୁରୋଧରେ ଅଙ୍କିତ ଏକ ବାଘର ଚିତ୍ର ହଠାତ୍ ଜୀବନ୍ତ ହୋଇ ଦିବ୍ୟଲୋଚନଙ୍କୁ ବିନାଶ କରିଅଛି । ଚନ୍ଦ୍ରଲୋଚନ ଶିରଣୀ ଦେଇ ପୁନରଜୀବନ ପାଇଛି ।" * ଆଗରୁ ଆଲୋଚିତ ସତ୍ୟନାରାୟଣଙ୍କ ସ୍ୱଭାବ ଠାରୁ ଏହାଙ୍କ ସ୍ୱଭାବ ଭିନ୍ନ । ଏଥିରେ ସତ୍ୟପୀର ଙ୍କର ହିଂସ୍ର ସ୍ୱଭାବ, ଓ ଉଗ୍ରତା ପ୍ରକାଶ ପାଇଛି ।

ପାଲା ଲେଖକ ମାନଙ୍କ ମଧ୍ୟରେ କବି କର୍ଣ୍ଣ ବିଶେଷ ଜଣାଶୁଣା । ସେ ନିଜେ ଷୋଳଟି ପାଲା ରଚନା କରିଛନ୍ତି । ଏହାଛଡ଼ା ଭୃଗୁରାମ,

* ଓଡ଼ିଆ ଲୋକଗୀତ ଓ କାହାଣୀ - ପୃ ୪୪୬

ଶଙ୍କର ଅନ୍ତର୍ଗତ ପ୍ରବୃତ୍ତିଙ୍କ ପାଲା ମଧ୍ୟ ଜଟାଶୁଣା । ପାଲା କଥାରେ ଭାଷା ଦୃଷ୍ଟିରୁ ସମନ୍ୱୟ ପ୍ରବଣତା ଲକ୍ଷ୍ୟ କରାଯାଏ । ଭୃଗୁରାମଙ୍କ ଭ୍ରମରବର ପାଲରେ ଅଛି-

ଦିନକେ ଓଡ଼ିଆ ପାଠ ସଂପୂର୍ଣ୍ଣ ପଢ଼ିଲା ।
ଦ୍ୱିତୀୟ ଦିନେ ବଙ୍ଗଳା ପାଠ ସେ ସାଧିଲା ॥
ତୃତୀୟ ଦିନେ ପଢ଼ିଲେ ପାରସି ନାଗରୀ ।
ଚତୁର୍ଥଦିନେ ଗୁରୁପାଠ ପଢିଦେଲା ସାରି ॥

ଭାଷା ଶିକ୍ଷାର ଏହି ଅଦ୍‌ଭୁତ ଦକ୍ଷତା ବର୍ଣ୍ଣନାର ଯଥାର୍ଥତା ଥାଉ ବା ନଥାଉ ସେକାଳରେ ବଙ୍ଗଳାର ଆଫଗାନ ଓ ମୋଗଲ ଶାସିତ ସମାଜରେ ଓଡ଼ିଆ ସହିତ ବଙ୍ଗଳା ଓ ପାର୍ସି ଭାଷା ଶିକ୍ଷା କରିବାର ଆବଶ୍ୟକତା ଏବଂ ନାଗରୀ ଲିପି ଜାଣିବାର ଉପଯୋଗିତା ବିଷୟ ଏଥିରୁ ଜଣା ପଡ଼ୁଛି । ମଦନ ସୁନ୍ଦର ପାଲରେ କବି କର୍ଣ୍ଣ ମଧ୍ୟ ଲେଖିଛନ୍ତି —

ଓଡ଼ିଆ ବଙ୍ଗଳା ପାର୍ଶୀ ପଢିଲେ ସେ ପାଠ ।
ସକଳ ବିଦ୍ୟାରେ ବାଛା ହୋଇଲେ ଗରିଷ୍ଠ ॥

କବିକର୍ଣ୍ଣଙ୍କ ସତ୍ୟନାରାୟଣ ଜନ୍ମ ପାଲା, ପଦ୍ମଲୋଚନ ପାଲା, ମର୍ଦ୍ଧଗାଜି ଜନ୍ମ, ମର୍ଦ୍ଧଗାଜି ବିଭା, ବିଦ୍ୟାଧର, ମଦନ ସୁନ୍ଦର, ସଦାନନ୍ଦ

ସୈଦାଟରେ, ମନୋହର ଫାସ୍ୟାଗ ବା ରଙ୍ଗଲତା, ଶଙ୍କର ଗୁଡ଼ିଆ, ଦୁର୍ଜନ ସିଂ, ହେରଗୋବିନ୍ଦ, ଉଗ୍ରତାର, କାଠୁରିଆ, ଲକ୍ଷଣକୁମାର, ଅଞ୍ଜନ ଚନ୍ଦନ ଓ ସୁର୍ଗୀତରାହନେ ପ୍ରଭୃତି ଷୋଳପାଲରେ ସତ୍ୟପୀରଙ୍କର ମହିମା କୀର୍ତ୍ତିତ ହୋଇଛି । ଏହାର ଭାଷା ବଙ୍ଗଳା ଓ ଓଡ଼ିଆ ମିଶ୍ର ଭାଷା । କେତେକ ପାର୍ସୀ ଶବ୍ଦର ବ୍ୟବହାର ମଧ୍ୟ କରାଯାଇଛି । କବିକର୍ଣ୍ଣଙ୍କର ଏହି ପାଲି ବାଂଛିତ ଭୃଗୁରାମଙ୍କର ଭ୍ରମରବର ପାଲି ବଙ୍ଗଳାରୁ ଓଡ଼ିଆରେ ରୂପାନ୍ତରିତ ହୋଇଛି । କବିକର୍ଣ୍ଣଙ୍କର କେତେକ ପାଲିମଧ୍ୟ ବଙ୍ଗଳାରେ ଚଳେ । ଓଡ଼ିଆ ଓ ବଙ୍ଗଳା ମଧ୍ୟରେ ଆଦାନ ପ୍ରଦାନର ଏହିପରି ଧାରା ସମ୍ଭବତଃ ଶ୍ରୀ ଚୈତନ୍ୟଙ୍କ ଅମଳରୁ ପ୍ରଚଳିତ । ସତ୍ୟନାରାୟଣ ପାଲର ଇତିହାସ ଖୁବ୍ ପ୍ରାଚୀନ ନୁହେଁ ସତ, କିନ୍ତୁ ଗତ ତିନି ଶହ ବର୍ଷଧରି ଏହାର ପ୍ରତିଷ୍ଠା ଓ ପ୍ରଭାବ ଲକ୍ଷ୍ୟ କରାଯାଏ । ଏହି ପାଲି ଅପେକ୍ଷା ସତ୍ୟନାରାୟଣ ବ୍ରତ ପ୍ରାଚୀନତର ।

## ତ୍ରିନାଥ ମେଳା

ଓଡ଼ିଶାରେ ତ୍ରିନାଥମେଳା, ପଞ୍ଚାନନମେଳା, ଶନିଶ୍ଚର ମେଳା, ସହଦେବ ଗୋସେଇ ମେଳା ପ୍ରଭୃତି କେତେକ ମେଳା ଅନୁଷ୍ଠିତ ହୁଏ । ଏଥିମଧ୍ୟରୁ ତ୍ରିନାଥମେଳା ଅଧିକ ଲୋକପ୍ରିୟ । ସତ୍ୟନାରାୟଣ ବ୍ରତ ଓ ପାଲର ଯେପରି କୌଣସି ନିର୍ଦ୍ଧାରିତ ଦିନ, ତିଥି, ବାର ବା ଯୋଗ ନାହିଁ, ସେପରି ତ୍ରିନାଥ ମେଳାର ମଧ୍ୟ ନାହିଁ । ତେବେ ଅଧିକାଂଶ ସ୍ଥାନରେ ରବିବାର ଦିନ ଏହା ପାଳିତ ହେବାର ଦେଖାଯାଏ । ଏହା ଯେ କୌଣସି ଦିନ ଅନୁଷ୍ଠେୟ । ଓଷା ବ୍ରତ ପର୍ଯ୍ୟାୟର ହିନ୍ଦୁ ଧର୍ମ

କୃତ୍ୟ । ମାତ୍ର ଏହା କେବଳ ପୁରୁଷମାନେ ମିଳିତ ହୋଇ ପାଳନ କରନ୍ତି । ପଞ୍ଚୋକ୍ତ ଓଷା ବ୍ରତପରି ଏଥିରେ ନାରୀମାନଙ୍କର ଭୂମିକା ନାହିଁ । ଏଥିରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଉପାସନା କରାଯାଏ । ସମ୍ଭବତଃ ଏହା ଏକମାତ୍ର ଧର୍ମକୃତ୍ୟ ଯେଉଁଥିରେ ବ୍ରହ୍ମାଙ୍କ ପୂଜା ସ୍ଥାନ ପାଇଛି ।

ଓଡ଼ିଶାର କେତେକ ସହର ତଳି ଅଞ୍ଚଳରେ ଶ୍ରେଷ୍ଠ ଶ୍ରେଷ୍ଠ ତ୍ରିନାଥ ମନ୍ଦିର ନିର୍ମିତ ହୋଇଥିବାର ଦେଖାଯାଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଏହି ମେଳାଟି ବିଶେଷ ପ୍ରାଚୀନ ନୁହେ । ରାଜା ବିକ୍ରମ ଦେବବର୍ମା ଲେଖିଥିଲେ — "ଅଧୁନା ଏ ଦେଶରେ ତ୍ରିନାଥ ମେଳା ବୋଲି ଗୋଟିଏ ବ୍ରତ ସୃଷ୍ଟି ହୋଇ ଦାବାନଳ ସଦୃଶ ପ୍ରସାରୁ ଅଛି । ସେ ବ୍ରତ ବିଧାନରେ ତ୍ରିନାଥଙ୍କ ଭଜନମନ୍ତ୍ରରେ ଗଞ୍ଜେଇ, ତେଲ ଏବଂ ପାନ ସ୍ଥାପିତ । କିନ୍ତୁ ସେ ସ୍ଥାପନ ଅପ୍ରମାଣ ଓ ଅସମୀଚୀନ ।" ସେ ଏହି ପ୍ରସଙ୍ଗରେ ତ୍ରିନାଥମେଳାର ଅସମୀଚୀନତା ସମ୍ପର୍କରେ କଟୁମନ୍ତବ୍ୟ କରିଥିଲେ । * ମହାପାତ୍ର ନୀଳମଣି ସାହୁ ଏହି ମେଳା ଓ ତାର କେନ୍ଦ୍ର ସ୍ୱରୂପ ଗଢି ଉଠିଥିବା ଶ୍ରେଷ୍ଠ ଶ୍ରେଷ୍ଠ ମନ୍ଦିର ଗୁଡ଼ିକୁ ଉପଜୀବ୍ୟ କରି "ମନମଣ୍ଡି ଦୁହାଁଳ ଗାଈ" ନାମରେ ଏକ ବ୍ୟଙ୍ଗ ଗଳ୍ପ ଲେଖିଛନ୍ତି । ତ୍ରିନାଥ ମେଳାର କାହାଣୀକୁ ଭିତ୍ତି କରି ଓଡ଼ିଆରେ ଗୋଟିଏ ଚଳଚିତ୍ର ପ୍ରସ୍ତୁତ ହୋଇଛି । ନିମ୍ନରେ ତ୍ରିନାଥ ମେଳା କଥା ଦିଆଗଲା ।

ଗ୍ରାମର ନାମ ଶ୍ରୀପୁର । ବିପ୍ରଙ୍କ ନାମ ମଧୁସୂଦନ । ସେ ବଡ଼ ଦରିଦ୍ର । ଭିକ ମାଗି ପେଟ ପୋଷନ୍ତି । ତାଙ୍କର ପୁଅଟିଏ ହେଲା । ହତଭାଗା ପିଲାଟି ପାଇଁ ମାତୃ ସ୍ତନ୍ୟରୁ କ୍ଷୀର ବାହାରିଲା ନାହିଁ । ସେ ଖାଇବ କ'ଣ ? ବଞ୍ଚିବ କିପରି ? ଶିଶୁର ବିକଳ କାନ୍ଦଣାରେ ବ୍ରାହ୍ମଣୀର ହୃଦୟ ବିଦୀର୍ଣ୍ଣ ହୋଇଗଲା । ବ୍ରାହ୍ମଣ ନିରୂପାୟ । ଶେଷରେ ଘରେ

* ବିକ୍ରମ ରଚନାବଳୀ (୧୯୪୨) - ପୃ ୮୪

ଥିବା ତମ୍ବା କଂସା ଇତ୍ୟାଦି ନେଇ ଶ୍ରୀପୁର ହାଟରେ ବିକିଲା । ଭିକ୍ଷାର୍ଜିତ ମୂଲ୍ୟକୁ ମିଶାଇ ସମୁଦାୟ ପାଞ୍ଚଟଙ୍କା ହେଲା । ସେତିକି ଧରି ଦୁହେଁ ଲିଆ ଗାଈଟିଏ କିଣିବାକୁ ଗାଁ ଗାଁ ବୁଲିଲେ । ଗୋଟିଏ ଗାଁରେ ଜଣେ ଧନାଢ୍ୟ ସାଧବର ଗୁହାଳ ଗୁହାଳ ଗାଈ ଥିଲେ । ସେଥିମଧ୍ୟରୁ ଗୋଟିଏ ଗାଈର ଗାଁ ବଜିଲା । ସେ ବଡ଼ ଓଲେଇ । ବାର ଲୋକଙ୍କ ମେଳ ଉଜାଡ଼େ । ବଗିଚା ନଷ୍ଟକରେ । ପଡ଼ିଶା ଘର ବଗିଚାରେ ଚରୁଥିବାର ଦେଖି ସାଧବ ବିରକ୍ତ ହୋଇଗଲା । ଭାବିଲା ଏ ଗାଈ-ଟାର ମୁହଁ ଦେଖିବା ଠିକ୍ ନୁହେଁ । କହିଲା ଏହାର ମୂଲ୍ୟ ପଚିଶ ଟଙ୍କା ହେଲେ ବି ଏଇକ୍ଷଣି ଗ୍ରାହକ ମିଳିଲେ ପାଞ୍ଚ ଟଙ୍କାକୁ ବିକି ଦିଅନ୍ତି । ଯୋଗକୁ ସେତେବେଳେ ବ୍ରାହ୍ମଣ ମଧୁସୂଦନ ପହଞ୍ଚିଲେ ଓ ଏହା ଶୁଣିପାରି ସାଧବକୁ ନିଜର ଅଭିପ୍ରାୟ ଜଣାଇଲେ । ସାଧବ ରାଗରେ ସିନା କହିଦେଇଥିଲା, କିନ୍ତୁ ବିକିବାକୁ ଅମଙ୍ଗ ହେଲା । ବ୍ରାହ୍ମଣ କହିଲା "ତୋ ବାକ୍ୟ ଭୁଲି ରକ୍ଷାକର, ଅସତ୍ୟ ନୁହଁ ସୌଦାଗର ।" ସାଧବ ବଡ଼ ଅଡ଼ୁଆରେ ପଡ଼ି ମାତ୍ର ପାଞ୍ଚୋଟି ଟଙ୍କାକୁ ଗାଈ ବାଛୁରୀ ବିକି ଦେଲା । ମଧୁସୂଦନ ଆନନ୍ଦରେ ଘରକୁ ଫେରିଲା । ନବଜାତକଟି କ୍ଷୀର ଟିକିଏ ପିଇବାକୁ ପାଇଲା । କିନ୍ତୁ ଦିନେ ସେ ଗାଈଟି କୁଆଡ଼େ ଗଲା ଯେ ଆଉ ବାହୁଡ଼ିଲା ନାହିଁ । ମଧୁସୂଦନ ବାଡ଼ି ଖଣ୍ଡିଏ ଧରି ଖୋଜି ବୁଲିଲା । ପ୍ରଥମ ଦିନ ଗଲା, ଦ୍ୱିତୀୟ ଦିନ ସକାଳୁ ଉଠି ବହୁ ଦୂର ଦୂରାନ୍ତରେ ବୁଲି ବୁଲି ବାଟରେ ଗୋଟିଏ ବଡ଼ ବରଗଛ ଦେଖିଲା । ସେହି ଗଛମୂଳେ ଟିକିଏ ଶ୍ରାନ୍ତି କଟାଇ ଶ୍ରୀପୁର ହାଟକୁ ବାହୁଡ଼ିଲା । ଭାବିଲା କିଏ ହୁଏତ ଚୋରାଇ ନେଇଛି । କିନ୍ତୁ କାହାର ଡାକର ଶୁଣିଲା । କିନ୍ତୁ କାହାର ସେ ଡାକ ? ସେଇ ବରଗଛରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରହୁଥିଲେ । ସେମାନେ ବ୍ରାହ୍ମଣକୁ ଡାକି ତା'ର ଦୁଃଖ ଶୁଣିଲେ । ବ୍ରାହ୍ମଣ ହଜିଥିବା ଗାଈ କଥା କହି ତା'ର ସନ୍ଧାନରେ ଶ୍ରୀପୁର ହାଟକୁ ଯାଉଥିବାର ଜଣାଇଲା । ତ୍ରିନାଥ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ଗୋସାଇଁ ସେମାନଙ୍କ ପାଇଁ ହାଟରୁ ପଇସାକର ଗଞ୍ଜେଇ ପାହୁଲିକର ପାନ-ଗୁଆ, ପାହୁଲିକର ମାଲିସା ଆଣି ଦେବାକୁ

କହିଲେ । କିନ୍ତୁ ଏତକ ଆଣିବା ପାଇଁ ବ୍ରାହ୍ମଣ ପଇସା କାହୁଁ ପାଇବ ? ତା'ର ଅସାମର୍ଥ୍ୟ ଜାଣି ପାରି ନିନାଥ ଗୋସାଇଁ ନିକଟରେ ଥିବା ବେଣା ମୂଳକୁ ଦେଖାଇ ଦେଇ କହିଲେ-'ସେଇଠି ପଇସା ଅଛି ।' ବ୍ରାହ୍ମଣ ବେଣା ମୂଳକୁ ଉପାଡ଼ିବାରୁ ତିନୋଟି ପଇସା ପାଇଲା । କିନ୍ତୁ ତେଲ କେଉଁଥିରେ ଆଣିବ ? ପଚାରିବାରୁ ଉତ୍ତର ପାଇଲା— 'ଗାମୁଛାରେ ଆଣିବୁ' ବ୍ରାହ୍ମଣ ଆଶ୍ଚର୍ଯ୍ୟ ହେଲା । ତାକୁ ସେମାନେ କହିଲେ—'ଆମ ନାଁ କହି ତେଲ ମାଗିବୁ ।

ବ୍ରାହ୍ମଣ ମଧୁସୂଦନ ଶ୍ରୀପୁର ହାଟରେ ଗଞ୍ଜାଇ, ପାନ ଓ ସୁପାରି କିଣିସାରି ତେଲ ଦୋକାନକୁ ଗଲା । ସେ ତେଲ ମାପି କେଉଁଥିରେ ନେବ ବୋଲି ପଚାରିବାରୁ ଗାମୁଛା ପତାଇ ଦେଲା । ତେଲି ତାକୁ ବାୟା ବୋଲି ମନେ କଲା । ତା'ଠାରୁ ପଇସା ନେଇ ନିଜକୁ ତଲମୁହାଁ କରି ପଛପଟେ ତେଲ ମାପି ଗାମୁଛାରେ ଢାଳିଦେଲା । ବ୍ରାହ୍ମଣ ଖୁସି ମନରେ ଚାଲିଗଲା । ମାତ୍ର ତେଲି ବୁଢ଼ାର ଘଡ଼ିରୁ ତେଲତକ କୁଆଡ଼େ ଉଭାଇ ଗଲା । ବୁଢା ଏହା ଦେଖି ଅଚେତ ହୋଇଗଲା । ଲୋକେ ପାଣି ଛିଞ୍ଚି ଚେତା କଲେ । ସମସ୍ତେ ବ୍ରାହ୍ମଣ ପଛେ ପଛେ ଗୋଡ଼ାଇଲେ । ସେ ଫେରିଆସି ଗାମୁଛାରୁ ତେଲ ଢାଳି ଦେବାରୁ ତେଲି ବୁଢାର ତେଲଭଣ୍ଡ ଉଚ୍ଛୁଳି ଉଠିଲା । ସେ ଖୁସି ମନରେ ଠିକ୍ ଭାବରେ ତେଲ ମାପି ଦେଲା । ବ୍ରାହ୍ମଣ ସଉଦା ସାରି ବରଗଛ ମୂଳରେ ପହଞ୍ଚିଲା । ନିନାଥ ଗୋସାଇଁ ବ୍ରାହ୍ମଣର ଦୁଃଖ ଶୁଣି ଓ ନିଷ୍ଠା ଦେଖି ସଦୟ ହେଲେ । ତାଙ୍କର ମେଳା କରିବାକୁ ପରାମର୍ଶ ଦେଲେ । ପୂଜାବିଧି ହେଲା । ପଇସାକର ଗଞ୍ଜାଇ ଦଳି ତିନୋଟି ଚିଲମରେ ଭର୍ତ୍ତି କରି ସେଥିରେ ଅଗ୍ନି ସଂଯୋଗ କରିବ, ତିନୋଟି ଦୀପରେ ମାଲପା ଭର୍ତ୍ତି କରି ଜାଳିବ । ପାନ ସୁପାରି ସଜାଡ଼ିବ । ନିନାଥଙ୍କୁ ଦିବ୍ୟ ଆସନରେ ବସାଇବ । ରାତିର ପ୍ରଥମ ପ୍ରହରରେ ପ୍ରିୟଜନ ମାନଙ୍କୁ ଡକାଇ ସେହି ପୂଜା କରିବ । ଏଥିରେ ନୈବେଦ୍ୟ ନ କରି କେବଳ ସମର୍ପଣ

କରିବାକୁ ହୁଏ । ବ୍ରାହ୍ମଣ ସବୁ ସଜାଡ଼ିଲା । କିନ୍ତୁ ପାପରେ ବଳିତା ନାହିଁ । ତାଙ୍କ କହିବା ଅନୁସାରେ ଅନନ୍ତା ସତ୍ତ୍ୱ ନିଜ ଗାମୁଛା ଚିରି ବଳିତା କଲା । ଦେଖିବା ବେଳକୁ ଅଗ୍ନି ନାହିଁ । ସିନାଥ ଗୋସାଇଁ ତାକୁ ଆଖି ବୁଜିବାକୁ କହିଲେ । ସେ ଆଖି ବୁଜିବା ମାତ୍ରେ ଦୀପ ଜଳିଲା । ସେ ଆଖି ଖୋଲି ଦେଖିଲା । ଆନନ୍ଦରେ ପୂଜା ବଢ଼ାଇ ପ୍ରଣିପାତ ଜଣାଇ ଆନନ୍ଦରେ ମେଲାଣି ନେଲା । ଗାଈ ଓ ବାଛୁରୀଙ୍କୁ ପାଇଲେ ଟାଙ୍ଗପାଳି ପୂଜା କରିବ ବୋଲି ମାନସିକ କଲା । ବିପ୍ର ମଧୁସୂଦନ ଅନ୍ୟାନ୍ୟ ଅନୁଭୂତି ଘେନ ଫେରୁଛି । ବାଟରେ ଦେଖିଲା ତା' ଗାଈ ବାଛୁରୀ ଫେରୁଛନ୍ତି । କୋଠିନିଧି ପାଇଲା ପରି ମଣିଲା । ଗାଈ ବାଛୁରୀଙ୍କୁ ସାଙ୍ଗରେ ଧରି ଘରକୁ ଆସିଲା । ସେଠି ଦେଖିଲା ବେଳକୁ ତା'ର ଦରିଦ୍ର କୁଟୀର ଧନ ଧାନ୍ୟରେ ହସି ଉଠୁଛି । ସିନାଥଙ୍କ ମହିମା ପ୍ରଚାରିତ ହେଲା ।

ମଧୁସୂଦନ ଠାରୁ ସିନାଥ ମେଳାର ମହିମା ଶୁଣି ସମସ୍ତେ ତାହା କଲେ । ଫଳରେ ସବୁରି ଘରେ ଧନଦ୍ରବ୍ୟ ଭରିଗଲା । ଆଉ କେହି ଦରିଦ୍ର ରହିଲେ ନାହିଁ । ସାଧବମାନଙ୍କର କରଜ ବେପାର ଅଚଳ ହେଲା । ସେମାନେ ରାଜାଙ୍କ ପାଖରେ ଗୁହାରି କଲେ । ମଧୁସୂଦନ ବିପ୍ରକୁ ଏଥିପାଇଁ ଦାୟୀ କରାଗଲା । ରାଜା ତା ଉପରେ କୋପକଲେ । ସିନାଥ ମେଳା ବନ୍ଦ କରିବାକୁ ଆଦେଶ ଦେଲେ । ଆଦେଶ ଅମାନ୍ୟ କଲେ ପଚିଶ ଟଙ୍କା ଜୋରିମାନା ଅନାଦାୟେ ଛ'ମାସ କାରାବାସ ଅଥବା ଶୂଳଦଣ୍ଡ ମିଳିବ ବୋଲି ଘୋଷଣା କରାଗଲା । ତେଣେ ମେଳା ବନ୍ଦ ହେବାରୁ ସିନାଥ କୋପକଲେ ; ଫଳରେ ରାଜାଙ୍କ ବଡ଼ପୁଅ ମଲା । ରାଜା କାନ୍ଦିଲେ, ମହାଦେଈ କାନ୍ଦିଲେ ପାତ୍ର ମନ୍ତ୍ରୀ ଶୋକ ପ୍ରକାଶ କଲେ । ବନ୍ଧୁ କୁଟୁମ୍ବ ଜୋଡ଼ା ହୋଇ ଆସିଲେ । ସ୍ୱର୍ଣ୍ଣଭଦ୍ରା ନଦୀ କୂଳରେ ଚିତା ସଜଡ଼ା ହେଲା । ଏତିକି ବେଳେ ତିନିଜଣ ବୃଦ୍ଧବ୍ରାହ୍ମଣ ଆସି ପହଞ୍ଚିଲେ । ସବୁ ବୁଝି ସିନାଥ ଦୋରେହା ହେବାରୁ ଏ ଦଶା ଘଟିଛି ବୋଲି କହିଲେ ।

ନିନାଥଙ୍କୁ ସ୍ମରଣ କରି ତାଙ୍କର ମେଳା ମାନସିକ କଲେ, ରାଜପୁଅ ବଞ୍ଚି ଉଠିବ ବୋଲି କହିଦେଇ ଉଭାଇ ଗଲେ । ମୃତ ରାଜପୁଅର କାନରେ ସପ୍ତବାର ନିନାଥଙ୍କ ନାମ କୁହାଇଲେ । ସମସ୍ତେ ନିନାଥଙ୍କ ନାମ ଉଚ୍ଚାରଣ କଲେ । ରାଜପୁଅ ବଞ୍ଚି ଉଠିଲେ । ଠିକ୍ ଏହି ସମୟରେ ସୁବର୍ଣ୍ଣଭଦ୍ରା ନଦୀକୂଳରେ ଏକ ସାଧବର ନାବ ଲାଗିଲା । ସାଧବ ନାବରୁ ଓହ୍ଲାଇ ସବୁ ଶୁଣିଲା । ଶୁଭରେ ବ୍ୟବସାୟ କରି ବାହୁଡ଼ିଲେ ପାଞ୍ଚପାଳି ମେଳା କରିବ ବୋଲି ମାନସିକ କଲା ।

ସାଧବ ଦୂରଦେଶରେ ବାଣିଜ୍ୟ କରି ବହୁ ଧନ ସମ୍ପଦ ଧରି ନିଜ ଘରକୁ ବାହୁଡ଼ିଲା । ଧନ ସମ୍ପଦରେ ଭୋଳ ହୋଇ ମେଳା ଧାରିବା କଥା ପାସୋରି ଦେଲା । ଫଳରେ ଦୁର୍ଭାଗ୍ୟ ଭୋଗିଲା । ଅନୁତାପ କରି ପୁଣି ମେଳା ଧାରିବାରୁ ଭାଗ୍ୟ ଲେଉଟିଲା । ସେ ବିରାଟ ଆକାରରେ ମେଳା କଲା । ଚଉରଅଞ୍ଚଳ ଲୋକେ ମେଳା ଦେଖିବାକୁ ଆସିଲେ ।

ସେହି ରାଜ୍ୟରେ ଅନ୍ଧଟିଏ ଥିଲା । ଲୋକଙ୍କ ଯିବାର ଗହଳି ଚହଳି ଶୁଣି ପଚରା ଉଚରା କଲା । ଜାଣିଲା ସମସ୍ତେ ନିନାଥମେଳା ଦେଖିବାକୁ ଯାଉଛନ୍ତି । ସେଠିକି ଗଲେ ତା' ଆଖି ଫିଟିବାର ସମ୍ଭାବନା ଅଛି । ଅନ୍ଧଲୋକ ବାଟରେ ଯିବାର ଉପାୟ ନାହିଁ । ନିନାଥଙ୍କୁ ଜପକଲା । ତାକୁ ଟିକିଏ ଟିକିଏ ଦିଶିଲା ଭଳି ଜଣାଗଲା । ଅଣ୍ଡାଳି ଅଣ୍ଡାଳି ଚାଲିଲା । କିଛି ବାଟ ଗଲା ପରେ ଛୋଟାଟିଏ ତାକୁ ଦେଖିଲା । ତା'ର ଗନ୍ତବ୍ୟସ୍ଥଳ କଥା ପଚାରିଲା । କହିଲା—'ମୋର ତ ଗୋଡ ଚଳୁନ । ପାଦଥିଲେ ଅବା ମେଳା ଦେଖିବାକୁ ଯାଇଥାନ୍ତି । ଆଉ, ସେ ଭାଗ୍ୟ ନାହିଁ ।' ଛୋଟା, ଅନ୍ଧ କଥା ଶୁଣି ନିନାଥଙ୍କୁ ଜପ କଲା । ଦୁହେଁ କଥାବାର୍ତ୍ତା ହେଲେ । ଅନ୍ଧ କାନ୍ଧରେ ଛୋଟା ବସି ବାଟ ବତାଇଲା । ଏପରି ଦୁହେଁ ମେଳା ସ୍ଥାନକୁ ଚାଲିଲେ । ହଠାତ୍ ଛୋଟା ଅନୁଭବ କଲା ଚାଲିପାରିବ । ଅନ୍ଧକୁ ମଧ୍ୟ ସବୁ ଦିଶିଲା । ଦୁହେଁ ଭଲ ମଣିଷ ପରି ନିନାଥ ମେଳା ସ୍ଥାନରେ ପହଞ୍ଚିଲେ ।

ଜଣେ ବୈଷ୍ଣବ ନାଇଁ ମେଳାକୁ ଆସନ୍ତି । ମେଳା ନ ସରୁଣୁ ଚାଲି ଯାଆନ୍ତି । ଅନ୍ୟ ସମସ୍ତେ ମେଳା ସରିବା ପରେ ଯାଆନ୍ତି । ଥରେ ସମସ୍ତେ ବୈଷ୍ଣବଙ୍କୁ ଏପରି ଅଧାରୁ ଉଠି ନ ଯିବାକୁ କହିଲେ । ବୈଷ୍ଣବ କହିଲେ ତାଙ୍କ ଗୁରୁ ନ ଆସିଲେ ସେ ଯିବେ ନାହିଁ । ସେ ଏହିପରି ଦିନେ ମେଳାରେ ବସିଛନ୍ତି ତାଙ୍କ ଗୁରୁ ଆସିଲେ ଓ ଘରେ ମାଆଙ୍କଠାରୁ ସବୁ ଶୁଣି ମେଳା ହେଉଥିବା ସ୍ଥାନରେ ପହଞ୍ଚିଲେ । ନିନାଥଙ୍କ ପୂଜା ଦେଖି କ୍ରୁଦ୍ଧ ହେଲେ । ଏଥିରେ ଯୋଗ ଦେଇଥିବା ସମସ୍ତ ଭକ୍ତଙ୍କୁ ଗାଳି ଦେଲେ । ମେଳା ଆସ୍ଥାନ ଭାଙ୍ଗିଦେଲେ । ନିଜ ଶିଷ୍ୟଙ୍କୁ ଧରି ସେଠାରୁ ଚାଲି ଆସିଲେ । କିଛି ବାଟ ଯାଇଛନ୍ତି, ପ୍ରବଳ ବର୍ଷା ହେଲା ଓ ଘୋର ଅନ୍ଧକାର ଘୋଟି ଆସିଲା । ଅନୁକୂଳ ପବନ ବହିଲା । ବାଟଘାଟ ଦିଶିଲା ନାହିଁ । ଗୁରୁ ଶିଷ୍ୟ ବାଟ ବଣା ହୋଇ ଜଣେ ସାଧବ ଘରେ ପହଞ୍ଚିଲେ । ସେତେବେଳକୁ ତାଙ୍କର ଅନୁତାପ ଆସିଲାଣି । ସାଧବ ଘରେ ପହଞ୍ଚି ଶୁଣିଲେ ତାର ପୁଅ ଓ ସ୍ତ୍ରୀ ମରିଛନ୍ତି । ବୈଷ୍ଣବଙ୍କ କହିବା ଅନୁସାରେ ସାଧବ ପାଞ୍ଚପାଳି ନିନାଥ ମେଳା ମାନସିକ କଲା । ତା'ର ପୁଅ ଓ ସ୍ତ୍ରୀ ବଞ୍ଚି ଉଠିଲେ । ଏପରି ନିନାଥଙ୍କ ମହିମା ପ୍ରଚାରିତ ହେଲା ।

ଏ କାହାଣୀଟି ଅଧଲା ପାହୁଲା ଚଳିବା ଯୁଗର । ଖୁବ୍ ପ୍ରାଚୀନ ନୁହେଁ । ଆସାମ ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ଏହାର ପ୍ରସାର ଲକ୍ଷ୍ୟ କରାଯାଏ ।

## ପଞ୍ଚାନନ ମେଳା

ବାଲେଶ୍ୱର ଜିଲ୍ଲାର ଆରଣ୍ଡ ଗ୍ରାମରେ ଅଧିଷ୍ଠିତ ଆଖଣ୍ଡଳମଣି ହେଉଛନ୍ତି ପ୍ରତିଷ୍ଠିତ ଦେବତା । ପାତାଳ ଭେଦ କରି ସେ କପରି ଭାବରେ ପ୍ରକାଶ ଲାଭ କଲେ ଏବଂ ସେହି ଅଞ୍ଚଳରେ ତାଙ୍କର ମାହାତ୍ମ୍ୟ ଓ ଲୀଳା ବିସ୍ତାର କଲେ ସେ ସମ୍ପର୍କରେ ଗୋଟିଏ କିମ୍ବଦନ୍ତୀ ପ୍ରଚଳିତ ଅଛି । ଏହି କିମ୍ବଦନ୍ତୀଟି ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ଶିବଲିଙ୍ଗ ଉଦ୍ଭବ

ସମ୍ବନ୍ଧୀୟ କମ୍ବଦନ୍ତୀ ସହିତ ପ୍ରାୟ ସମାନ । ଏଠାକୁ ଆଖଣ୍ଡଳମଣି ନାମରେ ପ୍ରସିଦ୍ଧ ଶିବଙ୍କ ଦର୍ଶନ ଲାଗି ଦୂର ଦୂରାନ୍ତରୁ ଯାତ୍ରୀମାନେ ଆସନ୍ତି । ତାଙ୍କର ସନ୍ତୋଷବିଧାନ ନିମିତ୍ତ ପଞ୍ଚାନନ ମେଳା ପୂଜା ଅନୁଷ୍ଠାନ କରାଯାଏ । ତ୍ରିନାଥମେଳା ପୂଜାର ବିଧାନ ସହିତ ଏହାର ଅନେକ ସାମଞ୍ଜସ୍ୟ ଥିବାର ଲକ୍ଷିତ ହୁଏ । ପଞ୍ଚାନନ ଦାସଙ୍କ କୃତ ଆଖଣ୍ଡଳମଣି ଭାଗବତରେ ଉଲ୍ଲେଖ ଅଛି—

ଯେ ଅଟେ ପଞ୍ଚାନନ ମେଳା । ତାହା ପ୍ରଭୁଙ୍କ ଲୀଳା ଖେଳା
ସେ ମେଳା ହୁଏ ଘରେ ଘରେ । ଲୋକଙ୍କୁ ଅଭିଭୂତ କରେ

ଶ୍ରୀ ଦ୍ୱିଧାରମଣି ପୁସ୍ତକାଳୟ ଦ୍ୱାରା ପ୍ରକାଶିତ ପଞ୍ଚାନନ ମେଳା ପୁସ୍ତକରେ ଲେଖାଯାଇଛି—

ଦ୍ରବ୍ୟ ଯେ ନ ଲାଗେ ବହୁତ । ପାଞ୍ଚପଇସା ଲୋଡ଼ା ମାତ୍ର
ଗଞ୍ଜେଇ ଏକ ପଇସାର । ପଇସାକର ଅଟେ କ୍ଷୀର
ଶର୍କରା ଏକ ପାହି ମାତ୍ର । ପଇସାକର ଅଟେ ଘୃତ
କଦଳୀ ପାହିକର ଜାଣ । ଗୁଆ ଯେ ଗୋଟିଏ ସ୍ଥାପିଣ
ତ୍ରିଶାଖା ବେଲପତ୍ରୀ ପୁଣ । ପାଞ୍ଚଟି ଆଣିବ ତୋଳଣ ।
ରଜନୀ ପାଞ୍ଚଘଡ଼ି ଠାରେ । ମେଳା ଯେ ସ୍ଥାପିବ ଗୃହରେ
ଡକାଇ ପ୍ରିୟ ବନ୍ଧୁଗଣ । ପୂଜିବ ଶିବଙ୍କ ଚରଣ ।

ଏହି ପୂଜାର ମହିମା ପ୍ରକାଶ ରୀତି ବା ଏହା ସହିତ ପ୍ରଚଳିତ ଆଖ୍ୟାନ ଉପାଖ୍ୟାନ ପୂର୍ବୋକ୍ତ ତ୍ରିନାଥ ମେଳା ଅନୁସରଣରେ ରଚିତ ହୋଇଥିବାର ଜଣାଯାଏ । କାହାଣୀଟି ନିମ୍ନରେ ଦିଆଗଲା ।

ହରିପୁର ଗାଁର ମାଧବ ମିଶ୍ର ବଡ଼ ଗରିବ । ତାଙ୍କ ସ୍ତ୍ରୀଙ୍କ ନାଁ ସୁଶୀଳା । ମିଶ୍ରେ ଭିକ୍ଷା କରି ଯାହା ଆଣନ୍ତି ସେଥିକରେ ଦୁଇପ୍ରାଣୀ ପେଟ ପୋଷନ୍ତି । ବେଢ଼ ଉପରେ କୋରଡ଼ା ପରି ଅନ୍ୟ ଏକ ବିପତ୍ତି ପଡ଼ିଲା ।

ସେ ସାଂଘାତିକ ରୋଗରେ ପଡ଼ିଲେ । ଶକ୍ୟ ଅନୁସାରେ ଚିକିତ୍ସା କଲେ । କାହିଁରେ ରୋଗ ଊଣା ହେଲନାହିଁ । ଗୃହିଣୀ ଘର ପାଞ୍ଚଘର ବୁଲି ନେହୁଁ ଦେଖାଇ ହାତ ପତେଇଲେ ସିନା ପୋଷେ ଅଧେ ଆଣନ୍ତି । ଖାଇବାକୁ କାହୁଁ ଆସିବ ? ବ୍ରାହ୍ମଣୀଙ୍କ ବୁଦ୍ଧି ଦିଶିଲା । ସେ ବ୍ରାହ୍ମଣଙ୍କୁ କଷ୍ଟେମଷ୍ଟେ ନେଇ ଆରଡ଼ ଆଖଣ୍ଡଳମଣିଙ୍କ ପାଖକୁ ବାହାରିଲା । କିନ୍ତୁ ମିଶ୍ରେ ଯାଇ ନ ପାରି ବାଟରେ ପଡ଼ି ବିକଳ ହୋଇ ପ୍ରାର୍ଥନା ଜଣାଇଲେ । ମଣି ସନ୍ୟାସୀ ରୂପରେ ଦେଖାଦେଲେ । ଆରଡ଼ ଠାର ମହାଦେବ ଦାସ ବୋଲି ନିଜର ପରିଚୟ ଦେଲେ । ପୁଣି ଆଖଣ୍ଡଳ-ମଣିଙ୍କ ପାଖରେ ଥାନ୍ତି ବୋଲି କହିଲେ । ବ୍ରାହ୍ମଣଙ୍କ ବିକଳ ଶୁଣି ଆରଡ଼ ଯାଏ ଏତେ ବାଟ ନ ଯାଇ ତାଙ୍କ ମେଳାକଲେ ସୁଫଳ ମିଳିବ ବୋଲି ଉପଦେଶ ଦେଲେ । ମେଳାର ବିଧିବିଧାନ ବତାଇ ଦେଲେ ।

ମିଶ୍ରଙ୍କ ପାଖରେ ପଇସା ନ ଥାଏ । ମେଳା କରିବେ ବା କିପରି ? ସନ୍ୟାସୀ ଉତ୍ତରଦେଲେ ମଣିଙ୍କ କୃପା ହେଲେ ମେଳାପାଇଁ ପଇସା ଅଭାବ ହେବ ନାହିଁ । ଯୋଗକୁ ଲେଉଟାଣି ବାଟରେ ଜଣେ ମହାଜନଙ୍କ ଅନ୍ନଛତ୍ର ପଡ଼ିଲା । ଯେଉଁ ବ୍ରାହ୍ମଣ ଭୋଜନ ନକରି ବାହୁଡ଼ୁଥିଲେ ତାଙ୍କୁ ସେ ପାଞ୍ଚ ପଇସା ଦେଇ ବିଦା କରୁଥିଲେ । ମାଧବ ମିଶ୍ରେ ନ ଖାଇ ପଇସା ଆଣିଲେ । ମେଳାଲାଗି ଦ୍ରବ୍ୟ ଯୋଗାଡ଼ରେ ବାହାରିଲେ ।

କ୍ଷୀର ପାଇଁ ଗଉଡ଼ ଘରକୁ ଗଲେ । ଗଉଡ଼ ପାଣିମିଶା କ୍ଷୀର ଦେଲା । ଫଳରେ ତାର ଅବଶିଷ୍ଟ କ୍ଷୀର ରକ୍ତ ପାଲଟି ଗଲା । ପୁଣି ସେ ଦୋଷ ମାନିବାରୁ ଯୋଉ କ୍ଷୀରକୁ ସେଇ କ୍ଷୀର ହୋଇଗଲା । ରଘୁ ସାହୁକୁ ଗୁଆ ମାଗିଲେ । ସେ ଅଙ୍କା କଲା । ମିଶ୍ର ବାଟରେ ଗୁଆ ପାଇ ପୂଜା କଲେ । କିନ୍ତୁ ଅଙ୍କା କରିଥିବା ରଘୁ ସାହୁର ଗୋଟିଏ ବୋଲି ପୁଅଥିଲା ଯେ, ସାପ କାମୁଡ଼ାରେ ମଲା । ତା ସ୍ତ୍ରୀ କାନ୍ଦି କାଟି ଦୋଷ ମାନିଲା । ପଞ୍ଚାନନ ମେଳା ମାନସିକ କଲା । ଧଣ୍ଟା ବେଲପତ୍ର ଧୂଆ ମୁଣ୍ଡରେ ଛୁଆଁଇ ଦେବାରୁ ମଲା ପୁଅ ଜୀବନ ପାଇଲା ।

ପୁଣି ଅନ୍ୟ ଏକ ଉପାଖ୍ୟାନରେ ଅଛି, ଜଣେ ଜମିଦାର ଥିଲେ । ତାଙ୍କ ନାମ ଜଗନ୍ନାଥ ଚୌଧୁରୀ । ତାଙ୍କର ସାତ ଝିଅ । ପୁଅଟିଏ ପାଇଁ ପଞ୍ଚାନନମେଳା ମାନସିକ କରିଥିଲେ । ପୁଅ ପାଇଲେ କିନ୍ତୁ ମେଳା କରିବାକୁ ଭୁଲିଗଲେ । ପୁଅକୁ ପିତୁଳା ମାଇଲା । ସମସ୍ତେ ଆଶାଗୁଡ଼ ବସିଲେ । ମଣି ସନ୍ୟାସୀ ବେଶରେ ଆସି ମେଳାକଥା ଚେତାଇ ଦେଇଗଲେ । ଜମିଦାର ମେଳା କରିବାରୁ ପୁଅର ଦେହ ଭଲ ହୋଇଗଲା । ଏହିଭଳି କାଳର ସ୍ମୃତିଗଣକୁ ଘୋଟିବା ଉଦ୍ଦେଶ୍ୟ କେତେକ ଉପାଖ୍ୟାନ କଳ୍ପିତ ହୋଇ ମେଳା କଥାଟି ଗଠିତ ହୋଇଛି । ଏହା ଉପରେ ଶିନାଥ ମେଳାର ପ୍ରଭାବ ସ୍ପଷ୍ଟ ।

ମେଳା କହିଲେ ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଦିନ ଓ ସ୍ଥାନରେ ବହୁ ସଂଖ୍ୟକ ଭକ୍ତ ସମ୍ମିଳିତ ହୋଇ ପୂଜା ନିବେଦନ କରିବା ବା ଆରାଧନା କରିବା ଇତ୍ୟାଦିକୁ ବୁଝାଏ । କିନ୍ତୁ ଉପରୋକ୍ତ ମେଳା କଥାଗୁଡ଼ିକ ଅଳ୍ପ କେତେକ ଭକ୍ତଙ୍କ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଆୟୋଜିତ ମାନସିକ ପୂଜା ଅନୁଷ୍ଠାନକୁ ବୁଝାଉଛି । ଏହାର ଆୟୋଜନ ଓ ଅନୁଷ୍ଠାନ ଆଗରୁ କୁହାଯାଇଥିବା ଓଷାବ୍ରତର ଆୟୋଜନ ଅନୁଷ୍ଠାନ ଠାରୁ ଭିନ୍ନ । ଏହା ମୁଖ୍ୟତଃ କେତେକ ପୁରୁଷ ଲୋକଙ୍କର ସମ୍ମିଳିତ ଧର୍ମକୃତ୍ୟ । ଏହାର ଇତିହାସ ପ୍ରାଚୀନ ନୁହେଁ । ତେଣୁ ଏହା ସହିତ ଗଢ଼ି ଉଠିଥିବା ସାହିତ୍ୟ, ଗଢ଼ଣ ଦୃଷ୍ଟିରୁ ଓଷାବ୍ରତ ସାହିତ୍ୟ ଠାରୁ ଭିନ୍ନ ।

ଓଷାବ୍ରତ କାହାଣୀ ଏବଂ ତା'ର ବର୍ଣ୍ଣନାଭଙ୍ଗୀ ଓ ଭାଷା ବିଷୟରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି । ଏହି ଓଷାବ୍ରତ ଗୁଡ଼ିକ ମଧ୍ୟରୁ ତାଳପତ୍ର ପୋଥିରେ ପ୍ରାଚୀନ ଗଦ୍ୟରେ ଲେଖାଯାଇଥିବା ଲୌକିକ ଓଷାଗୁଡ଼ିକ ଲୋକମାନସରୁ କାଳକ୍ରମେ ଦକ୍ଷ ବର୍ଣ୍ଣନାକାର ବା କଥକଙ୍କ ସ୍ମୃତିରେ ସଞ୍ଚିତ ହୋଇ କିଛିକାଳ ପ୍ରଚଳିତ ହେବା ପରେ ପାରମ୍ପରିକ ଭାଷାରେ ଲିପିବଦ୍ଧ ହୋଇଛି ।

ଏଗୁଡ଼ିକ ନିର୍ଦ୍ଦିଷ୍ଟ ଶ୍ରୋତାଗୋଷ୍ଠୀ ସମ୍ମୁଖରେ ନିର୍ଦ୍ଦିଷ୍ଟ ସମୟରେ ପଠିତ ବା କଥିତ ହେଉଥିବାରୁ ଏହାର ବିଷୟ, ଭାଷା ଓ କଥନ ଶୈଳୀରେ ସ୍ୱାତନ୍ତ୍ର୍ୟ ସୁରକ୍ଷିତ ହୋଇଛି । ସାହିତ୍ୟ ଦୃଷ୍ଟିରୁ ଏଗୁଡ଼ିକର ମୂଲ୍ୟାୟନ ଯେତିକି ଗୁରୁତ୍ୱପୂର୍ଣ୍ଣ ଭାଷା ଦୃଷ୍ଟିରୁ ଏଗୁଡ଼ିକର ଅଧ୍ୟୟନ ସେତିକି ଆବଶ୍ୟକ । ଏଥିରେ ଓଡ଼ିଆ ଲୋକ ସମାଜର ନୈତିକ, ସାଂସ୍କୃତିକ ଓ ଧାମାଜିକ ଦୃଷ୍ଟିକୋଣ କିପରି ଭାବରେ ପ୍ରକାଶିତ ହୋଇଛି ତାହାର ସୂଚନା ଆଗରୁ ଦିଆଯାଇଛି । ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଇତିହାସର ପର୍ଯ୍ୟାଲୋଚନା ଓ ପୁନର୍ଗଠନରେ ଏଗୁଡ଼ିକୁ ଉପଯୋଗ କରାଯିବା ଉଚିତ । ନୃତାତ୍ତ୍ୱିକ ଦୃଷ୍ଟିରୁ ଏହାର ବିଚାର କରାଯିବା ଦରକାର । ଏହି ଅଧ୍ୟାୟରେ କୁହାଯାଇଛି ଯେ ଓଷାବ୍ରତ କଥାଗୁଡ଼ିକ ଆନୁଷ୍ଠାନିକ କାହାଣୀ । ଏହା ବ୍ୟତୀତ କେତେକ ଓଷାବ୍ରତ ସହିତ ମାଳଶ୍ରୀ, ବୋଲି ଓ ମନସା ମଧ୍ୟ ପ୍ରଚଳିତ । ପରବର୍ତ୍ତୀ ଅଧ୍ୟାୟରେ ସେ ସମ୍ପର୍କରେ ଆଲୋଚନା କରାଯିବ ।

# ତୃତୀୟ ଅଧ୍ୟାୟ

## ମାଲଶ୍ରୀ

ଓଷା ବା ବ୍ରତ ପୂଜାବେଳେ ଦେବୀଙ୍କୁ ଆବାହନ କରି ବୋଲ-ଯାଉଥିବା ବନ୍ଦନା ମୂଳକ ଗୀତ ମାଲଶ୍ରୀ ନାମରେ ପରିଚିତ । 'ମହାଦୁଃଖା ମଙ୍ଗଳବାର' କଥାରେ ଅଛି — "ସ୍ୱର୍ଗର ଅଷ୍ଟକନ୍ୟା ମର୍ତ୍ତ୍ୟର ଅଷ୍ଟକନ୍ୟା ମଣ୍ଡଳାଏ ଲିପିଲେ । ଷୋଳ ଗୋଟି ଗୁଆ, ଷୋଳ ଗୋଟି ଦୁବ, ଷୋଳଖିଅ ସୂତା, ଷୋଳ ଗୋଟି ମୁଆଁ ଦେଇ ଓଷା ପୂଜୁଛନ୍ତି ।" ପୁଣି ଲକ୍ଷ୍ମୀ ମାଧବର ଧୀ ବାଳମୁକୁଳା କରି ସେହି ବଣରେ ଆସି ଲୁଚିଥିବାରୁ ଏହି ଦେବକନ୍ୟାମାନଙ୍କର ମାଲଶ୍ରୀ ମଧ୍ୟ ମନେ ନ ପଡ଼ିବା କଥା ବର୍ଣ୍ଣିତ ହୋଇଛି । ସେଥିରୁ ସେଠାରେ କେହି ଅଲକ୍ଷ୍ମୀ ଆସି ପହଂଚି ଥିବାର ସେମାନେ ସନ୍ଦେହ କରିଛନ୍ତି ବୋଲି ଲେଖା ଯାଇଅଛି । ଏଥିରୁ ମନେ ହୁଏ ମାଲଶ୍ରୀ ଗାନ କରିବା ଓଷା ପୂଜାର ଏକ ଅଙ୍ଗ ଭାବରେ ଗୃହୀତ ହେଉଥିଲା । ଏହି 'ମାଲଶ୍ରୀ' ଶବ୍ଦଟି 'ମୌଳଶ୍ରୀ' ଶବ୍ଦର ଅପଭ୍ରଂଶ ବୋଲି ପଣ୍ଡିତ ନୀଳମଣି ମିଶ୍ର ଅନୁମାନ କରନ୍ତି ।*ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜ "ମାଲଶ୍ରୀ ଗାଇବା" କଥାଟି ଉପର୍ଯ୍ୟୁପରି କହିବା ବା ଘୋଷିହେବା ଅର୍ଥରେ ବ୍ୟବହୃତ ହୁଏ ବୋଲି ଦର୍ଶାଇଛନ୍ତି । ତାଙ୍କ ମତରେ ମାଲଶ୍ରୀ ସଂସ୍କୃତ 'ମାଲବଶ୍ରୀ' । ପୁଣି ଏହା ରାଗିଣୀ-ବିଶେଷ । ଶ୍ରୀରାଗର ପତ୍ନୀ । ଏହାର ଗାଇବା ସମୟ ଦିବା ଚତୁର୍ଥ ପ୍ରହର ।"**
କିନ୍ତୁ ଓଷା ବ୍ରତ ମାନଙ୍କରେ ମାଲଶ୍ରୀ ଗାଉଥିବା ନାରୀ ବା କନ୍ୟା

---

** ଓଡ଼ିଆ କାବ୍ୟ ଧାରା - ଶ୍ରୀ ନୀଳମଣି ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ପୃ ୧୨

** ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ପୃ ୬୫୧୮

ମାନେ ସାଧାରଣତଃ ସଂଗୀତ ଶାସ୍ତ୍ର ପ୍ରବୀଣା ନୁହଁନ୍ତି । ସେମାନେ ଭାବକୁ ସ୍ୱତଃସ୍ଫୁର୍ତ୍ତ ଛନ୍ଦରେ ପ୍ରକାଶ କରିବାରେ ଅଭ୍ୟସ୍ତ । ଟିକିରାଳିରୁ ପ୍ରାପ୍ତ ସର୍ବ ମଙ୍ଗଳା ମାଳଶ୍ରୀରେ ସର୍ବ ମଙ୍ଗଳାଙ୍କୁ ଅହ୍ୱାନ କରା ଯାଇଛି —

ଗୋ' ମା ସର୍ବ ମଙ୍ଗଳା ସର୍ବ ଘଟେ ଥାଉ ।
ମଙ୍ଗଳବାରେ ପୂଜା ବଧି ପାଉ ॥
ଦୁର୍ବାକ୍ଷତ ତୋର ଶିରେ ଦେଇ ।
ସ୍ତୁତି କରି ତୋ ପାଦେ ପଡ଼ି ଶୋଇ ॥
ଦୁର୍ଗତି ତାରିଣୀ ଅଟୁ ମଙ୍ଗଳା
ମନାସିବା କାର୍ଯ୍ୟକରୁ । ଗୋ ! ମାଆ
ଅଭୟ ବର ଦେଇ ଦୁଃଖ ହରୁ ।

— ରଘୁ

ପୁରୀଜିଲ୍ଲା ମାର୍କଣ୍ଡପଡ଼ାରୁ ପ୍ରାପ୍ତ ଖୁଦୁରୁକୁଣୀ ମାଳଶ୍ରୀରେ ଅଛି —

ମା ଗୋ ଗ୍ରାମରୁ ଆସିବେ ଗ୍ରାମ ଦେବତୀ
ଦେଉଳୁ ଆସିବେ ଶ୍ରୀ ସରସ୍ୱତୀ ।
ବଟମୂଳୁ ଆସ ବାଟ ମଙ୍ଗଳା
ପୁଣି ସିଦ୍ଧିବନୁ ଆସ ସିଦ୍ଧ ଶାରଳା ।
ଆସ ଗୋ ! ବାସେଳୀ ଦେବୀ ସୁକୁମାରୀ
ଦୋହଲ ଦୋହଲ ଦୋଳରେ ବସ
ପୁଣି ଆଶ୍ୱିନ ମାସେ ଘେନ ସଜ କଳସ ।
ମା ଗୋ ! ଜୟପୁରୁ ଆସ ଶ୍ରୀମହାମାୟୀ
ବାଙ୍କିଗଡ଼ୁ ଆସ ଶ୍ରୀ ଚର୍ଚ୍ଚିକାୟୀ ।

କାକଟପୁରୁ ଆସ ମଙ୍ଗଳା
ଗୋ ! ପୁଣି ସବୁ ଦେବୀମାନେ ହୋଇଲେ ମେଳା ।
ବାଣପୁରୁ ଆସ ଶ୍ରୀ ଭଗବତୀ
ବଣରୁ ଆସ ଗୋ ବଣ ଦେବତୀ ।
ଏତେ ଦେବୀମାନେ ଆସ ଗୋ
ପୁଣି ଦୋଳିରେ ଖଟ ବହନ ।

— ବଳରାମ ଦାସ

କଟକ ଜିଲ୍ଲା ସାତପୁରରେ ପ୍ରଚଳିତ ଖୁଦୁରୁକୁଣୀ ମାଳଶ୍ରୀ ଏହାଠାରୁ ସାମାନ୍ୟ ଭିନ୍ନ ।

ଆସ ଗୋ ବାସେଳୀ କୋଠିକୁ ଆସ
ହିନ୍ଦୁଳା ଦେଉଳ ଦୋଳାରେ ବସ ।
ସୁବର୍ଣ୍ଣ ଚନ୍ଦନ ଦେନି ଅଙ୍ଗରେ
ପୁଷ୍ପମାଳ ଥିବ ବହୁ ପ୍ରକାରେ ।
ଚମ୍ପାବନରୁ ଆସ ଚମ୍ପାଦେଈ ।
ବେଲ ବନରୁ ଆସ ବନକାଳୀ ।
ଅରଖ ବନରୁ ଆସ ଭଗବତୀ
ବନସ୍ତରୁ ଆସ ବନ ଦେବତୀ ।
କାକଟ ପୁରରୁ ଆସ ମଙ୍ଗଳା
ସ୍ୱର୍ଗତେଜ ବିଜେକର କମଳା ।
ବାଙ୍କିରୁ ଆସ ବାଙ୍କି ଚର୍ଚ୍ଚିକା
ବିଜେକର ମାଗୋ ! ଦେବୀ ବରଜାଙ୍କି ।

( ଶଶୀବାଳା କାନୁନ୍‌ଗୋଙ୍କ ଠାରୁ ସଂଗୃହୀତ )

ନାଳ-ବିପୁଟାରେ ଜନୈକ 'ଦାସ'ଙ୍କ ଦ୍ୱାରା ରଚିତ ଶ୍ରୀ ଖୁଦୁରୁକୁଣୀ ମାଳଶ୍ରୀରେ ଏକାଭାବ କଟରେ ପ୍ରକାଶିତ ହୋଇଛି ଦେଖାଯାଉ —

ମାଗୋ ଆସ ଗୋସାମଣି ଦାରିଦ୍ର୍ୟ ଭଞ୍ଜନୀ ହାଡୋଳା
ଚଢି ବହନ

ମାଗୋ ଦେନ ଆରତି କର୍ପୂର ଚନ୍ଦନ । ପଦ ।
ମାଗୋ ଚନ୍ଦ୍ରଭଗାରୁ ଆସ ରାମଚଣ୍ଡୀ
ପୁଣି ବାଲିରୁ ଆସ ବାଲି ହରଚଣ୍ଡୀ ।।
କାକଟ ପୁରରୁ ଆସ ମଙ୍ଗଳା
ଆସ ଆସ ମାଗୋ ଦେବୀ ହିଙ୍ଗୁଳା । ୧ ।
ମାଗୋ କଟକରୁ ଆସ କଟକଚଣ୍ଡୀ
ବେଗେ ଆସ ମାଗୋ କୁଟାମ ଚଣ୍ଡୀ ।।
ଯାଜପୁରରୁ ଆସ ବିରଜାଇ ।
ପୁଣି ବାଙ୍କିରୁ ଆସ ବାଙ୍କି ଚର୍ଚ୍ଚିକାଇ ।।
ମାଗୋ ଶ୍ରୀ ନୀଳଗିରିରୁ ଆସ ବିମଳା ।
ଝଙ୍କଡ଼ରୁ ଆସ ସିଂହ ଶାରଳା ।।
ଖିଜି ଖଣ୍ଡରୁ ଆସ ବରୁଣାଇ ।
ଆସ ଆସ ମାଗୋ ସିଦ୍ଧ ଜାଗୁଳାଇ ।

× × ×

ମାଗୋ ଖୁଦୁରୁକୁଣୀ ବାଳିକାଙ୍କ ଓଷା ।
ଏଥିକି ମାଗୋ ନ କରିବ ରୋଷା ।।
ବିଜୟ କର ଶୁଭଲଗ୍ନ ଦେନ ।
ପୁଣି ଦାସକୁ ରଖିବେ ସିଂହ ବାହିନୀ ।।

ଏହି ଉଦ୍‌ବୋଧନୀ ଗୀତ ମାନଙ୍କରେ ଦେବୀମାନଙ୍କୁ ଅନ୍ତରର ଆବେଗ ନେଇ ଆବାହନ କରାଯାଏ । ଏଥିରେ ଓଝେଇଉତର ନିଷ୍ଠା ଆବେଗ ଓ ଭାବଶ୍ରଦ୍ଧା ମିଶି ଏକ ଅପୂର୍ବ ପରିବେଶ ସୃଷ୍ଟି କରେ ! ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରୁ ସଂଗୃହୀତ ନେତ ଓଷା ମାଳଶ୍ରୀରେ —

ଏ ବର୍ଷ ମାସେ କି ମୋ ବର୍ଷ ମାସ ।
ଅଶ୍ୱିନ ମାସରେ ନେନତ ଉପାସ ।।
ଆସ ଆସ ପାରବତୀ ଦେଉଳୁ ଓହ୍ଲାଇ ।
ସୁବର୍ଣ୍ଣ କଳସୀ ଗୋଟା ଥାପିଛୁ ଏଠାଇଁ ।।
ସୁବର୍ଣ୍ଣର କଳସ ଗଣ୍ଡା ନୁହେଁ ଭରଜନ ।
କର୍ଣ୍ଣି ଆଳ କାକୁଡ଼ିରେ ପଶିଲି ଶରଣ ।।
ଆସ ଆସ ପାରବତୀ ଦେଉଳ ଓହ୍ଲାଇ ।
ସୁବର୍ଣ୍ଣର ପାଟଫୁଲ ରଖିଛୁ ଏଠାଇଁ ।।
ସୁବର୍ଣ୍ଣର ଚଂପାଫୁଲ ନୁହେଁ ଭରଜନ ।
କର୍ଣ୍ଣିଆଳ କାକୁଡ଼ିରେ ପଶିଲି ଶରଣ ।।

ବ୍ରାହ୍ମଣ ବିଭିନ୍ନ ଦେବତାଙ୍କୁ 'ଅନାଗଛ' କହି ପୂଜାସ୍ଥାନକୁ ଆବାହନ କଲାପରେ ଏବଂ ପୂଜା ଶେଷରେ ଆବାହନ କରିଥିବା ଦେବଦେବୀଙ୍କୁ "ସ୍ୱସ୍ଥାନଂଗଚ୍ଛ" ମନ୍ତ୍ରରେ ବିଦାୟ କଲାଭଳି ମାଳଶ୍ରୀମାନଙ୍କରେ ଓଷା ବ୍ରତର ଦେବୀମାନଙ୍କୁ ଆବାହନ କରାଯାଇ ଥାଏ ଓ ବିଦାୟ ପ୍ରଣତି ନିବେଦନ କରାଯାଇଥାଏ । ପୂର୍ବ ଅଧ୍ୟାୟରେ ବିଭିନ୍ନ ଓଷାବ୍ରତର ଆଲୋଚନା ପ୍ରସଙ୍ଗରେ ଏବଂ ପ୍ରଥମ ଅଧ୍ୟାୟରେ ଓଷାବ୍ରତ ସମ୍ପର୍କରେ ସୂଚନା ଦେବାବେଳେ କୁହାଯାଇଛି ଯେ ଏହି ଧରଣର ଧର୍ମକୃତ୍ୟମାନଙ୍କରେ ବ୍ରାହ୍ମଣ ପୌରୋହିତ୍ୟକୁ ଅପେକ୍ଷା କରାଯାଏ ନାହିଁ ବରଂ ଉପେକ୍ଷା କରାଯାଏ । ଉପରୋକ୍ତ ମାଳଶ୍ରୀରେ ଦେବୀମାନଙ୍କୁ ସେମାନଙ୍କ

ମନ୍ଦିରମାନଙ୍କରୁ ଓ ପୀଠମାନଙ୍କରୁ ଓଷେଇତିମାନଙ୍କ ପୂଜା-କୋଠିକୁ ଆହ୍ୱାନ କରିଯାଉଛି । ଏମାନେ କୌଣସି ମନ୍ଦିରକୁ ଯାଉନାହାନ୍ତି କୌଣସି ପୂଜକକୁ ମାଧ୍ୟମ କରି ପୂଜା ନିବେଦନ କରିବା ଲାଗି । ଏଠାରେ ମନ୍ଦିରରେ ବିଗ୍ରହ ସ୍ଥାପନ କରି ବ୍ରାହ୍ମଣ ପୁରୋହିତ ନିଯୁକ୍ତ କରି ଯଥୋଚିତ ବିଧିବିଧାନରେ ଦେବ-ଦେବୀଙ୍କୁ ପୂଜା କରିବାର ବିରୁଦ୍ଧରେ ଓଷେଇତିମାନଙ୍କର ଅସହଯୋଗ ଓ ବିଦ୍ରୋହ ଭାବନା ସୂଚିତ ।

ମାଳଶ୍ରୀ ଅନେକ ସମୟରେ ନାରୀ ଓ କୁମାରୀମାନଙ୍କର ଅନ୍ତରରୁ ଉଚ୍ଛୁଳି ଆସିଥାଏ । ସ୍ମୃତିରୁ ସ୍ମୃତିକୁ ଗତିକରି ଲୋକମାନସରେ ବିହାର କରେ । କିନ୍ତୁ ବର୍ତ୍ତମାନ ମିଳୁଥିବା ଅଧିକାଂଶ ମାଳଶ୍ରୀ ରଘୁନାଥ, ବଳରାମ, ଘାନକୃଷ୍ଣ, କବିସୂର୍ଯ୍ୟ, ବନ୍ଧକୃଷ୍ଣ, ଗୋବିନ୍ଦ, ଦାମ, ବୈରାଗୀ, ବଜ୍ରଧର, ନରେନ୍ଦ୍ର, ନାରାୟଣ ମର୍ଦ୍ଦରାଜ, ଦ୍ୱିଜ ନାରାୟଣ ଦାସ ପ୍ରଭୃତି ଲେଖକଙ୍କ ଦ୍ୱାରା ରଚିତ । ଏଗୁଡ଼ିକ ଶାକ୍ତ ସଙ୍ଗୀତ ପର୍ଯ୍ୟାୟର ବୋଲି ସଙ୍ଗୀତ ଅଧ୍ୟାପକ ଗୋପାଳଚନ୍ଦ୍ର ପଣ୍ଡା ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ—"ସାରଳାଙ୍କ ଅମଳରୁ ଶାକ୍ତ ସଙ୍ଗୀତ ଓଡ଼ିଶାରେ ଲୋକପ୍ରିୟ ହୋଇ ଆସିଛି । ଚଣ୍ଡୀ ପୁରାଣ, ମହାଭାରତ, ବିଲଙ୍କା ରାମାୟଣ ପ୍ରଭୃତିରେ ସାରଳା ଦାସ ଦାଣ୍ଡୀ ବୃତ୍ତରେ ଦେବୀଙ୍କୁ ସ୍ତୁତି କରିଛନ୍ତି । କିନ୍ତୁ ସେଗୁଡ଼ିକର ସାହିତ୍ୟିକ ମୂଲ୍ୟ ତୁଳନାରେ ସାଙ୍ଗୀତିକ ମୂଲ୍ୟ ସେପରି କିଛି ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସାରଳା ଦାସ ସ୍ୱତନ୍ତ୍ର ଭାବରେ କେତୋଟି ଦେବୀ ଭଜନ ରଚନା କରିଛନ୍ତି । ତାଙ୍କ ଭଜନଗୁଡ଼ିକ ମାଳଶ୍ରୀ ନାମରେ ନାମିତ । ସାରଳା ଦାସଙ୍କ ପରେ ଓଡ଼ିଆ ସାହିତ୍ୟରେ ମାଳଶ୍ରୀ ଏକ ସ୍ୱତନ୍ତ୍ର ବିଭାଗ ରୂପେ ପ୍ରଖ୍ୟାତି ଲାଭ କରିଛି ।" *

---

* ଓଡ଼ିଶାର ଶାକ୍ତ ସଂସ୍କୃତି - ( ଓଡ଼ିଶା କଲଚରଲ ଫୋରମ୍ ସଂପାଦିତ ) ପୃ - ୧୪୨

ଅଧ୍ୟାପକ ଡକ୍ଟର ଜାନକୀବଲ୍ଲଭ ମହାନ୍ତି ମାଳଶ୍ରୀକୁ ଓଡ଼ିଆ ଭକ୍ତି ଗୀତିକାର ଏକ ସ୍ୱଭାଗ ଭାବରେ ଗ୍ରହଣ କରିଛନ୍ତି । ମାଳଶ୍ରୀ ଗୀତର ସ୍ୱରତାଳ ଏବଂ ଗାନ ପଦ୍ଧତି ଅନ୍ୟାନ୍ୟ ଓଡ଼ିଆ ଗୀତଠାରୁ ସ୍ୱତନ୍ତ୍ର ବୋଲି ସେ ଲକ୍ଷ୍ୟ କରିଛନ୍ତି । ସେଥିପାଇଁ ମାଳଶ୍ରୀ ଗୀତଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ରାଗରେ ଲିଖିତ ହୋଇଥିବାରୁ କାଳକ୍ରମେ ସେହି ବୃତ୍ତଟି ମାଳଶ୍ରୀ ରାଗ ନାମରେ ପରିଚିତ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସେ ମଧ୍ୟ ଖୁରୁଦୁରୁକୁଣୀ ମାଳଶ୍ରୀ ପ୍ରଭୃତି କେତେକ ମାଳଶ୍ରୀ ସଂଗ୍ରହ କରିଛନ୍ତି ବୋଲି ତାଙ୍କର ଗବେଷଣା ସନ୍ଦର୍ଭରେ ଜଣାଇଛନ୍ତି । * ୧୯୫୩ରେ ରାଧାରମଣ ପୁସ୍ତକାଳୟରୁ ପ୍ରକାଶିତ 'ମାଳଶ୍ରୀ ମାଳିକା'ରେ ଆଠଟି ମାଳଶ୍ରୀ ସଂଗୃହୀତ ହୋଇଛି । ଏହା ପୂର୍ବରୁ ୧୯୧୦ ମସିହାରେ ପୁରୀ ଜଗନ୍ନାଥ ପ୍ରେସରୁ ମାଳଶ୍ରୀ ମାଳିକା ନାମରେ ଏକ ପୁସ୍ତକ ପ୍ରକାଶିତ ହୋଇଥିଲା ଏବଂ ସେଥିରେ ଅଜ୍ଞାତ ଓ ସୁପରିଚିତ କବିଙ୍କର ନଅଟି ମାଳଶ୍ରୀ ସନ୍ନିବେଶିତ ହୋଇଥିଲା ବୋଲି ଜଣାଯାଏ । ମୁଁ ସେହି ପୁସ୍ତକଟି ଦେଖିନାହିଁ ।

ବୃତ୍ତ ଭାବରେ ମାଳଶ୍ରୀର ଗଠନ ସମ୍ପର୍କରେ ଶ୍ରୀ ବଳଭଦ୍ର ବହିଦାର ତାଙ୍କର ଯତିପାତ (୧୯୩୭) ** ପୁସ୍ତକରେ ଆଲୋଚନା କରିଥିଲେ । ସେ ବିଦଗ୍ଧ ଚିନ୍ତାମଣିର ୭୩ ଛାନ୍ଦରୁ ଗୋଟିଏ ପଦ ଏବଂ ସମ୍ବଲପୁର ପାଟଣା ସୋନପୁର ଅଞ୍ଚଳରେ ପ୍ରଚଳିତ ଅନ୍ୟ ଏକ ପ୍ରକାର ମାଳଶ୍ରୀ ବୃତ୍ତରେ ରଚିତ, ସ୍ୱକୃତ ଗୋଟିଏ ପଦ ଉଦାହରଣ ଭାବରେ ଦେଇ ଏହି ବୃତ୍ତ ବିଷୟରେ ଆଲୋଚନା କରି ଅଛନ୍ତି ।

---

* ଓଡ଼ିଆ-ଗୀତିକାବ୍ୟ---ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) ଗ୍ରନ୍ଥ ମନ୍ଦିର । ପ୍ରଥମ ମୁଦ୍ରଣ ୧୯୬୭ ପୃ—୧୨୦-୨୧ ଦ୍ରଷ୍ଟବ୍ୟ ।

** ଯତିପାତ---ଶ୍ରୀ ବଳଭଦ୍ର ବହିଦାର ( ପ୍ରଣେତା ଓ ପ୍ରକାଶକ ) ୧୯୩୭ ପୃ ୯୩-୯୪ ।

ମାଳଶ୍ରୀ ବୃତ୍ତରେ ଛଅ ପାଦରେ ଏକପଦ ହୁଏ । ପ୍ରଥମ ଚାରି ପାଦରେଏଗାରଟି ଲେଖାଏଁ, ପଞ୍ଚମ ପାଦରେ କୋଡ଼ିଏଟି ଏବଂ ଷଷ୍ଠ ପାଦରେ ତେରଟି ଅକ୍ଷର ରହେ । ଏହି ପ୍ରକାର ମାଳଶ୍ରୀ ବୃତ୍ତରେ ପ୍ରଥମ ଚାରିପାଦର ଷଷ୍ଠ. ନବମ ଏବଂ ଶେଷ ଅକ୍ଷରରେ. ପଞ୍ଚମ ପାଦର ଷଷ୍ଠ, ଦ୍ୱାଦଶ ଏବଂ ଶେଷ ଅକ୍ଷରରେ, ଷଷ୍ଠ ପାଦର ଅଷ୍ଟମ ଏକାଦଶ ଓ ଶେଷ ଅକ୍ଷରରେ ଯତି ପଡ଼େ । ଉପରେ ଉଦ୍ଧାର କରାଯାଇ ଥିବା ମାଳଶ୍ରୀଗୁଡ଼ିକ ଏହି ଏକ ବୃତ୍ତରେ ରଚିତ ନୁହେଁ । ଏହା ଛଡ଼ା ଶ୍ରୀ ବହିଦାର ସମ୍ବଲପୁର ପାଟଣା ଓ ସୋନପୁର ଅଞ୍ଚଳର ଯେଉଁ ମାଳଶ୍ରୀ ବୃତ୍ତର ଉଦାହରଣ ଦେଇଛନ୍ତି, ସେଥିରେ ଦଶପାଦରେ ଗୋଟିଏ ପଦ ହୁଏ । ପ୍ରଥମ ପାଦରେ କୋଡ଼ିଏଟି, ଦ୍ୱିତୀୟ ଓ ଦଶମ ପାଦରେ ତେରେଟି ଲେଖାଏଁ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ପାଦରେ ଏଗାରଟି ଲେଖାଏଁ ଏବଂ ଅବଶିଷ୍ଟ ତିନପାଦରେ ଅଠର ଗୋଟି ଲେଖାଏଁ ଅକ୍ଷର ଥାଏ । ଦ୍ୱିତୀୟ ପାଦ ପରେ ପ୍ରଥମ ପାଦର ପ୍ରଥମ ଚାରିଗୋଟି ଅକ୍ଷର ଓ ଦଶମ ପାଦ ପରେ ପ୍ରଥମ ଦୁଇ ପାଦ ଏବଂ ପୁଣି ପ୍ରଥମ ପାଦର ପ୍ରଥମ ଚାରି ଗୋଟି ଅକ୍ଷରର ପୁନରାବୃତ୍ତି କରା-ଯାଏ । ଏହି ବୃତ୍ତ ମଧ୍ୟ ମୋ ଦୃଷ୍ଟିରେ ପଡ଼ିଥିବା ଅଳ୍ପ କେତେକ ମାଳଶ୍ରୀ ପ୍ରତି ପ୍ରଯୁଜ୍ୟ । ସୁତରାଂ ଲୋକ ସଙ୍ଗୀତ ଉପରେ ଗବେଷଣା କରୁଥିବା ବିଦ୍ୱାନମାନେ ମାଳଶ୍ରୀଗୁଡ଼ିକ ସଂଗ୍ରହ କରି ତା'ର ବୃତ୍ତ ଉପରେ ଆଲୋଚନା କରିବା ଏବଂ ଏହାର ସ୍ୱର, ତାଳ, ଗାନ ପଦ୍ଧତି ସମ୍ପର୍କରେ ଅନୁଶୀଳନ କରିବା ଆବଶ୍ୟକ ।

ମାଳଶ୍ରୀ ବ୍ୟତୀତ ବୋଲି ଏବଂ ଓଷା-ମନସା ମଧ୍ୟ ବ୍ରତ ସାହିତ୍ୟର ଅନ୍ତର୍ଭୁକ୍ତ । ଝିଅମାନେ ବିଭିନ୍ନ ଫଳଫୁଲ ସଂଗ୍ରହ କରି ଚୁଙ୍ଗୁଡ଼ାରେ ରଖନ୍ତି । ସ୍ନାନ ପରେ ପ୍ରତି ଫୁଲ ଓ ଫଳ ଉପରେ ହାତ ରଖି ଗୀତରେ ମନକାମନା ପ୍ରକାଶ କରନ୍ତି । ଏହାକୁ ଓଷା ମନସା କୁହାଯାଏ । ଏହି ପଦଗୁଡ଼ିକ ଶ୍ରେଷ୍ଠ ଏବଂ କବିତ୍ୱ ବିହୀନ ।

ଘିନେ ଗଉର ଗଉଣ ମୁର୍ତ୍ତି
ମୋତେ କରଥିବ ସିନ୍ଦୂର ମୂର୍ତ୍ତି ।
ଘିନେ ବେଲ ପତର
ମୋତେ କରଥିବ ତୁମ ଚତୁର ।

ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ର ଏହାର ଟୀକା କରିଛନ୍ତି –

"ହେ ଗଉର (ହେ ଗୌରୀ) ମୁଁ ତମ୍ଭର ମୂର୍ତ୍ତି ଘେନୁଛି ।
ତୁମେ ମୋତେ ଚିରକାଳ ସିନ୍ଦୂର ମୂର୍ତ୍ତି ସଧବା) କରଥିବ ।

ହେ ବେଲ ପତ୍ର, ତୁମକୁ ଘେନୁଛି । ମୋତେ ତୁମପରି ଚତୁରୀ କରଥିବ । ଅର୍ଥାତ୍ ତୁମେ ଯେପରି ଶିବଙ୍କ ମସ୍ତକରେ ନିରନ୍ତର ଶୋଭା ପାଉଛ, ମୁଁ ସେହିପରି ମୋ ସ୍ୱାମୀଙ୍କ ମସ୍ତକରେ ଶୋଭା ପାଇବି, ଅର୍ଥାତ୍ ସ୍ୱାମୀଙ୍କ ମୋର ଅଧିକାର ମଧ୍ୟରେ ଲାଭ କରିବି ।" ସେ ଏହି ସ୍ପର୍ଶ-ବିଧି ବୈଦିକ ଯୁଗରୁ ପ୍ରଚଳିତ ଥିବାର ଦର୍ଶାଇ ନିମ୍ନୋକ୍ତ ଶ୍ଳୋକଟି ଉଦ୍ଧାର କରିଛନ୍ତି –

"ବଦରୀ କଣ୍ଟକ କାଚ ତବ ଶତ୍ରୁ ଛିଦ୍ୟଂ କର
ବଦରି ବଧ୍ୟତେ ନିତ୍ୟଂ ଆୟୁଃ ପ୍ରଜ୍ଞା ଯଶୋବଲଂ ।"

ଶ୍ରୀଯୁକ୍ତ ମହାପାତ୍ରଙ୍କ ମତରେ—"ମଙ୍ଗଳ ଲାଭ ଉଦ୍ଦେଶ୍ୟରେ ଦୂବ, ବରକୋଳିପତ୍ର, ଚନ୍ଦନ, ସିନ୍ଦୂର, ନାରିକେଳ ଆଦି ସ୍ପର୍ଶ କରିବାର ବିଧି ବୈଦିକ କର୍ମକାଣ୍ଡରେ ପ୍ରଚଳିତ ଅଛି । × × × ଏଥିର ତାତ୍ପର୍ଯ୍ୟ କ'ଣ ଏବେ ମଧ୍ୟ ଜଣାନାହିଁ । ତେଣୁ ଏହି ପଦାର୍ଥ ସ୍ପର୍ଶ ହେତୁ ଶୁଭ ଆଶା କରିବା କିଶୋରୀମାନଙ୍କର ଓଷା ମନସା ଏକ ଆନନ୍ଦପ୍ରଦ ଶୁଭାନୁଷ୍ଠାନ । ଏହା ସାବିତ୍ରୀବ୍ରତ, ବାଲିତୃତୀୟା ବ୍ରତ ଏବଂ ଦୁର୍ଗାବ୍ରତ ଏହି ତିନିଦିନ ଅର୍ଥାତ୍ ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ, ଭାଦ୍ର ଶୁକ୍ଳ ତୃତୀୟା ଏବଂ ଆଶ୍ୱିନ କୃଷ୍ଣଅଷ୍ଟମୀ ତିଥିରେ ପ୍ରାତଃକାଳରେ କରାଯାଇଥାଏ । ଯେଉଁ କନ୍ୟାମାନେ ଯୁବତୀ ନ ହେଉଣୁ ବିବାହ

ହୋଇଥାନ୍ତି; କେହି ଅବା ବିବାହ ପରେ ସ୍ୱାମୀ ଗୃହକୁ ଯାଇ ନ ଥାନ୍ତି. ସେମାନେ ଏହି 'ଓଷା-ମନସା' ପାଳନ କରିଥାନ୍ତି ।" * ସ୍ୱାମୀଙ୍କୁ ବଶୀଭୂତ କରିବା ଓ ସ୍ୱାମୀ ସୋହାଗିନୀ ହେବାଲାଗି ମାନସିକ କରି ଓଷା ବ୍ରତ କରିବା ଏବଂ ସେଥିରେ ମ୍ୟାଜିକ୍ ବା ଯାଦୁବିଦ୍ୟା ପ୍ରୟୋଗ କରିବାର ଦୃଷ୍ଟାନ୍ତ ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ହେଦୁଆ ହୋଦେଇ କଥାରେ ସ୍ପଷ୍ଟ । ପୂର୍ବ କନ୍ୟାମାନେ ବିବାହର ଅବ୍ୟବହିତ ପୂର୍ବରୁ ସ୍ୱାମୀମାନଙ୍କୁ ବଶୀଭୂତ କରି ରଖିବାର କାମନାରେ କେତେକ ବ୍ରତ ପାଳନ କରୁଥିବାର ଦୃଷ୍ଟାନ୍ତ ବିରଳ ନୁହେଁ । ସେଥିପାଇଁ ଶୀଳାଙ୍କ ହାତରେ ଅନନ୍ତ ବ୍ରତ ଦେଖି କୌଣ୍ଡିନ୍ୟଙ୍କର ସନ୍ଦେହ ହୋଇଥିଲା ଏବଂ ସେ ତାହା ଛିଣ୍ଡାଇ ଦେଇଥିଲେ ।

କଦାଚିଦୁପବିଷ୍ଟାୟା ଦୃଷ୍ଟ୍ୱା ବଦ୍ଧଂ ସୁଡ଼ୋରକଂ
ଶୀଳାୟା ହସ୍ତ ମୂଳାନ୍ତେ ଭର୍ତ୍ତା ପ୍ରୋବାଚ କଂତବ
ଶୀଳାପ୍ୟାକ୍ତ ମନନ୍ତସ୍ୟ ବ୍ରତସୂତ୍ର ମିଦଂ ପ୍ରଭୋ ।

× × ×

ତସ୍ୟାସ୍ତଦ୍ ବଚନଂ ଶ୍ରୁତ୍ୱା ସାକ୍ଷେପଂ କ୍ରୋଧିତଂରୁଷା ।

ବିବାହ କାଳରେ ଆଚରିତ କେତେକ କ୍ରିୟାରେ ମଧ୍ୟ ସ୍ୱାମୀକୁ ବଶୀଭୂତ କରିବାର ଲୋକ ତାନ୍ତ୍ରିକ ପ୍ରୟାସ ଲକ୍ଷ୍ୟ କରାଯାଏ । ତେଣୁ 'ସ୍ୱାମୀଙ୍କୁ ମୋର ଅଧିକାର ମଧ୍ୟରେ ଲଭ କରିବି' ବୋଲି ନାରୀର ଓଷା ମନାସି କରିବା ସମ୍ପର୍କରେ ଶ୍ରୀଯୁକ୍ତ ମହାପାତ୍ର ଯାହା ଅନୁମାନ କରିଛନ୍ତି, ତାହା ଯଥାର୍ଥ । ସେଥିପାଇଁ ହୁଏତ ପରବର୍ତ୍ତୀ ସମୟରେ ବିବାହିତା ସ୍ତ୍ରୀ ସ୍ୱାମୀଙ୍କର ଅନୁମତି ନେଇ ବ୍ରତ କରିବା ବିଧେୟ

---

* ଓଷା-ମନସା ବିଷୟରେ ଏଠାରେ ଯାହା କୁହାଯାଇଛି, ତାହା ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ରଙ୍କ ଓଡ଼ିଆ ଗ୍ରାମ୍ୟ ଗୀତ ଓ ଉତ୍କଳର ଗାଉଁଲି ଗୀତରୁ ଗୃହୀତ ।

ବୋଲି କୁହାଯାଇଛି । 'କାମଂ ଭର୍ତ୍ତୁରନୁଜ୍ଞାତା ବ୍ରତାଦି ଷ୍ୱାଧିକାରିଣୀ', ଅର୍ଥାତ୍ ସ୍ତ୍ରୀ ପତିଠାରୁ ଅନୁଜ୍ଞା ପାଇ ଯେକୌଣସି ବ୍ରତ କରିପାରେ କିନ୍ତୁ କନ୍ୟାମାନେ ବାପଭାଇଙ୍କର ମଙ୍ଗଳ କାମନା କରି ଯେଉଁ ଓଷା ମନାସି କରନ୍ତି, ସେଥିରେ ଯାଦୁ ବା ଐନ୍ଦ୍ରଜାଳିକ କ୍ରିୟା ଅପେକ୍ଷା କନ୍ୟାର ସରଳତା ଅଧିକ ବ୍ୟଞ୍ଜିତ ହୁଏ । ବହୁ ପର୍ବ ଗୀତରେ ମଧ୍ୟ ଭାଇର କଲ୍ୟାଣ କାମନାରେ ଭଉଣୀ ଉଦ୍‌ବେଳିତା ହୋଇଥିବାର ଦେଖାଯାଏ । ଖୁଦୁରୁକୁଣୀ ଓଷାରେ ଖୁଦକୁଣ୍ଡା ଲେଉଟାଇଲା ବେଳେ ଝିଅମାନେ ମନାସନ୍ତି—

ଖୁଦୁକୁଣ୍ଡା ଲେଉଟାଇ
ଯାହା ମନାସି ତା ପାଇ
ଭଲେ ରହନ୍ତୁ ମୋ ବାପ ଭାଇ । *

ଏହି ସମସ୍ତ ମନସାର ନୃତାତ୍ତ୍ୱିକ ଅଧ୍ୟୟନ କରାଯାଇ ପାରେ । କାରଣ ଏଗୁଡ଼ିକର ସାହିତ୍ୟିକ ମୂଲ୍ୟ ନାହିଁ । କିନ୍ତୁ ନୃତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ଳେଷଣ କଲେ କିଛି ତଥ୍ୟ ମିଳିପାରେ ।

ଗଣେଶପୂଜା, ସରସ୍ୱତୀ ପୂଜା ବ୍ରତ ଏବଂ ପର୍ବ ଭାବରେ ପାଳନ କରାଯାଇ ଥାଏ । ଏ ଦୁଇଟିର ବ୍ରତକଥା ମଧ୍ୟ ସଂସ୍କୃତ ଭାଷାରେ ଲେଖାଯାଇଛି । କିନ୍ତୁ ଓଡ଼ିଶାରେ ଏହା ଛାତ୍ର ଛାତ୍ରୀଙ୍କର ପର୍ବ । ଚାଟଶାଳୀ ଯୁଗରେ ଏହା 'ଓଖା ଚାଟଙ୍କର ଉତ୍ସବ ଲୀଳା' ଭାବରେ ପ୍ରଚଳିତ ଥିଲା । ଏବେ ସ୍କୁଲ କଲେଜ ଯୁଗରେ ତାର ନବକଳେବର ହୋଇଛି । ପୂର୍ବେ ଏହି ସମୟରେ 'ମାଗଣ', 'ଚାଟ ବୋଲି' ଗଣେଶ ଓ ସରସ୍ୱତୀଙ୍କର ସ୍ତୁତିଗାନ ବୋଲା ଯାଉଥିଲା । ଏହା ଉତ୍ସବ ହୋଇଥିବାରୁ ପର୍ବ ସାହିତ୍ୟର ଅନ୍ତର୍ଭୁକ୍ତ । ରଥ, ଦୋଳ, କୁମାର ପୂର୍ଣ୍ଣିମା ପ୍ରଭୃତି ପର୍ବରେ ପ୍ରଚଳିତ ଗୀତ ସହିତ ଏଗୁଡ଼ିକର ବର୍ଣ୍ଣର

* ପୁରୀଜିଲ୍ଲା ଗ୍ରାମଡ଼ିହର ଶ୍ରୀମତୀ କନକମାଳୀ ଦେଈଙ୍କ ଠାରୁ ସଂଗୃହୀତ

କହିଯାଇ ପାରେ । ଏଠାରେ ‘ଖୁଦୁରୁକୁଣୀ-ବାଦ ଗୀତ’ ବିଷୟରେ ଦି’ପଦ କୁହାଯାଇ ପାରେ ।

ବାଦ ଗୀତଗୁଡ଼ିକ ଭାଲୁକୁଣୀ ମେଢ଼ ବିସର୍ଜନ ବେଳେ ବୋଲା ହୁଏ । ବିଭିନ୍ନ ସାହିରେ ଝିଅମାନେ ମାଳଚୂଳ ବା ଭାଲୁକୁଣୀମାନଙ୍କୁ ମେଢ଼ରେ ବସାଇ ପୋଖରୀ ବା ନଈକୁ ବିସର୍ଜନ ପାଇଁ ନେବା-ବେଳେ ଦୋଛକ ବା ଛକଯାଗାମାନଙ୍କରେ ଏକାଠି ହୁଅନ୍ତି । ସେଇଠୁ ବିସର୍ଜନ ସ୍ଥାନ ପର୍ଯ୍ୟନ୍ତ ବାଦ ଗୀତ ବୋଲା ବୋଲି ହୋଇ ଚାଲନ୍ତି । ଏହାକୁ ‘ଭାଲୁକୁଣୀ ଗୀତ’ ବୋଲି ମଧ୍ୟ କୁହାଯାଏ । ଏହି ଗୀତଗୁଡ଼ିକ ମଧ୍ୟରୁ ଅଧିକାଂଶ ଆଦିରସାତ୍ମକ ଓ ବ୍ୟଙ୍ଗାତ୍ମକ । ମାଳଶ୍ରୀ ପରି ଏହା ଆବୃତ୍ତି କରାଯାଏ ନାହିଁ; ବୋଲାଯାଏ । ସିଏ ଯାହା ଦଳର ଠାକୁରାଣୀଙ୍କୁ ବଡ଼କରି ଅପର ଦଳର ଠାକୁରାଣୀଙ୍କୁ ଆକ୍ଷେପ କରନ୍ତି ।

ତୁ ଭାଲୁକୁଣୀ ତୁ ସୁକୁଆ ଖାଇବୁକି ?

× × ×

ଗୁଡ଼ିଆ ଘରର ଚଟୁ ସଙ୍ଗାତେ
ଗୁଡ଼ିଆ ଘରର ଚଟୁ
ଆମ ଭାଲୁକୁଣୀ ଚହଟ ଚକ୍‌କଣ
ତୁମ ଭାଲୁକୁଣୀ ଫାଟୁ

× × ×

ଆମ ଭାଲୁକୁଣୀ ହାତରେ ଗୁଆ
ତୁମ ଭାଲୁକୁଣୀ ଦାଣ୍ଡରେ ଠିଆ ।

× × ×

ଆମ ଭାଲୁକୁଣୀ ହାତରେ ଶଙ୍ଖା
ତୁମ ଭାଲୁକୁଣୀ ମୁହଁଟା ବଙ୍କା ।

(କଟକ ଜିଲ୍ଲା)

ଏହି ଗୀତଗୁଡ଼ିକରୁ ପଲ୍ଲୀବାଳାମାନଙ୍କର ଦେବଦେବୀ ବିଶ୍ୱାସ ବିଷୟରେ ଧାରଣା କରିହୁଏ । ସେମାନଙ୍କ ବିଶ୍ୱାସରେ ଠାକୁରାଣୀ ତାଙ୍କ ପୂଜିତ ମୂର୍ତ୍ତିରେ ଥାଆନ୍ତି । ତେଣୁ ଏଠାରେ ନିଜ ମୂର୍ତ୍ତିକୁ ବନ୍ଦନା କରି ଅପର ପକ୍ଷର ମୂର୍ତ୍ତିକୁ ଭର୍ତ୍ସନା ବା ଆକ୍ଷେପ କରିବାର ଦେଖାଯାଉଛି । ହାତ ଛିଙ୍ଗୁଡ଼ା, ମୁହଁ ମୋଡ଼ା ସହିତ କେତେକ ଦଳର ଝିଅମାନଙ୍କ ଭିତରେ ଏହି ବିବାଦ ଚାଲେ । ନଈ ବା ପୋଖରୀରେ ଭେଳା ବିସର୍ଜନ ପରେ ପାଣି ଭିତରେ ପାଣି ଫୋପଡ଼ା ଫୋପଡ଼ି ହୋଇ ମଧ୍ୟ ବାଦଗୀତ ଚାଲେ । ଏଠାରେ ଲକ୍ଷ୍ୟ କରିବାର କଥା ବାଟରେ ଗୀତ ଗାଇଲା ବେଳେ ଅଶ୍ଳୀଳ (ଏଠାରେ ଉଦାହରଣ ଦିଆଯାଇନାହିଁ) ବା ଶ୍ରୁତିରୋଚକ ନ ହେଲା ଭଳି ପଦ କୁହାଗଲା ବେଳେ ଅପର ପକ୍ଷରୁ ଜୋରରେ ଘଣ୍ଟ ବାଡ଼ିଆ ହୁଏ । ତେଣୁ ଶୁଣାଯାଏ ନାହିଁ ।

ସାହିତ୍ୟ ଗୋଟିଏ କଳା । ତେଣୁ ସାହିତ୍ୟ ରଚନାବେଳେ ଭାଷା କଳାର ମାଧ୍ୟମ ରୂପେ ବ୍ୟବହୃତ ହୁଏ । ଓଷା-ବ୍ରତମାନଙ୍କରେ ଗଦ୍ୟ, ପଦ୍ୟ, ବଚନିକା ବା କ୍ଷୁଦ୍ର ଉକ୍ତି-ପ୍ରତ୍ୟୁକ୍ତିରେ ଓଡ଼ିଆ ଭାଷାର ପ୍ରକାଶ-ସୁଷମା ଲକ୍ଷ୍ୟ କରାଯାଏ । ଦ୍ୱିତୀୟ ଅଧ୍ୟାୟରେ ଓଷାବ୍ରତର ଭାଷା ସମ୍ପର୍କରେ ପାଠକମାନଙ୍କୁ ଧାରଣା ଦେବାଲାଗି ଗଦ୍ୟ ୪୮ ପଦ୍ୟରେ ମିଳିଥିବା ଓଷାବ୍ରତ କଥାମାନଙ୍କରୁ ଯଥା ସମ୍ଭବ ସୁନିର୍ବାଚିତ ଓ ପ୍ରାସଙ୍ଗିକ ଉଦ୍ଧୃତିମାନ ଦିଆଯାଇଛି । ସେହି ଅଧ୍ୟାୟର ଭୂମିକାରେ ତାର ସୂଚନା ମଧ୍ୟ ଦିଆଯାଇଛି । ଏଠାରେ ମାଳଶ୍ରୀ, ମନସା ଓ ଭାଲୁକୁଣୀ ଗୀତ ବା ବାଦଗୀତର ଉଦାହରଣ ଦିଆଗଲା । ଏଥିରୁ ଓଡ଼ିଆ ବ୍ରତସାହିତ୍ୟ ସମ୍ପର୍କରେ ସାମ୍ୟକ୍ ଧାରଣା ହେବବୋଲି ବିଶ୍ୱାସ । ପରବର୍ତ୍ତୀ ଅଧ୍ୟାୟରେ ବ୍ରତ ସାହିତ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଉଛି ।

# ଚତୁର୍ଥ ଅଧ୍ୟାୟ

## ଉପସଂହାର

ରାମାୟଣର କିଷ୍କିନ୍ଧ୍ୟା କାଣ୍ଡରେ ଶ୍ରୀରାମଚନ୍ଦ୍ର ସୁଗ୍ରୀବ ପ୍ରମୁଖଙ୍କୁ ଉପଦେଶ ଦେବାକୁ ଯାଇ କହିଥିଲେ—'ଲୋକବୃତ୍ତ ମନୁଷ୍ଠେୟଂ' ଅର୍ଥାତ୍ ଯାହା ଲୌକିକ ବ୍ୟବହାର ତାହା ତୁମ୍ଭମାନଙ୍କର କରଣୀୟ । ଲୋକବୃତ୍ତ ବା ଲୌକିକ ବ୍ୟବହାର ମନୁଷ୍ୟର ସାମାଜିକ ବନ୍ଧନକୁ ଦୃଢ଼ କରେ । ସାମାଜିକ ମନୁଷ୍ୟ ଏହା ପାଳନ କରିଥାଏ । ଓଷା ବ୍ରତ ମଧ୍ୟ ଲୌକିକ ବ୍ୟବହାର ବା ଲୋକବୃତ୍ତର ଅନ୍ତର୍ଭୁକ୍ତ । ଲୋକେ ବିଶ୍ୱାସ କରନ୍ତି—ଓଷା ବ୍ରତ ନ ପାଳିଲେ ଦେବତାମାନେ ଘରକୁ ଆସି ବାହୁଡ଼ି ଯାଆନ୍ତି । ଓଷା ବ୍ରତର କଥା ଓ ପରମ୍ପରା ମନ ଉପରେ ଯେଉଁ ପ୍ରଭାବ ପକାଇଥାଏ, ତାହା ଏଡ଼ାଇ ଦେବା କଷ୍ଟକର । ତେଣୁ ସମାଜରେ ସେଗୁଡ଼ିକ ଚାଲି ଆସୁଛି । ଏବେ ସୌରପଲ୍ଲୀ, ସୌରନଗରୀ ପ୍ରତିଷ୍ଠିତ ହେଲାଣି । ସୌର ଶକ୍ତିରେ ବ୍ୟୋମଯାନ ପ୍ୟାରିସ୍‌ରୁ ଲଣ୍ଡନ ଯାଏ ଉଡ଼ିଗଲାଣି । ତଥାପି ପୁଷ ରବିବାର, ବିରଞ୍ଚିନାରାୟଣ ବ୍ରତ, ଶାମ୍ବଦଶମୀ ବ୍ରତ ଓଡ଼ିଶାର ଗାଁ ଗଣ୍ଡାରେ ପ୍ରଭାବ ହରାଇ ନାହିଁ । ମନୁଷ୍ୟର ଚନ୍ଦ୍ରବିଜୟ ପରେ ମଧ୍ୟ ଚନ୍ଦ୍ର ଓଷା, କୁମାର ପୂର୍ଣ୍ଣିମା ଗୁରୁତ୍ୱ ହରାଇ ନାହିଁ । କିନ୍ତୁ ଏହା ସ୍ଥିତି ଯେ ସବୁଦିନ ରହିବ ତାହା ନୁହେଁ । କାଳକ୍ରମେ ସମାଜର ଦୃଷ୍ଟିକୋଣ ବଦଳିଯିବ । କିନ୍ତୁ ଓଷାବ୍ରତ କଥାର ଐତିହାସିକ ମୂଲ୍ୟ ଅବଶ୍ୟ ରହିବ । ଜାତିର ସାଂସ୍କୃତିକ ଓ ସାମାଜିକ ଇତିହାସ ଅନୁଧ୍ୟାନ ସମୟରେ ଏଗୁଡ଼ିକର ଗୁରୁତ୍ୱକୁ କଦାପି ଅସ୍ୱୀକାର କରି ହେବ ନାହିଁ ।

ଆଦିମ ଯୁଗରୁ ପୃଥିବୀର ବିଭିନ୍ନ ଅଞ୍ଚଳରେ ଧର୍ମକୃତ୍ୟ ଭାବରେ ଉପବାସ ଉତ୍ସବଗୁଡ଼ିକର ବିକାଶ ଘଟିଛି । ଭାରତୀୟ ହିନ୍ଦୁ ସମାଜରେ କେବଳ ନାରୀ ଏବଂ ନାରୀ ପୁରୁଷ ନିର୍ବିଶେଷରେ ପାଳନ କରାଯାଉଥିବା ଉପବାସକୁ ବ୍ରତ କୁହାଯାଏ । ଭାରତୀୟ ଲୋକ ଜୀବନ ଓ ପୁରାଣରେ ଏହାର ପ୍ରଭାବ ଓ ପ୍ରତିଷ୍ଠା ବିଷୟ ଜଣାଶୁଣା । ଓଡ଼ିଶାରେ ଏହା ଯଥାକ୍ରମେ ଓଷା ଏବଂ ବ୍ରତ ନାମରେ ପରିଚିତ । ଏଥିରେ ପ୍ରାଗୈତିହାସିକ ଯୁଗର ଜୀବିରତାବାଦ, ଗୁହ୍ୟଯାଦୁ ବା ଐନ୍ଦ୍ରଜାଲିକ କ୍ରିୟାର ପ୍ରଭାବ ପ୍ରଚ୍ଛନ୍ନ ଭାବରେ ବିଦ୍ୟମାନ । ପ୍ରଥମ ଅଧ୍ୟାୟ ଓ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ତାହା ଆଲୋଚିତ ହୋଇଛି । ଏଠାରେ ଏବଂ ଏହି ଗ୍ରନ୍ଥର ବିଭିନ୍ନ ପୃଷ୍ଠାରେ ଯେଉଁ ଐନ୍ଦ୍ରଜାଲିକ କ୍ରିୟା ବା ଗୁହ୍ୟ-ଯାଦୁକ୍ରିୟା କଥା କୁହାଯାଇଛି; ତାକୁ ତାର ପ୍ରଚଳିତ ଅର୍ଥରେ ଗ୍ରହଣ କଲେ ଭୁଲ ହେବ । ଏହା ଏକ ପ୍ରକାର ପ୍ରାକୃତ ଧର୍ମାଗ୍ରହ ବା ମନ୍ତ୍ର । * ପ୍ରକୃତିର ଅନିଶ୍ଚିତତାକୁ ଜୟକରିବା ଲାଗି ଆଦିମମାନବ ଏହାର ଉପଯୋଗ କରୁଥିଲା । ଏଥିରେ ଏକ ମହତ୍ତର ଶକ୍ତିକୁ ଆୟତ୍ତ କରି ତାହାରି ଅଭିଷ୍ଟ ସାଧନ କରିବାର ପ୍ରୟାସ ଲକ୍ଷ୍ୟ କରାଯାଏ । ଆଦିମମାନବ ଆପଣାର ଅଥବା ସାମୁହିକ କାମନା ପୂରଣ ଲାଗି ଯେଉଁ ଐନ୍ଦ୍ରଜାଲିକ କ୍ରିୟାନୁଷ୍ଠାନ କରୁଥିଲା, ସେଥିରୁ କାଳକ୍ରମେ ରାଜପଣ ଓ ପୁରୋହିତ-ପ୍ରଥାର ବିକାଶ ଘଟିଥିବାର ଅନୁମାନ କରାଯାଏ । ଭାରତରେ 'ଦେବତାମାନେ ମନ୍ତ୍ରର ଅଧୀନ ଏବଂ ମନ୍ତ୍ର ବ୍ରାହ୍ମଣର ଅଧୀନ' ବୋଲି ପ୍ରଚଳିତ ବିଶ୍ୱାସରୁ ମଧ୍ୟ ଏହା ସୂଚିତ ହୁଏ । ** ସାର୍ ଜେମ୍ସ୍ ଜର୍ଜ ଫ୍ରେଜର ପ୍ରାଗୈତିହାସିକ ଯୁଗରୁ

---

* ସାହିତ୍ୟର ଉତ୍ପତ୍ତି ଓ ଅଭିବ୍ୟକ୍ତି—ସୁରେନ୍ଦ୍ର ମହାନ୍ତି, ନବଭାରତ [ନୂଆପ୍ରସ୍ଥ] ସଂଖ୍ୟା ୧୩୫୭ ପୃ ୩୪୫ ।

** ଦେବାଧୀନଂ ଜଗତ୍ ସର୍ବଂ ମନ୍ତ୍ରାଧୀନଂ ଚ ଦେବତା
ତାନ୍ ମନ୍ତ୍ରଂ ବ୍ରାହ୍ମଣାଧୀନମ୍ ବ୍ରାହ୍ମଣା ମାମଦେବତା ।

Abbe' J. A. Dubouଙ୍କ Hindu Manners customs and ceremonies ପୃ ୧୩୯ ରୁ ଉଦ୍ଧୃତ ।

ଚଳି ଆସୁଥିବା ଅନ୍ଧବିଶ୍ୱାସ, ଐନ୍ଦ୍ରଜାଳିକ କ୍ରିୟା ବା ମ୍ୟାଜିକ୍ ଇତ୍ୟାଦିର ବିଶ୍ଳେଷଣ କରି ଆଦିମ ସମାଜ ଉପରେ ନୂତନ ଆଲୋକପାତ କରିଯାଇଛନ୍ତି । ସେ ମାନବ ଜାତିର ବିଶ୍ୱାସ ଓ କୃତ୍ୟଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ ଓ ବିଶ୍ଳେଷଣ ଉପରେ ଆଧାରିତ ସିଦ୍ଧାନ୍ତ ତାଙ୍କର ଗୋଲ୍ଡେନ୍ ବାଉ ଗ୍ରନ୍ଥମାଳା [ଖ୍ରୀ.ଅ. ୧୮୯୦-୧୯୧୫]ରେ ଉଲ୍ଲେଖ କରିଯାଇଛନ୍ତି । * ତାଙ୍କ ମତରେ ଧର୍ମ ଓ ବିଜ୍ଞାନ ମଧ୍ୟ ଏହି ଐନ୍ଦ୍ରଜାଳିକ କ୍ରିୟାନୁଷ୍ଠାନରୁ କାଳକ୍ରମେ ବିକାଶ ଲାଭ କରିଛି । ଫର୍ଟିଲିଟି କଲ୍ଟ୍ (Fertility Cult) ବା ଉର୍ବରତାବାଦ ସହିତ ଐନ୍ଦ୍ରଜାଳିକ କ୍ରିୟାନୁଷ୍ଠାନର ସମ୍ପର୍କ ଜଡ଼ିତ । ଏହି ଉର୍ବରତାବାଦରୁ କିପରି ସାମାଜିକ ଓ ଧାର୍ମିକ କୃତ୍ୟଗୁଡ଼ିକର ବିକାଶ ଘଟିଛି, ତାହା ନିରୂପଣ କରିବା ଲାଗି ଏବଂ ତାହାର ଇତିହାସ ନିର୍ଦ୍ଧାରଣ ପାଇଁ ବହୁ ବିଦ୍ୱାନ ଉଦ୍ୟମ କରିଛନ୍ତି । ଧର୍ମକୃତ୍ୟର ଗବେଷଣା କ୍ଷେତ୍ରରେ ଟେଲର୍, ଫ୍ରେଜର୍, ଡରକ୍‌ହାମ ପ୍ରମୁଖ ନୂତନ ବାଟ ଫିଟାଇ ଯାଇଛନ୍ତି । ଏବେ ଗବେଷଣାର ନୂଆ ନୂଆ ପଦ୍ଧତି ବାହାରିଲାଣି । ବିଭିନ୍ନ ଦୃଷ୍ଟିକୋଣରୁ ଓଷା ବ୍ରତ ଉପରେ ଗବେଷଣା କଲେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନ ସମ୍ବନ୍ଧରେ ବହୁ ଅଜ୍ଞାତ, ଅନୁଦ୍‌ଘାଟିତ ତଥ୍ୟ ଉଦ୍‌ଘାଟନ କରିହେବ । ଏହାର ପୌରାଣିକ ଓ ସାହିତ୍ୟିକ ମୂଲ୍ୟପରି ନୃତାତ୍ତ୍ୱିକ, ସାମାଜିକ ଓ ଐତିହାସିକ ମୂଲ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ସଂସ୍କୃତ ପୁରାଣମାନଙ୍କରେ ଉଲ୍ଲେଖଥିବା ବହୁ ବ୍ରତ ଓଡ଼ିଶାରେ ପାଳିତ ହୁଏ । ଦ୍ୱିତୀୟ ଅଧ୍ୟାୟରେ ଏହିପରି କେତେକ ବ୍ରତ ସମ୍ପର୍କରେ ଆଲୋଚନା କରାଯାଇଛି । ସଂସ୍କୃତ ପୁରାଣମାନଙ୍କରେ ଥିବା ବହୁ ସଂଖ୍ୟକ ବ୍ରତକଥା ଓଡ଼ିଆ ଗଦ୍ୟ ଓ ପଦ୍ୟରେ ଅନୁବାଦ କରାଯାଇଛି । ଖ୍ରୀଷ୍ଟୀୟ ଷୋଡ଼ଶରୁ ଊନବିଂଶ ଶତାବ୍ଦୀ

---

* The Golden Bough — Sir James George Frazer
ଏହି ଗ୍ରନ୍ଥମାଳାର ପ୍ରଥମ ଭାଗ ୧୮୯୦ ରେ ଏବଂ ଦ୍ୱାଦଶ ଓ ଶେଷ ଭାଗ ୧୯୧୫ ରେ ପ୍ରକାଶିତ ହୋଇଥିଲା ।

ମଧ୍ୟରେ ଏହା ରହିଥିବ ବୋଲି ଓଡ଼ିଶାରାଜ୍ୟ ସଂଗ୍ରହାଳୟ ପୋଥି ବିଭାଗର କ୍ୟୁରେଟର ପଣ୍ଡିତ ନୀଳମଣି ମିଶ୍ର ଉଲ୍ଲେଖ କରିଛନ୍ତି । * ଓଡ଼ିଆ ଅନୁବାଦ ସାହିତ୍ୟର ଇତିହାସ ଆଲୋଚନା ପ୍ରସଙ୍ଗରେ ଏଗୁଡ଼ିକୁ ବିଚାରକୁ ନିଆଯିବା ଉଚିତ । ଓଡ଼ିଶା ପାଇଁ ବିଭିନ୍ନ ଶତାବ୍ଦୀରେ ସଙ୍କଳିତ ସ୍ମୃତି ଗ୍ରନ୍ଥମାନଙ୍କରେ ଏହି ବ୍ରତଗୁଡ଼ିକର ଉଲ୍ଲେଖ ମିଳେ। ଏଗୁଡ଼ିକ ବ୍ରାହ୍ମଣ ପୌରୋହିତ୍ୟରେ ଅନୁଷ୍ଠିତହୁଏ ଏବଂ ଏଥି କର୍ମ-କାଣ୍ଡର ପ୍ରଭାବରେ ଭାବାପନ୍ନ । ପୁରାଣମାନଙ୍କରେ ଏହି ବ୍ରତଗୁଡ଼ିକର ସ୍ଥାନ ଲାଭ ଓ ପ୍ରଶସ୍ତି ବିଷୟ ପ୍ରଥମ ଅଧ୍ୟାୟରେ କୁହାଯାଇଛି । ଏହି ସମସ୍ତ ପୌରାଣିକ ବ୍ରତ ବାଞ୍ଛିତ ଓଡ଼ିଶାର ହିନ୍ଦୁସମାଜରେ ବହୁ ଲୌକିକ ଓଷାବ୍ରତ ମଧ୍ୟ ପାଳିତ ହୁଏ ।

ପୌରାଣିକ ଓ ଲୌକିକ ଉଭୟ ପ୍ରକାର ଓଷାବ୍ରତର ଅନିବାର୍ଯ୍ୟ ଅଙ୍ଗ ଭାବରେ କଥା ଶ୍ରବଣ ପ୍ରଚଳିତ । ସେଥିରୁ କଥିତ ଓ ଲିଖିତ ରୂପରେ ଓଷାବ୍ରତଗୁଡ଼ିକର ବିକାଶ ଘଟିଥିବା ବିଷୟ ଆଗରୁ କୁହାଯାଇଛି । କିନ୍ତୁ ଲୌକିକ ବ୍ରତ ଓ ଓଷା-ମାନଙ୍କରେ ଜଟିଳ ଓ ଦୁର୍ବୋଧ କଥା କମ୍ । ତେଣୁ ଶ୍ରୋତା ବକ୍ତା ମଧ୍ୟରେ ବ୍ୟବଧାନ ନ ଥାଏ । ଏଥିର ଭାଷା ସରଳ, ସରସ ଓ ଜୀବନ୍ତ । ପ୍ରଶ୍ନ-ଉତ୍ତରୀ-ଶୈଳୀରେ ଏଥି କଥିତ ହୋଇଥାଏ । ଲୋକମୁଖରେ ପ୍ରଚଳିତ ଥିବା ବହୁ ଓଷା ବ୍ରତ କଥାଗୁଡ଼ିକୁ ଲିପିକାର ଓ ପୂଜକଗୋଷ୍ଠୀ ଲିପିବଦ୍ଧ କରିଛନ୍ତି । ପ୍ରାଚୀନ ଓଡ଼ିଆ ଗଦ୍ୟରେ ଲିପିବଦ୍ଧ ହୋଇଥିବା ଅନେକ ଓଷାବ୍ରତ କଥାରେ ଲେଖକଙ୍କର ନାମ ଉଲ୍ଲେଖ ନାହିଁ । ପରବର୍ତ୍ତୀ କାଳରେ ବିଭିନ୍ନ କବି ଏଗୁଡ଼ିକର ମୂଳ କାହାଣୀରେ କିଛି ସଂଯୋଗ ବିଯୋଗ କରି ପଦ୍ୟ ଆକାରରେ ଲେଖି ଯାଇଛନ୍ତି । ଦ୍ୱିତୀୟ ଅଧ୍ୟାୟରେ ବୁଧେଇ ଓଷାର ଆଲୋଚନା (ପୃ ୨୯—୩୪) ପ୍ରସଙ୍ଗରେ ଏହା ଦର୍ଶାଇ ଦିଆଯାଇଛି । ତଥାପି ବହୁ ଓଷାବ୍ରତ କଥା ସେହିପରି ଗଦ୍ୟରେ ଅଛି । ଚତୁର୍ମାସ୍ୟା ଗୁରୁବାର,

---

* ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ-ପଣ୍ଡିତ ନୀଳମଣି ମିଶ୍ର ପୃ ୨୦୭

ହରଡ଼ୀ ଗୁରୁବାର, ସୁନ୍ଦରବବାର, ଚଣ୍ଡି ମଙ୍ଗଳବାର, ଷଠୀଓଷା, ଡାଲୁହାଣ୍ଡିର ଓଷା, ସୋମନାଥ ବ୍ରତ, ଖୁଦୁରୁକୁଣି ଓଷା, ଫୁଲେଇ ଓଷା, ଗଦ୍ୟରେ ମିଳୁଥିବା ବୁଧେଇ ଓଷା ପ୍ରଭୃତିର ଗଦ୍ୟଭାଷା ଅତ୍ୟନ୍ତ ଚମତ୍କାର ଓ ଜୀବନ୍ତ । ଦ୍ୱିତୀୟ ଅଧ୍ୟାୟରେ ପ୍ରାସଙ୍ଗିକ ଉଦ୍ଧୃତି ସହ ସେଗୁଡ଼ିକ ଉପରେ ଆଲୋଚନା କରାଯାଇଛି । ଲୋକ ବିଶ୍ୱାସ, ଲୌକିକ ଦେବଦେବୀ ଓ ସେମାନଙ୍କର ଆଦ୍ୟପୂଜକ ବା ଭକ୍ତମାନଙ୍କର ଅନୁଭବ ଓ ଆଚରଣ ଯେଉଁ ଅନୁପମ ଗଦ୍ୟ-ଶୈଳୀର ଆଶ୍ରୟରେ ଫୁଟିଛି, ତାହା ସ୍ଥାନେ ସ୍ଥାନେ ଆଲୋଚକଙ୍କୁ ଅଭିଭୂତ କରେ । ଓଡ଼ିଆ ସାହିତ୍ୟର ଇତିହାସରେ ଏହାର ସ୍ୱତନ୍ତ୍ର ସ୍ଥାନ ଅଛି । ରାଜ୍ୟ ସଂଗ୍ରହାଳୟରେ ଥିବା ହରଡ଼ୀ ଗୁରୁବାର କଥା (ପୋଥି ନଂ Or. Pr. / 14A) ଟି ସାରଳା ଦାସଙ୍କ ଦ୍ୱାରା ରଚିତ ବୋଲି କୁହାଯାଏ । ମାତ୍ର ଅଧିକାଂଶ ଓଷା ବ୍ରତ ପୋଥି ସପ୍ତଦଶ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିବାର ଜଣାଯାଏ । * ଓଡ଼ିଆରେ ମୁଦ୍ରା-ଯନ୍ତ୍ର ପ୍ରଚଳିତ ହେବା ପରେ କେତେକ ପୋଥିରୁ ଓଷାବ୍ରତ କଥାଗୁଡ଼ିକ ଯଥାତଥା ମୁଦ୍ରିତ ହୋଇଛି ଏବଂ କେତେକର କଥାବସ୍ତୁ ପଦ୍ୟ ଆକାରରେ ଲିଖିତ ବା ପୁନର୍ଲିଖିତ ହୋଇ ମୁଦ୍ରିତ ହୋଇଛି । ଏଥିମଧ୍ୟରୁ କେତେକ କୃତୀ ଲେଖକଙ୍କ ଲେଖନୀରେ କବିତା ସ୍ତରକୁ ଉନ୍ନୀତ ହୋଇଛି । କେତେକ କ୍ଷେତ୍ରରେ ମୂଳ କଥାର 'ସଂସ୍କୃତିକରଣ' ମଧ୍ୟ ଘଟିଛି ।

'ସଂସ୍କୃତିକରଣ' ଅର୍ଥ ଶାସ୍ତ୍ରୀୟ ଗୁଣରେ ପକାଇବାର ଚେଷ୍ଟା । ମୂଳତଃ ଓଷାବ୍ରତ ଓ ତାର କଥାଗୁଡ଼ିକ ଲୌକିକ ସ୍ତରରେ ପ୍ରଚଳିତ ଥିଲା । କାଳକ୍ରମେ ଏଗୁଡ଼ିକ ହିନ୍ଦୁ ଧର୍ମରେ ପ୍ରବେଶ କରି ପ୍ରତିଷ୍ଠା ଲାଭ କରିଛି । ବୌଦ୍ଧ ଓ ଜୈନ ଧର୍ମର ପ୍ରଭାବ କାଳରେ ଲୌକିକ ହିନ୍ଦୁ ଧର୍ମରୁ ବହୁ ବ୍ରତ ହିନ୍ଦୁ ଧର୍ମରେ ଗ୍ରହଣ କରାଯାଇଛି । ଏଗୁଡ଼ିକ ପୁଣି ଯୁଗରେ ପ୍ରତିଷ୍ଠା ଲାଭ କରିଛି । ପ୍ରଫେସର ପି. ଭି. କାଣେ

* ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ - ପଣ୍ଡିତ ନୀଳମଣି ମିଶ୍ର ପୃ ୩୨ ଓ ୩୫

କୃତ "ଧର୍ମଶାସ୍ତ୍ରର ଇତିହାସ" * ଆଲୋଚନା ପ୍ରସଙ୍ଗରେ ଏହା ଦର୍ଶାଇ ଛନ୍ତି । ସୁତରାଂ ଓଷାବ୍ରତଗୁଡ଼ିକ ମୂଳତଃ ଲୌକିକ ପରମ୍ପରାରୁ ଜନ୍ମ । ଏହା ଲୋକସାହିତ୍ୟର ପର୍ଯ୍ୟାୟଭୁକ୍ତ । ସ୍ଥାନେ ସ୍ଥାନେ ମୂଳ କାହାଣୀ ଓ ପାଳନବିଧିରେ କିଛି ପରିବର୍ତ୍ତନ ଓ ପୁନର୍ବିନ୍ୟାସ କରାଯିବାର ଉଦାମ ହୋଇଛି । ଶତାବ୍ଦୀ ଶତାବ୍ଦୀ ଧରି ଏଗୁଡ଼ିକ ଓଡ଼ିଆର ସାମାଜିକ ଜୀବନକୁ ସଜୀବ ଓ ସଚଳ କରି ରଖିଛି । ଏହି ଭୂମିରେ ପ୍ରାକ୍ ଆର୍ଯ୍ୟ ଓ ଆର୍ଯ୍ୟ ସଂସ୍କୃତିର ସମନ୍ୱୟ ଘଟିଛି, ଲୌକିକ ଓ ଶାସ୍ତ୍ରୀୟ ପରମ୍ପରାର ପ୍ରଚଳନ ଓ ସମନ୍ୱୟ ସାଧିତ ହୋଇଛି । ଏ ସବୁର ରୂପରେଖ ଓ ଇତିହାସ ଖୋଜିବାକୁ ହେଲେ ଓଷାବ୍ରତର ଉପାଦେୟତାକୁ ସ୍ୱୀକାର କରିବାକୁ ହେବ ! ମାତ୍ର ଏପର୍ଯ୍ୟନ୍ତ ଏଗୁଡ଼ିକ ପୂରାପୂରି ସଂଗୃହୀତ ହୋଇ ନାହିଁ । ଏ ଦିଗରେ ସଂଘବଦ୍ଧ ଉଦ୍ୟମ ସଂଗଠିତ ହେବା ଆବଶ୍ୟକ ।

ବିଭିନ୍ନ ଓଷାବ୍ରତ କଥାରେ ହାଡ଼ିଆଣୀ, ଶୁଣ୍ଢିଆଣୀ, ଧୋବଣୀ, ସାଧବାଣୀ, କୁମ୍ଭାରୁଣୀ ପ୍ରଭୃତି ବ୍ରାହ୍ମଣେତର ଜାତିର ନାରୀ ପଜ-ମୂର୍ତ୍ତୀମାନଙ୍କୁ ରାଜାମାନେ ଯେଉଁ ସ୍ୱୀକୃତି ଦେଇଛନ୍ତି ସେଥିରୁ ଓଡ଼ିଆ ସାମାଜିକ ଜୀବନର ଗୋଟିଏ ଅଂଶ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ତାଳମ୍ବା ନେତ ପିନ୍ଧି, ଗଉରା ବେତ ଧରି ଗ୍ରାମେ ଗ୍ରାମେ, ନଗରେ ନଗରେ ବୁଲି ବୁଲି ବାହୁଡ଼ିଥିବା ଠାକୁରାଣୀ ରୁଚି ଓ ଆଗ୍ରହଶୀଳା ଚଣ୍ଡାଳୁଣୀ ସହିତହିଁ ଆଳାପ କରିଛନ୍ତି ଓ ତାକୁ ଧାର୍ମିଷ୍ଠର ବତାଇ ଛନ୍ତି । ଏଥିରୁ ଜନ୍ମଗତ ଜାତିଭେଦ ପ୍ରଥାର ନିରର୍ଥକତା ପ୍ରତିପାଦିତ ହେଉଛି । ବାସ୍ତବରେ ଏ ପ୍ରକାର ଚରିତ୍ରର କୌଣସି ଦୃଢ଼ ପୌରାଣିକ ଓ ବୈଜ୍ଞାନିକ ଭିତ୍ତି ନାହିଁ । ** ମାନବ ସମାଜରେ କୌଣସି ଭ୍ରାନ୍ତିର

---

* History of Dharmasastra. — Dr. P. V Kane

**(a) The best argument against treating Caste-divisions as anything more than a particular social compromise at a particular period in history was put forward by the age old Bhabisya Purana : "Since

ପୁନରାବୃତ୍ତି ହେବା ସ୍ୱାଭାବିକ ନୁହେଁ । ସେଥିପାଇଁ ବାରମ୍ବାର ସଂସ୍କାର ଆନ୍ଦୋଳନମାନ ହେବାର ଦେଖାଯାଏ । ଉଷାବ୍ରତକୁ ମାଧ୍ୟମ କରି ଏ ପ୍ରକାର ଆନ୍ଦୋଳନ ମଧ୍ୟ କରାଯାଇ ପାରେ । ମାର୍ଗଶିର ଗୁରୁବାର ବା ଶ୍ୟାମା ଦେଈ କଥାକୁ ନେଇ ବଳରାମ ଦାସ ନୂଆ ଢ଼ଙ୍ଗରେ ଲକ୍ଷ୍ମୀ ପୁରାଣ ଲେଖିଛନ୍ତି । ଏଥିରେ ଜାତିଭେଦ ଓ ଅସ୍ପୃଶ୍ୟତା ଭାବର ତୀବ୍ର ପ୍ରତିରୋଧ କରାଯାଇଛି । ଆମର ସାମାଜିକ ଜୀବନକୁ ସୁସ୍ଥ, ସୁନ୍ଦର ଓ ସଂହତ କରିବାଲାଗି ଏହି ସମସ୍ତ ଉଷାବ୍ରତର ଉପଯୋଗ କରାଯାଇ ପାରେ । ଏ କ୍ଷେତ୍ରରେ ଉଷାବ୍ରତର ସଙ୍କେତକୁ ଯଥାର୍ଥରେ ବୁଝି ବୁଝାଇବାକୁ ହେବ । ଓଡ଼ିଆ ଜାତିର ସାମାଜିକ ଚେତନା ବଳରାମ ଦାସଙ୍କ ଧାନମାଣିକା ଓଷା ବା ଲକ୍ଷ୍ମୀ ପୁରାଣରେ ଯେଭଳି ଫୁଟିଛି,

---

members of all the four castes are children of God, they belong to the same caste. All human beings have same Father, and children of the same father cannot have different castes"

(Bhavishya Purana, Brahma Parva, 41, 45)

K. M. Sen — Hinduism. (Penguin Books, London. 1961) P. 31

(b) ଏହି ସମ୍ପର୍କରେ ଡକ୍ଟର ପ୍ରାଣକୃଷ୍ଣ ପରିଜା ବିଶ୍ଳେଷଣ କରି ଦର୍ଶାଇ ଥିଲେ — "ଗୁଣ କର୍ମ ଯୋଗେ ସମାଜ ସ୍ୱୀକାରଭୂତ ହେବ । କିନ୍ତୁ ଜନ୍ମଗତ ଭେଦ ବିଜ୍ଞାନ ସମ୍ମତ ନୁହେଁ । ଏହା ଦ୍ୱାରା ଜନସଂହତି (Nation) ର ଛିଡ଼ ଛଡ଼ା ଲାଭ ନାହିଁ ।" ସେ ପୁଣି କହିଥିଲେ— "ଏ ଭେଦ ବିଜ୍ଞାନ ସିଦ୍ଧ ନୁହେଁ କି ବିଚାର ସିଦ୍ଧ ନୁହେଁ । ଏ ଭେଦ କେବଳ ଆଗ୍ରହ ସିଦ୍ଧ । କୌଣସି ଆଗ୍ରହ ବିଚାର ନିକଟରେ ବର୍ତ୍ତି ନପାରେ ।"

ବିଜ୍ଞାନ ଦୃଷ୍ଟିରେ ବର୍ଣ୍ଣାଶ୍ରମ ଧର୍ମ — ଅଧ୍ୟାପକ ପ୍ରାଣକୃଷ୍ଣ ପରିଜା ଏମ୍. ଏ., ଆଇ. ଇ. ଏସ୍. ନବଭାରତ, ବୈଶାଖ, ୧୩୪୧ (୧ମ ଖଣ୍ଡ, ୭ମ ସଂଖ୍ୟା) ପୃ ୪୧୯ ।

ତାହା ଯେ କୌଣସି ଜାତି ପକ୍ଷରେ ଗର୍ବ ଓ ଗୌରବର ଧନ । ଏହି ଓଷା ଏବଂ ଆଉ୍କ କେତେକ ଓଷା ବ୍ରତ କଥାର ବିଷୟ ବସ୍ତୁ ଚଳଚିତ୍ର ପ୍ରଯୋଜକମାନଙ୍କୁ ଆକୃଷ୍ଟ କରିଛି । ଯୋଜନା ବଦ୍ଧ କରାଗଲେ ଏହା ଦ୍ୱାରା ଉତ୍କୃଷ୍ଟ ଚଳଚିତ୍ର ନିର୍ମାଣ, ସମାଜ ସଂସ୍କାର ଓ ସାଂସ୍କୃତିକ ମୂଲ୍ୟ ବୋଧର ସୁରକ୍ଷା ସୁନ୍ଦର ଭାବରେ ହୋଇ ପାରିବ ।

କେତେକ ଓଷା ବ୍ରତ ସହିତ ମାଳଶ୍ରୀ, ମନସା, ବାଦଗୀତ, ବୋଲି ପ୍ରଭୃତି ପ୍ରଚଳିତ । ସମ୍ବଲପୁର ଅଞ୍ଚଳରେ 'ମାଳଶ୍ରୀ' କୁ 'ମାଲ୍‌ଶିରୀ' କୁହାଯାଏ । ଛତିଶଗଡ଼ରେ ମାଲ୍‌ଶିରୀ ବୋଲଯାଏ । ସମଲେଶ୍ୱରୀଙ୍କୁ ମାଲ୍‌ଶିରୀ ବୋଲି ସ୍ତୁତି କରାଯାଏ । ଏହାକୁ ଭାଟମାନେ ଗାନ କରନ୍ତି । ଭାଟ ନଥିବା କ୍ଷେତ୍ରରେ ଜାଣିବା ଲୋକେ ବୋଲନ୍ତି । ଗଞ୍ଜାମ, ପୁରୀ, କଟକ ଜିଲ୍ଲା ମାନଙ୍କରେ ଝିଅ ବୋହୂମାନେ 'ମାଳଶ୍ରୀ' ଗାନ କରନ୍ତି । ପୂର୍ବ ଅଧ୍ୟାୟରେ ଏହା ଉପରେ ଆଲୋଚନା କରାଯାଇଛି । କେତେକ ମାଳଶ୍ରୀରେ ଦେବୀଙ୍କୁ ମନ୍ଦିର ଭିତରୁ ଡାକି ଆଣି କୋଠି ବା ଓଷା ବ୍ରତ ପୂଜା ପାଇଁ ପ୍ରସ୍ତୁତ ହୋଇଥିବା ପୂଜା ସ୍ଥାନରେ ବସାଇବା ପଛରେ ଓଡ଼ିଆ ନାରୀ ଏବଂ କନ୍ୟାମାନଙ୍କର ଧାର୍ମିକ ଦୃଷ୍ଟି କୋଣର ସ୍ପଷ୍ଟ ଓ ବଳିଷ୍ଠ ସୂଚନା ମିଳେ । ଲୋକ ସଙ୍ଗୀତର ଗବେଷକମାନେ ମାଳଶ୍ରୀର ଗାନ ପଦ୍ଧତି ଉପରେ ଅନୁସଂଧାନ କରିବା ଆବଶ୍ୟକ । ଓଷା ବ୍ରତର କଥା ପରି ମାଳଶ୍ରୀ, ମନସା, ବାଦଗୀତ ଏବଂ କୋଠି ଓ ଚିତା ଗୁଡ଼ିକର ମଧ୍ୟ ବିଶ୍ଳେଷଣ କରାଯିବା ଉଚିତ । ଓଷା ବ୍ରତ ସହିତ ଅଙ୍କାଯାଉଥିବା କୋଠି ଓ ଚିତାଗୁଡ଼ିକ 'ପ୍ରତୀକବାଦୀ' ଚିତ୍ର । ମୁଁ ଏହି ଗ୍ରନ୍ଥରେ ସେ ସମ୍ପର୍କରେ ଆଲୋଚନା କରି ନାହିଁ । ମାତ୍ର ଏହାର ଗୁରୁତ୍ୱ ନିଶ୍ଚୟ ଅଛି ।

ଭାରତ ଏଭଳି ଗୋଟିଏ ଦେଶ ଯେ, ଏହାର କୌଣସି ଏକ ଅଞ୍ଚଳରେ ପ୍ରବର୍ତ୍ତିତ ଧର୍ମାଗ୍ରହର ବା ସାଂସ୍କୃତିକ ଆଗ୍ରହର ଅନୁଷ୍ଠାନ

ଅବାଧରେ ବିଭିନ୍ନ ଅଞ୍ଚଳକୁ ପ୍ରସରି ଯାଇଥାଏ । ସେହି ଦୃଷ୍ଟିରୁ ଓଡ଼ିଶାର ବ୍ରତ ତାଲିକାରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ପାଳିତ ବ୍ରତମାନଙ୍କୁ ଦେଖିବା ଅସ୍ୱାଭାବିକ ନୁହେଁ । ବଙ୍ଗଳା ସୁବଚନୀ ବ୍ରତରେ କଳିଙ୍ଗ ଦେଶର ଉଲ୍ଲେଖ ଅଛି । ଏହାର କଥାଭାଗ ଓଡ଼ିଆ 'ସୁକୁଳୁମୀ ଓଷା' ସହିତ ଅନେକାଂଶରେ ମିଳି ଯାଉଛି । କିନ୍ତୁ ବଙ୍ଗୀୟ ସମାଜର ରସ-ରୂପ-ପରିବେଶରେ ଏହା ଏପରି ଭାବରେ ଆଚ୍ଛନ୍ନ ହୋଇ ଯାଇଛି ଯେ, ଏହାକୁ ବହିର୍ବଙ୍ଗୀୟ ବୋଲି ଚିହ୍ନିତ କରିବା ସହଜ ନୁହେଁ । 'ସନ୍ତୋଷୀ ମାଆ ବ୍ରତ' ଅନ୍ୟ ଗୋଟିଏ ଦୃଷ୍ଟାନ୍ତ । ସଂପ୍ରତି ଏହି ବ୍ରତଟି ମଧ୍ୟପ୍ରଦେଶ ବାଟ ଦେଇ ଓଡ଼ିଶାରେ ପହଞ୍ଚି ଆସନ ଜମାଇ ସାରିଲାଣି । ଗତ କେତେବର୍ଷ ଧରି ଓଡ଼ିଆ ଘର ମାନଙ୍କରେ ଏହା ପାଳିତ ହେବାର ଦେଖା ଯାଉଛି । ଏହି ଦୃଷ୍ଟିରୁ ଭାରତକୁ ଗୋଟିଏ 'ସାଂସ୍କୃତିକ-ଏକକ' ବା ଗୋଟିଏ ସାଂସ୍କୃତିକ-ମଣ୍ଡଳ ବୋଲି କୁହାଯାଇ ପାରେ । ଭାରତୀୟ ଭାଷା ସଂସ୍ଥାନର ଡାଇରେକ୍ଟର ଓ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ମଧ୍ୟ ଅନୁରୂପ ମତବ୍ୟକ୍ତ କରିଛନ୍ତି । * ସୁତରାଂ ଆଞ୍ଚଳିକତାର ଉର୍ଦ୍ଧ୍ୱକୁ ଉଠି ଏଗୁଡ଼ିକର ସାମଗ୍ରିକ ଓ ତୁଳନାତ୍ମକ ବିଚାର କରାଯିବା ଆବଶ୍ୟକ ।

---

* India is a single culture area inspite of diversity in languages, literature, religions and ethnic groups. Eaic like Ramayana and Mahabharat could be written only by considaring India as a single culture area."—

—The Idea of anIndian Literature—Foreward (Page V)
Dr. D P. Pattanayak.

ଓଷାବ୍ରତ କଥାଗୁଡ଼ିକ ଆନୁଷ୍ଠାନିକ-କାହାଣୀ । ଓଷା ବ୍ରତର ମହିମା ପ୍ରଚାର ଏହାର ମୁଖ୍ୟ ଉଦ୍ଦେଶ୍ୟ । ମନୁଷ୍ୟର ଦୁର୍ଦ୍ଧର୍ଷ ସଂଘର୍ଷ-ମୟ ଜୀବନର ବର୍ଣ୍ଣନା ଏଥିରେ ବିରଳ । ମର୍ତ୍ତ୍ୟ ଏଠି ସ୍ୱର୍ଗର ଅଧୀନ । ଦେବତାଙ୍କ ଇଚ୍ଛାରେ ତାର ଭାଗ୍ୟ ନିୟନ୍ତ୍ରିତ ହୋଇଛି । ତଥାପି ସେ ଅସହାୟ ନୁହେଁ । ଅମରା କୁମ୍ଭାରୁଣୀ ମୃତ୍ୟୁର ଦେବତାଙ୍କୁ ଜିଣିଛି ଓ ନିଜ ସଙ୍ଗାତ୍ରୁଣୀର ଜ୍ୱାଇଁକୁ ବଞ୍ଚାଇ ଦେଇଛି । ସାଧବାଣୀ ସ୍ୱର୍ଗର ହରହର କୁମରଙ୍କୁ ମର୍ତ୍ତ୍ୟରେ ଆପଣା ଘରେ ପୁଅ ଭାବରେ ପାଇଛି ଓ ଅଟକାଇ ରଖିଛି । ସେଥିପାଇଁ ସ୍ୱର୍ଗରୁ ଜୟବିଜୟ ଘଣ୍ଟି, ମୀନ-କେତନ ମାଳ ଆଣି ପାରିଛି । ମାତ୍ର ଓଷା ବ୍ରତ ସାହିତ୍ୟର ଆଲୋଚନା ଏଥିରେ ସୀମିତ ହେବା ଉଚିତ ନୁହେଁ । ଏହା ଉପରେ ନୃତାତ୍ତ୍ୱିକ, ଭାଷାତାତ୍ତ୍ୱିକ ଓ ଐତିହାସିକ ଗବେଷଣା କରାଯାଇ ପାରେ । ମାତ୍ର ମୂଳ ଉପାଦାନ ସଂଗ୍ରହରେ ନିଷ୍ଠା ଓ ସତର୍କତା ଆବଶ୍ୟକ ।

ଭଗବାନ ଅର୍ଜୁନଙ୍କୁ ରାଜଯୋଗ ବୁଝାଇବା ବେଳେ କହିଥିଲେ—"ମୁଁ ସୂର୍ଯ୍ୟଙ୍କୁ ଏହି ଅବ୍ୟୟ ଯୋଗ ବା ମୁକ୍ତି ସାଧନାର ପନ୍ଥା କହିଥିଲି । ସୂର୍ଯ୍ୟ ତାଙ୍କର ପୁତ୍ର ମନୁଙ୍କୁ ଏବଂ ମନୁ ତାଙ୍କର ନିଜ ପୁତ୍ର ଇକ୍ଷ୍ୱାକୁଙ୍କୁ ଏହା କହିଥିଲେ । ଏହିପରି ପୁରୁଷ ପରମ୍ପରା ସୂତ୍ରରେ ପାଇଥିବା ଏଇ ଯୋଗକୁ ରାଜର୍ଷିମାନେ ଜାଣିଥିଲେ । ହେ ଅର୍ଜୁନ, ଇହଲୋକରେ ସେହି ଯୋଗ କାଳକ୍ରମେ ନଷ୍ଟ ହୋଇଅଛି ।" ପାରମ୍ପରିକ ଜ୍ଞାନ ଯେ କାଳ କ୍ରମେ ନଷ୍ଟ ହୋଇ ଯାଏ, ଏଥିରୁ ତାର ସଙ୍କେତ ମିଳୁଛି । * ଏହା ସ୍ୱାଭାବିକ କଥା । ଓଷା ବ୍ରତ

---

* ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥
ଏବଂ ପରମ୍ପରା ପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।
ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ॥

ଶ୍ରୀମଦ୍ ଭଗବଦ୍ ଗୀତା - ୪ର୍ଥ ଅଧ୍ୟାୟ

ମୁଖ୍ୟରେ ତାହା ବିଶେଷ ଭାବରେ ଲକ୍ଷ୍ୟ କରାଯାଏ । ଏଗୁଡ଼ିକ ମାଆ ଠାରୁ ଝିଅ ଶାଶୁଠାରୁ ବୋହୂ କ୍ରମରେ ଗଡ଼ି ଆସିଥାଏ । ଗୋଟିଏ ଗୋଟିଏ ପରିବାରରେ କୌଣସି କାରଣରୁ ଗୋଟିଏ ଗୋଟିଏ ଓଷା ନଷ୍ଟ ହୋଇଯାଏ ବା ଉତ୍କ୍ଷିପ୍ତ ହୋଇଯାଏ । ଏହିପରି ବହୁ ପରିବାରରୁ ଅନେକ ଓଷାବ୍ରତର ପରମ୍ପରା ଲୋପପାଇଥିବାର ଜଣାଯାଏ । ଓଷା କଥା କହିଜାଣିଥିବା ଜଣେ ଜଣେ ବୁଢ଼ୀଙ୍କର ଦେହାବସାନ ହେବା ଫଳରେ ସେ କହୁଥିବା ଓଷା ବ୍ରତ କଥାଗୁଡ଼ିକ ଆଉ କେହି ସେପରି କହିଜାଣନ୍ତି ନାହିଁ ଓ କୌଣସି ମତେ ଚଳାଇ ନେଉଛନ୍ତି । ସୁବିଧା ହେଲେ ତାଳପତ୍ର ପୋଥି ବା ବ୍ରାହ୍ମଣ ପୁରୋହିତଙ୍କ ଉପରେ ନିର୍ଭର କରନ୍ତି । ଫଳରେ ମୌଖିକ ପରମ୍ପରାରେ ପ୍ରଚଳିତ ଓଷାବ୍ରତଗୁଡ଼ିକର ବିଲୋପ ଘଟିଥାଏ । ପୋଥିରେ ଲିପିବଦ୍ଧ ହୋଇଥିବା ଓଷାବ୍ରତ କଥାଗୁଡ଼ିକର ଦଶା ମଧ୍ୟ ସେତେ ଭଲ ନୁହେଁ । ମାଟିକାନ୍ଥ, ଖଡ଼ଘରମାନଙ୍କରେ ଥିବା ପୋଥିଗୁଡ଼ିକର ବହୁ ବିପତ୍ତି ଅଛି । ଘରପୋଡ଼ି, ନଈବଢ଼ି, ମୂଷା ଉଇ ପ୍ରଭୃତିଙ୍କ ଉପଦ୍ରବ ଛଡ଼ା 'ପୂଜା' କରିବାରେ ଅସୁବିଧା ବା ଭକ୍ତିପୂତ ଭାବରେ ସଂରକ୍ଷଣର ସୁବିଧା ଅଭାବରୁ ବହୁ କ୍ଷେତ୍ରରେ ପୋଥିମାନଙ୍କୁ ପାଣିରେ ଭସାଇ ଦିଆଯାଏ । ଏହିପରି ବହୁ ଓଷା ବ୍ରତ କଥା ପୋଥିରେ ସଂଗୃହୀତ ହୋଇ ମଧ୍ୟ ରହିପାରି ନାହିଁ । ପୋଥିରେ ସଂଗୃହୀତ କଥାଗୁଡ଼ିକର ମଧ୍ୟ କଥା ଭାଗରେ ସଂଯୋଗ, ବିଯୋଗ ଜନିତ ପାର୍ଥକ୍ୟ ବାଞ୍ଛିତ ଲିପିକାରଙ୍କ ଖୁସିରେ ଅନେକ ଶବ୍ଦ ଓ

---

ଏଠାରେ "ପରମ୍ପରା ପ୍ରାପ୍ତଂ" ବା ପରମ୍ପରା ସୂତ୍ରରେ ପ୍ରାପ୍ତ ଏବଂ 'ମହତା କାଳେନ ନଷ୍ଟଃ' ବା ଦୀର୍ଘକାଳ ବଶରେ ନଷ୍ଟ ହୋଇଅଛି' ଉକ୍ତି ଦୁଇଟି ଲକ୍ଷ୍ୟ କରିବାର କଥା ।

ବାକ୍ୟ ବଦଳିଯିବାର ଦେଖାଯାଏ । ସୁତରାଂ ଓଷାବ୍ରତ ପୋଥି-ଗୁଡ଼ିକର ବ୍ୟାପକ ଓ ନିସ୍ତାପର ସଂଗ୍ରହ ଲୋଡ଼ା । ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ଏକା ଓଷା ବା ବ୍ରତକଥାର କାହାଣୀରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଏହାଛଡ଼ା ଭାଷା ଓ ବର୍ଣ୍ଣନା ଶୈଳୀରେ ମଧ୍ୟ ପାର୍ଥକ୍ୟ ଦେଖାଯାଏ । ତେଣୁ ବ୍ୟାପକ ସଂଗ୍ରହ ହେଲେ 'ଭିନ୍ନ ପାଠ' ବାହାର କରିବା ସମ୍ଭବ ହେବ । ନିସ୍ତାପର ସଂଗ୍ରହ ସହିତ ସଂଗୃହୀତ ପ୍ରତିଟି ଓଷାବ୍ରତର ସଯତ୍ନ ସମ୍ପାଦନା ଲୋଡ଼ା । ତାହେଲେ ବ୍ୟବସ୍ଥିତ ଢଙ୍ଗରେ ଓଷାବ୍ରତ ସାହିତ୍ୟ ଉପରେ ଗବେଷଣା କରିବା ସହଜ ହେବ । ପୂର୍ବରୁ କୁହାଯାଇ ଅଛି ଯେ, ସାଧାରଣ କାହାଣୀ ଓ ଅନ୍ୟାନ୍ୟ ଲୋକ-କଥାଠାରୁ ଏଗୁଡ଼ିକ ଭିନ୍ନ ଧରଣର । ଏହାର କଥକ କଥିକା ବା ପାଠକ ପାଠିକା- ଶ୍ରୋତା ଏବଂ କଥନ ବା ପଠନର ସମୟ, ପରିବେଶ ପ୍ରଭୃତିକୁ ଦୃଷ୍ଟି ଦେଲେ ଏହା ଅନୁଭବ କରିହେବ । ସେହି ଦୃଷ୍ଟିରୁ ଏହାର ଭାଷା ଓ ଶୈଳୀରେ ମଧ୍ୟ ସ୍ୱକୀୟତା ଅଛି । ମୁଖ୍ୟତଃ ପ୍ରତ୍ୟକ୍ଷ ଜ୍ଞାନ ଓ ମୌଳିକ ଉପାଦାନ ଉପରେ ନିର୍ଭର କରି ଏହି ଗ୍ରନ୍ଥରେ ଓଡ଼ିଆ ଓଷା ବ୍ରତ ସାହିତ୍ୟ ଉପରେ ଆଲୋଚନା କରାଯାଇଛି ଏବଂ ଏହାର ପରିସର ଓ ସମ୍ଭାବନା ସମ୍ପର୍କରେ ସୂଚନା ଦିଆଯାଇଛି । ବୃହତ୍ତର ଭାରତୀୟ ପରମ୍ପରାରୁ ରୂପ-ରସ-ଛନ୍ଦ ଗ୍ରହଣ କରି ଓଡ଼ିଶାର ସଂସ୍କୃତି, ସମାଜ, ଧର୍ମଧାରା, ଭାଷା ଓ ସାହିତ୍ୟର ପୃଷ୍ଠଭୂମିରେ ଓଡ଼ିଆ ଓଷା ବ୍ରତ ସାହିତ୍ୟର ବିକାଶ ଓ କ୍ରମ ପରିଣତି କିପରି ଘଟିଛି ତାହାର ଏକ ସାଧାରଣ ଚିତ୍ର ଏଠାରେ ଉପସ୍ଥାପିତ ହୋଇଛି ।

# ପରିଶିଷ୍ଟ

[ଦ୍ୱିତୀୟ ଅଧ୍ୟାୟରେ ପ୍ରାଚୀନ ଓଡ଼ିଆ ଗଦ୍ୟରେ ଲିପିବଦ୍ଧ ହୋଇଥିବା କେତେକ ବ୍ରତ କଥାର ଅଂଶମାନ ଆଲୋଚନା ପ୍ରସଙ୍ଗରେ ଉଦ୍ଧାର କରାଯାଇଛି । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ'ରେ ସୋମନାଥ ବ୍ରତ କଥାର କିୟଦଂଶ ପ୍ରକାଶ କରିଛନ୍ତି । ସେଗୁଡ଼ିକରୁ ଓଷାବ୍ରତରେ ବ୍ୟବହୃତ ପ୍ରାଚୀନ ଓଡ଼ିଆ ଗଦ୍ୟର ନମୁନା ମିଳିବ । ଏଠାରେ 'ନିତ୍ୟାନି ମହାଲକ୍ଷ୍ମୀ ଓଷା' କଥା ଟୀକା ସହ ଉପସ୍ଥାପନ କରାଯାଉଛି । ଏଥିରୁ ପ୍ରାଚୀନ ଓଡ଼ିଆ ଓଷା କଥାର ଗଢ଼ଣ, ଭାଷା ଓ ଶୈଳୀର ପରିଚୟ ମିଳିବ । ଏଠାରେ ଖଲିକୋଟ ଅଞ୍ଚଳରୁ ପ୍ରାପ୍ତ ଖଣ୍ଡିଏ ପୋଥିକୁ ଧରି ପାଠୋଦ୍ଧାର କରାଯାଇଛି ଓ ସ୍ଥାନେ ସ୍ଥାନେ ଭିନ୍ନ ପାଠ ଦିଆଯାଇଛି । ଏହାର ସମ୍ପାଦନାରେ ପଣ୍ଡିତ ନୀଳମଣି ମିଶ୍ର ସାହାଯ୍ୟ କରିଛନ୍ତି । ଲେଖକ ତାଙ୍କ ନିକଟରେ କୃତଜ୍ଞ । ]

ଶାଶୁ ନା ଶ୍ରୀପ୍ରିୟା । ବହୂ ନା ପ୍ରିୟା । ସାହୁ (୧) ନା ଶ୍ରୀଧର । ପୁଅ ନା ଶ୍ରୀକର । ଘରେ ଶ୍ରୀମନ୍ତ ହୋଇକା ଘରେ ଥାନ୍ତି । ଗୁରୁବାର ଦିନ ବଡ଼ ବହୂ ବୋଇଲା । ଶାଶୁଏ (୨) ମୁଁ ପଦ୍ମ ତୋଳି ଯିବି, ଶାଶୁ ବୋଇଲା କଲେ ମା, ଏତେ ଦିନ ଥାଇ ଥାଇ ଏହା କଲୁ । ଆଦ୍ୟ ଗୁରୁବାର ଆଜି, ମୋ ଲକ୍ଷ୍ମୀ ସଙ୍ଗେ ଅଷ୍ଟ, ବେତାଳେ ଅଷ୍ଟ ଅପସରା

---

୧ – ସାଧବ ଶବ୍ଦରୁ ସାଧୁ, ସେଥିରୁ ସାହୁ ଶବ୍ଦ ଭାଷାର ବିବର୍ତ୍ତନ ଫଳରେ ସମ୍ଭବ ହୋଇଛି । ସେହିପରି ବଧୂ ଶବ୍ଦରୁ ବହୂ ହୋଇଛି ।

୨ – 'ଶାଶୁ' ର ସମ୍ମାନାର୍ଥକ ସମ୍ବୋଧନ 'ଶାଶୁଏ' ବା ଶାଶୁଏ ।

ଥାନ୍ତି । ଶଶୁରଙ୍କ ଭୁଟେଣେ ଅଷ୍ଟ ମହାଜ (୩) ଭୁଂଜନ୍ତି । ମୁଁ ଧାଇ ନପାରବି । ଯଦି ଯିବୁ ଖରେ ଯିବୁ ଘରେ ଆସିବୁ । ବଡ଼ ଲୋକ ଦେଖିଲେ ମାନ୍ୟ ଧର୍ମ କରିବୁ । ସର ଲୋକ(୪)ଦେଖି କୋଳ ସମ୍ଭାଷଣ କରିବୁ । ବାଳକ ଦେଖି ମୁଖେ ଚୁମ୍ବନ ଦେବୁ । ବ ଭୁଃଠ ପଶି ଭୁଃଠ ବାନ୍ଧିବୁ । ଅପୈଂଲା ଦାନ୍ତକାଠି ଖାଇବୁ । ଗନ୍ଧ ଚନ୍ଦନ ଦେଇ ସ୍ନାନ କରିବୁ । * ଆଜ୍ଞା ପ୍ରମାଣେ ବନ୍ଧ୍ରଗଲା । ଧାଡିଠ ପନ୍ଥ ଘାଟେ ଉପୁରଣି (୫) ଦେଲା । ଗନ୍ଧ ଚନ୍ଦନ ଅପୈଂଲା ଦେଇ ସ୍ନାନ କଲା । ଶାଶୁ ଯେତେକ କହିଥିଲା ସେହି ରୂପେ କଲା । ସ୍ନାନସାରି ଘରେ ଆସୁଛି । ଆସୁ ଦେଖିଲା ସ୍ୱର୍ଗର ଅଷ୍ଟକନ୍ୟା, ମର୍ତ୍ତ୍ୟର ଅଷ୍ଟକନ୍ୟା, ଝିଙ୍କର (୬) ବାଛି, ଦୁବ ଗୁଞ୍ଚ ଅପୈଂଲା ଗଛ ମୂଳେ ଓଷା ଧୁଛନ୍ତି (୭) । ** ସେ ବୋଇଲେ,

---

୩ – ମହାଜ – ମହାପ୍ରସାଦ ଶବ୍ଦରୁ ମହାପ୍ର ଏବଂ ସମ୍ଭବତଃ ସେଥିରୁ ମହାଜ ହୋଇଛି ।

୪ – ସର ଲୋକ – ସମାସ୍କନ୍ଧ ଲୋକ ।

* ଭିନ୍ନ ପାଠ — ଓକ୍ଟର କୁଞ୍ଜବିହାରୀ ଦାଶଙ୍କ ଦ୍ୱାରା ସଂଗୃହୀତ ଟିକାଲିରୁ ପ୍ରାପ୍ତ ପୋଥିରେ ଅଛି — "ଯିବୁ ଯେବେ ଅଏଁଲା ମେଞ୍ଚାଏ ଗନ୍ଧ ମେଞ୍ଚାଏ ଦେଇ ଗାଧୋଇ ଯା, ଭୁଠେ ପଶିବୁ । ଦୂରେ ଚାଉଳ ବସିବୁ । ନିକଟେ ଦାନ୍ତ ଘଷିବୁ । ତୋଟରେ ପଶି ତୋଟେ ଗାଧୋଇ ଆସିବୁ । ସାଙ୍ଗ ସରସା ଦେଖି ସଙ୍ଗାତ ମିତ ହେବୁ । ବଡ଼ସାନ ଦେଖିଲେ ମାନ୍ୟ ଧର୍ମ କରିବୁ । କଅଁଳା ପୁଅ ଦେଖିଲେ କୋଡ଼େକାଖେ ଧରିବୁ ।"

୫ – ଉପୁରଣି – ଓଢ଼ଣା ।

** ଭିନ୍ନ ପାଠ – ଟିକାଲି ପୋଥିରେ—ଏମନ୍ତ କରି ଘରକୁ ଆସନ୍ତେ ଦେଖିଲା ସ୍ୱର୍ଗର ଅଷ୍ଟକନ୍ୟା, ମର୍ତ୍ତ୍ୟର ଅଷ୍ଟକନ୍ୟା ମଣ୍ଡଳାଏ ଲିପି ତଣ୍ଡୁଳ ଯେ ଥାପି, ମାଣିକ୍ୟର ଦୀପାବଳୀ ଜାଳି, ଇନ୍ଦ୍ର ଗୋବନ୍ଦ ଗୁନ୍ଦୁଆ ଠାଣି ଧୂପ ନୈବେଦ୍ୟ ଦେଇ କଥା କହୁଛନ୍ତି ।"

୬ – ଝିଙ୍କର – ଭଙ୍ଗାହାଣ୍ଡି, ଭଙ୍ଗା ଖପର । ଦକ୍ଷିଣ ଓଡ଼ିଶାରେ ଝିଙ୍କର ଶବ୍ଦ ଖପର ଅର୍ଥରେ ବ୍ୟବହୃତ । ଉତ୍ତର ଓଡ଼ିଶା

ଆଣିଲା ମାଧବଙ୍କର ବୋଉ, କେଣିକି ଯାଉଛୁ । ଏକଥା ଶୁଣିବୁ ଆ । ବନ୍ଧ ବୋଇଲା କି କଥା । କନ୍ୟାଏ ବୋଇଲେ ନିତ୍ୟାନି ମହାଲକ୍ଷ୍ମୀ କଥା । ବନ୍ଧୁ ବୋଇଲା ମୋ ଶାଶୁ ନିତ୍ୟେ କହନ୍ତି । ମୁଁ ନିତ୍ୟେ ଶୁଣେ । କନ୍ୟାଏ ବୋଇଲେ, ଆଣିଲା ଦେବ କଥା ମନୁଷ୍ୟ କଥା ଦୁହିଁଙ୍କ ସରିକଲୁ । ତୁ ଯେବେ ଶୁଣନ୍ତୁ ଗୃହସ୍ଥ (୮) ରଜା ହୁଅନ୍ତା । ତୁ ପାଟବର୍ଣ୍ଣୀ ହୋଅନ୍ତୁ । ତୁ ଯେଉଁ କାର୍ଯ୍ୟକୁ ଯାଉଛୁ, ସେ କାର୍ଯ୍ୟ ତୋର ସଫଳ ନୋହୁ । ଏ ଶାପଟାଇ ଖରରେ ହୋଇ ସେଠାରୁ ଅଇଲା । ପୀଣ୍ଡାକୁ (୯) ଲୁଗା ଖଣ୍ଡ ପକାଇ ଦେଲା । ଆଉ ପାଟେ ପିନ୍ଧି ଆଚମନ କଲା । ଗୋଡ଼ ଧୋଇ ଘରେ ପଶିଲା । ଅଦାଲୁଣ ନେଇଲା । ଦଧି ଭାତ କଂସାଏ ନେଇଲା । ଖାଇ ବସିଲା । ଗୁଣ୍ଡାକେ ବାଳ. ଗୁଣ୍ଡାକେ ଧାନ ପାଇଲା । ଅସୁକାଇ (୧୦) ହୋଇ ତାହା କଦଳୀ ଗଛ ମୂଳେ ପକାଇ ଦେଲା । ଆଚମନ କରି ଖନ୍ଦାଘରେ (୧୧) ପଶିଲା । ଚନ୍ଦନକାଠ ଗଡ଼େ(୧୨)ଆଣି ହାଣ୍ଡି ବସାଇଲା । ଜିରା ଫୁଟଣ ଦେଲା । ହାଣ୍ଡି ଉପରେ ଜାଳ ଯାଉଛି ଜିରା ଫୁଟୁ ନାହିଁ । ହାଣ୍ଡି ତାଞ୍ଚୁ ନାହିଁ । ଶାଶୁ ଅଇଲା, ବୋଇଲା, କିଲୋ ମା ଏତେବେଳ ଯାଏ କି କରୁଛୁ ? ଚୁଲି ଜଳି ହାଣ୍ଡି ଉପରେ ଜାଳ ଯାଉଛି । ଜିରା ଫୁଟୁ

---

ବିଶେଷତଃ ବାଲେଶ୍ୱର ଜିଲ୍ଲାରେ କାଠିକୁଟା ଛଣକୁ ଝିଙ୍କର କୁହାଯାଏ । ୭- ପୂଛନ୍ତି – ପଚ୍ଛରନ୍ତି । ଏଠାରେ ପୂଜନ୍ତି ଅର୍ଥରେ ବ୍ୟବହୃତ । ଓଷା ପୂଜନ୍ତି ଅର୍ଥ ଓଷା ପାଳନ କରନ୍ତି ।

୮ ପୋଥି ଭାଷାରେ ଗୃହସ୍ତ ହେବା ସମୀଚୀନ । ଅବଶ୍ୟ ଗୃହସ୍ତ ହେଲେ ଗୃହସ୍ୱାମୀ ଅର୍ଥ ହେବା ଅସମୀଚୀନ ନୁହେଁ ।

୯ ପୀଣ୍ଡା ବା ପିଣ୍ଡା ବା ପିଣ୍ଡା ଗୃହଦ୍ୱାରର ଉପର ସ୍ଥାନ ।

୧୦ ଅସୁଖ ଶବ୍ଦ ଭାଷାଗତ ବିବର୍ତ୍ତନ ଫଳରେ ଅସୁକ ହୋଇଛି ଏବଂ ଅସୁକ ଶବ୍ଦ ଅରୁଚି, ଅସ୍ୱସ୍ଥ ଅର୍ଥରେ କାଳକ୍ରମେ ରୂଢ଼ୀ ଶବ୍ଦରୂପେ ବ୍ୟବହୃତ ହୋଇ ଆସୁଛି ।

ନାହିଁ । ବୋଲଗା କଲୁକି ? (୧୩) ମୁଁ ଯେମନ୍ତ କରି କହିଥିଲି ସେ ରୂପେ ନ କଲୁ କି ' ବହୂ ବୋଇଲେ—ଯେତେ କହିଥିଲ ସବୁ କଲି । ଏକା ଗୋଟିଏ ନ କଲି । * ସ୍ୱର୍ଗରେ ଅଷ୍ଟ କନ୍ୟା, ମର୍ତ୍ତ୍ୟରେ ଅଷ୍ଟକନ୍ୟା । ଓଷା ପୂଜୁଥିଲେ । ମୋତେ ବୋଇଲେ ଆ ଧାଉବ ଘର ବହୂ କଥା ଶୁଣିମୁ ଆସ । ମୁଁ ବୋଇଲି କି କଥା ? ସେ ବୋଇଲେ ନାତାନି ମହାଲକ୍ଷ୍ମୀ କଥା । ମୁଁ ବୋଇଲି ମୋ ଶାଶୁ ନିତ୍ୟେ କହନ୍ତି ମୁଁ ନିତ୍ୟ କହଇଁ । ତାହା ଶୁଣି ସେ ବୋଇଲେ ଆଲୋ ଦେବ କଥା ମନୁଷ୍ୟ କଥା ଏକା କଲୁ ' ତୁ ଯେଉଁ କାର୍ଯ୍ୟକୁ ଯାଉଛୁ ସେ କାର୍ଯ୍ୟ ବିଫଳ ହେଉ । ଏହା ବୋଲି ଶାପ ଦେଲେ । ଶାଶୁ ବୋଇଲେ—ମାଲୋ ଏଡ଼େ କର୍ମ କଲୁ । ଯେତେ ବୋଲି ଶାଶୁ ବହୂକୁ ଠେଲିଦେଲେ । ଆପେ ରାନ୍ଧି ବସିଲେ । ଛତିଶ ଅମୃତ ପାଗ (୧୪) ମନ୍ଦୋହ (୧୫) କଲେ । ଘର ବଖରାଏ କିପି ପୋତି ଆଣିଲେ । ଇନ୍ଦ୍ର

---

୧୧ ଖାନା ଘରେ, ରୋଷେଇ ଘରେ

୧୨ ଗଡ଼ରେ—ଗଡ଼ଉ ଅର୍ଥାତ୍ ଖଣ୍ଡେ । 'ଉ' ଅନ୍ତରେ 'ର' ହୋଇଛି । ସାଧାରଣ ଲୋକେ 'ଲ' 'ଉ' ସ୍ଥାନରେ 'ର' ବ୍ୟବହାର କରନ୍ତି ।

୧୩ ବୋଲଗା- ଖରାପ କାର୍ଯ୍ୟ, ଅଶୁଭ କାର୍ଯ୍ୟ, ଭର୍ତ୍ସନାଯୁକ୍ତ କାର୍ଯ୍ୟ

* ଭିନ୍ନ ପାଠ – ଟିକାଲି ପୋଥିରେ ଅଛି—ଏମନ୍ତେ ଘରକୁ ଗଲି । ପାଟଖଣ୍ଡ ପିଢ଼ା ଉପରକୁ ପକାଇ ଦେଲି । ଏହାଣ୍ଡି ଗୁଣି ସେହାଣ୍ଡି ଗୁଣି ଭାତ ଅଡ଼ାଇ ଗୁଣ୍ଡା ଖାଇଲି । ଖାଇଲି କି ନ ଖାଇଲି । ପିଢ଼ା ଉଆଁଇ ପକାଇ ଦେଲି । ଖିର 'କୁଳ'ଏ ଚନ୍ଦନ କାଠ ଦେଇ ଚୁଲି ଜାଳି ଦେଲି । ଗୁଆ ଘିଅ ଓଧାଣି ଦେଲି ଶାଶୁ ବୋଇଲେ—ଶ୍ରୀଆଲୋ, ପାକ ହେଲା କି ?··· ମାଆହେ ଆଟିକା ତାତି ନାହିଁ । ଖିର ଫୁଟି ନାହିଁ । ମାଗୋ କି କଲୁ : କି ନକଲୁ ? ମାଆହେ ସବୁ କଲି ଏକେ ନ କଲି ।

ଗୋବିନ୍ଦ ଗୃନ୍ଦୁଆ (୧୬) ଟାଣିଲ । ମାଣିକର ଦୀପାବର୍ତ୍ତୀ ଜାଳିଲ । ଚନ୍ଦନର ଛେର,(୧୭)ଗନ୍ଧର ପିଚକା (୧୮) ପକାଇଲ । ଆଖୁ ଗୋଟୁ ଗହନେ (୧୯)ଥୋଇଲ । ପଇଡ଼ ଖାନ୍ଧି(୨୦)ଗହନେ ଥୋଇଲେ । ଗୁଆ (୨୧)ପେଣ୍ଡା ଗହନେ ଥୋଇଲେ । ସାକର ପଟ ଗହନେ(୨୨)ଥୋଇଲେ ଗଙ୍ଗାବାଣି ପଇଡ଼, (୨୩)ଅଙ୍ଗ ବାସ ପାଣି,(୨୪) ସାତ ଚନ, ଦୋପାଗ

---

୧୪ ପାଗ-ଶୁଦ୍ଧ ପୂତ ଭାବରେ ନୂତନ ହାଣ୍ଡିରେ ରାନ୍ଧିବାକୁ ପାଗ କୁହାଯାଏ । ଏହା ସଂସ୍କୃତ 'ପାକ' ଶବ୍ଦର ଅପଭ୍ରଂଶ ।

୧୫ ମୋଣ୍ଡହି—ପୋଥି ପାଠ । ମଣୋହି—ଭୋଜନ ।

୧୬ ଇନ୍ଦ୍ର ଗୋବିନ୍ଦ ଗୃନ୍ଦୁଆ—ଉତ୍କୃଷ୍ଟ କାରୁକାର୍ଯ୍ୟ ଖଚିତ ଗୃନ୍ଦୁଆ, ଛତ୍ର, ଅର୍ଥାତ୍ ବିଭିନ୍ନ ପ୍ରକାର ରଙ୍ଗ କନା ଦ୍ୱାରା ପ୍ରସ୍ତୁତ ଛତ୍ର ।

୧୭ ଛେର ପୋଥିପାଠ, ଛେରପାଣି ଛିଞ୍ଚିବା ଅର୍ଥରେ, ବିଶେଷତଃ ପାଣି ଢାଳି ଲିପିବା ଅର୍ଥରେ ବ୍ୟବହୃତ ।

୧୮ ପିଚକା--ପିଚକାରୀ, ଧୀରେ ଧୀରେ ପାଣି ସିଞ୍ଚିବା ।

୧୯ ଗହନେ--ପୂଜାସ୍ଥାନରେ, ପରମେଶ୍ୱରଙ୍କ ପାଖରେ, ଇଷ୍ଟଦେବ ଓ ଇଷ୍ଟଦେବୀଙ୍କ ପାଖରେ ଅର୍ଥରେ ବ୍ୟବହୃତ ।

୨୦ ଖାନ୍ଧି--କାନ୍ଧି, କାନ୍ଧି, ଅର୍ଥାତ୍ ଗୋଟିଏ ଡାଳରେ ଲାଗିଥିବା କେତେଗୁଡ଼ିଏ ଫଳ ।

୨୧ ଗୁଆ--ପୋଥି ପାଠ ।

୨୨ ସାକର--ପଟ--ଗୁଡ଼ଖଣ୍ଡ

୨୩ ଗଙ୍ଗାବାଣି ପଇଡ଼--ଶ୍ରେଷ୍ଠ ପଇଡ଼ । ଗଙ୍ଗ ରାଜା ଭାନୁଦେବ (୧୪୧୪--୩୫ ଖ୍ରୀ.ଅ.) ପ୍ରଥମେ କେବଳ ପାଣି ଥିବା ପଇଡ଼ ଶ୍ରୀମନ୍ଦିରରେ ଭୋଗରୂପେ ଚଳାଇଥିଲେ ।

୨୪ ଅଙ୍ଗବାସପାଣି—ଅର୍ଘ୍ୟଜଳ ।

ନବାତ (୨୫) ସର ଅମୃତ ପାଣି କଦଳୀ ଡାଳିମ୍ବ କଞ୍ଚା ଦୁଧ ଏମନ୍ତ କରି ଷୋଳ ପ୍ରକାର ରଖିଲା । ଷୋଳ (୨୬) ପାଖୁଡ଼ା ପଦ୍ମ ଲେଖିଲା । ତହିଁ ଅଖଣ୍ଡିତ ତଣ୍ଡୁଳ ଥୋଇଲା । ମଧ୍ୟରେ ପୂର୍ଣ୍ଣକୁମ୍ଭ ବସାଇଲା । ଚୂତ ଡାଳ ଦେଇ ନଠିକାଳ (୨୭) ଦେଲା । ସୁବର୍ଣ୍ଣର କୁଣ୍ଡ ଥୁଇ ଦେଲା । ପାଟର ପାହାଡ଼ା(୨୮)ପାରିଲା । ନେତର(୨୯)ବଳିତା ଦେଇ ଗୁଆ ଘିଅରେ ଜାଗର ଜାଳିଲା । ଧୂପ ଦୀପ ଷୋଳ ଉପଚାରରେ ବହୁତ ପୂଜା କଲା । ଠାକୁରାଣୀ କେତେବେଳେ ବିଜେ ନ କଲେ । ବହୁତ କାପୁର୍ଣ୍ଣ(୩୦)ହେଲା । ଠାକୁରାଣୀ ଆଜ୍ଞା ଦେଲେ, ମୋହର କାର୍ଯ୍ୟ କି ତୋ ବହୂରେ କାର୍ଯ୍ୟ । ଶାଶୁ ବୋଇଲା ଗୋସାଇଁ ବୋହୂ ଛୁରି ମତେ କି କରିବ । ଗୋସାଇଙ୍କର କାର୍ଯ୍ୟ । ଠାକୁରାଣୀ ବୋଇଲେ ଯେବେ ତୋ ବୋହୂକୁ ଗାଲକେ କଳାଦେଇ କଳା କନା ପିନ୍ଧାଇ ବାହାର କରିଦେବୁ, ତେବେ ତୋ ଘରକୁ ଯିବି । * ଆଗ୍ୟା

---

୨୫ ଦୋପାଗ ନବାତ—ଦୁଇଥର ତରଳାଯାଇ ଗୁଡରେ ନବାତ ପ୍ରସ୍ତୁତ ହେବା ପରେ ତାହା ଦେବଯୋଗ୍ୟ ହୋଇଥାଏ ।

୨୬ 'ଷୋଳ'-ପୋଥିପାଠ ।

୨୭ ନଠିକାଳ-ନାରିକେଳ ।

୨୮ ପାହାଡ଼ା ପାରିଲା – ଲୁଗା ବିଛାଇଲା ।

୨୯ ନେତ—ଏକ ପ୍ରକାର ସୂକ୍ଷ୍ମ ବସ୍ତ୍ର ।

୩୦ କାପ୍ରୂର୍ଣ୍ଣ ପୋଥିପାଠ, କାପୁର୍ଣ୍ଣ=ବିନୀତ ଭାବରେ ଶରଣ ପଶିବା ।

* ଭିନ୍ନ ପାଠ--ଟିକାଲି ପୋଥିରେ ଅଛି ଶାଶୁ କହିଲା ତୁ ଲକ୍ଷ୍ମୀ ଦୋରେହା ହୋଇଲୁ । ଦେବ କଥା ନର କଥା ଏ ଦୁଇ କଥା ଏକା କଲୁ । ଗାଲକେ ଚୂନ ବୋଲି ଚନ୍ଦନ ଚୋପାଏ ଦେଲା । ଗାଲକେ କଳା ବୋଳି ଗନ୍ଧ ଚୋପାଏ ଦେଲା । କଳା ପାଟ କନା ସାତ ଖଣ୍ଡ ପିନ୍ଧାଇ ଦେଲା । ଗାଁ ବାହାରେ ଛାଡ଼ିଦେଲା । ବୋଇଲା ଲକ୍ଷ୍ମୀ ଦୋରେହା ଭୁଲେ । ଫେର ନ ଆସିବୁ । ବଡ଼

ହେମାଳିଙ୍କ କଳା ପାଟୁଠା (୩୧) ସେ ପିନ୍ଧାଇଲେ । ଗାଲେକେ ଚନ୍ଦ୍ର ଫୋଟାଏ
ଦେଲେ, ଗାଲେକେ ଚନ୍ଦନ ଫୋଟାଏ ଦେଲେ । ଦାଣ୍ଡଦ୍ୱାର ବାଟେ

---

ଘର ବହୂ ତ ସେ କେଉଁଆଡ଼େ ଯିବ ? ଧାନଘର ଭିତରେ ପଶିଲା । ବର ଘରେ ବର ପକାଉଛି । ଧାନ ଘରେ ଧାନ ପକାଉଛି । ଚୂଡ଼ିଲ ଘରେ ଗୃଢ଼ିଲ ପକାଉଛି । ଲକ୍ଷ୍ମୀ ନାରାୟଣ ବୋଲୁଛି । ଏଥୁ ଅନନ୍ତରେ ଶାଶୁ ଅଇଲା ପାଳିଠା କାଢ଼ି ପକାଇଲା । ଘରଦ୍ୱାର ଲିପି ପୋଛି ପକାଇଲା । ଜିରା କୁଲାଏ ଚନ୍ଦନ କାଠ ଘେନି ଭିତରକୁ ଗଲା । ଗୁଆ ଘିଅ ଓଧାଣି (ଭାତ ରନ୍ଧବା ପାଇଁ ଚୂଲ୍ଲୀ ଉପରେ ବସାଯିବା ପାଣିହାଣ୍ଡି) ଦେଲା । ଷୋଳ ଖଣ୍ଡ ପାଗ ସମ୍ବାଦ ଠାକୁରାଣୀଙ୍କି ଢକେ କରାଇଲା । ଜଗତ ମାତା ସେ । ଆଦ୍ୟ ଅନ୍ତ ଜାଣନ୍ତେ । କାଲେ ସାଧବାଣୀ ତୋ ବହୂକୁ ଅଣେ । ଠାକୁରାଣୀ ଏମନ୍ତ ଆଜ୍ଞା ଦେଲେ । ବୋଇଲେ ଯେ ଦେଖା ବହୂ କେଉଁଠାରୁ ଆଣିମି ? ଲକ୍ଷ୍ମୀ ଦୋରେହାକୁ ବାହାର କରିଦେଲେ । ବୋଇଲେ କାଲେ ମୋହର ସେବାରେ ଅଛି । ମୋହର କଥାରେ ଅଛି । ଆଗାଂ ପ୍ରମାଣେ ଗଲା । ବହୂକୁ ଘେନି ଅଇଲା । କନକ ସ୍ନାନ କରାଇଲା ଶଙ୍ଖା ଧମୂଠା ପିନ୍ଧାଇ ଦେଲା । କଳା ଲୁଗା ଖଣ୍ଡେ ପିନ୍ଧାଇ କଳଙ୍କି ଯିବାର ଯେଉଁ କଂସା ସେଥିରେ ଭାତ କଂସାଏ ଦେଲା । ବରିଡ଼ାଲି, ସାଗ ଖରଡ଼ା, ମାଛ, କାଞ୍ଜି ଏପରି ବିବିଧ ବ୍ୟଞ୍ଜନ ଦେଲା । କଅଁଳା ପୁଅଠାଏ କାଖରେ ଧଇଲା । କଅଁଳ ପଣ୍ଡ ଖଣ୍ଡେ ହାତେ ଧଇଲା । କଜ୍ଜଳ ସିନ୍ଦୂର ଲଗାଇଲା । ଶାଶୁ ବହୂ ଯାଇ ଗୋଡ଼ଢାଳି (ଗଡ଼ଢାଳି = ଦଣ୍ଡବତ ପଡ଼ି ପ୍ରଣାମ କରିବା) ଶୋଇଲା । ବୋଇଲେ କାଲେ ବହୂ ଉଦାର କି ଶାଶୁ ଉଦାର । ନ ଜାଣି ଏତେକ ମାଗିଲୁ । ଜାଣିଥିଲେ ମୋ ଦ୍ୱାରକା ଶିରୀ ସମ୍ପତ୍ତି ଛଡ଼ାଇ ଘେନନ୍ତୁ ପରା, ଅକଳଂକ କଂସା ଆଣିଛୁ ବଂଶ ନିକଳଂକ ହୋଇଥିବେ ବୋଲି । ବଗଡ଼ାଭାତ ଆଣିଛୁ ।

---

୩୧ ପାଟୁଠା--ପାଟଠିକୁ, ପଟ୍ଟବସ୍ତ୍ରଠା,

ଦେଖାଇ ବାରିଦ୍ୱାର ବାଟେ ବାହାର କରିଦେଲା (୩୨) । ବଡ଼ଘର ବହୂ କେଉଁଠି ଯିବ । ଯାଇଆସି ନ ପାରିଲା । ଧାନ ମରଇ (୩୩) ତଳେ ଧାନୁମାଠିମାନ ଗୁଡ଼କୁଟିମାନ ଭରେ ଭରେ କରି ଥୋଇଛି । ଶାଶୁ ମହାଲକ୍ଷ୍ମୀଙ୍କ ବହୁତ ସେବା କଲା । ଠାକୁରାଣୀ ବୋଇଲେ, ଆଲୋ ସାଧବାଣୀ ସେପାଳ ମୁଁ ତୋ ଘରେ ମହାପ୍ରସାଦ ଖାଇବି । ଶାଶୁ ବୋଇଲା ଗୋସାଇଁ ମୁଁ ସେଠା ସିନା । କେ ଆଣିବ । ଠାକୁରାଣୀ ଆଜ୍ଞା ଦେଲେ । ଅଷ୍ଟ ବେତାଳେ ମହାପ୍ରସାଦ ଆଣନ୍ତି । ଠାକୁରାଣୀ ଅଷ୍ଟ ବେତାଳଙ୍କୁ ଆଜ୍ଞା ଦେଲେ—ଅମୃତ ମହାପ୍ରସାଦ ବେଗକରି ଯୋଗାଅ । ଆଜ୍ଞା ପ୍ରମାଣେ ଅଷ୍ଟବେତାଳେ ମହାପ୍ରସାଦ ସାମଗ୍ରୀ ଆଣିଲେ । ସାଧବାଣୀ ସୁନା ଯୋଗାଡ଼ ଦେଲା । ତହୁଁ ଅମୃତ ମହାପ୍ରସାଦ ପରଶୁ ଅଛି । ଘୃତ ଲବଣୀ ସର ଗୋଟିକା (୩୪) ପରସିଲା । ଭୋଳ ହୋଇ ଘୃତ ବୋଇଲେ ସର ଦେଉଛି । ସର ବୋଇଲେ ଅଣ୍ଟୁ ଦେଉଛି । କଦଳୀ ବୋଇଲେ ମଣ୍ଡା ଦେଲା ! ପଇଡ଼ ବୋଲି ଘଣ୍ଟା ଦେଉଛି ।

---

ବଗଡ଼ା ମହାଲକ୍ଷ୍ମୀ ହୋଇ କନ୍ଦୁ ନ ଗୁଡ଼ିବେ ବୋଲି । ଚିର ପଇତ ଆଣିଛୁ ଚିର ମହାଲକ୍ଷ୍ମୀ ଘର ନ ଛୁଡ଼ିବେ ବୋଲି । ଶାଗ ଖରଡ଼ା ଆଣିଛୁ ସ୍ୱାମୀ ସୋହାଗୀ ହେବାକୁ । ଆମିଷ ଆଣିଛୁ ଆମିଷ ଭୁଞ୍ଜି ହୋଇଥିବାକୁ । ସିନ୍ଦୂର ଆଣିଛୁ ସିନ୍ଦୂର ମୁଣ୍ଡି ହୋଇଥିବୁ ବୋଲି । ଶଙ୍ଖା ପିନ୍ଧିଛୁ ଶଙ୍ଖାଇତ ହେବାକୁ । ଏତେବୋଲି ଠାକୁରାଣୀ ଯୋଗନଦ୍ରା ଗଲେ । ଶାଶୁ ଘଷି ବସିଲା ବହୂ ବଞ୍ଚି ବସିଲା ।

୩୨ ଦାଣ୍ଡ ଦ୍ୱାର···ବାରଦ୍ୱାର···କରିଦେଲା—ଦାଣ୍ଡଦ୍ୱାର ବାଟେ କେଉଁ ଆଡ଼କୁ ଯିବାକୁ ହେବ ଦେଖାଇ ବାଡ଼ଦ୍ୱାର ଅର୍ଥାତ ପଛପଟ ଦ୍ୱାରବାଟେ ବାହାର କରିଦେଲା ।

୩୩ ମରଇ—ଧାନକୋଠି

୩୪ ଗୋଟିକା—ଘରଡ଼ା ।

ଦେଖାଇ ବାଡ଼ଦ୍ୱାର ବାଟେ ବାହାର କରିଦେଲା (୩୨) । ବଡ଼ଘର ବହୂ କେଉଣେ ଯିବ । ଯାଇଆସି ନ ଯାଣଇ । ଧାନ ମରାଇ (୩୩) ତଳେ ଧାନୁମାଟିମାନ ଗୃହଜନ୍ତୁଟିମାନ ଭିନେ ଭିନେ କରି ଥୋଇଛନ୍ତି । ଶାଶୁ ମହାଲକ୍ଷ୍ମୀଙ୍କୁ ବହୁତ ସେବା କଲା । ଠାକୁରାଣୀ ବୋଇଲେ, ଆଲୋ ସାଧବାଣୀ ସ୍ୱେପାକ ମୁ ତୋ ଘରେ ମନୋହି କରିବ । ଶାଶୁ ବୋଇଲା ଗୋସାଇଁ ମୁଁ ସ୍ୱେକା ଯିନା । କେ ଆଣିବ । ଠାକୁରାଣୀ ଆଗଂୟା ଦେଲେ । ଅଷ୍ଟ ବେତାଳେ ମନୋହି ଆଣିମେ । ଠାକୁରାଣୀ ଅଷ୍ଟ ବେତାଳଙ୍କୁ ଆଗଂୟା ଦେଲେ—ଅମୃତ ମନୋହି ବେଗକରି ଘେନଆସ । ଆଗଂୟା ପ୍ରମାଣେ ଅଷ୍ଟବେତାଳେ ମନୋହି ସାମଗ୍ରୀ ଆଣିଲେ । ସାଧବାଣୀ ସୁନା ଯୋଗାଡ଼ ଦେଲା । ତହିଁ ଅମୃତ ମନୋହି ପରଶୁ ଅଛୁ । ଘୃତ ଲବଣୀ ସର ଗୋଟିକା (୩୪) ପରସିଲା । ଭୋଳ ହୋଇ ଘୃତ ବୋଇଲେ ସର ଦେଉଛନ୍ତି । ସର ବୋଇଲେ ଆଖୁ ଦେଉଛନ୍ତି । କଦଳୀ ବୋଇଲେ ମଣ୍ଡା ଦେଲା ! ପଇଡ଼ ବୋଲି ମଣ୍ଡା ଦେଉଛନ୍ତି ।

---

ବଗଡ଼ା ମହାଲକ୍ଷ୍ମୀ ହୋଇ କନ୍ଦ୍ ନ ଗୁଡ଼ବେ ବୋଲି । ବର ପଇଡ଼ ଆଣିଛୁ ବର ମହାଲକ୍ଷ୍ମୀ ଘର ନ ଗୁଡ଼ବେ ବୋଲି । ଶାଗ ଖରଡ଼ା ଆଣିଛୁ ସ୍ୱାମୀ ସୋହାଗୀ ହେବାକୁ । ଆମିଷ ଆଣିଛୁ ଆମିଷ ଭୁଣ୍ଡି ହୋଇଥିବାକୁ । ସିନ୍ଦୂର ଆଣିଛୁ ସିନ୍ଦୂର ମୁଣ୍ଡି ହୋଇଥିବୁ ବୋଲି । ଶଙ୍ଖା ପିନ୍ଧିଛୁ ଶଙ୍ଖାଇତ ହେବାକୁ । ଏତେବୋଲି ଠାକୁରାଣୀ ଯୋଗନଦ୍ରାଗଲେ । ଶାଶୁ ଘଷି ବସିଲା ବହୁ ବାଞ୍ଛ ବସିଲା ।

୩୨ ଦାଣ୍ଡ ଦ୍ୱାର···ବାରିଦ୍ୱାର···କରିଦେଲା—ଦାଣ୍ଡଦ୍ୱାର ବାଟେ କେଉଁ ଆଡ଼କୁ ଯିବାକୁ ହେବ ଦେଖାଇ ବାଡ଼ଦ୍ୱାର ଅର୍ଥାତ ପଛପଟ ଦ୍ୱାରବାଟେ ବାହାର କରିଦେଲା ।

୩୩ ମରାଇ—ଧାନକୋଠି

୩୪ ଗୋଟିକା—ରବଡ଼ି ।

ପିଠା ବୋଲି ଖଜା ଦେଉଛୁ । ଏରୂପେ ଭୋଳ ହୋଇ ଭୁଞ୍ଜା (୩୫) ହାତ ନେଇ ଶ୍ରୀମୁଖେ ଦେଲା । ଠାକୁରାଣୀ ଭୁଞ୍ଜିଲେ ମୋଠାରେ ମନ ଦେଇ ସାଧବାଣୀ ଭୋଳ ହେଲା । ଠାକୁରାଣୀ ଆଗ୍ୟାଂ ଦେଲେ, ଆଲୋ ସାଧବାଣୀ ବର ମାଗ । ସାଧବାଣୀ ବୋଇଲା ଗୋସାଇଁ କି ବର ମାଗିବି । କିଛି ବର ନ ଜାଣେ । ଠାକୁରାଣୀ ବୋଇଲେ କିଛି ବର ମାଗ । ଠାକୁରାଣୀ ଆଚମନ କଲେ । ମୁଖବାସ କର୍ପୂର ବଡ଼ଆ (୩୬) ପାନ ଜୋଗଣ(୩୭)କଲେ । ସାଧବାଣୀ ବୋଇଲା ଗୋସାଇଁ ମୁଁ ଚତୁର୍ଭୁଜ ହେବି । ହାଥେକେ ଚଙ୍ଗା ଟେକିବି ହାଥେକେ ଚାମର ଢାଳିବି । ହାଥେକେ ବଡ଼ଆ ଭୁଞ୍ଜାଇବି । ହାଥେକେ ପାଦ ମଞ୍ଜାଳିବି (୩୮) । ଠାକୁରାଣୀ ବୋଇଲେ ରତ୍ନ ପଲଙ୍କ ପାର (୩୯) । ମୁଁ ତୋର ଘରେ ପହୁଡ଼ିବି । ଆଜ୍ଞା ପ୍ରମାଣେ ରତ୍ନ ପଲଙ୍କ ପାଡ଼ିଲା (୪୦) । କର୍ପୂର ଧୂଳି, ସେବତୀ ପାଖଡ଼ା ସିଞ୍ଚିଲା । ନାଗେଶ୍ୱର ମୁଚୁଳି ନେତର ଶେଜ ପଡ଼ା ହେଲା । ତହିଁ ଠାକୁରାଣୀ ପହୁଡ଼ିଲେ(୪୧) । ସାଧବାଣୀ ଆଲଟ (୪୨)ଧରି ଠିଆ

---

୩୫ ଭୁଞ୍ଜା—ଖାଲି ।

୩୬ ବଡଆ—ଚୂନ ନ ଦେଇ କେବଳ ଗୁଆ ମସଲା ଦିଆ ପାନ ।

୩୭ ଜୋଗଣ—ଯୋଗାଇବା ।

୩୮ ମଞ୍ଜାଳି ଦେବା—ଘଷି ଦେବା

୩୯ ପାରିବା—ପକାଇବା । ପାରିବା ଶବ୍ଦ ସମର୍ଥ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ ।

୪୦ ପାଡ଼ିବା—'ର' 'ଡ଼' ମଧ୍ୟରେ ଅଭେଦ ଥିବାରୁ ପାରିବା ଅର୍ଥାତ୍ ବିଛାଇବା ଅର୍ଥରେ ପାଡିବା ଶବ୍ଦ ଦେଶଜ ଶବ୍ଦରୂପେ ବ୍ୟବହୃତ

୪୧ ପହୁଡ଼ିବା—ଶୋଇବା, ସମ୍ମାନାର୍ଥେ ଶୋଇବା ବଦଳରେ ସମ୍ଭ୍ରାନ୍ତ ରାଜ ପରିବାର ଓ ଦେବ ମନ୍ଦିରରେ ପହୁଡିବା ଶବ୍ଦର ପ୍ରଚଳନ ଅଛି ।

୪୨ ଆଲଟ—ଖାଲର ଲଗା ପଙ୍ଖା

ହୋଇଛୁ । ଠାକୁରାଣୀ ବୋଇଲେ କଲେ ସାଧବାଣୀ କାହିଁକି ଠିଆ ହୋଇଛୁ ? ସାଧବାଣୀ ବୋଇଲା ମୋହାପ୍ରଭୁ, ଚତୁର୍ଭୁଜ ହୋଇବ । ଉତ୍ତମ ହୁଅ ବୋଇଲେ । ଅଜ୍ଞା ପ୍ରମାଣେ ଚତୁର୍ଭୁଜ ହେଲା । ହାଥକେ ଚାମର ଢାଳିଲା । ହାଥକେ ପଙ୍ଖା ପକାଇଲା । ହାଥକେ ପାଦ ମଞ୍ଜାଳିଲା । ହାଥକେ ଫୁଟୁକି ମାରିଲା । ଏରୂପେ ସେବା କଲା । ଠାକୁରାଣୀ ନିଦ୍ରା ଗଲେ । ହରି ବଳରାମ ବଡ଼ଦେଉଳେ ବିଜେ କରିଛନ୍ତି । ଦେଖିଲେ ଶେଷ ଘରେ କେହି ନାହିଁ । ଠାକୁରଙ୍କ ମଣୋହି ସାମଗ୍ରୀ ହୋଇ ନାହିଁ । ଠାକୁର ବୋଇଲେ ଆଦର ଲକ୍ଷ୍ମୀ । ଆଦର ଯହିଁ ପାନ୍ତି (୪୩) ତହିଁ ରହନ୍ତି । ଆମ୍ଭଠାଇଁ (୪୪) ଆଜ ଅଦର ନ ଥାଇ । ଶଂଖୁଅକୁ ବୋଇଲେ ଜୟଶଂଖ ଦେବୁ । ତୋକାନ ମୋ କାନ ଲକ୍ଷ୍ମୀକାନ ହେବ । ଆଜ୍ଞା ପ୍ରମାଣେ ଜୟଶଙ୍ଖ ଦେଲା * । ମହାଲକ୍ଷ୍ମୀ କର୍ଣ୍ଣେ ସମ୍ଭାଇଲା(୪୫) । ଠାକୁରାଣୀଙ୍କ ନିଦ୍ରାଭଙ୍ଗି ଉଠି ବସିଲେ । ବୋଇଲେ କଲେ ସାଧବାଣୀ ମୋ ନିଦ୍ରା ନ ଭଙ୍ଗାଇଲୁ ଠାକୁରଙ୍କର ମତେ ନବୋଲଣା ହେବ । ଏତେ ବୋଲି ଠାକୁରାଣୀ ବିଜେକରି ଯାଉଛନ୍ତି । ଗଭା (୪୬)ଫିଟି ଯାଉଛି । ନେତର ପଣତ ଲୋଟି ଯାଉଛି । ସାଧବାଣୀ ପଛେ ଗୋଡ଼ାଇଛି । ଠାକୁରାଣୀ ପଛକୁ ଅନାଇ ଦେଲେ । ବୋଇଲେ କଲେ ସାଧବାଣୀ କାହିଁକି ଗୋଡ଼ାଇଛୁ ? ସାଧବାଣୀ ବୋଇଲା

---

୪୩ ଯହିଁଆନ୍ତି ପୋଥିପାଠ । କିନ୍ତୁ ଏଠାରେ ପାନ୍ତି ହେବା ସମୀଚୀନ

୪୪ ଆମ୍ଭଠାଇଁ--ଆମ୍ଭଠାରେ ସପ୍ତମ୍ୟନ୍ତ ପ୍ରୟୋଗ ।

* ଭିନ୍ନପାଠ—ଟିକାଲ ପୋଥିରେ ଅଛି—ଦାଣ୍ଡକାରେ ଠାକୁରଙ୍କୁ ଭୋଗ ଲାଗିଲା । ବଳଭଦ୍ର ଠାକୁର ବୋଇଲେ ଜଗନ୍ନାଥେ,ଲକ୍ଷ୍ମୀ ଯେ ଦାଣ୍ଡବଳେ ରହିକରି ଆମ୍ଭ ଦୁଇଭାଇଙ୍କି ଭୋଗ ରଖିକରି ଆମ୍ବ, କଦଳୀ, ନଡ଼ିଆ, ଛେନା ପାଇ ବୁଲୁଥାଆନ୍ତି ସାହି ସାହି । ପ୍ରଭୁ ଆଜ୍ଞାଂ କଲେ ମୁଦ୍ଦରଥଙ୍କୁ ଡାକ । ମୁଦ୍ଦରଥ ଆଜ୍ଞାଂ ପ୍ରମାଣେ ଅଇଲେ । ମୁଦ୍ଦରଥଙ୍କୁ ଆଜ୍ଞାଂକଲେ ପ୍ରଭୁ ଜୟଶଙ୍ଖ ଦେବୁ ତୋ କାନେ ଶୁଭିବ । ମୋ କାନେ ଶୁଭିବ । ଲକ୍ଷ୍ମୀକାନେ ଶୁଭିବ । ଠାକୁରାଣୀ ଅସିବାକୁ ଜୟଶଙ୍ଖ ପୂରିଲେ ।

ଗୋସାଇଂ ମତେ ବର ଆଗ୍ୟାଂ ହୋଉ । ଠାକୁରାଣୀ ବୋଇଲେ କ ବର ମାଗିବୁ ମାଗ । ସାଧବାଣୀ ବୋଇଲା—ଗୋସାଇଂ ବନ୍ଧୁଂକର ବଳା, ପାହୁଡ଼ରେ ନାଡ ନାଡୁଣୀଂକର ଘଣ୍ଟି ଘାଗୁଡ଼ି ଶବଦରେ,ରଜା ଯାଉଥିବେ ଦାଣ୍ଡେ ତାହା ନଶୁଣିବ କାନେ । କର୍ଣ୍ଣର ଗଣ୍ଡିଆ କାନ୍ଧରେ ଲେଟୁ, ହସ୍ତର କଂକଣ ଜନ୍ମେ ନତୁଟୁ । କୋଡକୁ ମିଳୁ ମୋ ନନ୍ଦନ ବାଳା (୪୭) ସ୍ୱାମୀ ହୋଇଥିବେ ଗୁଆ ପୋଯୁଳା । (୪୮) ଆଗେ (୪୯) ଧାନଘର ପଛେ ଗୁହାଳ ଘର । ପରର (୫୦) ଆଶ୍ରାକରୁ ମୋହର ଘର । ପରକୁ ଦେବ । ପରକୁ ନମାଗିବ । ବାରଗଣ୍ଡା ଥିବେ ନାଡ ନାଡୁଣୀ । ତେରଗଣ୍ଡା ଥିବେ କୁମର ମଣି । ପରମଲକ୍ଷ୍ମୀ ମୋ ପୁରରେ ଥିବେ । ଷଷ୍ଠୀ ଦେଉଂ ଗୁଇ (୫୧) ଘ୍ରିତ ପାଳିବେ । ଢିଂକି ଶାଳର ଖୁଦକୁଣ୍ଡା ପୋଡପିଠା ଖଣ୍ଡିଯେ ଦେନ ଥିବେ । ଖଣ୍ଡିଯେ ଖଣ୍ଡିଯେ ଖାଉଥିବେ । ମରାଇ ଚୂରପାଖେ ବୁଲୁଥିବ । ଠାକୁରାଣୀ ବୋଇଲେ କଲେ ମା ଢିଙ୍କି ଶାଳର ଖୁଦକୁଣ୍ଡା ପକାଇ ନଦେବୁ । ତୋତେ ସବୁ ବର ମୁଂ ଦେଲି । ଠାକୁରାଣୀ ବୋଇଲେ ଆଲୋ ତୋର ବନ୍ଧୁ ମୋ କାର୍ଯ୍ୟରେ ଅଛୁ । ତାକୁ ଘରକୁ ଦେନ ଆସ । ଆଗ୍ୟାଂ ପ୍ରମାଣେ ଶାଶୁଟଲେ । ବଡଘର ବନ୍ଧୁ କେଣିକି ଯିବ । ମରାଇ ତଳରେ ବସିଅଛୁ । ଧାନଟିମାନ ଧାନ ମରାଇରେ ପକାଉ ଅଛୁ । ଦରଟିମାନ

---

୪୫- ସମ୍ଭାଇବା - ଶବ୍ଦ କର୍ଣ୍ଣଗତ ହେବା ।

୪୬- ଗଭା - କେଶପାଶ ।

୪୭- ନନ୍ଦନ ବାଳା - ପୁଅଝିଅ ।

୪୮- ଗୁଆ ପୋଯୁଳା - ଗଳାର ରତ୍ନ ହାର ଅର୍ଥାତ ଏକପତ୍ନୀ ରତ ସ୍ୱାମୀ । ଏଠାରେ 'ଗଳା ପୋଯୁଳା' ହେବା ଅଧିକ ସମୀଚୀନ ।

୪୯- ଆଗେ ଧାନ ··· ଗୁହାଳଘର - ଗୋପଲକ୍ଷ୍ମୀ ଅର୍ଥାତ୍ ଧନ ଧାନ୍ୟ ଗୋ ସମ୍ପଦ ।

୫୦- ପରେ - ଅନ୍ୟ ଲୋକ ମାନେ ।

ଵର ମଟଇରେ ପକାଉଛୁ । ମୁଗଚିମାନ ମୁଗ ମଟଙ୍ଗରେ ପକାଉଛୁ ।
ଶାଶୁଯାଇ ବହୂକୁ ଘେନି ଆସିଲ । କନକ ଗ୍ରାନ୍ କରଇଲା (୫୨) ।
ପାଟେ ପିନ୍ଧି ପାଟ ଉପରଣା ଦେଲା । ଗଭା (୫୩) ଘରେ ପଶି ସିନ୍ଦୂର
ଫରୁଆ କଜଳପାତି ମାଣିକ୍ୟ ନାକଚଣା ଆଯୁ ଅଳଙ୍କାର ଅଣିଲା ।
ଅକଳଙ୍କ କଂସାଠାକେ ବଟଗା ଭାତ ବାଢ଼େ (୫୪) ବର ପଇତି, ସାଇଂ
(୫୫) କାଂଜି ବାଢ଼ି କଲା । ଅଗଷା ଟିଠା ଧାତ ସୁଆଳି ବାଢ଼ିକ
ଥୋଇଲା, ସିନ୍ଦୂର ଫରୁଆ କଜଳ ପାତି ମାଣିକ୍ୟ ନାକଚଣା ଅଯୁ
ଅଳଙ୍କାର ଅଣିଲ । ଅକଳଙ୍କ କଂସାଠାକେ ବଟଗାଭାତ ବାଢ଼ି, ବର
ପଇତି ବାଢ଼ିକ ଥୋଇଲ । ସିନ୍ଦୂର ଫରୁଆ କଜଳ ପାତି ହୀରା
ମାଣିକ୍ୟ ନାକସି କଲ । ଯେତେକ ବହୂକୁ ଘେନି ଠାକୁରାଣୀଙ୍କ
ଭେଟିଲ । ଦେଖିକରି ଠାକୁରାଣୀ ହସିଲେ । ବୋଇଲେ ଅଲୋ ଶାଶୁ
ଉଦାରି, ବହୂ ଉଦାରି । କଣ ବରମାଗି ନକାଉଛ । ସିନ୍ଦୂର
ଫରୁଆ ଅଣିଛୁ ପାକଲ୍ଲବାଲେ ସିନ୍ଦୂର ଘେନିବ । କଜଳପାତି ଆଣିଛୁ
ଅହ୍ୟଓ ସୁଲକ୍ଷଣୀ ହେବ । ହୀରା ମାଣିକ୍ୟ ନ କଚଣା ଆଣିଛୁ, ହୀରା
ମାଣିକ୍ୟରେ ମଣ୍ଡି ହୋଇଥିବ । ବଟଗାଭାତ ଆଣିଛୁ ବଗଡା ମହାଲକ୍ଷ୍ମୀ
ନଗୁଡ଼ିବ । ବରହ୍ମା ପଇତି ଅଣିଛୁ ବହ୍ମ ମହାଲକ୍ଷ୍ମୀ ଅନୁଗ୍ରହ କରିଥିବେ
ଅକଳଂକ କଂସା ଆଣିଛୁ ଅକଳଂକ ବଂଶ ହୋଇଥିବ । ସାଇଂ ଶାଗ
ଆଣିଛୁ ସାଇଂ ସୁଆଗୀ ହୋଇଥିବ । ସାଇଂ କାଂଜି ଆଣିଛୁ ସଖି

---

୫୧– ଷଷ୍ଠୀ … ବ୍ରତପାଳିବେ – ଷଷ୍ଠୀ ଦେବୀଙ୍କର ବରଦାନ ପାଇବା
ଅର୍ଥାତ ପୁତ୍ରାଦି କେହି ମୃତ୍ୟୁ ମୁଖରେ ପଡ଼ିବେ ନାହିଁ ।

୫୨– ସ୍ନାନ ଶବ୍ଦର ଦେଶଜ ପ୍ରୟୋଗ ଗ୍ରାନ୍, ସ୍ନାହାନ, ସିନାନ ଶବ୍ଦ
ଓଡ଼ିଆରେ ପ୍ରଚଳିତ ।

୫୩– ଗଭା ଘର – ଭିତର ଘର ଯେଉଁଠାରେ ବାହାରର ଦୃଷ୍ଟି ନ
ପଡ଼େ ।

୫୪– ବାଢ଼େ – ପୃଥକ ।

ନଉଛୁଇ(୫୭)ପ୍ରତିପାଳି ଥିବେ । ଆରିସା ପିଠା ଆଣିଛୁ ସୁପରସାଇବୁ (୫୮)। ସୁଆଳି (୫୯) ଆଣିଛୁ ସାଠି(୬୦) ସୁଆଳି ହେବ । ନନ୍ଦ (୬୧) ଆଣିଛୁ ନନ୍ଧ ବନ୍ଧ (୬୨) ହେବ । ନ ଜାଣି ସବୁ ଯେତେ ଯେତେ ବର ମାଗିଲୁ । ଜାଣିଲେ ମୋ ଦ୍ୱାରକାପୁର ମାଗନ୍ତା ପରି । ଯେତେ ବୋଲି ଠାକୁରାଣୀ ବଡ ଦେଉଳକୁ ବିଜେ କଲେ । ଅଷ୍ଟ ବେତାଳଙ୍କୁ ଆଜ୍ଞା ଦେଲେ । ଅମୃତ ମଣୋହି କୋଠାକୁ ବହି ଆଣ । ଆଜ୍ଞା ପାଇ ଆଣିଲେ । ଲକ୍ଷ୍ମୀ ନାରାୟଣଙ୍କ ଭେଟ ହେଲା । ଠାକୁରେ ଆଜ୍ଞା ଦେଲେ । ଆଦର ଲକ୍ଷ୍ମୀ ଯହିଁ ଆଦର ପାଅ ତହିଁ ରହ । ଆମ୍ଭ କଥା ମନେ ନଥାଇ । ଲକ୍ଷ୍ମୀ ବୋଇଲେ ତୁମ୍ଭେ ଜଗତ ଠାକୁର । ତୁମ୍ଭ ଆଜ୍ଞାରୁ ମୁଁ ଜଗତ ଠାକୁରାଣୀ । ଯାହାକୁ ପଢ଼ି ନଦେଇ ସେ ନପାଇ । ଯେତେ କହି ଅମୃତ ମଣୋହି ଯୋଗାଡ଼ ସଜାଡ଼ିଲେ । ହରି ବଳରାମ ମଣୋହିରେ ବସିଲେ । ଆଚମନ ସାରି କର୍ପୂର ବଢ଼ିଆ ଲଗି ହେଲେ । ଧୂପ ବଡ଼ସିଂହାର ବଳିଲା(୬୩) ନିଦ୍ରାରେ ଆଖି ଢୁମିତ ହେଲା । ମଣିମା ମୋତେ ବିଜେ ହେଉ ବୋଲି ଡାକ ପଡ଼ିଲା । ଲକ୍ଷ୍ମୀ ନାରାୟଣ ଏକାନ୍ତ ହେଲେ । ଠାକୁରେ ବିଗୁରିଲେ ଲକ୍ଷ୍ମୀଙ୍କ ପଢ଼ି ଦେବାର ଆଜ ବଢ଼ିବା । ଯେତେ ବୋଲି ଭ୍ରମର ଗୋଟି ପିନ୍ଧା କାନରେ ବାନ୍ଧି ପହୁଡ଼ିଲେ । ସକାଳୁ ନିଦ୍ରା ଭାଙ୍ଗିଲା । ଠାକୁରାଣୀଙ୍କ

---

୫୫- ପଇଡ - ରନ୍ଧାଡ଼ାଲି ।

୫୬- ସାଇଁ - ଛୁଇଁ. ସ୍ୱାମୀ - ପ୍ରଭୁଅର୍ଥରେ ବ୍ୟବହୃତ ।

୫୭- ନଉଛାଳି, ନଉଛାଇ - ବିନତ ହୋଇ

୫୮- ସୁପରଶାଇବା - ଭଲଭାବରେ ଖାଦ୍ୟ ପରିବେଷଣ କରିବା ।

୫୯- ସୁଆଳି - ପୁରିଦଆକାରର ପିଠା ।

୬୦- ସାଠି ସୁଆଳି - ଯାହାର ଜୀବଦଶା ମଧ୍ୟରେ ପୁଅ କନ୍ୟା ଆଦୌ ନ ମରନ୍ତି, ସେ ସ୍ତ୍ରୀ ଲୋକକୁ ସାଠି ସୁଆଳି ଅର୍ଥାତ ଦେବଙ୍କ ଆଦରର ପାତ୍ରୀ ବୋଲି କୁହାଯାଏ ।

୬୨- ନନ୍ଦ - ଧାନ ରଖିବା ଲାଗି ତିଆରି ବଡ଼ ବଡ଼ କୁଣ୍ଡ ବା ନନ୍ଦଆ

ବୋଇଲେ ଆମ୍ଭ ପିଣ୍ଡା କାନରେ କ ଅଛୁ ଗଣ୍ଡି ପିଠାଅ । ଲକ୍ଷ୍ମୀ ଫେଇ ଦେଖିଲ ବେଳକୁ ଭ୍ରମରଟିଏ ଅଛୁ । ତା ତୁଣ୍ଡରେ ନିର୍ମାଲ୍ୟଟିଏ ଅଛି । ଠାକୁରେ ହସି ହସି ଲକ୍ଷ୍ମୀକି କୋଳାଗ୍ରତ କଲେ । ବୋଇଲେ ପ୍ରମାଣ ଆମ୍ଭେ ବ୍ରହ୍ମାଣ୍ଡ ଠାକୁର । ତୁମ୍ଭେ ବ୍ରହ୍ମାଣ୍ଡ ଠାକୁରାଣୀ ଯେମନ୍ତ କହି ବଡ ସନ୍ତୋଷ ହୋଇଲେ । ସାଧବାଣୀ ବର ପାଇ ଘରେ ପ୍ରବେଶ ହେଲ । ଦିନେ ଯେକାଦଶୀ କରିଛି । ଦ୍ୱାଦଶୀ ପାଇଁ ପୋଇଲି ହାତରେ କଉଡ଼ି କାହାଣେ ଦେଲ । ବୋଇଲ ଆନେ୍ଲ ବନ୍ଧୁ ପୋଯେ (୬୪) ପାରଣା କରିବେ । ଦେବଗ ହାଟବାଟ ବହିଅର୍ଣି ଦେଖିଲ ବେଳକୁ ରଜା ଥାଟ ଚଳିଛନ୍ତି । ରଜା ଥାଟ (୬୫) ନଛିଡ଼ଇ । ପୋଇଲି ବାଟ ନଛିଡ଼ଇ । ରଜା ଥାଟ ଛିଡ଼ିଲ । ପୋଇଲି ଦୁଇ ପହରକୁ ବାଟ ଘିନି ଅଇଲ । ସାଧବାଣୀ ବୋଇଲ କାହିଁ ଏତେ ବେଳରେ କମ୍ପା ନଇଲୁ ? ପୋଯେ ପାରଣା କେତେ ବେଳକେ କରିବେ ? ପୋଇଲି ବୋଇଲ ରଜା ବାଟେ ଯାଉଥିଲେ । ରଜା ଥାଟ ନ ଛିଡ଼ଇ । ମୋ ବାଟ ନ ଛିଡଇ । ଯେତେ ବେଳକେ ଅଇଲି । ସାଧବାଣୀ ବୋଇଲ ମୋ ହର ଦ୍ୱାରେ ରଜା ଗଲେ । ବାଦ୍ୟ ବଡକାଠ ମୋତେ ନଶୁଭିଲ । ମନେ ବିଚାରିଲା ମହାଲକ୍ଷ୍ମୀଙ୍କ ବର ମୋତେ ଯେତେ ସିଦ୍ଧ ହେଲା । ରଜା ଯାଉଛନ୍ତି ଦାଣ୍ଡେ । ତାହା ନ ଶୁଣିଲି କାନେ । ଯେତେ ବୋଲି ଲକ୍ଷ୍ମୀଂକ ବହୁ ତୁଷ୍ଟି କଲା । ଗତ୍ଭୁଂ (୬୬) ଶତେଗୁଣେ ସେବାକର ରହିଲା ।

ଶ୍ରୀ ନଡ଼ୟାନ ମହାଲକ୍ଷ୍ମୀ କଥା ସମ୍ପୂର୍ଣ୍ଣ ।

---

୬୨- ନାନ୍ଧବାନ୍ଧ - କୁଟୁମ୍ବ ଜଞ୍ଜାଳରେ ବାନ୍ଧିହେବା ।

୬୩- ବୃହତ ଶୃଙ୍ଗାର > ବଡ ଶୃଙ୍ଗାର > ବଡ଼ ସିଙ୍ଗାର > ବଡ଼ ସିଙ୍ଗାର ଶୟନ ସମୟରେ ହେବା ବେଶଭୂଷଣ ।

୬୪- ପୋଯେ - ପୁତ୍ରମାନେ, ପୁତେ - ପୁତେ - ପୁଏ ପୋଯେ ।

୬୫- ଥାଟ - ରଜାଙ୍କ ଗହଣରେ ଥିବା ରାଜ କର୍ମଚାରୀ, ସୈନ୍ୟ ।

୬୬- ଗତ୍ଭୁଂ - ଅଧିକ ଅପେକ୍ଷା । ଗତ ଅର୍ଥ ଅଧିକ, ଏଥିରୁ ଗତ୍ଭୁ ହୋଇଛି ।

# ଗ୍ରନ୍ଥସୂଚୀ


ଉପାଧ୍ୟାୟ, ଗୌରୀଶଙ୍କର : ବ୍ରତ ଚନ୍ଦ୍ରିକା (୧୯୬୭)
ଶାରଦା ମନ୍ଦିର, ବାରାଣସୀ

: ଓଡ଼ିଶାର ଶାକ୍ତ ସଂସ୍କୃତି
ଓଡ଼ିଶା କଲଚରାଲ ଫୋରମ ସଂପାଦିତ
ଗ୍ରନ୍ଥ ମନ୍ଦିର, କଟକ

ଗନ୍ତାୟତ, ଶ୍ୟାମ ସୁନ୍ଦର : ଶାମ୍ବ ଦଶମୀ କଥା (୧୯୫୮)

ଠାକୁର, ଅବନୀନ୍ଦ୍ରନାଥ : ବାଙ୍ଗ୍ଲାର ବ୍ରତ (ବଙ୍ଗଳା)
ବିଶ୍ୱଭାରତୀ

ଦାଶ, ଡକ୍ଟର କୁଞ୍ଜବିହାରୀ : ଓଡ଼ିଆ ଲୋକ ଗଳ୍ପ ସଂଚୟନ
ଓଡ଼ିଶା ସାହିତ୍ୟ ଏକାଡେମୀ

: ଓଡ଼ିଆ ଲୋକଗୀତ ଓ କାହାଣୀ
ବିଶ୍ୱଭାରତୀ

: ପଲ୍ଲୀ ଗୀତ ସଞ୍ଚୟନ (୧ମ ଭାଗ)

ଦାସ, ଅଚ୍ୟୁତାନନ୍ଦ : କୈବର୍ତ୍ତ ଗୀତା

ଦାସ, ଗୋପିନାଥ : ଖୁଦୁରୁକୁଣୀ ଓଷା (୧୯୧୩)
ଦାଶରଥି ପୁସ୍ତକାଳୟ, କଟକ

: ବୁଧୀବାମନ ବା ବୁଧେଇ ଓଷା
ଦାଶରଥୀ ପୁସ୍ତକାଳୟ, କଟକ

ଦାସ, ଜଗନ୍ନାଥ : ଏକାଦଶୀ ମାହାତ୍ମ୍ୟ

: ଶ୍ରୀମଦ୍ ଭାଗବତ, ଷଷ୍ଠ ସ୍କନ୍ଧ

: ଶ୍ରୀମଦ୍ ଭାଗବତ, ଦଶମ ସ୍କନ୍ଧ

ଦାସ, ଦୀନକୃଷ୍ଣ : କୁଶଲ ପୁରାଣ

: ଜାତି ଭାଷା, ଦାଶରଥୀ ପୁସ୍ତକାଳୟ,
କଟକ

ଦାସ, ପଣ୍ଡିତ ସୂର୍ଯ୍ୟନାରାୟଣ : ଓଡ଼ିଆ ସାହିତ୍ୟର ପରିଚୟ

ଦାସ, ପୁରୁଷୋତ୍ତମ : ଦ୍ୱିଶାସ୍ଥା ଓଷା,
ଦାଶରଥୀ ପୁସ୍ତକାଳୟ, କଟକ

ଦାସ, ବଳରାମ : ଲକ୍ଷ୍ମୀ ପୁରାଣ

ଦାସ, ଶାରଳା : ମହାଭାରତ,
ଓଡ଼ିଶା ସାହିତ୍ୟ ଏକାଡେମୀ,
ଭୁବନେଶ୍ୱର

ଦାସ, ସର୍ବେଶ୍ୱର : ଓଡ଼ିଶାର ପର୍ବପର୍ବାଣୀ (୧୯୫୮)
ସମ୍ବଲପୁର

ଦେବ, ପ୍ରମୋଦଚନ୍ଦ୍ର : ପ୍ରମୋଦ ଅଭିଧାନ (୧୯୪୨)
ତାଳଚେର

ଦେବ ବର୍ମ, ବନମ : ବନମ ରଚନା ବଳୀ,
ମନମୋହନ ପୁସ୍ତକାଳୟ, କଟକ

ନନ୍ଦଶର୍ମା, ପଣ୍ଡିତ ଗୋପୀନାଥ : ଶବ୍ଦତତ୍ତ୍ୱ ବୋଧ ଅଭିଧାନ
ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ

ପରିଡ଼ା, ଡକ୍ଟର ପ୍ରାଣକୃଷ୍ଣ : ବିଜ୍ଞାନ ଦୃଷ୍ଟିରେ ବର୍ଣ୍ଣାଶ୍ରମ ଧର୍ମ
ନବ ଭାରତ, ବର୍ଷ ୧୩୪୧

ପାଣିଗ୍ରାହୀ, ବଳଭଦ୍ର : ପୂର୍ଣ୍ଣିମା ଓଷା, ବୁଗୁଡ଼ା, ଗଞ୍ଜାମ

ପାଣ୍ଡେୟ, ଡକ୍ଟର ରାଜବଳୀ : ହିନ୍ଦୁ ଧର୍ମ କୋଷ (ହିନ୍ଦି)

ପ୍ରହରାଜ, ଗୋପାଲଚନ୍ଦ୍ର | ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

ବସୁ, ନିର୍ମଳ କୁମାର | ହିନ୍ଦୁ ସମାଜେର୍ ଗଡ଼ନ୍ (ବଙ୍ଗଳା)
ବିଶ୍ୱ ଭାରତୀ

ନନ୍ଦଧାନ, ବଳଭଦ୍ର | ଛନ୍ଦପାଠ (୧୯୩୭)

ବେହେରା, ଡକ୍ଟର କୃଷ୍ଣ ଚରଣ | ଓଡ଼ିଆ ଉପନ୍ୟାସ,
(ଉନ୍ମେଷ ଓ ଉତ୍ତରଣ : ପ୍ରଥମ ପର୍ଯ୍ୟାୟ)
(୧୯୬୮)
ଜଗନ୍ନାଥ ରଥ, କଟକ

ମହାନ୍ତି, ଡକ୍ଟର ଅର୍ତ୍ତବଲ୍ଲଭ | ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ
ଉତ୍କଳ ବିଶ୍ୱ ବିଦ୍ୟାଳୟ

ମହାନ୍ତି, ଡକ୍ଟର ଜାନକୀ ବଲ୍ଲଭ | ଓଡ଼ିଆ ଗୀତି କାବ୍ୟ (୧୯୬୭)
ଗ୍ରନ୍ଥ ମନ୍ଦିର, କଟକ

ମହାନ୍ତି, ଡକ୍ଟର ବଂଶୀଧର | ଓଡ଼ିଆ ସାହିତ୍ୟର ଇତିହାସ
(୧୯୭୦)
ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

| ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ
ସାହିତ୍ୟ (୧୯୬୮)
ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

ମହାନ୍ତି, ସୁରେନ୍ଦ୍ର | ସାହିତ୍ୟର ଉତ୍ପତ୍ତି ଓ ଅଭିବ୍ୟକ୍ତି
ନବ ଭାରତ ନୂଆ ପ୍ରସ୍ଥ, ସିଂହ, ୧୩୫୬

ମହାପାତ୍ର, ଚକ୍ରଧର | ଉତ୍କଳ ଗାଉଁଲୀଗୀତ (୧୯୫୯)
ଶ୍ରୀମତୀ ସୁରମା ମହାନ୍ତି,
ତେଲେଙ୍ଗା ବଜାର, କଟକ

ମିଶ୍ର, ପଣ୍ଡିତ ନୀଳମଣି । ଓଡ଼ିଆ ବାଦ୍ୟଧାରା
ଓଡ଼ିଶା ସାହିତ୍ୟ ଏକାଡ଼େମୀ

। ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ
ଗ୍ରନ୍ଥ ମନ୍ଦିର, କଟକ

ମିଶ୍ର, ପଣ୍ଡିତ ବିନାୟକ । ଓଡ଼ିଆ ସାହିତ୍ୟର ଇତିହାସ (୧୯୬୨)
ରାମକୃଷ୍ଣ ପୁସ୍ତକ ଭଣ୍ଡାର, କଟକ

ରଥ, ପଣ୍ଡିତ ଗଣେଶ୍ୱର ବାଚସ୍ପତି । ବ୍ରତ ବିଧାନ ପଦ୍ଧତି (୧୯୬୧)
ନିଉ ଓଡ଼ିଶା ପବ୍ଲିସିଂ ହାଉସ୍, କଟକ

ରାଜଗୁରୁ, ଗଦାଧର । ଗଦାଧର ପଦ୍ଧତି (ସଂସ୍କୃତ)
ଧର୍ମଗ୍ରନ୍ଥ ଷ୍ଟୋର, କଟକ

ହୋତାଶର୍ମା, ଶ୍ରୀଧର । ବ୍ରତକଥା ପଦ୍ୟାବଳୀ, (୧୯୬୪)
ଗୋଳିଆ, ଗଞ୍ଜାମ

ହୋଗିଙ୍ଗ୍, ପଣ୍ଡିତ ଜଗନ୍ନାଥ ଶାସ୍ତ୍ରୀ । ବ୍ରତକୋଶଃ (ସଂସ୍କୃତ)
ବନାରସ

। ଅଲଣା ଓଷା (୧୯୫୭)
ଦାଶରଥି ପୁସ୍ତକାଳୟ, କଟକ

। ଋଷି ପଞ୍ଚମୀ, (୧୯୧୦)
ୟୁନିଅନ ପ୍ରେସ୍, କଟକ

। କାଂଜିଅଁଲା ଓଷା,
ଦାଶରଥୀ ପୁସ୍ତକାଳୟ, କଟକ

। କୁକ୍‌କୁଟୀ ବ୍ରତ (୧୯୨୭)
ଅରୁଣୋଦସ୍ତୁ ପ୍ରେସ୍, କଟକ

। ଗୁରୁବାର ଓଷା ବା ଧାନ ମାଣିକା କଥା
(୧୯୫୮) ଦାଶରଥି ପୁସ୍ତକାଳୟ, କଟକ

। ଗୁଡ଼ଲ ଭଜା ଓଷା କଥା (୧୯୬୮)
କୋହିନୂର ପ୍ରେସ୍, କଟକ

। ଚୈତ୍ର ମଙ୍ଗଳା ଓଷା,
ଦାଶରଥୀ ପୁସ୍ତକାଳୟ, କଟକ

। ଦାଣ୍ଡ ପହଁଷ୍ଟ ଓଷା
ଦାଶରଥୀ ପୁସ୍ତକାଳୟ, କଟକ

। ନାଗକୁଳୀ ବ୍ରତ (୧୯୧୫)
ରଥ, ଚୋବନ୍ଦ କଟକ

। ବଡ଼ ଓଷା, ଦାଶରଥୀ ପୁସ୍ତକାଳୟ
କଟକ

। ବାଟ ଓଷା, ଦାଶରଥୀ ପୁସ୍ତକାଳୟ
କଟକ

। ବାର୍‌ହୋଁ ମହିନେକେ ସଂପୂର୍ଣ୍ଣ ବ୍ରତ
ଅଉର୍ ତ୍ୟୋହାର (୧୯୫୭), ମଥୁରା

। ବେଣାଟିଆ ଓଷା, ରାଓ, ବଂଶୀଧର

। ରାଇ ଦାମୋଦର ଓଷା,
କୋହିନୂର ପ୍ରେସ୍, କଟକ

। ଶ୍ରୀମଦ୍ ଭଗବତ୍ ଗୀତା,
ଗୀତା ପ୍ରେସ୍, ଗୋରଖପୁର

। ଷଠୀ ଓଷା, ଦାଶରଥୀ ପୁସ୍ତକାଳୟ,
କଟକ

। ଓଷାବଳୀ, ନବଯୁଗ ପୁସ୍ତକାଳୟ,
ବ୍ରହ୍ମପୁର, ଗଞ୍ଜାମ

। ବ୍ରତାବଳୀ, ନବଯୁଗ ପୁସ୍ତକାଳୟ,
ଗଞ୍ଜାମ

Behura, Dr. N. K. : Peasant Potters of Orissa (1978)
Sterling Publishers Pvt. Ltd.
New Delhi.

Bhattacharya, Asutosh : Folk Lone of Bengal (1978)
National Book Trust, India
New Delhi.

Das, Dr. K. B. &
Mohapatra, Dr. L. K. : Folk Lone of Orissa
National Book Trust, India
New Delhi.

Dubou, Abbe. J. A. : Hindu Manners, Customs
& Ceremonies Oxford
University Press.
London.

Frazer, Sir James Geonge : The Golden Bough
Astudy in magic & Religion
Part I & Part VII
(3rd Edition)
Mackmillan, London.

Kane, Prof. P. V. : History of Dharma Sastra
Bhandarkar Research Institute
Poona.

Margaret & James
Stutley : A Dictionary of Hinduism
Allied Publishers Pvt. Ltd.
Bombay.

| | | |
|---|---|---|
| Mukherjee, Sujit (Editor) | : | The Idea of an Indian Literature (1981) Central Institute of India Languages, Mysore. |
| Roy, Dr. B. C. | : | Orissa Under Marathas (1960) Kitab Mahal, Allahabad |
| Sarkar, B. K. | : | The Folk Element in Hindu Culture, Cosmos Publications, New Delhi. |
| Sen, K. M. | : | Hinduism (1961) Penguin Book, London. |

# ନାମ ସୂଚୀ


ଅର୍କକ୍ଷେତ୍ର - ୧୯୮, ୧୫୧
ଅଗସ୍ତି - ୧୮୨
ଅଙ୍ଗିସରଷି - ୧୧୨
ଅଗ୍ନି - ୨୦୨
ଅଗ୍ନିମିଳ - ୪୭
ଅଗସ୍ତି - ୬୨
ଅନୁଗୁଳ - ୧୪୫
ଅନୁବାଦ ସାହିତ୍ୟ - ୨୫୧
ଅପଶକୁନ - ୧, ୧୮୫
ଅପ୍ସରା - ୧୬୫,
ଅବନ୍ତୀ - ୯୬, ୧୦୯
ଅମରକୋଷ - ୨୪୧
ଅମସ୍ତ କୁମ୍ଭାରୁଣୀ - ୧୬୩, ୧୪୪
ଅର୍ଥ ଉଦଅ ରବିବାର - ୧୬୪
ଅଲଙ୍କାର ପଁରୁଆ - ୧୯୭
ଅଲେଖ - ୨୨୧
ଅଷ୍ଟ ଅପ୍ସରା - ୧୮୯
ଅଷ୍ଟକନ୍ୟା - ୧୨୦,୧୬୪,୨୦୯
ଅଷ୍ଟକଳା - ୨୪୭
ଅଷ୍ଟନାୟିକା - ୧୯୧
ଅଷ୍ଟବେତାଳ - ୨୧୨
ଅଷ୍ଟାଙ୍ଗ ଯୋଗ - ୧୧୦

ଆଖଣ୍ଡଳ ମଣି - ୨୭୭
ଆଚାର୍ଯ୍ୟ, ଶଙ୍କର - ୨୭୦
ଆଞ୍ଚଳିକତା - ୩୦୩
ଆଣ୍ଠୁ କୁଣ୍ଡା କୋଠା - ୧୨୧
ଆଦିବାସୀ - ୭୭
ଆଦିବାସୀ ସମାଜ - ୭୮
ଆନୁଷ୍ଠାନିକ କାହାଣୀ - ୧୦,୧୧, ୨୮୦, ୩୦୪
ଆନ୍ଧ୍ର - ୧୫୩, ୨୭୭
ଆସାମ - ୨୭୭

ଇନ୍ଦ୍ର - ୨୯,୧୪୪, ୧୮୬, ୧୮୮, ୧୯୧,୧୯୯,୨୪୨,୨୫୧, ୨୫୩,୨୫୫,୨୫୬
ଇନ୍ଦ୍ରାଣୀ - ୨୫୭

ଈଶ୍ୱର - ୧୫୪
ଈଶ୍ୱର - ଆଲ୍ଲା - ୨୬୭
ଈଶ୍ୱର ନାଥ - ୨୨୪
ଈଶ୍ୱର ପାର୍ବଣ - ୫୮,୧୫୫, ୧୫୬,୧୫୭,୨୧୫

ଉଡ଼ଙ୍ଗ ଦେଶ - ୧୦୬
ଉଡ୍ର ରାଷ୍ଟ୍ର - ୬୪
ଉତ୍ତରକୋଶଳ - ୮୧
ଉତ୍ତର ଭାରତ - ୧୬୧

ଉତ୍ତରାୟଣୀ - ୧୯୯
ଉତ୍ତରାୟଣୀ ମଙ୍ଗଳବାର-୧୨୪
ଉଟବସଥ - ୧
ଉଟବସ୍ତ୍ର - ୬
ଉପାଧ୍ୟାୟ, ବଳଦେବ - ୪
ଉପାସ - ୪୧
ଉଦ୍ଦରଭାବାଦ - ୮,୧୭୨,୧୭୩,
୨୪୭,୨୯୬,୨୯୭
ଉମା-ମହେଶ୍ୱର - ୫୭,୨୧୩

ଋକ୍ମଣୀ - ୧୯୪
ଋଗ୍‌ବେଦ - ୬
ଋତୁଧାନ - ୧୦୯,୧୧୦

ଏକାଦଶୀ ମାହାତ୍ମ୍ୟ - ୧୫
ଐନ୍ଦ୍ରଜାଲିକ କ୍ରିୟା - ୨୨୩,
୨୬୬,୨୯୨,୨୯୭
ଐରାବତ ହସ୍ତୀ - ୧୮୯

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ-୨୫
ଓଡ଼ିଆ ଗୀତିକାବ୍ୟ - ୧୦
ଓଡ଼ିଆ ସାହିତ୍ୟର ଇତିହାସ- ୧୦
ଓଡ଼ିଆ ସାହିତ୍ୟର ପରିଚୟ- ୯
ଓଷା କଥା - ୧୧୭
ଓଷା କୋଠି - ୨୪୭
ଓଷାବ୍ରତ କଥାର ଐତିହାସିକ
ମୂଲ୍ୟ - ୨୯୫

ଓଷାବ୍ରତ ସାହିତ୍ୟ - ୨୫୧
ଓଷାମନସା - ୨୮୯, ୨୯୧
ଓଂଷଭକ୍ତି - ୭୪

କଠକଚଣ୍ଡୀ - ୨୮୫
କର୍ଣ୍ଣାଟ - ୭୪
କର୍ଣ୍ଣାଟ ଦେଶ - ୧୪୨, ୨୧୪
କନ୍ଦର୍ପ - ୨୪୨
କନକା ମତ୍ସ୍ୟ - ୨୪୨, ୨୪୩
କଟିଳ ସଂହିତା - ୨୫୧
କପିଳା ଗାଈ - ୪୮, ୮୫
କପିଳାସ - ୧୫୬
କବିକର୍ଣ୍ଣ - ୨୬୯, ୨୭୧
କବିସୂର୍ଯ୍ୟ - ୨୮୭
କବୀର - ୨୬୬
କମଳା - ୧୯୪
କଳସାଚଉତିସା - ୩୭
କଳା ମଞ୍ଜାରୀ - ୬୮, ୬୯
କଳିଙ୍ଗ - ୨୧୭
କଶ୍ୟପ - ୪୨
କାଣେ, ପ୍ରଫେସର ପି: ଭି:
କାର୍ତ୍ତିକ ମାହାତ୍ମ୍ୟ - ୧୧୪
କାପୁଡ଼ି - ୨୨୫
କାମଦା ଏକାଦଶୀ - ୧୮୦
କାମାକ୍ଷୀ ବ୍ରତ - ୧୬୬

କାମ୍ୟାଦେଶୀ ଘାଟ - ୨୨୭
କାଳକୂଟ - ୧୮୯, ୧୯୦
କାଳିକା ପୁରାଣ - ୨
କାଳିକା ବ୍ରତ - ୨୫୭
କାଳସୀ ନୃତ୍ୟ - ୩୪
କାଶୀ - ୨୭୦
କାହାଣୀ ଉପନ୍ୟାସ ଗୋଷ୍ଠି - ୧୧
କିନ୍ନର - ୨୯
କୁକ୍କୁଟୀ ବ୍ରତ କଥା - ୪୬
କୁଞ୍ଚମ ଚଣ୍ଡୀ - ୨୮୫
କୁନ୍ତୀ - ୧୦୪,
କୁବେର - ୧୧୧, ୧୪୪, ୧୮୮
କୁମାର ପୂର୍ଣ୍ଣିମା - ୮୯
କୁମ୍ଭକାର - ୨୩୦
କୁମ୍ଭକାର ପୌରୋହିତ - ୨୨୩
କୁରାଳ ପୁରାଣ - ୨୩୦, ୨୩୮,
୨୩୯, ୨୪୦
କେଉଟ - ୨୪୧
କେନ୍ଦୁଝର - ୧୫୨
କୈବର୍ତ୍ତ - ୨୪୧
କୈବର୍ତ୍ତ ଗୀତା - ୨୪୦
କୋଇଲି - ୧୧୧, ୧୧୨
କୋଣାର୍କ - ୧୮୪,
କୋରାପୁଟ - ୧୨୮
କୋଶଳ - ୯୬, ୧୫୯
କୌଶଲ୍ୟା - ୮୧
କୃତ୍ତିମ ଚନ୍ଦ୍ର - ୨୦୪
କୁର୍ମିକ୍ଷେତ୍ର - ୧୫୨
କୁର୍ମିକ୍ଷେତ୍ରବିପ୍ର - ୧୫୩
କୃଷ୍ଣ - ୧୧୦, ୧୧୧, ୧୧୨, ୧୧୫
୨୪୧
କୃଷ୍ଣ ଓ ରୁକ୍ମିଣୀ - ୧୪୮
କୃଷ୍ଣଦଳିକ - ୨୪୩
ଖଣ୍ଡିନାଗୁଣୀ - ୧୦୦
ଖନ ବଚନ - ୨୭୧
ଖରଖରି ଓଷା - ୨୭୧
ଖରସୁଆଁ ଗଡ - ୨୨୩
ଖଲାବାଡ଼ - ୧୪୬
ଗଙ୍ଗା - ୧୦୯, ୧୧୧, ୨୦୩
ଗଙ୍ଗାଯମୁନା - ୧୬୯
ଗଂଗାମାତା - ୧୫୩
ଗଜବାହନୀ - ୧୯୪
ଗଂଜାମ - ୧୬୨, ୨୭୧
ଗଂଜାମ ଅଞ୍ଚଳ - ୨୩
ଗଡ଼ଣ - ୧୧
ଗଣପତି - ୩୭
ଗଣେଶ - ୨୪୨
ଗଦାଧର ପଣ୍ଡିତ - ୫
ଗନ୍ଧର୍ବ - ୧୮୦, ୧୮୧
ଗନ୍ତାପ୍ରତ ଶ୍ୟାମସୁନ୍ଦର - ୧୪୭

ଗାଣପତ୍ୟ ବ୍ରତ - ୬
ଗାନ୍ଧାଶ୍ର - ୨୨୨
ଗୁରୁପଞ୍ଚମୀ - ୧୯୦, ୧୯୩
ଗୁରୁପଞ୍ଚମୀ ବ୍ରତ - ୧୮୮
ଗୁହ୍ୟ ଯାଦୁକ୍ରିୟା - ୨୨୩
ଗୋଦାବରୀ - ୫୪
ଗୋବିନ୍ଦ - ୨୮୭
ଗୋ-ରଥ - ୫୨
ଗୌତମ - ୪୨
ଗୌର ଚରଣ - ୩୪
ଗୌରବେଡ - ୨୫୦
ଗୌଷ୍ଠ - ୩୭
ଗ୍ରାମ ଦେବତା - ୧୩୭

ଚଇତ ଘୋଡ଼ା ନାଚ - ୨୪୦
ଚଇତି ହାଡ଼ିଆଣୀ - ୧୭୩,୧୭୪
ଚଉରା - ୮୯
ଚଞ୍ଚଳା - ୧୯୪
ଚଢ଼ିକାଇ - ୨୨୮, ୨୨୯, ୨୮୪
୨୮୫
ଚଣ୍ଡାଳୁଣୀ - ୧୭୬
ଚନ୍ଦ୍ର - ୩୮, ୧୩୩, ୧୩୪, ୨୦୩
୨୦୫
ଚନ୍ଦ୍ର ଉଷା - ୨୦୦
ଚବଣ ଅବତାର - ୨୩୧
ଚମ୍ପାଦେଇ - ୨୮୪

ଚଳଚିତ୍ର - ୩୦୨
ଚୁଙ୍ଗୁଡ଼ା - ୨୩୨
ଚଟବୋଲି - ୩୯, ୬୮, ୨୯୨
ଚଟଶାଳୀ - ୫୯
ଚିତ୍ରଗୁପ୍ତ - ୭୦
ଚିତ୍ରଗ୍ରୀବ - ୧୧୨
ଚିତ୍ରରେଖା - ୧୧୨
ଚିଲ ଓ ଶିଆଳୀ - ୭୩
ଚୁଡ଼ା କେଉଟ - ୨୪୨
ଚୈତ୍ର ମଙ୍ଗଳବାରେ ଉଷା - ୧୭୪
ଚୌଧୁରୀ, ତାରେଶ୍ୱର - ୧୬୧
ଛତିଶ ପାଟକ - ୨୩୨
ଛୁଣ୍ଡା ପହଁରା - ୧୮୩
ଛେଳି - ୨୭
ଛୋଟନାଗପୁର - ୪୨
ଛୋଟରାୟ ଅନିରୁଦ୍ଧ - ୫୬

ଜଗନ୍ନାଥ - ୨୨,୭୩,୬୮,୯୩,
୧୨୯, ୧୩୦
ଜୟବିଜୟ ଘଣ୍ଟି - ୧୯୦
ଜାଗୁଳାଇ - ୨୮୫
ଜାତି - ୨୩୧
ଜାତିଭେଦ - ୧୨୦, ୧୨୭, ୧୭୭
ଜାତିଭେଦ ଓ ଅସ୍ପୃଶ୍ୟତା -
୩୦୦, ୩୦୧
ଜାତିସ୍ମର - ୪୦, ୧୦୫

ଜାମ୍ବବନ୍ତ - ୧୪୯
ଜାଲିଆ କେଉଟ - ୨୪୨

ଝୋଟି - ୩୦୨

ଟିକାଲି - ୨୮୩
ଟୀକା-ଗୋବିନ୍ଦ ଚନ୍ଦ୍ର - ୧୭୯

ଠାକୁର, ଅବନୀନ୍ଦ୍ରନାଥ - ୧.୭
ଠିଆପାଲି - ୨୬୮

ଡକ୍ଟର ନଗେନ୍ଦ୍ର - ୮
ଡମ - ୨୪୭
ଡାଲିମ୍ବା ନେତ - ୨୫୦

ଡୁମ କୋଇଲି - ୨୪୭
ଡମାଳ - ୨୪୬, ୨୪୭
ଢିଙ୍କି - ୮୪, ୨୪୭
ଢିଙ୍କିପୂଜା - ୨୪୦
ଢିଙ୍କିଶାଳ - ୬୦, ୮୫, ୮୬, ୨୧୧
ଢେଙ୍କାନାଳ - ୧୬୮

ତାଳଚେର - ୧୪୫
ତୁଳସୀ ଦେବୀ - ୬୪
ତେତିଶ କୋଟି ଦେବତା - ୧୮୯
ତ୍ରିନାଥ ମେଳା - ୨୭୧

ଦଇବ ବିଧାତା - ୫୧
ଦକ୍ଷିଣ କୋଶଳ - ୮୧

ଦଧିଚନ୍ଦ୍ର - ୨୦୧
ଦଶଟଙ୍କି - ୧୯୪
ଦଶାଧିପୋଲି - ୨୮୨
ଦାଣ୍ଡିବୃତ୍ତି - ୨୩୦
ଦାମ - ୨୩୦
ଦାରିଦ୍ର ଭଂଜନୀ - ୧୯୪
ଦାଶ, ଡକ୍ଟର କୁଞ୍ଜବିହାରୀ - ୮
ଦାଶ, ସୁପ୍ରେଶ୍ୱର - ୮୦, ୧୩୪, ୨୫୮
ଦାସ, ଗୋପୀନାଥ - ୯, ୨୫, ୩୦, ୩୫

ଦାସ ଗୌରଚରଣ - ୯
ଦାସ ଜଗନ୍ନାଥ - ୧୫, ୫୬, ୨୫୦
ଦାସ ଧନକୃଷ୍ଣ - ୯, ୬୪, ୨୩୬, ୨୩୭, ୨୩୯
ଦାସ ପଣ୍ଡିତ ନୀଳକଣ୍ଠ - ୨୭୨
ଦାସ ପଣ୍ଡିତ ସୂର୍ଯ୍ୟନାରାୟଣ - ୯
ଦାସ ପୁରୁଷୋତ୍ତମ - ୯, ୭୨
ଦାସ ବଳରାମ - ୯, ୯୩, ୧୨୨, ୧୨୮, ୧୭୩, ୧୭୪, ୨୮୪
ଦାସ ରଘୁନାଥ - ୯୩, ୯୬, ୧୧୫
ଦାସ ରାଜା - ୨୪୧, ୨୪୫
ଦାସ ସାରଳା - ୯, ୧୬୬, ୨୦୯, ୨୯୯

ଧନକୃଷ୍ଣ - ୨୩୦, ୨୮୭
ଦୁର୍ଗା - ୨୨, ୭୫, ୭୭, ୨୦୨

ଦୁର୍ଗା ମାଧବ - ୬୪
ଦୁର୍ବାସା - ୪୯, ୧୫୧
ଦୂର୍ବାଷ୍ଟମୀ - ୫୧
ଦେବକନ୍ୟା - ୧୯୩, ୨୦୯
ଦେବକୀ - ୧୬୬
ଦେବଶ୍ରୀ - ୧୪୬
ଦେବଦାସୀ - ୩୩
ଦେବୀଦୂତ - ୭୬
ଦେବୀ ପୁରାଣ - ୨
ଦେହୁରୀ - ୨୨୩
ଦୈବୀକୂଟ - ୧୬୩
ଦୋଳ ପୂର୍ଣ୍ଣିମା - ୮୯
ଦ୍ୱିଜ, ଗୌରଚନ୍ଦ୍ର - ୭୮
ଦ୍ୱିଜ. ଘନଶ୍ୟାମ - ୧୩,
ଦ୍ୱିଜ, ନାରାୟଣ ଦାସ - ୨୩୦-୨୮୭
ଦ୍ୱିଜ, ରଘୁନାଥ - ୧୧୬
ଦୂତ ବାହନ - ୭୧, ୭୨, ୭୩
ଦ୍ରୌପଦୀ - ୪୦.୨୪୭,୨୪୯

ଧନୁ ସଂକ୍ରାନ୍ତି - ୧୪୫
ଧବଳେଶ୍ୱର - ୧୧୪
ଧର୍ମ କୃତ୍ୟର ଗବେଷଣା - ୨୯୭
ଧର୍ମନିରଂଜନ - ୧୮୫
ଧର୍ମସଂପ୍ରଦାୟ - ୫୬
ଧାନମାଣ - ୧୨୨
ଧାର୍ମିକ ଦୃଷ୍ଟିକୋଣ - ୩୦୨

ଧୂର୍ଜଟୀ - ୧୯୦
ନନ୍ଦ, କପିଳେଶ୍ୱର - ୨୫୮
ନମସ୍କ୍ରିୟା - ୩୪
ନାଉରିଆ କେଉଟ - ୨୪୨
ନାଗ - ୯୭
ନାଗପୂଜା - ୯୮
ନାଗପୁର - ୧୧୪
ନାଗମାତା - ୯୮
ନାଗସ ଗୋଷ - ୨୪୨
ନାଗରାଜା - ୧୮୦
ନାନକ - ୨୬୬
ନାରଦ - ୧୬,୩୬,୭୬,୧୪୫, ୧୪୮,୧୪୯,୧୫୦, ୧୬୬,୧୬୭,୧୯୨, ୧୯୯,୨୦୩,୨୨୪,୨୨୯,
ନାରାୟଣ - ୧୮୨
ନାରୀ ବ୍ରତ - ୬
ନାରୀର ପୌରୋହିତ୍ୟ - ୧୭୭
ନିଆଳି କୈବର୍ତ୍ତ୍ୟ - ୨୪୨
ନିତେଇ ଧୋବଣୀ - ୫୭,୫୮, ୫୯,୧୭୩,୨୨୪
ନିତ୍ୟାନନ୍ଦ ମହାଲକ୍ଷ୍ମୀ ଓଷା
ନିମ୍ନ ବର୍ଣ୍ଣ - ୨୫୦
ନିମାପଡ଼ା - ୧୭୫
ନିରାକାର - ୨୪୧

ାଗିକୁଳି ଦେବ - ୨୨୯
ାଶା ମଙ୍ଗଳବାର - ୩,୧୭୬
ନବବର୍ଷ-(ନୌାବର୍ଷ)୧୮୬,୧୮୭
ନୈମିଷ ଋଷି - ୧୦୪
ନୈମିଷା ଅରଣ୍ୟ - ୨୦୨
[ଂ ସବନ ବ୍ରତ - ୨୫୧
ଞ୍ଚ ସଧବା - ୨୧୭
ଞ୍ଚାନନ ମେଳା - ୨୭୧
ଞ୍ଜିକା - ୯୬
ଟ୍ଟନାୟକ, ଡକ୍ଟର ଦେବୀ ପ୍ରସନ୍ନ- ୩୦୩
ଣ୍ଡିତ ମାର୍କଣ୍ଡ ଶାସ୍ତ୍ର - ୧୮୫
ଦ୍ଧୁଇ ମଙ୍ଗଳବାର - ୧୭୭
ଦ୍ମ ପୁରାଣ - ୨,୫,୧୦୪,୧୪୭ ୧୯୨,୧୯୩
ର୍ବ ସାହିତ୍ୟ - ୨୩୫
ରଶସ୍ୟ ଋଷି - ୨୪୨
ଗାଖେଳ - ୯୫,୧୫୪
ଶ୍ଚିମ ଓଡ଼ିଶା - ୭୭,୭୮
ଶ୍ଚିମ ବଙ୍ଗ - ୧୫୩
ଶ୍ଚିମ ସୌରାଷ୍ଟ୍ର - ୨୦୩
ଠଲୀ ପୁଜ - ୧୫୮
ଣ୍ଡବ - ୨୪୮
ଣ୍ଡେୟ ଡକ୍ଟର ରାଜବଲ୍ଲୀ - ୬
ତାଳ - ୯୭
ର୍ବତ - ୨୨,୩୬,୩୭,୪୪,୧୫୪ ୧୭୨,୨୦୩
ପାରମ୍ପରିକ ଭାଷା - ୨୮୦
ପାରମ୍ପରିକ ଜ୍ଞାନ - ୩୦୪
ପାଲ ଲହଡ଼ା - ୧୪୯
ପାଲାର ଇତିହାସ - ୨୭୧
ପିଶାଚ - ୧୬୯,୧୭୦
ପିଙ୍ଗଳ ନାଟ ପୂଜା - ୯୬
ପୀର - ୨୬୬
ପୁନିଅ ଉପବାସ - ୨୪୨
ପୂର୍ବଜନ୍ମ - ୨୦ ?
ପୁରାଣ - ୯
ପୃଥ୍ୱୀ ଦେବୀ - ୧୮୯
ପ୍ରଜ୍ଞାକବାଦୀ ଚନ୍ଦ୍ର - ୩୦୨
ପ୍ରଧାନ, ପ୍ରଫେସର ପ୍ରହ୍ଲାଦ - ୭୮
ପ୍ରୟାଗ - ୧୧୨,୧୬୯
ପ୍ରହରାଜ, ଗୋପାଳ ଚନ୍ଦ୍ର - ୬ ୧୮୨
ପ୍ରାକୃତ ଧର୍ମଗୁରୁ ବା ମନ୍ତ୍ର - ୨୯୬
ପ୍ରାକୃତ ଭାଷା - ୧୦
ପ୍ରାଚୀନ ଗଦ୍ୟ - ୧୦,୨୮୦
ପ୍ରାଚୀନ ଗଦ୍ୟ-ପଦ୍ୟାଦର୍ଶ - ୯
ଫ୍ରେଜର - ୨୯୭
ବଂଶୀ - ୧୧୧,୧୧୨
ବଚନିକା - ୨୯୪
ବଜ୍ରଧର ନରେନ୍ଦ୍ର - ୨୮୭
ବଜ୍ର ମହାକାଳୀ - ୮୪
ବଜ୍ର ମହାକାଳୀ ଦେଉ - ୮୧ ୮୨,୮୩,

ବଟକୃଷ୍ଣ - ୧୨, ୨୮୭
ବଡ଼ଜେନା, ବ୍ରଜନାଥ - ୩୫
ବଡ଼ଦେଉଳ - ୯୩
ବଳୀ ପ୍ରଥା - ୫
ବର୍ଣ୍ଣନାତ୍ମକ ଆଲୋଚନା - ୧୦
ବନ୍ଧ - ୨୦୨
ବରୁଣାଇ - ୨୮୫
ବଳଭଦ୍ର - ୧୯, ୧୩୦
ବଳରାମ - ୧୪୯, ୨୮୭
ବଶିଷ୍ଠ - ୪୨
ବସୁ, ନିର୍ମଳ କୁମାର - ୨୩୮
ବସ୍ତ୍ର ଦାନ - ୩୭
ବହୁଦାର ବଳଭଦ୍ର - ୨୮୮
ବାଗ୍‌ଲର ବ୍ରତ - ୧
ବାଙ୍କିବଟ - ୧୧୨
ବାଦଗୀତ - ୨୯୩, ୨୯୪, ୩୦୨
ବାପା ସାଆନ୍ତ - ୬, ୧୪, ୧୪୭
ବାମଣ୍ଡା - ୧୪୫
ବାରଋଷି - ୨୨୫
ବାରଋଷି ଆଣୀ - ୨୨୫
ବାସୁଳୀ - ୨୪୫
ବାଲେଶ୍ୱର - ୨୨୦
ବାନସଲୀ - ୨୮୩, ୨୮୪
ବିକ୍ରମ ଦେବବର୍ମା - ୨୬୨
ବିଚର ନାଟକ - ୨୨୬
ବିଦଗ୍ଧ ସାହିତ୍ୟ -
ବିଦ୍ୟାଧର - ୧୮୫
ବିନକର - ୨୮୪
ବିନାୟକ ବ୍ରତ - ୧୫୮
ବିମଳା - ୩୦, ୩୧, ୩୨, ୩୪,
୨୮୪, ୨୮୫
ବିରଜାଇ - ୨୮୪, ୨୮୫
ବିରାଟ ଦେଶ - ୬୪
ବିଶ୍ୱକର୍ମା - ୯୨, ୨୩୦
ବିଶ୍ୱାମିତ୍ର - ୪୨
ବିଷ୍ଣୁ - ୧୬, ୩୬, ୧୧୪, ୧୫୮,
୧୮୦, ୧୮୯, ୧୯୦,
୧୯୧, ୨୪୫
ବିଷ୍ଣୁ ଦୂତ - ୧୬, ୧୫୦, ୧୦୬
ବିଷ୍ଣୁନାଥ - ୨୩୨
ବିଷ୍ଣୁ ପୁରାଣ - ୫୬
ବିଷ୍ଣୁ ଲୋକ - ୧୬
ବିହାର - ୧୫୩
ବୁଧେଇ ଓଷା - ୩୦
ବୁଦ୍ଧଦେବ - ୨୫୬
ବେଦ - ୪୦
ବେଦ - ୪୮
ବେଦ ଶାସ୍ତ୍ର - ୧୯, ୨୦
ବେହୁରା, ନବକୁମାର
ବେହେରା, ଡକ୍ଟର କୃଷ୍ଣଚରଣ -
୮, ୩୫, ୩୬
ବୈଠକି ପୂଜା - ୨୬୮
ବୈଦିକ ପୁତ୍ରେଷ୍ଟି ଯଜ୍ଞ - ୩୪
ବୈଦିକ ଯୁଗ - ୫

ବୈଷ୍ଣବ - ୨୬୭
ବୈଷ୍ଣବ ବ୍ରତ - ୪, ୬
ବୋଇତ ଯାତ୍ରା - ୨୨୧
ବୋଧ ଶକ୍ତି - ୧୬୧
ବୋଲି - ୨୮୯
ବୌଦ୍ଧ ଓ ଜୈନଧର୍ମ - ୪
ବୃନ୍ଦାବତୀ - ୬୫, ୧୧୪
ବୃନ୍ଦାବନ - ୧୧୦
ବୃହତ୍ ତଅପୋଇ ବା
ଖୁଦୁରୁକୁଣୀ - ୨୫
ବୃହତ୍ତର ଭାରତୀୟ ପରମ୍ପରା - ୩୦୬
ବୃହସ୍ପତି - ୧୩
ବୃହସ୍ପତି - ୧୧୨
ବ୍ରତ - ୨
ବ୍ରତ ଉପବାସ, ଭାରତୀୟ
ଭାବଧାରା - ୧
ବ୍ରତ ଓ ଓଷା - ୬
ବ୍ରତକୋଷ - ୬
ବ୍ରତ ବିଧାନ ପଦ୍ଧତି - ୪୨
ବ୍ରତ କଥା, ସଂସ୍କୃତ - ୩୭
ବ୍ରତ ବିଧାନ ପଦ୍ଧତି - ୪୨
ବ୍ରତର ପ୍ରାଧାନ୍ୟ - ୪
ବ୍ରତ ସାହିତ୍ୟ - ୧, ୮, ୧୦
ବ୍ରତାଗ୍ର - ୩
ବ୍ରହ୍ମ ପୁରାଣ - ୫୨, ୧୫୧
ବ୍ରହ୍ମା - ୧୬, ୧୦୪, ୧୮୯, ୨୨୨
୨୩୨, ୨୩୩

ବ୍ରହ୍ମାଣ୍ଡ ପୁରାଣ - ୧୪୭
ବ୍ରାହ୍ମଣ ସଂସ୍କୃତି -
ବ୍ରାହ୍ମଣ ପୌରୋହିତ୍ୟ - ୧୬୨

ଭଗବତୀ - ୧୮୨
ଭଙ୍ଗା ଶଙ୍ଖା - ୧୮୩
ଭଙ୍ଗା ହାଣ୍ଡି - ୧୮୩
ଭଟ୍ଟାଚାର୍ଯ୍ୟ, ଡକ୍ଟର ଆଶୁତୋଷ
- ୮
ଭବିଷ୍ୟ ପୁରାଣ - ୨୪, ୩୫, ୪୬,
୫୨, ୧୨୨, ୧୪୪, ୧୫୧,
୧୮୨, ୧୯୯, ୨୦୦
ଭବିଷ୍ୟୋତ୍ତର ପୁରାଣ - ୨, ୪୧
ଭରଦ୍ୱାଜ - ୪୨
ଭାଙ୍ଗଜହ୍ନିଆ - ୮୧, ୮୮
ଭାରତୀୟ ପୁରାଣ - ୨୨
ଭାରତୀୟ ଭାଷାରେ ବ୍ରତୋପବାସ
- ୮
ଭାଷା ଶିକ୍ଷା - ୨୭୦
ଭୁବନେଶ୍ୱର - ୧୦୮, ୧୨୮

ମକର ସଂକ୍ରାନ୍ତି - ୧୪୫
ମନସା - ୨୯୨, ୩୦୨
ମଙ୍ଗ - ୨୮
ମଙ୍ଗଳ ସଂକ୍ରାନ୍ତି ବ୍ରତ - ୧୮୫